RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-198 ♦TUESDAY ♦13 JANUARY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୯୮ ♦ମଙ୍ଗଳବାର ♦୧୩ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




ଅଲଗା ହେଲେ ତାରା-ବୀର!

▶ପୃଷ୍ଠା ୧୧ ଦେଖନ୍ତୁ...

# ଇସ୍ରୋ ମିଶନ ବିଫଳ: ପିଏସ୍ଏଲ୍ଭି ସି୬୨ ବାଟବଣା

## ଉତ୍କ୍ଷେପଣ ପରେ ଗତିପଥରୁ ବିଚ୍ୟୁତ

■ **ଶ୍ରୀହରିକୋଟା, ୧୨।୧:** ଭାରତର ପୋଲାର ସାଟେଲାଇଟ୍ ଲଞ୍ଚ ଭେହିକଲ୍ (ପିଏସ୍ଏଲ୍ଭି)ର ୬୪ତମ ମିସନ ଆଜି ଫେଲ୍ ମାରିଛି। ଉତ୍କ୍ଷେପଣ ହେବାର କିଛି ସମୟ ପରେ ରକେଟ୍ ବାଟବଣା ହେବାରୁ ଏହା ସହିତ ଯାଇଥିବା ୧୬ଟି ଉପଗ୍ରହ ମହାକାଶରେ ହଜିଯାଇଛନ୍ତି। କ୍ରମାଗତ ଦ୍ୱିତୀୟ ଥର ଲାଗି ପିଏସ୍ଏଲ୍ଭିର ତୃତୀୟ ପର୍ଯ୍ୟାୟରେ ଏଭଳି ତ୍ରୁଟି ଇସ୍ରୋ ପାଇଁ ବଡ଼ ଧରଣର ଝଟକା ବୋଲି କୁହାଯାଉଛି।

ପିଏସ୍ଏଲ୍ଭି-ସି୬୨ର ଉତ୍କ୍ଷେପଣ ପାଇଁ ଗତକାଲି ରାତିରୁ ଚଳଚଞ୍ଚଳ ଥିଲା ଶ୍ରୀହରିକୋଟା ସ୍ଥିତ ସତୀଶ ଧାବନ ମହାକାଶ କେନ୍ଦ୍ର। ଆଜି ଦିନ ଠିକ୍ ୧୦ଟା ୧୮ ମିନିଟରେ ପିଏସ୍ଏଲ୍ଭି ସଫଳତା ସହ ଉତ୍କ୍ଷେପଣ ହୋଇଥିଲା। ଏହା ଇଓଏସ୍-ଏନ୍୧ ସମେତ ୧୬ଟି ଉପଗ୍ରହ ନେଇ ଯାତ୍ରା କରିଥିଲା। ପ୍ରଥମ ଦୁଇଟି ପର୍ଯ୍ୟାୟ ଠିକ୍ ଭାବେ କାର୍ଯ୍ୟ କରିଥିଲା। ମାତ୍ର ତୃତୀୟ ପର୍ଯ୍ୟାୟ ଶେଷ ଆଡ଼କୁ ରକେଟ୍ ଏହାର ନିର୍ଦ୍ଧାରିତ ଗତିପଥରୁ ହଟିବା ଆରମ୍ଭ କରିଥିଲା। ଏହାକୁ ନେଇ ମହାକାଶ କେନ୍ଦ୍ରରେ ନିରବତା ଛାଇ ଯାଇଥିଲା। ପରେ ଭାରତୀୟ ମହକାକାଶ ଅନୁସନ୍ଧାନ କେନ୍ଦ୍ର ଇସ୍ରୋ ପକ୍ଷରୁ ଘୋଷଣା କରାଯାଇଥିଲା ଯେ ପିଏସ୍ଏଲ୍ଭି-ସି୬୨ ମିସନ ବିଫଳ ହୋଇଛି। ଚାରୋଟି ପର୍ଯ୍ୟାୟ ବିଶିଷ୍ଟ ଏହି ରକେଟ ପ୍ରଥମ ଦୁଇଟି ପର୍ଯ୍ୟାୟ ସଫଳତା ସହିତ କାର୍ଯ୍ୟ କରିଥିଲା। କିନ୍ତୁ ତୃତୀୟ ପର୍ଯ୍ୟାୟ ଶେଷ ଆଡ଼କୁ ଏହା ନିଜର ଗତିପଥରୁ ଅଲଗା ହୋଇଯାଇଥିଲା। ଏପରି କାହିଁକି ହେଲା? ଡାଟା ବିଶ୍ଳେଷଣ କରିବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ଇସ୍ରୋ ମୁଖ୍ୟ ଡ. ଭି. ନାରାୟଣନ୍ ପ୍ରକାଶ କରିଛନ୍ତି। ଫଳରେ କୌଣସି ଉପଗ୍ରହକୁ ଏହାର କକ୍ଷପଥରେ ସ୍ଥାପିତ କରାଯାଇ ପାରିନାହିଁ। ତେବେ ଏସଂପର୍କରେ ଅଧିକ କିଛି କହିବାକୁ ସେ ମନା କରିଦେଇଛନ୍ତି। ପିଏସ୍ଏଲ୍ଭି ସହ ଆଜି ଯେଉଁ ଉପଗ୍ରହ ପ୍ରେରଣ କରାଯାଇଥିଲା ▶ପୃଷ୍ଠା-୭

**ମହାକାଶରେ ହଜିଗଲା ୧୬ ଉପଗ୍ରହ**





# ଆଡ଼ବାୟା ଟ୍ରମ୍ପ

## ‘ମୁଁ ଭେନେଜୁଏଲାର କାର୍ଯ୍ୟକାରୀ ରାଷ୍ଟ୍ରପତି’



■ ୱାସିଂଟନ୍, ୧୨।୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ଏକ ଚକିତ କଲା ଭଳି ମନ୍ତବ୍ୟ ଦେଇଛନ୍ତି। ସେ ନିଜକୁ ଭେନେଜୁଏଲାର କାର୍ଯ୍ୟକାରୀ ରାଷ୍ଟ୍ରପତି ଘୋଷଣା କରିଛନ୍ତି। ସେ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲ୍‌ରେ ପୋଷ୍ଟ କରି ଏହି କଥା ଉଲ୍ଲେଖ କରିଛନ୍ତି। ଏହି ପୋଷ୍ଟରେ ଟ୍ରମ୍ପଙ୍କ ଫଟୋ ଓ ‘ଭେନେଜୁଏଲା କାର୍ଯ୍ୟକାରୀ ରାଷ୍ଟ୍ରପତି’ର କ୍ୟାପସନ ରହିଛି। ଏଥିରେ ସେ ୨୦୨୬ରୁ ଦାୟିତ୍ୱ ଗ୍ରହଣ କରିବା ବିଷୟରେ ଉଲ୍ଲେଖ କରିଛନ୍ତି। ଟ୍ରମ୍ପ ନିଜକୁ ୪୫ ଓ ୪୭ତମ ରାଷ୍ଟ୍ରପତି ଭାବେ ମଧ ବର୍ଣ୍ଣନା କରିଛନ୍ତି। ତେବେ ଏହି ପଦବୀ ସମ୍ପର୍କରେ ହ୍ୱାଇଟ୍ ହାଉସ କିମ୍ବା ଆମେରିକା ପ୍ରଶାସନ ପକ୍ଷରୁ କୌଣସି ଆନୁଷ୍ଠାନିକ ବିବୃତି ଜାରି କରାଯାଇନାହିଁ। ସୂଚନାଯୋଗ୍ୟ ଯେ, ଜାନୁଆରୀ ୨ରେ ଆମେରିକା ଭେନେଜୁଏଲା ବିରୋଧରେ ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ପତ୍ନୀ ସିଲିଆ ଫ୍ଲୋରେସଙ୍କୁ ଗିରଫ କରି ନ୍ୟୁୟର୍କକୁ ଆଣିଥିଲେ। ଏହି ଦୁଇଜଣଙ୍କ ବିରୋଧରେ କୋର୍ଟରେ ମକଦ୍ଦମା ରୁଜୁ କରାଯାଇଛି। ଟ୍ରମ୍ପ କହିଛନ୍ତି ଯେ ଭେନେଜୁଏଲା ପ୍ରଶାସନକୁ ଆମେରିକା ହିଁ ଚଳାଇବ। ମାଦୁରୋଙ୍କୁ ଗାଦିଚ୍ୟୁତ କରିବା ପରେ ଉପ- ରାଷ୍ଟ୍ରପତି ରୋଡ୍ରିଗ୍ୱେଜଙ୍କୁ ଦେଶର ଅନ୍ତରୀଣ ରାଷ୍ଟ୍ରପତି ନଯୁକ୍ତି କରାଯାଇଥିଲା। ଏବେ ଭେନେଜୁଏଲା ତୈଳ ପାଇଁ କେଉଁ କମ୍ପାନୀ ଆମେରିକା ଯିବ ତାହା ଆମେରିକା ନିଷ୍ପତ୍ତି ନେବ। ଆମେରିକାର ଆକ୍ରମଣରେ ଭେନେଜୁଏଲାର ୧୦୦ ଜଣ ସୈନିକ ମୃତ୍ୟୁବରଣ କରିଥିଲେ।

**ବଡ଼ ଚାଷୀଙ୍କୁ ସରକାରୀ ଝଟ୍‌କା**

# ମିଳିବନି ୮୦୦ ଟଙ୍କା ଇନ୍‌ପୁଟ୍ ସବ୍‌ସିଡି

■ ଭୁବନେଶ୍ୱର, ୧୨।୧(ସମିସ): ରାଜ୍ୟରେ ଧାନ କିଣାକୁ ନେଇ ଲାଗି ରହିଥିବା ଅଚଳାବସ୍ଥା ମଧ୍ୟରେ ଚାଷୀ ଦହଗଞ୍ଜ ହେଉଥିବା ବେଳେ ସେମାନଙ୍କ କଟା ଘା’ରେ ଚୂନ ମାରିଛନ୍ତି ରାଜ୍ୟ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ବଡ଼ ଚାଷୀ ଅର୍ଥାତ୍ ୧୫୦ କ୍ୱିଣ୍ଟାଲଠାରୁ ଅଧିକ ଧାନ ବିକ୍ରି କରୁଥିବା ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ମିଳୁଥିବା ୮୦୦ ଟଙ୍କା ଇନ୍‌ପୁଟ୍ ସବସିଡ଼ି ମିଳିବ ନାହିଁ ବୋଲି ଯୋଗାଣମନ୍ତ୍ରୀଙ୍କ ଘୋଷଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ନିଜ ଘୋଷଣା ଅନୁଯାୟୀ ଚାଷୀଙ୍କଠାରୁ ସବୁ ଧାନ ଉଠାଇବେ। ମାତ୍ର ୧୫୦ କୁଇଣ୍ଟାଲ ଧାନ ପରେ ଆଉ ୮୦୦ ଟଙ୍କାର ଇନ୍‌ପୁଟ ସହାୟତା ଦିଆଯିବ ନାହିଁ। ୧୫୦ କୁଇଣ୍ଟାଲ ପର୍ଯ୍ୟନ୍ତ ଚାଷୀ ୩୧୦୦ ଟଙ୍କା ପାଇବେ। ଏହା ପରେ ଆଉ ଯେତେ ଧାନ ଦେବେ, ସରକାର ତାହାକୁ ୨୩୬୯ ଟଙ୍କାରେ କିଣିବେ। ଅର୍ଥାତ୍ ହାରାହାରି ୭ ଏକରରୁ ଅଧିକ ଜମିରେ ଧାନ ଚାଷ କରିଥିବା ଚାଷୀ ସିଧାସଳଖ କ୍ଷତିଗ୍ରସ୍ତ ହେବେ।

ମନ୍ତ୍ରୀଙ୍କ ଏହି ମନ୍ତବ୍ୟ ପରେ ସାରା ରାଜ୍ୟରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଛି। ରାଜ୍ୟ ସରକାର ଚାଷୀଙ୍କୁ ଇନ୍‌ପୁଟ ସହାୟତା ଘୋଷଣା କରିବା ପରେ ଅନେକ ପ୍ରଶଂସା ନେଇଥିଲେ; ହେଲେ ପ୍ରଥମ ବର୍ଷରୁ ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା ସହ କଟ୍‌ନୀଛଟ୍‌ନୀ ପରିମାଣ ବଢ଼ିଗଲା। କ୍ୱିଣ୍ଟାଲ ପିଛା ୧୨-୧୫ କିଲୋ ଧାନ କଟ୍‌ନୀଛଟ୍‌ନୀ କରିବା ପରେ ସରକାରଙ୍କ ଉପରେ ଚାଷୀଙ୍କ ଅସନ୍ତୋଷ ବଢ଼ିଥିଲା। ଚଳିତ ବର୍ଷ ବର୍ତ୍ତମାନ ପର୍ଯ୍ୟନ୍ତ ଧାନ କିଣା ସ୍ୱାଭାବିକ ହୋଇପାରୁ ନାହିଁ। ପଶ୍ଚିମ ଓଡ଼ିଶାରେ ୨ ମାସ ହେବ ସରକାରୀ ଭାବେ ଧାନ କିଣା ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ ଏବେ ପର୍ଯ୍ୟନ୍ତ ସବୁ ଚାଷୀଙ୍କୁ ଟୋକନ ମଧ ମିଳିପାରି ନାହିଁ। ଏହାକୁ ନେଇ ଉପକୂଳରୁ-ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା ସବୁଠି ଚାଷୀ ପ୍ରତିକ୍ରିୟାଶୀଳ ହେଉଛନ୍ତି। ଏହାକୁ ପ୍ରଶମିତ କରିବା ବଦଳରେ ଚାଷୀ ନୌଟଙ୍କି କରୁଛନ୍ତି ଓ ଦଲାଲଗିରି କରୁଥିବା ଉପମୁଖ୍ୟମନ୍ତ୍ରୀ ଆକ୍ଷେପ କରିଛନ୍ତି। ଏହି ସମୟରେ ଯୋଗାଣ ମନ୍ତ୍ରୀ ୧୫୦ କ୍ୱିଣ୍ଟାଲରୁ ଅଧିକ ଧାନ ବିକ୍ରି ଉପରେ ଚାଷୀଙ୍କୁ ଇନ୍‌ପୁଟ ସବସିଡ଼ି ▶ପୃଷ୍ଠା-୭

**୧୫୦ କ୍ୱିଣ୍ଟାଲ ପରେ ଅବଶିଷ୍ଟ ଧାନ କ୍ୱିଣ୍ଟାଲ ପିଛା ୨୩୬୯ ଟଙ୍କା**

**କ୍ଷତିଗ୍ରସ୍ତ ହେବେ ୭ ଏକରରୁ ଅଧିକ ଚାଷ କରିଥିବା ଚାଷୀ**



# ଜଗଦୀପ ଧନଖଡ଼ ଅସୁସ୍ଥ

■ ନୂଆଦିଲ୍ଲୀ, ୧୨।୧ (ଏଜେନ୍ସି): ପୂର୍ବତନ ଉପ-ରାଷ୍ଟ୍ରପତି ଜଗଦୀପ ଧନଖଡ଼ ସୋମବାର ଅସୁସ୍ଥତା କାରଣରୁ ଦିଲ୍ଲୀର ଏମ୍ସରେ ଭର୍ତ୍ତି ହୋଇଛନ୍ତି। ଗତ ସପ୍ତାହନ୍ତରେ ଦୁଇଥର ବେହୋଶ ହେବା ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତିକରାଯାଇଥିଲା। ୭୪ ବର୍ଷୀୟ ଧନଖଡ଼ ଜାନୁଆରୀ ୧୦ରେ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥିଲେ ଓ ତାଙ୍କୁ ଏମ୍ସ ନିଆଯାଇଥିଲା। ଡାକ୍ତରମାନେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରିବା ପରେ ଆଡ୍‌ମିଟ୍ ହେବାକୁ ପରାମର୍ଶ ଦେଇଥିଲେ। ଶନିବାର ଦିନ ଶୌଚାଳୟକୁ ଯିବା ସମୟରେ ଦୁଇଥର ଚେତାଶୂନ୍ୟ ହୋଇପଡିଥିଲେ ବୋଲି ଅଧିକାରୀମାନେ କହିଛନ୍ତି। ଫଳରେ ତାଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ନିଆଯାଇଥିଲା। ତାଙ୍କର ଏମ୍‌ଆରଆଇ କରାଯିବ ବୋଲି ଏମ୍ସର ତରଫରୁ କୁହାଯାଇଛି। ତେବେ ଏପର୍ଯ୍ୟନ୍ତ ଧନଖଡ଼ କିମ୍ବା ତାଙ୍କ ପରିବାର ତରଫରୁ ସ୍ୱାସ୍ଥ୍ୟାବସ୍ଥା ନେଇ କୌଣସି ସୂଚନା ଦିଆଯାଇନାହିଁ।

ସୂଚନାଯୋଗ୍ୟ ଯେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଧନଖଡ଼ ଗତବର୍ଷ ଜୁଲାଇ ୨୧ରେ ଉପ-ରାଷ୍ଟପତି ପଦରୁ ଇସ୍ତଫା ଦେଇଥିଲେ। ଏହାକୁ ନେଇ ସେତେବେବେ ବେଶ ଚର୍ଚ୍ଚା ଚାଲିଥିଲା।



**ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲା**

# ୭ ପରୀକ୍ଷାର୍ଥୀଙ୍କୁ ନୋଟିସ

■ ଭୁବନେଶ୍ୱର, ୧୨।୧ (ସମିସ): ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ପୂର୍ବରୁ ପୁଲିସ ଦ୍ୱାରା ଗିରଫ ହୋଇଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭ ଜଣଙ୍କୁ ଜେରା କରିବ ସିବିଆଇ। ଏ ସଂକ୍ରାନ୍ତରେ ସିବିଆଇ ପକ୍ଷରୁ ସମ୍ପୃକ୍ତ ପରୀକ୍ଷାର୍ଥୀଙ୍କୁ ନୋଟିସ ଜାରି କରାଯାଇଛି। ସମସ୍ତ ପରୀକ୍ଷାର୍ଥୀ ବ୍ରହ୍ମପୁରର ବୋଲି ଜଣାପଡ଼ିଛି। ଓପିଆର୍‌ବି, ସିଲିକନ୍ ଏବଂ ଶଙ୍କର ପୃଷ୍ଟି ଏବଂ ପରୀକ୍ଷାର୍ଥୀଙ୍କ ମଧ୍ୟରେ କ’ଣ ଲିଙ୍କ୍ ରହିଥିଲା, ପରୀକ୍ଷା ପୂର୍ବରୁ ସେମାନଙ୍କୁ କିଭଳି ପ୍ରଶ୍ନପତ୍ର ମିଳିଯାଉଥିଲା ଏବଂ ଓପିଆର୍‌ବିର କିଏ ଏହି ପ୍ରଶ୍ନପତ୍ର ଲିକ୍‌ରେ ସାମିଲ ଅଛି ସେ ସମ୍ପର୍କରେ ପଚରାଉଚରା କରାଯିବ ବୋଲି ସୂଚନା ମିଳିଛି। ତେବେ ସିବିଆଇ ଆଜି ଆଉ ୭ ଜଣଙ୍କୁ ଏହି ମାମଲାରେ ଜେରା କରିଥିବା ଜଣାପଡ଼ିଛି।

ସିବିଆଇ ଦାଖଲ କରିଥିବା ଚାର୍ଜସିଟ୍ ଅନୁସାରେ, ମାର୍ଚ୍ଚ ମାସରୁ ଚାକିରି ବିକ୍ରି ପାଇଁ ନକ୍ସା ପ୍ରସ୍ତୁତ ହୋଇଥିଲା। ପରୀକ୍ଷା ପ୍ରଶ୍ନପତ୍ର ଛାପିବା ଦାୟିତ୍ୱ ଓପିଆର୍‌ବିର ରହିଥିଲା। ପ୍ରଶ୍ନପତ୍ରକୁ ଦେଖାଇ ଆଶାୟୀ ପରୀକ୍ଷାର୍ଥୀଙ୍କୁ ପ୍ରଲୋଭିତ କରିବା ସହ ୨୫ ଲକ୍ଷ ଟଙ୍କାରେ ଦଲାଲ୍‌ମାନେ ପୁଲିସ ଏସଆଇ ପଦବୀର ଡିଲ୍ କରିଥିଲେ; ମାତ୍ର ଏହି ଖବର କୌଣସି ସୂତ୍ରରୁ ▶ପୃଷ୍ଠା-୭

**ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ ପରେ ବଢ଼ିଲା ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ଚର୍ଚ୍ଚା**

# ୨୦୦ ଛୁଇଁବ ବିଧାନସଭା ଆସନ !

■ ଭୁବନେଶ୍ୱର, ୧୨।୧ (ସମିସ): ରାଜ୍ୟରେ ବିଧାନସଭା ଓ ଲୋକସଭା ଆସନର ସୀମା ପୁନଃନିର୍ଦ୍ଧାରଣ (ଡିଲିମିଟେସନ) ପରେ ବିଧାନସଭା ଆସନ ସଂଖ୍ୟା ପ୍ରାୟ ୨୦୦ ଛୁଇଁପାରେ। ଖୋଦ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଟିପ୍ପଣୀ ପରେ ରାଜ୍ୟରୁ ଜାତୀୟସ୍ତର ପର୍ଯ୍ୟନ୍ତ ବିଭିନ୍ନ ମହଲରେ ସୀମା ପୁନଃନିର୍ଦ୍ଧାରଣକୁ ନେଇ ପୁଣି ଗୁଞ୍ଜରଣ ସୃଷ୍ଟି ହୋଇଛି। ପୂର୍ବରୁ ଜନସଂଖ୍ୟା ଆଧାରରେ ଡ଼ିଲିମିଟେସନ ହେବ ବୋଲି ହେଉଥିବା ଚର୍ଚ୍ଚା ସତ୍ୟ ହେଲେ ଓଡ଼ିଶା କ୍ଷତିରେ ପଡ଼ିବାର ସମ୍ଭାବନା ରହିଛି। ମାତ୍ର ମୁଖ୍ୟମନ୍ତ୍ରୀ ବିଧାନସଭା ଆସନ ସଂଖ୍ୟା ୨୦୦ ଛୁଇଁବ ବୋଲି ଦେଇଥିବା ଟିପ୍ପଣୀ ରାଜ୍ୟରେ ରାଜନୈତିକ ମହଲକୁ ଉଷ୍ମ କରି ଦେଇଛି।

ସଡ଼କ ସୁରକ୍ଷା ସଂକ୍ରାନ୍ତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ଯେଉଁ ରାଜ୍ୟ ବିଧାନସଭା ଅଛି, ସେଥିରେ ଅତି ବେଶିରେ ଆଉ ୩-୪ ଜଣ ବସିପାରିବେ। ନୂଆଦିଲ୍ଲୀରେ ଯେପରି ସେଣ୍ଟ୍ରାଲ ଭିଷ୍ଟା ନିର୍ମାଣ ହୋଇଛି, ଠିକ୍ ସେପରି ଭାବେ ରାଜ୍ୟରେ ନୂଆ ବିଧାନସଭା ଗଠନ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟରେ ଡିଲିମିଟେସନ ପ୍ରକ୍ରିୟାରେ ପ୍ରାୟ ୫୦ଟି ବିଧାନସଭା ଆସନ ବଢ଼ି ଏହା ୨୦୦ରେ ପହଞ୍ଚିବାର ସମ୍ଭାବନା ରହିଛି। ଆଗାମୀ ୫୦ରୁ ୧୦୦ ବର୍ଷକୁ ଆଖି ଆଗରେ ରଖି ୩୦୦ ସିଟ୍ ବିଶିଷ୍ଟ ବିଧାନସଭା ସୌଧ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ▶ପୃଷ୍ଠା-୭

**▶ ଜନସଂଖ୍ୟା ଏକମାତ୍ର ମାନଦଣ୍ଡ ହେଲେ କ୍ଷତିରେ ପଡ଼ିବ ଓଡ଼ିଶା**

**▶ ୨୦୨୯ ନିର୍ବାଚନ ପୂର୍ବରୁ ସମ୍ଭବ ହେବନି ସୀମା ପୁନଃ ନିର୍ଦ୍ଧାରଣ**



**ବିଶ୍ୱର ୪ର୍ଥ ବୃହତ୍ ମହଙ୍ଗା ଛାଡ଼ପତ୍ର**

# ପତ୍ନୀଙ୍କୁ ୧୪ ହଜାର କୋଟି ଦେବେ ଜୋହୋ ପ୍ରତିଷ୍ଠାତା



■ ନୂଆଦିଲ୍ଲୀ, ୧୨।୧(ଏଜେନ୍ସି): ଛାଡପତ୍ର ଘଟଣାକୁ ନେଇ ଚର୍ଚ୍ଚାରେ ଜୋହୋ ପ୍ରତିଷ୍ଠାତା ଏବଂ ସିଇଓ ଶ୍ରୀଧର ଭେମ୍ଭୁ। କାରଣ ଭେମ୍ଭୁ ଛାଡ଼ପତ୍ରରେ ପତ୍ନୀଙ୍କୁ ଦେବେ ୧୪,୦୦୦ କୋଟି ଟଙ୍କା କ୍ଷତିପୂରଣ। ତେବେ ଏହାକୁ ବିଶ୍ୱର ୪ର୍ଥ ବୃହତ୍ ଏବଂ ଭାରତର ସବୁଠାରୁ ମହଙ୍ଗା ଛାଡ଼ପତ୍ର ବୋଲି କୁହାଯାଉଛି। ଆମେରିକାର କାଲିଫର୍ଣ୍ଣିଆରେ ଚାଲିଥିବା ଛାଡପତ୍ର ମାମଲାରେ କୋର୍ଟ ଭେମ୍ଭୁଙ୍କୁ ୧.୭ ବିଲିୟନ ଡଲାର (୧୪ ହଜାର କୋଟି ଟଙ୍କା)ର ବଣ୍ଡ ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀଧର ଭେମ୍ଭୁ ଏବଂ ତାଙ୍କ ପତ୍ନୀ ପ୍ରମିଳା ଶ୍ରୀନିବାସନଙ୍କ ମଧ୍ୟରେ ଛାଡପତ୍ରର ମୁଖ୍ୟ କାରଣ ହେଉଛି, ▶ପୃଷ୍ଠା-୭

**ସଂକଟରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ**

# ବିନା ବନ୍ଧକରେ ୪୭ ଲକ୍ଷ କୋଟି ଋଣ

■ ନୂଆଦିଲ୍ଲୀ, ୧୨।୧ (ଏଜେନ୍ସି)): ଦେଶରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ଅସ୍ତିତ୍ୱ ଏବେ ବିପଦରେ। ପୂର୍ବରୁ ଅନାଦାୟ ଋଣ ବା ଏନ୍‌ପିଏରେ ବୃଦ୍ଧିକୁ ନେଇ ବ୍ୟାଙ୍କଗୁଡିକ ସମସ୍ୟାରେ ରହିଥିବା ବେଳେ ଏବେ ବିନା ଗ୍ୟାରେଣ୍ଟି ।।ରେ ଋଣ ପରିମାଣ ବୃଦ୍ଧି ଆଉ ଏକ ଚିନ୍ତାର ବିଷୟ ହୋଇଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ଏବେ ବିନା ବନ୍ଧକରେ ଲକ୍ଷ ଲକ୍ଷ କୋଟି ଟଙ୍କାର ଋଣ ଯୋଗାଇ ଦିଆଯାଇଛି। ବିନା କୌଣସି ବନ୍ଧକ ବା ଗ୍ୟାରେଣ୍ଟିରେ ବ୍ୟାଙ୍କଗୁଡିକ ଦେଇଛନ୍ତି ୪୬.୯ ଲକ୍ଷ କୋଟି ଟଙ୍କାର ଋଣ। ଗତ ୨୦ ବର୍ଷରେ ଏହି ଏଭଳି ଋଣ ପରିମାଣ ୨୩ ଗୁଣ ବୃଦ୍ଧି ପାଇଛି। ୨୦୦୫ରେ ବିନା କୌଣସି ବନ୍ଧକରେ ବ୍ୟାଙ୍କଗୁଡିକ ୨ ଲକ୍ଷ କୋଟି ଟଙ୍କାର ଋଣ ଦେଇଥିବାବେଳେ ୨୦୨୫ରେ ଏହି ପରିମାଣ ୪୬ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଯାଇଛି, ଯାହା ଗତ ଦୁଇ ଦଶନ୍ଧି ମଧ୍ୟରେ ବ୍ୟାଙ୍କଗୁଡ଼ିକର ଅସୁରକ୍ଷିତ ଋଣକୁ ଦ୍ରୁତ ଗତିରେ ବଢ଼ାଇ ଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ)ର ସଦ୍ୟତମ ରିପୋର୍ଟରେ କୁହାଯାଇଛି।

ଭାରତୀୟ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଗତ ଦୁଇ ଦଶନ୍ଧି ମଧ୍ୟରେ ଋଣ ପ୍ରଦାନ ପଦ୍ଧତିରେ ଏକ ବଡ଼ ସାଂରଚନିକ ପରିବର୍ତ୍ତନ ଦେଖିବାକୁ ମିଳିଛି। ଷ୍ଟେଟ୍ ବ୍ୟାଙ୍କର ଏହି ସଦ୍ୟତମ ରିପୋର୍ଟ ଅନୁଯାୟୀ, ଦେଶରେ ଅସୁରକ୍ଷିତ ଋଣ ପରିମାଣ ରେକର୍ଡ ୪୬.୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। କୌଣସି ବନ୍ଧକ କିମ୍ବା ସୁରକ୍ଷା ବିନା ଦିଆଯାଇଥିବା ଏହି ଋଣରେ ଏଭଳି ଘାତକ ବୃଦ୍ଧି ବ୍ୟାଙ୍କିଙ୍ଗ ବ୍ୟବସ୍ଥା ପ୍ରତି ବଡ଼ ବିପଦ କୁହାଯାଉଛି। ଏଥିଯୋଗୁ ମୋଟ ବ୍ୟାଙ୍କ ଋଣରେ ଅସୁରକ୍ଷିତ ଋଣର ଅଂଶ ମଧ ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି। ୨୦୦୫ ଆର୍ଥିକବର୍ଷରେ ବ୍ୟାଙ୍କ ଋଣରେ ଅସୁରକ୍ଷିତ ଋଣର ଅଂଶ ୧୭.୭% ରହିଥିବାବେଳେ ୨୦୦୫ ଆର୍ଥିକବର୍ଷରେ ଏହା ୨୪.୫%କୁ ବୃଦ୍ଧିପାଇଛି। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ୨୦୧୯ ଆର୍ଥିକବର୍ଷଠାରୁ ମୋଟ ଋଣରେ ଅସୁରକ୍ଷିତ ଋଣର ଅଂଶ କ୍ରମାଗତ ଭାବରେ ୨୦% ଉପରେ ରହିଛି। ଯେହେତୁ ଏହି ଋଣଗୁଡ଼ିକ ବିନା ବନ୍ଧକରେ ଦିଆଯାଇଛି, ତେଣୁ ସେଗୁଡିକର ବର୍ଦ୍ଧିତ ▶ପୃଷ୍ଠା-୭

**୨୦ ବର୍ଷରେ ଋଣ ପରିମାଣ ବଢ଼ିଛି ୨୩ ଗୁଣା**

**୨୦୦୫ରେ ୨ ଲକ୍ଷ କୋଟି, ୨୦୨୫ରେ ୪୭ ଲକ୍ଷ କୋଟି**




SIKSHA ‘O’ ANUSANDHAN

SAAT-2026

Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.B. (H) - 3 Years
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 10th Best in Law Category
- 15th Best in University Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

# ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

ଢେଙ୍କାନାଳ,୧୨ ।୧(ସମିସ)

ସ୍ଥାନୀୟ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ପୁରାତନ ଛାତ୍ରସଂସଦର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ଅନୁଷ୍ଠାନର ସଭାପତି ଡ. ଅଭୟ କୁମାର ପଣ୍ଡା ଅଧ୍ୟକ୍ଷତା କରି ପୁରାତନ ଛାତ୍ରସଂସଦର ପରିସର ବୃଦ୍ଧି ପାଇଁ ପ୍ରତ୍ୟେକ ପୁରାତନ ଛାତ୍ରଛାତ୍ରୀ ଉଦ୍ୟମ କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ମହାବିଦ୍ୟାଳୟର ଗୁଣାତ୍ମକ ଶିକ୍ଷାର ବିକାଶ ସାଙ୍ଗକୁ, ଖାଲିପଡ଼ିଥିବ ପ୍ରଧାପକ ଅଧାପକ ଓ କର୍ମଚାରୀ ପଦବୀ ପୂରଣ, ପ୍ରଶାସନିକ ଗୃହ, ଶ୍ରେଣୀଗୃହ ସମ୍ପ୍ରସାରଣ ସର୍ବୋପରି ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ପାଇଁ ସଂଘ ପକ୍ଷରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ



କରାଯିବ ବୋଲି କହିଥିଲେ । ଢେଙ୍କାନାଳ ଗଡ଼ଜାତ ରାଜା ଭଗୀରଥ ମହୀନ୍ଦ୍ର ବାହାଦୁର ଓଡ଼ିଶା ତଥା ଏହି ଅଞ୍ଚଳରେ ଶିକ୍ଷାର ପ୍ରସାର ପାଇଁ ପ୍ରମୁଖ ଭୂମିକା ନେଇଥିବାରୁ ତାଙ୍କ ନାମରେ ବିଶ୍ୱବିଦ୍ୟାଳୟ ନାମିତ କରାଯିବା ପାଇଁ ସାମ୍ବାଦିକ ପ୍ରଦ୍ୟୁମ୍ନ ରଥ ଗୁରୁତ୍ୱାରୋପ କରିଥିଲେ । ମହାବିଦ୍ୟାଳୟର ସାମଗ୍ରିକ ବିକାଶ ନିମନ୍ତେ ପୁରାତନ ଛାତ୍ରସଂଘର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଧାପକ ଅଟଳ ବିହାରୀ ଦାସ, ଉପଦେଷ୍ଟା ଦୀପ୍ତୀଶ ପଟ୍ଟନାୟକ, ସୁରେନ୍ଦ୍ର ମିଶ୍ର, ସଂଘ ଉପସଭାପତି ବେଣୁଧର ସାହୁ, ପ୍ରକାଶ କୁଅଁର, କାର୍ଯ୍ୟକାରୀ ସମ୍ପାଦକ ରତନ ନାୟାର, କୋଷାଧ୍ୟକ୍ଷ ସୁନୀଲ ଦାସ, ବରିଷ୍ଠ ସାମ୍ବାଦିକ ଅଶୁତୋଷ ରାଉତ, ପୂର୍ବତନ ସଭାପତି ସନ୍ତୋଷ କର, ଚନ୍ଦ୍ରକାନ୍ତ ମିଶ୍ର, ଗଦାଧର ସାହୁ, ସମରେନ୍ଦ୍ର ନନ୍ଦ, ଦୀପକ ମିଶ୍ର, ଲଳିତେନ୍ଦୁ ମିଶ୍ର, ରଞ୍ଜନ ନାୟକ, ସବ୍ୟସାଚୀ ମହାକୁଡ଼, ଉପଦେଷ୍ଟା ଦୀପକ ପଟ୍ଟନାୟକ, ପୂର୍ବତନ ସମ୍ପାଦକ କଳିଙ୍ଗ ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ । ଏହି ଅବସରରେ ଡ. ଅଭୟ କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଦୁର୍ଗାପ୍ରସାଦ ମିଶ୍ର, ଲଳିତ ପଟ୍ଟନାୟକ, ଅମରେନ୍ଦ୍ର ପଟ୍ଟନାୟକ, ମମତା ବରାଳ, ବାପୁ ଶର୍ମା ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଆଗାମୀ ଦିନରେ ସଂଘକୁ ସୁଦୃଢ଼ କରିବା ପାଇଁ ସଂଘ ସମ୍ପାଦକ ବିଶ୍ୱନାଥ ବେହେରା ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଉପ ସଭାପତି ସୁକାନ୍ତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଡ. ରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ତୃତୀୟ ଶ୍ରେଣୀ ବୃତ୍ତିରେ ପ୍ରିୟାଂଶୁ ଟପ୍ପର



ଗଁଦିଆ,୧୨ ।୧(ସମିସ): ତୃତୀୟ ଶ୍ରେଣୀ ବୃତ୍ତିରେ ଗଁଦିଆର ୧୫ ବିଦ୍ୟାର୍ଥୀ କୃତକାର୍ଯ୍ୟ ହୋଇଥିବା ବିଇଓ ସୂଚନା ଦେଇଛନ୍ତି । ଗଁଦିଆ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ଛାତ୍ର ପ୍ରିୟାଂଶୁ ପଣ୍ଡା ବ୍ଲକ ଟପ୍ପର ହୋଇଛନ୍ତି । ଏ ନେଇ ପ୍ରିୟାଂଶୁଙ୍କ ବାପା ପ୍ରକାଶ ପଣ୍ଡା, ମା' ମନୋଜ ମଞ୍ଜରୀ ପଣ୍ଡା, ବିଦ୍ୟାଳୟ ସଭାପତି, ସମ୍ପାଦକ ଇଂ ପ୍ରଧାନଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଖୁସି ପ୍ରକଟ କରିଛନ୍ତି । ଏହି ଅବସରରେ ତୃପ୍ତି ପାଠାଗାର ପକ୍ଷରୁ ପ୍ରିୟାଂଶୁଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ମଳୟ ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ସାହୁ, ଦୁଷ୍ମନ୍ତ ଦଳେଇ, କଳ୍ପତରୁ ଜେନା, ସୁକାନ୍ତି ପଣ୍ଡା ଉପସ୍ଥିତ ଥିଲେ ।

## ପ୍ରସିଦ୍ଧ ଗଣେଶ ଖୋଲାରେ ମକରମେଳା

ଯୋରନ୍ଦା,୧୨ ।୧(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ କରମୂଳ ପଞ୍ଚାୟତ ପ୍ରସିଦ୍ଧ ଗଣେଶ ଖୋଲାରେ ମକରମେଳା ଆରମ୍ଭ ହୋଇଛି । ସୋମବାର ଶୁଭାଧିବାସ, ମଙ୍ଗଳବାର ଗୀତାଯଜ୍ଞ ଆରମ୍ଭ, ବୁଧବାର ସୂର୍ଯ୍ୟପୂଜା ଓ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ ବୋଲି ଯଜ୍ଞ ପରିଚାଳନା କମିଟି ସଭ୍ୟ ବେଣୁଧର ପାତ୍ର, ପଙ୍କଜ ସାମଲ, ସୁଧାକର ବେହେରା, ବିଚିତ୍ରାନନ୍ଦ ପାଣି, ଅନ୍ତର୍ଯ୍ୟାମୀ ମଲ୍ଲିକ, ମୀନକେତନ ସ୍ୱାଇଁ, ସୁଦର୍ଶନ ପାତ୍ର, ସୁଦାମ ଚରଣ ସାହୁ, ସୁରେଶ ଚନ୍ଦ୍ର ତରାଇ, ବିଚିତ୍ରାନନ୍ଦ ତରାଇ, ବିଷ୍ଣୁଚରଣ କବି, ବିଚିତ୍ରାନନ୍ଦ ପରିଡ଼ା ଜଣାଇଛନ୍ତି ।

## ଡିଏଭି ଗୁରୁକୁଳ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



ଗଁଦିଆ,୧୨ ।୧(ସମିସ): ଗଁଦିଆ ବ୍ଲକ ମନ୍ଦାର ପଞ୍ଚାୟତ ଚିତ୍ତଲପୁର ଗ୍ରାମସ୍ଥିତ ଡିଏଭି ଗୁରୁକୁଳ ପବ୍ଲିକ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ ବିଦ୍ୟାଳୟ ସଭାପତି ସୌମ୍ୟପ୍ରକାଶ ନନ୍ଦଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ଗଁଦିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନାରାଣୀ ଖଟୁଆ, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ହରିହର ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉପାଦେୟ ପରାମର୍ଶ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ମନ୍ଦାର ସରପଞ୍ଚ ସବିତା ମଲ୍ଲିକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ସାମନ୍ତ, ଯୋରନ୍ଦା ଡିଏଭି ପବ୍ଲିକ ସ୍କୁଲ ଅଧ୍ୟକ୍ଷ ସୁଦୀପ୍ତ ରାଉତ ଯୋଗଦେଇଥିଲେ । ବିଦ୍ୟାଳୟର ଅଧ୍ୟକ୍ଷା ସୁପ୍ରିୟା ରଥ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷୟିତ୍ରୀ ମିନତି ପ୍ରିୟଦର୍ଶିନୀ ସାହୁ, ପୂର୍ଣ୍ଣିମା ମଲ୍ଲିକ, ଚୁମୁକି ସେନାପତି, ଶୁଭସ୍ମିତା ବାରିକ, ଶୁଭସୁଲଗ୍ନା ବାରିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଡିଏଭି ଗୁରୁକୁଳ ପବ୍ଲିକ ସ୍କୁଲ ଯୋରନ୍ଦାର ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

## ତୈଳିକ ବୈଶ୍ୟ ସମାଜର କାର୍ଯ୍ୟକାରିଣୀ ବୈଠକ

ଢେଙ୍କାନାଳ,୧୨ ।୧(ସମିସ): ସଦର ବ୍ଲକ୍ ମଙ୍ଗଳପୁରଠାରେ ଢେଙ୍କାନାଳ-ଅନୁଗୋଳ ଜିଲ୍ଲା ସମନ୍ୱୟ ତୈଳିକ ବୈଶ୍ୟ ସମାଜର ୫୭ତମ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି । ସଭାପତି ସଞ୍ଜୟ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କାର୍ଯ୍ୟକାରୀ ସଭାପତି ନିର୍ମଳ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଲିଙ୍ଗରାଜ ବେହେରା, ସମସ୍ତ ଉପସଭାପତି, ସମ୍ପାଦକ, ସହ-ସମ୍ପାଦକ, ଉପଦେଷ୍ଟା ମଣ୍ଡଳୀ, କାର୍ଯ୍ୟକାରୀ କମିଟି ସଭ୍ୟ, ମହିଳା ସଭାନେତ୍ରୀ ମଞ୍ଜୁଲତା ସାହୁ, ଯୁବ ସଂଗଠକ ରାମଚନ୍ଦ୍ର ସାହୁ ଓ କର୍ମକର୍ତ୍ତା ଯୋଗଦେଇଥିଲେ । ଏହି ଅବସରରେ ବଳରାମପ୍ରସାଦର ବସନ୍ତ ଦାସଙ୍କ ପୁଅ ସୁଶୀଳ କୁମାର ନାଗଙ୍କୁ ତାଙ୍କ ଚିକିତ୍ସା ସହାୟତା ପାଇଁ ସମାଜ ପକ୍ଷରୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ଆସନ୍ତା ମହାସଭା ମଙ୍ଗଳପୁରରେ ହେବାକୁ ସ୍ଥିର କରାଯାଇଛି । ବରିଷ୍ଠ ଉପଦେଷ୍ଟା ପୁରୁଷୋତମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗୃହପାଳିତ ପଶୁଙ୍କ ଚିକିତ୍ସା ଶିବିର



ଢେଙ୍କାନାଳ,୧୨ ।୧(ସମିସ): ଇଣ୍ଡିଆନ ପଟାସ ଲିମିଟେଡ୍ ଓ ମିଶନ୍ ରିକନଷ୍ଟ୍ରକସନ ମିଳିତ ସହଯୋଗରେ ହରିପୁର ୟୁନିଟ୍ ଦ୍ୱାରା ହରିପୁର ଗ୍ରାମରେ ଗୃହପାଳିତ ପଶୁଙ୍କ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି । ହରିପୁର ଏବଂ ଆଖପାଖ ଅଞ୍ଚଳର ବହୁ କୃଷକ ନିଜ ଗୃହପାଳିତ ପଶୁଙ୍କୁ ଚିକିତ୍ସା ପାଇଁ ଆଣିଥିଲେ । ଏହି ପରିପ୍ରେକ୍ଷୀରେ ପ୍ଲାଣ୍ଟ ମୁଖ୍ୟ ବିକାଶ କୁମାର ଚୌଧୁରୀ ଏପରି ପଦକ୍ଷେପର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଶିବିରରେ ଡା. ବିକେ ଆଚାର୍ଯ୍ୟ ଗୃହପାଳିତ ପଶୁଙ୍କ ଚିକିତ୍ସା କରିଥିଲେ । ରାଜକୁମାର ଚୌଧୁରୀ, ବିଜୟକୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ଢେଙ୍କାନାଳ,୧୨ ।୧(ସମିସ): ଗନ୍ଦିଆ ବ୍ଲକ କରମୂଳ ଆମ୍ରପଡ଼ାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଚର୍ତୁଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଛାତ୍ରଛାତ୍ରୀମାନେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଶକ୍ତିପ୍ରସାଦ ନନ୍ଦ, ସମ୍ମାନିତ ଅତିଥି ଭାବେ ମହିମା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରହଲ୍ଲାଦ ସ୍ୱାଇଁ ଯୋଗଦେଇଥିଲେ । ସଭାପତି ଜୟରାମ ସାହୁ ଧନ୍ୟବାଦ ଦେଇଥିଲେ । ପ୍ରଧାନଆଚାର୍ଯ୍ୟା ରୀନା ସ୍ୱାଇଁ ବାର୍ଷିକୀ ବିବରଣୀ ପାଠ କରିଥିଲେ । ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାଡ କରିଥିଲେ । ମନ୍ତ୍ରୀଙ୍କ ଗନ୍ଦିଆ ବ୍ଲକ ପ୍ରତିନିଧି ରତିକାନ୍ତ ସାହୁ, ପ୍ରତ୍ୟୁଷହରି ପ୍ରଧାନ, ଯୋରନ୍ଦା ସମିତି ସଭ୍ୟ ପ୍ରତାପ ନାଥ, ସାଂସଦଙ୍କ ଗନ୍ଦିଆ ବ୍ଲକ ପ୍ରତିନିଧି ଅମ୍ବିକା ମିଶ୍ର, ଜିଲ୍ଲା କାର୍ଯ୍ୟକର୍ତ୍ତା ଶତ୍ରୁଘ୍ନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

**ହିନ୍ଦୋଳ:** ହିନ୍ଦୋଳ ବ୍ଲକ ବାବନ୍ଧ ପଞ୍ଚାୟତସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ୧୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ପରିଚାଳନା କମିଟି ସଭାପତି ଶଙ୍କର୍ଷଣ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ହିନ୍ଦୋଳ ବିଧାୟିକା ସୀମାରାଣୀ ନାଏକ ଉଦଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ସାଂସଦ ରୁଦ୍ରନାରାୟଣ ପାଣି ଯୋଗଦେଇ ଶିକ୍ଷାର ଉନ୍ନତିରେ ସମାଜର ଉନ୍ନତି ଏବଂ ଶିକ୍ଷା ଜୀବନର ଆଲୋକବର୍ତ୍ତିକା ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଚନ୍ଦ୍ରଶେଖର ବେହେରା, ସମ୍ମାନିତ ଅତିଥିଭାବେ ସାଂସଦଙ୍କ ପ୍ରତିନିଧି ସୁଶାନ୍ତ ପତି, ବ୍ଲକ ଉପାଧ୍ୟକ୍ଷ ବରୁଣ ସର ଯୋଗଦେଇଥିଲେ । ପ୍ରଧାନଶିକ୍ଷକ ମନୋଜ ଗଡ଼ନାୟକ ଅତିଥି ପରିଚୟ ପ୍ରଦାନ ଓ ବାର୍ଷିକ ବିବରଣୀ ପାଠ କରିଥିଲେ । କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ । ପରିଚାଳନା କମିଟି ସମ୍ପାଦକ ଦେବରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



## ଅବସରପ୍ରାପ୍ତ ମୃତ୍ତିକା ସଂରକ୍ଷଣ କର୍ମଚାରୀ ସଂଘ ସମ୍ମିଳନୀ



ଢେଙ୍କାନାଳ,୧୨ ।୧(ସମିସ): ସ୍ଥାନୀୟ ଗୁଡ଼ିଆନାଳୀସ୍ଥିତ ସଂଘର ସ୍ଥାୟୀ ଗୃହରେ ଅବସରପ୍ରାପ୍ତ ମୃତ୍ତିକା ସଂରକ୍ଷଣ କର୍ମଚାରୀ ସଂଘର ତ୍ରୟୋଦଶ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ଗୋପୀନ୍ଦ୍ର ଭୋଇ ଯୋଗଦେଇ ସମ୍ମିଳନୀକୁ ଉଦଘାଟନ କରିଥିଲେ । ସ୍ଥାୟୀ ସଭାପତି ରମେଶ ଚନ୍ଦ୍ର ଦେହୁରୀ ସଭା ପରିଚାଳନା କରିଥିଲେ । ସମ୍ପାଦକ ଅନ୍ତର୍ଯ୍ୟାମୀ ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ସଂଘର ନୂତନ ସଭ୍ୟ ବିମ୍ବାଧର ରାଉତ, ଚିନ୍ତାମଣି ସାହୁ, ବ୍ରହ୍ମାନନ୍ଦ ସାହୁ ଓ ବାବୁଲାଲ୍ ଘିୱାଲା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଭ୍ୟ କଲ୍ୟାଣ କୁମାର ଦାସ ଓ ରାମଚନ୍ଦ୍ର ସ୍ୱାଇଁଙ୍କ ବିୟୋଗରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ସଂଘର ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା । ରମେଶ ଚନ୍ଦ୍ର ଦେହୁରୀ ସଭାପତି, ହେମନ୍ତ କୁମାର ପଟ୍ଟନାୟକ ଉପସଭାପତି, ଅନ୍ତର୍ଯ୍ୟାମୀ ବେହେରା ସମ୍ପାଦକ, ନିରାକାର ସାହୁ ସହ-ସମ୍ପାଦକ, ପ୍ରମୋଦ କୁମାର ଦାସ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି । ଉପଦେଷ୍ଟା ଭାବେ ବିନୋଦ କୁମାର ମିଶ୍ର, ପ୍ରଫୁଲ୍ଲ କୁମାର ସାହୁ, କୃଷ୍ଣଚନ୍ଦ୍ର ବିଶ୍ୱାଳ ରହିଛନ୍ତି । ମାଧବ ଚରଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଲାଉଲଇରେ ଜାତୀୟ ଯୁବ ଦିବସ ପାଳିତ

ଢେଙ୍କାନାଳ,୧୨ ।୧(ସମିସ): ଗଁଦିଆ ବ୍ଲକ୍ ଲାଉଲଇସ୍ଥିତ ପ୍ରିୟ କାର୍ଯ୍ୟାଳୟରେ ମାଇଁ ଭାରତ ଢେଙ୍କାନାଳ ଓ "ପ୍ରିୟ' ଅନୁଷ୍ଠାନ ମିଳିତ ଆନୁକୂଲ୍ୟରେ ଜାତୀୟ ଯୁବ ଦିବସ ପାଳିତ ହୋଇଛି । ମୁଖ୍ୟଅତିଥି ଭାବେ ଡ. ସାହିଲ୍ ଆଫ୍ରିଦ୍ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ପ୍ରିୟର ନିର୍ଦ୍ଦେଶକ ଟଙ୍କଧର ବାରିକ ଜାତୀୟ ଯୁବ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ବୁଝାଇଥିଲେ । ଯୁବକ ଯୁବତୀମାନଙ୍କ ମଧ୍ୟରେ ଏକ ଭାଷଣ ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା



ଖଜୁରିଆକଟା,୧୨ ।୧(ସମିସ): ହିନ୍ଦୋଳ ଉପଖଣ୍ଡ ଗିରିଧରପ୍ରସାଦ ପଞ୍ଚାୟତ ଖଣ୍ଡତିରି ଉଚ୍ଚ ବିଦ୍ୟାଳୟରେ ତିନିଦିନ ବ୍ୟାପୀ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷକ ରଞ୍ଜନ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ହିନ୍ଦୋଳ ବ୍ଲକ ନୋଡାଲ ଅଫିସର ଅନାଦି ଚରଣ ନାଏକ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ ମାଝୀ, ସମ୍ମାନିତ ଅତିଥି ଭାବେ ଭଗବାନ ସାହୁ, ସରପଞ୍ଚ ସୁମିତ୍ରା ସେଠୀ, ସମିତିସଭ୍ୟା କାମିନୀ ନାଏକ, ମୁରଲୀଧର ପ୍ରଧାନ, ଶ୍ରୀଧର ସାମଲ, ସିଆରସିସି ପ୍ରଦୀପ କୁମାର ପଣ୍ଡା, ମିନତୀ ସାହୁ ପ୍ରମୁଖ ଯୋଗଦେଇଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କ୍ରୀଡ଼ା ଶିକ୍ଷକ ଅନନ୍ତ ଚରଣ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷକ ଶିବପ୍ରସାଦ ପ୍ରଧାନ, ମଳୟ କୁମାର ବିଶ୍ୱାଳ, ଦୀପକ ରଞ୍ଜନ ସାହୁ, ପ୍ରଫୁଲ୍ଲ କୁମାର ଦେହୁରୀ, ବିଶ୍ୱମ୍ବର ସାହୁ, ଶିକ୍ଷୟିତ୍ରୀ ରଶ୍ମିତା ପୃଷ୍ଟି, ରଶ୍ମିତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କର୍ମଚାରୀ କାଳନ୍ଦୀ ଚରଣ ସାହୁ, ବାବୁଲା ମାଝୀ, ପ୍ରମୋଦ କୁମାର ସାହୁ ଓ କୁମୁଦ ଚନ୍ଦ୍ର ନାୟକ ସହଯୋଗ କରିଥିଲେ ।

## ସାମୂହିକ 'ବନ୍ଦେ ମାତରମ୍' ଗାନ କାର୍ଯ୍ୟକ୍ରମ



ଢେଙ୍କାନାଳ,୧୨।୧(ସମିସ): "ବନ୍ଦେ ମାତରମ୍'ର ୧୫୦ତମ ବାର୍ଷିକୀ ଅବସରରେସ୍ଥାନୀୟପିଏମ୍ଶ୍ରୀସୁଲକ୍ଷଣାଦେବୀସରକାରୀଉଚ୍ଚବିଦ୍ୟାଳୟ ପରିସରରେ ସାମୂହିକ ରାଷ୍ଟ୍ରୀୟ ଗୀତ ଗାନ କରାଯାଇଛି । ପୂର୍ବାହ୍ନ ୧୧ଟାରେ ପ୍ରଧାନଶିକ୍ଷୟିତ୍ରୀ ମିନତୀ ଦେହୁରୀ ଓ ପଞ୍ଚସଖା ଶିକ୍ଷାସେତୁ ସଭାପତି କୃସିଦା ବେଗମ୍‌ଙ୍କ ନେତୃତ୍ୱରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଏକତ୍ର "ବନ୍ଦେ ମାତରମ' ଗାନ କରିଥିଲେ ।

**କଙ୍କଡ଼ାହାଡ଼:** କଙ୍କଡାହାଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ସାମୂହିକ ବନ୍ଦେ ମାତରମ୍ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ



ହୋଇଛି । ବିଡିଓ ଯଶୋବନ୍ତ ଦେହୁରୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ଏବିଡିଓ ସୁଚିସ୍ମିତା ନାୟକ, ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରଦୀପ୍ତ କୁମାର ଦାସ, ବନ୍ଦେ ମାତାରମ ସଙ୍ଗୀତର ଟ୍ରେନର ଶିକ୍ଷକ ମାନସ ସାହୁ, ଶିକ୍ଷୟିତ୍ରୀ ମୋନାଲିସା ବିଶ୍ୱାଳଙ୍କ ସମେତ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ମାନଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ସାମୂହିକ ବନ୍ଦେ ମାତରମ୍ ସଙ୍ଗୀତ ଗାନ କରିଥିଲେ । ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଶାନ୍ତ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ ।

**ଗଁଦିଆ:** ଗଁଦିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ସମୂହ ବନ୍ଦେ ମାତରମ୍ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ



ପୋରହଖୋଜ ସରପଞ୍ଚ ତଥା ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ରତିକାନ୍ତ ସାହୁ, ସାମ୍ମାନିତ ଅତିଥି ଭାବେ ଗଁଦିଆ ବିଡିଓ ପବିତ୍ର କୁମାର ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ, ସରକାରୀ କର୍ମଚାରୀ, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ ମିଳିତ ଭାବେ ରାଷ୍ଟ୍ରୀୟ ଗୀତ ଗାନ କରିଥିଲେ ।

# ରାଜ୍ୟ ମୁକ୍ତ ବିଦ୍ୟାଳୟ ନାମଲେଖା ଶିବିର



ଢେଙ୍କାନାଳ,୧୨ ।୧(ସମିସ): ସ୍ଥାନୀୟ ପିଏମ୍ଶ୍ରୀ ସୁଲକ୍ଷଣାଦେବୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ନାମଲେଖା ଶିବିର ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବ୍ରହ୍ମୋତ୍ରୀ ବିଶ୍ୱାଳ, ସମ୍ମାନିତ ଅତିଥି ରୂପେ ସଦର ବିଇଓ ଦିବ୍ୟପ୍ରକାଶ ପ୍ରଧାନ, ବିଦ୍ୟାଳୟର ପଞ୍ଚସଖା ଶିକ୍ଷାସେତୁ ସଭାପତି କୃସିଦା ବେଗମ, ପରିଚାଳନା ସମିତି ସଭାପତି ପ୍ରଦୀପ୍ତ ମହାପାତ୍ର, ବରିଷ୍ଠ ଶିକ୍ଷୟିତ୍ରୀ ସୁଲୋଚନା ଭୁତିଆ, ବିଦ୍ୟାଳୟର ମୁକ୍ତ ବିଦ୍ୟାଳୟ ନାମଲେଖା ଦାୟିତ୍ୱରେ ଥିବା ଶିକ୍ଷକ ପ୍ରଶାନ୍ତ କୁମାର ସାହୁଙ୍କ ସମେତ ୯ଟି କ୍ଲଷ୍ଟରର ସଂଯୋଜକ ଯୋଗଦେଇଥିଲେ । ଅଧାରୁ ପାଠ ଛାଡ଼ିଥିବା ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ଏହି ଶିବିରର ଉଦ୍ଦେଶ୍ୟ ବୋଲି ମୁଖ୍ୟଅତିଥି କହିଥିଲେ । ଶିକ୍ଷକ ପ୍ରଶାନ୍ତ ସାହୁ ମୁକ୍ତବିଦ୍ୟାଳୟର ପାଠ୍ୟକ୍ରମ ଓ ପରୀକ୍ଷା ପଦ୍ଧତି ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ । ଏହି ଅବସରରେ ୧୭୧ ଜଣ ଡ୍ରପଆଉଟ ପିଲାଙ୍କର ନାମ ଲେଖାଯାଇଥିଲା । ସେମାନଙ୍କୁ ପୁସ୍ତକ ବଣ୍ଟନ କରାଯାଇଥିଲା । ଶିକ୍ଷକ ଦୁଷ୍ମନ୍ତ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଶିକ୍ଷୟିତ୍ରୀ ସୁଲୋଚନା ଭୁତିଆ ଧନ୍ୟବାଦ ପ୍ରଦାନ କରିଥିଲେ ।

**କାମାକ୍ଷାନଗର:** ସ୍ଥାନୀୟ ସାରଙ୍ଗଧର ଉଚ୍ଚ ବିଦ୍ୟାଳୟରେ ସୋମବାର ପୂର୍ବାହ୍ନ ୧୦ଟାରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ନାମଲେଖା ଶିବିର ହୋଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରଶ୍ମିତା ଦେହୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଇଓ ସରୋଜ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଏବିଇଓ କୃଷ୍ଣଚନ୍ଦ୍ର ଭୋଇ ଓ ଏସଏମସି ଅଧ୍ୟକ୍ଷ ଦିଲୀପ କୁମାର ସାହୁ ଯୋଗଦେଇଥିଲେ । ଯେଉଁ ଛାତ୍ରଛାତ୍ରୀ ଅଧାରୁ ଶିକ୍ଷା ଛାଡୁଛନ୍ତି ତାଙ୍କୁ ରାଜ୍ୟ ମୁକ୍ତ ବିଦ୍ୟାଳୟ ମାଧ୍ୟମରେ ଶିକ୍ଷାର ମୁଖ୍ୟ ସ୍ରୋତକୁ ଫେରେଇ ଆଣିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ବିଇଓ ସାହୁ କହିଥିଲେ । ଏହି ଅବସରରେ ମୋଟ ୮ ଛାତ୍ରଛାତ୍ରୀ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ମାଧ୍ୟମରେ ୧୦ମ ଶ୍ରେଣୀରେ ନାମଲେଖାଇଛନ୍ତି । ସେହିପରି ୮ ଛାତ୍ରଛାତ୍ରୀ ଜାତୀୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ମାଧ୍ୟମରେ +୨ରେ ନାମ ଲେଖାଇଛନ୍ତି । ଶେଷରେ ବ୍ଲକ ସହ କୋଅର୍ଡିନେଟର ମଧୁସ୍ମିତା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।



# ମେସିନ କରିଛି ମନରେଗା କାମ



କାମାକ୍ଷାନଗର,୧୨ ।୧(ସମିସ): ସରକାର ଗାଁର ଉନ୍ନତି ପାଇଁ ଯୋଜନା ପରେ ଯୋଜନା କରୁଥିବା ବେଳେ ତାହା ସଠିକ ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ସୁଫଳ ମିଳୁନାହିଁ । କାମାକ୍ଷାନଗର ବ୍ଲକ କାନପୁରା ପଞ୍ଚାୟତ କଇଁଆଗୋଠ ସାହିରେ ନୂତନ ଭାବେ ମାଟି ରାସ୍ତା ସହ ଏକ କଲଭର୍ଟ ନିର୍ମାଣ ହୋଇଛି । ଗୁଣ୍ଡିଚାନାଳୀ ମୁଖ୍ୟ ରାସ୍ତାରୁ ଗାଁକୁ ସଂଯୋଗ କରୁଥିବା ଏହି ରାସ୍ତା କାର୍ଯ୍ୟର କୌଣସି ସୂଚନା ନାହିଁ । ସରକାରୀ ନିୟମ ଅନୁସାରେ ରାସ୍ତା ନିର୍ମାଣ ପୂର୍ବରୁ ସୂଚନା ଫଳକରେ ନିର୍ମାଣ ସମ୍ପର୍କିତ ସୂଚନା ରହିବା କଥା । କିନ୍ତୁ ଏଠାରେ ରାସ୍ତା ନିର୍ମାଣ ସରିଗଲା ପଛେ ସୂଚନା ଫଳକରେ ସୂଚନା ଲେଖିବାକୁ ବିଭାଗ ଭୁଲିଗଲା । ସେହିପରି ଲୋକଙ୍କୁ ଭୁଆଁ ବୁଲାଇ ମେସିନ ସାହାଯ୍ୟରେ ମାଟି କାମ କରାଯାଇଛି । ନିର୍ମାଣ ହୋଇଥିବା କଲଭର୍ଟ କାର୍ଯ୍ୟ ମଧ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି । ଗାଁର ଏହା ମୁଖ୍ୟ ରାସ୍ତା ହୋଇଥିବାବେଳେ ରାସ୍ତା କଡ଼ରୁ କେଲୁଆ ମାଟି ଉଠାଇ ସେହି ମାଟିରେ ରାସ୍ତା ନିର୍ମାଣ ହୋଇଛି । ବର୍ଷା ହେଲେ ଗାଁ ଲୋକମାନେ ଗାଁକୁ କିପରି ଯିବେ ସେହି ଚିନ୍ତାରେ ଅଛନ୍ତି । ତୁରନ୍ତ ଏହାର ତଦନ୍ତ କରିବାକୁ ଦାବି ହୋଇଛି ।

# ସମାବେଶ - ୨୦୨୬



# ଏଆରଷ୍ଟ୍ରିପ୍ ପାଇଁ ସ୍ୱତନ୍ତ୍ର ଗ୍ରାମସଭା

ରାସଗୋବିନ୍ଦପୁର,୧୨ା୧(ସମିସ)



ସୋମବାର ଅମର୍ଦା ଏୟାରଷ୍ଟ୍ରିପ ପାଇଁ ଜମି ଅଧିଗ୍ରହଣକୁ ନେଇ ନଳଗଜା ପଞ୍ଚାୟତ ଅଫିସ ପରିସରରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଏଆରଷ୍ଟ୍ରିପ ପାଇଁ ହାତ ଟେକି ଗ୍ରାମବାସୀ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ।

ସୂଚନା ମୁତାବକ, ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଅମର୍ଦା ଏୟାରଷ୍ଟ୍ରିପ ଏହି ବିମାନ ଘାଟିକୁ ପୁନରୁଦ୍ଧାର ପାଇଁ ସରକାର ଆଉ ପାଦେ ଆଗକୁ ବଢ଼ିଛନ୍ତି। ଏହି ବିମାନ ଘାଟି ଇଂରେଜ ସରକାର ନିର୍ମାଣ କରିଥିଲେ। ଦେଶ ସ୍ୱାଧୀନ ପରେ ଏହି ବିମାନ ଘାଟି ଅବହେଳିତ ଅବସ୍ଥାରେ ଥିବାରୁ ଏହାର ପୁନରୁଦ୍ଧାର ପାଇଁ ବିଭିନ୍ନ ମହଲରୁ ଦାବି ହୋଇଆସୁଥିଲା। ତେବେ ବିମାନ ଘାଟିର ପାଖାପାଖି ଜମି ସ୍ଥାନୀୟ ଆଦିବାସୀଙ୍କ ନାମରେ ରହିଥିବାରୁ ସରକାର ଗ୍ରାମସଭା ଡକାଇ ଲୋକଙ୍କ ମତାମତ ଲୋଡ଼ିଛନ୍ତି। ନଳଗଜା ସରପଞ୍ଚ ପୁନୁଗି ହାଁସଦାଙ୍କ ଦ୍ୱାରା ଆୟୋଜିତ ଆଜିର ଏହି ଗ୍ରାମସଭାରେ ରାସଗୋବିନ୍ଦପୁର ବିଡିଓ ଅନନ୍ତ ହାଁସଦା, ତହସିଲଦାର ଉପେନ୍ଦ୍ର ଦାସ, ଏବିଡିଓ ଜୟକୃଷ୍ଣ ନାୟକ, ରାସଗୋବିନ୍ଦପୁର ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ, ମୋରଡା ଥାନା ଅଧିକାରୀ ସୁମିତ୍ ସୋରେନ, ଜୁନିଅର ଏମଭିଆଇ ସୁପ୍ରିୟା ପ୍ରିୟଦର୍ଶନୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭିକ କାର୍ଯ୍ୟକ୍ରମରେ ନଳଗଜା ସରପଞ୍ଚ ପୁନୁଗି ହାଁସଦା ଉପସ୍ଥିତ ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହ ସୁନାରାଣୀଆ ଅଞ୍ଚଳରୁ ଆସିଥିବା ସମସ୍ତ ଗ୍ରାମବାସୀ, ଜନସାଧାରଣଙ୍କୁ ଗ୍ରାମସଭାକୁ ସ୍ୱାଗତ ଜଣାଇଥିଲେ। ପରେ ଏଆରଷ୍ଟ୍ରିପ କାର୍ଯ୍ୟକ୍ରମ ତ୍ୱରାନ୍ୱିତକୁ ନେଇ ଗ୍ରାମବାସୀଙ୍କ ସୁଚିନ୍ତିତ ମତାମତ ହାତ ଟେକି ସମର୍ଥନ ଜଣାଇବା ପାଇଁ କହିଥିଲେ। ଉପସ୍ଥିତ ଗ୍ରାମବାସୀ ଏଆରଷ୍ଟ୍ରିପ କାର୍ଯ୍ୟକ୍ରମ ସ୍ୱଚ୍ଛନ୍ଦ୍ରରେ ତ୍ୱରାନ୍ୱିତ କରାଇବା ପାଇଁ ସୁଚିନ୍ତିତ ମତାମତ ହାତ ଟେକି ଜଣାଇଥିଲେ। ସରପଞ୍ଚ ପୁନୁଗି ହାଁସଦ ଧନ୍ୟବାଦ ଜଣାଇଥିଲେ। ଦେଖିବାକୁ ରହିଲା ଅମର୍ଦା ଏୟାରଷ୍ଟ୍ରିପରେ କେବେ ସୁଦ୍ଧା ବିମାନ ସେବା ଆରମ୍ଭ ହୋଇପାରୁଛି।

# ହାତୀ ଭାଙ୍ଗିଥିଲା ଘର; ବନ ବିଭାଗର ସହାୟତା



ତୁରୁମୁଙ୍ଗା,୧୨ା୧(ସମିସ): ଗତ କିଛିଦିନ ହେବ ପାଟଣା ରେଞ୍ଜ ଅଞ୍ଚଳରେ ୨୫ ଟିକିଆ ହାତୀପଲଙ୍କ ଉପଦ୍ରବ ଜାରି ରହିଛି। ହାତୀପଲ ଉପଦ୍ରବ ଯୋଗୁଁ କେତେକ ଘର ଭାଙ୍ଗିଥିବାବେଳେ କ୍ଷତିଗ୍ରସ୍ତ ପରିବାରଙ୍କୁ ବନ ବିଭାଗ ପକ୍ଷରୁ କ୍ଷତିପୂରଣ ଦିଆଯାଉଛି। ସୋମବାର ବନ ବିଭାଗ ପକ୍ଷରୁ ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଯମୁନାପଶି ବିଟ୍ ବନରକ୍ଷୀ ଅନନ୍ୟା ପ୍ରିୟଦର୍ଶିନୀ ନାୟକ ସହାୟତା ପ୍ରଦାନ କରିଛନ୍ତି। କ୍ଷତିଗ୍ରସ୍ତ ପରିବାରଙ୍କୁ ଖାଦ୍ୟ ସାମଗ୍ରୀ ରଖିବା ପାଇଁ ଏକ ଷ୍ଟିଲ ଡ୍ରମ ସହ ପଲିଥିନ ପ୍ରଦାନ କରିଛନ୍ତି। ଖିରେଇଟାଙ୍ଗିରୀ ସେକ୍ସନ ଝାରବେଡ଼ା ଗ୍ରାମର ଗଦାଧର ନାୟକ, କିଆପଡ଼ା ଗ୍ରାମର ମଙ୍ଗଳି ନାୟକ, ଭାଗୀରଥି ନାୟକ ଏବଂ କୋଚିଲାପଦା ଗ୍ରାମର ସୌଦାମିନୀ ମହାନ୍ତଙ୍କୁ ଏହି ସହାୟତା ପ୍ରଦାନ କରାଯାଇଛି। କ୍ଷତିପୂରଣ ସହାୟତା ରାଶି ଖୁବଶୀଘ୍ର କ୍ଷତିଗ୍ରସ୍ତଙ୍କ ଆକାଉଣ୍ଟକୁ ପଠାଇ ଦିଆଯିବ ବୋଲି ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ କହିଛନ୍ତି।

● ଅତିରିକ୍ତ ଜିଲ୍ଲାପାଳଙ୍କ ଦୁର୍ବ୍ୟବହାର ପ୍ରସଙ୍ଗ

# ଅତିରିକ୍ତ ଜିଲ୍ଲାପାଳ ଦେଲେ ସ୍ୱଷ୍ଟୀକରଣ

ରାଇରଙ୍ଗପୁର,୧୨ା୧(ସମିସ): ରାଇରଙ୍ଗପୁର ସ୍ଥିତ କଚେରୀ କ୍ୟାଣ୍ଟିନକୁ ନେଇ ଅତିରିକ୍ତ ଜିଲ୍ଲାପାଳଙ୍କ ଦୁର୍ବ୍ୟବହାର ଅଭିଯୋଗ ହୋଇଥିଲା। ଉକ୍ତ ପ୍ରସଙ୍ଗ ନେଇ ଅତିରିକ୍ତ ଜିଲ୍ଲାପାଳ ସୁଚାରୁ ବଳ ସ୍ୱଷ୍ଟିକରଣ ଦେଇଛନ୍ତି। ପ୍ରକାଶିତ ଖବରକୁ ନେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବଳ ଏକ ପ୍ରେସ୍ ବିବୃତି ଦେଇଛନ୍ତି। ସେ କହିଛନ୍ତି ଯେ ଜୈନେକ ଲିଜ୍ ଧାରୀଙ୍କ ସମ୍ପର୍କରେ ତାଙ୍କର କୌଣସି ଧାରଣା ନାହିଁ। ଏହା କଚେରୀ କ୍ୟାଣ୍ଟିନ୍ ଭାବରେ ରାଇରଙ୍ଗପୁର ତହସିଲଦାରଙ୍କ ତତ୍ତ୍?ାବଧାନରେ ଚାଲିଥିବା ବେଳେ ବିବାଦୀୟ ପରିସ୍ଥିତି ଯୋଗୁଁ ଏହା ବନ୍ଦ ହୋଇଛି। ତେଣୁ ବନ୍ଦ କ୍ୟାଣ୍ଟିନ ଚାବିକାଠି ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ହେପାଜତରେ ରହିଛି। ତେବେ ଜନୈକ ଲିଜ୍ ଧାରୀ ଆସି ତାଙ୍କୁ କାର୍ଯ୍ୟାଳୟରେ କ୍ୟାଣ୍ଟିନ୍ ଚାବି ମାଗିବାରୁ ସେ ଦେବାକୁ ମନା କରିଥିଲେ। ବିବାଦୀୟ ସ୍ଥିତିର ସମାଧାନ ହୋଇ କାର୍ଯ୍ୟକ୍ଷମ ହେଲେ ନିୟମାନୁଯାଇ ଅଧିକାରିକ ଭାବେ ଚାବି ପ୍ରଦାନ କରାଯିବ ବୋଲି ସେ ବୁଝେଇ ଥିଲେ। କିନ୍ତୁ ଉକ୍ତ ଦିନ ଉପସ୍ଥିତ ବ୍ୟକ୍ତି ମାନେ ଚାବି ପ୍ରଦାନ କରିବାକୁ ତାଙ୍କୁ ବାଧ କରିଥିଲେ ଏବଂ ତାଙ୍କ ସହିତ ଯୁକ୍ତିତର୍କ କରିବା ସହ ଦୁର୍ବ୍ୟବହାର ମଧ କରିଥିଲେ। ସେ ମନା କରିବାରୁ ଏହାର ଭିଡିଓ ଉଦ୍ଦେଶ୍ୟମୂଳକ ଭାବେ ମୋବାଇଲରେ ଉତ୍ତୋଳନ କରି ଏହାକୁ ଏଡିଟ୍ କରି ନିର୍ଦ୍ଦିଷ୍ଟ ଭିଡିଓ ସର୍ବସାଧାରଣରେ ବିଭ୍ରାନ୍ତିକର ଭାବେ ପ୍ରସାର କରି ତାଙ୍କୁ ବଦନାମ୍ କରିବାକୁ ଷଡ଼ଯନ୍ତ୍ର କରିଥିବା ଶ୍ରୀ ବଳ କହିଛନ୍ତି। କ୍ୟାଣ୍ଟିନ ବିବାଦର ସମାଧାନ ହେଲେ କ୍ୟାଣ୍ଟିନ ଚାବି ପ୍ରଦାନ କରିବାରେ କୌଣସି ପ୍ରତିବନ୍ଧକ ନ ଥିବା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବଳ ପ୍ରକାଶ କରିଛନ୍ତି।

# ରାଜାବସାରେ ସ୍ୱଧର୍ମକୁ ଫେରିଲେ ୧୩୧ ଜଣ



ବାରିପଦା,୧୨ା୧(ସମିସ): ଖୁଣ୍ଟା ବ୍ଲକର ସୀମାନ୍ତ ଗ୍ରାମ ରାଜାବସାଠାରେ ଅନୁଷ୍ଠିତ ସ୍ୱଧର୍ମ ପ୍ରତ୍ୟାବର୍ତ୍ତନ ସମାବେଶରେ ଅଗ୍ନିକୁଆଁର ଓ ରାଜାବସା ସହିତ ବଡସାହି ବ୍ଲକର ଚମ୍ପାଗଡ଼ ଗାଁର ସାନ୍ତାଳ, ଭୂମିଜ ଓ ଲୋଧା ଆଦିମ ଜନଜାତିର ୩୧ ପରିବାରର ୧୩୧ ଜଣ ସ୍ୱଧର୍ମକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏ ଅବସରରେ ଗ୍ରାମର ମାଝିବାବା ବୁଦ୍ଧିଆ କିସ୍କୁଙ୍କ ଦ୍ୱାରା ପୂଜାପାଠ ପରେ ସମସ୍ତଙ୍କୁ ପବିତ୍ର ଜଳ ସିଞ୍ଚନ ପୂର୍ବକ ସ୍ୱଧର୍ମକୁ ପ୍ରତ୍ୟାବର୍ତ୍ତନ କରାଯାଇଥିଲା। ପିଢ ପାରଗାନା ରାମାୟ ବେଶ୍ରା ଉପସ୍ଥିତ ରହି ସ୍ୱଧର୍ମ ପ୍ରତ୍ୟାବର୍ତ୍ତନ କରିଥିବା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏକ ଧର୍ମ ସଭାର ଆୟୋଜନ କରାଯାଇଥିଲା। ଭାରତ ସରକାରଙ୍କ ପ୍ରତିରକ୍ଷା ଓ ଗବେଷଣା ସଂସ୍ଥାର ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଭୀମଚରଣ ମାଝି ମୁଖ୍ୟଅତିଥି ଭାବେ ଯୋଗ ଦେଇ ନିଜ ଧର୍ମକୁ ମହାନ ବୋଲି କହିବା ସହିତ ନିଜ ଧର୍ମ ସଂସ୍କୃତିକୁ ସବୁଦିନ ଆପଣେଇବାକୁ ପରାମର୍ଶ ଦେଇଥିଲେ। ସମାଜସେବୀ ଡା. ପ୍ରସନ୍ନ କୁମାର ପାତ୍ର, କୌଶିକ କୁମାର ସାହୁ, ଘନଶ୍ୟାମ ମହାନ୍ତ, ବୈଶାଖୁ ସର୍ଦ୍ଦାର ପ୍ରମୁଖ ମଞ୍ଚାସୀନ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ସଂଗଠନର ବରିଷ୍ଠ କାର୍ଯ୍ୟକର୍ତ୍ତା ସମାଜସେବୀ ଗୋବିନ୍ଦ ଚନ୍ଦ୍ର ମହାନ୍ତ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଗ୍ରାମବାସୀମାନେ ନାଚଗୀତରେ ଅତିଥିମାନଙ୍କୁ ପାଛୋଟି ନେଇଥିଲେ। ଗାୟକ ତଥା ଲୋକକଳା ପ୍ରମୁଖ କନ୍ଦା ସୋରେନ ଓ ଶ୍ରଦ୍ଧାଜାଗରଣ ପ୍ରମୁଖ ବୃନ୍ଦା କିସ୍କୁ ବାଦ୍ୟ ଓ ନୃତ୍ୟ ପରିଚାଳନା କରିଥିଲେ। ଶିକ୍ଷା ପ୍ରକଳ୍ପ ସଂଯୋଜକ କୈଳାସ ମୁର୍ମୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଞ୍ଚାଳିତ ହୋଇଥିଲା। ବାଲି ମୁର୍ମୁ, ବାସନ୍ତୀ ଭକ୍ତା ଓ ସୀତା ମୁର୍ମୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସହଭୋଜିର ଆୟୋଜନ କରାଯାଇଥିଲା।

# ୧ ବାଲି ବୋଝେଇ ଟ୍ରାକ୍ଟର ଜବତ



ରାସଗୋବିନ୍ଦପୁର,୧୨ା୧(ସମିସ): ରାସଗୋବିନ୍ଦପୁର ଥାନା ଅଞ୍ଚଳରୁ ପ୍ରତିଦିନ ବେଆଇନ ମୋରମ, ମାଟି ଓ ବାଲି ଚାଲାଣ ହେଉଥିବା ଦେଖିବାକୁ ମିଳୁଛି। ରାସଗୋବିନ୍ଦପୁର ଥାନା ବଡାମପୁର ଫାଣ୍ଡି ଅଞ୍ଚଳର ପଥରଚାଟିଆ ମୋରଡ଼ାଠାରେ ଜମ୍ବିରା ନଦୀରୁ ବେଆଇନ ବାଲି ଘାଟ କରି ବେଧଡ଼କ ଦିନରାତି ବାଲି ଚୋରା ଚାଲାଣ ଚାଲିଥିବାବେଳେ ଖବର ପାଇ ରାସଗୋବିନ୍ଦପୁର ପୁଲିସ ଏଏସଆଇ ମଞ୍ଜୁଲତା ବେହେରା ଓ ବଡାମପୁର ଫାଣ୍ଡି ଅଧିକାରୀ ସୁଶୀଲ ସାମଲ ମିଳିତ ଭାବେ ଚଢ଼ଉ କରି ପଥରଚାଟିଆ ନିକଟରୁ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହ ଡ୍ରାଇଭର ତପନ ସିଂକୁ ଗିରଫ କରି ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

# ହାତୀ ଘଉଡ଼ାଇବା ବାଣରୁ ନିଆଁ ଲାଗି ପୋଡ଼ିଗଲା ନଡ଼ାଗଦା



ରାସଗୋବିନ୍ଦପୁର,୧୨ା୧(ସମିସ): ରବିବାର ରାତିରେ ବେତନଟୀ ରେଞ୍ଜ ଅନ୍ତର୍ଗତ ମାଣିଦା ପଞ୍ଚାୟତ ବେଣାଶୋଳ ଗ୍ରାମରେ ହାତୀ ଅନୁପ୍ରବେଶ କରିଥିଲେ। ବନ କର୍ମଚାରୀ ହାତୀ ଘଉଡ଼ାଇବା ପାଇଁ ଆସିଥିଲେ। ହାତୀ ଘଉଡ଼ାଇବା ପାଇଁ ବନ ବିଭାଗ କର୍ମଚାରୀ ଗ୍ରାମବାସୀଙ୍କ ଉପସ୍ଥିତିରେ ବାଣ ମାରିଥିଲେ। ବାଣ ହାତୀ ପଟକୁ ନ ଯାଇ ଗ୍ରାମର ଜଣେ ବ୍ୟକ୍ତିଙ୍କ ଗଚ୍ଛିତ ଥିବା ତିନିମାଣ ଜମି ନଡ଼ା ଗଦାରେ ପଡ଼ି ଜଳିଯାଇଥିଲା। ପରେ ଘଟଣାସ୍ଥଳରୁ ବନ କର୍ମଚାରୀ ପଳାଇ ଯାଇଥିଲେ। ଏ ସମ୍ପର୍କରେ ବେତନଟୀ ଡେପୁଟି ରେଞ୍ଜର ଧ୍ରୁବେନ୍ଦ୍ର ନାଥ ନାଏକଙ୍କୁ ପଚାରିବାରୁ ଯଦି ଏହା କର୍ମଚାରୀଙ୍କ ଯୋଗୁଁ ନଡ଼ା ଗଦା ପୋଡ଼ି ଯାଇଥାଏ, ତେବେ ତଦନ୍ତ କରି କ୍ଷତିପୂରଣ ପ୍ରଦାନ କରାଯିବ।

# ମାଣତ୍ରୀରୁ ଲକ୍ଷାଧିକ ଟଙ୍କାର ବଳଦ ଓ ଗାଈ ଚୋରି

ମାଣତ୍ରୀ,୧୨ା୧(ସମିସ): ବୈଶିଙ୍ଗା ଥାନା ଅଧୀନ ମାଣତ୍ରୀ ପଞ୍ଚାୟତର ୨ଟି ଗ୍ରାମରୁ ରବିବାର ରାତିରେ ଚୋରମାନେ ଲକ୍ଷାଧିକ ଟଙ୍କାର ପୃଥକ ଭାବେ ହଳେ ବଳଦ ଓ ଏକ ଗାର୍ଭିଣୀ ଗାଇ ଚୋରି କରି ନେଇଛନ୍ତି। ମାଣତ୍ରୀ ଗ୍ରାମର ଶରତ ପୋଥାଳଙ୍କ ଗୁହାଳରେ ବନ୍ଧା ହୋଇଥିବା ୨ଟି ବଳଦ ଘର ପଛ ପଟ ବାଡିର ବାଡ କାଟି ୪ଚକିଆ ଯାନରେ ନେଇଯାଇଛନ୍ତି। ଯାହାର ମୂଲ୍ୟ ୧ଲକ୍ଷ ଟଙ୍କା ହେବ। ସେହିପରି ଆଙ୍କପୁରା ଗ୍ରାମର ପିତାମ୍ବର ବେହେରାଙ୍କ ଗୁହାଳ ଘରୁ ଏକ ୨୦ହଜାର ଟଙ୍କା ମୂଲ୍ୟର ଗାର୍ଭିଣୀ ଗାଇ ନେଇଯାଇଛନ୍ତି। ଚୋରି ହୋଇଥିବା ସ୍ଥାନରୁ ମାଣତ୍ରୀ ପୁଲିସ୍ ବିଟ ହାଉସ ମାତ୍ର ୧୦୦ମିଟର ଦୂର ହୋଇଥିବା ବେଳେ ଚୋରମାନେ ଖୋଲି ଚ୍ୟାଲେଞ୍ଜ ଦେଇ ବାରମ୍ବାର ଚୋରି କରୁଛନ୍ତି। ମାସକ ତଳେ ମାଣତ୍ରୀ ଗ୍ରାରୁ ୫ଟି ଖାସି ଛେଳି ଓ ପୂର୍ବରୁ ବଳଦ ଚୋରି ଯାଇଥିଲେ ହେ ଏପର୍ଯ୍ୟନ୍ତ ଚୋର କିମ୍ବା ଚୋରି ଖାସି, ବଳଦ ଉଦ୍ଧାର ହୋଇନାହିଁ। ପୁଣି ଗତ ରାତିରେ ଚୋରି ସ୍ଥାନୀୟ ଅଞ୍ଚଳରେ ଜନ ଅସନ୍ତୋଷ ସୃଷ୍ଟି କରିଛି।

# ଗଣେଶ୍ୱରପୁର ଗ୍ରାମରେ ଚୋରି

ବୈଶିଙ୍ଗା,୧୨ା୧(ସମିସ): ବୈଶିଙ୍ଗା ଥାନା ଅଧୀନ ଗଣେଶ୍ୱରପୁର ଗ୍ରାମର ଜଣେ ଶିକ୍ଷକ ଶଶୁର ଘରକୁ ଯାଇଥିବାବେଳେ ରବିବାର ବିଳମ୍ବିତ ରାତିରେ ଘର ତାଲା ଭାଙ୍ଗି ସର୍ବସ୍ୱ ଲୁଟିଛନ୍ତି ଦୁର୍ବୃତ୍ତ। ଆନୁମାନିକ ୫୦ ଲକ୍ଷରୁ ଅଧିକ ସୁନା ରୁପା ଅଳଙ୍କାର ସମେତ ଆସବାବପତ୍ର ଓ ନଗଦ ୧୭ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଦୁର୍ଗାପୁର ଉପକଣ୍ଠ ଗଣେଶ୍ୱରପୁର ଗ୍ରାମର ବିକର୍ତ୍ତନ ସେନାପତିଙ୍କ ୭ ପୁଅଙ୍କ ମଧ୍ୟରୁ ମଝିଆ ପୁଅ ବସନ୍ତ ପ୍ରାଥମିକ ସ୍କୁଲରେ ଶିକ୍ଷକ ଭାବେ କାର୍ଯ୍ୟରତ ଥିବାବେଳେ ଗାଁ ମୁଣ୍ଡରେ ନୂତନ ଗୃହ ନିର୍ମାଣ କରି ୩ ବର୍ଷ ଧରି ରହୁଛନ୍ତି। ଶନିବାର ଅପରାହ୍ନରେ ବସନ୍ତ ସେନାପତି ପରିବାର ସହ ଶଶୁର ଘରକୁ ଯାଇଥିବାବେଳେ ରବିବାର ରାତିରେ ଚୋରି ହୋଇଥିବା ଅଭିଯୋଗ କରିଛନ୍ତି।

# ବାଇକ୍ ଦୁର୍ଘଟଣାରେ ୨ ଗୁରୁତର

ମହୁଲଡିହା,୧୨ା୧(ସମିସ): ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ହାତୀଗୋଡା ପଞ୍ଚାୟତର କାଦପାଣି ଗ୍ରାମରୁ ସୋମବାର ଦିନ ଭାରସାମ୍ୟ ହରାଇ ବାଇକ ଦୁର୍ଘଟଣାରେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। କାଦପାଣି ଗ୍ରାମର କୁଶ ପୂର୍ତ୍ତି (୧୬) ଓ ସାତକୋଶିଆ ଗ୍ରାମର କାନ୍ତା ଖୁଣ୍ଟିଆ (୨୩) ବାଇକ ଯୋଗେ ଠାକୁରମୁଣ୍ଡା ବଜାରକୁ ଆସୁଥିଲେ। ହାତୀଗୋଡା ଗ୍ରାମ ନିକଟ ବାଙ୍କରେ ବାଇକ ଭାରସାମ୍ୟ ହରାଇ ସିମେଣ୍ଟ ପିଲରକୁ ଧକ୍କା ଦେବାରୁ ୨ ଜଣ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। କୁଶଙ୍କ ଡାହାଣ ଗୋଡ ଭାଙ୍ଗି ଯାଇଥିବାବେଳେ କାନ୍ତାଙ୍କ ମୁଣ୍ଡ ଓ ଛାତିରେ ଆଘାତ ଲାଗିଛି। ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ବୋଲେରୋ ଧକ୍କାରେ ଜଣେ ମୃତ

କରଞ୍ଜିଆ,୧୨ା୧(ସମିସ): ଆଜି ସନ୍ଧ୍ୟା ପ୍ରାୟ ୫.୩୦ ମିନିଟ୍ ସମୟରେ କରଞ୍ଜିଆ ଏନ୍ଏସି ଅନ୍ତର୍ଗତ ସରୁବାଲି ପୋଖରୀ ନିକଟରେ ବୋଲେରୋ ଗାଡ଼ି ଏକ ବାଇକକୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଆରୋହୀ କରଞ୍ଜିଆ ନୂଆସାହିର ରୂପକ ନାଏକ (୨୮)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥଲା। ଏହାସହିତ ଦୁଇଜଣ ଗୁରୁତର ଆହତ ହୋଇଥିଲେ। କରଡ଼ିଆ ନିବାସୀ ବାସୁଦେବ ବାରିକ ଓ ସରୁବାଲିର ଦୁର୍ଗା ଦାସ ଗୁରୁତର ହୋଇ ଚିକିତ୍ସା ନିମନ୍ତେ କରଞ୍ଜିଆ ମେଡିକାଲ୍‌ରେ ଭର୍ତି ହେଉଛନ୍ତି। ଗୁରୁତର ଦୁର୍ଗା ଦାସଙ୍କ ଦୁଇଟି ଯାକ ଗୋଡ ଭାଙ୍ଗି ଯାଇଥିବାବେଳେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ବାସୁଦେବ ବାରିକ କେନ୍ଦୁଝର ସ୍ଥାନାନ୍ତର ହେଇଛନ୍ତି।

ରାସ୍ତା କାମ ଅଧାପନ୍ତରିଆ

# ଧୂଳି ପ୍ରଦୂଷଣ ପାଇଁ ଉଦଳା ସିନେମା ହଲ୍ ରାସ୍ତା ଅବରୋଧ



ଉଦଳା, ୧୨ା୨(ସମିସ): ପ୍ରଦୂଷଣକୁ ନେଇ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି। ତେବେ ରାସ୍ତା କାମ ଅଧାପନ୍ତରିଆ ହୋଇ ପଡ଼ିରହିଥିବାରୁ ଉଦଳା ସିନେମା ହଲ୍ ରାସ୍ତାକୁ ସ୍ଥାନୀୟ ବାସିନ୍ଦା ଓ ବ୍ୟବସାୟୀ ଅବରୋଧ କରିଥିଲେ।
ଉଦଳା ସହରର ମୁଖ୍ୟ ରାସ୍ତା ଟିଡିପିୟୁବିଏମ ରାସ୍ତା ଅଧୀନରେ ଏକ ଅଂଶ ହୋଇଥିବା କାରଣରୁ ଏହାର ସମ୍ପ୍ରସାରଣ କାମ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ଡ୍ରେନଠାରୁ ଆରମ୍ଭ କରି ପିଚୁ କାର୍ଯ୍ୟ ପୂର୍ତ୍ତ ବିଭାଗ ଅଧୀନରେ ଚାଲୁ ରହିଛି। ତେବେ ସହରର ଚିକାଡୋଳା ଛକଠାରୁ କୃଷକ ବଜାର ଛକ ଦେଇ ସିନେମା ହଲ ସମ୍ମୁଖ ଦେଇ ରାସ୍ତା କାମ ଚାଲୁ ରହିଥିବାବେଳେ କୃଷକ ବଜାରଠାରୁ ସିନେମା ହଲ୍ ପର୍ଯ୍ୟନ୍ତ ରାସ୍ତା ଅଧାପନ୍ତରିଆ ଭାବେ ପଡ଼ିରହିଛି। ଫଳରେ ଧୂଳି ପ୍ରଦୂଷଣରେ ସ୍ଥାନୀୟ ବାସିନ୍ଦା ଅସ୍ତବ୍ୟସ୍ତ ହୋଇପଡିଛନ୍ତି। ନା ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହେଉଛି ନା ଦୈନିକ ପାଣି ଛିଞ୍ଚନ କରାଯାଉଛି। ଫଳରେ ଜନବହୁଳ ଉକ୍ତ ଅଞ୍ଚଳବାସୀ ଆଜି ସନ୍ଧ୍ୟାରେ ରାସ୍ତା ଅବରୋଧ କରିଥିଲେ। ଫଳରେ ଯାତାୟାତ ଠପ ହୋଇଯାଇଥିଲା। ଖବର ପାଇ ଉଦଳା ପୁଲିସ ପହଞ୍ଚି ବୁଝାସୁଝା କରିଥିଲେ ହେଁ ଲୋକେ କାର୍ଯ୍ୟ କରୁଥିବା ସଂସ୍ଥା ଦୈନିକ ଧୂଳି ପ୍ରଦୂଷଣ ରୋକିବା ପାଇଁ ତିନିଥର ପାଣି ଛିଞ୍ଚନ କରିବା ନେଇ ଜିଦ ଧରିଥିଲେ। ଦେଢ ଘଣ୍ଟା ପରେ ଉକ୍ତ ସଂସ୍ଥାର ପରିଚାଳକ ପାଣି ସିଞ୍ଚନ କରି ଧୂଳି ପ୍ରଦୂଷଣ ନ ହେବା ଦିଗରେ ପଦକ୍ଷେପ ଓ ମକର ପର୍ବ ପରେ ପିଚୁ ପକାଇବା ପ୍ରତିଶ୍ରୁତି ପରେ ଅବରୋଧ ହଟିଥିଲା।

# ହାଟଡ଼ିହୀ କଲେଜରେ ଯୁବ ଦିବସ



ହାଟଡ଼ିହୀ,୧୨ା୧(ସମିସ): ହାଟଡ଼ିହୀ ଆଞ୍ଚଳିକ ମହାବିଦ୍ୟାଳୟରେ ଆଜି ପୂର୍ବାହ୍ନରେ କଲେଜ ଅଧ୍ୟକ୍ଷ ଚିତ୍ତରଞ୍ଜନ ରାଉତଙ୍କ ତତ୍ତ୍ୱାବଧାନରେ ଯୁବ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କ ସହ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଅଜୟ ଦାଶ ଓ ବିଶ୍ୱରଞ୍ଜନ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ପ୍ରଥମେ ଜାତୀୟ ସଙ୍ଗୀତ ଗାନ କରିଥିଲେ କ୍ଷ ଏଥିରେ ରବୀନ୍ଦ୍ର ଜେନା, ଚକ୍ରଧର ଦାସ, ପ୍ରିୟଙ୍କା ମହାନ୍ତି, ନିଲମ୍ ସଂୟମ, ଚୁମୁକି ନାୟକ, ଜ୍ୟୋତିରୂପା ମଲ୍ଲିକ, ସ୍ୱାଗତିକା ନାୟକ, ଅବିନାଶ ରାଉତ, ଜଳଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ଚିତ୍ତରଞ୍ଜନ ରାଉତ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଉପରେ ପିଲାମାନଙ୍କୁ ବୁଝାଇଥିଲେ ଏବଂ ଯୁବ ସମାଜ କିପରି ଦେଶ ଗଢ଼ିବାରେ ପ୍ରମୁଖ ଭୂମିକା ନେଇପାରିବେ ସେ ବିଷୟରେ ମଧ ଆଲୋକପାତ କରିଥିଲେ କ୍ଷ ତା' ବ୍ୟତୀତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ମାନେ ସ୍ୱାମୀଜୀଙ୍କ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ।

# ସାଇବାବାଙ୍କ ମନ୍ଦିରରେ ପାରାୟଣ



ବାରିପଦା,୧୨ା୧(ସମିସ): ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ସହରସାହିସ୍ଥ ଶିରିଡି ସାଇବାବାଙ୍କ ମନ୍ଦିର ପରିସରରେ ସାଇ ସତଚରିତ ପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳେ ପୂଜକଙ୍କ ଦ୍ୱାରା ବାବାଙ୍କ ଆଳତୀ ଓ ସଂକଳ୍ପ ବିଧି ସମ୍ପନ୍ନ ହେବାପରେ ଭକ୍ତଙ୍କ ଦ୍ୱାରା 'ସାଇ ସତଚରିତ' ପାଠ କରାଯାଇଥିଲା। ସନ୍ଧ୍ୟା ଆଳତୀ ପରେ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା ଓ ଏହି ଅବସରରେ ଦିନବେଳେ ଓ ରାତିରେ ସମସ୍ତ ଭକ୍ତଜନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ଓ ଡଃ ପ୍ରକାଶଚନ୍ଦ୍ର ଦାଶ, ଗଗନ କୁମାର ସାହୁ, ଲକ୍ଷ୍ମୀଧର ସାହୁ, ସତ୍ୟଦୀପ ମହାନ୍ତି, କାଦମ୍ବିନୀ ଶତପଥି, ଶ୍ୱେତପଦ୍ମ ବେହେରା, ମମତା ଦାସ ଶର୍ମା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନରହରି ରାଉତଙ୍କ ସ୍ମୃତିଚାରଣ ସଭା



ଆନନ୍ଦପୁର,୧୨ା୧(ସମିସ): ବନମାଳୀ ପଣ୍ଡା ସ୍ମୃତି ସଂସଦ ଆନୁକୂଲ୍ୟରେ ସଂସଦର ସମ୍ପାଦକ ନରହରି ରାଉତଙ୍କ ସ୍ମୃତିଚାରଣ ସଭା ନୟାଗଡ଼ସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଅଛି। ସ୍ମୃତି ସଂସଦର ସଭାପତି ଶିକ୍ଷାବିତ୍ ଯଦୁନାଥ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ଡକ୍ଟର ରାମଚନ୍ଦ୍ର ନାୟକ, ସ୍ୱତନ୍ତ୍ର ଅତିଥି ଭାବେ ପ୍ରାକ୍ତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶରତ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ। ପ୍ରତିଭା ପ୍ରଣାମ ମଞ୍ଚର ଆବାହକ ରତ୍ନାକର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ କବି ମୁରଲୀ ଧର ବେହେରା, ନାରାୟଣ ସାହୁ, ସୁରେନ୍ଦ୍ର କୁମାର ପରିଡ଼ା, ବିଦ୍ୟୁତ୍ ପ୍ରଭ ଦେଓ, ଅଧ୍ୟାପିକା ନିବେଦିତା ପଣ୍ଡା, ମିହିର କୁମାର ସାହୁ, ଅନନ୍ତ ଚରଣ ମୁଦୁଲି, ଅଭୟ ସାମଲ, ସୁରେନ୍ଦ୍ର ସାହୁ, କୁଳମଣି ବଳ, ବିପିନ କୁମାର ଚକ୍ର, ଜ୍ୟୋତିର୍ମୟୀ ରାଉତ, ବିଜୟ କୁମାର କର, ନିରଞ୍ଜନ ପଣ୍ଡା, କୈଳାସ ଚନ୍ଦ୍ର ପାତ୍ର, ପ୍ରମୁଖ କବିମାନେ କବିତା ପାଠ କରିଥିଲେ। ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ପଣ୍ଡା, ଅଧ୍ୟାପକ ଚିତ୍ତରଞ୍ଜନ ନାୟକ ସରୋଜ ଶତପଥୀ, କୃଷ୍ଣଚନ୍ଦ୍ର ଜେନା ମଧ ନରହରି ରାଉତଙ୍କ ଗୁଣ ଗାନ କରିଥିଲେ। ଚାରଣ ଭାଇ ବାସୁଦେବ ବେହେରା, ସୁରେନ୍ଦ୍ର ନାୟକଙ୍କ ନେତୃତ୍ୱରେ ବିଷ୍ଣୁ ସହସ୍ର ନାମ, ଭାଗବତ ଚର୍ଚ୍ଚା ହୋଇଥିଲା ଶଙ୍କର୍ଷଣ ସାହୁ, ସନାତନ ବେହେରା, ମୁରଲୀଧର ପରିଡ଼ା, ରାମଚନ୍ଦ୍ର ପାଗଳ, ଶିବାନନ୍ଦ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ରାଉତ ଧନ୍ୟବାଦ୍ ଅର୍ପଣ କରିଥିଲେ।

# କାଠ ବୋଝେଇ ଟ୍ରକ୍ ଜବତ; ୨ ଅଟକ

ତୁରୁମୁଙ୍ଗା,୧୨ା୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ସାହାରପଡ଼ା ୨୨୦ ନମ୍ବର ଜାତୀୟ ରାଜପଥର ଖଜୁରୀଡିହା ଛକ ନିକଟରୁ ସୋମବାର ରାତି ୮ ଟାରେ ଏକ ଆକାଶିଆ ଓ ୟୁକାଲପଟାସ କାଠ ବୋଝେଇ ଆଇଚର ଗାଡ଼ିକୁ ବନ ବିଭାଗ ଧରିଛି। ଗାଡ଼ିର ଡ୍ରାଇଭର ଓ ହେଲପରକୁ ଅଟକ ରଖିବା ସହ କାଠ ଜବତ କରିଛି। ଜବତ କାଠର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଚଢ଼ଉରେ ପାଟଣା ବନପାଳ ନିରଞ୍ଜନ ସେଠୀଙ୍କ ସମେତ ବନ କର୍ମଚାରୀ ସାମିଲ ଥିଲେ।

# ଡନ୍ ବୋସ୍କୋ ଟେକ୍‌ର ୨୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଚାରାରୋପଣ

ମହୁଲଡିହା,୧୨ା୧(ସମିସ)




ଡନ୍ ବୋସ୍କୋ ଟେକର ୨୦ ବର୍ଷ ପୂର୍ତ୍ତି ଉତ୍ସବ ଉପଲକ୍ଷେ ଡିବି ଟେକ୍ ଟ୍ରି ଇନିସିଏଟିଭ୍ ୨୦ଟି ଗଛ ରୋପଣ ଅଭିଯାନ ଠାକୁରମୁଣ୍ଡା ଓ ସମ୍ବଲପୁର କେନ୍ଦ୍ରରେ ଆୟୋଜିତ ହୋଇଯାଇଛି। ଠାକୁରମୁଣ୍ଡାରେ, ଡନ୍ ବୋସ୍କୋ ଟେକ୍ କେନ୍ଦ୍ର ପରିସରରେ ଶରତ ତ୍ରିପାଠୀଙ୍କ ଉପସ୍ଥିତିରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଡନ୍ ବୋସ୍କୋ ଟେକ୍‌ର ଠାକୁରମୁଣ୍ଡା କର୍ମଚାରୀ ଓ ପ୍ରଶିକ୍ଷାର୍ଥୀ ଉତ୍ସାହର ସହିତ ଅଂଶଗ୍ରହଣ କରି ୨୦ଟି ଗଛ ରୋପଣ କରିଥିଲେ। ସେହିପରି ସମ୍ବଲପୁରରେ, ଡନ୍ ବୋସ୍କୋ ଟେକ୍ ପକ୍ଷରୁ ଜେଏମକେ ହସ୍ପିଟାଲ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସିଷ୍ଟର ମିନି, ସିଷ୍ଟର ମର୍ସି, ସିଷ୍ଟର ସୋଫିଆ ଅଗଷ୍ଟିନ ଓ ସିଷ୍ଟର ସରିତା କୁଜୁର ଉପସ୍ଥିତ ଥିଲେ। ଡନ୍ ବୋସ୍କୋ ଟେକ୍ କର୍ମଚାରୀ, ହସ୍ପିଟାଲ କର୍ମଚାରୀ ଓ ପ୍ରଶିକ୍ଷାର୍ଥୀ ମିଶି ସ୍ମୃତି ସ୍ୱରୂପ ୨୦ଟି ଗଛ ରୋପଣ କରିଥିଲେ। ଏହି ଦୁଇଟି କାର୍ଯ୍ୟକ୍ରମ ମାଧ୍ୟମରେ ଡନ୍ ବୋସ୍କୋ ଟେକ୍‌ର ଦକ୍ଷତା ବିକାଶ ଓ ଯୁବ ସଶକ୍ତିକରଣ କ୍ଷେତ୍ରରେ ୨୦ ବର୍ଷର ଅବଦାନକୁ ସ୍ମରଣ କରାଯାଇଥିବା ସହ ପରିବେଶ ସୁରକ୍ଷା ପ୍ରତି ସଂସ୍ଥାର ପ୍ରତିବଦ୍ଧତା ପ୍ରକାଶ ପାଇଥିଲା। ରୋପିତ ଗଛର ଯତ୍ନ ଓ ସୁରକ୍ଷା କରାଯିବ ବୋଲି ଜଣାଯାଇଛି।

# ଅଟଳ ବସ୍‌ଷ୍ଟାଣ୍ଡରେ ନିଯୁକ୍ତି ଦାବିରେ ଧାରଣା

ବାଲିକୁଦା,୧୨।୧(ସମିସ)



ବାଲିକୁଦା ବ୍ଲକ ବଡ଼ଗାଁ ପଞ୍ଚାୟତ ନୂଆଗାଁ ଗ୍ରାମର ଜନସାଧାରଣ ଆଜି ସ୍ଥାନୀୟ ଲୋକଙ୍କୁ ଅଟଳ ବସଷ୍ଟାଣ୍ଡରେ ନିଯୁକ୍ତି ଦାବିରେ ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା। ସୂଚନା ଅନୁଯାୟୀ ନୂଆଗାଁ ମୌଜାର ଗୋଚର ସ୍ଥାନରେ ସରକାରଙ୍କ ପକ୍ଷରୁ ଅଟଳ ବସଷ୍ଟାଣ୍ଡ ନିର୍ମାଣ ହୋଇ ଆଜି ଏହା ଉଦ୍‌ଘାଟିତ ହୋଇଛି। ତେବେ ଏହି ବସ୍‌ଷ୍ଟାଣ୍ଡରେ ସ୍ଥାନୀୟ ଲୋକଙ୍କ ନିଯୁକ୍ତି ଦାବିରେ ଗ୍ରାମବାସୀ ଧାରଣାରେ ବସିଥିଲେ। ସେମାନଙ୍କ ଅଭିଯୋଗ ଥିଲା ଏହି ବସଷ୍ଟାଣ୍ଡ ନିର୍ମାଣ ପାଇଁ ଜମି ଚିହ୍ନଟ କରାଗଲା ବେଳେ ତତ୍କାଳୀନ ଅଧିକାରୀମାନେ ନୂଆଗାଁ ମୌଜାର ଗୋଚର ଜମି ହୋଇଥିବାରୁ ସେମାନଙ୍କ ଦସ୍ତଖତ ନେବା ସହ ସେମାନଙ୍କ ମଧ୍ୟରୁ କିଛି ଯୁବକଙ୍କୁ ବସ୍‌ଷ୍ଟାଣ୍ଡରେ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ବସଷ୍ଟାଣ୍ଡ ଉଦଘାଟନ ହୋଇ ନିଯୁକ୍ତି ଦିଆଯାଇଥିଲେ ମଧ୍ୟ ସେମାନଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ଭୁଲି ପ୍ରଶାସନ ଅନ୍ୟ ଲୋକଙ୍କୁ ନିଯୁକ୍ତି ଦେଇଛି। ଯାହା ସେମାନଙ୍କୁ ଗଭୀର ଆଘାତ ଦେଇଛି। ଏ ନେଇ ସେମାନେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରଥମେ ବସଷ୍ଟାଣ୍ଡ ସମ୍ମୁଖରେ ବସିଥିବା ବେଳେ ପ୍ରଶାସନ ପକ୍ଷରୁ ଏହାକୁ ବେଆଇନ ଦର୍ଶାଇ ପୁଲିସ ସେମାନଙ୍କୁ ଉଠାଇ ଦେଇଥିଲା। ଫଳରେ ସେମାନେ ସେଠାରୁ ୫୦ ମିଟର ଦୂର ନିଜ ଗ୍ରାମକୁ ସଂଯୋଗ କରିଥିବା ରାସ୍ତାରେ ଧାରଣା ଦେଇଥିଲେ। ପ୍ରଥମେ ଧାରଣା ସ୍ଥଳକୁ ବିଡିଓ ସାଗର କୁମାର ନନ୍ଦ ଆସି ଆଲୋଚନା କରିଥିଲେ ମଧ୍ୟ ଧାରଣରୁ ଉଠି ନଥିଲେ ଲୋକେ। ପରେ ଜିଲ୍ଲାପାଳ ଜେ ସୋନାଲ ଆଲୋଚନା କରି ଏହାକୁ ସେ ବିଚାରକୁ ନେବା ସହ ସୌଜନ୍ୟତା ଦୃଷ୍ଟିରୁ ନିଯୁକ୍ତି ପ୍ରଦାନ ପାଇଁ ଉଦ୍ୟମ କରିବେ। କିନ୍ତୁ ସରକାରୀ ସ୍ତରରେ ଏଭଳି କୌଣସି ବ୍ୟବସ୍ଥା ନାହିଁ ବୋଲି କହିଥିଲେ। ପରେ ବିଧାୟକ ଶାରଦା ପ୍ରସନ୍ନ ଜେନା ଧାରଣାରତ ଲୋକଙ୍କୁ ଆସନ୍ତା ୮ ଦିନ ମଧ୍ୟରେ ସ୍ଥାନୀୟ ବ୍ୟକ୍ତି ନିଯୁକ୍ତିର ସମାଧାନ ନହେଲେ ସେ ଆଗାମୀ ଦିନରେ ଗ୍ରାମବାସୀଙ୍କ ସହ ଆନ୍ଦୋଳନରେ ସାମିଲ ହେବେ ବୋଲି କହିଥିଲେ। ପରେ ସାଂସଦ ବିଭୁ ପ୍ରସାଦ ତରାଇ ଜିଲ୍ଲାପାଳ ଓ ଏଜେନ୍ସି ସଂସ୍ଥା ସହ ଆଲୋଚନା କରି ଏହି ଗ୍ରାମବାସୀଙ୍କ ମଧ୍ୟରୁ କିଛି ଯୁବକ ମାନଙ୍କୁ ନିଯୁକ୍ତି ପ୍ରଦାନ କରାଯିବ ବୋଲି କହିଥିଲେ। ଫଳରେ ଲୋକେ ଧାରଣା ପ୍ରତ୍ୟାହୃତ କରିବା ସହ ୮ ଦିନ ପରେ ସେମାନେ ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା କରିବେ। ସେମାନଙ୍କ ଦାବି ପୂରଣ ନହେଲେ ପୁନଃ ଆନ୍ଦୋଳନ କରିବା ନେଇ ଚେତାବନୀ ଦେଇ ଧାରଣାରୁ ହଟିଥିଲେ।

# ଅଟଳ ବସ୍‌ଷ୍ଟାଣ୍ଡ ଆଭାସୀରେ ଉଦ୍‌ଘାଟିତ




ବାଲିକୁଦା,୧୨।୧(ସମିସ): ବାଲିକୁଦା ବ୍ଲକ ଆମ୍ବଶାଳ ଠାରେ ନିର୍ମାଣ ହୋଇଥିବା ନୂତନ ଅଟଳ ବସଷ୍ଟାଣ୍ଡକୁ ଆଜି ମୁଖ୍ୟମନ୍ତ୍ରୀ ଆଭାସୀ ଜରିଆରେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ବସଷ୍ଟାଣ୍ଡ ପରିସରରେ ବାଲିକୁଦା ବିଡିଓ ସାଗର କୁମାର ନନ୍ଦଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ସଭାରେ ସାଂସଦ ବିଭୁ ପ୍ରସାଦ ତରାଇ, ବାଲିକୁଦା ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା, ଜିଲ୍ଲାପାଳ ଜେ. ସୋନାଲ, ଜିଲ୍ଲାପରିଷଦ ସଭାପତି ମନୋଜ ଭୋଇ, ଏସ୍‌ଡିପିଓ ଆଜିଂକ୍ୟା ବାବୁରାଓ ମାଣେ, ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଜିଲ୍ଲାପରିଷଦ ତଟିନା ସ୍ୱାଇଁ, ରୁନୀଲତା ବେହେରା, ଡଲି ପଣ୍ଡା, ଜଟାଧାରୀ ଦାସ ପ୍ରମୁଖ ଯୋଗ ଦେଇଥିଲେ।

ତେବେ ବାଲିକୁଦାରେ ବସଷ୍ଟାଣ୍ଡ ଉଦଘାଟନ ହେଉଥିଲେ ମଧ୍ୟ ଏଠାକାର ଜିଲ୍ଲାପରିଷଦ, ସରପଞ୍ଚ, ସମିତିସଭ୍ୟ ମାନଙ୍କୁ ବିଳମ୍ବରେ ଗତକାଲି ଚିଠି କରାଯିବା ନେଇ ବିଧାୟକ ଅସନ୍ତୋଷ ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ତହସିଲଦାର ବିକାଶ ରଞ୍ଜନ, ଜିଲ୍ଲା ଆରଟିଓ ଅଧିକାରୀ ଦୀପକ କୁମାର ସେଠୀଙ୍କ ସମେତ ଆଇଆଣ୍ଡପିଆର ଓ ଜିଲ୍ଲା ଅଧିକାରୀ ଓ ଅନ୍ୟାନ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ବଧୂହତ୍ୟା ଅଭିଯୋଗରେ ସ୍ୱାମୀ ଅଟକ

ତିର୍ତ୍ତୋଲ,୧୨।୧(ସମିସ): ତିର୍ତ୍ତୋଲ ଥାନା ଅନ୍ତର୍ଗତ ତରଜଙ୍ଗା ପଞ୍ଚାୟତ ତେରତାଙ୍ଗ ଗ୍ରାମର ରାକେଶ ମହାନ୍ତିଙ୍କ ପତ୍ନୀ ସୋନାଲି ମହାନ୍ତିଙ୍କ ଶବକୁ ଶୋଇବା ଘରୁ ଝୁଲନ୍ତା ଅବସ୍ଥାରେ ତିର୍ତ୍ତୋଲ ପୁଲିସ ଆଜି ଉଦ୍ଧାର କରିଛି। ପୁଲିସ ମୃତକଙ୍କ ସ୍ୱାମୀ ରାକେଶକୁ ଅଟକ ରଖି ପଚରା ଉଚୁରା କରୁଥିବା ଥାନା ଅଧିକାରୀ ପ୍ରଦୀପ୍ତ ସେଠୀ ସୂଚନା ଦେଇଛନ୍ତି। ସୋନାଲି ବାପ ଘରୁ ଅଧିକ ୨ ଲକ୍ଷ ଟଙ୍କା ଯୌତୁକ୍ ଆଣି ନଦେବାରୁ ତାଙ୍କୁ ଶାଶୂ ଘର ଲୋକେ ମାରିଦେଇଥିବା ନେଇ ସୋନାଲିଙ୍କ ବାପା ନୃସିଂହ ପଟ୍ଟନାୟକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ତେରତଙ୍ଗ ଗ୍ରାମର ଫକିର ମହାନ୍ତିଙ୍କ ପୁତ୍ର ରାକେଶ ରଘୁନାଥପୁର ଗୁଆଳିପୁରର ନୃସିଂହ ଚରଣ ପଟ୍ଟନାୟକଙ୍କ କନ୍ୟା ସୋନାଲିଙ୍କ ସହ ଗତ ୨୦୨୫ ଜୁଲାଇ ମାସରେ ବୈଦିକ ରୀତିରେ ବିବାହ କରିଥିଲେ। କିନ୍ତୁ ବିବାହର କିଛି ଦିନ ପରେ ଶାଶୂ ଘର ଲୋକେ କୁକୁଡ଼ା ଫାର୍ମ ବ୍ୟବସାୟକୁ ବୃଦ୍ଧି କରିବା ପାଇଁ ଅଧିକ ଦୁଇ ଲକ୍ଷ ଟଙ୍କା ଆଣିବାକୁ ସୋନାଲୀଙ୍କ ଉପରେ ଚାପ ପକାଇଥିଲେ। କିନ୍ତୁ ସେ ବାପ ଘରୁ ଟଙ୍କା ଆଣି ନ ପାରିବାରୁ ତାଙ୍କୁ ଶାଶୂ ଘର ଲୋକେ ମାର୍‌ଧର କରିବା ସହ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। ଗତକାଲି ରବିବାର ନିଜ ଝିଅ ସହ ଫୋନ୍ ଯୋଗେ ବାପା ନୃସିଂହ କଥା ହୋଇଥିଲେ। କିନ୍ତୁ ଆଜି ସକାଳେ ହଠାତ୍ ଜ୍ୱାଇଁ ରାକେଶ ଝିଅ ଆତ୍ମହତ୍ୟା କରିଥିବା ନେଇ ଖବର ଦେଇଥିଲେ। ଏଥିରେ ସନ୍ଦେହ ବ୍ୟକ୍ତ କରି ତିର୍ତ୍ତୋଲ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ମାଜିଷ୍ଟ୍ରେଟ ତଥା ତିର୍ତ୍ତୋଲ ଅତିରିକ୍ତ ତହସିଲଦାର କଳ୍ପନା ତପସ୍ୱିନୀ ନାୟକଙ୍କ ଉପସ୍ଥିତିରେ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ଜଗତସିଂହପୁର ପଠାଇଥିଲା। ଅନ୍ୟ ପକ୍ଷରେ ସୋନାଲି ଆତ୍ମହତ୍ୟା କରିଛି ବୋଲି ଶାଶୂ ଘର ଲୋକେ କହିଛନ୍ତି।

## ଶିଆଳି ବେଳାଭୂମି ସୁରକ୍ଷା କମିଟିର ଧାରଣା



ଜଗତସିଂହପୁର,୧୨।୧(ସମିସ): ଜଗତସିଂହପୁର ଜିଲ୍ଲା ତଥା ସମଗ୍ର ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ମଧ୍ୟରେ ସ୍ଥାନ ପାଇଥିବା ଶିଆଳି ଏବେ ବିପଦରେ। ବିଶେଷ କରି ପର୍ଯ୍ୟଟକଙ୍କ ମୁଖ୍ୟ ଆକର୍ଷଣ ସୁବିସ୍ତୀର୍ଣ୍ଣ ବେଳାଭୂମିର ସୁରକ୍ଷା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ଶିଆଳି ବେଳାଭୂମି ସୁରକ୍ଷା କମିଟି ତରଫରୁ ବେଳାଭୂମିର ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନକୁ ଅବଗତ କରାଯାଇଥିଲା। ଆଜି ସୁରକ୍ଷା କମିଟି ପକ୍ଷରୁ ୬ ଦଫା ଦାବି ପୂରଣ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା।

ଦାବି ଗୁଡ଼ିକ ହେଲା ବେଳାଭୂମିରେ ୨୪ ଘଣ୍ଟିଆ ପୁଲିସ ସୁରକ୍ଷା ବ୍ୟବସ୍ଥା କରିବା, ବେଆଇନ ପାର୍କିଂ ଫି' ଆଦାୟ ବନ୍ଦ କରିବା, ବେଳାଭୂମି ଅଞ୍ଚଳ ସ୍ୱଚ୍ଛ ଓ ନିର୍ମଳ ରଖିବା ପାଇଁ ସଫେଇ କର୍ମଚାରୀ ନିଯୁକ୍ତି, କୋଷ୍ଟଗାର୍ଡ ନିଯୁକ୍ତି, ସୁରକ୍ଷା ବୋଟ୍ ମୁତୟନ ଏବଂ ଏଠାରେ ଥିବା ଓଟିଡ଼ିସି ପାନ୍ଥ ନିବାସ ପାଇଁ ଅନ୍‌ଲାଇନ ବୁକିଂ ବ୍ୟବସ୍ଥା କରିବା। ପରେ ସୁରକ୍ଷା କମିଟିର ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିଥିଲେ। ଏହିସବୁ ଦାବି ମଧ୍ୟରୁ କିଛି ପୂରଣ ହୋଇଛି ଏବଂ ଅନ୍ୟ ଦାବିଗୁଡିକ ସମ୍ପର୍କରେ ତର୍ଜମା କରାଯାଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବେଳାଭୂମି ସୁରକ୍ଷା କମିଟି ତରଫରୁ ସାଲୁ ସାସମଲ, ପ୍ରଫୁଲ୍ଲ ପରିଡା, ଶରତ ସାସମଲ, ରାକେଶ କୁମାର ଦାସ, ସାଗର କୁମାର ସେଠୀ, ମୁନା ସ୍ୱାଇଁ, ସପନ ପାଳ, ଚନ୍ଦନ ସାହୁ, ବୀର କିଶୋର ସେଠୀ, ଜ୍ଞାନରଞ୍ଜନ ସାମଲ ଏବଂ ନୃସିଂହ ମହାରଣା ପ୍ରମୁଖ ଏହି ଧାରଣାରେ ସାମିଲ ହୋଇଥିଲେ।

## ଯୁବ ଦିବସରେ ରାଜ୍ୟସ୍ତରୀୟ ଯୁବ କର୍ମଶାଳା

ଜଗତସିଂହପୁର,୧୨।୧(ସମିସ): ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଦିବସ ତଥା ରାଷ୍ଟ୍ରୀୟ ଯୁବ ଦିବସ ଅବସରରେ ଆମ ଗୌରବ ଆମ କଲେଜ ପରିଚାଳନା ସଂଗଠନ ପକ୍ଷରୁ 'ଉଠ, ଜାଗ ଓ ଲକ୍ଷ୍ୟ ପ୍ରାପ୍ତି ପର୍ଯ୍ୟନ୍ତ ଅବିରତ ଚେଷ୍ଟା କର' ଶୀର୍ଷକ ଏକ ଆନ୍ତର୍କ୍ରିୟାତ୍ମକ ରାଜ୍ୟସ୍ତରୀୟ ୱେବିନାର ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ୧୦ଟି ଡିଗ୍ରୀ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଏହି କର୍ମଶାଳାରେ ପ୍ରବାସୀ ଓଡ଼ିଆ ବୁଦ୍ଧିଜୀବୀ ଫୋରମ୍‌ର ଅଧ୍ୟକ୍ଷ, ବିଶିଷ୍ଟ ଶିକ୍ଷାବିତ୍, ସ୍ତମ୍ଭକାର ତଥା କ୍ୟାରିୟର କାଉନସେଲର ଦେବେନ୍ଦ୍ର ନାଥ ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସଙ୍କଳ୍ପରୁ ସିଦ୍ଧି ପର୍ଯ୍ୟନ୍ତ ଯାତ୍ରାରେ ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ଦର୍ଶନ ଓ ଅମୂଲ୍ୟ ବାଣୀ ମହାମନ୍ତ୍ର ବୋଲି ସେ ଅଭିହିତ କରିଥିଲେ। ଏହି କାର୍ମଶାଳାରେ ମହାପୁରୁଷ ହାଡ଼ିଦାସ ଡିଗ୍ରୀ ମହାବିଦ୍ୟାଳୟ ଛତିଆ, ଗୋପବନ୍ଧୁ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ କାଳିମେଳା, ଉପେନ୍ଦ୍ରନାଥ ଡିଗ୍ରୀ କଲେଜ ସୋରୋ, ବାୟାଅବଧୂତ ଡିଗ୍ରୀ କଲେଜ, କଣିମୂଳ, ବୌଦ୍ଧ ପଞ୍ଚାୟତ ଡିଗ୍ରୀ କଲେଜ, ଆଇଏମ୍‌ପିଏସ ଡିଗ୍ରୀ କଲେଜ, କିଞ୍ଜିରିକେଲା, ଜଗନ୍ନାଥ ଡିଗ୍ରୀ କଲେଜ ଜଳେଶ୍ୱର, ଲକ୍ଷ୍ମୀନାରାୟଣ ଡିଗ୍ରୀ କଲେଜ କୋଦଳା, ଗତିଶ୍ୱର ଡିଗ୍ରୀ କଲେଜ ମାଳିସାହି ଏବଂ ପଞ୍ଚାୟତ ସମିତି ଡିଗ୍ରୀ କଲେଜ ଝୁମ୍ପୁରାର ଛାତ୍ରଛାତ୍ରୀ ଓ ଅଧ୍ୟାପକମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ସମୟରେ ଛାତ୍ରଛାତ୍ରୀଙ୍କ ସହ ହୋଇଥିବା ପ୍ରଶ୍ନୋତ୍ତର ଓ ଆଲୋଚନା ମାଧ୍ୟମରେ ଧୈର୍ଯ୍ୟ, ଆତ୍ମବିଶ୍ୱାସ, ନିରନ୍ତର ପ୍ରୟାସ ଓ ନୈତିକ ମୂଲ୍ୟବୋଧର ଗୁରୁତ୍ୱ ଉପରେ ଜୋର ଦିଆଯାଇଥିଲା। ସମଗ୍ର କାର୍ଯ୍ୟକ୍ରମଟି ଅଂଶଗ୍ରହଣକାରୀ ମାନଙ୍କ ପାଇଁ ଏକ ପ୍ରେରଣାଦାୟକ ଓ ଶିକ୍ଷାପ୍ରଦ ଅନୁଭୂତି ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଆମ ଗୌରବ ଆମ କଲେଜ ପରିଚାଳନା ସଙ୍ଗଠନ କର୍ମଚାରୀ ତଥା ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ମାନେ ପରିଚାଳନା କରିଥିଲେ।

## ପିପିଏଲରେ ବାବା ବୁଢ଼ାପୀର ଚାମ୍ପିଅନ



କୁଜଙ୍ଗ,୧୨।୧(ସମିସ): ପଙ୍କପାଳ ଖେଳପଡିଆରେ ଅନୁଷ୍ଠିତ ପଙ୍କପାଳ ପ୍ରିମିୟର ଲିଗ୍ (ପିପିଏଲ୍) କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଗୋପୀନାଥ ଏକାଦଶ ପଙ୍କପାଳକୁ ୩ ୱିକେଟରେ ପରାସ୍ତ କରି ବାବା ବୁଢ଼ାପୀର (ବିବିପି) କ୍ରିକେଟ୍ ଟିମ୍ ଚାମ୍ପିଅନ ହୋଇଛି। ଟସ୍ ଜିତି ଗୋପୀନାଥ ଏକାଦଶ ପ୍ରଥମେ ବ୍ୟାଟିଂ କରି ସମସ୍ତ ୱିକେଟ ହରାଇ ୧୦୪ରନ୍ କରୁଥିଲା। ଜବାବରେ ବିବିପି ଟିମ୍ ଆଉ ତିନି ବଲ୍ ଓ ତିନି ୱିକେଟ ବାକି ଥାଇ ବିଜୟ ହାସଲ କରି ଚାମ୍ପିଅନ ହୋଇଥିଲେ। ପଙ୍କପାଳ ପ୍ରିମିୟର ଲିଗ୍ ପଞ୍ଚମ ସଂସ୍କରଣରେ ଉଦ୍‌ଯାପନ କାର୍ଯ୍ୟକ୍ରମରେ ପଙ୍କପାଳ ସରପଞ୍ଚ ସରୋଜ କୁମାର ସେଠୀ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପଙ୍କପାଳର ଅଧ୍ୟକ୍ଷ ମନୋଜ କିଶୋର ମନୋହରୀ, ସମାଜ ସେବୀ ଅକ୍ଷୟ କୁମାର ପାତ୍ର ଓ ଅନନ୍ୟ ଅତିଥି ବିଜୟୀ ତଥା ରର୍ନସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସ୍ମୃତି ରଞ୍ଜନ ବାରିକ ମ୍ୟାନ ଅଫ ଦି ମ୍ୟାଚ୍ ହୋଇ ଥିବା ବେଳେ ଚାମ୍ପିଅନ ଦଳର ମାଲିକ ଚୌଧୁରୀ ସମ୍ବିତ ମହାପାତ୍ର ଟ୍ରଫି ଗ୍ରହଣ କରିଥିଲେ।

## ଜନାପାଳରେ ଜଳିଗଲା ୨ଟି ଟ୍ରାନ୍ସଫର୍ମର

କୁଜଙ୍ଗ,୧୨।୧(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଙ୍କପାଳ ପଞ୍ଚାୟତ ଜନାପାଳ ଗ୍ରାମ କଳ ଘର ସମ୍ମୁଖରେ ଥିବା ଦୁଇଟି ବିଦ୍ୟୁତ୍ ଟ୍ରାନ୍ସଫର୍ମର ଜଳି ଯାଇଛି। ଆଜି ଅପରାହ୍ନ ରେ ଗତ କାଲି ଠାରୁ ଅଚଳ ଥିବା ଗୋଟାଏ ଟ୍ରାନ୍ସଫର୍ମର ଆଜି ସଜାଡ଼ା ଯାଇ ଚାର୍ଜ ଦିଆଯାଇଥିଲା। ମାତ୍ର ଅଧ ଘଣ୍ଟା ପାଖାପାଖି ସମୟ ପରେ ହଠାତ୍ ଏହି ଟ୍ରାନ୍ସଫର୍ମର ଜଳିବା ସହ କିଛି ତୈଳାକ୍ତ ପଦାର୍ଥ ପଙ୍କପାଳ ଗରେଇ ରାସ୍ତାରେ ବିଛାଡି ହୋଇପଡ଼ିଥିଲା। ନିଆଁ ଯୋଗୁଁ ରାସ୍ତାରେ ଯାତାୟତରେ ବାଧା ସୃଷ୍ଟି ହୋଇଥିବା ବେଳେ ନିକଟସ୍ଥ ଘର ଥିବା ଗଗନ କୁମାର ସାହୁଙ୍କ ଧାନ ଗଦା, ଗୁହାଳ ଘର ଓ କିଛି ଗଛ ମଧ୍ୟ ନିଆଁ ଦ୍ୱାରା ପ୍ରଭାବିତ ହୋଇଛି। ଖବର ପାଇ ପଙ୍କପାଳ ସରପଞ୍ଚ ସରୋଜ ସେଠୀ, ବଣିକ ସଂଘ ସଭାପତି ଫକୀର ଦାସ, ସମାଜସେବୀ ତାପସ କୁମାର ମଲ୍ଲ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି କୁଜଙ୍ଗ ଅଗ୍ନିଶମ ବିଭାଗକୁ ଅବଗତ କରାଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଏହି ସ୍ଥାନରେ ଦୁଇଟି ଗାଁ ଜନାପାଳ ଓ ବଣିକୁଦ ଦୁଇଟି



ଟ୍ରାନ୍ସଫର୍ମର ଯୋଗେ ଲାଇନ୍ ଯୋଗାଣ ହୋଇଥାଏ। ଗତକାଲି ଠାରୁ ପ୍ରାୟ ଦୁଇ ଶହ ପାରିବାର ଅନ୍ଧାରରେ ରହୁଥିବା ବେଳେ ଆଜି ଶିଳ୍ପମନ୍ତ୍ରୀଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ବେହେରା ଓ ଜିଲ୍ଲା ବିଜେପି ଉପସଭାପତି ତପନ ତ୍ରିପାଠୀ ପହଞ୍ଚି ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ପଦକ୍ଷପ ନେବାକୁ କହିଛନ୍ତି।

## ପରିବେଶ ଓ ମହିଳା କନ୍‌କ୍ଲେଭ ପାଇଁ ପ୍ରସ୍ତୁତି ବୈଠକ

ଜଗତସିଂହପୁର,୧୨।୧(ସମିସ): ପରିବେଶ ସୁରକ୍ଷା କ୍ଷେତ୍ରରେ ଜିଲ୍ଲାର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନ୍‌ସାଫ ଓ ସ୍ୱାମୀ ବିବେକାନନ୍ଦ ଲୋକସଂସଦ, ଜଗତସିଂହପୁର ଜିଲ୍ଲା ଶାଖାର ମିଳିତ ସହଯୋଗରେ ଆସନ୍ତା ୧୪ ତାରିଖରେ ବାଲିକୁଦା ମହିଳା ସ୍ନାତକ ମହାବିଦ୍ୟାଳୟରେ ଆୟୋଜିତ ହେବ ପରିବେଶ ଓ ମହିଳା କନ୍‌କ୍ଲେଭ। ମହାବିଦ୍ୟାଳୟର ଅଧ୍ୟକ୍ଷା ତନୁଜା କାନୁନଗୋଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଅଧ୍ୟାପିକା ସୌଦାମିନୀ ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଇନ୍‌ସାଫର ବୈଷୟିକ ଉପଦେଷ୍ଟା ତଥା କାର୍ଯ୍ୟକ୍ରମ ସଂଯୋଜକ ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସାଙ୍ଗକୁ କାର୍ଯ୍ୟଧାରା ସମ୍ପର୍କରେ ବିଷଦ ଭାବେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ, ବିଶେଷଜ୍ଞମାନଙ୍କ ଦ୍ୱାରା ପରିବେଶ ଓ ମହିଳା ସମ୍ପର୍କିତ ସେମିନାର, ଜିଲ୍ଲାର ବିଭିନ୍ନ ସ୍ନାତକ ମହାବିଦ୍ୟାଳୟର ଛାତ୍ରୀଙ୍କ ମଧ୍ୟରେ ସହନୀୟ ଜୀବନଶୈଳୀ ଆପଣେଇବା ସମ୍ପର୍କିତ ପୋଷ୍ଟର ଉପସ୍ଥାପନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ଅବସରରେ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ୫ଜଣ ମହନୀୟା ମହିଳାଙ୍କୁ ସବୁଜଶ୍ରୀ ସମ୍ମାନରେ ସମ୍ମାନିତ ହେବା ପାଇଁ ସ୍ଥିର କରାଯାଇଅଛି। ଏହି ବୈଠକରେ ବିବେକାନନ୍ଦ ଲୋକସଂସଦର ବିଚାରଧାରା ଅଧ୍ୟକ୍ଷ ଲାଲା ସଂଗ୍ରାମ କେଶରୀ ରାୟ, ମୋ ଗାଁର ଅଧ୍ୟକ୍ଷ ଅତୁଲ ବିକ୍ରମ ପ୍ରଧାନ, ଆଜୀବନ ସଦସ୍ୟ ସୁମନ୍ତ ଭୂଷଣ ପଟ୍ଟନାୟକ ଓ ରାଜକିଶୋର ବିଶ୍ୱାଳ, ପରିବେଶପ୍ରେମୀ କନକଲତା ପରିଡ଼ା ଓ ସରସ୍ୱତୀ ମହାପାତ୍ର ଏବଂ ମହାବିଦ୍ୟାଳୟର ଅଧ୍ୟାପିକା ରାଜଶ୍ରୀ ହୋତା ଓ ବନଜା ବାରିକ, ଅଧ୍ୟାପକ ବିଜୟ କୁମାର ସାହୁ ଓ ଦେବେନ୍ଦ୍ର କୁମାର ମୁଦୁଲି ପ୍ରମୁଖ ଯୋଗଦେଇ ନିଜସ୍ୱ ମତାମତ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଭୁବନେଶ୍ୱରସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓ ସାଇନ୍ସ ଫର୍ କମନ ପିପୁଲ୍ ସୋସାଇଟି ବୈଷୟିକ ସହାୟତା ପ୍ରଦାନ କରିବେ ବୋଲି ସମ୍ମତି ପ୍ରଦନ କରିଛନ୍ତି।

## ଶିଶୁମନ୍ଦିରର ବାର୍ଷିକ ଉତ୍ସବ

ବାଲିକୁଦା,୧୨।୧(ସମିସ): କାଳିଓ ସରସ୍ୱତୀ ଶିଶୁମନ୍ଦିର ପରିସରରେ ବିଦ୍ୟୁତ ପରିଷଦ ସଭାପତି ଶିକ୍ଷାବିତ୍ କୈଳାଶ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠାନର ୧୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ସାରଳା ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅଜୟ କୁମାର ମୁଦୁଲି, ସମ୍ମାନିତ ଅତିଥି ଭାବେ ବିଜେପି ନେତା ସତ୍ୟସାରଥୀ ମହାନ୍ତି, ସମାଜସେବୀ ନିରଞ୍ଜନ ସ୍ୱାଇଁ ଯୋଗ ଦେଇଥିଲେ। ସ୍ୱାଗତ ଭାଷଣ ଅନୁଷ୍ଠାନର ସଭାପତି ନବଘନ ମୁଦୁଲି ପ୍ରଦାନ କରିଥିବା ବେଳେ ଅତିଥି ପରିଚୟ ପ୍ରଦାନ ସମ୍ପାଦକ ରଞ୍ଜନ କୁମାର ରାଉତ ପ୍ରଦାନ କରିଥିଲେ। ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ସୁବ୍ରତ କୁମାର ସେଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ପାଦକ ବିଦ୍ୟୁତ ପରିଷଦ ବିଭୁତି ଭୂଷଣ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

ପାରାଦୀପ,୧୨।୧(ସମିସ): ପାରାଦୀପ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୩ତମ ବାର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ସାଂସଦ ବିଭୁପ୍ରସାଦ ତରାଇ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, କୋଷାଧ୍ୟକ୍ଷ ପୂର୍ବ ସମ୍ଭାଗ ଶିକ୍ଷାବିକାଶ ସମିତି ରବୀନ୍ଦ୍ର କୁମାର ଦାସ, ମୁଖ୍ୟବକ୍ତା ଭାବେ ସତ୍ୟନାରାୟଣ ପଟ୍ଟନାୟକ, କୋଷାଧ୍ୟକ୍ଷ ଶିକ୍ଷା ବିକାଶ ସମିତି ଓଡିଶା ପ୍ରମୁଖ ଉପସ୍ଥିତ ଥିଲେ। ପରିଚାଳନା ସମିତିର ସଭାପତି ନିରଞ୍ଜନ ଖୁଣ୍ଟିଆ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ପରିଚାଳନା ସମିତିର ସମ୍ପାଦକ ଦିଗମ୍ବର ଖୁଣ୍ଟିଆ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡ଼ା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ପରିଚାଳନା ସମିତିର ଉପସଭାପତି ରଞ୍ଜନ ଧଳ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟ ସୁଶ୍ରୀ ମମତା କର ପୁରସ୍କାର ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସହ ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠା ଆଚାର୍ଯ୍ୟା ସସ୍ମିତା ଦାଶ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଓ ଯୁବ ଦିବସ

ଜଗତସିଂହପୁର,୧୨।୧(ସମିସ): ସ୍ୱାମୀ ବିବେକାନନ୍ଦଙ୍କ ୧୬୩ତମ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ମୁଳିସିଂହ ସ୍ଥିତ ସେଣ୍ଟ ଜାଭିୟର୍ସ ପବ୍ଲିକ୍ ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅନୁଷ୍ଠାନର ନିର୍ଦ୍ଦେଶକ ବିକ୍ରମ କୁମାର ଜେନା, ମୁଖ୍ୟବକ୍ତା ଭାବେ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ମହାରଣା, ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ମୋନାଲିସା ଭଞ୍ଜ, ସୁଦେଷ୍ଣା ଦାସ, ପ୍ରିୟଙ୍କା ମଣ୍ଡଳ ଓ ଶିକ୍ଷକ ଅଶୋକ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ମିନତୀ ଦାସ ଧନ୍ୟବାଦ ଦେଇଥିଲେ।

ପାରାଦୀପ: ପାରାଦୀପ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବିବେକାନନ୍ଦ ଯୁଥ କ୍ଲବ ପକ୍ଷରୁ ଆଜି ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ବିଜୟଚାନ୍ଦପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ଆଲୋଚନାଚକ୍ରରେ କ୍ଲବର ସଭାପତି ଜଗନ୍ନାଥ ହାଲଦାର, ବିଶ୍ୱଜିତ ଓଝା, ସୁକୁଦେବ ମାନ୍ନା, ପ୍ରଶାନ୍ତ ପ୍ରଧାନ, କାନୁ ଦାସ, କାର୍ତ୍ତିକ ପାତ୍ର, ଅଜୟ ମିସ୍ତ୍ରୀ, ସଂପାଦକ ପ୍ରକାଶ ରାୟ ଓ ସଙ୍ଗଠନର ବହୁ ସଦସ୍ୟ ଉପସ୍ଥିତ ଥିଲେ। ପାରାଦୀପ ଅଞ୍ଚଳରେ ଉକ୍ତ ବିଦ୍ୟାଳୟ ପରିସରରେ ସ୍ୱାମୀ ବିବେକାନନ୍ଦଙ୍କର ଏକ ପୂର୍ଣ୍ଣ ଅବୟବ ମୂର୍ତ୍ତି କ୍ଲବ ପକ୍ଷରୁ ସ୍ଥାପନ କରାଯାଇଛି।

ଷ୍ଟେଟ୍ ବ୍ଲାଇଣ୍ଡ ଆଣ୍ଡ ପାରା ଜୁଡିଓ ଆସୋସିଏସନ୍ ପକ୍ଷରୁ ପାରାଦୀପ ଇଣ୍ଡୋର୍ ଷ୍ଟାଡିୟମ୍ ପରିସରରେ ରାଷ୍ଟ୍ରୀୟ ଯୁବ ଦିବସ ଓ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳନ କରାଯାଇଛି। ଲୋପାମୁଦ୍ରା ପତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପାରାଦୀପ ଏଡିଏମ ନିରଞ୍ଜନ ବେହେରା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଓ ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିଆରସିଂ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ରାଜସ୍ଥାନର ଶ୍ରୀଗଙ୍ଗା ନଗର ଠାରେ ଅନୁଷ୍ଠିତ ହୋଇଥିବା '୧୪ତମ ଜାତୀୟ ପାରା ଜୁଡ଼ୋ ଚାମ୍ପିଅନସିପ୍'ରେ ପଦକ ହାସଲ କରିଥିବା ଦିବ୍ୟାଙ୍ଗ ପ୍ରତିଯୋଗୀମାନଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର/କୁଜଙ୍ଗ,୧୨।୧(ସମିସ)



ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର କୁଜଙ୍ଗ ବ୍ଲକ୍ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପରିସ୍ଥ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

ଆଜି ମୋଟ ୮୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୬୬ଟି ଏବଂ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୪ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୧ଟି, ଆବାସ ପାଇଁ ୧୩ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୬ଟି, ଭତ୍ତା ପାଇବା ପାଇଁ ୭ ଟି, ପୁଲିସ ସହାୟତା ପାଇଁ ୧୦ଟି ଏବଂ ଅନ୍ୟାନ୍ୟ ୧୩ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ଜଗତସିଂହପୁର, ଜ୍ୟୋତିଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ, ପାରାଦୀପ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପ ଜିଲ୍ଲାପାଳ ଜଗତସିଂହପୁର ପ୍ରଶାନ୍ତ କୁମାର ତରାଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, କୁଜଙ୍ଗ ଦୀପକ ପ୍ରସାଦ ସ୍ୱାଇଁ, ତହସିଲଦାର, କୁଜଙ୍ଗ ସ୍ୱରୂପ ନନ୍ଦନ ବେହେରା, ନିର୍ବାହୀ ଅଧିକାରୀ ପୌର ପରିଷଦ, ପାରାଦୀପ ଅଭିଷେକ ପଣ୍ଡା, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଏବଂ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।



# ସିଟି କଟକ

## ଯୁବକଙ୍କୁ ପଥରରେ ଛେଚି ହତ୍ୟା ଘଟଣା

# ନିଶାଡ଼ି ରଚିଥିଲେ ଚକ୍ରବ୍ୟୂହ!

■ ଫେଲ୍ ମାରିଲା ସିସି କ୍ୟାମେରା ଫୁଟେଜ୍‌ରୁ ହତ୍ୟାକାରୀ ଚିହ୍ନଟ

■ ୨୦୧୯ ରେ ବି ସମାନ ତରିକାରେ ହୋଇଥିଲା ହତ୍ୟାକାଣ୍ଡ: ଅଧାରେ ରହିଥିଲା ତଦନ୍ତ



କଟକ,୧୨ ।୧(ସମିସ): ବାଦାମବାଡ଼ି ଥାନା ଅନ୍ତର୍ଗତ ଖାନନଗର ଦୁର୍ଗା ମଣ୍ଡପ ନିକଟରୁ ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହ ଗତକାଲି ଉଦ୍ଧାର କରାଯାଇଥିଲା । ହତ୍ୟାକାଣ୍ଡର ଶିକାର ହୋଇଥିବା ପୁରୀଘାଟ ଥାନା ଅନ୍ତର୍ଗତ ହଜାରୀଲେନର ପପୁ ଓରଫ ପ୍ରକାଶ ଦାସଙ୍କୁ କିଏ ପଥରରେ ଛେଚି ହତ୍ୟା କରିଛି, ତା'ର ତଦନ୍ତ ପୁଲିସ ଜାରି ରଖିଛି । ତେବେ ଘଟଣାସ୍ଥଳ ନିକଟରେ ମାତ୍ର ଗୋଟିଏ ସିସି କ୍ୟାମେରା ଥିବା ବେଳେ ସେଥିରେ ହତ୍ୟାକାରୀଙ୍କ ଚିହ୍ନବର୍ଣ୍ଣ ମିଳୁ ନାହିଁ । ସେଠାରେ ଏକ ହୋଟେଲ୍ ପ୍ରବେଶ ଦ୍ୱାରରେ ରାସ୍ତାକୁ ସିସି କ୍ୟାମେରା ଲାଗିଥିଲା । ମୃତ ପପୁ ଙ୍ଗିବନ୍ଧ ତଳେ ପାଲଟାଙ୍ଗି ରୁହନ୍ତି, ଏହି କ୍ୟାମେରା ବନ୍ଧ ଉପର ଯାଏଁ ରେକର୍ଡିଂ କରିବାର କ୍ଷମତା ରଖିଥିଲା । ବାଦାମବାଡ଼ି ଥାନା ପୁଲିସ ଆଜି ସମ୍ପୃକ୍ତ ସିସିକ୍ୟାମେରା ଫୁଟେଜ୍ ଯାଞ୍ଚ କରି ବିଫଳ ହୋଇଛି । ମୃତ ପପୁଙ୍କର କାହା ସହିତ ପୂର୍ବ ବିବାଦ ନଥିଲା । ପୁଲିସ ଏହି ହତ୍ୟାକାଣ୍ଡର ୨ଟି ଦିଗ ଉପରେ ଗୁରୁତ୍ୱ ଦେଉଛି । ପ୍ରଥମ ଦିଗ'ଟି ନିଶା ସେବନ ହୋଇଥିବା ବେଳେ ୨ୟ ଦିଗଟି ଜମିବାଡ଼ି ବିବାଦ । ଯେହେତୁ ମୃତକ ଜଣକ ନିଜ ପରିବାରରେ ରହୁନଥିଲେ, ଦୀର୍ଘ ୮ବର୍ଷ ହେବ ଖାନନଗରରେ ପାଲଟାଣି ରହୁଥିଲେ, ତାହା ଉପରେ ପୁଲିସ ଅଧିକ ଧ୍ୟାନ ଦେଉଛି । ଏ ସମ୍ପର୍କରେ ତଦନ୍ତକାରୀ ଅଫିସର ତଥା ବାଦାମବାଡ଼ି ଥାନା ଅଧିକାରୀ ଅଜୟ କୁମାର ରାଉଳଙ୍କୁ ପଚାରିବାରୁ ସେ କହିଛନ୍ତି, ତଦନ୍ତ ପାଇଁ ସମୟ ଲାଗିବ । ନିଶା ସେବନ କିମ୍ବା ଜମିବାଡ଼ି ବିବାଦରୁ ଏହି ହତ୍ୟାକାଣ୍ଡ ଘଟିଥିବା ଅନୁମାନ କରାଯାଉଛି ବୋଲି ସେ କହିଛନ୍ତି ।

ମିଳିଥିବା ସୂଚନା ଅନୁସାରେ, ମୃତକ ମଧୁପାଟଣା ଅଞ୍ଚଳରେ ପ୍ରେସଛକ ନିକଟରେ ଥିବା ଏକ ମାଛ ଗୋଦାମରେ କାମ କରନ୍ତି । ବିଭିନ୍ନ ସମୟରେ ଖାନନଗର ଅଞ୍ଚଳରେ ଥିବା କେତେକ ହୋଟେଲ୍‌ରେ ବୋଲହାକ କରନ୍ତି । ସେ ଯେଉଁସ୍ଥାନରେ ରାତିରେ ରୁହନ୍ତି, ସେଠାରେ ସନ୍ଧ୍ୟାରୁ ନିଶାଡ଼ିଙ୍କ ଆସର ଜମେ । ମୃତ ପପୁ ମଧ୍ୟ ନିଶା ସେବନ କରନ୍ତି । ଶନିବାର ସନ୍ଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଙ୍ଗିବନ୍ଧ ତଳେ ବା ପପୁର ଜରିପାଲ କଡ଼ରେ ୩/୪ଜଣ ନିଶା ସେବନ କରିଥିଲେ । ସେମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ସେଠାରେ ନିଶା ସେବନ କରିଥିବା ପୁଲିସକୁ ସୂଚନା ମିଳିଛି । ସେମାନଙ୍କ ସହିତ ପପୁ ମଧ୍ୟ ନିଶା ସେବନ କରିଥିଲେ । ଏହା ପରେ ଅନ୍ୟ ୪ଜଣଙ୍କ ସହିତ ପପୁର ଜୋରଦାର୍ ଝଗଡ଼ା ହୋଇଥିଲା । ଝଗଡ଼ା ପରେ ୪ଜଣ ମିଶି ପଥରରେ ପପୁ ମୁଣ୍ଡକୁ ଛେଚି ହତ୍ୟା କରି ଥାଇପାରନ୍ତି ବୋଲି ପୁଲିସ ଅନୁମାନ କରୁଛି । ଏହାପରେ ପପୁଙ୍କୁ ପାଲ ତଳେ ଶୋଇ ଦେଇ କମ୍ବଳ ଢ଼ାଙ୍କି ଦେଇ ହତ୍ୟାକାରୀ ଫେରାର୍ ହୋଇଯାଇଥିବା ସନ୍ଦେହ କରାଯାଉଛି । ଅନ୍ୟପଟେ ମୃତ ପପୁଙ୍କର ୨ଭାଇଙ୍କ ପୂର୍ବରୁ କୌଣସି କାରଣ'ରୁ ମୃତ୍ୟୁ ଘଟିଛି । ହଜାରୀଲେନ୍‌ରେ ପପୁଙ୍କର ପୈତୃକ ସମ୍ପତ୍ତି ରହିଛି । ପପୁ ବାହା ହୋଇନଥିବା ବେଳେ ନିଜ ଘରେ ରୁହନ୍ତି ନାହିଁ । ଏଣୁ ଜମି ଲୋଭରେ ତାଙ୍କ ପରିବାର ସଦସ୍ୟ ଏଭଳି କାଣ୍ଡ ଭିଆଇଥାଇ ପାରନ୍ତି ବୋଲି ପୁଲିସ ଅନୁମାନ କରିଛି । ତେବେ ସାଇଣ୍ଟିଫିକ୍ ଟିମ୍‌ର ରିପୋର୍ଟ ଆଧାରରେ ତଦନ୍ତ ଆଗକୁ ବଢୁଛି । ଖୁବ୍‌ଶୀଘ୍ର ହତ୍ୟାକାରୀକୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ରାଉଳ ସୂଚନା ଦେଇଛନ୍ତି ।

ଏଠାରେ ସୂଚନାଯୋଗ୍ୟ, ୨୦୧୯ ମସିହା ଜୁଲାଇ ୨୪ ତାରିଖରେ ରାଣୀହାଟ ପୋଲ କଡ଼ରେ ଏକ ଦୋକାନ ସମ୍ମୁଖରେ ଶୋଇଥିବା କୋଦଣ୍ଡ ସାହୁର ମୁଣ୍ଡକୁ ପଥରରେ ଛେଚି ହତ୍ୟା କରାଯାଇଥିଲା । ଏହାର ପରଦିନ ଏକାସାଙ୍ଗରେ ଆଉ ୨ଜଣଙ୍କ ରକ୍ତଭିଜା ମୃତ ଦେହ ଏସସିବି ମେଡିକାଲ ନିକଟ ଓ ଓଏମ୍‌ପି ଅଞ୍ଚଳରୁ ଉଦ୍ଧାର କରାଯାଇଥିଲା । ସମାନ ଢ଼ଙ୍ଗରେ ୩ଜଣଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିଲା । ଏହି ଘଟଣାକୁ ଦୀର୍ଘ ୭ବର୍ଷ ବିତିଯାଇଥିବା ବେଳେ କମିଶନରେଟ୍ ପୁଲିସ ଏହି ହତ୍ୟାକାଣ୍ଡକୁ ଅନ୍‌ସଲଭ ବା ତଥ୍ୟ ପ୍ରମାଣ ନଥିବା କହି ଫାଇଲ୍ ବନ୍ଦ କରି ଦେଇଛି । ଏବେ ସମାନ ଢଙ୍ଗରେ ପପୁଙ୍କୁ ହତ୍ୟା କରାଯାଇଛି । ତେବେ ପୁଲିସ ହତ୍ୟାକାରୀକୁ କେବେ ଗିରଫ କରିବ, ତାହା ବିଭିନ୍ନ ମହଲରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ।

## ଜଗତପୁରରେ ବାଘ ଆତଙ୍କ

କଟକ,୧୨।୧(ସମିସ): ଜଗତପୁର ଅଞ୍ଚଳରେ ବାଘ ଆତଙ୍କ ଯୋଗୁଁ ସ୍ଥାନୀୟ ବାସିନ୍ଦା ଭୟଭୀତ ହୋଇପଡ଼ିଛନ୍ତି ।

### ସିସିଟିଭିରେ କଏଦ ହେଲା କଲରାପତରିଆର ଗତିବିଧି



ଜଗତପୁରର ଇମାମ ନଗର ଅଞ୍ଚଳରେ ରବିବାର ରାତି ପ୍ରାୟ ୧୧ଟା ସମୟରେ ଏକ କଲରାପତରିଆ ବାଘ ବୁଲୁଥିବା ଦେଖିବାକୁ ମିଳିଛି । ରାତିରେ ହଠାତ୍ କୁକୁରମାନେ ଜୋର୍‌ରେ ଭୁକିବା ଆରମ୍ଭ କରିବାରୁ କିଛି ଲୋକ ଝରକା ବାଟେ ଦେଖିବା ସମୟରେ ରାସ୍ତାରେ ଏକ ବାଘ ଯାଉଥିବା ନଜରକୁ ଆସିଥିଲା । ପରେ ବିଭିନ୍ନ ଘରର ବାହାରେ ଲାଗିଥିବା ସିସିଟିଭି କ୍ୟାମେରା ଯାଞ୍ଚ କରିବା ପରେ ବାଘ ବୁଲୁଥିବା ସ୍ପଷ୍ଟ ହୋଇଛି । ଏହି ଘଟଣା ପ୍ରଚାରିତ ହେବା ପରେ ସମଗ୍ର ଇମାମ ନଗର ଓ ଜଗତପୁର ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି । ଲୋକେ ଘରୁ ବାହାରିବାକୁ ଭୟ କରୁଥିବା ବେଳେ ବନ୍ୟବିଭାଗକୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି । ସିସିଟିଭିରେ କଏଦ ହୋଇଥିବା ଚିତ୍ରରୁ ଏହା ଏକ କଲରାପତରିଆ ବାଘ ବୋଲି ସ୍ପଷ୍ଟ ଜଣାପଡୁଛି । ପ୍ରଶାସନ ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯିବା ସହ ବାଘକୁ ଧରିବା ପାଇଁ ବନ ବିଭାଗ ତତ୍ପରତା ପ୍ରକାଶ କରିଛି ।

## ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି



କଟକ,୧୨।୧(ସମିସ): ସମ୍ବାଦପତ୍ର ବିକ୍ରେତା କେ. ବେଣୁ ରାଓଙ୍କ ମା'ଙ୍କ ଏକାଦଶାହରେ ସଂଘର କର୍ମକର୍ତ୍ତାମାନେ ସୂତାହାଟରେ ଥିବା ବାସଭବନରେ ପହଁଞ୍ଚିଥିଲେ । ଏବଂ କେ ବେଣୁ ରାଓ ଙ୍କ ମା' ଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହିଁ ସଭାରେ ସଂଘର ସାଧାରଣ ସମ୍ପାଦକ ରତ୍ନାକର ପ୍ରଧାନ, ସହ ସମ୍ପାଦକ ପ୍ରଶାନ୍ତ ସାହୁ, କୋଷାଧକ୍ଷ ଅକ୍ଷୟ ମହାନ୍ତି, ମିଡ଼ିଆ ସେଲ ଅଧକ୍ଷ ପ୍ରଭାସ ପ୍ରଧାନ, କମିଟି ସଭ୍ୟ ହାଡିବନ୍ଧୁ ବେହେରା, ବାବନ ଘଡେଇ, ଦେବାଶିଷ ପଣ୍ଡା, ଦୁର୍ଗା ପ୍ରସାଦ ଛାଟୋଇ, ଲୋକନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଖାଦ୍ୟରେ ନିଶା ଦେଇ ଲୁଟ୍

କଟକ,୧୨ ।୧(ସମିସ): ଖାଦ୍ୟ ପଦାର୍ଥରେ ନିଶା ଦେଇ ହୋଟେଲରେ ଜଣେ ଠିକାଦାରଙ୍କଠାରୁ ଲୁଟ୍‌ପାଟ ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ତାଙ୍କୁ ମୁର୍ମୁଷ ଅବସ୍ଥାରେ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଛି । ପରିବାର ଲୋକଙ୍କ ଏତଲାକ୍ରମେ ପୁରୀଘାଟ ଥାନା ପୁଲିସ ମାମଲା ରୁଜୁକରି ଘଟଣାର ତଦନ୍ତ ଜାରି ରଖିଛି । କଟକ ସଦର ଥାନା ଅଞ୍ଚଳରେ ରହୁଥିବା ବିଦ୍ୟୁଭୂଷଣ ନନ୍ଦ ଠିକାଦାରୀ କାର୍ଯ୍ୟ କରିଥାନ୍ତି । ଶନିବାର ସେ ଖାଇବା ଲାଗି ପୁରୀଘାଟ ଥାନା ଅଞ୍ଚଳରେ ଥିବା ଏକ ହୋଟେଲକୁ ଆସିଥିଲେ । ଖାଇବା ପରେ ସେ ଅଚେତ ହୋଇପଡିଥିଲେ । ଖବର ପାଇ ପୁଲିସ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରିଥିଲା । ଚେତା ଫେରିବା ପରେ ସେ ପିନ୍ଧିଥିବା ୧୫୦ଗ୍ରାମର ସୁନାଚେନ୍, ମୁଦି ଓ ବ୍ରେସଲେଟ ସହିତ ପାଖରେ ଥିବା ୧୮ ହଜାର ଟଙ୍କା ନ ନଥିବା ଜାଣିବାକୁ ପାଇଥିଲେ । ଏ ନେଇ ସେ ପରିବାର ଲୋକଙ୍କୁ ଜଣାଇଥିଲେ । ହୋଟେଲରେ କେହି ଖାଇବାରେ ନିଶାଦ୍ରବ୍ୟ ମିଶାଇ ସୁନା ଅଳଙ୍କାର ଓ ଟଙ୍କା ଲୁଟିନେଇଥିବା ଅଭିଯୋଗ ହୋଇଛି । ଏହି ଆଧାରରେ ହୋଟେଲର ସିସିଟିଭି କ୍ୟାମେରା ଫୁଟେଜ ସଂଗ୍ରହ କରାଯାଇ ଯାଞ୍ଚ ସହିତ ଘଟଣାର ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ ସୂଚନା ଦେଇଛନ୍ତି ।

## ଆଇଏସ୍‌ଏଫ୍ କଟକ ଚାପ୍ଟର ଉଦ୍‌ଘାଟିତ

କଟକ, ୧୨।୧ (ସମିସ): ଆଇକନିକ୍ ସ୍ପୋର୍ଟସ ଫେଡେରେସନ୍(ଆଇଏସ୍‌ଏଫ୍)ର କଟକ ଚାପ୍ଟର ସୋମବାର ଉଦଘାଟିତ ହୋଇଯାଇଛି । ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା କଟକ ଚାପ୍ଟରର ସଭାପତି ପ୍ରଭାତ ରଞ୍ଜନ ବିଶ୍ୱାଳ, ଆଇଏସଏଫ୍ ଡାଇରେକ୍ଟର ଡଃ ସଞ୍ଜୟ ଚୌଧୁରୀ, ରାଜ୍ୟ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ମାନସ ରଞ୍ଜନ ମହାନ୍ତି, ରିଜିଓନାଲ ମ୍ୟାନେଜର ଦର୍ଶନ କୁମାର ବେହେରା, କଟକ ଜିଲ୍ଲା ସମ୍ପାଦକ ବିଜୟ ମିଶ୍ର, ଜିଲ୍ଲା ଆବାହକ ସନ୍ତୋଷ କୁମାର ସାହୁ, କାର୍ଯ୍ୟନିର୍ବାହୀ ସଦସ୍ୟ ବିଷ୍ଣୁ ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ସହିତ ନୂତନ ଚାପଟର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଥିଲେ । ଏହା ଦେଶର ପ୍ରଥମ କର୍ପୋରେଟ ସ୍ପୋର୍ଟସ ଫେଡେରେସନ ଏବଂ ତୃଣମୂଳ ସ୍ତରରେ ପ୍ରତିଭା ମାନଙ୍କୁ କ୍ରୀଡା ପ୍ରତି ଆକୃଷ୍ଟ କରିବା ତଥା ରାଜ୍ୟ ଓ ଦେଶ ସ୍ତରରେ କ୍ରୀଡାର ପ୍ରସାର ତଥା ବିକାଶ ଦିଗରେ କାର୍ଯ୍ୟ କରିବାକୁ ଫେଡେରେସନ ପ୍ରତିବଦ୍ଧ ବୋଲି ସେମାନେ ଦୃଢତାର ସହିତ କହିଥିଲେ । ବିଶେଷକରି ରାଜ୍ୟର କ୍ରୀଡାବିତଙ୍କୁ ପ୍ରୋତ୍ସାହନ ଯୋଗାଇ ଦେଇ ସେମାନଙ୍କୁ ଆନ୍ତର୍ଜାତିକ ସ୍ତରରେ ପ୍ରତିଦ୍ୱନ୍ଦିତା କରିବା ପାଇଁ ପ୍ରସ୍ତୁତ କରିବା ଦିଗରେ ଆଇଏସଏଫ୍ କାର୍ଯ୍ୟ କରିବ । ଭୁବନେଶ୍ୱର ଚାପ୍ଟର ପକ୍ଷରୁ ଗତ କିଛି ମାସ ମଧ୍ୟରେ ଏକାଧିକ ଜାତୀୟ ସ୍ତରର କ୍ରୀଡା ପ୍ରତିଯୋଗିତା ଆୟୋଜନ ଏବଂ ଆଇକନିକ କ୍ରୀଡା ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇ ସାରିଥିବା ଶ୍ରୀ ଚୌଧୁରୀ ପ୍ରକାଶ କରିଥିଲେ । ଆସନ୍ତା ୨୪ ତାରିଖରୁ କର୍ପୋରେଟ ପ୍ରିମିୟର ଲିଗ୍ ଆରମ୍ଭ ହେଉଥିବା ଓ ଏହାର ଫାଇନାଲ ମ୍ୟାଚ୍ କଟକ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ ବୋଲି ବିଶ୍ୱାଳ ଘୋଷଣା କରିଥିଲେ ।




## ଦାଦାବଟି ମାଗି ଆଇନ ଛାତ୍ର ଗିରଫ

କଟକ,୧୨ ।୧(ସମିସ): ସଦର ଥାନା ଅଞ୍ଚଳରେ ଜଣେ ଆଇନ ପାଠ ପଢୁଥିବା ଛାତ୍ରଙ୍କୁ ପୁଲିସ ଗିରଫ କରିଛି । ସେ ନିଜକୁ ଓକିଲ୍ ଭାବେ ପରିଚୟ ଦେଇ ବିଭିନ୍ନ ଗାଡ଼ି ଡ୍ରାଇଭର ଓ ମାଲିକମାନଙ୍କଠାରୁ ବଟି ମାଗୁଥିବା ଅଭିଯୋଗ ହୋଇଥିଲା । ଅଭିଯୁକ୍ତ ଜଣକ ହେଉଛି କାଜିପାଟଣା ଗ୍ରାମର ସୌମ୍ୟ ରଞ୍ଜନ ପାଲ ଓରଫ୍ କାହ୍ନା । ପୁଲିସ ସୂଚନା ଅନୁଯାୟୀ, ସୌମ୍ୟ ନିଜକୁ ଓକିଲ୍ ଭାବେ ପରିଚୟ ଦେଇ ସ୍ଥାନୀୟ ଗାଡ଼ି ଡ୍ରାଇଭର ଓ ମାଲିକମାନଙ୍କଠାରୁ ବଟି ମାଗୁଥିଲା । ବଟି ନ ଦେଲେ ମିଛ କେସ୍‌ରେ ଫସାଇଦେବାକୁ ଧମକ ଦେଇ ପଇସା ଆଦାୟ କରୁଥିଲା । ଗତ ୧୧ ତାରିଖ ଦିନ ଜଣେ ଡ୍ରାଇଭରଙ୍କଠାରୁ ଟଙ୍କା ମାଗିବା ସମୟରେ ସେ ପଇସା ଦେବାକୁ ଅସ୍ୱୀକାର କରିଥିବାରୁ, ଅଭିଯୁକ୍ତ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଡ୍ରାଇଭରଙ୍କ ମୋବାଇଲ ଫୋନ ଭାଙ୍ଗିଦେଇଥିଲା । ଏହା ପରେ ପୀଡିତ ଡ୍ରାଇଭର ଥାନାରେ ଏତଲା ଦେବା ପରେ ପୁଲିସ୍ ମାମଲା ରୁଜୁ କରିବା ସହିତ ସୌମ୍ୟକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ତାକୁ ଚୌଦ୍ୱାର ଜେଲ୍ ପଠାଇ ଦିଆଯାଇଛି ।

## ରାଜ୍ୟ ଆଇପିଏସ୍ ସଂଘର ଶ୍ରଦ୍ଧାଞ୍ଜଳି ସଭା




କଟକ,୧୨ ।୧(ସମିସ): ପୂର୍ବତନ ଆଇପିଏସ୍ ଅଧିକାରୀ ସ୍ୱର୍ଗତ ସୁଶୀଲ କୁମାର ପ୍ରଧାନଙ୍କ ବିୟୋଗରେ ରାଜ୍ୟ ଆଇପିଏସ୍ ସଂଘର ସଦସ୍ୟମାନେ ଶୋକ ପ୍ରକାଶ କରିଛନ୍ତି । ଏହି ଉପଲକ୍ଷେ ଆଜି ଅପରାହ୍ନରେ କଟକସ୍ଥିତ ରାଜ୍ୟ ପୁଲିସ ମୁଖ୍ୟାଳୟର ସମ୍ମିଳନୀ କକ୍ଷରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା । ଡିଜିପି ଶ୍ରୀ ଖୁରାନିଆ ଓ କ୍ରାଇମବ୍ରାଞ୍ଚ ଡିଜିପି ବିନୟତୋଷ ମିଶ୍ର କହିଥିଲେ ଯେ ସ୍ୱର୍ଗତ ପ୍ରଧାନ ଜଣେ ଦକ୍ଷ, କର୍ମଠ ଏବଂ ସମର୍ପିତ ଆଇପିଏସ୍ ଅଧିକାରୀ ଭାବେ ସାରା ରାଜ୍ୟରେ ସୁନାମ ଅର୍ଜନ କରିଥିଲେ ବୋଲି କହିଥିଲେ । ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଯୋଗାଯୋଗ) ଦୟାଲ ଗଙ୍ଗୱାର, ଆଇଜିପି (କାର୍ମିକ) ଏସ୍. ପ୍ରବୀଣ କୁମାର, ଆଇଜିପି (କ୍ରାଇମବ୍ରାଞ୍ଚ) ଡ଼. ସାର୍ଥକ ଷଡ଼ଙ୍ଗୀ, ଡିଆଇଜି (ପ୍ରୋଭିଜନିଂ) ଚରଣ ସିଂ ମୀନା, ଡିଆଇଜି (କାର୍ମିକ) ବି. ଯୁଗୋଳ କିଶୋର, ଡିଆଇଜି (କ୍ରାଇମବ୍ରାଞ୍ଚ) ବି. ଗଙ୍ଗାଧର, ଡିସିପି କଟକ ଋଷିକେଶ ଦ୍ୟାନଦେଓ ଖିଲାରୀ ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟ ଆଇପିଏସ୍ ସଂଘର ସମ୍ପାଦକ ତଥା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ ଶୋକ ସଭାକୁ ପରିଚାଳନା କରିଥିଲେ ।

### ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରିକେଟ

## ପ୍ରାରମ୍ଭିକ ପର୍ଯ୍ୟାୟରେ ସୋଆ, କିଟ୍ ବିଜୟୀ

କଟକ ,୧୨।୧ (ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟ ଏବଂ ଆସୋସିଏସନ ଅଫ ଇଣ୍ଡିଆନ ୟୁନିଭର୍ସିଟି(ଏଆଇୟୁ)ର ମିଳିତ ଆନୁକୂଲ୍ୟରେ କଟକରେ ଆନ୍ତଃବିଶ୍ୱବିଦ୍ୟାଳୟ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଜାରି ରହିଛି । ରାଉଣ୍ଡରବିନ୍ ଲିଗ୍‌ରେ ଖେଳାଯାଉଥିବା ଟୁର୍ଣ୍ଣାମେଣ୍ଟର ପ୍ରାରମ୍ଭିକ ପର୍ଯ୍ୟାୟରେ ଆଜି ସୋଆ ଏବଂ କିଟ୍ ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି । ରେଭେନ୍ସା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ-୧ରେ ସୋଆ ଏବଂ ଭିଏସ୍‌ଏସୟୁଟି ମଧ୍ୟରେ ମୁକାବିଲା ହୋଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା ଭିଏସ୍‌ଏସୟୁଟି ୮୮ରନରେ ଅଲଆଉଟ ହୋଇଥିଲା । ଆଦିତ୍ୟ ରଞ୍ଜନ ରାୟଙ୍କ ଅପରାଜିତ ୬୨ରନ ସହାୟତାରେ ସୋଆ ୬ ୱିକେଟ ବଳକା ରଖି ବିଜୟୀ ହୋଇଥିଲା । ସେହିପରି ରେଭେନ୍ସା ଗ୍ରାଉଣ୍ଡ-୨ରେ କିଟ୍ ବୃହତ୍ତ ରନ ବ୍ୟବଧାନରେ ଏସ୍‌ଏମକେ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି । ଏମ ପ୍ରଶାନ୍ତଙ୍କ ଦ୍ରୁତ ୭୧ରନ ସହାୟତାରେ କିଟ୍ ୮ ୱିକେଟ ହରାଇ ୨୧୮ରନ କରିଥିଲା । ଜବାବରେ ଏସ୍‌ଏମକେ ଦଳ ୮୩ରନରେ ଅଲଆଉଟ ହୋଇଥିଲା । ଆଜି ଖେଳାଯାଇଥିବା ଅନ୍ୟ ମ୍ୟାଚ୍ ଗୁଡିକରେ ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟ ୬ ୱିକେଟରେ ସିଏସ୍‌ଭିଟିୟୁକୁ, ରାଞ୍ଚି ବିଶ୍ୱବିଦ୍ୟାଳୟ ୮୮ରନରେ ଆର୍ଯ୍ୟଭଟ୍ଟ ବିଶ୍ୱବିଦ୍ୟାଳୟକୁ, ତ୍ରିପୁରା ବିଶ୍ୱବିଦ୍ୟାଳୟ ୨୪ରନରେ ବିଦ୍ୟାସାଗର ବିଶ୍ୱବିଦ୍ୟାଳୟକୁ, ହେମଚାନ୍ଦ ଯାଦବ ବିଶ୍ୱବିଦ୍ୟାଳୟ ୯ ୱିକେଟରେ ସାରଳା ବିର୍ଲା ବିଶ୍ୱବିଦ୍ୟାଳୟକୁ, ବିଏଚ୍‌ୟୁ ୧୦ ୱିକେଟରେ ଆସାମ ବିଶ୍ୱବିଦ୍ୟାଳୟକୁ, ମଗଧ ବିଶ୍ୱବିଦ୍ୟାଳୟ ୧୨୮ରନରେ ଓପି ଜିନ୍ଦଲ ବିଶ୍ୱବିଦ୍ୟାଳୟକୁ, ମହାତ୍ମା ଗାନ୍ଧି କାଶୀ ବିଦ୍ୟାପୀଠ ୨୧ରନରେ ସହୀଦ ଏନ ପଟେଲ ବିଶ୍ୱବିଦ୍ୟାଳୟକୁ ହରାଇଛି ।

## ଗଙ୍ଗା ମନ୍ଦିର ସାହି କମିଟିର ନୂତନ କର୍ମକର୍ତ୍ତା



କଟକ,୧୨ ।୧(ସମିସ): ଗଙ୍ଗା ମନ୍ଦିର ସାହି କମିଟି ଗୃହରେ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସାହିର ନୂତନ କର୍ମକର୍ତ୍ତା ଚୟନ କରାଯିବା ସହିତ ସେମାନଙ୍କ ନାଁ ଘୋଷଣା କରାଯାଇଛି । ସଭାପତି ଭାବେ ଉମାଶଙ୍କର ଦାସ, କାର୍ଯ୍ୟକାରୀ ସଭାପତି ଭାବେ ରାଜକିଶୋର ମଙ୍ଗଲ୍, ସାଧାରଣ ସମ୍ପାଦକ ଭାବେ ପ୍ରଦୀପ ସିଂ, ଉପସଭାପତି ଭାବେ ମାନଗୋବିନ୍ଦ ପୃଷ୍ଟି, କାଳିପ୍ରସାଦ ଘୋଷ, ମନୋଜକାନ୍ତ ଘୋଷ, କିଶୋର ମହାନ୍ତି, ଲକ୍ଷ୍ମଣ ଦାସ ଏବଂ କମଳାନ୍ତ ମହାନ୍ତିଙ୍କୁ ଦାୟିତ୍ୱ ଦିଆଯାଇଛି । ସେହିପରି ସଂଗଠନ ସମ୍ପାଦକ ଭାବେ ସୁନୀଲ ମହାନ୍ତି, କୋଷାଧକ୍ଷ ଭାବେ ଅଜୟ କିଶୋର ହାତୀ, ଯୁଗ୍ମ କୋଷାଧକ୍ଷ ଭାବେ ଦେବରଞ୍ଜନ ସାହୁ, ଯୁଗ୍ମ ସମ୍ପାଦକ ଭାବେ ବିବେକାନନ୍ଦ ସାହୁ, ରୁଦ୍ରମୋହନ ମହାପାତ୍ର, ଭୀମସେନ ସାହୁ, ଦିଲ୍ଲୀପ ବାରିକ, ସରୋଜ ବେହେରା ଓ ନୀଲୁ ସେଠୀଙ୍କୁ ଦାୟିତ୍ୱ ଦିଆଯାଇଛି ।

### ଟାଙ୍ଗୀରେ ଅବକାରୀ ଚଢ଼ଉ

## ୨୯ ଲକ୍ଷର ବ୍ରାଉନସୁଗର ଜବତ



କଟକ/ଟାଙ୍ଗୀ,୧୨ ।୧(ସମିସ): ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ ନିଶା କାରବାର ସୂଚନା ପାଇ ଟାଙ୍ଗୀ ଅଞ୍ଚଳରେ ବଡ ଧରଣର ଚଢଉ କରିଛି । ସେଠାରୁ ୨ ଜଣ ପେସାଦାର ନିଶା ବେପାରୀଙ୍କୁ ମଧ୍ୟ ଗିରଫ କରାଯାଇଛି । ଅଭିଯୁକ୍ତ ଦ୍ୱୟ ହେଲେ ଯାଜପୁର ଜିଲ୍ଲା ବୈରୀ ଥାନା ସୋଲାର ଗାଁର ପ୍ରକାଶ କୁମାର ମହାପାତ୍ର (୪୭) ଓ ପର୍ଶୁରାମ ସାହୁ (୩୪) । ଏମାନଙ୍କ ପାଖରୁ ମୋଟ ୨୯୧ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଛି ।

ସୂଚନା ଅନୁସାରେ, ଆଜି ପୂର୍ବାହ୍ନରେ ଜାତୀୟ ରାଜପଥର ଟାଙ୍ଗୀ ଛକ ନିକଟରେ ପ୍ରକାଶ ନିଶାଦ୍ରବ୍ୟ ଧରି ବସ ଅପେକ୍ଷାରେ ଛିଡା ହୋଇଥିଲା । ଏହି ସୂଚନା ପାଇବାମାତ୍ରେ ଫ୍ଲାଇଂ ସ୍କ୍ୱାଡ ସେଠାରେ ଚଢଉ କରି ତାକୁ ଗିରଫ କରିଥିଲା । ସହଯୋଗୀ ପର୍ଶୁରାମ ମଧ୍ୟ ନିଶାଦ୍ରବ୍ୟ ଧରି ଆସିଥିବା ସମ୍ପର୍କରେ ପ୍ରକାଶ ପାଖରୁ ସୂଚନା ମିଳଥିଲା । ଏହାପରେ ଅବକାରୀ ଟିମ ନିକଟସ୍ଥ ଗୋବିନ୍ଦପୁର ଓଭରବ୍ରିଜ ନିକଟରେ ଚଢଉ କରିଥିଲା । ସେଠାରେ ଗ୍ରାହକ ଅପେକ୍ଷାରେ ଥିବା ପର୍ଶୁରାମକୁ ଗିରଫ କରାଯାଇଥିଲା । ଉଭୟଙ୍କ ପାଖରୁ ମୋଟ ୨୯୧ ଗ୍ରାମ ଓଜନର ବ୍ରାଉନ ସୁଗର ଜବତ କରାଯାଇଛି । ଯାହାର ବଜାର ମୂଲ୍ୟ ପ୍ରାୟ ୨୯ ଲକ୍ଷ ଟଙ୍କା ହେବ । ଉଭୟ ଜଳେଶ୍ୱର ଅଞ୍ଚଳରୁ ନିଶାଦ୍ରବ୍ୟ ଆଣି ଯାଜପୁର ସମେତ ଟାଙ୍ଗୀ, ଛତିଆ ଅଞ୍ଚଳରେ କାରବାର କରୁଥିବା ଜଣାପଡିଛି । ଏମିତିକି ସେମାନେ ବସ ଯୋଗେ ନିଶାଦ୍ରବ୍ୟ ଧରି ବିଭିନ୍ନ ସ୍ଥାନକୁ ଚାଲାଣ କରୁଥିବା ଜଣାପଡିଛି । ଉଭୟଙ୍କୁ କୋର୍ଟ ଚାଲାଣ ପରେ ଜେଲ ପଠାଇ ଦିଆଯାଇଛି ।










## ବିମାନ ଦୁର୍ଘଟଣାର ସ୍ଥିତି ଅନୁଧ୍ୟାନ କଲେ ପରିବହନ ମନ୍ତ୍ରୀ



**ରାଉରକେଲା, ୧୨।୧(ସମିସ):** ଶନିବାର ରାଉରକେଲା ଜଲଦା ସ୍ଥିତ ଗୁଡିଆଟୋଲି ଘଟିଥିବା ବିମାନ ଦୁର୍ଘଟଣାର ସ୍ଥିତି ଅନୁଧ୍ୟାନ କରିଛନ୍ତି ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୁଷଣ ଜେନା। ଦୁର୍ଘଟଣା ସ୍ଥଳ ପରିଦର୍ଶନ କରିବା ସହ ଜୟ ପ୍ରକାଶ ହସ୍ପିଟାଲରେ ଆହତଙ୍କ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥିସହ ଇଣ୍ଡିଆ ୱାନ୍ ଏୟାରର ପ୍ରମୋଟର ଶୈଶବ ଶାହା ମଧ୍ୟ ଆଜି ରାଉରକେଲା ଗସ୍ତରେ ଆସି ଜୟ ପ୍ରକାଶ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଆହତ ଦୁଇ ପାଇଲଟ ଓ ଦୁଇ ଯାତ୍ରୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅନୁଧ୍ୟାନ କରିଛନ୍ତି। ଆହତଙ୍କ ଚିକିତ୍ସା ଖର୍ଚ୍ଚ ଇଣ୍ଡିଆ ୱାନ ଏୟାର ବହନ କରିବ ବୋଲି ସୂଚନା ଦେଇଛନ୍ତି। ସେପଟେ ବିମାନର ବ୍ଲାକ ବକ୍ସକୁ ଉଦ୍ଧାର କରାଯାଇଥିବା ବେଳେ ରାଉରକେଲା ବିମାନ ବନ୍ଦରର ଏଟିସି ରେକର୍ଡ ମଧ୍ୟ ତଦନ୍ତକାରୀ ଏଏଆଇବି(ଏୟାରକ୍ରାଫ୍ଟ ଦୁର୍ଘଟଣା ତଦନ୍ତ ବ୍ୟୁରୋ) ଏୟାର ସେଫଟି ଟିମ ଏବଂ ଡିଜିସିଏ ଟିମ୍ ସଂଗ୍ରହ କରିଥିବା ସୂଚନା ମିଳିଛି। ମନ୍ତ୍ରୀ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିବା ସ୍ଥାନୀୟ ଗ୍ରାମବାସୀଙ୍କୁ ସାକ୍ଷାତ କରି ଧନ୍ୟବାଦ ଜଣାଇଛନ୍ତି। ରାଉରକେଲା ବିମାନ ବନ୍ଦରରୁ ୭୨ ସିଟର ବିମାନ ଚଳାଚଳ ବନ୍ଦ କରାଯାଇ ୯ ସିଟର ବିମାନ ଚଳାଚଳ ଆରମ୍ଭ ହୋଇଥିବା ବେଳେ ବିମାନ ଦୁର୍ଘଟଣା ଗ୍ରସ୍ତ ହେବା ପରେ ପୁଣି କିପରି ବିମାନ ଚଳାଚଳ ଆରମ୍ଭ ହେବ ସେନେଇ ପଦକ୍ଷେପ ନିଆଯାଉଥିବା ମନ୍ତ୍ରୀ ସୂଚାଇଛନ୍ତି। ରାଉରକେଲାରୁ ବିମାନ ଚଳାଚଳ ଜାରି ରହିବ ବୋଲି ଇଣ୍ଡିଆ ୱାନ ଏୟାରର ପ୍ରମୋଟର ଶୈଶବ ଶାହା ସୂଚାଛନ୍ତି।

# ୭ ଅନ୍ତର୍ଜାତୀୟ ସାଇବର ଠକ ଗିରଫ

**ରାଉରକେଲା, ୧୨।୧(ସମିସ):** କିଛି ବ୍ୟାଙ୍କ ଅଧିକାରୀଙ୍କ ସହ ମିଶି ରାଉରକେଲା ସମେତ ଦେଶର ବିଭିନ୍ନ ରାଜ୍ୟରେ ସାଇବର ଅପରାଧର ଜାଲ ବିଛାଇଥିବା ଏକ ସଂଗଠିତ ୭ ଜଣିଆ ଅପରାଧୀ ସିଣ୍ଡିକେଟ୍‌କୁ ରାଉରକେଲା ପୁଲିସ ଠାବ କରିଛି। ଏହି ଘଟଣାରେ ୭ ଜଣଙ୍କୁ ରାଉରକେଲା ସାଇବର ଥାନା ପୁଲିସ ଗିରଫ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ଘରୋଇ ବ୍ୟାଙ୍କ କର୍ମଚାରୀ ରହିଥିବା ସୂଚନା ମିଳିଛି। ବିଭିନ୍ନ ବ୍ୟାଙ୍କରେ ଶତାଧିକ ସଂଖ୍ୟାରେ ଆକାଉଣ୍ଟ୍ ଖୋଲି ଅନଲାଇନ ଗେମ ଜରିଆରେ ଲକ୍ଷ ଲକ୍ଷ ଟଙ୍କା ଠକେଇ କରିଥିଲେ ସେମାନେ। ଗିରଫ ଅଭିଯୁକ୍ତମାନେ ହେଲେ ରାଉରକେଲା ପାନପୋଷ ପୋଷ୍ଟ ଅଫିସ ଗଳିର ବସ୍ତିର ପଳାଶ ଘୋଷ, ଆର୍ଯ୍ୟନ ମହାନନ୍ଦିଆ ଓରଫ ଥାପା, ଆନନ୍ଦ ଭବନ ଲେନର ୱାକର ଖାନ୍, ସେକ୍ଟର-୬ଇ ବ୍ଲକର ବିକ୍ରମ ସିଂହ, ପ୍ଲାଣ୍ଟସାଇଟ୍ ମେନରୋଡର ଆୟନ୍ ହ୍ୟୁସେନ, ବିଶ୍ରା ରୋଡ ଟ୍ରାଫିକ ଗେଟର ଆକାଶ ଶର୍ମା ଓ ଛେଣ୍ଡ କଲୋନୀର ବିପିନ କୁମାର ସାଁ। ଗିରଫ ଅଭିଯୁକ୍ତଙ୍କ ନିକଟରୁ ୪ଟି ଲାପଟପ୍, ୫୦ଟି ଏଟିଏମ କାର୍ଡ, ବିଭିନ୍ନ ବ୍ୟାଙ୍କର ୮୦ଟି ପାସବୁକ, ୧୦ଟି ଫେକ୍ ଆଧାର କାର୍ଡ, ୨୦ଟି ଫେକ୍ ପାନ୍ କାର୍ଡ, ୧୫ଟି ଚେକ୍ ବୁକ୍, ୨୫ଟି ମୋବାଇଲ ଫୋନ ଓ ବିପୁଳ ପରିମାଣର ବିଭିନ୍ନ ଡକ୍ୟୁମେଣ୍ଟ ଜବତ କରାଯାଇଛି। ଗିରଫ ବିପିନ କୁମାର ସାଁ ୟୁନିୟନ ବ୍ୟାଙ୍କ କର୍ମଚାରୀ ବୋଲି ଜଣାପଡ଼ିଛି। ଗିରଫ ସାଇବର ଠକମାନେ ଦେଶର ବିଭିନ୍ନ ସ୍ଥାନରେ ବ୍ୟାଙ୍କ ଆକାଉଣ୍ଟ୍ ଖୋଲିବା ପରେ ପାସବୁକ, ଏଟିଏମ୍ କାର୍ଡ ଓ ମୋବାଇଲ ସିମ୍‌କାର୍ଡ ନିଜ ପାଖରେ ରଖି ସାଇବର ଠକେଇ କରୁଥିଲେ ବୋଲି ଜଣାପଡ଼ିଛି। ବେକାର ଯୁବକ, ଗ୍ରାମାଞ୍ଚଳର ନିରୀହ ଲୋକ ବୃଦ୍ଧବୃଦ୍ଧାଙ୍କ ପାନ କାର୍ଡ, ଆଧାର କାର୍ଡ ଏବଂ ଫଟୋ ଯୋଗାଡ କରି ସେମାନଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ୍ ଖୋଲି ଠକେଇ କରୁଥିଲେ। ତେବେ ବ୍ୟାଙ୍କରେ ଜାଲ କେୱାଇସି ଦେଇ ଆକାଉଣ୍ଟକୁ ସକ୍ରିୟ ରଖୁଥିଲେ। ତେବେ ଏହି ଜାଲ କାର୍ଯ୍ୟରେ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀଙ୍କ ସିଧାସଳଖ ସମ୍ପୃକ୍ତି ରହୁଥିଲେ। ଗିରଫ ସାଇବର ଠକମାନେ ଓଡ଼ିଶା, ବିହାର, ଝାଡ଼ଖଣ୍ଡ, ରାୟପୁର, ଛତିଶଗଡ଼, କୋଲକାତା ସହିତ ଦେଶର ବିଭିନ୍ନ ସ୍ଥାନରେ ଠକେଇ ଘଟଣାରେ ସମ୍ପୃକ୍ତ ଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ଦୁଇ ମାସରେ ୧୦୦୦ରୁ ଅଧିକ ବ୍ୟାଙ୍କ ଆକାଉଣ୍ଟ୍ ଖୋଲି ସାଇବର ଠକେଇ କରିଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ଆଜି ରାତିରେ ରାଉରକେଲା ପୁଲିସ ଜିଲ୍ଲା ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ସୂଚନା ଦେଇଛନ୍ତି। ବ୍ୟାଙ୍କ କର୍ମଚାରୀଙ୍କ ସମ୍ପୃକ୍ତି ଥାଇ ଏହା ହେଉଛି ତୃତୀୟ ସାଇବର ଅପରାଧ। ଅସାଧୁ ଘରୋଇ ବ୍ୟାଙ୍କ କର୍ମଚାରୀମାନେ ବିଭିନ୍ନ ସହରର ନିରୀହ ଯୁବକଙ୍କୁ ଟାର୍ଗେଟ କରି ବିଭିନ୍ନ ପ୍ରଲୋଭନ ମାଧ୍ୟମରେ ସେମାନଙ୍କ ଆଧାର, ପାନ୍, ପରିଚୟ ପତ୍ର ହାତେଇବା ପରେ ସେମାନଙ୍କ ନାମରେ ଉକ୍ତ ଘରୋଇ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ସାଇବର ଅପରାଧୀମାନଙ୍କୁ ଏହି ଆକାଉଣ୍ଟଗୁଡ଼ିକୁ ପ୍ରତି ଆକାଉଣ୍ଟ ପିଛା ୫ ରୁ ୧୦ ହଜାର ଟଙ୍କାରେ ଭଡାରେ ଦେଉଥିଲେ କିମ୍ବା ବିକ୍ରି କରି ଦେଉଥିଲେ। ଏହାପରେ ସାଇବର ଅପରାଧିମାନେ ଏହି ଆକାଉଣ୍ଟଗୁଡ଼ିକୁ ସାଇବର ଅପରାଧରେ ନିର୍ବିଘ୍ନରେ ବ୍ୟବହାର କରୁଥିଲେ। ସାଇବର ଠକେଇର ଶିକାର ହେଉଥିବା ବ୍ୟକ୍ତିଙ୍କ ସହ ଏହି ଆକାଉଣ୍ଟରେ ଓଟିପି ଦିଆନିଆ, ମନି ଟ୍ରାଞ୍ଜାକ୍ସନ ଆଦି କରୁଥିଲେ। ଏପରିକି ସାଇବର ଅପରାଧରୁ ଉପାର୍ଜିତ ସମସ୍ତ ଅର୍ଥକୁ ଏହି ଆକାଉଣ୍ଟଗୁଡ଼ିକରେ ଜମା କରି ପୁନର୍ବାର ତାକୁ ଉଠାଇ ନେଉଥିଲେ। ଏହାସହ କେୱାଇସି ଦରକାର ପଡ଼ିଲେ ଉପରୋକ୍ତ ବ୍ୟାଙ୍କ କର୍ମଚାରୀ ଏହାକୁ ବିନା ଯାଞ୍ଚରେ କେୱାଇସି କରି ଦେଉଥିଲେ। ଯାହା ଫଳରେ ଅର୍ଥ ଟ୍ରାଞ୍ଜାକ୍ସନ କରିବାରେ କୌଣସି ଅସୁବିଧା ହେଉନଥିଲା। ଫଳରେ ସେମାନେ ନିର୍ବିଘ୍ନରେ ଗୋଟିଏ ପରେ ଗୋଟିଏ ସାଇବର ଅପରାଧ କରି ଲକ୍ଷ ଲକ୍ଷ ଟଙ୍କା ଉପାର୍ଜନ କରୁଥିଲେ। ତେବେ ସେମାନେ ୨୦୦ରୁ ଅଧିକ ସାଇବର ଅପରାଧରେ ସମ୍ପୃକ୍ତ ରହିବା ସହ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଏସ୍‌ପି ଶ୍ରୀ ୱାଧୱାନୀ କହିଛନ୍ତି। ଏହି ଅବସରରେ ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର, ଅତିରିକ୍ତ ଏସ୍‌ପି ଶ୍ରାବଣୀ ନାୟକ ଉପସ୍ଥିତ ଥିଲେ। ଅତିରିକ୍ତ ଏସ୍‌ପି ଶ୍ରାବଣୀ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରଘୁନାଥପାଲି, ପ୍ଲାଣ୍ଟସାଇଟ୍, ବ୍ରାହ୍ମଣୀ ତରଙ୍ଗ ଏବଂ ସେକ୍ଟର-୭ ଥାନା ପୁଲିସ ଏହି ବଡଧରଣର ସାଇବର ଅପରାଧର ତଦନ୍ତ କରିଥିବା ଜଣାପଡ଼ିଛି।



**ଲୋକଙ୍କ ନାମରେ ଆକାଉଣ୍ଟ ଖୋଲି କରୁଥିଲେ ଠକେଇ**

**୨ ମାସରେ ଖୋଲିଛନ୍ତି ୧୦୦୦ରୁ ଅଧିକ ଫେକ୍ ଆକାଉଣ୍ଟ**

## ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ସୁରେନ୍ଦ୍ରଙ୍କୁ ରୌପ୍ୟ

**ରାଉଲକେଲା, ୧୨।୧(ସମିସ):** ଭୁବନେଶ୍ୱରରେ ଆୟୋଜିତ ପୂର୍ବାଞ୍ଚଳ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ରାଉରକେଲାର ସୁରେନ୍ଦ୍ର ବେହେରା ରୌପ୍ୟ ପଦକ ହାସଲ କରିଛନ୍ତି। ରାଉଲକେଲା ସାରନଗରୀରେ ରହୁଥିବା ସୁରେନ୍ଦ୍ର ବେହେରା(୨୬) ୭୫ କିଲୋଗ୍ରାମରୁ କମ୍ ବର୍ଗରେ ରାଉରକେଲା ପାଇଁ ରୌପ୍ୟ ପଦକ ଜିତି ସହର ପାଇଁ ଗୌରବ ଆଣିଛନ୍ତି। ଆୟୋଜିତ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ନିଜ ବର୍ଗର ପ୍ରାୟ ୧୭ ପ୍ରତିଯୋଗୀଙ୍କୁ ନିଜର ସ୍ୱାସ୍ଥ୍ୟର ଚମକ ଓ ସୁନ୍ଦର ସ୍ୱାସ୍ଥ୍ୟର କୌଶଳରେ ଅଫିସିଆଲଙ୍କ ମନ ଜିଣି ରୌପ୍ୟ ଜିତିବାରେ ସକ୍ଷମ ହୋଇଛନ୍ତି। ପ୍ରାୟ ପୂର୍ବାଞ୍ଚଳର ୧୨ଟି ରାଜ୍ୟରୁ ୨୦୦ ପୁରୁଷ ଓ ମହିଳା ଏହି ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ପ୍ରତିଯୋଗିତା ଚଳିତ ୧୦ ଓ ୧୧ ଦୁଇ ଦିନ ଧରି ଭୁବନେଶ୍ୱରରେ ଆୟୋଜିତ ହୋଇଥିଲା। ସୁରେନ୍ଦ୍ରଙ୍କୁ ନିୟମିତ ପ୍ରଶିକ୍ଷଣ ଦେଉଥିବା କୋଚ୍ ବିଜୟ ବଡାଇକ ତାଙ୍କର ଏହି ସଫଳତାକୁ ନେଇ ଖୁସିବ୍ୟକ୍ତ କରିଛନ୍ତି। ଆସନ୍ତା ଫେବୃୟାରୀ ୧୩ ଓ ୧୪ରେ ଅନୁଷ୍ଠିତ ହେବାକୁ ଥିବା ଫେଡ୍ରେଶନ କପ୍‌ରେ ଭାଗ ନେଇ ସୁରେନ୍ଦ୍ର ସଫଳତା ହାସଲ କରିବେ ବୋଲି କୋଚ୍ ଆଶାବାଦୀ ଅଛନ୍ତି। ସୁନ୍ଦରଗଡ଼ ଜିଲ୍ଲା ବଡି ବିଲ୍ଡିଂ ସଂଘର ସମସ୍ତ କର୍ମକର୍ତ୍ତା ସୁରେନ୍ଦ୍ରଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ତାଙ୍କ ସଫଳତା କାମନା କରିଛନ୍ତି।



## ଯୁପିଆଇ ଠକେଇ ଭିଡିଓ ଭାଇରାଲ

**ରାଉରକେଲା, ୧୨।୧(ସମିସ):** ଦୋକାନରୁ ସାମଗ୍ରୀ କ୍ରୟ କରି ୟୁପିଆଇ ଯୋଗେ ଟଙ୍କା ଜମା କରିଥିଲେ ମଧ୍ୟ ଏହା ଦୋକାନୀଙ୍କ ଆକାଉଣ୍ଟକୁ କ୍ରେଡିଟ୍ ହୋଇନଥିଲା। ଯାହାକି ଆକାଉଣ୍ଟ ଚେକ୍ କରିବା ପରେ ଦୋକାନୀ ଏହା ଜାଣିବାକୁ ପାଇଥିଲେ। ତେବେ ୟୁପିଆଇ ଠକେଇ ଘଟଣାର ସିସିଟିଭି ଫୁଟେଜ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଭିଡିଓ ମୁତାବକ, ସହରର ମୁଖ୍ୟ ରାସ୍ତାରେ ଥିବା ଏକ କପଡ଼ା ଦୋକାନକୁ ଗତ ୫ ତାରିଖରେ ଜଣେ ମହିଳା ଓ ପୁରୁଷ ଯାଇଥିଲେ। ସେଠାରେ କିଛି କପଡ଼ା କ୍ରୟ କରିଥିଲେ। ପରେ କ୍ୟୁଆର କୋର୍ଡ ବା ଅନଲାଇନ୍ ପେମେଣ୍ଟ କରିଥିଲେ। ପେମେଣ୍ଟ ସମ୍ବନ୍ଧୀୟ ମେସେଜ ମଧ୍ୟ ଦେଖାଇଥିଲେ। ଦୋକାନୀ ମେସେଜ ଦେଖି ଭରସା କରିଥିଲେ। ପରେ ଆକାଉଣ୍ଟ ଚେକ୍ କରିବାରୁ ଟଙ୍କା ଆସିନଥିବା ଜାଣିପାରି ଥିଲେ। ଘଟଣାର ସିସିଟିଭି ଫୁଟେଜ ଉଦ୍ଧାର କରି ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏହାସହ ସମ୍ପୃକ୍ତ ମହିଳା ଓ ପୁରୁଷଙ୍କୁ ଦୋକାନକୁ ଆସି କପଡ଼ାର ପେମେଣ୍ଟ ବା ଟଙ୍କା ଦେବାକୁ ଅନୁରୋଧ କରିଛନ୍ତି। ନଚେତ୍ ଦୋକାନୀ ପୁଲିସ ନିକଟରେ ଅଭିଯୋଗ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ସ୍କୁଟିକୁ ଧକ୍କା ଦେଲା ଏଟିଏମ୍ ଭ୍ୟାନ୍

**ରାଉରକେଲା, ୧୨।୧(ସମିସ):** ରାଉରକେଲା ରିଂ ରୋଡଠାରେ ଏକ ସ୍କୁଟିକୁ ଏଟିଏମ୍ ଭ୍ୟାନ ଧକ୍କା ଦେବା ଫଳରେ ସ୍କୁଟି ଚାଳକ ଆହତ ହୋଇଥିବାବେଳେ ଉଭୟ ଗାଡ଼ିର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ସେକ୍ଟର -୮ ସ୍ଥିତ ଜୁବୁଲି ପାର୍କ ନିକଟରେ ସୋମବାର ଅପରାହ୍ନରେ ଏହି ଦୁର୍ଘଟଣା ଘଟିଥିଲା। ସୂଚନା ମୁତାବକ, ଛେଣ୍ଡ ପଟୁ ସେକ୍ଟର ଆଡ଼କୁ ଉଭୟ ଗାଡ଼ି ଯାଉଥିଲା। ହଠାତ୍ ଦୁର୍ଘଟଣା ହୋଇଥିଲା। ସ୍କୁଟିକୁ ବଞ୍ଚାଇବାକୁ ଯାଇ ଏହି ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଘଟଣା ସ୍ଥଳରେ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ପରିସ୍ଥିତି ବିଗିଡିବା ପୂର୍ବରୁ ସ୍ଥାନୀୟ ପୁଲିସ ପହଞ୍ଚି ଯାଇଥିଲା। ଦ୍ରୁତ ଗତିରେ ଗାଡି ଚାଳନା ଯୋଗୁଁ ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି।

## ଅଚିହ୍ନା ଯୁବକଙ୍କ ଶବ ଉଦ୍ଧାର

**ଲହୁଣିପଡ଼ା, ୧୨।୧(ସମିସ):** ଲହୁଣିପଡ଼ା ଥାନା ଶଙ୍ଖପୋଷ ପଞ୍ଚାୟତ ରେଙ୍ଗାଲା ବେଡା ଗ୍ରାମ ନାଳ କଡ଼ରୁ ଜଣେ ଅଚିହ୍ନା ଯୁବକଙ୍କ ଶବ ଉଦ୍ଧାର ହୋଇଛି। ମିଳିଥିବା ସୂଚନା ମୁତାବକ ଲହୁଣିପଡ଼ା ଥାନା ରେଙ୍ଗାଲାବେଡା ଗ୍ରାମରେ ଜଣେ ଯୁବକ ଏଣେ ତେଣେ ବୁଲୁଥିବା ବେଳେ ଆଜି ସକାଳେ ତାର ମୃତ ଦେହ ନାଳ ପାଣି ଉପରେ ଭାସୁଥିବା ଗ୍ରାମବାସୀ ଦେଖି ସ୍ଥାନୀୟ ଲହୁଣିପଡ଼ା ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ବଣାଇଁ ସ୍ଥିତ ଶବ ସଂରକ୍ଷିତ ଗୃହରେ ରଖିଥିବା ଜଣାପଡ଼ିଛି। ପୁଲିସ ଏକ ମାମଲା(୩୧୨/୨୬) ରେ ଏକ ମାମଲା ରୁଜୁ କରିଥିବା ବେଳେ ଖବର ଲେଖାଯିବା ପର୍ଯ୍ୟନ୍ତ ଯୁବକଙ୍କ ପରିଚୟ ମିଳିନଥିବା ଜଣାପଡ଼ିଛି। ମଙ୍ଗଳବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି।

## ସେକ୍ଟର-୬ ଗ୍ୟାରେଜ୍ ଘରୋଇକରଣକୁ ବିଧାୟକଙ୍କ ବିରୋଧ

**ରାଉରକେଲା, ୧୨।୧(ସମିସ):** ରାଉରକେଲା ଇସ୍ପାତ କାରଖାନା ସ୍ଥାପନା ସମୟରେ ପ୍ଲାଣ୍ଟରେ କାର୍ଯ୍ୟରତ ଶ୍ରମିକମାନେ କାରଖାନାକୁ ଯିବା ଆସିବା ପାଇଁ ଆର୍‌ଏସ୍‌ପି ପକ୍ଷରୁ ଅନେକ ଯାତ୍ରୀବାହୀ ବସ୍ ଯୋଗାଇ ଦିଆଯାଇଥିଲା। ବସ୍‌ଗୁଡିକର ରକ୍ଷଣାବେକ୍ଷଣ ପାଇଁ ଆର୍‌ଏସ୍‌ପି ପକ୍ଷରୁ ଇସ୍ପାତ ସହରାଞ୍ଚଳରେ ଥିବା ସେକ୍ଟର-୬ ରେ ଏକ ଗ୍ୟାରେଜ ସ୍ଥାପନା କରାଯାଇଥିଲା। ପରେ ଆରଏସପି କର୍ତ୍ତୃପକ୍ଷ ପ୍ରତ୍ୟାହାର କରିଦେଇଥିଲେ। ଫଳରେ ଗ୍ୟାରେଜ ପରିସରଟି ଦୀର୍ଘ ଦିନ ଧରି ପରିତ୍ୟକ୍ତ ଅବସ୍ଥାରେ ରହିଥିଲା। ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ଇସ୍ପାତ ସହରାଞ୍ଚଳର ସେକ୍ଟର-୭/୧୭ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସ୍ଥାପନା କରାଯାଇଥିବା ସ୍ଥଳ ନିକଟରେ ଡ଼ଃ ଆମ୍ବେଦକରଙ୍କ ନାମରେ ଏକ ଅଡିଟୋରିୟମ ନିର୍ମାଣ କରିବା ସହିତ ସହରରେ ଖାଲିପଡ଼ିଥିବା ଅନ୍ୟ କୌଣସି ଏକ ସ୍ଥାନରେ ସର୍ବସାଧାରଣଙ୍କ ବ୍ୟବହାର ନିମିତ୍ତ ଏକ ସୋସିଆଲ ହୋମ ନିର୍ମାଣ କରିବା ପାଇଁ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କୁ ଲିଖିତ ଆକାରରେ ଅନୁରୋଧ କରିଥିଲେ। ବିଧାୟକଙ୍କ ଏହି ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ଆର୍‌ଏସ୍‌ପି କର୍ତ୍ତୃପକ୍ଷ ସେକ୍ଟର-୬ରେ ଥିବା ବସ୍ ଗ୍ୟାରେଜକୁ କୌଣସି ଏକ ଘରୋଇ ସଂସ୍ଥାକୁ ଭଡାରେ ଦେଇଥିବା ଜଣାପଡ଼ିଛି। ବିଧାୟକ ଶ୍ରୀ ତନ୍ତୀ ଆରଏସପିର ଏପରି ନୀତିକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ନିଜ ନିଷ୍ପତ୍ତିକୁ ପ୍ରତ୍ୟାହାର କରି ସେକ୍ଟର-୬ ସ୍ଥିତ ବସ ଗ୍ୟାରେଜ ପରିସରରେ ସହିଦ ବିର୍ସା ମୁଣ୍ଡା କିମ୍ବା ଡ଼ଃ ଆମ୍ବେଦକରଙ୍କ ନାମରେ ଏକ ଅଡିଟୋରିୟମ ଏବଂ ଇସ୍ପାତ ସହରାଞ୍ଚଳବାସୀଙ୍କ ପାଇଁ ଏକ ବଡ ସୋସିଆଲ ହୋମ ନିର୍ମାଣ କରିବା ପାଇଁ ବିଧାୟକ ଶ୍ରୀ ତନ୍ତୀ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ଉର୍ଦ୍ଦେଶକଙ୍କୁ ପତ୍ର ଲେଖିଛନ୍ତି। ଏକଦା କାରଖାନା କରିବା ଏବଂ ନିଜ କର୍ମଚାରୀଙ୍କ ନିମନ୍ତେ ବାସଗୃହ ନିର୍ମାଣ କରିବା ନାମରେ ରାଜ୍ୟ ସରକାରଙ୍କ ଠାରୁ ଦୀର୍ଘ ମିଆଦୀ ଲିଜ ଆକାରରେ ଜମି ନେଇଥିବା କାରଖାନା କର୍ତ୍ତୃପକ୍ଷ ତୃତୀୟ ପକ୍ଷଙ୍କୁ ସବଲିଜରେ ପୁନଃ ରାଜ୍ୟ ସରକାରଙ୍କ ଠାରୁ ନେଇଥିବା ଜମିକୁ ଦେବା ଘଟଣାକୁ ମଧ୍ୟ ବିଧାୟକ ଶ୍ରୀ ତନ୍ତୀ ନାପସନ୍ଦ କରିଛନ୍ତି। କାରଖାନା କର୍ତ୍ତୃପକ୍ଷଙ୍କ ଏପରି କାର୍ଯ୍ୟର ସମୀକ୍ଷା କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଧାୟକ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ମଧ୍ୟ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡ଼ିଛି।

**ଅଡିଟୋରିୟମ, ସୋସିଆଲ ହୋମ ନିର୍ମାଣ ପାଇଁ ପ୍ରସ୍ତାବ**

## କୁତ୍ରା ଅଞ୍ଚଳରେ ହାତୀ ଉପଦ୍ରବ: ଘର ଭାଙ୍ଗି ଖାଇଲା ଧାନ

**କୁତ୍ରା, ୧୨।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ବନଖଣ୍ଡର କୁତ୍ରା ବ୍ଲକର ବିଭିନ୍ନ ସ୍ଥାନରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ଶନିବାର ରାତିରେ ଗୋଠଛଡା ହାତୀ ନୂଆଁଗା ଭିତରକୁ ପଶି ୬ଟି ଘର ଭାଙ୍ଗି ଚାଉଳ ଖାଇଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ଉକ୍ତ ହାତୀଟି ଗାଁର ସମରା, ମାଳତୀ ସିଂ, ସୁର୍ଜଲିଆ, ଲୁକାସ ମିଞ୍ଜ, ମିଲନ ବୁଡ଼ ପ୍ରମୁଖଙ୍କ ଘର ଭାଙ୍ଗି ଚାଉଳ ଖାଇଥିଲା। ଠିକ ସେହିପରି ରବିବାର ରାତିରେ ଭୋଗରା ଗ୍ରାମ ଦୁବରାଜ ସିଂଙ୍କ ଘର ଭାଙ୍ଗି ଗୋଠଛଡା ହାତୀଟି ଧାନ ଖାଇଥିବା ଜଣାପଡ଼ିଛି। ଘରେ ସେହି ସମୟରେ କେହି ନଥିବାରୁ ହାତୀ ଆକ୍ରମଣରୁ ବର୍ତ୍ତି ଯାଇଛନ୍ତି। ଅଞ୍ଚଳରେ ରାତିସାରା ହାତୀ ଉପଦ୍ରବ କରୁଥିବାରୁ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଦୀର୍ଘଦିନ ହେବ ହାତୀଟି ଅଞ୍ଚଳରେ ଆତଙ୍କ ଖେଳାଇଛି। ବନବିଭାଗ ପକ୍ଷରୁ ଶୀଘ୍ର ପଦକ୍ଷେପ ନେଇ ହାତୀକୁ ନିୟନ୍ତ୍ରଣ କରିବା ସହିତ କ୍ଷତିଗ୍ରସ୍ତ ପରିବାରକୁ କ୍ଷତିପୂରଣ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

**କୋଇଡା, ୧୨।୧(ସମିସ):** ଗତକାଲି ମଧ୍ୟରାତ୍ରିରେ କୋଇଡା ଥାନାରୁ ୫୦୦ ମିଟର ଦୂରରେ ଥିବା ଓଏମ୍‌ଏମ୍ ଛକ ନିକଟରେ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ କୋଇଡା ଅଞ୍ଚଳର ବବଲୁ ସିଂ। ସେ ରାତ୍ରିରେ ନିଜ ଟ୍ରକ୍ କାମ ସାରି ବାଇକ୍ (ଓଆର୦୯ଏମ୭୫୨୪) ଯୋଗେ ଘରକୁ ଫେରୁଥିବା ବେଳେ କୋଇଡା ଛକ ପଟୁ ଏକ ଟ୍ରକ୍ (ଓଡି୦୯ଜି୩୩୨୮) ଆସି ବାଇକ୍‌କୁ ଧକ୍କା ଦେଇ ବହୁଦୂର ଘୋଷାଡି ନେଇ ଫେରାର୍ ମାରିଥିଲା। ଫଳରେ ବବଲୁ ସିଂଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବ ଚିହ୍ନଟ କରିବା ସହ ଟ୍ରକ୍‌କୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଆଜି ବବଲୁ ସିଂଙ୍କ ଶବ ବ୍ୟବଚ୍ଛେଦ ହେବା ସହ ପରିବାରଙ୍କୁ ହସ୍ତାନ୍ତର କରାଯାଇଥିଲା।

## ରାଉରକେଲା ଷ୍ଟିଲ୍ ମଜଦୂର ୟୁନିଅନ୍‌ର ଗଣବିକ୍ଷୋଭ




**ରାଉରକେଲା, ୧୨।୧(ସମିସ):** ରାଉରକେଲା ଷ୍ଟିଲ ମଜଦୂର ୟୁନିଅନ୍ ପକ୍ଷରୁ ସ୍ଥାନୀୟ ବିଶ୍ରା ଛକଠାରେ ଶତାଧିକ କର୍ମଚାରୀଙ୍କୁ ନେଇ ଇସ୍ପାତ୍ ଶ୍ରମିକଙ୍କ ୫ ଦଫା ଦାବି ନେଇ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଉରକେଲା ଷ୍ଟିଲ ମଜଦୂର ୟୁନିୟନର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ଆୟୋଜିତ ଏହି ବିକ୍ଷୋଭରେ ଉପ ସଭାପତି କୈଳାଶ ଚନ୍ଦ୍ର ନାୟକ, କାର୍ଯ୍ୟକାରୀ ସଭାପତି ପ୍ରଦୋଷ କୁମାର ମହାନ୍ତି, ସହ ସମ୍ପାଦକ ସବ୍ୟସାଚୀ ନାୟକ, ଉପଦେଷ୍ଟା ସଦାନନ୍ଦ ସାହୁ, ଅର୍ଜୁନ ଭୋଇ ପ୍ରମୁଖ ପାଞ୍ଚ ଦଫା ଦାବି ଉପରେ ବକ୍ତବ୍ୟ ରଖିଥିଲେ। ଇସ୍ପାତ କର୍ମଚାରୀଙ୍କର ୩୯ ମାସର ବକେୟା ତୁରନ୍ତ ପ୍ରଦାନ କରିବା, ଏନଜେସିଏସ ଚୁକ୍ତି ସମ୍ପନ୍ନ କରିବା, ଅବସର ପରେ ଯିଏ ଯେଉଁ ଘରେ ରହୁଛନ୍ତି ସେହି ଘରକୁ ଏକ ନିର୍ଦ୍ଦିଷ୍ଟ ରାଶି ଜମା ରଖି ପ୍ରଦାନ କରିବା, ସେଲ ଓ ଆରଏସପିର ଘରୋଇ କାରଣ ବନ୍ଦ କରିବା, ଠିକା ଶ୍ରମିକଙ୍କୁ କେନ୍ଦ୍ରୀୟ ହାତରେ ମଜୁରୀ ପ୍ରଦାନ କରିବା ପାଇଁ ଦାବି କରିବା ସହ ସରକାରଙ୍କ ଶ୍ରମିକ ମାରଣ ନୀତି ଏବଂ ଶ୍ରମ ଆଇନ ପରିବର୍ତ୍ତନ କରି ଯେଉଁ ଶ୍ରମ କୋଡ ପ୍ରଚଳନ କରାଯାଇଛି ତାହା ଶ୍ରମିକଙ୍କ ହିତ ପାଇଁ ନୁହେଁ ତାହା ପୁଞ୍ଜିପତି ମାନଙ୍କ ପାଇଁ ବୋଲି ବକ୍ତାମାନେ କହିଥିଲେ। ସମସ୍ତ ଶ୍ରମିକ ସଂଗଠନ ଏକଜୁଟ ହୋଇ ଲଢେଇ କରିବାକୁ ଆହ୍ୱାନ କରାଯାଇଥିଲା। ଏଆଇଟିୟୁସି ସହବନ୍ଧିତ ରାଉରକେଲା ଷ୍ଟିଲ ମଜଦୂର ୟୁନିୟନ୍ ଶ୍ରମିକଙ୍କ ହକ ପାଇଁ ଲଢେଇ ଜୋରଦାର କରିବ ବୋଲି ଚେତାବନୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁପମ ଦତ୍ତ, ଦଶରୁ କିସାନ, ପଦ୍ମା ସୋରେନ, ଅଜୟ ଦ୍ୱାରା, ବାବନ୍ ରାୟ, ବିନୋଦ ବାଗ, ଗୋବିନ୍ଦ କୁଜୁର ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ।


୭ମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



✓ ଗୋବିନ୍ଦ ଚନ୍ଦ୍ର ନାୟକ

କଶବା, ସୋର, ବାଲେଶ୍ୱର

ଆବିର୍ଭାବ: ୧୧.୦୪.୧୯୩୯

ତିରୋଧାନ: ୧୩.୦୧.୨୦୧୯

ବାପା ତୁମେ ଆମ ସୃଷ୍ଟିକର୍ତ୍ତା,
ତୁମେ ମହାନ ଅବିନଶ୍ୱର,
ତୁମେ ଚିର ସ୍ମରଣୀୟ,
ତୁମେ ପ୍ରାତଃ ବନ୍ଦନୀୟ,
ତୁମେ ଶାନ୍ତ ସରଳ, ଚିର ଅନନ୍ତ,
ଦୂରେ ଯାଇନାହଁ ଆମ ଠାରୁ କେବେ,
ବିରାଜିଛ ସଦା ଆମ ହୃଦୟରେ

ବାପା ଚାଁହୁ ଚାଁହୁ ସାତ ବର୍ଷ ବିତିଗଲା, ଭୁଲି ପାରୁନୁ ତୁମକୁ,
ଇତି ମଧ୍ୟରେ ଦୁଇ ମାସ ତଳେ ବଉ ବି ଆମକୁ ଶୋକ ସାଗର ରେ ଭସାଇ ଦେଇ ଚାଲିଗଲା।
ଆଜିର ଏହି ପୁଣ୍ୟ ତିଥିରେ,
ତୁମର ଅନାବିଳ ସ୍ନେହ ଶ୍ରଦ୍ଧା କୁ ପାଥେୟ କରି,
ପରୋପକାରୀତାର ଜୀବନ ଦର୍ଶନକୁ ପାଥେୟ କରି,
ତୁମର ଅମର ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ
ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।

ଶ୍ରଦ୍ଧାଞ୍ଜଳି ସହ

ବାବୁ, ମୁନି, କୁନା, ମୀରା, ବସନ୍ତ, ମନା, ମିଟି, ସୂର୍ଯ୍ୟ, ଟଗୁଲୁ,
ନିନି, ବଣ୍ଟି, ରୁବି, ଶିଆ, ରାଟୀ, କଣ୍ଢେଇ, ମାମା, ସୋମା, ବାବାନ, କାହ୍ନୁ, ସୁନୁ, ବେବି

# ରାତି ପାହିଲେ ମକର; ମୁଠାଏ ଧାନକିଣା ଆରମ୍ଭ ହେଲାନି



**ଭଦ୍ରକ, ୧୨।୧(ସମିସ):** ରାତି ପାହିଲେ ଓଡ଼ିଶାର ପ୍ରମୁଖ ଗଣପର୍ବ ମକର ସଂକ୍ରାନ୍ତି। ରାଜ୍ୟରେ ଅମଳ ହୋଇଥିବା ଧାନ, ଆଖୁ ଆଦି ନୂଆ ଫସଲ ଅମଳ ହୋଇଥାଏ। ତେଣୁ ସେଦିନ ନୂଆ ଧାନରୁ ପ୍ରସ୍ତୁତ ଅପକ୍ୱ ଅରୁଆ ଚାଉଳ, ନୂଆଗୁଡ଼, ଛେନା, ନଡ଼ିଆ, ପାଚିଲା କଦଳୀ, ଘିଅ, କ୍ଷୀର ଆଦି ଗୋଳିଆ ଗୋଟିଏ ସୁମିଷ୍ଟ ଭୋଗ ପ୍ରସ୍ତୁତ କରି ଦେବଦେବୀଙ୍କୁ ଓ ଧାନଖଳାରେ ଭୋଗ ଲଗାଯାଏ। ଏହି ଭୋଗ 'ମକର ଚାଉଳ' ଭାବେ ପରିଚିତ। ଏହି ଭୋଗ ପାଇ 'ମକର' ମନାନ୍ତି। ଆଉ ଚାଷୀ ଘର ଲୋକେ ନୂତନ ବସ୍ତ୍ର ପରିଧାନ କରି ଖୁସି ବି ମନାନ୍ତି। କାରଣ ବର୍ଷକର ଅମଳ ବିକ୍ରି ସରିଥାଏ। ହେଲେ ଭଦ୍ରକ ଜିଲ୍ଲାର ଚାଷୀଙ୍କ ମଧ୍ୟରେ ଆସନ୍ତା ମକର ଆନନ୍ଦ ପରିବର୍ତ୍ତେ ନିରାନନ୍ଦ ଆଣିଛି। ଗତ ଖରିଫ ବର୍ଷରେ ଜାନୁଆରୀ ୫ରୁ ଧାନକିଣା ହୋଇଥିଲା। ଏଥର ୧୩ ତାରିଖ ହେଲାଣି କିନ୍ତୁ ଧାନ ମୁଠାଏ କିଣି ପାରିଲେନି ସରକାର। ତେଣୁ ଚାଷୀକୂଳ ଏବେ ହତାଶ ହୋଇପଡ଼ିଛନ୍ତି। ନିଜ ବର୍ଷକର ଅମଳକୁ ବସ୍ତାରେ ପୂରାଇ ଘରବାଡ଼ି ଖଳାରେ ରଖି ନିରାଶରେ ବସିଛି ଚାଷୀ। ଏଭଳି ଦୃଶ୍ୟ ଭଦ୍ରକ ଜିଲ୍ଲା ତମାମ ଦେଖିବାକୁ ମିଳିଛି।

**ଖୋଲି ଚାଲିଛି ମଣ୍ଡି; ସରିନି ମିଲର ଏଗ୍ରିମେଣ୍ଟ କି ଟ୍ୟାଗିଂ କାର୍ଯ୍ୟ**

ଜିଲ୍ଲା ପ୍ରଶାସନ ଗତ ୫ ତାରିଖରେ ଜିଲ୍ଲାସ୍ତରୀୟ ମଣ୍ଡି ଭଦ୍ରକ ବ୍ଲକ ଅଧୀନ ବ୍ରହ୍ମପୁର ସେବା ସମବାୟ ସମିତିଠାରେ ଉଦ୍‌ଘାଟନ କରିଦେଲେ। ପରେ ଜିଲ୍ଲାର ଅଧିକାଂଶ ସ୍ଥାନରେ ଏକାଧିକ ମଣ୍ଡି ଶୁଭାରମ୍ଭ ହୋଇଗଲାଣି ସତ, ହେଲେ ମୁଠାଏ ଧାନ ଚାଷୀଙ୍କଠାରୁ କ୍ରୟ କରାଯାଇପାରିନି। ସେହିଭଳି ଚାଷୀଙ୍କୁ ଧାନ ବିକ୍ରି ଲାଗି ଟୋକନ ବଣ୍ଟନ କରାଯାଇଛି। ଆଉ ଏହି ଟୋକନର ଅବଧି ଗତ ୨, ୫, ୭ ଓ ୧୦ ତାରିଖ ଅତିକ୍ରମ ହୋଇଗଲାଣି। କେବଳ ଚାଷୀଙ୍କ ରୋଷ ଓ ବିଳମ୍ବତା ଅପବାଦରୁ ନିଜକୁ ରକ୍ଷା କରିବା ଲାଗି ଜିଲ୍ଲାରେ କେବଳ ମଣ୍ଡି ପରେ ମଣ୍ଡି ଶୁଭାରମ୍ଭ ଚାଲିଛି ବୋଲି ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ମଣ୍ଡି ଖୋଲି ଚାଲିଥିବାବେଳେ ଏଯାଏଁ ବି ମିଲରଙ୍କ ସହ ଏଗ୍ରିମେଣ୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ ସମ୍ପନ୍ନ ହୋଇନି। ଏଗ୍ରିମେଣ୍ଟ ପାଇଁ ବିଜି(ବ୍ୟାଙ୍କ ଗ୍ୟାରେଣ୍ଟି) ଦାଖଲ ହୋଇ ନ ଥିବା ଏହାର ପ୍ରମୁଖ କାରଣ ବୋଲି ଚର୍ଚ୍ଚା ହୋଇଛି। ନିୟମାନୁଯାୟୀ, ମିଲରମାନଙ୍କ ସହ ଯୋଗାଣ ବିଭାଗର ଏଗ୍ରିମେଣ୍ଟ କାର୍ଯ୍ୟ ସରିବା ପରେ ମିଲରମାନେ କେଉଁ କେଉଁ ମଣ୍ଡିରୁ ଧାନ ଉଠାଇବେ ସେ ନେଇ ଟ୍ୟାଗିଂ ହୋଇ ତାଲିକା ପ୍ରକାଶ ପାଇଥାଏ। ଆଉ ଏହା ପରେ ମିଲରମାନେ ଚାଷୀଙ୍କ ଲାଗି ଅଖାବସ୍ତା ମଣ୍ଡିମାନଙ୍କରେ ଦେବା କଥା। ତେବେ ଏସବୁ କିଛି କାର୍ଯ୍ୟ ତ୍ୱରାନ୍ୱିତ ହୋଇନି। ମଣ୍ଡି ଖୋଲି କେବଳ ଚାଷୀଙ୍କୁ ପରିହାସ କରାଯାଉଛି ବୋଲି ଅଭିଯୋଗ କରିଛନ୍ତି ଚାଷୀ ତଥା ଯୁବନେତା ବିଜୟ କୁମାର ସେଠୀ। ମୋଟାମୋଟି କହିବାକୁ ଗଲେ ମକର ପୂର୍ବରୁ ଧାନ ମୁଠାଏ ବିକି ନ ପାରି ପାଖରେ ଟଙ୍କାଟିଏ ନ ଥିବାରୁ ଚାଷୀ ଆଖିରେ ଏବେ ଲୁହ ଓ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏପରି ସ୍ଥଳେ ଜିଲ୍ଲା ପ୍ରଶାସନ କେବଳ ମହୋତ୍ସବ ଆୟୋଜନ କରି ଏହାକୁ ସଫଳ କରିବାରେ ମାତିଛନ୍ତି ବୋଲି ଅଭିଯୋଗ କରିଛନ୍ତି ଜିଲ୍ଲା କଂଗ୍ରେସର ପ୍ରାକ୍ତନ କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତି। ଧାନ କିଣାରେ ବିଳମ୍ବତା ଯୋଗୁଁ ଚାଷୀଙ୍କୁ ବଙ୍ଗ ଓ ଆନ୍ଧ୍ରର ବେପାରୀ ଚାଷୀଙ୍କୁ କମ୍ ଦରରେ ଧାନ ଦେବାକୁ କେତେକ ଦଲାଲ୍‌ଙ୍କ ଜିଲ୍ଲାତମାମ ମାତିଥିବା ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, ଭଦ୍ରକ ଜିଲ୍ଲାରେ ଏଥର ମୋଟ୍ ୯୬ହଜାର ୨୩୩ ଜଣ ଚାଷୀ ଧାନ ବିକିବାକୁ ପଞ୍ଜୀକରଣ କରିଛନ୍ତି। ଏଥର ଖରିଫ୍ ଧାନ କ୍ରୟରେ ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାକୁ ୧୩ଲକ୍ଷ ୩୦ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହର ଲକ୍ଷ୍ୟ(ଟର୍ଗେଟ) ଧାର୍ଯ୍ୟ ହୋଇଛି। ଏଥର ଧାନକିଣାରେ ଜିଲ୍ଲାର ୨୨ ମିଲର ସାମିଲ୍ ହୋଇଛନ୍ତି। ୧୦୫ଟି ପ୍ୟାକ୍ସ(ସମବାୟ ସମିତି), ୫୦ଟି ମହିଳା ଗୋଷ୍ଠୀଙ୍କୁ ମିଶାଇ ମୋଟ ୧୫୫ ସଂସ୍ଥା ଧାନକିଣାରେ ନିୟୋଜିତ ହୋଇଛନ୍ତି। ମକର ପୂର୍ବରୁ ଧାନମୁଠାଏ କିଣା ନ ହେବା ନେଇ ଜିଲ୍ଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକଙ୍କ ମତାମତ ନେବାକୁ ବହୁବାର ଯୋଗାଯୋଗ କରାଯାଇଥିଲେ ବି ସେ ଫୋନ୍ ଉଠାଇ ନ ଥିଲେ। ଯାହା ଜିଲ୍ଲାରେ ଧାନକିଣାରେ ବିଳମ୍ବତା ଓ ଅବହେଳାକୁ ସ୍ୱତଃ ପ୍ରମାଣିତ କରୁଥିବା ସ୍ପଷ୍ଟ ହୋଇଛି।

## ବୈତରଣୀ ନଦୀକୁ ଧସିଲା ସୁରକ୍ଷା ବନ୍ଧ



**ନଦୀ ଗର୍ଭକୁ ଚାଲିଗଲା ଶହଶହ ବର୍ଷର ବଡ଼ବଡ଼ ଗଛ; ଯାତାୟାତ ରାସ୍ତାରେ ଫାଟ ସୃଷ୍ଟି**

**ଭଦ୍ରକ/ଆରଡ଼ି, ୧୨।୧(ସମିସ):** ଭଦ୍ରକ ଜିଲ୍ଲା ଆରଡ଼ି ପୀଠ ନିକଟସ୍ଥ ମୁଆଁ ଗାଁ ନିକଟରେ ବୈତରଣୀ ନଦୀ କୂଳ ଲଙ୍ଘିବାରୁ ନଦୀର ସୁରକ୍ଷା ବନ୍ଧର ବଡ଼ବଡ଼ ଅତଡ଼ା ଖଣ୍ଡ ଖସିବା ସହ ୩୦ ଫୁଟ୍‌ରୁ ଊର୍ଦ୍ଧ୍ୱ ବନ୍ଧ ନଦୀ ଗର୍ଭକୁ ଚାଲି ଯାଇଥିବାରୁ ନଦୀକୂଳକୁ ଲାଗି ଥିବା ଶହଶହ ବର୍ଷର ବଡ଼ବଡ଼ ଗଛ ନଦୀକୁ ଚାଲିଯାଇଛି। ତାହା ସହ ନଦୀକୁ ଲାଗିକରି ଥିବା ଗାଁର ନିତିଦିନିଆ ଯାତାୟାତ ରାସ୍ତାରେ ବଡ଼ବଡ଼ ଫାଟ ସୃଷ୍ଟି ହୋଇଥିବାରୁ ନଦୀକୂଳରେ ବସବାସ କରୁଥିବା ପ୍ରାୟ ୨ଶହ ପରିବାର ଏବେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଏଥିସହ ମାଛ ଧରୁଥିବା ପରିବାରଙ୍କ ଡଙ୍ଗା ଏବେ ଅସୁରକ୍ଷିତ ଭାବେ ନଦୀକୂଳରେ ରହିଛି। ଏଥିପ୍ରତି ଜଳସମ୍ପଦ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବା ସହ ନଦୀବନ୍ଧ ସୁଦୃଢ଼ କରିବାକୁ ଗାଁ ଲୋକ ଦାବି କରିଛନ୍ତି।

## ବ୍ରାଉନ୍‌ସୁଗର ଜବତ, ୨ ଗିରଫ

**ତିହିଡ଼ି, ୧୨।୧(ସମିସ):** ତିହିଡ଼ିରେ ବ୍ରାଉନ୍‌ସୁଗର ଜବତ କରାଯିବା ସହ ଏହି ଘଟଣାରେ ସମ୍ପୃକ୍ତ ୨ ଯୁବକଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ, ଫତେପୁର ଗାଁର ବଣ୍ଟି ମହାନ୍ତି ଓରଫ ଜୟପ୍ରକାଶ ଓ ରାଢ଼ଙ୍ଗ ଗାଁର ଟୁଗୁନା ନାୟକ ଓରଫ ପରମେଶ୍ୱରଙ୍କୁ ପୁଲିସ ଗିରଫ କରିବା ସହ ଏହି ଦୁଇ ଜଣଙ୍କଠାରୁ ୯.୪୨ ଗ୍ରାମ୍ ବ୍ରାଉନ୍‌ସୁଗର, କିଛି ରଙ୍ଗୀନ କାଗଜ ଓ ନଗଦ ୪୦୦ ଟଙ୍କା ଜବତ କରାଯାଇଛି। ତିହିଡ଼ିରେ ଏବେ ବ୍ରାଉନ୍‌ସୁଗର କାରବାର ଉଦ୍‌ବେଗଜନକ ଭାବରେ ବୃଦ୍ଧି ପାଇଛି। ଏ ନେଇ ବୁଦ୍ଧିଜୀବୀମାନେ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି।

## ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପିତ



**ଭଦ୍ରକ, ୧୨।୧(ସମିସ):** ଭଦ୍ରକ ନେହେରୁ ଷ୍ଟାଡିୟମରେ ୨ଦିନିଆ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଭାଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଗ୍ରାମୀଣ ଅର୍ଥନୀତିର ମୁଖ୍ୟ ସ୍ରୋତଧାରା ବୋଲି ଉଲ୍ଲେଖ କରିଥିଲେ। ସେ ଯୁବକ-ଯୁବତୀମାନଙ୍କୁ ଚାକିରି ପଛରେ ନ ଧାଇଁ ମାଛ ଓ ପଶୁପାଳନକୁ ଜୀବିକାର ମାଧ୍ୟମ ଭାବେ ଗ୍ରହଣ କରିବାକୁ ଆହ୍ୱାନ ଜଣାଇଥିଲେ। ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇ ଦେଶୀ ଗାଇ ପାଳନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ ଯୋଗଦେଇ ଉନ୍ନତ ଓ ବୈଜ୍ଞାନିକ ପଦ୍ଧତିରେ ମତ୍ସ୍ୟ ଓ ପଶୁପାଳନ କରିବା ପାଇଁ ଚାଷୀମାନଙ୍କୁ ପ୍ରେରିତ କରିଥିଲେ। ମେଳାରେ ବୈଜ୍ଞାନିକ ତଥା ଅବସରପ୍ରାପ୍ତ ଅତିରିକ୍ତ ନିର୍ଦ୍ଦେଶକ ଡ. ଅମିତାଭ ପଣ୍ଡା ଓ ଡ. ଭବାନୀପ୍ରସାଦ ମହାପାତ୍ର ଉପସ୍ଥିତ ରହି ଚାଷୀମାନଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ। ଏହି ମେଳାରେ ୫୦୦ରୁ ଅଧିକ ଚାଷୀ ଯୋଗଦେଇ ବିଭିନ୍ନ ଷ୍ଟଲ୍ ପରିଦର୍ଶନ କରି ନୂତନ ଜ୍ଞାନ ଓ କୌଶଳ ଅର୍ଜନ କରିଥିଲେ। ସର୍ବଶ୍ରେଷ୍ଠ ୪ ଜଣ ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ପଶୁ ଚିକିତ୍ସାଧିକାରୀ ଡ. ବିଜୟ କେତନ ପଟ୍ଟନାୟକ, ଡ. ଜ୍ୟୋତି ରଞ୍ଜନ ମିଶ୍ର, ଡ. ଅରୁଣ କୁମାର ମଲ୍ଲିକ, ଉପଖଣ୍ଡ ପଶୁ ଚିକିତ୍ସାଧିକାରୀ ଡ. ସୁନୀଲ କୁମାର ଭୁୟାଁ ଓ ତିହିଡ଼ି ବ୍ଲକ ପଶୁ ଚିକିତ୍ସାଧିକାରୀ ଡ. ନିରାକାର ଜେନା ପରିଚାଳନା କରିଥିଲେ। ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସାଧିକାରୀ ଡ. ହୃଷୀକେଶ ବେହେରା ସ୍ୱାଗତ ଭାଷଣ ଦେଇଥିବାବେଳେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଅମର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଭଦ୍ରକ-ଧାମରା ରେଳପଥରେ ଯାତ୍ରୀବାହୀ ରେଳ ଚଳାଚଳ ଦାବି

# ରେଳ ସଂଗ୍ରାମ ସମିତି ପକ୍ଷରୁ ଶୋଭାଯାତ୍ରା ଓ ଗଣଧାରଣା

**ଭଦ୍ରକ, ୧୨।୧(ସମିସ):** ଭଦ୍ରକ-ଧାମରା ରେଳପଥରେ ଯାତ୍ରୀବାହୀ ରେଳ ଚଳାଚଳ କରିବା, ଭଦ୍ରକ-ଧାମରା ରେଳପଥ ଓ ଧାମରା ବାଣିଜ୍ୟିକ ବନ୍ଦର ମାଲିକାନାକୁ ଗୌତମ ଆଦାନୀଙ୍କ ହାତରୁ କାଢ଼ି ସରକାରଙ୍କ ମାଲିକାନାକୁ ଆଣିବା, ଧାମରା ବନ୍ଦରରେ ଭଦ୍ରକ ଜିଲ୍ଲାର ଯୁବକଯୁବତୀମାନଙ୍କୁ ନିଯୁକ୍ତି ଦେବା ଦାବି କରାଯାଇଛି। ଏନେଇ ଭଦ୍ରକ-ଧାମରା ରେଳ ସଂଗ୍ରାମ ସମିତି ପକ୍ଷରୁ ଭଦ୍ରକ ବନ୍ତ ଛକଠାରୁ ଏକ ଶୋଭାଯାତ୍ରା ବାହାରି ଭଦ୍ରକ ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା।



ଭଦ୍ରକ-ଧାମରା ରେଳ ସଂଗ୍ରାମ ସମିତି ସଭାପତି ଆଇନଜୀବୀ ବିକାଶ ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଗଣଧାରଣାରେ ସଂଗ୍ରାମ ସମିତି ଉପଦେଷ୍ଟା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଅନ୍ୟତମ ଉପଦେଷ୍ଟା ନିରଞ୍ଜନ ପାଣି, ଚନ୍ଦ୍ରଶେଖର ନାୟକ, ବରିଷ୍ଠ ଆଇନଜୀବୀ ଦିବ୍ୟସିଂହ ନାୟକ, ଆଇନଜୀବୀ ଗିରିଧାରୀ ନାଥ, ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତି, ଭଦ୍ରକ ଓକିଲ ସଂଘ ସଭାପତି ସନ୍ତୋଷ ଆଚାର୍ଯ୍ୟ, ଓକିଲ ସଂଘ ଉପସଭାପତି ଅଶୋକ ନାୟକ, ଭଦ୍ରକ ଓକିଲ ସଂଘ ସମ୍ପାଦକ ସୂର୍ଯ୍ୟକାନ୍ତ କୁଅଁର, ଓଡ଼ିଶା ଦଳିତ ସଂଘ ଉପସଭାପତି ବରିଷ୍ଠ ଆଇନଜୀବୀ ଅଗଣି ଚରଣ ଜେନା, ଧାମରା ପୋର୍ଟ ୱାର୍କର୍ସ ୟୁନିୟନ ସମ୍ପାଦନ ଆଇନଜୀବୀ ରାଧାନାଥ ଦାସ ଯୋଗଦେଇଥିଲେ। ଭଦ୍ରକ-ଧାମରା ରେଳ ସଂଗ୍ରାମ ସମିତି ସମ୍ପାଦକ ହାକିମ୍ ଦାସ, ବରିଷ୍ଠ ଆଇନଜୀବୀ ଶଶିଭୂଷଣ ପଣ୍ଡା, ଭଦ୍ରକ ପୌର ପରିଷଦ ଇଲିଆସ ଖାନ୍, ବିଜୁ ଯୁବ ଜନତା ଦଳ ନେତା ନାସିରୁଦ୍ଦିନ ଖାନ୍, ଚାଷୀ ନେତା ଚକ୍ରଧର ଦାସ, ଗୌରାଙ୍ଗ ଯେନା, ଗଙ୍ଗାଧର ମହାଳିକ, ଜୟନୁଲ ଆବେଦିନ, ପ୍ରତାପ ଦାସ, ଭାଗବତ ସେନାପତି, ବିଜେଡି ନେତା ସୁବାସ ନାଥ, ପ୍ରଫେସର ଡ. ପ୍ରହଲ୍ଲାଦ ପତି, ଶଙ୍କର୍ଷଣ ବିଶ୍ୱାଳ, ବିପ୍ଳବ ଜେନା, ଜିଲାନି ଖାନ୍, ସାବିତ୍ରୀ ମଙ୍ଗୁଆଳ, ସରସ୍ୱତୀ ବାରିକ, ମଧୁସ୍ମିତା ପାକଳ, ନନ୍ଦନୀ ମାଝୀ ପ୍ରମୁଖ ଯୋଗଦେଇ ଅବିଳମ୍ବେ ଯାତ୍ରୀବାହୀ ରେଳ ଚଳାଚଳ ଦାବି ସମେତ ସମସ୍ତ ଦାବି ପୂରଣ କରିବା ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାର ପଦକ୍ଷେପ ନେବାକୁ ସେମାନଙ୍କ ବକ୍ତବ୍ୟରେ ନିବେଦନ କରିଥିଲେ। ଭଦ୍ରକ-ଧାମରା ରେଳ ସଂଗ୍ରାମ ସମିତି ସଭାପତି ବିକାଶ ନାଥ ଓ ସମ୍ପାଦକ ହାକିମ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି କେନ୍ଦ୍ର ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଆସନ୍ତା ୧ ମାସ ଭିତରେ ଯାତ୍ରୀବାହୀ ରେଳ ଚଳାଚଳ ନ କଲେ ଫେବୃଆରୀ ୧୫ ତାରିଖରେ ଭଦ୍ରକ-ଧାମରା ରେଳପଥର ବିଭିନ୍ନ ସ୍ଥାନରେ ରେଳରୋକ ଆନ୍ଦୋଳନ ସଂଗଠିତ କରାଯିବ ବୋଲି ସଂଗ୍ରାମ ସମିତିର ସଭାପତି ଶ୍ରୀ ନାଥ ଓ ସମ୍ପାଦକ ଶ୍ରୀ ଦାସ ଧାରଣାସ୍ଥଳରେ ଘୋଷଣା କରିଥିଲେ। ଏହି ଧାରଣାରେ ଭଦ୍ରକ ଜିଲ୍ଲାର ପ୍ରାୟ ୩୦୦ ସାଧାରଣ ଜନତା ଉପସ୍ଥିତ ଥିଲେ।

## ସାଲନ୍ଦୀ ଜୁନିଅର କଲେଜରେ ଜାତୀୟ ଯୁବ ଦିବସ

**ଭଦ୍ରକ, ୧୨।୧(ସମିସ):** ଭଦ୍ରକ ଉତ୍ତରବାହିନୀସ୍ଥ ସାଲନ୍ଦୀ ଜୁନିଅର କଲେଜର ଯୁବ ରେଡ୍‌କ୍ରସ ଆନୁକୂଲ୍ୟରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଯୁବ ରେଡ୍‌କ୍ରସ କାଉନ୍ସିଲର ସୁଭାଶିଷ ଭଟ୍ଟାଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଏହି ଦିବସ ପାଳିତ ହୋଇଥିଲା। କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ସଚ୍ଚିଦାନନ୍ଦ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଯୋଗଦେଇ କଲେଜର ବରିଷ୍ଠ ଅଧ୍ୟାପକ ଅଧ୍ୟାପିକାମାନେ ଯୁବକମାନଙ୍କର ଦେଶ ଓ ଜାତି ପାଇଁ ମହାନ ଓ ପବିତ୍ର କର୍ତ୍ତବ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ସ୍ୱାମୀ ବିବେକାନନ୍ଦ ଓ ତାଙ୍କର ଯୁବ ସମାଜକୁ ମହାନ ବାର୍ତ୍ତା ସବୁର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ବରିଷ୍ଠ ଅଧ୍ୟାପକ ରବୀନ୍ଦ୍ର କୁମାର ପାଢ଼ୀ, ଅଧ୍ୟାପକ ବିଶ୍ୱଜିତ୍ ରାଉତ, ଅଧ୍ୟାପିକା ମଧୁମିତା ସ୍ୱାଇଁ, ଅଳକା ସାହୁ, ଲକ୍ଷ୍ମୀପ୍ରିୟା ଦାସ, କୁଦୁସିଆ ଜମାଲ୍, ମମତା ଜେନା, ଦେବେନ୍ଦ୍ର ପ୍ରସାଦ ସାହୁ, ଲକ୍ଷ୍ମଣ କିଷାନ ଆଦି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମର କୁମାର ପରିଡ଼ା, ସୁଷମା ସାହୁ, ସଂଯୁକ୍ତା ପାଢ଼ୀ, ବବିତା ମହାନ୍ତି ପ୍ରମୁଖ ସଭା ପରିଚାଳନା କରିଥିଲେ।

## ତିହିଡ଼ି ବ୍ଲକ୍‌ସ୍ତରୀୟ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି



**ତିହିଡ଼ି/ଦୋଳସାହି, ୧୨।୧(ସମିସ):** ତିହିଡ଼ି ବ୍ଲକ ବାରସର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୧୧୯ଟି ଅଭିଯୋଗ ଆଗତ ହୋଇଥିବାବେଳେ ତନ୍ମଧ୍ୟରୁ ବ୍ୟକ୍ତିଗତ ୯୪ଟି, ଗ୍ରାମ ସମସ୍ୟା ସମ୍ପର୍କିତ ୨୪ଟି ଏବଂ ରେଡ୍‌କ୍ରସ ସହାୟତା ନିମନ୍ତେ ଗୋଟିଏ ଅଭିଯୋଗ ହୋଇଥିଲା। ତେବେ ୨୬ଟି ଅଭିଯୋଗ ତତ୍‌କ୍ଷଣାତ୍ ସମାଧାନ ହୋଇଥିବାବେଳେ ରେଡ୍‌କ୍ରସ ସହାୟତା ବାବଦକୁ ୧୫ ହଜାର ଟଙ୍କା ମଞ୍ଜୁର କରାଯାଇଛି। ବିଡିଓ ନିରଞ୍ଜନ ବାରିକଙ୍କ ସଞ୍ଚାଳନରେ ଅନୁଷ୍ଠିତ ଉକ୍ତ ଶୁଣାଣିରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଏସ୍‌ପି ମନୋଜ ରାଉତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧିରଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ ଓ ତହସିଲ୍‌ଦାର ଜୟଦ୍ରଥ ଆଚାର୍ଯ୍ୟ ପ୍ରମୁଖ ମଞ୍ଚାସୀନ ହୋଇ ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ। ବିନ୍ଧା-ମଧୁପୁର ରାସ୍ତାର କେଳାସାହିଠାରେ ରାସ୍ତା ସଙ୍କୁଚିତ ହୋଇଥିବା ଅଭିଯୋଗ ହୋଇଥିବାବେଳେ ତିଆଡ଼ିସାହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅବ୍ୟବସ୍ଥା, ବାରସର ମୌଜାର ଜବରଦଖଲ ଆଦି ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ତିଆଡ଼ିସାହି ପ୍ରାଥମିକ ସ୍କୁଲର ପ୍ରଧାନଶିକ୍ଷକଙ୍କ କାର୍ଯ୍ୟକଳାପରେ ବ୍ୟାପକ ତ୍ରୁଟି ଥିବା ନେଇ ତାଙ୍କୁ ନିଲମ୍ବନ କରାଯାଇଥିବା ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ତଥା ବ୍ଲକସ୍ତରୀୟ ସମସ୍ତ ପଦାଧିକାରୀ ଉପସ୍ଥିତ ଥିଲେ।

## ବାଲିପୋଖରୀ ହାଇସ୍କୁଲ ସମ୍ମୁଖରେ ଗଣଧାରଣା

**ବନ୍ତ/ଆଗରପଡ଼ା, ୧୨।୧(ସମିସ):** ବନ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ବାଲିପୋଖରୀ-ତେଲନଟୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିପର୍ଯ୍ୟସ୍ତ ଶିକ୍ଷା ସ୍ଥିତିର ନିରାକରଣ ପାଇଁ ବର୍ତ୍ତମାନ ଏହି ସ୍କୁଲରେ ଅବସ୍ଥାପିତ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଅନ୍ୟତ୍ର ବଦଳି ପାଇଁ ଗ୍ରାମବାସୀ ଓ ଅଭିଭାବକମାନେ ଜିଲ୍ଲାପାଳଙ୍କଠାରେ ଲିଖିତ ଅଭିଯୋଗ କରିବା ପରେ ସୋମବାର ଗଣଧାରଣା ଦେଇଥିଲେ। ପରେ ସ୍କୁଲ ପରିଚାଳନା କମିଟି, ଶିକ୍ଷକଶିକ୍ଷୟିତ୍ରୀ, ଗ୍ରାମବାସୀ ସମେତ ଶିକ୍ଷାବିତ୍ ପ୍ରଭାସ ମହାପାତ୍ର ପ୍ରମୁଖଙ୍କ ଉପସ୍ଥିତିରେ ସ୍କୁଲ ସମସ୍ୟା ଆପୋଷ ବୁଝାମଣାରେ ସମାଧାନ କରାଯିବ ବୋଲି ସ୍ଥିର ହେବା ପରେ ଗଣଧାରଣା ପ୍ରତ୍ୟାହୃତ ହୋଇଥିଲା।



ସୂଚନାଯୋଗ୍ୟ, ଏହି ସ୍କୁଲରେ ଶିକ୍ଷାଦାନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। କିରାଣି ଓ ଝାଡ୍ଡୁଦାରଙ୍କ ସହଯୋଗରେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଦୀର୍ଘ ମାସ ଧରି ଏହିପରି ଅବହେଳା କରି ଆସୁଛନ୍ତି। ଖେଳ ଶିକ୍ଷକ ଜାଣିଶୁଣି ପିଲାମାନଙ୍କୁ ଖେଳରୁ ବଞ୍ଚିତ କରୁଛନ୍ତି। କୋର୍ସ ସରିନାହିଁ ବୋଲି କାହାକୁ ନ କହିବାକୁ ଶିକ୍ଷକଶିକ୍ଷୟିତ୍ରୀମାନେ ପିଲାମାନଙ୍କୁ କହୁଛନ୍ତି। ଉକ୍ତ ବିଦ୍ୟାଳୟରେ ଏହିପରି ନାନା ଅବ୍ୟବସ୍ଥା ଲାଗି ରହିଥିବାରୁ ନୂତନ ଶିକ୍ଷକ ନିଯୁକ୍ତି ପାଇଁ ଗ୍ରାମବାସୀ ଓ ଅଭିଭାବକମାନେ ଜିଲ୍ଲାପାଳଙ୍କଠାରେ ମଧ୍ୟ ଦାବି କରିଥିଲେ।

## ନାଟକ 'ବକ୍ସି ଜଗବନ୍ଧୁ' ମଞ୍ଚସ୍ଥ

**ଭଦ୍ରକ, ୧୨।୧(ସମିସ):** ରବିବାର ସନ୍ଧ୍ୟା ୭ଟାରେ ଭୁବନେଶ୍ୱରର ପ୍ରତିଷ୍ଠିତ ନାଟ୍ୟସଂସ୍ଥା 'ଶତାବ୍ଦୀର କଳାକାର'ର କଳାକାରମାନେ ନାଟକ 'ବକ୍ସି ଜଗବନ୍ଧୁ' ଦେଶାତ୍ମବୋଧ ନାଟକ ପରିବେଷଣ କରିଥିଲେ। ଏହାର ରଚନା ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଓ ନାଟ୍ୟ ନିର୍ଦ୍ଦେଶନା ଧିରେନ୍ଦ୍ର ନାଥ ମଲ୍ଲିକ ଦେଇଥିଲେ। ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗେଇ ଏହି ନାଟକର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲ୍ଲୀପ



ରାଉତରାଏ ଓ ଅନ୍ୟତମ ଅତିଥି ଭାବେ ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ସଭାପତି ଅଜୟ ନାୟକ ଯୋଗଦେଇ ଭଦ୍ରକର ମାଟି କଳା ଓ ସଂସ୍କୃତି କଳାକାରମାନଙ୍କ ଅନ୍ତୁଡ଼ିଶାଳ ଅଟେ ବୋଲି ବକ୍ତବ୍ୟରେ କହିଥିଲେ। ଏଥିରେ ବିଶିଷ୍ଟ ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ବିଜୟ କୁମାର ଦାସ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ 'କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ'ରେ ବରିଷ୍ଠ ନାଟ୍ୟକାର ବାଦଲ ସିକ୍‌ଦାର ଓ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ନାଟ୍ୟକାର ଗୌରାଙ୍ଗ ଚନ୍ଦ୍ର ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟ କଳାକାରମାନଙ୍କ ମଧ୍ୟରେ ଅନୁଗ୍ରହ ଦୀକ୍ଷିତ, ବିଜୟ ବହଳି, ପ୍ରୋଦ୍ୟୋତନ ସୁଆର, ପ୍ରଫୁଲ୍ଲ ଦାସ, ନୃତ୍ୟଗୁରୁ ନାରାୟଣ ଚନ୍ଦ୍ର ସାହୁ, ଇଂ ଅଶୋକ ମହାନ୍ତି, ସୁମତି ପଣ୍ଡା, ମୀନତି ବାରିକ, ସନ୍ଧ୍ୟାରାଣୀ ବେହେରା, ଆଶିଷ, ଜଡ଼ା, ଦୀପକ ପ୍ରମୁଖ ଅଭିନୟ କରିଥିଲେ। ଭଦ୍ରକ ବିମଳା ନାଟ୍ୟ ସଂସଦ ସହଯୋଗ କରିଥିଲେ।

## ଅଗ୍ନିବିପନ୍ନଙ୍କୁ ସହାୟତା ପ୍ରଦାନ



**ତିହିଡ଼ି, ୧୨।୧(ସମିସ):** ତିହିଡ଼ି ବ୍ଲକ ଅଧୀନ ନରେନ୍ଦ୍ରପୁର ପଞ୍ଚାୟତ ଛତ୍ରପଦା ଗ୍ରାମର ଅଗ୍ନିବିପନ୍ନଙ୍କୁ ଭଦ୍ରକ ମହାତ୍ମା ଗାନ୍ଧୀ ବିଚାର ମଞ୍ଚ ଓ ଆନନ୍ଦମାର୍ଗ ୟୁନିଭର୍ସାଲ ରିଲିଫ୍ ଅନୁଷ୍ଠାନ ତରଫରୁ ସହାୟତା ପ୍ରଦାନ କରାଯାଇଛି। ଶାନ୍ତନୁ ରାଉତ, ମଦନ ମୋହନ ନାୟକ, ବୈଲୋଚନ ବେହୁରିଆ, ଡ. ମନୀନ୍ଦ୍ର ମହାନ୍ତି, ସ୍ନେହଲତା ବେହେରା, ଗୀତାରାଣୀ ଆଇଚ, ଜଗନ୍ନାଥ ରାଓ, ପ୍ରସନ୍ନ ପ୍ରଧାନ ପ୍ରମୁଖ ବିପନ୍ନଙ୍କ ନିକଟରେ ପହଞ୍ଚି ନଗଦ ୨୨ ହଜାର ଟଙ୍କା, କମ୍ବଳ, ଶାଢ଼ି ଓ ପିଲାଙ୍କୁ ପଢ଼ାଇବା ପାଇଁ ଅର୍ଥ ଆଦି ପ୍ରଦାନ କରିଥିଲେ।

**ପୁଷ୍ଟିକର ଖାଦ୍ୟ ପାଇବାରୁ ବଞ୍ଚିତ ଶିଶୁ, ଗର୍ଭବତୀ**

# ଖାଦ୍ୟ ଓଜନରେ ଠକେଇ; ଜିଲ୍ଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ

**ବନ୍ତ/ଆଗରପଡ଼ା, ୧୨।୧(ସମିସ):** ବନ୍ତ ବ୍ଲକ ଅଣିଜୋ ପଞ୍ଚାୟତ ନରିପୁର ଅଙ୍ଗନବାଡ଼ି କେନ୍ଦ୍ରରେ ଯୋଗାଣକାରୀ ସଂସ୍ଥା ସୋମବାର ପୁଷ୍ଟିକର ଖାଦ୍ୟ ଓଜନରେ କମ୍ କରି ଦେଉଥିବାବେଳେ ସାମାଜିକ କର୍ମୀ ବିକାଶ ଧଳ ଖବର ପାଇ ଗାଁ ଲୋକଙ୍କ ସହାୟତାରେ ଖାଦ୍ୟକୁ ଫେରାଇ ଜିଲ୍ଲାପାଳଙ୍କୁ ଅଭିଯୋଗ କରିବା ପରେ ଜିଲ୍ଲାପାଳ ଡିଏସ୍‌ଡବ୍ଲ୍ୟୁଓଙ୍କୁ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବାର ଜଣାପଡ଼ିଛି। ଏଥିସହିତ ଯୋଗାଣକାରୀ ସଂସ୍ଥା ନଭେମ୍ବର ମାସରେ ବ୍ଲକର ୨୩୮ ଅଙ୍ଗନବାଡ଼ି କେନ୍ଦ୍ରରୁ ହାତଗଣତି କିଛି ଅଙ୍ଗନବାଡ଼ି କେନ୍ଦ୍ରରେ ଖାଦ୍ୟ ଯୋଗାଇ ସମସ୍ତ ବିଲ୍ କରାଇ ନେଇଥିବାର ମଧ୍ୟ ଶ୍ରୀ ଧଳ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଡିସେମ୍ବର ମାସର ଖାଦ୍ୟ ସେହି ମାସ ଶେଷ ସପ୍ତାହ ସୁଦ୍ଧା ଯୋଗାଣ ପାଇଁ ସରକାରୀ ନିର୍ଦ୍ଦେଶ ଥିଲେ ସୁଦ୍ଧା ଜାନୁଆରୀ ୧୨ ତାରିଖ ସୋମବାରରେ ସଂସ୍ଥା ଦ୍ୱାରା ଖାଦ୍ୟ ଯୋଗାଣ କରାଯାଉଥିଲା। ଏହିପରି ୨/୩ ଥର ଓଜନ କମ୍ ଥିବାରୁ ଖାଦ୍ୟ ଫେରାଇ ଦେଇଥିବାର ମଧ୍ୟ ନରିପୁର ଅଙ୍ଗନବାଡ଼ି କର୍ମୀ ଶ୍ରୀ ଧଳଙ୍କୁ ସୂଚନା ଦେଇଛନ୍ତି। ଏହିପରି ବାରମ୍ବାର ଠକାମୀର ଶିକାର ହେବା ଦ୍ୱାରା ଗର୍ଭବତୀ ଓ ପ୍ରସୂତି ମହିଳାମାନେ ପୁଷ୍ଟିକର ଖାଦ୍ୟ ନ ପାଇ ନାନାଦି ଦୁର୍ଦ୍ଦଶା ଭୋଗୁଛନ୍ତି।



ସୂଚନାଯୋଗ୍ୟ, ଅଙ୍ଗନବାଡ଼ି କେନ୍ଦ୍ର ମାଧ୍ୟମରେ ୧୫ରୁ ୧୯ ବର୍ଷ ବୟସ ବାଳିକା, ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟିକର ଯୋଜନାରେ ବିଭିନ୍ନ ଖାଦ୍ୟ ଦିଆଯିବାର ବ୍ୟବସ୍ଥା ଅଛି। ମାତ୍ର ଏହି ଖାଦ୍ୟ ସାମଗ୍ରୀ ଯୋଗାଣ ସଂସ୍ଥା ଠିକ୍‌ଭାବେ ତାହା ଦେଇପାରୁ ନ ଥିବା ଅଭିଯୋଗ ହେଉଛି। ଏହି ପୁଷ୍ଟିକର ଖାଦ୍ୟରେ ମୁଢ଼ି, ଚଣା, ଖଜୁରୀ କୋଳି, ବାଦାମ ଲଡ୍ଡୁ, ଛତୁଆ ଆଦି ଦିଆଯାଇଥାଏ। ଏଥିସହ ସ୍ୱତନ୍ତ୍ର ପୁଷ୍ଟିକର ଯୋଜନା ଛତୁଆ ମଧ୍ୟ ମିଳିଥାଏ। ଖାଦ୍ୟ ମିଳିବାରେ ବ୍ୟତିକ୍ରମ ଯୋଗୁଁ କ୍ରମଶଃ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହେବାରେ ଲାଗିଛି। ୨୦୧୯ରୁ ନିରବଚ୍ଛିନ୍ନ ଭାବରେ ଦାୟିତ୍ୱ ନେଇଥିବା ଏହି ଯୋଗାଣକାରୀ ସଂସ୍ଥା ଖାଦ୍ୟ ସାମଗ୍ରୀ ଯୋଗାଣରେ ଏହିପରି ଅନିୟମିତତା ସହ ଠକାମୀ କାର୍ଯ୍ୟ କରୁଥିବାର ଅଭିଯୋଗ ବାରମ୍ବାର ଆସୁଥିଲେ ମଧ୍ୟ ପ୍ରଶାସନିକସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ସମସ୍ତଙ୍କୁ ଚକିତ କରିଛି। ଗତ ସେପ୍ଟେମ୍ବର ମାସରେ ଜିଲ୍ଲା ଓ ବ୍ଲକସ୍ତରରେ ଖାଦ୍ୟ ଯୋଗାଣ ନିମନ୍ତେ ଗଠିତ ହୋଇଥିବା କମିଟି ବର୍ତ୍ତମାନ ଖାଦ୍ୟ ଯୋଗାଣ କରୁଥିବା ସଂସ୍ଥାର ଖାଦ୍ୟ ପ୍ରସ୍ତୁତିର ବିଭିନ୍ନ ପ୍ରକ୍ରିୟା ଓ ପାରିପାର୍ଶ୍ୱିକ ପରିସ୍ଥିତିକୁ ଯାଞ୍ଚ କରିବା ପରେ ଉକ୍ତ ସଂସ୍ଥାକୁ ଖାଦ୍ୟ ଯୋଗାଣ ପାଇଁ ଅଯୋଗ୍ୟ ଘୋଷଣା କରିଥିବା ସ୍ଥଳେ ଉକ୍ତ ସଂସ୍ଥା କିପରି ତା'ର ଯୋଗାଣ ଜାରି ରଖିଛି ତାହା ବର୍ତ୍ତମାନ ତଦନ୍ତସାପେକ୍ଷ। ତେଣୁ ଜିଲ୍ଲାପାଳଙ୍କ ତଦନ୍ତ ନିର୍ଦ୍ଦେଶକୁ ଠିକ୍ ଭାବେ ପାଳନ କରି ସରକାରଙ୍କ ନିୟମକୁ ଯୋଗାଣକାରୀ ସଂସ୍ଥା ଅବମାନନା କରିଥିବାରୁ ତା' ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ତୁରନ୍ତ ଗର୍ଭବତୀ ମହିଳା ଓ ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇଦେବାକୁ ଡିଏସ୍‌ଡବ୍ଲ୍ୟୁଓ ଚେଷ୍ଟିତ ହେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।





## ରାଜଧାନୀମୁହାଁ ଫେକ୍ କଲ୍‌ସେଣ୍ଟର ରାକେଟ୍

# ଦୁଇବର୍ଷରେ ୩ ଫେକ୍ କଲ୍ ସେଣ୍ଟର୍ ଠାବ

ଭୁବନେଶ୍ୱର, ୧୨।୧(ସମିସ): ଏକଦା ବିହାର, ଗୁଜୁରାଟ, ଦିଲ୍ଲୀ ହରିଆଣା ଭଳି ରାଜ୍ୟରେ ସାଇବର୍ ଠକମାନେ ମାଲମାଲ ଫେକ୍ କଲ୍ ସେଣ୍ଟର ଖୋଲି ଲୋକଙ୍କୁ ଠକୁଥିବା ବେଳେ ସେଠାରେ ଧରପଗଡ଼ ଯୋଗୁଁ ସେମାନେ ଏବେ ଭୁବନେଶ୍ୱର ମୁହାଁ ହୋଇଛନ୍ତି। ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ମାଲମାଲ ଫେକ୍ କଲ୍ ସେଣ୍ଟର କରି ଲୋକଙ୍କ

■ କାଁ ଭାଁ ହେଉଛି ଭଡ଼ାଟିଆଙ୍କ ଠିକଣା ଯାଞ୍ଚ

■ କଡ଼ାକଡ଼ି ଲାଗୁ ହେଉନି ଆବାସିକ ସୁରକ୍ଷା ଆଇନ୍



ବ୍ୟାଙ୍କ ଆକାଉଣ୍ଟ ଖାଲି କରିଦେଉଛନ୍ତି। ଗତ ଦୁଇ ବର୍ଷରେ ଭୁବନେଶ୍ୱରରେ ଏଭଳି ୩ଟି ଫେକ୍ କଲ୍ ସେଣ୍ଟର ଠାବ କରାଯାଇଛି।

ଗତ ୨୦୨୪ ମସିହା ଅକ୍ଟୋବର ୨୪ତାରିଖରେ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା ବଳଭଦ୍ରପୁରସ୍ଥିତ ଜଟଣୀ ରୋଡ ପାର୍ଶ୍ୱରେ ଥିବା କୋକିଳା କାଞ୍ଚନ ଟାୱାର ଆପାର୍ଟମେଣ୍ଟରେ ବଙ୍ଗୀୟ ସାଇବର ଠକଙ୍କ ଦ୍ୱାରା ଅନ୍ତର୍ଜାତୀୟ କଲ୍ ସେଣ୍ଟର ଚାଲିଥିଲା। ସାଇବର ଠକମାନେ ଆପାର୍ଟମେଣ୍ଟ ଏ ବ୍ଲକ୍ର ଦ୍ୱିତୀୟ ମହଲାସ୍ଥିତ ୨୦୫ ନମ୍ବର ଫ୍ଲାଟକୁ ଭଡ଼ାରେ ନେଇ ଏହି ନେଟୱର୍କ ଚଳାଇଥିଲେ। ଓଡ଼ିଶାରେ ବସି ବୈଷୟିକ ଉପକରଣ ଜରିଆରେ ଦେଶ ବିଦେଶର ଲୋକଙ୍କୁ ଫସାଇ ଟଙ୍କା ଠକୁଥିଲେ। ପୁଲିସ ଆପାର୍ଟମେଣ୍ଟରେ ଚଢ଼ାଉ କରି ୬ବଙ୍ଗୀୟ ଯୁବକଙ୍କୁ ଗିରଫ କରିଥିଲା।

ସେହିଭଳି ୨୦୨୪ ଅଗଷ୍ଟ ୧୪ରେ ଆଉ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଥିଲା। ଘରେ ଏକାଧିକ ସିମ୍ ବକ୍ସ ରଖି ରାଜ୍ୟ ତଥା ଦେଶବିଦେଶକୁ କରୁଥିଲେ କଲ୍ ଓ ବଲ୍କ ମେସେଜ୍ କରୁଥିଲେ। ଏହି ଆପରାଧିକ କାର୍ଯ୍ୟକଳାପ ବିଷୟରେ ଜଣାପଡ଼ିବା ପରେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ମଙ୍ଗରାଜ ପଏଣ୍ଟ ନିକଟ ମହାଦେବ ନଗରସ୍ଥିତ ଏକ ୪ ମହଲା ବିଶିଷ୍ଟ କୋଠାରେ ଚଢା କରିଥିଲା। ସେଠାରୁ ସନ୍ଦିଗ୍ଧଙ୍କୁ ଧରିବା ସହ ଘରେ ଥିବା ୭ଟି ସିମ୍ ବକ୍ସ ସମେତ ବିଭିନ୍ନ ଟେଲିକମ୍ କମ୍ପାନୀର ୫୦୦ରୁ ଊର୍ଦ୍ଧ୍ୱ ସିମ୍ କାର୍ଡ ଜବତ କରିଥିଲା। ଏମାନେ ଫେକ୍ କଲ ସେଣ୍ଟର ମାଧ୍ୟମରେ ସାଇବର ଠକେଇ କରିବା ସହ ଆତଙ୍କବାଦୀ କାର୍ଯ୍ୟକଳାପ ଚଳାଇଥିଲେ ବୋଲି ପୁଲିସ ସନ୍ଦେହ କରିଥିଲା।

ବଡ଼ଗଡ଼ ଥାନା ଅଞ୍ଚଳ ଟଙ୍କାପାଣି ରୋଡ୍‌ରେ ଏକ ଅନ୍ତରାଜ୍ୟ ସାଇବର ଠକ ଗ୍ୟାଙ୍ଗ୍ ଭଡା ଘରେ ନକଲି କଲ୍ ସେଣ୍ଟର ଖୋଲିଥିଲେ। ୭ବର୍ଷ ଧରି ଗିଫ୍ଟ ଭାଉଚର, ଲୋନ୍ ଠକେଇ ଆଳରେ ଏମାନେ ଲୋକଙ୍କୁ ଚୁନା ମାରି ଚାଲିଥିଲେ। ଏହି ଫେକ୍ କଲ୍ ସେଣ୍ଟର ୭ବର୍ଷ ମଧ୍ୟରେ ୨୧କୋଟି ଟଙ୍କା ଚୁନା ଲଗାଇଥିଲା।

ଏଭଳି ଭୁବନେଶ୍ୱରରେ ଜାତୀୟ, ଅନ୍ତର୍ଜାତୀୟ ଫେକ୍ କଲ୍ ସେଣ୍ଟର ରାତାରାତି ସ୍ଥାପନା ହୋଇ ଯାଉଛି। ବାଙ୍ଗଲାଦେଶୀ, ବିହାରୀ, କେରଳୀ ସାଇବର ଠାକ ଏଠାରେ ନିୟମିତ ଅପରେଟ୍ କରୁଛନ୍ତି। ବହୁ ବର୍ଷ ପର୍ଯ୍ୟନ୍ତ ପୁଲିସ ଏଭଳି କଲ ସେଣ୍ଟର ସମ୍ପର୍କରେ ସାମାନ୍ୟତମ ସୁରାକ୍ ପାଉ ନାହିଁ। ପୁଲିସର ଢିଲା ଯାଞ୍ଚ ବ୍ୟବସ୍ଥା ଏବଂ ଆବାସିକ ଆଇନ୍‌ର କଡାକଡି ଭାବେ ଲାଗୁ ନ ହେବା ଭୁବନେଶ୍ୱର ସହର ସେମାନଙ୍କ ପାଇଁ ଏକ ସୁରକ୍ଷିତ ସ୍ଥାନ ଭାବେ ଉଭା ହୋଇଛି। ଅପରାଧୀ ରାଜଧାନୀରେ ଘର ଭଡାକୁ ନେଉଛନ୍ତି କେବଳ ଅପରାଧ ଘଟାଇବାକୁ। କେବଳ ସାଇବର ଠକେଇ କିମ୍ବା ନକଲି କଲ୍‌ସେଣ୍ଟର ପରିଚାଳନା କରିବା ନୁହେଁ ବରଂ ଭଡା ଘରେ ସେକ୍ସ ରାକେଟ୍ ଭଳି ସଂଗଠିତ ଅପରାଧ ପରିଚାଳନା ହେଉଛି। ଅପରାଧୀଙ୍କୁ ଘଣ୍ଟ ଘୋଡାଇବାକୁ ଘର ମାଲିକ ଭଡାଟିଆଙ୍କ ତଥ୍ୟ ପୁଲିସକୁ ଦେଉ ନାହାନ୍ତି। କିଛି ଘର ମାଲିକ ନିଜେ ଅପରାଧରେ ସାମିଲ ଥିବା ପୁଲିସ ସନ୍ଦେ କରୁଛି।

ସହରରେ ଅପରାଧ କମାଇବାକୁ ୨୦୧୪ ମସିହାରେ ଆବାସିକ ସୁରକ୍ଷା ଆଇନ୍ ପ୍ରଣୟନ କରାଯାଇଥିଲା। ଏହି ଅନୁଯାୟୀ ଘର ମାଲିକ ଭଡାଟିଆଙ୍କ ପୁଲିସ ଭେରିଫିକେସନ୍ କରାଇବେ। ଭଡାଟିଆଙ୍କ ପରିଚୟ, ପ୍ରମାଣପତ୍ର ସବୁକିଛି ଯାଞ୍ଚ ହେବା କଥା। ଆଇନ୍ ପ୍ରଣୟନ ହେବା ପରେ ଏହାକୁ ବହୁ ବର୍ଷ ହେବ କଡାକଡି ପାଳନ କରାଗଲା। ରାଜଧାନୀରେ ଏହି ଆଇନ୍ କଡାକଡି ଲାଗୁ କରିବା ଉପରେ ପୁଲିସ ବିଶେଷ ଗୁରୁତ୍ୱ ଦେଲା। ହେଲେ ଏବେ ଏହାକୁ ଅଧିକାଂଶ ଘର ମାଲିକ ହେଜ୍ଞାନ କରି ଦେଉଛନ୍ତି। ଘର ମାଲିକ ଭଡାଟିଆଙ୍କ ଠାରୁ ଭେରିଫିକେସନ୍ କରିବା ଆଳରେ ପ୍ରମାଣପତ୍ର ନେଉଛନ୍ତି। କିନ୍ତୁ ପୁଲିସ ପାଖରେ ଜମା କରୁ ନାହାନ୍ତି। ପୁଲିସ ମଧ୍ୟ ଏହାକୁ କଡାକଡି ଲାଗୁ କରିବା ଉପରେ ଗୁରୁତ୍ୱ ନଦେବାରୁ ରାଜଧାନୀର ଭଡା ଘର ଫେକ୍ କଲ୍ ସେଣ୍ଟର ରାକେଟ୍ ପରିଚାଳନା କରୁଥିବା ଅପରାଧୀଙ୍କ ଭୂସ୍ୱର୍ଗ ପାଲଟଗଲାଣି।

## ଏକତରଫା ପ୍ରେମିକର ଉନ୍ମତ୍ତ କାଣ୍ଡ



ଭୁବନେଶ୍ୱର, ୧୨।୧(ସମିସ): ଏକତରଫା ପ୍ରେମରେ ବିଫଳ ହେବାପରେ ଉନ୍ମତ୍ତ କାଣ୍ଡ ଭିଆଇଛି ପ୍ରେମିକ। ଯୁବତୀଙ୍କୁ ଆକ୍ରମଣ କରିବା ସହ ଜିନିଷପତ୍ର ପୋଡ଼ି ଦେଇଛି। ଅଭିଯୋଗ ପାଇବା ପରେ ଅଭିଯୁକ୍ତକୁ ଗିରଫ କରିଛି ଖାରବେଳ ନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ୟୁନିଟ୍-୩ ଅଞ୍ଚଳର ଡି ବିଜୟ ରେଡ୍ଡୀ (୩୦)।

ପୁଲିସ ସୂଚନା ଅନୁସାରେ, ଯୁବତୀ ଓ ବିଜୟ ଗୋଟିଏ ନୃତ୍ୟ ସଂସ୍ଥାର ସଦସ୍ୟ ହୋଇଥିବା ବେଳେ ପ୍ରାୟ ଦୁଇ ବର୍ଷ ପୂର୍ବେ ସେମାନଙ୍କର ପରିଚୟ ହୋଇଥିଲା। ପରେ ସେମାନେ ଏକାଠି ନୃତ୍ୟ ପ୍ରଦର୍ଶନ ମଧ୍ୟ କରିଥିଲେ। ଏହି ସମୟରେ ବିଜୟ ପ୍ରେମ ନିବେଦନ କରିଥିଲେ ମଧ୍ୟ ଯୁବତୀ ଜଣକ ପ୍ରତିବାଦ କରିଥିଲେ। ଏହାକୁ ନେଇ ବିଜୟ ଈର୍ଷାପରାୟଣ ହୋଇ ୩ ମାସ ହେବ ଯୁବତୀଙ୍କୁ ଲଗାତାର ଭାବେ ହଇରାଣ କରିବା ସହ ହତ୍ୟା ଧମକ ମଧ୍ୟ ଦେଉଥିଲେ। ଗତକାଲି ଅପରାହ୍ଣରେ ଯୁବତୀ ଜଣକ ଭବାନୀପାଟଣାରୁ ଆସି ପଳାଶୁଣୀ ଛକରେ ଓହ୍ଲାଇବା ପରେ ବିଜୟ ତାଙ୍କ ମୋବାଇଲ ଛଡ଼ାଇ ନେଇଥିଲା। ଜୋରଜବରଦସ୍ତ ଏକ ଅଟୋରେ ବସାଇ ରାମ ମନ୍ଦିର ନିକଟକୁ ନେଇଯାଇଥିଲା। ସେଠାରେ ବିଜୟ ଆକ୍ରମଣ କରିବାରୁ ତାଙ୍କ ମୁହଁ ଫୁଲିଯାଇଥିଲା। ଏଥିସହିତ ନୃତ୍ୟପୋଷାକ, ରୁପାଅଳଙ୍କାର ଓ ୫ ହଜାର ଟଙ୍କା ଥିବା ଯୁବତୀଙ୍କ ବ୍ୟାଗକୁ ପୋଡ଼ି ଦେଇଥିଲା। ଗୋଟିଏ ଛୁରି ଧରି ଯୁବତୀଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲା। ଏନେଇ ଯୁବତୀ ଜଣକ ଖାରବେଳ ନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ବିଜୟକୁ ଗିରଫ କରିବା ସହ ୨ଟି ମୋବାଇଲ ଫୋନ ଜବତ କରିଛି।

## ଗ୍ୟାସ୍ ସିଲିଣ୍ଡର୍ ଜବତ; ଚୋର ଟୁଙ୍ଗୁରୁ ଭୋଳ ପୁଣି ଗିରଫ



ଭୁବନେଶ୍ୱର, ୧୨।୧ (ସମିସ): ଚୋରି କରିଥିବା ଅଭିଯୋଗରେ ଟୁଙ୍ଗୁରୁକୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କଳିଙ୍ଗନଗର କେ-୪ ଅଞ୍ଚଳରେ ରହୁଥିବା ହିଞ୍ଜିଳି ଥାନା ସିକିରି ଗାଁର ଆଲୋକ ଭୋଳ ଓରଫ୍ ଟୁଙ୍ଗୁରୁ (୨୫)।

ପୁଲିସ ସୂଚନା ମୁତାବକ, ରାଜମିସ୍ତ୍ରି ସୁଧାକର ବେହେରା କୁବେର ନଗର ଅଞ୍ଚଳରେ ଆପାର୍ଟମେଣ୍ଟର ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିଲେ। ସେଠାରେ ଥିବା ଏକ ଷ୍ଟୋର ରୁମରେ ସେ ନିଜର ଯନ୍ତ୍ରପାତି ସବୁକୁ ରଖିଥିଲେ। ଗତ ଶନିବାର ମଧ୍ୟାହ୍ନରେ ଟୁଙ୍ଗୁରୁ ଉକ୍ତ ଷ୍ଟୋର ରୁମରୁ ଗ୍ୟାସ୍ ସିଲିଣ୍ଡର, ଡ୍ରିଲ ମେସିନ ଓ ଏକ ରସ ପାତ୍ର ଚୋରିକରି ଅଟୋ ଯୋଗେ ନେଇ ଯାଇଥିଲା। ଚୋରି ହୋଇଥିବା ଜାଣି ସୁଧାକର ତମାଣ୍ଡୋ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାସ୍ଥଳ ଓ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଟୁଙ୍ଗୁରୁର ସମ୍ପୃକ୍ତି ଥିବା ଜାଣି ତାକୁ ଥାନାକୁ ଉଠାଇ ଆଣିଥିଲା। ତା' ଠାରୁ ଗ୍ୟାସ୍ ସିଲିଣ୍ଡର, ଯାତ୍ରୀବାହୀ ଅଟୋ, ଡ୍ରିଲ ମେସିନ୍ ଓ ରସ ପାତ୍ର ଜବତ କରିଥିଲା। ଟୁଙ୍ଗୁରୁ ନାମରେ ପୂର୍ବରୁ ମଧ୍ୟ ଭରତପୁର ଓ ତମାଣ୍ଡୋ ଥାନାରେ ୨ ଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

ହଂସପାଳ, ୧୨।୧(ସମିସ): ୧୬ ନମ୍ବର୍ ଜାତୀୟ ରାଜପଥ ହଂସପାଳ ଛକ ଉପରେ ଏକ ଚାଉଳ ବୋଝେଇ ଟ୍ରକ ଧକ୍କାରେ ବାଇକ୍ ଆରୋହୀ ନୂଆପଲ୍ଲୀ ସାଲିଆ ସାହିର ଦିଲୀପ




ବେହେରା (୪୫) ଙ୍କ ମୃତ୍ୟୁ ହୋଇଥିବା ବେଳେ ବାଇକ୍ ପଛରେ ବସିଥିବା ସୁଶାନ୍ତ ବେହେରା ଆହତ ହୋଇଛନ୍ତି। ସୂଚନା ଅନୁସାରେ ଦିଲୀପ ଜଣେ ଦିନ ମଜୁରିଆ ଭାବେ ରଙ୍ଗ ମିସ୍ତ୍ରି କାମ କରନ୍ତି। ଦିଲୀପ ଓ ସୁଶାନ୍ତ ଫୁଲନଖରା ରୁ ଘର ରଙ୍ଗ କାମ ସାରି ନିଜ ଘର ସାଲିଆ ସାହିକୁ ବାଇକ୍‌ରେ ଫେରୁଥିବା ବେଳେ ଏକ ଚାଉଳ ବୋଝେଇ ଟ୍ରକ ଦ୍ରୁତ ଗତିରେ ଆସି ଦିଲୀପଙ୍କ ବାଇକ୍ ପଛପଟକୁ ଧକ୍କା ଦେଇଥିଲା। ଫଳରେ ଦିଲୀପ ବାଇକ୍‌ରୁ ଛିଟିକି ପଡ଼ି ଟ୍ରକ୍ ଚକା ତଳେ ପଡ଼ିଯିବା ଫଳରେ ଘଟଣାସ୍ଥଳରେ ଦିଲୀପଙ୍କ ମୃତ୍ୟୁ ଘଟିଥିଲା। ସୁଶାନ୍ତ ଅନ୍ୟପଟେ ପଡ଼ିଯିବା ଫଳରେ ଅଳ୍ପକେ ମୃତ୍ୟୁ ମୁଖରୁ ବଞ୍ଚିଯାଇଥିଲେ। ଦୁର୍ଘଟଣା ଫଳରେ ଜାତୀୟ ରାଜପଥ ଉପରେ ଗାଡ଼ି ଗୁଡ଼ିକ ବହୁ ସମୟ ଧରି ଅଟକି ରହି ରାସ୍ତା ଜାମ ହୋଇଯାଇଥିଲା। ଖବର ପାଇ ପାହାଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇବା ସହ ଟ୍ରକ୍‌କୁ ଜବତ କରିଥିଲେ।

## ଦୋକାନ ସଟର ଭାଙ୍ଗି ଚୋରି; ଜଣେ ଗିରଫ



ଧଉଳି, ୧୨।୧(ସମିସ): ସଟର ତାଡି ଦୋକାନରୁ ଚୋରି କରିବା ଅଭିଯୋଗରେ ଧଉଳି ଥାନା ପୁଲିସ ଜଣଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି। ଗିରଫ ଯୁବକ ହେଲେ ବସନ୍ତପୁର ଗ୍ରାମର ସରୋଜ କୁମାର ବେହେରା। ଖବରନେବାରେ ଜଣାପଡ଼ିଛି ଶୁକ୍ରବାର ରାତିରେ ଜିତେନ୍ଦ୍ର ସ୍ୱାଇଁଙ୍କ ତେଜରାତି ଦୋକାନ ସଟର ତାଡ଼ି ଚୋରି ହୋଇଥିଲା। ଏନେଇ ଜିତେନ୍ଦ୍ର ସମ୍ପୃକ୍ତ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୁଲିସ ତଦନ୍ତ କରିଥିବା ବେଳେ ଗତକାଲି ଅଭିଯୁକ୍ତ ସରୋଜ ସେହି ଚୋରି ସାମଗ୍ରୀ ନେଇ ଅନ୍ୟ ଦୋକାନରେ ବିକ୍ରି କରୁଥିଲା ବେଳେ ଟିକରପଡ଼ା ଗ୍ରାମବାସୀ ଏବଂ ଜିତେନ୍ଦ୍ର ସେଠାରେ ପହଞ୍ଚି ସରୋଜକୁ ଧରି ପୁଲିସ ଜିମା ଦେଇଥିଲେ। ପୁଲିସ ସରୋଜ ଠାରୁ ୯ ହଜାର ଟଙ୍କା ଏବଂ ଚୋରି ରାସନ ସାମଗ୍ରୀ ଜବତ କରିଛି।

## ୨୧ କୋଟି ସାଇବର ଠକେଇ; ଆଉ ୩ ଗିରଫ



ଭୁବନେଶ୍ୱର, ୧୨।୧(ସମିସ): ଗିଫ୍ଟ ଭାଉଚର, କେରଳ ଲଟେରୀ ଏବଂ ଲୋନ୍ ଦେବା ଆଳରେ ବହୁ କୋଟି ଟଙ୍କା ସାଇବର ଠକେଇ ମାମଲାରେ ଆଉ ୩ ଜଣଙ୍କୁ ଗିରଫ କରିଛି କମିସନରେଟ୍ ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଚନ୍ଦନ କୁମାର, ପଙ୍କଜ କୁମାର ଓ ରିଣି କୁମାର। ଏମାନଙ୍କ ଠାରୁ ଗୋଟିଏ ଗାଡି, ୩ ମୋବାଇଲ ଏବଂ କିଛି ଅପତ୍ତିଜନକ କାଗଜପତ୍ର ଜବତ ହୋଇଛି। ପୂର୍ବରୁ କମିସନରେଟ୍ ପୁଲିସ ଏହି ଅନ୍ତରାଜ୍ୟ ଗ୍ୟାଙ୍ଗର ୧୨ସଦସ୍ୟଙ୍କୁ ଗିରଫ କରିଥିଲା।

ଏହି ଗ୍ୟାଙ୍ଗ ଠାରୁ ୩୦ଟି କିପ୍ୟାଡ୍ ଫୋନ୍, ୩୦ଟି ସ୍ମାର୍ଟ ଫୋନ୍, ୨ ଲାପଟପ୍, କୁପନ୍, ବିହାର ନମ୍ବର ଥିବା ଗୋଟିଏ ଥର ଗାଡି, ଘର ମାଲିକଙ୍କ ଗୋଟିଏ ମୋଟର ସାଇକେଲ୍, ବହୁ ସଂଖ୍ୟାରେ ସିମ୍ କାର୍ଡ ଏବଂ ଦସ୍ତାବିଜ୍ ଜବତ କରାଯାଇଛି। ଗିଫ୍ଟ ଭାଉଚର, କେରଳ ଲଟେରୀ ଏବଂ ଲୋନ୍ ଦେବା ଆଳରେ ଏମାନେ ଲୋକଙ୍କୁ ଦୀର୍ଘ ବର୍ଷ ହେବ ଲୁଟି ଚାଲିଥିଲେ। ଲୋକଙ୍କ ବିଶ୍ୱାସ ଭାଜନ ପାଇଁ କେରଳ ଲଟ୍ରି ଠକେଇରେ କେରଳ ଲୋକଙ୍କୁ ନିୟୋଜିତ କରାଯାଇଥିଲା। ଗିଫ୍ଟ ଭାଉଚର ଠକେଇରେ କୋଲକତାରୁ ଚିଠି ଏବଂ ସ୍କ୍ରାଚ୍ କାର୍ଡ ଡେଲିଭରୀ କରାଯାଉଥିଲା। ବଜାଜଜ ଫିନ୍‌ସର୍ଭ, ମୁଦ୍ରା ଫାଇନାନ୍ସ ଏବଂ ଇଣ୍ଡିଆ ବୁଲ୍ ଭଳି ନାମୀ ସଂସ୍ଥାର ନାଆକୁ ବ୍ୟବହାର କରି ସୋସିଆଲ ମିଡ଼ିଆରେ ବିଜ୍ଞାପନ ଦିଆଯାଉଥିଲେ। ଲୋକେ ଏଥିପାଇଁ ପ୍ରୋସେସିଂ ଫି ଦେବା ମାତ୍ରେ ଠକେଇର ଶିକାର ହୋଇଯାଉଥିଲେ।

## ଜମି କିସମ ପରିବର୍ତ୍ତନ ନାଁରେ ୨ ଲକ୍ଷ ଟଙ୍କୁ; ଠକ ଗିରଫ



ଭୁବନେଶ୍ୱର, ୧୨।୧ (ସମିସ): ଜମି କିସମ ପରିବର୍ତ୍ତନ ଆଳରେ ୨ ଲକ୍ଷ ଟଙ୍କା ଠକି ନେଇଥିବା ଧୂର୍ତ୍ତକୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଛେଣ୍ଡିପଦା ଥାନା ଷଣ୍ଢପାଳ ଗାଁର ନବୀନ ନାଏକ (୫୨)। ପୁଲିସ ସୂଚନାନୁଯାୟୀ, ସୂର୍ଯ୍ୟ ନଗର ଅଞ୍ଚଳର ନବୀନ ନୂଆସାହି ଅଞ୍ଚଳରେ ରହୁଥିବା ବରିଷ୍ଠ ନାଗରିକ ସହଦେବ ଖଟୁଆଙ୍କ ଜମିର କିସମକୁ ଘର ବାରି କରିଦେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ନବୀନଙ୍କ କଥାରେ ବିଶ୍ୱାସ କରି ସହଦେବ ତାଙ୍କୁ ବିଭିନ୍ନ ପର୍ଯ୍ୟାୟରେ ୨ ଲକ୍ଷ ୧୪ ହଜାର ୫୦୦ ଟଙ୍କା ଦେଇଥିଲେ। ଟଙ୍କା ନେବାର ଦୀର୍ଘଦିନ ପରେ ମଧ୍ୟ ନବୀନ କିସମ ପରିବର୍ତ୍ତନ କରିନଥିଲେ କି କୌଣସି ପଦକ୍ଷେପ ମଧ୍ୟ ନେଇନଥିଲେ। ବାରମ୍ବାର ଅନୁରୋଧ ପରେ ମଧ୍ୟ କୌଣସି ଫଳ ମିଳିନଥିଲା। ପ୍ରାୟ ୫ ମାସ ପୂର୍ବେ? ସହଦେବ ଟଙ୍କା ଫେରସ୍ତ ମାଗିବାରୁ ନବୀନ ରାଜି ହୋଇଥିଲେ ମଧ୍ୟ ଏଯାଏଁ ଟଙ୍କାଟିଏ ମଧ୍ୟ ଦେଇ ନ ଥିଲେ। ଏନେଇ ସହଦେବ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ନବୀନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ବେଆଇନ ବାଲି ଚାଲାଣ ଅଭିଯୋଗରେ ଚାଳକ ଗିରଫ

ହଂସପାଳ/ବାଲିଅନ୍ତା, ୧୨।୧(ସମିସ): ବେଆଇନ ବାଲି ଚାଲାଣ ଅଭିଯୋଗରେ ବାଲିଅନ୍ତା ଥାନା ପୋଲିସ କଟକ ଜିଲ୍ଲା ବାଙ୍କୀ ଥାନା କୁସୁଣ୍ଡା ଗ୍ରାମର ବିକାଶ ବେହେରା(୩୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନା ଅନୁସାରେ ବାଲିଅନ୍ତା ଥାନା ଅଧିକାରୀ ଅନିଲ ପରିଡ଼ାଙ୍କ ନିର୍ଦ୍ଦେଶ ମୁତାବକ ସମ୍ପୃକ୍ତ ଥାନାର ଏକ ପେଟ୍ରୋଲିଙ୍ଗ ଟିମ ନିଜ ଅଞ୍ଚଳରେ ରାତ୍ରିକାଳୀନ ପାଟ୍ରୋଲିଂ ଡ୍ୟୁଟି ସମ୍ପାଦନ କରୁଥିବା ବେଳେ, ରାତି ୧୨.୪୫ ସମୟରେ ଏକ ହାଇୱା ଟ୍ରକ ଖୁବ ଦ୍ରୁତ ଗତିରେ ହଂସପାଳ ପାର୍ଶ୍ୱରୁ ଆସୁଥିବା ଦେଖିବାକୁ ପାଇଥିଲେ। ପାଟ୍ରୋଲିଂ ଟିମ ସମ୍ପୃକ୍ତ ଟ୍ରକକୁ ଆଞ୍ଜେଲ୍ ଆପାର୍ଟମେଣ୍ଟ ନିକଟରେ ଅଟକାଇବା ସହ ଛାନଭିନ କରିଥିଲେ। ଛାନଭିନ ସମୟରେ ଉକ୍ତ ଟ୍ରକରେ ବେଆଇନ ବାଲି ଚାଲାଣ ହେଉଥିବା ଜଣାପଡ଼ିଥିଲା। ପୁଲିସ ଟ୍ରକ୍ ଚାଳକ ବିକାଶଙ୍କୁ କାବୁ କରିବା ସହ ତାଙ୍କ ହେପାଜତରୁ ବାଲି ଭର୍ତ୍ତି ହାଇୱା ଟ୍ରକକୁ ଜବତ କରିଥିଲେ। ତଦନ୍ତ ସମୟରେ ଅଭିଯୁକ୍ତ ଚାଳକ ଜଣକ, ଟ୍ରକ ମାଲିକ ସୁବ୍ରତ ପଲେଇ ଓରଫ ସିପାଙ୍କ ନିର୍ଦ୍ଦେଶରେ ଏହି ବେଆଇନ ବାଲି ଚାଲାଣ କରୁଥିବା ସ୍ୱୀକାର କରିଥିବା ବେଳେ ଚାଲାଣ ହେଉଥିବା ବାଲି ସମ୍ପର୍କିତ କୌଣସି ବିଭାଗୀୟ ଅଧିକାରୀଙ୍କ ଅନୁମତି ପତ୍ର ଦେଖାଇପାରିନଥିଲେ।







# ନନ୍ଦନକାନନରେ ୨୦୦ ରବିବାର ପକ୍ଷୀ ପଦଯାତ୍ରା

ନନ୍ଦନକାନନ, ୧୨।୧(ସମିସ): ନନ୍ଦନକାନନ ପ୍ରାଣୀ ଉଦ୍ୟାନ ୨୦୦ ରବିବାର ପକ୍ଷୀ ପଦଯାତ୍ରାର ଶେଷ ହୋଇଛି। ଯାହା ପକ୍ଷୀ ଦେଖିବା, ସଂରକ୍ଷଣ ଶିକ୍ଷା ଏବଂ ପ୍ରକୃତି ପ୍ରଶଂସା ପ୍ରତି ଏହାର ନିରନ୍ତର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରିଛି। ୨୦୦ତମ ପକ୍ଷୀ ପଦଯାତ୍ରା କାର୍ଯ୍ୟକ୍ରମରେ ୭୫ ଜଣ ପକ୍ଷୀ ପରୀକ୍ଷକ ଏବଂ ପ୍ରକୃତି ଉତ୍ସାହୀଙ୍କ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା, ଯାହା କାର୍ଯ୍ୟକ୍ରମର ବର୍ଦ୍ଧିତ ଲୋକପ୍ରିୟତା ଏବଂ ପ୍ରଭାବକୁ ପ୍ରତିଫଳିତ କରିଥିଲା। ନନ୍ଦନକାନନ ତରଫରୁ ରବିବାର ପକ୍ଷୀ ପଦଯାତ୍ରା କାର୍ଯ୍ୟକ୍ରମ ୬ ଫେବୃଆରୀ ୨୦୨୨ରେ ମାତ୍ର ଦୁଇଜଣ ଅଂଶଗ୍ରହଣକାରୀଙ୍କ ସହିତ ଆରମ୍ଭ ହୋଇଥିଲା। ୨୦୦ ନିରନ୍ତର ସାପ୍ତାହିକ ପଦଯାତ୍ରା ମଧ୍ୟରେ ଏଥିରେ ୬୦୦ପକ୍ଷୀ ପ୍ରେମୀ, ଛାତ୍ର, ଗବେଷକ ଏବଂ ପ୍ରକୃତି ଉତ୍ସାହୀ ସାମିଲ ହୋଇଥିଲେ। ରବିବାର ପକ୍ଷୀ ପଦଯାତ୍ରା ଆରମ୍ଭ ହେବା ପୂର୍ବରୁ, ନନ୍ଦନକାନନ ବନ୍ୟପ୍ରାଣୀ ଅଭୟାରଣ୍ୟର ପକ୍ଷୀ ତାଲିକାରେ ୧୬୮ ପ୍ରଜାତି ରେକର୍ଡ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ସ୍ଥିର ଏବଂ ବ୍ୟବସ୍ଥିତ ପକ୍ଷୀ ନିରୀକ୍ଷଣ ପ୍ରୟାସ ସହିତ, ଡକ୍ୟୁମେଣ୍ଟେଡ୍ ପକ୍ଷୀ ବିବିଧତା ବର୍ତ୍ତମାନ ୨୧୦ ପ୍ରଜାତି ଅତିକ୍ରମ କରିସାରିଛି।



ଯେଉଁଥିରେ ଟଫ୍‌ଟେଡ୍ ଡକ୍, କପା ପିଗମି ଗୁଜ୍, ଫୁଲଭୋସ୍ ହ୍ୱିସିଲିଂ ଡକ୍, ସ୍ଲେଟେଡ୍ ରେଡଶାଙ୍କ୍, ଗାଡୱାଲ୍, ପେଣ୍ଟେଡ୍ ଷ୍ଟର୍କ ଭଳି ଅନେକ ବିରଳ ଏବଂ ପ୍ରବାସୀ ପକ୍ଷୀ ଅନ୍ତର୍ଭୁକ୍ତ। ଅଂଶଗ୍ରହଣକାରୀଙ୍କୁ ଅଧିକ ଜଡ଼ିତ କରିବା ପାଇଁ, ପକ୍ଷୀ ନିରୀକ୍ଷଣ ଅଧିବେଶନ ପରେ ଶିକ୍ଷାଗତ ଏବଂ ପାରସ୍ପରିକ କାର୍ଯ୍ୟକଳାପର ଏକ ଶୃଙ୍ଖଳା ଆୟୋଜନ କରାଯାଇଥିଲା। ସକ୍ରିୟ ଅଂଶଗ୍ରହଣ ଏବଂ ଶିକ୍ଷାକୁ ଉତ୍ସାହିତ କରିବା ପାଇଁ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଜେତାମାନଙ୍କୁ ପୁରସ୍କାର ସହିତ ସମ୍ମାନିତ କରାଯାଇଥିଲା। ୨୦୦ତମ ପକ୍ଷୀ ପଦଯାତ୍ରା କାର୍ଯ୍ୟକ୍ରମ ପକ୍ଷୀମାନଙ୍କ ଉପରେ ଏକ ପାରସ୍ପରିକ ଆଲୋଚନା ସହିତ ଆରମ୍ଭ ହୋଇଥିଲା। ୨୦୦ତମ ରବିବାର ପକ୍ଷୀ ପଦଯାତ୍ରାର ସମାପ୍ତି ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପାଇଁ ଏକ ଗର୍ବର ମାଇଲଖୁଣ୍ଟ ଭାବରେ ଠିଆ ହୋଇଛି, ଯାହା ପକ୍ଷୀ ସଂରକ୍ଷଣ, ନାଗରିକ ବିଜ୍ଞାନ, ପରିବେଶ ଶିକ୍ଷା ଏବଂ ଜନସାଧାରଣଙ୍କ ମଧ୍ୟରେ ପ୍ରକୃତି ପ୍ରତି ଗଭୀର ଆଗ୍ରହକୁ ପ୍ରୋତ୍ସାହିତ କରିବା ପାଇଁ ଏହାର ନିରନ୍ତର ପ୍ରୟାସକୁ ପ୍ରତୀକ କରେବୋଲି ଉପନିର୍ଦ୍ଦେଶକ ସନଥ ନାରାୟଣ ପ୍ରକାଶ କରିଛନ୍ତି।



# ହାତୀ ଆତଙ୍କ; ୩ ଗ୍ରାମବାସୀଙ୍କ ଦ୍ୱିତୀୟ ବୈଠକ

ବଅଁରପାଳ,୧୨।୧(ସମିସ): ଅଞ୍ଚଳରେ ପ୍ରତ୍ୟେକ ଦିନ ହାତୀ ଉପଦ୍ରବର କୌଣସି ସ୍ଥାୟୀ ପ୍ରତିକାର ନ ହେବା, ହାତୀଙ୍କ ଉପସ୍ଥିତି ଯୋଗୁଁ ବାରମ୍ବାର ଦୀର୍ଘ ସମୟ ଧରି ବିଦ୍ୟୁତ ସରବରାହ ବନ୍ଦ ରହିବା ଓ ଏ ବିଷୟରେ ବିଭାଗୀୟ ଜିଲ୍ଲା ପଦାଧିକାରୀଙ୍କୁ ଲିଖିତ ଅଭିଯୋଗ ପରେ ସମାଧାନର କେବଳ ପ୍ରତିଶ୍ରୁତି ଦେଇ ପରେ ଖାମଖିଆଲ ନୀତି ଅବଲମ୍ବନ କରାଯାଉଥିବା ପ୍ରତିବାଦରେ ରବିବାର ତୁଳସୀପାଳ, ଲଙ୍ଗୁଳିଆବେଢ଼ା ଏବଂ ଗାଡରଖାଇ ଗ୍ରାମ ସଭାପତିଙ୍କ ତତ୍ତ୍ୱାବଧାନରେ ତୁଳସୀପାଳ ଗ୍ରାମ ପାଲାମଣ୍ଡପରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ନିନ୍ଦା ପ୍ରସ୍ତାବ ଆଗତ କରାଯିବା ସହ ରାସ୍ତାରୋକ ଆନ୍ଦୋଳନ ନିଷ୍ପତ୍ତି ନିଆଯାଇଛି।

ଗତ ୫ ବର୍ଷ ହେଲା ଏହି ଅଞ୍ଚଳରେ ହାତୀପଲଙ୍କ ଅବାଧ ଚଳପ୍ରଚଳ ଓ ସେମାନଙ୍କ ଦ୍ୱାରା ବ୍ୟାପକ ଫସଲହାନି, ଜୀବନହାନି, ଜୀବିକାହାନି ହେଉଥିବାରୁ ଗ୍ରାମବାସୀ ଅତିଷ୍ଠ ଓ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ନିକଟରେ କିଛି ଲୋକଙ୍କ ଯିବା ସହ କିଛି ଲୋକ ଆଜୀବନ ପଙ୍ଗୁ ହୋଇଛନ୍ତି। ବେଳ ବୁଡ଼ିଲେ ବସତି ଭିତରକୁ ହାତୀଙ୍କ ପ୍ରବେଶ, ବିଜୁଳିକାଟ ଓ ବନ ବିଭାଗର ଘନଘନ ସାଇରନ ଭୟାକୁଳ ପରିସ୍ଥିତି ସୃଷ୍ଟି କରୁଛି। ବିଲରେ ଧାନ ନ ଥିବାରୁ ହାତୀପଲ ଦଳ ଦଳ ହୋଇ ଜନବସତିକୁ ଆସି ପନିପରିବା, ରବି ଫସଲ ଖାଇ ନଷ୍ଟ କରିବା ସହ ଘର ଭାଙ୍ଗି ଗଚ୍ଛିତ ଧାନ ଖାଉଛନ୍ତି। ଏହାର ପ୍ରତିବାଦରେ ଗତ ମାସରେ ବୈଠକ କରାଯାଇ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗପତ୍ର ଦିଆଯାଇଥିଲା। ସପ୍ତାହକ ମଧ୍ୟରେ ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ତେବେ ଇତିମଧ୍ୟରେ ୧୫ ଦିନ ବିତିଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ଆସନ୍ତା ଗୁରୁବାର ତିନି ଗ୍ରାମର ପ୍ରତିନିଧି ଶେଷଥର ପାଇଁ ଅଧିକାରୀଙ୍କୁ ଭେଟି ପୁନର୍ବାର ଅଭିଯୋଗ କରିବେ। ଯଦି କୌଣସି ସନ୍ତୋଷଜନକ ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ରାଜରାସ୍ତା ଅବରୋଧ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ତୁଳସୀପାଳ ଗ୍ରାମ ସଭାପତି ଉମେଶ ଚନ୍ଦ୍ର ଗଡ଼ନାୟକ, ଲଙ୍ଗୁଳିଆବେଢ଼ା ଗ୍ରାମ ସଭାପତି ବ୍ରଜେନ୍ଦ୍ର ନାରାୟଣ ବିଶ୍ୱାଳ, ଗାଡରଖାଇ ଗ୍ରାମ ସଭାପତି ଅର୍ଜୁନ କୁମାର ବେହେରା, ମନବାଧିକାରୀ କର୍ମୀ ଉଦୟନାଥ ଦାଶ, ଅକ୍ଷୟ କୁମାର ବିଶୋଇ, ବାଉରୀବନ୍ଧୁ ସାହୁ, ସନ୍ତୋଷ ଦାଶ, ବିକାଶ ସାହୁ, ନିମେଇଁ ସାହୁ ଓ ଅଜୟ ସାହୁଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

# ତାଳଚେର କଲେଜରେ ଜାତୀୟ ଯୁବ ଦିବସ ପାଳିତ

ତାଳଚେରସହର,୧୨।୧(ସମିସ):





ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ସଭାକକ୍ଷରେ ଟ୍ରଷ୍ଟ ଫର ଏନଭର୍ଣ୍ଣମେଣ୍ଟ ଆଣ୍ଡ ଡେଭଲପମେଣ୍ଟ ଆନୁକୂଲ୍ୟରେ ଜାତୀୟ ଯୁବ ଦିବସ ପାଳିତ ହୋଇଛି। ଏହି ଦିବସ ପାଳନ ଅବସରରେ ଥିବା ଆଭିମୁଖ୍ୟ "ନିଜକୁ ପ୍ରଜ୍ୱଳିତ କରି ବିଶ୍ୱକୁ ଆଲୋକିତ କର' ବିଷୟ ଉପରେ ଆଲୋକପାତ କରାଯାଇଥିଲା। ବିଶ୍ୱର ଯୁବଶକ୍ତି ସଶକ୍ତ ହେଲେ ଶୃଙ୍ଖଳିତ ବିଶ୍ୱ ଗଠନ ହୋଇପାରିବ ବୋଲି ଆଲୋଚକମାନେ ମତ ରଖିଥିଲେ। ସମାଜ ଓ ପରିବେଶରୁ ମୁଁ କ'ଣ ପାଇବି ନୁହେଁ, ପରନ୍ତୁ ମୁଁ କଣ ଦେଇପାରିବି ଏହି ପ୍ରଶ୍ନ ଯୁବକ ଯୁବତୀଙ୍କ ମନରେ ଉଦ୍ରେକ ହେଲେ ସମାଜ ଶୃଙ୍ଖଳିତ ହୋଇପାରିବ। ଆମେ ଆମର ପୂର୍ବପୁରୁଷଙ୍କଠାରୁ ଏକ ସୁନ୍ଦର ପୃଥିବୀକୁ ପାଇଛୁ ଏବଂ ଏହାକୁ ଆହୁରି ସରସସୁନ୍ଦର କରି ଆମ ପରବର୍ତ୍ତୀ ପିଢ଼ି ହାତରେ ଟେକିଦେବାର ସଂକଳ୍ପ କରିବା ପାଇଁ ଯୁବପିଢ଼ିଙ୍କୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ମେଜର ସୁବ୍ରତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ପ୍ରାଧ୍ୟାପକ ଶଶାଙ୍କ କୁମାର ପ୍ରଧାନ ପରିଚାଳନା କରିଥିଲେ। ଟ୍ରଷ୍ଟ ଫର ଏନଭର୍ଣ୍ଣମେଣ୍ଟ ଆଣ୍ଡ ଡେଭଲପମେଣ୍ଟ ପକ୍ଷରୁ ତିଥି ପଟ୍ଟନାୟକ ସମ୍ମାନିତ ବକ୍ତା ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଡ. ମିହିର ପଟ୍ଟନାୟକ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ ଓ ସଙ୍ଗଠିତ ହେବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ରାସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଡ. ସତ୍ୟନାରାୟଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସୁନିତା ସାହୁ, ରୋହିତକାନ୍ତ ମିଶ୍ର, ଅରୁଣ କୁମାର ନାୟକ, ସତ୍ୟବ୍ରତ ପଣ୍ଡା, ଶାନ୍ତି ବୁଢ଼େକ, ମଧୁସ୍ମିତା ନାୟକ, କ୍ରିଷ୍ଟିଆନା ରାଣୀ ଲିମା ଏବଂ ହୋଟେଲ ସୂର୍ଯ୍ୟ ଗାର୍ଡେନର ଲୋକରଞ୍ଜନ ବୀର, ସୁଶାନ୍ତ କୁମାର ମହାପାତ୍ର, ବିଶ୍ୱଜିତ ସାହୁ, ଶିବପ୍ରସାଦ ନାୟକ, ସୀମାଞ୍ଚଳ ବେହେରା, ଚଗଲା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଟାଉନ ଉଚ୍ଚ ବିଦ୍ୟାଳୟରେ ଖାଦ୍ୟ ମେଳା

ଅନୁଗୋଳ,୧୨।୧(ସମିସ): ଟାଉନ ଉଚ୍ଚ ବିଦ୍ୟାଳୟରେ ଚତୁର୍ଥ ଖାଦ୍ୟମେଳା (ଫୁଡ୍ ଫେଷ୍ଟିଭାଲ୍) ଆୟୋଜିତ ହୋଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାଇଚାରା, ସମନ୍ୱୟ ବୃଦ୍ଧି, ଖାଦ୍ୟ ଓ ଖାଦ୍ୟସାର ସମ୍ପର୍କରେ ସବିଶେଷ ଜ୍ଞାନ ଆହରଣ ପାଇଁ ଏହି ଖାଦ୍ୟମେଳା ଆୟୋଜିତ ହୋଇଥିଲା। ଅନୁଗୋଳ ବିଇଓ ଅଶୋକ କୁମାର ପ୍ରଧାନ ମୁଖ୍ୟଅତିଥି ରୂପେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଅଳକା ସାହୁ ଓ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। ପିଲାମାନେ ଦଳଗତ ଭାବେ ବିଭିନ୍ନ ରନ୍ଧାଖାଦ୍ୟ ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ। ବିଭିନ୍ନ ପ୍ରକାରର ପିଠା, ମିଠା, ଦହିବରା, ଚାର୍ଟ, ଗୁପଚୁପ୍, ସୁଇଟକର୍ଣ୍ଣ, ଘୁଗୁନି ଆଦି ଖାଦ୍ୟ ପ୍ରଦର୍ଶିତ ହୋଇଥିଲା। ଅନେକ ଅଭିଭାବକ ଏହି ଖାଦ୍ୟ କିଣି ଖାଇବା ସହ ପିଲାମାନଙ୍କ ପ୍ରୟାସକୁ ଉତ୍ସାହିତ କରିଥିଲେ।



### ବାଜିରାଉତ ଯୁବକ ସଂଘ ତରଫରୁ ରକ୍ତଦାନ ଶିବିର

# ୭୨ୟୁନିଟ ରକ୍ତ ସଂଗ୍ରହ

କଣିହାଁ,୧୨।୧(ସମିସ): କଣିହାଁ ବ୍ଲକ ଜରଡ଼ା ପଞ୍ଚାୟତ ହାଇସ୍କୁଲରେ ବାଜିରାଉତ ଯୁବକ ସଂଘ ଆନୁକୂଲ୍ୟରେ ରବିବାର ରକ୍ତଦାନ ଶିବର ଅନୁଷ୍ଠିତ ହୋଇଛି। ଅତିଥି ଭାବେ ପ୍ରଧାନଶିକ୍ଷୟିତ୍ରୀ ପଙ୍କଜିନୀ ପ୍ରଧାନ, ଶିକ୍ଷାବିତ ଥବିର ଚନ୍ଦ୍ର ପ୍ରଧାନ, ମାଛିନ୍ଦ୍ର କୁମାର ସାହୁ, ଗିରୀଶ ଚନ୍ଦ୍ର ସାହୁ, ବିକ୍ରମ ଚରଣ ସାହୁ, ସମିତି ସଭ୍ୟା ଦୀପ୍ତିମୟୀ ମହାନ୍ତି, ଗ୍ରାମ ସଭାପତି ସଚ୍ଚିଦାନନ୍ଦ ଦେହୁରୀ, ସାମାଜିକ କର୍ମୀ ଶିବପ୍ରସାଦ ରାଉତ ପ୍ରମୁଖ ଯୋଗଦେଇ ଶିବରକୁ ଉଦଘାଟନ କରିଥିଲେ। କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ କେନ୍ଦ୍ରୀୟ ରକ୍ତଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ଏଥିରେ ୭୨ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ବିମଳ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ପ୍ରତିବର୍ଷ ରକ୍ତଦାନ ଶିବିର ଆୟୋଜିତ ହେଉଛି। ଏଥିରେ ବାଜିରାଉତ ଯୁବକ ସଂଘ ସଭାପତି ସମିର ରଞ୍ଜନ ସାହୁ, ସମ୍ପାଦକ ଶାନ୍ତନୁ କୁମାର ସାହୁ, ଦିବ୍ୟଜ୍ୟୋତି ସାହୁ, ବାପୁଜୀ କୁମାର ସାହୁ, ପ୍ରଣବ କୁମାର ବେହେରା, ଲିକୁନ କୁମାର ସାହୁ, ବିଶ୍ୱନାଥ ପ୍ରଧାନ, ସୁଦୀପ୍ତ କୁମାର ସାହୁ, ସୁମନ୍ତ କୁମାର ସାହୁ, ଦୀପକ ବେହେରା, ସୁଜନ କୁମାର ସାହୁ, ଅମୀୟ ରଞ୍ଜନ ଦେହୁରୀ, ମାନସ ରଞ୍ଜନ ସାହୁ, ବିକାଶ କୁମାର ସାହୁ, ସୁକାନ୍ତ ଦେହୁରୀ, କୃଷ୍ଣଚନ୍ଦ୍ର ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ।



# ଠାକୁରଗଡ଼ ସମବାୟ ସମିତିରେ ଧାନମଣ୍ଡି ଉଦଘାଟିତ

କିଶୋରନଗର,୧୨।୧(ସମିସ): ଆଠମଲ୍ଲିକ ଉପଖଣ୍ଡ ଠାକୁରଗଡ଼ ପ୍ରାଥମିକ କୃଷି ସେବା ସମବାୟ ସମିତିରେ ସୋମବାର ଖରିଫ ଋତୁ ପାଇଁ ଧାନମଣ୍ଡି ଉଦଘାଟିତ ହୋଇଛି। ସମିତି ସଭାପତି ସନ୍ତୋଷ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଦୁଃଖବନ୍ଧୁ ନାୟକ, ଜଗବନ୍ଧୁ ବେହେରା, କରୁଣାକର ନାୟକ, ନରୋତ୍ତମ ସାଏ, ଗଣେଶ୍ୱର ଖୁଣ୍ଟିଆ ପ୍ରମୁଖ ସମିତିର ସମସ୍ତ ନିର୍ଦ୍ଦେଶକ ଯୋଗଦେଇଥିଲେ। ପୂଜକ ଗୋକୁଳାନନ୍ଦ ଶତପଥୀ ପୂଜାର୍ଚ୍ଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଠାକୁରଗଡ଼ ବିଜେପି ମଣ୍ଡଳ ସଭାପତି ସୁଜିତ କୁମାର ଦେହୁରୀ, ଅନାମ ଚରଣ ସ୍ୱାଇଁ, ଚାଷୀ କୁମୁଦ ଚନ୍ଦ୍ର ମିଶ୍ର, ଅଜିତ ମିଶ୍ର, ଲୋକନାଥ ରାଉତ, ଦେବରାଜ ଦେହୁରୀ, ପୀତବାସ ମାଝି, ଦୁଷ୍ମନ୍ତ ପ୍ରଧାନ, ଅର୍ଜୁନ ସାହୁ ଉପସ୍ଥିତ ଥିଲେ। ସମିତିର ସମ୍ପାଦକ ସୁଶାନ୍ତ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡାଟା ଏଣ୍ଟ୍ରି ଅପରେଟର ବିକ୍ରମ ସାହୁ, ଉତ୍ତମ ପ୍ରଧାନ ଓ ବିନୋଦିନୀ ପ୍ରଧାନ ସହଯୋଗ କରିଥିଲେ। ପ୍ରଥମ ଦିନରେ ୬ ଚାଷୀଙ୍କଠାରୁ ୧୨୦.୨୮ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି।



# ନିଃଶୁଳ୍କ ଓ ନିଶ୍ଚିତ ଶିକ୍ଷା ସଚେତନତା କର୍ମଶାଳା

ଅନୁଗୋଳ,୧୨।୧(ସମିସ): ଅନୁଗୋଳ ଟାଉନ ହାଇସ୍କୁଲରେ ଘରୋଇ ସ୍କୁଲ କର୍ତ୍ତୃପକ୍ଷଙ୍କ ପାଇଁ ନିଃଶୁଳ୍କ ଓ ନିଶ୍ଚିତ ଶିକ୍ଷା ଉପରେ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଛି। ଅନୁଗୋଳ ବିଇଓ ଅଶୋକ କୁମାର ପ୍ରଧାନ ମୁଖ୍ୟଅତିଥି ରୂପେ ଯୋଗଦେଇ କର୍ମଶାଳାକୁ ଉଦଘାଟନ କରିଥିଲେ। ବ୍ଲକ୍ ଏମଆଇଏସ ସଂଯୋଜକ କାଦମ୍ବିନୀ ଦାସ ଯୋଗଦେଇ ଘରୋଇ ସ୍କୁଲ ପ୍ରିନ୍ସିପାଲ୍ ତଥା ସେମାନଙ୍କ ପ୍ରତିନିଧିମାନଙ୍କୁ ଅନ୍‌ଲାଇନ୍‌ରେ ସ୍କୁଲ ପଞ୍ଜୀକରଣଠାରୁ ଆରମ୍ଭ କରି ଆରଟିଇରେ ଦଳିତ ଏବଂ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ପିଲାଙ୍କୁ କିଭଳି ମାଗଣା ଶିକ୍ଷା ଦେବେ ସେ ସମ୍ପର୍କରେ ବୁଝାଇଥିଲେ। ୨୦୨୬-୨୭ ଶିକ୍ଷାବର୍ଷରେ ପିଲାମାନେ କେବେ ନାମ ପଞ୍ଜୀକରଣ କରିବେ, କେବେ ଲଟେରୀ ମାଧ୍ୟମରେ କେଉଁ ପିଲାଙ୍କୁ କେଉଁ ସ୍କୁଲରେ ମାଗଣା ଆଡ୍‌ମିଶନ ମିଳିବ ତାହା ବୁଝାଇ ଦିଆଯାଇଥିଲା। ୬ରୁ ୧୪ ବର୍ଷ ବୟସ୍କ ପିଲାଙ୍କ ପାଇଁ ଏହି ବ୍ୟବସ୍ଥା ଥିବା ବେଳେ ସ୍କୁଲ କର୍ତ୍ତୃପକ୍ଷ ଏଥିରେ ଅବହେଳା କଲେ ଜିଲ୍ଲା ଶିକ୍ଷା ବିଭାଗ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବ ବୋଲି ପରାମର୍ଶ ଦିଆଯାଇଛି।

# କଂକ୍ରିଟ ରାସ୍ତା କାମ ନିମ୍ନମାନର ଅଭିଯୋଗ

ବଇଣ୍ଡା,୧୨।୧(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ପାଇକସାହି ପଞ୍ଚାୟତ ସତ୍ୟବାଦୀପୁର ଗ୍ରାମ କୋଠଘର ନିକଟରୁ ବାଟ ବାୟାଣୀ ପର୍ଯ୍ୟନ୍ତ ନିର୍ମାଣ ହେଉଥିବା କଂକ୍ରିଟ ରାସ୍ତା କାମ ଅତି ନିମ୍ନମାନର ହେଉଥିବା ଶନିବାର ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ୧୦ ଲକ୍ଷ ଟଙ୍କା ବ୍ୟୟରେ ଏହି ରାସ୍ତା ନିର୍ମାଣ କରାଯାଉଛି। ତେବେ ଉପଯୁକ୍ତ ପରିମାଣର ସାମଗ୍ରୀ ବ୍ୟବହାର କରାଯାଉ ନ ଥିବାରୁ ରାସ୍ତାର ସ୍ଥାୟିତ୍ୱ ନେଇ ସନ୍ଦେହ ସୃଷ୍ଟି ହୋଇଛି। କାମ ସମୟରେ ଅଧିକାରୀ ଉପସ୍ଥିତ ରହୁ ନ ଥିବାରୁ ଠିକାସଂସ୍ଥା ମନଇଚ୍ଛା କାମ କରୁଥିବା ଅଭିଯୋଗରେ ଦର୍ଶାଯାଇଛି। ତୁରନ୍ତ ଏହାର ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଆଠମଲ୍ଲିକ ବିଡିଓ ଟିଟସ ମହାନନ୍ଦିଆଙ୍କୁ ପଚାରିବାରୁ ରାସ୍ତା କାମ ସମ୍ପର୍କରେ ତଦନ୍ତ କରାଯିବ ବୋଲି କହିଛନ୍ତି।

# ୩୪ ଗ୍ରାମ ବ୍ରାଉନସୁଗର ଜବତ, ୭ ଅଟକ

ଅନୁଗୋଳ,୧୨।୧(ସମିସ): ଅନୁଗୋଳ ଟାଉନ ଥାନା ଅନ୍ତର୍ଗତ ଟାଉନ ହାଇସ୍କୁଲ ସମ୍ମୁଖ ପୌରପାଳିକା ଭେଣ୍ଡିଂ ଜୋନ୍ ଠାରୁ ୩୪ ଗ୍ରାମ ବ୍ରାଉନ ସୁଗାର ଜବତ କରିଛି ଅନୁଗୋଳ ପୁଲିସ। ଏହି ଘଟଣା ରେ ୭ ଜଣଙ୍କୁ ପୁଲିସ ଅଟକ ରଖିଥିବା ଜଣା ପଡ଼ିଛି ଓ ସୂଚନା ଅନୁସାରେ, ଆଜି ଦିନ ଦ୍ୱିପ୍ରହର ବେଳେ ବ୍ରାଉନ ସୁଗାରକୁ ଚିଟ୍ ମାଧ୍ୟମରେ ପୁଡ଼ିଆ କରି ସହରରେ ବିକ୍ରି କରିବାକୁ ଯୋଜନା କରୁଥିବା ବେଳେ ଟାଉନ ପୁଲିସ ଖବର ପାଇ ଅତର୍କିତ ଭାବେ ଚଢ଼ାଉ କରିଥିଲା ଓ ଚଢ଼ାଉ ବେଳେ ୭ ଜଣଙ୍କୁ ଅଟକ ରଖି ଜାଞ୍ଚ ବେଳେ ସେମାନଙ୍କ ନିକଟରୁ ବ୍ରାଉନସୁଗାର ଜବତ ହୋଇଥିଲା। ଏହା ସହ ୭ ଗୋଟି ମୋବାଇଲ ଫୋନ ୨୨୦୦ ଟଙ୍କା ଏବଂ ଚିଟ୍ ପେପରକୁ ପୁଲିସ ଜବତ କରିଥିଲା। ଏହି ବେପାରୀ ମାନେ ବାଲେଶ୍ୱର ଅଞ୍ଚଳରୁ ବ୍ରାଉନସୁଗାର ଆଣି ଅନୁଗୋଳ ର ବିଭିନ୍ନ ଅଞ୍ଚଳରେ ବିକ୍ରି କରୁଥିବା ପୁଲିସ ଜାଣିବାକୁ ପାଇଛି।

# ବିଡିଓଙ୍କଠାରୁ ଦାୟିତ୍ୱ ନେଲେ ସିଡିପିଓ

କିଶୋରନଗର,୧୨।୧(ସମିସ): କିଶୋରନଗର ମହିଳା ଶିଶୁବିକାଶ କାର୍ଯ୍ୟାଳୟରେ ନୂତନ ଅଧିକାରିଣୀ ଭାବେ ସୋମବାର ଭାଗ୍ୟଲତା ସେଠୀ ଯୋଗଦେଇଛନ୍ତି। ସେ ବିଡିଓ ସୁବ୍ରତ ବେହେରାଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଏଠାରେ ଥିବା ସିଡିପିଓ ଆରତୀ ସିଂହଙ୍କ ବଦଳି ପରେ ବିଡିଓ ବେହେରା ଦାୟିତ୍ୱରେ ରହିଥିଲେ।

# ଶିବିରରୁ ୬୧ ୟୁନିଟ୍ ରକ୍ତ ସଂଗ୍ରହ

କଣିହାଁ,୧୨।୧(ସମିସ): କଣିହାଁ ବ୍ଲକ ଏନଟିପିସି ଡିଏଭି ପବ୍ଲିକ୍ ସ୍କୁଲ୍, ଦୀପଶିଖା ପକ୍ଷରୁ ଶନିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୬୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଏନଟିପିସି ପ୍ରକଳ୍ପ ସିଆଇଏସଏଫ୍ ୟୁନିଟ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଓମ୍‌ପ୍ରକାଶ ପାଲ୍, ଡିଏଭି ପ୍ରିନ୍ସିପାଲ୍ ସଦାନନ୍ଦ ହୋତା, ସ୍ୱାସ୍ଥ୍ୟ କ୍ଲବ୍ ଇନଚାର୍ଜ ଭଗବାନ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ତାଳଚେର ରକ୍ତଭଣ୍ଡାର ଟେକ୍ନିସିଆନ୍ କୁମୁଦ ସାହୁ, ଗୋପାଳ ବେହେରା, ଲକ୍ଷ୍ମୀ ନାରାୟଣ ପ୍ରଧାନ, ତ୍ରିନାଥ ହୋତା, ଚନ୍ଦ୍ରମଣି ନାୟକ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ତାଳଚେର ରେଡକ୍ରସ ସଦସ୍ୟ ବଳରାମ ପତି, କଣିହାଁ ବ୍ଲକ ସଂଯୋଜକ ସତ୍ୟାନନ୍ଦ ପ୍ରଧାନଙ୍କ ସମେତ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ସହଯୋଗ କରିଥିଲେ।



# ଡକାୟତି ଯୋଜନା; ୫ ଅପରାଧୀ ଗିରଫ

ଅନୁଗୋଳ,୧୨।୧(ସମିସ): ରବିବାର ବିଳମ୍ବିତ ରାତିରେ କାର୍ବନ ଫ୍ୟାକ୍ଟ୍ରି ଅଞ୍ଚଳରେ ଡକାୟତି ପାଇଁ ଯୋଜନା କରୁଥିବା ବେଳେ ପୁଲିସ ୫ ଅପରାଧୀଙ୍କୁ ଗିରଫ କରିଛି। ସେମାନେ ହେଲେ ଗୋପୀନାଥ ନାୟକ, ତୋଫାନ ଦେହୁରୀ, ଜ୍ଞାନରଞ୍ଜନ ବେହେରା, ସୌମ୍ୟରଞ୍ଜନ ଓଝା ଓ ଗୁଲସନ ଦେହୁରୀ। ଅଭିଯୁକ୍ତମାନଙ୍କଠାରୁ ଭୁଜାଲି, କଟୁରି, ଚାପଡ଼, ଲଙ୍କାଗୁଣ୍ଡ, ମଦ ବୋତଲ, ଗ୍ଲାସ, ଏବଂ ୪ଟି ମୋବାଇଲ ଫୋନ ଜବତ କରାଯାଇଛି। ଏମାନଙ୍କ ନାମରେ ପୂର୍ବରୁ ମଧ୍ୟ ଅପରାଧିକ ମାମଲା ଥିବା ପୁଲିସ କହିଛି। ରବିବାର ରାତିରେ ପୁଲିସ ପାଟ୍ରୋଲିଂ କରୁଥିବା ବେଳେ କାର୍ବନ ଫ୍ୟାକ୍ଟ୍ରି ଅଞ୍ଚଳରେ କିଛି ଯୁବକ ଏକତ୍ରିତ ହୋଇ ଡକାୟତି ଯୋଜନା କରୁଥିବା ସୂଚନା ମିଳିଥିଲା। ପୁଲିସର ଟିମ ପହଞ୍ଚି ସେମାନଙ୍କୁ କାବୁ କରି ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ସେମାନେ ମଦ୍ୟପାନ କରି ଅସ୍ତ୍ରଶସ୍ତ୍ର ଧରି ଡକାୟତି ପାଇଁ ଯୋଜନା କରୁଥିବା ପୁଲିସ ଜାଣିବାକୁ ପାଇଥିଲା।

### ● ଜିଲ୍ଲାସ୍ତରୀୟ ନିଯୁକ୍ତିମେଳା

# ୪୦ଜଣଙ୍କୁ ମିଳିଲା ନିଯୁକ୍ତିପତ୍ର



ତାଳଚେର,୧୨।୧(ସମିସ): ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟ ପକ୍ଷରୁ ତାଳଚେର କଲେଜ ପରିସରରେ ଜିଲ୍ଲାସ୍ତରୀୟ ନିଯୁକ୍ତିମେଳା ଅନୁଷ୍ଠିତ ହୋଛି। ମୁଖ୍ୟଅତିଥି ଭାବେ ବିଧାୟକ ବ୍ରଜକିଶୋର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅନୁଗୋଳ ଏଡିଏମ ଉଦୟ ମହାପାତ୍ର, ତାଳଚେର ଉପଜିଲ୍ଲାପାଳ ସମିର ଜେନା, ସରକାରୀ ଆଇଟିଆଇ ଅଧ୍ୟକ୍ଷ ଜଗଜୀବନ ମହାରଣା, କଲେଜ ଅଧ୍ୟକ୍ଷ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲାର ସମସ୍ତ ବ୍ଲକ ଏବଂ ସହରାଞ୍ଚଳରୁ ୫ମ ଶ୍ରେଣୀରୁ ଆରମ୍ଭ କରି ଆଇଟିଆଇ, ଡିପ୍ଲୋମା, ଡିଗ୍ରୀଧାରୀ ୧୫ଶହରୁ ଅଧିକ ଯୁବକ, ଯୁବତୀ ଏଥିରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା, ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ଘରୋଇ ନିଯୁକ୍ତିଦାତା ସଂସ୍ଥାର କର୍ତ୍ତୃପକ୍ଷ ଓ ଦକ୍ଷତା ବିକାଶ ତାଲିମ ପ୍ରଦାନକରୀ ସଂସ୍ଥା ଯୋଗଦେଇଥିଲେ। ଏଥିସହ ଜିଲ୍ଲାରେ ଗଢ଼ି ଉଠିଥିବା ଶିଳ୍ପାନୁଷ୍ଠାନଗୁଡ଼ିକରେ ରହିଥିବା ଭେଣ୍ଡରଗୁଡ଼ିକ ଦ୍ୱାରା ପରୋକ୍ଷରେ ନିଯୁକ୍ତି ପ୍ରଦାନ ବ୍ୟବସ୍ଥା ହୋଇଥିଲା। ଏଥିରେ ୪୦ଜଣ ତାଲିମପ୍ରାପ୍ତ ଆଶାୟୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିବା ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ଦେବାଶିଷ ସାହୁ କହିଛନ୍ତି।

# ଡ୍ୟୁଟି ବେଳେ ପୁଲିସକୁ ଆକ୍ରମଣ; ଜଣେ ଗିରଫ

କଣିହାଁ,୧୨।୧(ସମିସ): ଡ୍ୟୁଟି କରିବାକୁ ଯାଇଥିବା ଜଣେ ପୁଲିସ କର୍ମଚାରୀଙ୍କୁ କାଠଫାଳିଆରେ ଆକ୍ରମଣ ଅଭିଯୋଗରେ କଣିହାଁ ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କଣିହାଁ ଥାନା ଗୁଣ୍ଡୁରି ଗ୍ରାମର ସୁମନ୍ତ କୁମାର ସାହୁ (୨୭)। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ସୋମବାର ସୁମନ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏଥିରେ ସମ୍ପୃକ୍ତ ଅନ୍ୟ ୪ଜଣ ଫେରାର ହୋଇଯାଇଛନ୍ତି। ପୁଲିସ ସୂଚନା ଅନୁଯାୟୀ, ସୋମବାର କଣିହାଁ ଥାନାରେ କାର୍ଯ୍ୟରତ କନଷ୍ଟେବଲ ଅମରେନ୍ଦ୍ର ବିଶ୍ୱାଳ ରଞ୍ଜନା ଗ୍ରାମରେ ବାଇକ ପାଟ୍ରୋଲିଂ କରୁଥିଲେ। ଅପରାହ୍ନ ପ୍ରାୟ ସାଢ଼େ ୧ଟାରେ ଗ୍ରାମର ୫ ଯୁବକ ତାଙ୍କୁ ଘେରିଯାଇ କାଠଫାଳିଆରେ ଅମରେନ୍ଦ୍ରଙ୍କ କାନ୍ଧକୁ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ କାନ୍ଧରେ ଗଭୀର ଆଘାତ ଲାଗିଛି। ଅମରେନ୍ଦ୍ର ଏକାକୀ ଥିବା ସୁଯୋଗରେ ଅଭିଯୁକ୍ତମାନେ ତାଙ୍କୁ ଆକ୍ରମଣ କରିଥିବା ପୁଲିସ କହିଛି।

# ଜମି ମାଫିଆଙ୍କ ବିରୋଧରେ କୁଇଓବାସୀଙ୍କ ବିକ୍ଷୋଭ

ଅନୁଗୋଳ,୧୨।୧(ସମିସ): ୮ ଦଫା ଦାବି ନେଇ କୁଇଓ ଗ୍ରାମବାସୀ ଅନୁଗୋଳ ଜିଲ୍ଲାପାଳ ଅଫିସ ଆଗରେ ବିକ୍ଷୋଭ କରିଛନ୍ତି।




ଗୋଷ୍ଠୀଗତ ସରକାରୀ ସମ୍ପତ୍ତି ଜବରଦଖଲରୁ ରକ୍ଷା ପାଇଁ ଏହି ବିକ୍ଷୋଭ କରାଯାଇଛି। ପଞ୍ଚାୟତର ଏକମାତ୍ର ତ୍ରିଶକ୍ତି ଉଚ୍ଚ ବିଦ୍ୟାଳୟର ଜମି ଲିଜ୍ ଓ ଜଙ୍ଗଲ ଜମି ଅନୁମତି ଜମି ମାଫିଆମାନଙ୍କ ସୁଚିନ୍ତିତ ଯୋଜନାର ତଦନ୍ତ ଦାବି କରାଯାଇଛି। ଗ୍ରାମବାସୀଙ୍କ ଗୋଷ୍ଠୀଗତ ସରକାରୀ ଜମିକୁ ବାରମ୍ବାର ଅନ୍ୟମାନଙ୍କୁ

### ଜିଲ୍ଲାପାଳ ଅଫିସ ଆଗରେ ଧାରଣା

ଲିଜ୍ ଦିଆଯିବା ଦ୍ୱାରା ଗୋଷ୍ଠୀଗତ ଅଧିକାର କ୍ଷୁଣ୍ଣ ହେଉଛି ଏବଂ ପଡ଼ୋଶୀ ଗ୍ରାମବାସୀ ଗୋଷ୍ଠୀଗତ ଅଧିକାରକୁ ମଧ୍ୟ ଜୋରଜବରଦସ୍ତ ଅକ୍ତିଆର କରୁଛନ୍ତି। ଏହାର ମଧ୍ୟ ତଦନ୍ତ କରିବାକୁ ଦାବି ହୋଇଛି। ଗ୍ରାମର ଗୋଷ୍ଠୀଗତ ସରକାରୀ ଜମି ଲିଜ୍ ଦେବା ଦ୍ୱାରା ଲୋକଙ୍କ ଜୀବନ ଜୀବିକାରେ ପ୍ରଭାବ ପଡ଼ିବା ସହ ବ୍ୟାପକ କ୍ଷତି ହେଉଛି। ସେହିପରି ଗ୍ରାମର ଗୋଷ୍ଠୀଗତ ଜଙ୍ଗଲ ଅଧିକାରର ସ୍ୱୀକୃତି ଏବଂ ବାରମ୍ବାର ଜମି ମାଫିଆମାନେ ଗଣ୍ଡଗୋଳ ଓ ମାରପିଟ୍ କରିବା ଘଟଣାରେ ପୁଲିସ୍ ତଦନ୍ତ ନ କରି ମାଫିଆମାନଙ୍କୁ ସୁରକ୍ଷା ଦେଉଥିବା ଏବଂ ଏତଲା ପଞ୍ଜିକୃତ ନ କରି ଫେରାଇ ଦେଉଥିବା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।




# ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ

କିଶୋରନଗର,୧୨।୧(ସମିସ):



ଆବେଗ, ଅନୁସନ୍ଧିତ୍ସୁ, ଜିଜ୍ଞାସାର ପରିପୂର୍ତ୍ତି ଦିଗରେ ଶିକ୍ଷା ବିଶେଷ ସହାୟକ ହୋଇଥାଏ। ଅନ୍ୱେଷଣ, କ'ଣ, କିଏ, କେବେ, କାହିଁକି ଆଦି ପ୍ରଶ୍ନ ପଚାରିବା ଅଭ୍ୟାସ କଲେ ପିଲାଙ୍କ ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶ ହୋଇପାରିବ। ଏଣୁ ପିଲାମାନଙ୍କ ମଧ୍ୟରେ ପ୍ରଶ୍ନ ପଚାରିବାର ମାନସିକତା ସୃଷ୍ଟି କରିବା ଶିକ୍ଷକଙ୍କ ଧର୍ମ ହେବା ଉଚିତ୍ ବୋଲି କିଶୋରନଗର ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବ ଅବସରରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଶୋକ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଅଟଳ ବିହାରୀ ଦାଶ, ମୁଖ୍ୟବକ୍ତା ଭାବେ ଢେଙ୍କାନାଳ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ ଏବଂ ସମ୍ମାନିତ ଅତିଥି ଭାବେ କିଶୋରନଗର ବିଇଓ ଅରୁଣ କୁମାର ସେଠୀ, ତହସିଲଦାର ବିକ୍ରମ କେଶରୀ ନାୟକ, ଥାନା ଅଧିକାରୀ ବିଭୂତି ପ୍ରଧାନ, ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ସଭାପତି ଡା. ଅଲେଖ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ ବେଦମନ୍ତ୍ର ପାଠ କରିଥିଲେ। ଏଥିସହ ଆକାଂକ୍ଷୀ ମେଳା, ଆକାଂକ୍ଷୀ ଛାତ୍ର ପରିଷଦ, ଦୋକାନ ଯାତ୍ରା, ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ପର୍ଯ୍ୟଟନ ଓ ଆତିଥ୍ୟ, କ୍ରୀଡ଼ାଙ୍ଗନା, କୌଶଳୀ, ଇକୋ କ୍ଲବ୍, ବ୍ୟବସାୟିକ ବୃତ୍ତି ଆଦି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀ ଶୁଚିସ୍ମିତା, କିଞ୍ଜଲ ଓ ସାଥୀ ଚିତ୍ତାକର୍ଷକ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି ଓ ଭୈରବ କୁମାର ଦେହୁରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ଚିନ୍ମୟୀ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶିକ୍ଷକ ବିନାୟକ ଦେହୁରୀ ଓ ଶିକ୍ଷୟିତ୍ରୀ ପ୍ରମୋଦିନୀ ପ୍ରଧାନ ପୁରସ୍କାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ପ୍ରସନ୍ନ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ଶିକ୍ଷୟିତ୍ରୀ ପ୍ରମୋଦିନୀ ପ୍ରଧାନ ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରୀ ସଞ୍ଚିତା ସାହୁ ଓ ଜିଗରଜିତ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।






## ମକର ସଂକ୍ରାନ୍ତି ପାଇଁ ଜଗନ୍ନାଥ ମନ୍ଦିରରେ ସତନ୍ତ୍ର ରୀତିନୀତି

**ବାରିପଦା, ୧୨।୧(ସମିସ):** ବୁଧବାର ମକର ସଂକ୍ରାନ୍ତି ନିମନ୍ତେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ପ୍ରଭୁ ଶ୍ରୀଶ୍ରୀ ହରିବଳଦେବଜୀଉ ବିଜେଙ୍କ ମନ୍ଦିରରେ ସତନ୍ତ୍ର ବିଧି ଅନୁସାରେ ପୂଜାର୍ଚ୍ଚନା ହେବ। ମନ୍ଦିରରେ ମକର ଚାଉଳର ଭୋଗ ଲାଗିବ। ସତନ୍ତ୍ର ଭାବେ ନବାଙ୍ଗ



ବେଢା ନୀତି ଅନୁଷ୍ଠିତ ହେବ। ମଙ୍ଗଳବାର ସାଢେ ଚାରି ବେଢା ଓ ସଂକ୍ରାନ୍ତି ଦିନ ବୁଧବାର ବାକି ସାଢେ ଚାରି ବେଢା ମୋଟ ନଅ (ନବାଙ୍ଗ) ବେଢା ପରିକ୍ରମା କରିବେ। ରୀତିନୀତି ଅନୁଯାୟୀ, ସକାଳୁ ମନ୍ଦିରର ପହଡ଼ ଖୋଲିବା ପରେ ସତନ୍ତ୍ର ଅବକାଶ ନୀତି ହୋଇଥାଏ। ସଂକ୍ରାନ୍ତିରେ ମହାଲକ୍ଷ୍ମୀ ବାପଘରୁ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବାକୁ ଥିବାବେଳେ ମଦନମୋହନଙ୍କ ସାଥିରେ ବେଢ଼ା ପରିକ୍ରମାରେ ସାମିଲ ହେବେ। ଏଥିସହିତ ମନ୍ଦିରର ଅନ୍ୟାନ୍ୟ ଦେବଦେବୀଙ୍କୁ ମଧ୍ୟ ପୂଜାର୍ଚ୍ଚନା କରାଯିବ। ମକର ଚାଉଳରେ ଗୁଡ଼, ଆଖୁ, ଦୁଧ, ଦହି, କେଶର ଆଳୁ, କନ୍ଦମୂଳ, ନଡ଼ିଆ, କଦଳୀ ସହ ଅନ୍ୟାନ୍ୟ ଫଳ ଦ୍ୱାରା ପ୍ରସ୍ତୁତ ମକର ଚାଉଳର ଭୋଗ ଲାଗି ହେବ ବୋଲି ମନ୍ଦିର ପୂଜକ କହିଛନ୍ତି। ଏଥିସହିତ ମକର ସଂକ୍ରାନ୍ତି ପାଇଁ ସତନ୍ତ୍ର ଖେଚୁଡ଼ି ଭୋଗ ଲାଗିବାର କାର୍ଯ୍ୟକ୍ରମ ରହିଛି। ମନ୍ଦିର ସମସ୍ତ ପୂଜକ ଓ ସେବାୟତଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ପୂଜା ହୋଇଥାଏ। ପରେ ପୂର୍ବ ପରି ମନ୍ଦିରରେ ସନ୍ଧ୍ୟା ଧୂପ ଓ ରାତିରେ ପହଡ଼ ପଡ଼ିବ।

## ମକର ପାଇଁ ଚାଲିଛି ପ୍ରସ୍ତୁତି ଜୋର୍‌ଦାର

**ଉଦଳା,୧୨।୧(ସମିସ):** ମୟୂରଭଞ୍ଜ ଜିଲ୍ଲା ଉଦଳା ଅଞ୍ଚଳରେ ମକର ପର୍ବକୁ ନେଇ ଗାଁଠାରୁ ସହର ଉତ୍ସବ ମୁଖର। ସେଥିପାଇଁ ଅଞ୍ଚଳ ସାରା ଚାଲିଛି ପ୍ରସ୍ତୁତି। ସହରଠାରୁ ଗାଁ ପର୍ଯ୍ୟନ୍ତ ମକରର ମହକ ଦେଖିବାକୁ ମିଳିଲାଣି। ଦୋକାନ ବଜାରରେ ବିଭିନ୍ନ ମକର ସାମଗ୍ରୀ କିଣିବାଠୁ ଆରମ୍ଭ କରି ଘରେ ଘରେ ଲୋକମାନେ ଏହି ପର୍ବକୁ ପାଳନ କରିବା ପାଇଁ ଚଳାଇଛନ୍ତି ବ୍ୟାପକ ପ୍ରସ୍ତୁତି। ମୟୂରଭଞ୍ଜ ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାବେଳେ ଏହି ଗଣପର୍ବ ମକରକୁ ଲୋକମାନେ ବେଶ ଧୁମ୍‌ଧାମରେ ପାଳନ କରିଥା'ନ୍ତି। ଏହି ମକର ସଂକ୍ରାନ୍ତିକୁ ପାଳନ କରିବା ପାଇଁ ଲୋକମାନେ ୫ ଦିନ ପୂର୍ବରୁ ପ୍ରସ୍ତୁତି କରିଥା'ନ୍ତି। ବିଶେଷକରି ଏହି ମକର ପର୍ବକୁ ଲୋକମାନେ ଅପେକ୍ଷା କରିଥା'ନ୍ତି। ଏହି ଦିନରେ ବନ୍ଧୁବାନ୍ଧବଙ୍କ ସହ ମିଶି ପିଠାପଣା ସହିତ ମାଂସ ଖାଇବା ସହିତ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ବୁଲିବାର ବେଶ ମଜା ନେଇଥା'ନ୍ତି। ମକର ପାଇଁ ଉଦଳା ବଜାରରେ ଭିଡ଼ ଦେଖିବାକୁ ମିଳୁଛି। ଲୋକମାନେ ନୂଆ ବସ୍ତ୍ର ଚୁଡ଼ା, ତିଲଉ ଓ ଗୁଡ ଚିନି କିଣିବା ପାଇଁ ଭିଡ଼ ଜମାଉଛନ୍ତି। ଆଦିବାସୀ ପରିବାର ଲୋକେ ଘର ଲିପାପୋଛା କରିବା ସହ ରଙ୍ଗ ଓ ତୂଳୀରେ ଘରକୁ ସୁସଜ୍ଜିତ କରୁଛନ୍ତି। ଏହି ପର୍ବକୁ ଆଦିବାସୀ ପରିବାର ୭ ଦିନ ଧରି ପାଳନ କରିବା ସହିତ ନାଚଗୀତରେ ମଜ୍ଜି ଯାଆନ୍ତି। ମକର ପର୍ବରେ କୁକୁଡ଼ା ଲଢେଇ ଲୋକଙ୍କ ମୁଖ୍ୟ ଆକର୍ଷଣ ଥାଏ। ମହିଳାମାନେ ହାତରେ ମେହେନ୍ଦୀ ଓ ପାଦରେ ଅଳତା ଲଗାଇ ସଜେଇ ହୁଅନ୍ତି। ବିଶେଷ କରି ଆଦିବାସୀ ପରିବାରର ପ୍ରଥା ଓ ପରମ୍ପରା ଅନୁଯାୟୀ ମକର ପୂର୍ବରୁ ପ୍ରସ୍ତୁତି ହୋଇଥିବା ପଲାକୁ ମକର ସଂକ୍ରାନ୍ତିରେ ଭୋରରୁ ମକର 'ପଲାରେ ପୂଜା ଅର୍ଚ୍ଚନା କରି ପଲାରେ ଅଗ୍ନି ସଂଯୋଗ କରିଥା'ନ୍ତି। ପରେ ନୂଆ ବସ୍ତ୍ର ପରିଧାନ କରି ପ୍ରସ୍ତୁତ କରିଥିବା ବିଭିନ୍ନ ପ୍ରକାର ପିଠା ଖାଇ ନାଚଗୀତରେ ମଜ୍ଜିଯାଇନ୍ତି।



ମକର ଲାଗି ସବୁଠି ଉତ୍ସବର ମାହୋଲ

## ଆଜି ବାଉଣ୍ଡି, କାଲି ମକର; ଗାଁରୁ ସହର ଉତ୍ସବ ମୁଖର











**ବାରିପଦା, ୧୨।୧(ସମିସ):**

ଶୀତ ସାଙ୍ଗକୁ ଆମ୍ବ ବଉଳର ସମ୍ଭାର ନେଇ ମୟୂରଭଞ୍ଜ ଜିଲ୍ଲାର ଗଣପର୍ବ 'ମକର ସଂକ୍ରାନ୍ତି' ଆସିଛି। ନୂଆ ଧାନ ଅମଳ ହୋଇ ଆସିବା ସହିତ ଆନନ୍ଦ ଉଲ୍ଲାସର ମାହୋଲ ନେଇ ମକର ସଂକ୍ରାନ୍ତି ଆସୁଥାଏ। ସମଗ୍ର ଜିଲ୍ଲାରେ ସେ ନେଇ ସବୁଠି ଆଗ୍ରହ ଉଦ୍ଦୀପନା। ଜିଲ୍ଲା ବ୍ୟାପି ଲୋକମାନେ ଘର ଲିପା ପୋଛାଠୁ ନେଇ ଖଳାରେ

### ମକର ମଉଜ ପାଇଁ ସବୁଠି ନାହିଁ ନ ଥିବା ଭିଡ଼

ଧାନ ଅମଳ କାମ ମଧ୍ୟ ଶେଷ କରିଛନ୍ତି। ମକର ପର୍ବ ପାଇଁ କେବଳ ଗାଁରେ ନୁହେଁ, ସବୁଆଡେ ମକର ହାଟ ଲାଗିଛି। ମଙ୍ଗଳବାର ବାଉଣ୍ଡି ଥିବାବେଳେ ବୁଧବାର ମୟୂରଭଞ୍ଜ ଜିଲ୍ଲାର ଗଣପର୍ବ ମକର ସଂକ୍ରାନ୍ତି। ଆଉ ଗଣପର୍ବ ମକରକୁ ଆନନ୍ଦ ଉଲ୍ଲାସରେ ପାଳନ ପାଇଁ ଜିଲ୍ଲାର ସହରଠାରୁ ଗାଁ ପର୍ଯ୍ୟନ୍ତ ସବୁଠି ଉତ୍ସବ ମୁଖର ହୋଇଉଠିଛି।

ମକର ପର୍ବର କିଣାକିଣି ପାଇଁ ଜିଲ୍ଲାବ୍ୟାପି ଦୋକାନ ବଜାର, ପରିବା ମାର୍କେଟ ସବୁଠି ପ୍ରବଳ ଜନଗହଳି ଲାଗି ରହିଛି। ମକର ପାଳିବା ଲାଗି କିଏ ନୂଆ ପୋଷାକ କିଣିବାରେ ଲାଗିଛନ୍ତି ତ ଆଉ କିଏ ଘରେ ପିଠାପଣା ପ୍ରସ୍ତୁତ କରିବା ପାଇଁ ହାଟରେ ଗୁଡ଼, ବିରି ଆଦି ସରଞ୍ଜାମ କିଣିବାର ବ୍ୟସ୍ତ। ଏ ନେଇ ଜିଲ୍ଲାର ୪ଟି ଉପଖଣ୍ଡ ସମେତ ବାରିପଦା ସହରରେ ଛୋଟବଡ଼ ଦୋକାନରେ ମଧ୍ୟ ନାହିଁ ନ ଥିବା ଲୋକଙ୍କ ଭିଡ଼ ଲାଗି ରହିଥିବା ଦେଖିବାକୁ ମିଳିଛି। ଗତ ଦୁଇ ସପ୍ତାହ ତଳୁ ଧୀରେ ଧୀରେ ଭିଡ଼ ବଢ଼ିବାରେ ଲାଗିଥିଲା। ତେବେ ବୁଧବାର ମକର ସଂକ୍ରାନ୍ତି ପାଇଁ ଓ ତହିଁ ପରଦିନ ଗୁରୁବାର ଜିଲ୍ଲା ପାଇଁ ସ୍ୱତନ୍ତ୍ର ସରକାରୀ ଛୁଟି ଥିବାବେଳେ ତା' ପୂର୍ବରୁ ହାଟ, ଦୋକାନ ବଜାରରେ ଭାରି ଭିଡ଼ ଲାଗିଛି। ହାଟରେ କିଏ ନୂଆ ଲୁଗାପଟା କିଣିବାରେ ବ୍ୟସ୍ତ ତ କିଏ ବାଉଁଶ ତିଆରି କୁଲା, ପାଛିଆ, ମାଟି ପାତ୍ର କେଉଁଠି ନୂଆ ଗୁଡ, ଚାଉଳ ଦୋକାନରେ ଭିଡ ଲାଗିଛି। କେବଳ ବଡ଼ମାନେ ନୁହଁନ୍ତି ସାନ ପିଲାମାନେ ମଧ୍ୟ ମକରକୁ ନେଇ ବେଶ ଉଦ୍ଦୀପନାରେ ଦେଖବାକୁ ମିଳିଛି। ମକର ବେଳେ ମୟୂରଭଞ୍ଜ ଜିଲ୍ଲାର ସ୍ପେଶାଲ 'ତିଳଉ' କିଣି ଘରକୁ ନେବାକୁ ମଧ୍ୟ ଲୋକଙ୍କ ମଧ୍ୟରେ ବେଶ ଆଗ୍ରହ ରହିଥିଲା। ସେପଟେ ମକର ପାଇଁ ଦୋକାନରେ ଗ୍ରାହକଙ୍କ ଭିଡ ଲାଗୁଥିବାବେଳେ ଚଳିତ ବର୍ଷ ଭଲ ବ୍ୟବସାୟ ନେଇ ଆଶା ପ୍ରକାଶ କରିଛନ୍ତି। ନୂଆ ଚାଉଳରେ ଘର ଠାକୁରାଣୀ ଓ ଆଦିବାସୀଙ୍କ କୁମାରୀ ଦେବୀ 'ଟୁସୁ'ଙ୍କୁ ପ୍ରଥମ ଭୋଗ ଲାଗୁବ, ଯାହାକି 'ମକର ଚାଉଳ' ଭାବେ ଜଣାଶୁଣା। ଟୁସୁ ବାହାଘର ମେଳାରେ ମକର ମଉଜ ନେଇ ଗାଁରୁ ସହର ସବୁଠି ପ୍ରସ୍ତୁତି ହୋଇଛି।

ମକର ପାଇଁ ଜିଲ୍ଲା ବାହାରେ ରହୁଥିବା ଲୋକମାନେ ନିଜ ନିଜ ଘରମୁହାଁ ହୋଇଛନ୍ତି। ଏଣୁ ବିଭିନ୍ନ ଗାଡ଼ିମୋଟର ସାଙ୍ଗକୁ ବସ୍‌ରେ ମଧ୍ୟ ପ୍ରବଳ ଭିଡ଼ ମଧ୍ୟ ପରିଲକ୍ଷିତ ହୋଇଛି। ସହର ମଧ୍ୟରେ ଆବଶ୍ୟକ ସଂଖ୍ୟକ ସୁରକ୍ଷା କର୍ମୀ ମୁତୟନ କରାଯାଇ ନ ଥିବାରୁ ମାର୍କେଟିଂ କରିବାକୁ ଆସୁଥିବା ଗ୍ରାହକ ମନଇଚ୍ଛା ଯିଏ ଯେଉଁଠି ପାରିଲା ରାସ୍ତା କଡ଼ରେ ଗାଡ଼ି ପାର୍କିଂ କରିବା ଯୋଗୁଁ ଟ୍ରାଫିକ ସମସ୍ୟା ଉପୁଜିଛି। ପୂରା ଜିଲ୍ଲାବ୍ୟାପି ମକର ପର୍ବ ପାଇଁ କୋଳାହଳପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଛି। ଗଣପର୍ବ ମକର ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳର ଥିବା ମୟୂରଭଞ୍ଜିଆମାନେ ଗୋଟିଏ ଦିନ ପାଇଁ ହେଉ ପଛକେ ଘରମୁହାଁ ହୋଇଛନ୍ତି। ଜିଲ୍ଲାର ବିଭିନ୍ନ ସ୍ଥାନରେ ମକର ମେଳାର ଆୟୋଜନ ମଧ୍ୟ ହୋଇଛି। ବୁଧବାର ଲୋକମାନେ ଭୋରୁ ମକର ବୁଡ଼ ପକାଇବା ସହିତ ଦେବ ପୀଠରେ ପୂଜାର୍ଚ୍ଚନା କରିବାକୁ ପ୍ରସ୍ତୁତ ଅଛନ୍ତି। ବିଶେଷତଃ ସୂର୍ଯ୍ୟଦେବଙ୍କୁ ପୂଜାର୍ଚ୍ଚନା କରି ନିରୋଗ ଜୀବନ ତଥା ଭଲ ଚାଷବାସ ଲାଗି ପୂଜାର୍ଚ୍ଚନା କରାଯାଇଥାଏ। ଆତ୍ମୀୟତାର ପର୍ବ ମକର ପାଇଁ ଚଳିତ ମାସ ସାରା ଲାଗି ପୂରା ଜିଲ୍ଲା ଉତ୍ସବ ମୁଖର ହେବ। ବିଶେଷକରି ସତନ୍ତ୍ର ଖାଦ୍ୟପେୟ ସହ ମାଦଳର ତାଳେ ତାଳେ ନାଚ ଗୀତ ହେବ।

## ଚାନ୍ଦୁଆ ହାଟରେ ଅସମ୍ଭାଳ ଭିଡ଼



**କୁଳିଅଣା,୧୨।୧(ସମିସ):** କୁଳିଅଣା ବ୍ଲକ୍ ଚାନ୍ଦୁଆ ପଞ୍ଚାୟତ ପକ୍ଷରୁ ସପ୍ତାହିକ ହାଟ ଚାନ୍ଦୁଆରେ ପ୍ରତ୍ୟେକ ସପ୍ତାହ ୨ଦିନ ସୋମବାର ଓ ଗୁରୁବାର ହେଉଛି। ମକର ପାଇଁ ଆଜି ବେଶ ଗହଳି ହୋଇଥିବା ଦେଖିବାକୁ ମିଳିଥିଲା। ପାଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ସହିତ ଝାଡ଼ଖଣ୍ଡର ବେପାରୀ ଆସି ବ୍ୟବସାୟ କରନ୍ତି। ଆଜି ଚାନ୍ଦୁଆ ବାଉଣ୍ଡି ହାଟ ପୂର୍ବ ଦିନ ହାଟ ଥିବାରୁ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ୫୦ ଲକ୍ଷ ଊର୍ଦ୍ଧ୍ୱ କାରବାର ହୋଇଥିବା ଜଣାପଡିଛି। ଯେହେତୁ ବହୁତ ପୁରୁଣା ହାଟ ଚାନ୍ଦୁଆ ସମସ୍ତ ଆଦିବାସୀଙ୍କ ସହିତ ଓଡ଼ିଆ ଲୋକଙ୍କ ଜନଗହଣି ଲାଗି ରହିଥିଲା। ଚାନ୍ଦୁଆହାଟରେ ମହାସୁଲ ବେଶୀ ହୋଇଥିବାରୁ କିଛି ବେପାରୀ ଅଧିକ ମହାସୁଲ ଦେଇଛନ୍ତି ବୋଲି ଆମ ନଜରକୁ ଆସିଥିଲା। ଏ ଦିଗରେ ଚାନ୍ଦୁଆ ସରପଞ୍ଚ ଉଚିତ ପଦକ୍ଷେପ ନେବେ ବୋଲି ଆଶା ପ୍ରକାଶ କରାଯାଇଛି।

କପ୍ତିପଦା ମହୋତ୍ସବ ଉଦ୍‌ଯାପିତ

## ମାରାଂ ବୁରୁ ଆମୋଦ ଅକାରେ ଗୀତରେ ଝୁମିଲେ ଦର୍ଶକ



**କପ୍ତିପଦା,୧୨।୧(ସମିସ):** ଏଠାରେ ଚାଲିଥିବା କପ୍ତିପଦା ମହୋତ୍ସବ ଉଦ୍‌ଯାପିତ୍ ହୋଇଛି। ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ପ୍ରଫୁଲ୍ଲ ଚନ୍ଦ୍ର ମହାଲିକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଉଦଳା ବିଡିଓ ସମରଜିତ କର, ବିଶିଷ୍ଟ ଅତିଥି ଭାବେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ସମ୍ମାନିତ ଅତିଥି ଭାବେ କପ୍ତିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ସତ୍ୟଜିତ ଦଳେଇ, ସହକାରୀ ନିର୍ବାହୀ ଯନ୍ତ୍ରୀ ସଦାଶିବ ବେହେରା, ନୋଟ ସମିତି ସଭ୍ୟ ପୂର୍ଣ୍ଣଚନ୍ଦ୍ର ନାୟକ, ପେଡାଗଡି ସମିତି ସଭ୍ୟ ଚନ୍ଦନ ପ୍ରଧାନ, କମିଟି ସଭାପତି ମାକୁ ସିଂ, ସଂପାଦକ ତପନ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ଉଦଳା ବିଡିଓ ସତ୍ୟଜିତ କର, କାର୍ଯ୍ୟକ୍ରମ ସଂଯୋଜକ ସଞ୍ଜୀବ ଦଳେଇ, କପ୍ତିପଦା ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ସିଂ ରାଏ ମୁର୍ମୁ, କୃତି ଶିକ୍ଷକ ସନ୍ତୋଷ କୁମାର ସାହୁ ଓ ରଞ୍ଜନ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗାୟିକା ଅଙ୍କିତା ପାତ୍ର, ଆଦିବାସୀ ଗାୟକ ମଙ୍ଗଳ ହାଁସଦା, ଗାୟିକା ପାରାୟନୀଙ୍କ ଗୀତ ଓ ନାଚରେ ଦର୍ଶକ ଝୁମିଥିଲେ। ଦ୍ୱିତୀୟ ସନ୍ଧ୍ୟାରେ କୋଲକେତାରୁ ଆସିଥିବା ସର୍ମିଷ୍ଠା ସରକାରଙ୍କ ବଙ୍ଗଳା ଗୀତରେ ଝୁମିଥିଲେ ଦର୍ଶକ। ପରେ କପ୍ତିପଦା ଅଞ୍ଚଳର ବିଭିନ୍ନ ଉଲ୍ଲେଖନୀୟ ଅବଦାନ ପାଇଥିବା ବିଭିନ୍ନ ଛାତ୍ରଛାତ୍ରୀ, ପ୍ରଶାସନିକ ଅଧିକାରୀ, ବରିଷ୍ଠ ନାଗରିକଙ୍କୁ ସମ୍ମାନିତ କରାଯାଇଥିଲା

## ରସାୟନ ବିଜ୍ଞାନ ବିଭାଗର ଜାତୀୟ ଆଲୋଚନାଚକ୍ର



**ବାରିପଦା, ୧୨।୧(ସମିସ):**

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ଦ୍ୱିଦିବସୀୟ ଜାତୀୟ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ପ୍ରଥମ ଦିବସର ଉଦ୍‌ଘାଟନୀ ପର୍ବରେ କୁଳପତି ପ୍ରଫେସର ପ୍ରମୋଦ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉତ୍କଳ ବିଶ୍ୱବିଦ୍ୟାଳୟର ସିଏସ୍‌ଆଇଆରର ଏମିରେଟସ ବୈଜ୍ଞାନିକ ଭାବେ ଅବସ୍ଥାପିତ ପ୍ରଫେସର ନିଗମାନନ୍ଦ ଦାସ ମୁଖ୍ୟଅତିଥି ଭାବରେ ଯୋଗଦାନ କରି ସାଂପ୍ରତିକ ସ୍ଥିତିରେ ରସାୟନ ବିଜ୍ଞାନର ଅଗ୍ରଗତି ସମ୍ବନ୍ଧରେ ସାରଗର୍ଭକ ଅଭିଭାଷଣ ରଖିଥିଲେ। "ରସାୟନ ବିଜ୍ଞାନ ଓ ସନ୍ତୁଳିତ ପରିବେଶ' ଶୀର୍ଷକ ଏହି ଆଲୋଚନାଚକ୍ରରେ ଜାମସେଦପୁରସ୍ଥ ସିଏସ୍‌ଆଇଆର୍ ଏନ୍‌ଏମ୍‌ଏସର ମୁଖ୍ୟ ବୈଜ୍ଞାନିକ ପ୍ରଫେସର ତ୍ରିଲୋଚନ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ରସାୟନ ବିଜ୍ଞାନକୁ ପରିବେଶର ସନ୍ତୁଳନରେ କିପରି ଉପଯୋଗ କରାଯାଇପାରିବ, ସେ ସଂପର୍କରେ କହିଥିଲେ। ମୁଖ୍ୟବକ୍ତା ଭୁବନେଶ୍ୱରସ୍ଥ ନାଇଜରର ନିର୍ଦ୍ଦେଶକ ପ୍ରଫେସର ହିରେନ୍ଦ୍ର ନାଥ ଘୋଷ ଯୋଗଦାନ କରି ରସାୟନ ବିଜ୍ଞାନର ଅଲଟ୍ରାଫାଷ୍ଟ ସ୍ପେକ୍ଟ୍ରୋସ୍କୋପୀ ଉପରେ ପୁଙ୍ଖାନୁପୁଙ୍ଖ ଆଲୋକପାତ କରିଥିଲେ। ଆବାହକ ବିଭାଗୀୟ ପ୍ରଫେସର ରାଜେଶ ସିଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭାଗର ସହଯୋଗୀ ପ୍ରଫେସର ଡକ୍ଟର ଲିଙ୍ଗରାଜ ବେହେରା କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିବାବେଳେ ବିଭାଗୀୟ ସହକାରୀ ପ୍ରଫେସର ଡକ୍ଟର ଅମର ଦୋରା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟର ପିଏମ୍ ଉଷା କାର୍ଯ୍ୟକ୍ରମର ନୋଡାଲ ଅଫିସର ପ୍ରଫେସର ଇନ୍ଦ୍ରଜିତ ନାୟକ ସରକାରୀ ବ୍ୟବସ୍ଥାରେ ଗବେଷଣା ଓ ଆଲୋଚନାଚକ୍ର ପାଇଁ ପ୍ରୋତ୍ସାହନ ଦିଗ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର କମଳଲୋଚନ ବାରିକ ରସାୟନ ବିଜ୍ଞାନ କ୍ଷେତ୍ରରେ ବିଶ୍ୱବିଦ୍ୟାଳୟର ଅଗ୍ରଗତି ସମ୍ବନ୍ଧରେ ଆଲୋଚନା କରିଥିଲେ। ବିଭାଗୀୟ ସହକାରୀ ପ୍ରଫେସର ଡକ୍ଟର ଆଶୀଷ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଆଲୋଚନାଚକ୍ରରେ ଆଲୋଚକ ଭାବେ ପଶ୍ଚିମବଙ୍ଗର ବିଦ୍ୟାସାଗର ବିଶ୍ୱବିଦ୍ୟାଳୟର ପ୍ରଫେସର ସୁମିତା ରଏ, ଭୁବନେଶ୍ୱର ଆଇସିଟିର ସହଯୋଗୀ ପ୍ରଫେସର ଡକ୍ଟର ନିମାଇଁ ମିଶ୍ର, ବ୍ରହ୍ମପୁର ଆଇଜରର ବିଭାଗ ମୁଖ୍ୟ ଡକ୍ଟର ମଳୟ ରଣା, ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରକାଶ ମିଶ୍ର, ଡକ୍ଟର ଅଞ୍ଜନ ବେଜ, ଭୁବନେଶ୍ୱର ଆଇଆଇଟି ପ୍ରଫେସର ତାବ୍ରେଜ ଖାନ, ଭୁବନେଶ୍ୱରର ପ୍ରଫେସର ପ୍ରିୟବ୍ରତ ମହାପାତ୍ର ଯୋଗଦାନ କରି ଆଲୋଚନା କରିଥିଲେ। ମୁଖ୍ୟଅତିଥି ଆଲୋଚନାଚକ୍ରର କାର୍ଯ୍ୟକ୍ରମ ପୁସ୍ତିକାକୁ ଉନ୍ମୋଚନ କରିଥିଲେ। ସାତଜଣ ଗବେଷକ ମୌଖିକ ପ୍ରବନ୍ଧ ଉପସ୍ଥାପନ କରିଥିଲେ ଓ ଆଠଜଣ ଗବେଷକ ପୋଷ୍ଟର ଉପସ୍ଥାପନ ମାଧ୍ୟମରେ ଅଂଶଗ୍ରହଣ କରିଥିଲେ। ଅନୁବନ୍ଧିତ ମହାବିଦ୍ୟାଳୟର ବିଭାଗୀୟ ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମ ଦିନ ସନ୍ଧ୍ୟାରେ ଗବେଷିକା ସନ୍ଧ୍ୟାରାଣୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଦ୍ୱିତୀୟ ଦିନ 'ବନ୍ଦେ ଉତ୍କଳ ଜନନୀ' ଗାନରେ ଏହି କାର୍ଯ୍ୟକ୍ରମ ଉଦ୍‌ଯାପନ କରାଯାଇଥିଲା। ଭବାନୀ ମହାନ୍ତ, ଚିନ୍ମୟ ବେହେରା, ହରିଶଙ୍କର ବେହେରା, ନିଳୀମା ତ୍ରିପାଠୀ, ରୀକା ପଣ୍ଡା ଓ ଗଣେଶ୍ୱର ମୁଖୀ ପ୍ରମୁଖ ସହଯୋଗ କରିଥିଲେ।


୭ମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ଚ୍ଚ ଗୋବିନ୍ଦ ଚନ୍ଦ୍ର ନାୟକ

କଶବା, ସୋର, ବାଲେଶ୍ୱର

ଆବିର୍ଭାବ: ୧୧.୦୪.୧୯୩୯

ତିରୋଧାନ: ୧୩.୦୧.୨୦୧୯

ବାପା ତୁମେ ଆମ ସୃଷ୍ଟିକର୍ତ୍ତା,
ତୁମେ ମହାନ ଅବିନଶ୍ୱର,
ତୁମେ ଚିର ସ୍ମରଣୀୟ,
ତୁମେ ପ୍ରାତଃ ବନ୍ଦନୀୟ,
ତୁମେ ଶାନ୍ତ ସରଳ, ଚିର ଅନନ୍ତ,
ଦୂରେ ଯାଇନାହଁ ଆମ ଠାରୁ କେବେ,
ବିରାଜିଛ ସଦା ଆମ ହୃଦୟରେ

ବାପା ଚାଁହୁ ଚାଁହୁ ସାତ ବର୍ଷ ବିତିଗଲା, ଭୁଲି ପାରୁନୁ ତୁମକୁ,
ଇତି ମଧ୍ୟରେ ଦୁଇ ମାସ ତଳେ ବଉ ବି ଆମକୁ ଶୋକ ସାଗର ରେ ଭସାଇ ଦେଇ ଚାଲିଗଲା।
ଆଜିର ଏହି ପୁଣ୍ୟ ତିଥିରେ,
ତୁମର ଅନାବିଳ ସ୍ନେହ ଶ୍ରଦ୍ଧା କୁ ପାଥେୟ କରି,
ପରୋପକାରୀତାର ଜୀବନ ଦର୍ଶନକୁ ପାଥେୟ କରି,
ତୁମର ଅମର ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ
ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।

ଶ୍ରଦ୍ଧାଞ୍ଜଳି ସହ

ବାବୁ, ମୁନି, କୁନା, ମୀରା, ବସନ୍ତ, ମନା, ମିଟି, ସୂର୍ଯ୍ୟ, ଟଗୁଲୁ,
ନିନି, ବଣ୍ଟି, ରୁବି, ଶିଆ, ରାଟୀ, କଣ୍ଢେଇ, ମାମା, ସୋମା, ବାବାନ, କାହ୍ନୁ, ସୁନ୍ନୁ, ବେବି



ଭୁବନେଶ୍ୱର ସିଟି

# ମାନସିକ ଅବସାଦର ମୁଖ୍ୟ କାରଣ ସାମାଜିକ ଗଣମାଧ୍ୟମ

## ଆଜି ବିଶ୍ୱ ମାନସିକ ଅବସାଦ ଦିବସ

■ ବିଶ୍ୱରେ ମାନସିକ ଅବସାଦ ରୋଗୀ ସଂଖ୍ୟାରେ ଭାରତ ଏକ ନମ୍ବର

ଭୁବନେଶ୍ୱର, ୧୨ ।୧(ସମିସ): ବର୍ତ୍ତମାନ ସମାଜରେ ମାନସିକ ଅବସାଦ ଏକ ପ୍ରମୁଖ ବ୍ୟାଧି ପାଲଟିଲାଣି। ଡିପ୍ରେସନ ହେଉଛି ବିଶ୍ୱର ସବୁଠାରୁ ପ୍ରଚଳିତ ମାନସିକ ବ୍ୟାଧି ବୋଲି ଏକ ରିପୋର୍ଟରୁ ଜଣାପଡ଼ିଛି। ଏହା ଉଭୟ ମାନସିକ ଓ ଶାରୀରିକ କ୍ଷେତ୍ରରେ ମଣିଷକୁ ଦୁର୍ବଳ କରିଦିଏ। ଡିପ୍ରେସନ ବିକାଶର ମୁଖ୍ୟ ବିପଦ କାରଣଗୁଡ଼ିକ ହେଉଛି କିଛି ଆତ୍ମୀୟଙ୍କୁ ହରେଇବା, କ୍ଷୟ କ୍ଷତି, ଦୁର୍ବ୍ୟବହାର, ଅପମାନ ଏବଂ ହିଂସା ଭଳି ପରିସ୍ଥିତିର ଶିକାର ହେବା। ଏହାସହ ଅନ୍ୟ ବିଭିନ୍ନ କାରଣ ମଧ ରହିଛି। ତେବେ ଡିପ୍ରେସନକୁ ରୋକିବାରେ, ପ୍ରଥମେ ଆମର ଦୈନନ୍ଦିନ ଅଭ୍ୟାସର ଯତ୍ନନେବା, ଖାଦ୍ୟ ଏବଂ ଶାରୀରିକ କାର୍ଯ୍ୟକଳାପ, ଭାବପ୍ରବଣ ଏବଂ ସାମାଜିକ ସନ୍ତୁଳନ ବଜାୟ ରଖିବା। ନିଜକୁ ଅଲଗା କରିବାର ପ୍ରବୃତ୍ତିକୁ ହ୍ରାସ କରିବା ଏବଂ ଅନ୍ୟମାନଙ୍କ ସହିତ ଖୋଲା ଯୋଗାଯୋଗକୁ ଉତ୍ସାହିତ କରିବା ଅତ୍ୟନ୍ତ ଜରୁରୀ ଅଟେ। ପ୍ରତିବର୍ଷ ଜାନୁଆରୀ ୧୩ ତାରିଖକୁ 'ବିଶ୍ୱ ଡିପ୍ରେସନ ଦିବସ' ବା 'ବିଶ୍ୱ ମାନସିକ ଅବସାଦ ଦିବସ' ମାନସିକ ସ୍ୱାସ୍ଥ୍ୟ ବିଷୟରେ ସଚେତନତା ଜାଗ୍ରତ କରିବା ଲକ୍ଷ୍ୟରେ ପାଳନ କରାଯାଉଛି।

ବର୍ତ୍ତମାନ ସମାଜରେ ଅଧିକ ମାନସିକ ଅବସାଦର ଶିକାର ହେଉଛନ୍ତି ଯୁବଗୋଷ୍ଠୀ। ଟାହାର ଫଳସ୍ୱରୂପ ପରବର୍ତ୍ତୀ ସମୟରେ ଆତ୍ମହତ୍ୟାର ରୂପ ନେଇଥାଏ। ତେବେ ଏହାର ଏକ ପ୍ରମୁଖ କାରଣ ଅତ୍ୟଧିକ ସାମାଜିକ ଗଣମାଧ୍ୟମର ବ୍ୟବହାର, ଆପଣାର ଭାବବୁଝୁଥିବା ଲୋକଙ୍କ ସହ ଘଟିଥିବା ଭୁଲ ବୁଝାମଣାକୁ ଦୂର ନକରିବା, ଘନିଷ୍ଠ ବା ଆପଣାର ଲୋକଙ୍କ ଆଗରେ ମନକଥା କହିବାକୁ କୁଣ୍ଠାବୋଧ ପ୍ରକାଶ କରିବା, ପରିବାର ସଦସ୍ୟଙ୍କ ଦୂରତା ଆଦି ଯୋଗୁଁ ଏଭଳି ଘଟଣା ଘଟୁଥିବା ମନସ୍ତତ୍ତ୍ୱବିତ୍ ମାନେ ମତ ଦେଉଛନ୍ତି। ଯେକୌଣସି ଶାରୀରିକ ସମସ୍ୟାକୁ ଆମେ ଯେପରି ଗମ୍ଭୀରତା ଏବଂ ତତ୍କାଳ ଚିକିତ୍ସା କରୁ, ମାନସିକ ସ୍ୱାସ୍ଥ୍ୟକୁ ମଧ ସେହିପରି ଗମ୍ଭୀରତା ଏବଂ ତତ୍କାଳ ଚିକିତ୍ସା କରାଯିବା ଅତ୍ୟନ୍ତ ଜରୁରୀ। ଏଭଳି ପରିସ୍ଥିତିରେ କ୍ଷଣିକେ ଉତ୍ତେଜନାରେ ବଶୀଭୂତ ହୋଇ ଜୀବନ ହାରିବା ଭଳି ଚରମ ନିଷ୍ପତ୍ତି ନେଉଛନ୍ତି ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ। ଏହି ଆତ୍ମହତ୍ୟା ତାଲିକା ମଧ୍ୟରେ ସର୍ବାଧିକ ଭାବେ ଯୁବପିଢ଼ୀ ରହିଥିବା ଦେଖିବାକୁ ମିଳୁଛି। ବିଶେଷ କରି ଏକାକୀ ବା ମାନସିକ ଅବସାଦରେ ରହି ଅନେକ ଛାତ୍ରଛାତ୍ରୀ ଆତ୍ମହତ୍ୟା କରୁଥିବା ସୂଚନା ରହିଛି। ୧୮ ରୁ ୨୫ ବର୍ଷର ଯୁବବର୍ଗ ବା ବିଦ୍ୟାର୍ଥୀଙ୍କ ଆତ୍ମହତ୍ୟା କରିବାର ମୁଖ୍ୟ କାରଣ ପ୍ରେମ, ପାଠପଢ଼ାରେ ଚାପ, ପରିବାରଲୋକଙ୍କ ତାଗିଦ୍ ବେଳେ ୨୫ରୁ ୪୦ ବର୍ଷ ମଧ୍ୟରେ ରହିଥିବା ବ୍ୟକ୍ତି ପାରିବାରିକ କହଳ, ସଂସାର ବୋଝ, କର୍ମକ୍ଷେତ୍ରରେ ଚାପ କିମ୍ବା ବ୍ୟବସାୟରେ କ୍ଷତି ସହି ନପାରି ଆତ୍ମହତ୍ୟା ରାସ୍ତାକୁ ଆପଣାଉଥିବା ସୂଚନା ରହିଛି। ତେବେ ଏସବୁର ମୂଳ କାରଣ ମାନସିକ ଅବସାଦ ଅଟେ। ଏନେଇ ମନସ୍ତତ୍ତ୍ୱବିତ୍ ସଚ୍ଚିଦାନନ୍ଦ ନାଥ କହିଛନ୍ତି ଯେ, ଯେଉଁମାନେ ବିଭିନ୍ନ କାରଣରୁ ମାନସିକ ଚିନ୍ତାରେ ରହୁଛନ୍ତି ସେମାନଙ୍କୁ ପରିବାର, ବନ୍ଧୁ କିମ୍ବା କର୍ମକ୍ଷେତ୍ରରେ ସହଯୋଗୀମାନେ ଏକାକୀ ନକରି ସହଯୋଗ କଲେ ବ୍ୟକ୍ତିର ମାନସିକ




ସ୍ଥିତି ବଦଳିଥାଏ। ତେଣୁ ଏହିପ୍ରତି ସମସ୍ତେ ଗୁରୁତ୍ୱ ଦେବା ଉଚିତ୍। ଡିପ୍ରେସନର ମୁଖ୍ୟ କାରଣ ହେଲା, ଡିଜିଟାଲ ପ୍ଲାଟଫର୍ମର ଆଡିକସନ୍। ତେବେ ସାରା ବିଶ୍ୱରେ ମାନସିକ ଅବସାଦ ରୋଗୀଙ୍କ ସଂଖ୍ୟା ଭାରତରେ ଏକ ନମ୍ବର ରହିଛି। କୋଭିଡ ପରବର୍ତ୍ତୀ ସମୟରେ ଏହା ଅଧିକ ବୃଦ୍ଧି ପାଇଛି। କାରଣ କୋଭିଡ ପରେ ସଫଳତାର ସଜ୍ଞା ବଦଳିଯାଇଛି। ସାମାଜିକ ଗଣମାଧ୍ୟମର ପୋଷ୍ଟ ମଧ ଦୁଃଖ ଓ ଖୁସିର ଆଧାର ପାଲଟିଛି। ସାମାଜିକ ଗଣମାଧ୍ୟମର ବ୍ୟବହାର ବୃଦ୍ଧି ଯୋଗୁଁ ପରିବାର ସଦସ୍ୟଙ୍କ ଓ ଆତ୍ମୀୟଙ୍କ ସହ ଯୋଗାଯୋଗ କମିଛି। ଯଦିଓ ମୋବାଇଲରେ ଯୋଗାଯୋଗ ହେଉଛି କିନ୍ତୁ ଉପସ୍ଥିତିର ଅଭାବ ମଧ ଡିପ୍ରେସନର ଏକ କାରଣ। ସେହିପରି ଜୀବନଶୈଳୀରେ ମଧ ପରିବର୍ତ୍ତନ ହୋଇଛି। ୱର୍କ ଫ୍ରମ୍ ହୋମ ଦ୍ୱାରା ଏକାପଣ ବଢ଼ିବା ସହ ସ୍କ୍ରିନ୍ ଟାଇମ୍ ବି ବଢ଼ିଛି। ଭାରତରେ ପ୍ରତି ବ୍ୟକ୍ତିର ସ୍କ୍ରିନ୍ ଟାଇମ ୬ରୁ ୮ ଘଣ୍ଟା ରହିଛି। ଫଳରେ ପ୍ରକୃତିରୁ ଯେଉଁ ଷ୍ଟିମୁଲସ୍ ଆସିବା କଥା ତାହା ମୋବାଇଲରୁ ଆସୁଥିବାରୁ ପରସ୍ପର ମଧ୍ୟରେ ଭାବପ୍ରବଣତା କମିବା ସହ ଏକାପଣ ବଢ଼ୁଛି। ମଣିଷକୁ ନିହାତି ଜରୁରୀ ଠାରୁ ଦୂରେଇ ଏକା ରହିବାକୁ ଅନେକ ପସନ୍ଦ କରୁଛନ୍ତି। ପ୍ରକୃତି ସହ ସମୟ ବିତାଇବା ବଦଳରେ ମୋବାଇଲରେ ବିତାଉଛନ୍ତି। ତେବେ ମୋବାଇଲରେ ସର୍ଟ ଟର୍ମରେ ଖୁସି ମିଳି ଯାଉଥିବାରୁ ଲୋକମାନଙ୍କର ଧୈର୍ଯ୍ୟ କମିଯାଉଛି। ତେଣୁ ଏହିସବୁ ଦିଗପ୍ରତି ଯତ୍ନବାନ ହେଲେ ଆମେ ମାନସିକ କ୍ଷେତ୍ରରେ ଖୁସି ରହିପାରିବା ଏବଂ ମାନସିକ ଖୁସି ଶରୀରକୁ ମଧ ସୁସ୍ଥ ରଖିଥାଏ ବୋଲି ଶ୍ରୀ ନାଥ କହିଛନ୍ତି।

## କୁଖ୍ୟାତ ଲୁଟେରା ଶଙ୍କର ଓ ସହଯୋଗୀ ଗିରଫ





ଭୁବନେଶ୍ୱର, ୧୨।୧ (ସମିସ): ମୋବାଇଲ ଛଡ଼ାଇବା ଅଭିଯୋଗରେ କୁଖ୍ୟାତ ଲୁଟେରା ଶଙ୍କର ଓ ସହଯୋଗୀକୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସାଲିଆ ସାହିର ଏସ୍ ଶଙ୍କର ରେଡ୍ଡୀ (୨୩) ଓ କୁନାଲ ବେହେରା (୨୦)।

ପୁଲିସ ସୂଚନା ମୁତାବକ, ସୈନିକ ସ୍କୁଲ ନିକଟସ୍ଥ ଦଶରାଜ ସାହିରେ ରହୁଥିବା ବିଶାଖା ନାହାକ ଗତକାଲି ସକାଳେ ଏକାମ୍ର ପାର୍କ ଗେଟ ନିକଟରେ ଛିଡ଼ା ହୋଇ ସମ୍ପର୍କୀୟଙ୍କ ସହ ଫୋନ ଯୋଗେ କଥା ହେଉଥିଲେ। ସେହି ସମୟରେ ଶଙ୍କର ଓ କୁନାଲ ତାଙ୍କ ହାତରୁ ମୋବାଇଲ ଫୋନ ଛଡାଇ ନେଇ ଫେରାର ହୋଇଯାଇଥିଲେ। ଏନେଇ ବିଶାଖା ଅଭିଯୋଗ କରିବା ପରେ ନୂଆପଲ୍ଲୀ ଥାନା ପୁଲିସ ମାମଲା ରୁଜୁ କରିଥିଲା। ଆଜି ଚଢ଼ଉ କରି ଦୁଇ ଜଣଙ୍କୁ ଗିରଫ କରିବା ସହ ମୋବାଇଲ୍ ଫୋନ୍ ଜବତ କରିଥିଲା। ଶଙ୍କର ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ତା' ନାମରେ ନୂଆପଲ୍ଲୀ ଥାନାରେ ୭ଟି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

## ଦୁଇ ବାଇକ୍ ଚୋରଙ୍କୁ ୩୧ ମାସ ସଜା

ଭୁବନେଶ୍ୱର, ୧୨।୧ (ସମିସ): ତମାଣ୍ଡୋ ଥାନା ଅଞ୍ଚଳର ବାଇକ୍ ଚୋରି ଘଟଣାର ରାୟ ଆଜି ପ୍ରକାଶ ପାଇଛି। ଭୁବନେଶ୍ୱର ସ୍ଥିତ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୧ ର ବିଚାରପତି ଶ୍ୱେତା ଦାଶ ମାମଲାର ବିଚାର କରି ଦୁଇ ଆସାମୀ ମନୀଷ ପଟ୍ଟନାୟକ ଓ ବାବୁରାଓ ଆଚାରୀକୁ ଦଣ୍ଡ ଶୁଣାଇଛନ୍ତି।

ପୁଲିସ ସୂଚନାନୁଯାୟୀ, ଗଣ୍ଡମୁଣ୍ଡା ଅଞ୍ଚଳରେ ରହୁଥିବା ସନ୍ତୋଷ ସାହୁଙ୍କ ଗତବର୍ଷ ଜୁନ୍ ମାସ ୧୨ ତାରିଖ ସନ୍ଧ୍ୟାରେ କଳିଙ୍ଗ ବିହାର ହାଟକୁ ଯାଇଥିଲେ। ନିକଟରେ ତାଙ୍କ ମୋଟରସାଇକେଲକୁ ପାର୍କିଂ କରି ହାଟରୁ କିଣାକିଣି କରୁଥିଲେ। ସେହି ସମୟରେ ମନୀଷ ଓ ବାବୁରାଓ ତାଙ୍କ ବାଇକ୍ ଚୋରିକରି ନେଇଥିଲେ। ଗାଡ଼ି ନପାଇ ସନ୍ତୋଷ ତମାଣ୍ଡୋ ଥାନାରେ ଏତଲା ଦେଇଥିଲେ। ତାଙ୍କ ଅଭିଯୋଗ ଆଧାରରେ ତମାଣ୍ଡୋ ଥାନା ପୁଲିସ କେସ୍ ନମ୍ବର-୧୬୪/୨୫ରେ ଦଫା - ୩୦୩(୨) ବିଏନ୍ଏସ୍ ଲଗାଇ ମାମଲା ରୁଜୁ କରିଥିଲା। ତତ୍କାଳୀନ ଏସ୍ଆଇ ତଥା ବର୍ତ୍ତମାନର ଇନ୍ସପେକ୍ଟର ସଞ୍ଜିତ କୁମାର ବେହେରା ଘଟଣାର ତଦନ୍ତ କରି ମନୀଷ ଓ ବାବୁରାଓକୁ ଗିରଫ କରିବା ସହ ମୋଟ ୮ଟି ଗାଡ଼ି ଜବତ କରି କୋର୍ଟ ଚାଲାଣ କରିଥିଲେ। ଅଦାଲତ ଘଟଣା ସହିତ ସମ୍ପୃକ୍ତ ସାକ୍ଷୀ ଓ ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ଆସାମୀ ମନୀଷ ଓ ବାବୁରାଓକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୨ବର୍ଷ ୭ ମାସ ଲେଖାଏଁ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମନା ଅନାଦେୟ କ୍ଷତ୍ରରେ ଅଧିକ ୩ ମାସ ଲାଗି ସଶ୍ରମ କାରାଦଣ୍ଡର ଆଦେଶ ମଧ ଶୁଣାଇଛନ୍ତି। ସହକାରୀ ପବ୍ଲିକ୍ ପ୍ରୋସିକ୍ୟୁଟର ସୁଶାନ୍ତ ଦାଶ, ଚିରନ୍ତନୀ ବାଗ ଓ ଅଶୋକ ରାଜ ପ୍ରମୁଖ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରିଥିଲେ।

## ଅପରାଜିତାଙ୍କୁ ମିଳିବ ବସନ୍ତ ନାୟକ ସ୍ମୃତି ସମ୍ମାନ

ଭୁବନେଶ୍ୱର, ୧୨ ।୧(ସମିସ): ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ବସନ୍ତ ନାୟକ ଫାଉଣ୍ଡେସନ୍ ତରଫରୁ ଓଲିଉଡ ଜଗତର ଚଳଚ୍ଚିତ୍ର ପ୍ରଯୋଜନା କ୍ଷେତ୍ରର ବାଦଶାହ ସ୍ୱର୍ଗତ ବସନ୍ତ ନାୟକଙ୍କ ୯୦ତମ ଜନ୍ମ ବାର୍ଷିକୀ ସ୍ଥାନୀୟ ଜୟଦେବ ଭବନଠାରେ ଅନୁଷ୍ଠିତ ହେବ। ଚଳିତ ଜାନୁଆରୀରେ ୧୬ରେ ଫାଉଣ୍ଡେସନ୍ ପକ୍ଷରୁ ଚଳିତ ବର୍ଷ ଜୀବନବ୍ୟାପୀ ସାଧନା ସମ୍ମାନରେ ଓଲିଉଡର ଡ୍ରିମ୍ ଗାର୍ଲ ଅପରାଜିତା ମହାନ୍ତିଙ୍କୁ ପ୍ରଦାନ କରାଯିବ। ଏନେଇ ସୋମବାର ଜୟଦେବଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବସନ୍ତ ନାୟକଙ୍କ ସୁପୁତ୍ର ସଞ୍ଜୟ କୁମାର ନାୟକ ସୂଚନା ଦେଇଛନ୍ତି। ଅଧ୍ୟାପକ ତଥା ବିଶିଷ୍ଟ ନାଟ୍ୟକାର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ବରିଷ୍ଠ ସିନେ ସମୀକ୍ଷକ ସୂର୍ଯ୍ୟ ଦେଓ, ଗୀତିକାର ପଞ୍ଚାନନ ନାୟକ ଓ ବୋଉ ଫାଉଣ୍ଡେସନ୍ ଅଧ୍ୟକ୍ଷ ଅତୀଶ ମହାନ୍ତି, ବରିଷ୍ଠ ସିନେ ଅଭିନେତ୍ରୀ ପିଙ୍କି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ବସନ୍ତ ନାୟକ ଏଣ୍ଟରଟେନମେଣ୍ଟ ଦୁନିଆର ବାଦଶାହ ହୋଇଥିବାରୁ ବ୍ରଜରାଜ ମୁଭିଜ୍‌ର ଗୀତଗୁଡିକୁ ବିଭିନ୍ନ କଳାକାରମାନେ ନୃତ୍ୟ କରି ଦିବସଟିକୁ ସଙ୍ଗୀତ ଓ ନୃତ୍ୟମୟ କରି ମନୋରଞ୍ଜନ ଯୋଗାଇବେ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ପ୍ରଣବ ଦାସଙ୍କୁ ମିଳିବ 'ପ୍ରମୋଦ ପତି ଚଳଚ୍ଚିତ୍ର ସମ୍ମାନ'

ଭୁବନେଶ୍ୱର, ୧୨ ।୧(ସମିସ): ଓଡ଼ିଆ ଚଳଚ୍ଚିତ୍ର ଜଗତ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ସଂଳାପ ଲେଖକ ପ୍ରଣବ ଦାସ ଚଳିତ ବର୍ଷ ପ୍ରମୋଦ ପତି



ଚଳଚ୍ଚିତ୍ର ସମ୍ମାନ ପାଇବାକୁ ମନୋନୀତ ହୋଇଛନ୍ତି। ଅଭିନବ ଭାରତୀୟ ଚଳଚ୍ଚିତ୍ରର ଜନକ ପ୍ରମୋଦ ପତିଙ୍କ ୯୪ ତମ ଜୟନ୍ତୀ ଅବସରରେ ଆସନ୍ତା ଜାନୁଆରୀ ୧୫ ତାରିଖରେ ଭୁବନେଶ୍ୱରସ୍ଥ ବୁଦ୍ଧ ମନ୍ଦିରଠାରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ପ୍ରମୋଦ ପତି ଟ୍ରଷ୍ଟର ଅଧ୍ୟକ୍ଷ ଶ୍ୟାମସୁନ୍ଦର ମହାପାତ୍ର ଓ ସମ୍ପାଦକ ଗୋଲକ ବିହାରୀ ସିଂହ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ, ପ୍ରଣବ ଦାସ ଓଡ଼ିଆ ଚଳଚ୍ଚିତ୍ର ଶେଷ ପ୍ରତୀକ୍ଷା, ହାକିମ ବାବୁ ଓ ଅଗ୍ନି ସଂକେତ ପାଇଁ ରାଜ୍ୟ ପୁରସ୍କାର ପାଇବା ସହ ଜାତୀୟ ଚଳଚ୍ଚିତ୍ର ପୁରସ୍କାର କମିଟିର ବିଚାରକ ଭାବେ ରହି ଓଡ଼ିଶାର ଗୌରବ ବୃଦ୍ଧି କରିଛନ୍ତି। ସେ ମଧ ଅନେକ ଟିଭି ଧାରାବାହିକ ଓ ମଞ୍ଚ ନାଟକରେ ନିର୍ଦ୍ଦେଶନା ଦେଇ ସୁଖ୍ୟାତି ଅର୍ଜନ କରିଛନ୍ତି।

## ସାମ୍ବାଦିକା ଶିଳା ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୧୨ ।୧(ସମିସ): ଉତ୍କଳ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ (ଉସାକା) ଓ ଗିରିଜା ଫାଉଣ୍ଡେସନ୍ ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ସାମ୍ବାଦିକା ଶିଳା ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଉସାକା ସଭାପତି ସରୋଜ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉସାକା କାର୍ଯ୍ୟକାରୀ ଅଧ୍ୟକ୍ଷ ଡ. ପ୍ରକାଶ ତ୍ରିପାଠୀ, ଗିରିଜା ଫାଉଣ୍ଡେସନ୍ ର ମୁଖ୍ୟ ଅଧ୍ୟାପିକା ଅମୀୟବାଳା ପରିଡ଼ା, ସାଗର ଦାସ, ରୋଜା ଘୋଷ, ଦୀନବନ୍ଧୁ ପତି, ସ୍ୱୀକୃତି ମିଶ୍ର, କେଶବ ପାଣି, ସତ୍ୟଜିତ ରାଉତ, ସୁମନ୍ତ ବେହେରା ପ୍ରମୁଖ ଯୋଗ ଦେଇ ଶିଳାଙ୍କ ସ୍ମୃତିଚାରଣ କରିଥିଲେ।

## ପୁଷ୍ପ ଉଦ୍ୟାନ ପ୍ରତିଯୋଗିତାରେ ରାଜ୍ୟ ସଂଗ୍ରହାଳୟ ପ୍ରଥମ

ଭୁବନେଶ୍ୱର, ୧୨ ।୧(ସମିସ): ପ୍ରତିବର୍ଷ ପରି ଚଳିତ ବର୍ଷ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର (ଆରପିଆର୍‌ସି) ଓ ପ୍ଲାଣ୍ଟ ଲଭରର୍ସ ଆସୋସିଏସନ୍ ମିଳିତ ଉଦ୍ୟମରେ ୩ଦିନ ଧରି ସଂସ୍ଥା ଦ୍ୱାରା ବିଭିନ୍ନ ଉଦ୍ୟାନକୁ ନେଇ ସର୍ବେକ୍ଷଣ କରାଯାଇଥିବା ବେଳେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି। ସଂଗ୍ରହାଳୟର ଉଦ୍ୟାନରେ ଭିନ୍ନଭିନ୍ନ କିସମର ଫୁଲର ତୋରଣ, କଳସ ଶୋଭା ପାଉଛି। ଉଦ୍ୟାନର ପୁଷ୍ପରାଜି ରଙ୍ଗୀନ୍ ମ୍ୟୁଜିକାଲ୍ ଫାଉଣ୍ଟେନ୍ ମଧ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟୁଛି। ସେହିପରି ପିଲାମାନଙ୍କ ପାଇଁ ବିଭିନ୍ନ ଖେଳନା ରହିଛି। ତେବେ ସଂଗ୍ରହାଳୟ ଉଦ୍ୟାନରେ ସ୍ଥାପତ୍ୟ ଗୁଡ଼ିକ ଫୁଲରେ ସଜାଯାଇଛି। ଯେପରି ସ୍ଥାପତ୍ୟ ଗୁଡ଼ିକ କଥା କହୁଥିବା ଭଳି ଭ୍ରମ ସୃଷ୍ଟି କରୁଛି। ତାସହ ସଞ୍ଜ ନଇଁଲେ ଉଦ୍ୟାନର ଶୋଭା ବିଭିନ୍ନ ରଙ୍ଗୀନ ଆଲୁଅରେ ଝଲସି ଉଠୁଛି। ସଂଗ୍ରହାଳୟର ଭିତର ଉଦ୍ୟାନ ମଧ ପୁଷ୍ପରାଜିର ପରିପାଟୀରେ ପରିପୂର୍ଣ୍ଣ। ଭିତର କୋଠାର ୫ଟି ପ୍ରୋଜେକ୍ସନ୍ ସବୁଜ ଗାଲିଚା ଦ୍ୱାରା ଆଚ୍ଛାଦିତ ହୋଇଥିବା ବେଳେ ଭିତର ଉଦ୍ୟାନରେ ଥିବା ଦୁଇଟି ଡାଇନେସର ଛୋଟ ପିଲାଙ୍କ ଆକର୍ଷଣ କେନ୍ଦ୍ରବିନ୍ଦୁ ପାଲଟିଛି। ତେବେ ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଡ. ଭାରତୀ ପାଲ ଏହି ପୁରସ୍କାର ଗ୍ରହଣ କରିଛନ୍ତି।

## ଫୁଲ ପ୍ରଦର୍ଶନୀରେ ବଟାନିକାଲ ଗାର୍ଡେନକୁ ୩୫ ପୁରସ୍କାର

ନନ୍ଦନକାନନ, ୧୨।୧(ସମିସ): ଆଞ୍ଚଳିକ ଉଦ୍ଭିଦ ସମ୍ବଳ କେନ୍ଦ୍ର (ଆରପିଆରସି)ରେ ଆୟୋଜିତ ଉଦ୍ୟାନ ପ୍ରତିଯୋଗିତା ଏବଂ ଫୁଲ ପ୍ରଦର୍ଶନୀ-୨୦୨୬ ରେ ନନ୍ଦନକାନନ ଅଂଶଗ୍ରହଣ କରିବା ସହିତ ପାତ୍ରଯୁକ୍ତ ଉଦ୍ଭିଦ ପ୍ରଦର୍ଶନୀ, କଟାଫୁଲ ଏବଂ ଉଦ୍ୟାନ/ଭୂମି




ପ୍ରଦର୍ଶନୀ ବର୍ଗରେ ମୋଟ ୩୫ଟି ପୁରସ୍କାର ହାସଲ କରି ଉଲ୍ଲେଖନୀୟ ସଫଳତା ହାସଲ କରିଛି। ପାତ୍ରଯୁକ୍ତ ଉଦ୍ଭିଦ ପ୍ରଦର୍ଶନୀରେ, ନନ୍ଦନକାନନ ଡାଏଫେନବାଚିଆ, ମିଶ୍ରିତ ପ୍ରକାର, ବୋଗେନଭିଲିଆ, ଫ୍ଲୋରିବୁଣ୍ଡା ଗୋଲାପ, କ୍ଷୁଦ୍ର ଗୋଲାପ, ବନସାଇ, ସୁକୁଲାଣ୍ଟ ଏବଂ ଅନେକ ମିଶ୍ରିତ ଉଦ୍ଭିଦ ପ୍ରଦର୍ଶନୀରେ ଶ୍ରେଷ୍ଠ ପୁରସ୍କାର ଜିତିଛି। ପତ୍ର ଉଦ୍ଭିଦ, ଆଡେନିୟମ, କ୍ରିସାନ୍ଥେମମ୍ ଏବଂ କ୍ଷୁଦ୍ର ଉଦ୍ୟାନରେ ଯୋଗ୍ୟତା ଏବଂ ଦ୍ୱିତୀୟ ପୁରସ୍କାର ପାଇଛି। କଟା ଫୁଲ ବର୍ଗରେ, ଛୋଟ କ୍ରିସାନ୍ଥେମମ୍ ଏବଂ ଲାଲ ହାଇବ୍ରିଡ୍ ଚା ଗୋଲାପରେ ପ୍ରଥମ ଏବଂ ବଡ଼ କ୍ରିସାନ୍ଥେମମ୍, ଜିନିଆ ଏବଂ ହଳଦିଆ ହାଇବ୍ରିଡ୍ ଚା ଗୋଲାପରେ ଅତିରିକ୍ତ ପୁରସ୍କାର ପାଇଛି। ଉଦ୍ୟାନ ଏବଂ ଭୂଦୃଶ୍ୟ ପ୍ରଦର୍ଶନୀରେ, ନନ୍ଦନକାନନ ନର୍ସରୀ ବଟାନିକାଲ (ରାଜ୍ୟ ଉଦ୍ଭିଦ ଉଦ୍ୟାନ), ବାମ୍ବୁସେଟମ୍, ବର୍ଜ୍ୟବସ୍ତୁ ପରିଚାଳନା ଉଦ୍ୟାନ ଏବଂ ଅର୍କିଡ୍ ହାଉସ୍ ପାଇଁ ପ୍ରଥମ ପୁରସ୍କାର, ସେହିପରି ଗ୍ଲାସ୍ ହାଉସ୍, ରୋଜ୍ ଗାର୍ଡେନ, ଗେଷ୍ଟ ହାଉସ୍ ଉଦ୍ୟାନ, ଇଭୋଲୁସନ୍ ଗାର୍ଡେନ, ବନସାଇ ଉଦ୍ୟାନ, ଔଷଧୀୟ ଉଦ୍ଭିଦ ଉଦ୍ୟାନ, କାକଟସ୍ ହାଉସ୍, ହାଇଡ୍ରୋଫାଇଟ୍ ଉଦ୍ୟାନ, ମୋଗଲ୍ ଉଦ୍ୟାନ ଏବଂ ପ୍ରଜାପତି ଉଦ୍ୟାନ ପାଇଁ ଦ୍ୱିତୀୟ ଏବଂ ତୃତୀୟ ପୁରସ୍କାର ପାଇଛି। ଏହି ସାମଗ୍ରିକ ସଫଳତା ଉଦ୍ୟାନ କୃଷି, ଭୂଦୃଶ୍ୟ ଡିଜାଇନ୍, ସୌନ୍ଦର୍ଯ୍ୟପୂର୍ଣ୍ଣ ଉପସ୍ଥାପନାରେ ଅନୁଷ୍ଠାନର ଉତ୍କର୍ଷତାକୁ ଉଜ୍ଜ୍ୱଳ କରିଥାଏ ଏବଂ ନନ୍ଦନକାନର ରାଜ୍ୟ ଉଦ୍ୟାନ ଉଦ୍ୟାନ ଏବଂ ଉଦ୍ୟାନ କୃଷି ଶାଖାର କର୍ମଚାରୀମାନଙ୍କ ଉତ୍ସର୍ଗୀକୃତ ପ୍ରୟାସ ଏବଂ ବୈଷୟିକ ବିଶେଷଜ୍ଞତାକୁ ପ୍ରତିଫଳିତ କରିଥାଏ ବୋଲି ଉପ ନିର୍ଦ୍ଦେଶକ ସନଥ ନାରାୟଣ ପ୍ରକାଶ କରିଛନ୍ତି।

## ଜଳସମ୍ପଦ ବିଭାଗର ସାଂସ୍କୃତିକ ପରିଷଦ ପକ୍ଷରୁ 'ଜଳତରଙ୍ଗ' ଉନ୍ମୋଚିତ

ଭୁବନେଶ୍ୱର, ୧୨ ।୧(ସମିସ): ଜଳସମ୍ପଦ ବିଭାଗର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ରବୀନ୍ଦ୍ର ମଣ୍ଡପଠାରେ ୨୨ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ଅନ୍ୟତମ ଅତିଥି ସ୍ୱତନ୍ତ୍ର ଶାସନ ସଚିବ ମାନସୀ ନିମ୍ଭାଲ, ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଶାସନ ସଚିବ ନରହରି ସେଠୀ ଯୋଗଦେଇଥିବା ବେଳେ



ସ୍ୱତନ୍ତ୍ର ଶାସନ ସଚିବ ଅଶୋକ କୁମାର ବେହେରା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପରିଷଦର ସଭାପତି ଜୟକିଶୋର ମିଶ୍ର ସ୍ୱାଗତ ଅଭିଭାଷଣ ଦେଇଥିଲେ। ବିଭାଗୀୟ ଅଧିକାରୀମାନଙ୍କ ଦ୍ୱାରା ଲିଖିତ କବିତା ଓ ପ୍ରବନ୍ଧକୁ ନେଇ ପରିଷଦର ବାର୍ଷିକ ସ୍ମରଣିକା 'ଜଳତରଙ୍ଗ-୨୦୨୫' କୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। ସେହିପରି ଜଳସମ୍ପଦ ବିଭାଗକୁ ଉତ୍ସର୍ଗୀକୃତ ଏକ ସଙ୍ଗୀତ 'ଆମେ ଜଳସମ୍ପଦର ବଳ' ମଧ ଉନ୍ମୋଚିତ ହୋଇଥିଲା।

ସାଂସ୍କୃତିକ ପରିଷଦ ଦ୍ୱାରା କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହାସହ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡିଆ ସଂସ୍କୃତି, ପରମ୍ପରା ଓ ଏହାର ଇତିହାସର ସୁନ୍ଦର ପ୍ରତିଫଳନ ଦେଖିବାକୁ ମିଳିଥିଲା। ବିଶେଷ କରି ଜଗନ୍ନାଥ ସଂସ୍କୃତିକୁ ଆଧାର କରି ପ୍ରସ୍ତୁତ ଗୀତିନାଟ୍ୟ 'କାଞ୍ଚି ଅଭିଯାନ'କୁ ଦର୍ଶକମାନେ ବେଶ ପ୍ରଶଂସା କରିଥିଲେ।

## ବିଜେବି କଲେଜରେ ଆଇନ ସହାୟତା କ୍ଲିନିକ୍




ଭୁବନେଶ୍ୱର, ୧୨।୧(ସମିସ):ଖୋର୍ଦ୍ଧା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଭୁବନେଶ୍ୱରଙ୍କ ପକ୍ଷରୁ ସ୍ଥାନୀୟ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ଆଇନ ବିଭାଗରେ ଏକ ଆଇନ ସହାୟତା କ୍ଲିନିକ୍ ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ-ଅଦାଲତ ବିଚାରପତି ଶ୍ରୀକାନ୍ତ ମିଶ୍ର, ଅତିରିକ୍ତ ଜିଲ୍ଲା ବିଚାରପତି ବନ୍ଦନା କର, ରାଜକିଶେଶର ଲେଙ୍କା, ସଚିବ ସଲୋମି ସାହୁଙ୍କ ସମେତ ବହୁ ବିଚାର ବିଭାଗୀୟ ଅଧିକାରୀ, ମହାବିଦ୍ୟାଳୟ ଅଧ୍ୟକ୍ଷ ଝୁମିକି ରଥ, ଆଇନ ବିଭାଗ ମୁଖ୍ୟ କୀର୍ତ୍ତି ରଞ୍ଜନ ମହାନ୍ତି, କୋର୍ସ ଡାଇରେକ୍ଟର ସନ୍ତୋଷ ବେଜ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଆଇନ ଛାତ୍ରଛାତ୍ରୀ, ଅଧିବକ୍ତା, ଅଧ୍ୟାପକ ଓ ଅଧ୍ୟାପିକା, ପ୍ରତିପକ୍ଷ ଓକିଲବୃନ୍ଦ ଏବଂ କର୍ମକର୍ତ୍ତାଗଣ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ଏଫ୍ଏଫ୍‌ସିର ଅଧିଷ୍ଠାନ ଓ କର୍ମକର୍ତ୍ତା ନିର୍ବାଚନ




ଭୁବନେଶ୍ୱର, ୧୨।୧(ସମିସ): ୱାକର୍ସ ଇଣ୍ଟରନ୍ୟାସନାଲ ଦ୍ୱାରା ଅନୁବନ୍ଧିତ ପ୍ରାତଃ ଭ୍ରମଣକାରୀ ସଂଗଠନ ଫନ୍ ଆଣ୍ଡ ଫିଟନେସ ୱାକର୍ସ କ୍ଲବ ଡେ କେୟାର ସେଣ୍ଟରଠାରେ ଅଧିଷ୍ଠାନ ଦିବସ ପାଳିତ ହୋଇଛି। ୨୦୨୬ ମସିହା ପାଇଁ ନିର୍ବାଚିତ ସଭାପତି ଭାବେ ସୁଧାକର ଷଡଙ୍ଗୀ, ଉପସଭାପତି ଭାବେ ଭବାନୀ ପଟ୍ଟନାୟକ ଓ ଜୟସୁରିଆ କାନୁନଗୋ, ସମ୍ପାଦକ ଭାବେ ସୌଭାଗ୍ୟ ନାୟକ, ଯୁଗ୍ମ ସମ୍ପାଦକ ପ୍ରଫୁଲ୍ଲ ଲେଙ୍କା ଏବଂ ପ୍ରତାପ ରାଉତରାୟ, କୋଷାଧ୍ୟକ୍ଷ ପ୍ରଦୀପ୍ତ କିଶୋର ପଣ୍ଡା ପ୍ରମୁଖ କର୍ମକର୍ତ୍ତା ନିର୍ବାଚିତ ହୋଇଥିଲେ। ନିର୍ବାଚିତ କର୍ମକର୍ତ୍ତାଙ୍କୁ ଡ୍ରିଷ୍ଟିକ୍ଟ ଗଭର୍ଣ୍ଣର ୧୦୪ ରାଜକିଶୋର ସ୍ୱାଇଁ ଓ ପୂର୍ବତନ ଡ୍ରିଷ୍ଟିକ୍ଟ ଗଭର୍ଣ୍ଣର ମୁକ୍ତିକାନ୍ତ ଅଗସ୍ତି ଶପଥ ଗ୍ରହଣ କରାଇଥିଲେ। ଏହି ଅବସରରେ ଏଫଏଫସିର ମାର୍ଗଦର୍ଶକ ଭାବେ ବରିଷ୍ଠ ସଭ୍ୟ ମୁଖ୍ୟ ଉପଦେଷ୍ଟା ନିକୁଞ୍ଜ ଛୋଟରାୟ, ଉପଦେଷ୍ଟା ଭାବେ କେଦାର ପଟ୍ଟନାୟକ, ପୂର୍ବତନ ସଭାପତି ଆଶୀଷ ପଟ୍ଟନାୟକ ଓ ପ୍ରେମାନନ୍ଦ ପୃଷ୍ଟି ମନୋନୀତ ହୋଇଛନ୍ତି।

## ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଯୁବ ଦିବସ

ଭୁବନେଶ୍ୱର, ୧୨ ।୧(ସମିସ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସ୍ୱାମୀ ବିବେକାନନ୍ଦଙ୍କ ୧୬୩ତମ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଏହି ଅବସରରେ 'ବନ୍ଦେ ମାତରମ୍'ର ସାମୂହିକ ଗାନ କରାଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଓ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ଯୋଗ ଦେଇଥିଲେ। ପରୀକ୍ଷା ନିୟନ୍ତ୍ରକ ଧରଣୀଧର ରଣା, ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ଓ ପ୍ରାଧ୍ୟାପକ ଡ. ସନ୍ଦୀପ ରାଉତ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଣବ କୁମାର ନାୟକ ସଂଯୋଜନା କରିଥିଲେ। ସ୍ୱାମୀ ବିବେକାନନ୍ଦଙ୍କ ଦର୍ଶନ ଉପରେ ଆୟୋଜିତ ଆଲୋଚନାଚକ୍ରରେ ବିଭିନ୍ନ ବିଭାଗର ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।

### ସାହିତ୍ୟ ଏକାଡେମୀର ଆଲୋଚନାଚକ୍ର

## ଆଦିବାସୀ ମୌଖିକ ପରମ୍ପରା ହେଉଛି ଅମୂଲ୍ୟ ସାଂସ୍କୃତିକ ସମ୍ପଦ

ଭୁବନେଶ୍ୱର, ୧୨ ।୧(ସମିସ): ଭାରତୀୟ ସାହିତ୍ୟ ପରମ୍ପରାରେ ଏକ ସମୃଦ୍ଧ ଓ ଗୌରବମୟ ସ୍ଥାନ ଅଧିକାର କରିଛି ଓଡ଼ିଆ ସାହିତ୍ୟ, ଯାହାର ମୂଳଭିତ୍ତି ହେଉଛି ଲୋକଜୀବନ, ଲୋକସଂସ୍କୃତି ଓ ମୌଖିକ ପରମ୍ପରା। ଆଦିବାସୀ ସାହିତ୍ୟ ଓ ସଂସ୍କୃତି ଅଧ୍ୟୟନ ମାଧ୍ୟମରେ ସମାଜର ସାମଗ୍ରିକ ସ୍ୱରକୁ ଉପସ୍ଥାପିତ କରାଯାଇପାରେ। ମୌଖିକ ସାହିତ୍ୟ ଓଡ଼ିଆ ସାହିତ୍ୟର ଏକ ଅବିଚ୍ଛିନ୍ନ ଅଙ୍ଗ ବୋଲି ସାହିତ୍ୟ ଏକାଡେମୀ ଏବଂ କିସ୍ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ 'ଓଡ଼ିଆ ସାହିତ୍ୟରେ ଆଦିବାସୀ ମୌଖିକ ପରମ୍ପରା' ଶୀର୍ଷକ ଆଲୋଚନାଚକ୍ରରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ, ସାହିତ୍ୟ ଏକାଡେମୀର ଆବାହକ ଡ. ଗୌରହରି ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ କିସ୍ ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ। ପ୍ରାରମ୍ଭରେ ସାହିତ୍ୟ ଏକାଡେମୀ, କଲିକତା କାର୍ଯ୍ୟାଳୟର ସହାୟକ ସମ୍ପାଦକ କ୍ଷେତ୍ରବାସୀ ନାଏକ ସ୍ୱାଗତ




ଭାଷଣ ପ୍ରଦାନ କରିଥିବା ବେଳେ ମୂଳ ଭାଷଣ ପ୍ରଦାନ କରିଥିଲେ ବିଶିଷ୍ଟ ଗବେଷକ ଡକ୍ଟର ଚିତ୍ରସେନ ପଶାୟତ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ବିଶ୍ୱବିଦ୍ୟାଳୟର ଆଦିବାସୀ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡ. ଚିତ୍ତରଞ୍ଜନ ଭୋଇ। ପ୍ରାରମ୍ଭରେ କିସ୍ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ ସେହିପରି ଦ୍ୱିତୀୟ ଅଧିବେଶନରେ ବିଶିଷ୍ଟ ନାଟ୍ୟକାର, ସମାଲୋଚକ ପ୍ରଫେସର୍ ବିଜୟ କୁମାର ଶତପଥୀ ସଭାପତିତ୍ୱ କରିଥିବା ବେଳେ ପ୍ରବନ୍ଧ ଉପସ୍ଥାପନ କରିଥିଲେ ଡ. ଦେବାଶିଷ ମହାପାତ୍ର, ଡ. ରଶ୍ମିତା ତ୍ରିପାଠୀ ଏବଂ ଡ. ସୁଜାତା ସାହାଣୀ। ଏହି କାର୍ଯ୍ୟକ୍ରମରେ ସାହିତ୍ୟିକ, ଗବେଷକ ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ।

# ଭୁବନେଶ୍ୱର ସିଟି



## ରାଜ୍ୟ ଅଭିଲେଖାଗାର କମୁଛି ଗୁରୁତ୍ୱ

# ବର୍ଷକରେ ଆସିଛନ୍ତି ୧୯୩ ଗବେଷକ

ଭୁବନେଶ୍ୱର, ୧୨ ।୧(ସମିସ): ରାଜ୍ୟ ଅଭିଲେଖାଗାରକୁ ଦେଶ ବିଦେଶ ତଥା ରାଜ୍ୟ ଏବଂ ରାଜ୍ୟବାହାରୁ ଅନେକ ରିସର୍ଚ୍ଚର ବା ଗବେଷକମାନେ ଅଧ୍ୟୟନ କରୁଥିବା ବିଭିନ୍ନ ବିଷୟରେ ଗବେଷଣା ପାଇଁ ଆସିଥାନ୍ତି । ବିଶେଷ କରି ୟୁକେ, ଫ୍ରାନ୍ସ, ଜାପାନ, ୟୁଏସ୍ ଆଦିରୁ ଗବେଷକମାନେ ଆସିଛନ୍ତି । ହେଲେ ଏବେ ଅନ୍‌ଲାଇନ୍ ଯୁଗରେ ଦିନକୁ ଦିନ ରାଜ୍ୟ ଅଭିଲେଖାଗାରରେ ଗବେଷକଙ୍କ ଆଗମନ କମିବାରେ ଲାଗିଛି ।

ଅଭିଲେଖାଗାର ତଥ୍ୟ ଅନୁସାରେ ଚଳିତ ବର୍ଷର ପ୍ରଥମ ସପ୍ତାହରେ ୧୦ଜଣ ଗବେଷକ ଆସିଥିବା ବେଳେ ଗତ ବର୍ଷ ସମୁଦାୟ ୧୯୩ ଜଣ ଗବେଷକ ଆସିଛନ୍ତି । ଏହି ଗବେଷକ ମାନେ ବିଶେଷ କରି ଐତିହାସିକ, ସାମାଜିକ ଏବଂ ସାଂସ୍କୃତିକ ବିଷୟ ଉପରେ ଅଧିକ ଗବେଷଣା କରୁଥିବା ବେଳେ ବରିଷ୍ଠ ମାନେ ବିଭିନ୍ନ ପ୍ରକାରର ବହି, ନଥି, ପାଞ୍ଜି ଆଦି ଉପରେ ଗବେଷଣା କରିଥାନ୍ତି । ହେଲେ ଏତେ ସାରା ତଥ୍ୟ, ନଥିପତ୍ର ରହି ମଧ୍ୟ ଦିନକୁ ଦିନ ଗବେଷକଙ୍କ ସଂଖ୍ୟା କମୁଥିବାର ଦେଖାଯାଉଛି । ହେଲେ ଛୁଟିଦିନ ବିଶେଷ କରି ଖରା ଛୁଟି, ଏକ୍ସମାସ, ଦଶହରା ପରି ଛୁଟି ଦିନରେ ଅଧିକ ଗବେଷକ ଆସିଥାନ୍ତି ।

ସୂଚନା ଅନୁସାରେ ରାଜ୍ୟ ଅଭିଲେଖାଗାରରେ ସମୁଦାୟ ୬ ଲକ୍ଷ ୨ ହଜାର ୨୧୫ ନଥି, ଫାଇଲ୍, ଭଲ୍ୟୁମ୍, ଲୁଜ୍‌ସିଟ୍ ଆଦି ରଖାଯାଇଛି । ଏଥିରେ ୪୪ ହଜାର ୮ ଶହ ୪୧ ଖଣ୍ଡ ବିରଳ ପୁରାତନ ପୁସ୍ତକ ସହ ସହାୟକ ପୁସ୍ତକ ରଖାଯାଇଛି । ଏହି ରେକର୍ଡ଼ଗୁଡ଼ିକ ସାଧାରଣତଃ ବ୍ରିଟିଶ ସମୟ ୧୮୦୩ ମସିହାରୁ ବର୍ତ୍ତମାନ ପର୍ଯ୍ୟନ୍ତ ସଂଗୃହୀତ ହୋଇରହିଛି । ଏଥିସହିତ ଏଥିରେ ଉତ୍କଳ ଦୀପିକା ଖବରକାଗଜ ସହ ନବୀନ, ଆଶା, ଦେଶକଥା ପରି କିଛି ସାପ୍ତାହିକ ଓ ମାସିକ ଖବରକାଗଜ ସହ ପାଇକ ବିଦ୍ରୋହର କାରଣ, ସୁରେନ୍ଦ୍ର ସାଏଙ୍କର ଶୁଣାଣି, ସହିଦ ଲକ୍ଷ୍ମଣ ନାୟକଙ୍କର ଶୁଣାଣି, ଇରମ ଗୁଳିକାଣ୍ଡ, ସହ ୧୯୪୨ ମସିହାରେ ହୋଇଥିବା କ୍ରାନ୍ତି ଦିବସର ବହୁ ଉପାଦେୟ ତଥ୍ୟ, ୧୮୬୬ ନଅଙ୍କ ଦୁର୍ଭିକ୍ଷ, ଜଗନ୍ନାଥ ମନ୍ଦିର, ଲିଙ୍ଗରାଜ ମନ୍ଦିର ସମ୍ପର୍କୀତ ନଥିପତ୍ର, ମଧୁସୂଦନ ଦାସଙ୍କ ଡ଼ାଏରୀ, ସୁବାସ ବୋଷଙ୍କର ହାତ ଲେଖା ଚିଠି, ମହାତ୍ମା ଗାନ୍ଧୀ, ଗୋପବନ୍ଧୁ ଦାସ ପ୍ରମୁଖଙ୍କ ଭଳି ମହାପୁରୁଷଙ୍କର ଚିଠି ପତ୍ର, ୨୬ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କର ବାର୍ତ୍ତାଳାପ ରେକର୍ଡ଼, ଓଡ଼ିଶା ଗେଜେଟ୍, ମୟୂରଭଞ୍ଜ ଗେଜେଟ୍, ପାଞ୍ଜୀ, ୨୮ ଟା ପୁରାତମ ଫଟୋ ଆଲବମ୍, ସ୍ୱାଧିନତା ପୂର୍ବର ୩୧୦ ମ୍ୟାପ୍ ଆଦି ରହିଛି ।

### ଡିଜିଟାଲାଇଜେସନ୍ କରାଯାଉଛି ସମସ୍ତ ତଥ୍ୟ




ବର୍ତ୍ତମାନ ଏହି ସବୁ ତଥ୍ୟ ଗୁଡ଼ିକୁ ଡିଜିଟାଲାଇଜେସନ୍ କରାଯାଉଛି । ଅନ୍‌ଲାଇନରେ ୬୦ ପ୍ରତିଶତ ଭାଗ ତଥ୍ୟ ରଖାଯାଇଥିବା ବେଳେ ଆଉ ୪୦ ପ୍ରତିଶତ କାମ ଚାଲିଛି । ଆଗକୁ ନୂତନ ୱେବ୍‌ସାଇଟ୍ ଖୋଲାଯାଇ ସମସ୍ତ ତଥ୍ୟ ଅପ୍‌ଲୋଡ଼୍ କରାଯିବା ପାଇଁ ବ୍ୟବସ୍ଥା କରାଯାଉଛି । ଏନେଇ ଅଭିଲେଖାଗାରର ଅଧୀକ୍ଷକ ଡ଼ ସେକ ସୋଲେମାନ ଅଲ୍ଲୀ କୁହନ୍ତି ଏବେ ଅଧିକାଂଶ ଗବେଷକ ସେକେଣ୍ଡରୀ ସୋର୍ସ ଉପରେ ନିର୍ଭରଶୀଳ ହୋଇଛନ୍ତି । ଯେଉଁଥିପାଇଁ ପ୍ରାଥମିକକୁ ଟିକେ ଗୁରୁତ୍ୱ ଦେବା କମ କରିଛନ୍ତି । ଯେଉଁଥିପାଇଁ ଏବେ ଗବେଷକଙ୍କ ସଂଖ୍ୟା କମୁଛି ବୋଲି ସେ କହିଛନ୍ତି ।

## ଜଗମୋହନ ବିଦ୍ୟାଳୟରେ ବନ୍ଦେ ମାତରମ୍ ୧୫୦ତମ ବାର୍ଷିକୀ

ଯାଁଳା, ୧୨।୧(ସମିସ): ଭୁବନେଶ୍ୱର ଉପକଣ୍ଠ ପଞ୍ଚପଲ୍ଲୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବ୍ରହ୍ମକୁଣ୍ଡଳସ୍ଥ ଜଗମୋହନ ଉଚ୍ଚ ବିଦ୍ୟାଳୟରେ ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ଅବସରରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବନ୍ଦେ ମାତରମ୍ ସାମୂହିକ ରୁପେ ଗାନ କରାଯାଇଥିଲା । ଏହି ଅବସରରେ ବିଦ୍ୟାଳୟ ପରିସରରେ ତର୍କ ଓ ବକ୍ତୃତା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଏତଦ୍ ବ୍ୟତୀତ ଆତ୍ମନିର୍ଭର ଭାରତ ଉପରେ ସ୍ୱଦେଶୀ ସଂକଳ୍ପ ପାଠ ମଧ୍ୟ କରାଯାଇଥିଲା । ପ୍ରଧାନ ଶିକ୍ଷକ ମନୋଜ କୁମାର ରଥ, ଶିକ୍ଷକ ଶିକ୍ଷୟିତ୍ରୀ ଓ ସମସ୍ତ ଶିକ୍ଷା କର୍ମଚାରୀ ଏହି କାର୍ଯ୍ୟରେ ସହଯୋଗ କରିଥିଲେ ।

## ସରସ୍ୱତୀ ଶିକ୍ଷା ମନ୍ଦିରରେ ରାଷ୍ଟ୍ରୀୟ ଯୁବ ଦିବସ



ହଂସପାଳ, ୧୨।୧(ସମିସ): ନହରକଣ୍ଟା ସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିରରେ ରାଷ୍ଟ୍ରିୟ ଯୁବ ଦିବସ ପାଳନ ହୋଇଯାଇଛି । ଏଥିରେ ବିଦ୍ୟାଳୟର ପ୍ରତିଷ୍ଠାତା ଓ ସମ୍ପାଦକ ସୁରେନ୍ଦ୍ର କୁମାର ଖୁଣ୍ଟିଆ ସଭାପତିତ୍ୱ କରି ସ୍ୱାମୀ ବିବେକାନନ୍ଦଙ୍କ ଭଳି ଜଣେ ଜଣେ ରାଷ୍ଟ୍ର ଭକ୍ତ ହୋଇ ଦେଶ ତଥା ମନୁଷ୍ୟ ସମାଜ ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ ଓ ଶିଶୁ ଭାଇ ଭଉଣୀମାନଙ୍କ ଦ୍ୱାରା ବନ୍ଦେ ମାତରଂ ଗାନ କରାଯାଇଥିଲା ଏବଂ ଶପଥ ଗ୍ରହଣ କରାଯାଇଥିଲା । ଏହି ସଭାରେ ପ୍ରଧାନ ଆଚାର୍ଯ୍ୟ ଜୟଶ୍ରୀ ମହାପାତ୍ର, ଡମ୍ବରୁଧର ଜେନା ଓ ସମସ୍ତ ଗୁରୁଜି ଗୁରୁମା ଉପସ୍ଥିତ ଥିଲେ ।

## ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟରେ ଜାତୀୟ ଯୁବାଦିବସ



ଭୁବନେଶ୍ୱର, ୧୨।୧(ସମିସ): ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଯୁବା ପ୍ରଭାଗ ଏବଂ ପ୍ରେଜେକ୍ଟ ପଏଣ୍ଟ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଜାତୀୟ ଯୁବାଦିବସ ଅବସରରେ ସ୍ପିରିଚୁଆଲ ଟୁରିଜିମରେ ଯୁବନେତୃତ୍ୱ ଶୀର୍ଷକ ଏକ କାର୍ଯ୍ୟକ୍ରମ ୟୁନିଟ-୮ ସ୍ଥିତ ସେବା କେନ୍ଦ୍ରଠାରେ ଆୟୋଜିତ ହୋଇଛି । କାର୍ଯ୍ୟକ୍ରମର ଆରମ୍ଭରେ ଆଇଏନଏ ଓଡ଼ିଶାର ଜେନେରାଲ ସେକ୍ରେଟାରୀ ଡ. ସୁବ୍ରତ ମେହେରଙ୍କ ଦ୍ୱାରା ଏକ ସଂକ୍ଷିପ୍ତ ଯୋଗ ଅଭ୍ୟାସ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଅତିଥିଭାବେ ମେୟର ସୁଲୋଚନା ଦାସ, ବିଜୁ ପଟ୍ଟନାୟକ ଫିଲ୍ମ ଓ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ୍‌ର ଅଧ୍ୟକ୍ଷ ପ୍ରଫେସର ହିମାଂଶୁ ଶେଖର ଖଟୁଆ, କର୍ପୋରେଟର ଶ୍ରୀଧର ବେହେରା, ପ୍ରୋଜେକ୍ଟ ପଏଣ୍ଟ ଓଡ଼ିଶାର ତ୍ରିଲୋଚନ ମୁଦୁଲି ଏବଂ ଚାର୍ଟାଡ ଏକାଉଣ୍ଟାଣ୍ଟ ପ୍ରମୋଦ ପଣ୍ଡା, ଡ. ଶୁଭେନ୍ଦୁ ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ବ୍ରହ୍ମାକୁମାରୀ ଦୁର୍ଗେଶ ନନ୍ଦିନୀ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ସେ ଆଧ୍ୟାତ୍ମିକ ପର୍ଯ୍ୟଟନକୁ ସଚେତନତା ଓ ମୂଲ୍ୟାଧାରିତ ଯାତ୍ରା ଭାବେ ବ୍ୟାଖ୍ୟା କରିଥିଲେ । ବ୍ରହ୍ମାକୁମାରୀ ଐଶ୍ୱର୍ଯ୍ୟା ମଞ୍ଚ ପରିଚାଳନା କରିଥିଲେ ।

## ପେସ୍ ଫାଉଣ୍ଡେସନ ପକ୍ଷରୁ 'ୟୁଥ୍ ଫିଟ୍ ଭାରତ ହିଟ୍' ମାରାଥନ୍




ଭୁବନେଶ୍ୱର, ୧୨।୧(ସମିସ): ପେସ୍ ଫାଉଣ୍ଡେସନ ପକ୍ଷରୁ ଏବଂ ହାପି-ଆକ୍ସିସ୍ ଫାଉଣ୍ଡେସନ ସହଭାଗିତାରେ ଆୟୋଜିତ ଦୁଇ ଦିବସୀୟ ଯୁବ ନିୟୋଜନକାରୀ କାର୍ଯ୍ୟକ୍ରମ 'ୟୁଥ୍ ଫିଟ୍ ଭାରତ ହିଟ୍' ମାରାଥନ୍ ଆୟୋଜିତ ହୋଇଛି । ଏଥିରେ ସମଗ୍ର ଓଡ଼ିଶାରୁ ପ୍ରାୟ ୧୦୦୦ ଯୁବବର୍ଗ ଅଂଶଗ୍ରହଣ କରିଥିଲେ । ରବିବାର ଉଦଘାଟିତ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଭୁବନେଶ୍ୱର-କଟକ ପୋଲିସ କମିଶନର ଡ. ଏସ.ଦେବଦତ୍ତ ସିଂଙ୍କ ଦ୍ୱାରା ଏବଂ ଆଇଆରଟିଏସ୍, ଡିଆରଏମ୍, ଖୋର୍ଦ୍ଧା ରୋଡ ଡିଭିଜନଙ୍କ ଅଶୋକ ତ୍ରିପାଠୀ ଉଦ୍‌ଘାଟିତ କରିଥିବାବେଳେ ସୋମବାର ମାରାଥନ୍‌କୁ କମିସନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ଏବଂ ଏନସିସ ଗ୍ରୁପ୍ କମାଣ୍ଡର କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ୧୦ କିଲୋମିଟର ମାରାଥନ୍ ବିଭାଗର ପୁରୁଷ ବର୍ଗରେ ରଶ୍ମୀରଞ୍ଜନ ନାୟକ ଏବଂ ମହିଳା ବର୍ଗରେ ପୂଜା ବେହେରା ପ୍ରଥମ ପୁରସ୍କାର ହାସଲ କରିଥିଲେ । ସେହିଭଳି ୫ କିଲୋମିଟର ବିଭାଗର ପୁରୁଷ ବର୍ଗରେ ଅନନ୍ତ କୁମାର ସୂତାର ଓ ମହିଳା ବିଭାଗରେ ଦୀପ୍ତିରାଣୀ ସାହୁ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ଏହି ଅବସରରେ ପେସ୍ ଫାଉଣ୍ଡେସନର ପ୍ରତିଷ୍ଠାତା ସମ୍ବିତ ମହାନ୍ତି ଅଧ୍ୟକ୍ଷତା କରିଥିଲେ ।

## କ୍ରାନ୍ତିକାରୀ ଫାଉଣ୍ଡେସନ୍ ପକ୍ଷରୁ 'ଓଡ଼ିଶା ୟୁଥ୍ କନ୍‌କ୍ଲେଭ'

ଭୁବନେଶ୍ୱର, ୧୨ ।୧(ସମିସ): ସୋମବାର ଜାତୀୟ ଯୁବ ଦିବସ ତଥା ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ସାମାଜିକ ସଂଗଠନ କ୍ରାନ୍ତିକାରୀ ଫାଉଣ୍ଡେସନ୍ ପକ୍ଷରୁ ଜୟଦେବ ଭବନରେ 'ଓଡ଼ିଶା ୟୁଥ୍ କନ୍‌କ୍ଲେଭ୍-୨୦୨୬' ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ 'ଆମ ଓଡ଼ିଶା'ର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ, ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କୟ ସମସ୍ତ ଉକ୍ତିକୁ ପାଳନ କରି ଦେଶ ଓ ରାଜ୍ୟର ସାମଗ୍ରିକ ବିକାଶ ପାଇଁ ଯୁବଶକ୍ତିଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ସଂଗଠନ ପକ୍ଷରୁ ଏକ ସ୍ମରଣିକା ସଉନ୍ମୋଚିତ ହୋଇଥିଲା । କାର୍ଯ୍ୟକ୍ରମର ପ୍ରଥମ ଅଧିବେସନରେ 'ଯୁବ ନେତୃତ୍ୱ-ସୃଷ୍ଟି, ସଂଘର୍ଷ ଓ ସମ୍ଭାବନା' ଶୀର୍ଷକରେ ଭଟ୍‌ଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋଶ, ବିଜେଡି ନେତା ଅମିତ୍ ମଲ୍ଲିକ ପ୍ରମୁଖ ଯୋଗଦେଇ ରାଜନୀତିରେ ଯୁବ ନେତୃତ୍ୱ ସୃଷ୍ଟି ହେବା, ଛାତ୍ର ନିର୍ବାଚନ ଆଦିର ଗୁରୁତ୍ୱ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ । ଦ୍ୱିତୀୟ ଅଧିବେଶନର ଶୀର୍ଷକରେ 'କର୍ମ ନିଯୁକ୍ତି ଓ ଆତ୍ମ ନିର୍ଭରଶୀଳ: ଯୁବଶକ୍ତିଙ୍କ ପାଇଁ ସୁଯୋଗ ଓ ଆହ୍ୱାନ' ଶୀର୍ଷକରେ ଆର୍କିଟେକ୍ଟ ସୃଷ୍ଟି ସୌମେନ୍, ଯୁବ ଉଦ୍ୟୋଗୀ ନଳିନୀକାନ୍ତ ମିଶ୍ର ବକ୍ତବ୍ୟ ପ୍ରଦାନ କରି ଏଆଇ ଓ ଡିଜିଟାଲ୍ ଯୁଗର ସୁବିନିଯୋଗ ଯୁବବର୍ଗଙ୍କୁ କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଛନ୍ତି । ତୃତୀୟ ଅଧିବେଶନର ଶୀର୍ଷକରେ 'ଉତ୍କୃଷ୍ଟ ଓଡ଼ିଶା- ସ୍ଥିତି, ସୃଜନ ଓ ସମ୍ଭାବନା' ଶୀର୍ଷକରେ ଓଡ଼ିଶାର ଜଣାଶୁଣା ଅଭିନେତ୍ରୀ ଭୂମିକା ଦାସ, ସମାଜସେବୀ ରୁଦ୍ର ସାମନ୍ତରାୟ



ଯୋଗଦେଇଥିଲେ । ପ୍ରାରମ୍ଭରେ ଅନୁଷ୍ଠାନର ଅଧ୍ୟକ୍ଷ ନଳିନୀକାନ୍ତ ନାୟକ ସ୍ୱାଗତଭାଷଣ ଦେଇଥିବା ବେଳେ ଉପଦେଷ୍ଟା ସତ୍ୟାନନ୍ଦ ରାଉତ ଅତିଥି ପରିଚୟ ଦେଇଥିଲେ ଏବଂ ସହପ୍ରତିଷ୍ଠାତା ସର୍ବଜିତ୍ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ଲୋକନାଥ ପାଣିଗ୍ରାହୀ, ଶ୍ରୀମା ଶତପଥୀ ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ ରାୟ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଯୁବ ପ୍ରତିଭାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା ।

## ଜାତୀୟ ଯୁବ ଦିବସରେ ୧୨ ଯୁବ ପ୍ରତିଭା ପୁରସ୍କୃତ



ଭୁବନେଶ୍ୱର, ୧୨।୧(ସମିସ): ଜାତୀୟ ଯୁବ ଦିବସ ଅବସରରେ ସିୱାଇଏସଡିରେ ଆୟୋଜିତ କାର୍ଯ୍ୟକ୍ରମରେ ସିୱାଇଏସଡି ସହସ୍ଥାପକ ପି.କେ. ସାହୁ ସ୍ୱାମୀ ବିବେକାନନ୍ଦଙ୍କ ଜୀବନ, ଦର୍ଶନ ଦୃଷ୍ଟିକୋଣ ଓ ବେଦାନ୍ତ ଉପରେ ଆଲୋଚନା କରିଥିଲେ । ସିୱାଇଏସଡି ସହସ୍ଥାପକ ତଥା ସଦସ୍ୟ ସଚିବ ଶ୍ରୀ ଜଗଦାନନ୍ଦ କହିଛନ୍ତି, ଆଗାମୀ ପାଞ୍ଚବର୍ଷ ହେଉଛି ଯୁବ ବର୍ଗଙ୍କର । ତେଣୁ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟକରିବା ଉପରେ ଗୁରୁତ୍ୱ ଦେଇଥିଲେ । ସ୍ୱାମୀ ବିବେକାନନ୍ଦଙ୍କ ଶିକ୍ଷାରୁ ପ୍ରେରିତ ଏକତା, ସହିଷ୍ଣୁତା ଓ ସାମାଜିକ ସମନ୍ୱୟର ମୂଲ୍ୟବୋଧ ଉପରେ ଜୋର ଦେବା ସହ ପବିତ୍ରତା, ଧୌର୍ଯ୍ୟ, ସଞ୍ଜମ ହେଲେ ହିଁ ଜୀବନରେ ସଫଳତା ହାସଲ କରିପାରିବା ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ପ୍ରହ୍ଲାଦ ସିଂ, ପରିବେଶବିଦ୍ ଡା. ଜୟକୃଷ୍ଣ ପାଣିଗ୍ରାହୀ, ଡ. ବିକାଶ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ୧୨ଜଣ ଯୁବ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା । ଭାରତ ସ୍କାଉଟ ଓ ଗାଇଡ୍, ଏନ୍‌ଏସ୍‌ଏସ, ନିୟତି ଫାଉଣ୍ଡେସନ୍, ୟୁଥ ଫର୍ ୱାଟର, ଶୋଟ୍, ମିଶନ ରକ୍ତଦାନ, କ୍ଲାପ୍, ଆଇଏମ୍‌ବି, ସଲାମ୍ ଜୀବନ୍, ରାଷ୍ଟ୍ରୀୟ ଯୁବ ଯୋଜନା, ଅହିଂସା ବିଚାର ମଞ୍ଚ ପ୍ରମୁଖଙ୍କ ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା ।

## ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ରେ 'ଜାତୀୟ ଯୁବ ଦିବସ'



ଭୁବନେଶ୍ୱର, ୧୨।୧(ସମିସ): ଓଡିଏମ୍ ପବ୍ଲିକ୍ ସ୍କୁଲ ପରିସରରେ ବିବେକାନନ୍ଦ ଜୟନ୍ତୀ ତଥା 'ଜାତୀୟ ଯୁବ ଦିବସ' ପାଳିତ ହୋଇଛି । ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ମୁଖ୍ୟ ଅତିଥି ଓ ବକ୍ତା ସ୍ୱାମୀ ବ୍ରହ୍ମନିଷ୍ଠାନନ୍ଦଜୀ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଓଡିଏମ୍ ଶିକ୍ଷା ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନ ନିଜର ପ୍ରାରମ୍ଭିକ ଭାଷଣରେ ସ୍ୱାମୀ ବିବେକାନନ୍ଦଙ୍କର ମହାର୍ଘ ଜୀବନକୁ ଆଦର୍ଶ କରି ଛାତ୍ରଛାତ୍ରୀମାନେ ଶୃଙ୍ଖଳିତ ଜୀବନଶୈଳୀ, ଦୃଢ଼ ଆତ୍ମବିଶ୍ୱାସ, ମାନବୀୟ ମୂଲ୍ୟବୋଧ, କଠୋର ପରିଶ୍ରମ ଓ ମହତ୍ ଲକ୍ଷ୍ୟ ସହିତ ନିଜର ଜୀବନକୁ ସଫଳ ଓ ସାର୍ଥକ କରନ୍ତୁ ବୋଲି ଗୁରୁତ୍ୱାରୋପ କରିଥିଲେ । ନିଜର ଅଭିଭାଷଣରେ ସ୍ୱାମୀ ବ୍ରହ୍ମନିଷ୍ଠାନନ୍ଦଜୀ ବିବେକାନନ୍ଦଙ୍କ ଦର୍ଶନ, ଆଧ୍ୟାତ୍ମିକତା, ରାଷ୍ଟ୍ରବାଦ୍ ଏବଂ ଶିକ୍ଷାର ଗୁଣବତ୍ତା ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ଆଜିର ଯୁବପିଢି ନିଜ ଚରିତ୍ର ଗଠନ ସହ ସତ୍ୟତା, ପବିତ୍ରତା ଏବଂ ନିଃସ୍ୱାର୍ଥପରତାକୁ ଜୀବନର ଆଦର୍ଶ ଭାବେ ଗ୍ରହଣ କରିବା ଉଚିତ୍ । ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଶିକ୍ଷକ-ଶିକ୍ଷୟିତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଶେଷରେ ସମସ୍ତେ 'ବନ୍ଦେ ମାତରମ୍' ଗାନ କରିବା ସହିତ 'ସ୍ୱଦେଶୀ ସଂକଳ୍ପ' ପାଠ କରି ଆତ୍ମନିର୍ଭର ଭାରତ ଗଠନ ପାଇଁ ଶପଥ ନେଇଥିଲେ ।

## ପ୍ରତାପରୁଦ୍ରପୁର ଓ କାକରୁଦ୍ରପୁରରେ ଖୋଲିଲା ଧାନମଣ୍ଡି



ବାଲିଅନ୍ତା, ୧୨ ।୧(ସମିସ): ବାଲିଅନ୍ତା ବ୍ଲକ ଅଧୀନ ପ୍ରତାପରୁଦ୍ରପୁର ସେବା ସମବାୟ ସମିତି ଏବଂ କାକରୁଦ୍ରପୁର ସେବା ସମବାୟ ସମିତି ପକ୍ଷରୁ ସୋମବାରଠାରୁ ସରକାରୀ ଧାନମଣ୍ଡି ଶୁଭାରମ୍ଭ ହୋଇଛି । ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ମୁଖ୍ୟ ଅତିଥି, ସରପଞ୍ଚ ଶ୍ରଦ୍ଧେୟା ପାତ୍ର, ସମିତି ସଭ୍ୟା ଉମାରାଣୀ ମହାନ୍ତି, ଡିଆରସିଏସ ଅଳକା ନନ୍ଦା ଜେନା, ଏଆରସିଏସ ପ୍ରିୟବ୍ରତ ପଣ୍ଡା, ଏରିଆ ଅଫିସର ଅମୀୟ ଖୁଣ୍ଟିଆ, ଜଟଣୀ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ସୂର୍ଯ୍ୟ ନାରାୟଣ ବଳିୟାରସିଂହ ଓ ସମବାୟ ସମିତି ସଭାପତି ସୁଧିର ଚରଣ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମଣ୍ଡିର ଶୁଭାରମ୍ଭ କରିଥିଲେ । ସମ୍ପାଦକ ବିଶ୍ୱନାଥ ପଣ୍ଡା ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ । ସେହିପରି କାକରୁଦ୍ରପୁର ସେବା ସମବାୟ ସମିତିରେ ଉପରୋକ୍ତ ଅଧିକାରୀମାନେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ମଣ୍ଡି ଶୁଭାରମ୍ଭ କରିଥିଲେ । ସରପଞ୍ଚ ସସ୍ମିତା ମଲ୍ଲିକ, ସମିତି ସଭ୍ୟ ମିଲିଲତା ବେହେରା, ବେଣ୍ଟପୁର ସରପଞ୍ଚ ସସ୍ମିତା ସାହୁ ଓ ସମିତି ସଭ୍ୟ ଝରଣା ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ମଣ୍ଡି ଶୁଭାରମ୍ଭ କରିଥିଲେ । ମଣ୍ଡିରେ ଚାଷୀ ମାନଙ୍କ ଧାନ ବିକ୍ରି ନେଇ ସବୁ ପ୍ରକାର ସୁବିଧା କରାଯାଇଥିବା ସଭାପତି ନୀଳକଣ୍ଠ ପଣ୍ଡା କହିଛନ୍ତି । ସମ୍ପାଦକ ହେମନ୍ତ କୁମାର ନାୟକ କାର୍ଯ୍ୟ ପରିଚାଳନା କରିଥିଲେ । ପାରିବାସୁଦେଇସ୍ଥିତ ସାନ୍ତୋଲିଆ ରାଇସ ମିଲ ଧାନ ସଂଗ୍ରହ ଦାୟିତ୍ୱରେ ରହିଛି । ହେଲେ ଜିଲ୍ଲା ପ୍ରଶାସନ ସହ ମିଲର୍ସ ମାନଙ୍କ ଆଲୋଚନା ଚୂଡାନ୍ତ ହୋଇପାରି ନ ଥିବାରୁ ଆଜି ମଣ୍ଡିରେ ଧାନ କିଣାଯାଇ ପାରି ନାହିଁ । ୧୫ ତାରିଖ ସୁଦ୍ଧା ମଣ୍ଡିରୁ ଧାନ ସଂଗ୍ରହ ହେବ ବୋଲି ଜଣାଯାଇଛି ।

## ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀରେ ଶୋଭାଯାତ୍ରା



ବାଲିପାଟଣା, ୧୨।୧(ସମିସ): ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ଅବସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ବାଲିପାଟଣା ଶାଖା ପକ୍ଷରୁ ଏକ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି ।

ଶୋଭାଯାତ୍ରାଟି ବାଲିପାଟଣା ମେଳଣ ପଡ଼ିଆରୁ ଆରମ୍ଭ ହୋଇ ସହରର ବିଭିନ୍ନ ପ୍ରମୁଖ ସଡ଼କ ଦେଇ ପରିଭ୍ରମଣ କରିଥିଲା ଓ ବାଲିପାଟଣା ଛକ ନିକଟରେ ଶେଷ ହୋଇଥିଲା । ଏଥିରେ ଅତିଥି ଭାବେ ଏବିଭିପିର ରାଜ୍ୟ ସହ ସମ୍ପାଦକ ରାଜକୁମାର ମିଶ୍ର, ଭୁବନେଶ୍ୱରର ନଗର ସମ୍ପାଦକ ଗଙ୍ଗାଧର ପାଢ଼ୀ, ସୌମ୍ୟରଞ୍ଜନ ତ୍ରୀପାଠୀ ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ଶତାଧିକ ଛାତ୍ରଛାତ୍ରୀ ଓ ଯୁବକ ଯୁବତୀ ଅଂଶଗ୍ରହଣ କରି ସ୍ୱାମୀ ବିବେକାନନ୍ଦଙ୍କ ଚିନ୍ତାଧାରା, ଦେଶଭକ୍ତି, ଚରିତ୍ରଗଠନ ଓ ଯୁବଶକ୍ତିର ଭୂମିକାକୁ ନେଇ ସଚେତନତା ସନ୍ଦେଶ ପ୍ରଚାର କରିଥିଲେ । ଦୀପକ କୁମାର ସ୍ୱାଇଁ, ଶାଶ୍ୱତ କୁମାର ରଥ, ଶୁଭ୍ରାଂଶୁ ପ୍ରଧାନ, ସୌମ୍ୟ ରଞ୍ଜନ ବିଶ୍ୱାଳ, ମୁକେଶ ବେହେରା, ଦିବ୍ୟଜୀତ ଭୋଇ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

**ଆମ ରାଜଧାନୀ ଆମ ଐତିହ୍ୟ**

# ତ୍ରିରଥ ଶୈଳୀରେ ନିର୍ମିତ ଉତ୍ତରେଶ୍ୱର ମନ୍ଦିର




ଭୁବନେଶ୍ୱର, ୧୨।୧(ସମିସ): ମନ୍ଦିରମାନଙ୍କର ସମୂହ ହେଉଛି ରାଜଧାନୀ ଭୁବନେଶ୍ୱର । ଏଠାରେ ରହିଛି ଶତାବ୍ଦୀ ଶତାବ୍ଦୀର ପୁରାତନ ମନ୍ଦିର । ଯାହା ବର୍ତ୍ତମାନ ପିଢି ପାଇଁ ଐତିହ୍ୟ କୀର୍ତ୍ତିରାଜିର ମୂକସାକ୍ଷୀ । ସେହି ଐତିହ୍ୟ କୀର୍ତ୍ତିରାଜି ମଧ୍ୟରୁ ଅନ୍ୟତମ ହେଉଛି ସପ୍ତମ ଶତାବ୍ଦୀର ଉତ୍ତରେଶ୍ୱର ମନ୍ଦିର । ଏହି ମନ୍ଦିରଟି ବିନ୍ଦୁସାଗରର ଦକ୍ଷିଣ ପାର୍ଶ୍ୱକୁ ରହିଛି । ଏହା ରାଜଧାନୀର ପ୍ରାଚୀନତମ ମନ୍ଦିର ମଧ୍ୟରୁ ଅନ୍ୟତମ । ଏହା ତ୍ରିରଥ ଶୈଳୀରେ ନିର୍ମିତ ଉଭୟ ବମାନ ଏବଂ ଜଗମୋହନ ଏହି ମନ୍ଦିରରେ ସ୍ଥାପିତ ଅଛନ୍ତି ।

କାର୍ତ୍ତିକେୟଙ୍କ ପ୍ରତିମା ସହ କିଛି ଅନନ୍ୟ ମୂର୍ତ୍ତିକଳା ପାଇଁ ଏହି ମନ୍ଦିରଟି ବିଖ୍ୟାତ । ଏହା ବ୍ୟତୀତ ମନ୍ଦିରଟି ସାଜସଜ୍ଜା ବିହୀନ ଅଟେ । ଏହି ମନ୍ଦିରର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ଦେବୀ ଚାମୁଣ୍ଡା । ସ୍ୱର୍ଣ୍ଣାଦ୍ରି ମହୋଦୟା ଅନୁସାରେ ପବିତ୍ର ବିନ୍ଦୁସାଗରର ଚାରି କୂଳରେ ଚଣ୍ଡିକାଙ୍କ ଚାରି ମୂର୍ତ୍ତି ଦେଖିବାକୁ ମିଳେ । ସେଥିମଧ୍ୟରୁ ଉତ୍ତରେଶ୍ୱରରେ ଅବସ୍ଥିତ ଚାମୁଣ୍ଡା ଅନ୍ୟତମ । ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଅନୁଯାୟୀ ଏହି ମନ୍ଦିରଟି ଲିଙ୍ଗରାଜ ମନ୍ଦିରର ଉତ୍ତରରେ ବିନ୍ଦୁସାଗର କୂଳରେ ଅବସ୍ଥାପିତ ହୋଇଥିବାରୁ ମନ୍ଦିର ନାମ ଉତ୍ତରେଶ୍ୱର ରଖାଯାଇଥିବା କୁହାଯାଏ । ଏହି ମନ୍ଦିରଟି ଚାରୋଟି ପୀଠ ମଧ୍ୟରୁ ଅନ୍ୟତମ । ଇତିହାସ କୁହେ ଉତ୍ତରାୟିନୀଙ୍କୁ ପ୍ରଭୁ ଲିଙ୍ଗରାଜଙ୍କ ଆସ୍ଥା ଚଣ୍ଡୀ ବୋଲି ବିଶ୍ୱାସ କରାଯାଏ । ଅନ୍ୟ ଚାରୋଟି ପୀଠ ହେଲା ଯୋଗ ପୀଠ ଭାବରେ ଖରାଖିଆ ବୈଦ୍ୟନାଥ, ଭୋଗ ପୀଠ ଭାବେ ଲିଙ୍ଗରାଜ ଏବଂ ସୀଦ୍ଧ ପୀଠ ଭାବେ କେଦାରଗୌରୀ ମନ୍ଦିର ପରିଚିତ । ମନ୍ଦିରର ଦ୍ୱାରରେ ନବଗ୍ରହ ସ୍ଥାପିତ ଅଛନ୍ତି । ମନ୍ଦିରରେ ନରସିଂହଙ୍କ ଜନ୍ମ, କାର୍ତ୍ତିକ ପୂର୍ଣ୍ଣମୀ, ଶିବରାତ୍ରି, ଦୂର୍ଗାଷ୍ଟମୀ ଏଠାରେ ବଡ ପର୍ବ ଭାବେ ପାଳନ କରାଯାଇଥାଏ । ସେହିପରି ଚୈତ୍ର ମଙ୍ଗଳବାର ଦିନ ଏଠାରେ ଉତ୍ତରେଶ୍ୱରଙ୍କୁ ପଣା ଭୋଗ ଦିଆଯାଇଥାଏ ଏବଂ ଏହି ସମୟରେ ମନ୍ଦିରରେ ଅଧିକ ଭିଡ ପରିଲକ୍ଷିତ ହୋଇଥାଏ । ଏହି ସମୟରେ ପଣା ଭୋଗ ଚଢାଇ ପୂଜା କଲେ ମାନସିକ ପୂରଣ ହେବାର ବିଶ୍ୱାସ ରହିଛି ।

### ଏବେ କେମିତି ରହିଛି



ଏହି ମନ୍ଦିରଟି ବିନ୍ଦୁସାଗରର କୂଳରେ ଅବସ୍ଥାପିତ । ପ୍ରତିଦିନ ଏଠାକୁ ପର୍ଯ୍ୟଟକଙ୍କ ଭିଡ ପରିଲକ୍ଷିତ ହୁଏ । ମନ୍ଦିରର ପରିସରରେ ଏକ ଐତିହ୍ୟ କୁଣ୍ଡ ମଧ୍ୟ ରହିଛି । ହେଲେ ସମୟ ସହ ତାର ରକ୍ଷଣାବେକ୍ଷଣ ଅଭାବରୁ ପାଣିର ରଙ୍ଗ ପରିବର୍ତ୍ତନ ହବେ ସହ ଅପରିଷ୍କାର ମଧ୍ୟ ହୋଇଗଲାଣି । ସେହି କୁଣ୍ଡ ମଧ୍ୟରେ କଇଁଛ ମଧ୍ୟ ଅଛନ୍ତି । ମନ୍ଦିରଟି ସାଜସଜ୍ଜା ବିହୀନ ହୋଇଥିବାରୁ ସେଥିରେ କାରୁକାର୍ଯ୍ୟ ହୋଇ ନାହିଁ । ହେଲେ ମନ୍ଦିରର ରଙ୍ଗ ଛାଡିଯିବା ସହ ପରିସରର ସଫେଇ କାର୍ଯ୍ୟ ପ୍ରତି ବିଶେଷ ଧ୍ୟାନ ଦିଆ ଯାଉନଥିବା ପରିଲକ୍ଷିତ ହେଉଛି । ଯାହା ଫଳରେ ମନ୍ଦିରର ସୌନ୍ଦର୍ଯ୍ୟ ନଷ୍ଟ ହେଉଛି ବୋଲି ସେଠାକୁ ଆସିଥିବା ଜଣେ ପର୍ଯ୍ୟଟକ ମତ ଦେଇଥିଲେ ।

# କଲ୍ୟାଣ ମଣ୍ଡପର ଶୀଳାନ୍ୟାସ

**ବରୀ,୧୨।୧(ସମିସ):** ବରୀ ବ୍ଲକ୍ ଅନ୍ତର୍ଗତ ଇଶାଣପୁର ପଞ୍ଚାୟତର ନୂତନ କଲ୍ୟାଣ ମଣ୍ଡପ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ ତଥା ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଶ୍ରୀ ମଲ୍ଲିକ ଯୋଗ ଦେଇଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ସଭ୍ୟ ଦିଲିପ କୁମାର ମହାନ୍ତି, ସନ୍ତୋଷ କୁମାର ସାମଲ, ସମାଜସେବୀ ଅରବିନ୍ଦ ମହାନ୍ତି, ଇଶାଣପୁର ସରପଞ୍ଚ ମାମିନା ଦାସ, ସମିତିସଭ୍ୟ ଚିନ୍ତାମଣି ଜେନା, ପୂର୍ବତନ ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ଜେନା, ହରିଶ୍ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ। ବନ୍ୟା ସମୟରେ ଇଶାଣପୁର ପଞ୍ଚାୟତ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବା ସାଙ୍ଗକୁ ବନ୍ୟା ଜଳ ନିଷ୍କାସନର ସୁବିଧା ନଥିବାରୁ ଫସଲ ପଚି ଯାଉଥିବାରୁ ଏହାର ପ୍ରତିକାର ପାଇଁ ସ୍ଲୁଇସ୍ ଗେଟ୍ ନିର୍ମାଣ ପାଇଁ ସରପଞ୍ଚ ଶ୍ରୀମତୀ ଦାସ ବିଧାୟକଙ୍କ ଦୃଷ୍ଟି ଆର୍କଷଣ କରିଥିବାବେଳେ ଆଗାମୀ ବର୍ଷାଋତୁ ପୂର୍ବରୁ ଉକ୍ତ କାର୍ଯ୍ୟ ଶେଷ କରାଯିବା ନେଇ ବିଧାୟକ ଶ୍ରୀ ମଲ୍ଲିକ ପ୍ରତିଶ୍ରୁତି ଦେଇଥିଲେ।



# ଯୁବ ଦିବସରେ ରକ୍ତଦାନ ଶିବିର

**ଯାଜପୁର,୧୨।୧(ସମିସ):** ରାଷ୍ଟ୍ରୀୟ ଯୁବ ଦିବସ ଅବସରରେ ଯାଜପୁର ସହରର ଲଳିତେଶ୍ୱରସ୍ଥିତ ଅମ୍ବିକା ମଣ୍ଡପରେ ରାମକୃଷ୍ଣ ବିବେକାନନ୍ଦ ସଂଘ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ସ୍ୱାମୀ ଦେବେଶାନନ୍ଦ ଜି ମହାରାଜ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ନଗରପାଳ ତଥା ଯୁବନେତା ଭବ ପ୍ରସାଦ ଦାସ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ସ୍ଥାନୀୟ ଅଞ୍ଚଳର ଯୁବକ, ସ୍ୱେଚ୍ଛାସେବୀ ଓ ଅଶୋକ ଦାସ ଫାଉଣ୍ଡେସନର ସଦସ୍ୟ ମାନେ ଯୋଗ ଦେଇ ରକ୍ତଦାନ କରିଥିଲେ। ଏହି ଶିବିରରେ ମୋଟ ୫୦ରୁ ଊର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।



# ଷ୍ଟିଲ୍‌ସିଟି ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ

**ଦାନଗଦି, ୧୨।୧(ସମିସ):** ଦାନଗଦିଠାରେ ଥିବା ଷ୍ଟିଲସିଟି ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି, ବିଦ୍ୟାଭାରତୀ ଫାଉଣ୍ଡେସନର ଅଧ୍ୟକ୍ଷ ଲୋକନାଥ ଧୀରଙ୍କ ସଂହାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଝାଡ଼େଶ୍ୱର ମହାବିଦ୍ୟାଳୟ ଟୋଲକାନୀର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଯୁଗଳ କିଶୋର ହୋତା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ କେଏମବିବି ତ୍ରିସୁଳିଆ କଟକର ଅଧ୍ୟକ୍ଷ ଡ. ସୁକାନ୍ତ କୁମାର ତ୍ରିପାଠୀ ଯୋଗଦେଇଥିବା ବେଳ ପିଏମ ବୁଦ୍ଧରାଜ ବିଦ୍ୟାପୀଠ ଦାନଗଦିର ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ରଘୁନାଥ ବେହେରା ସାମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ସ୍କୁଲର ଅଧ୍ୟକ୍ଷ ଜୟନ୍ତୀ ରାଉତରାୟ ବିବରଣୀ ପାଠ କରିଥିଲେ। ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କାର ଓ ସିଲ୍ ପ୍ରଦାନ କରିଥିଲେ। ସ୍କୁଲର ପବ୍ଲିକ ରିଲେସନ ଅଫିସର ବିପ୍ଳବ ବିକ୍ଷିପ୍ତ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଶ୍ରାବଣୀ ପାଲ, କିରନବାଳା ଦାଶ, ଖୁଶନାମା ପାରୱିନ ଏବଂ ପ୍ରିୟଦର୍ଶିନୀ ଓଝା ପ୍ରମୁଖ ସହଯୋଗ କରିଥିଲେ।



# ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



**ବ୍ୟାସନଗର,୧୨।୧(ସମିସ):** ଆଜି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର କେଏନ୍‌ଡିଏ ସମ୍ମିଳନୀ କକ୍ଷ କଳିଙ୍ଗନଗରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଥିଲେ। ଆଜି ମୋଟ ୩୮ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୨୦ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୨ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୬ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨୦ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ, କଳିଙ୍ଗନଗର ସପନ କୁମାର ନନ୍ଦ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ଯାଜପୁର ତାପସ ରଞ୍ଜନ ଦେହୁରୀ, ତହସିଲଦାର ବ୍ୟାସନଗର ପ୍ରଶାନ୍ତ କୁମାର ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।

# ‘ବୁଦ୍ଧମ୍ ଶରଣଂ ଗଚ୍ଛାମି’ ଧ୍ୱନିରେ ପ୍ରକମ୍ପିତ ଉଦୟଗିରି

**ବାଲିଚନ୍ଦ୍ରପୁର,୧୨।୧(ସମିସ):**



ଯାଜପୁର ଜିଲ୍ଲାର ପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରିଠାରେ ଆୟୋଜିତ ହେଉଛି ଗୁରୁ ପଦ୍ମସମ୍ଭବ ସମାବେଶ। ଲାଇଟ୍ ଅଫ ବୁଦ୍ଧ ଫାଉଣ୍ଡେସନ ଇଣ୍ଟର ନ୍ୟାସନାଲ ପକ୍ଷରୁ ଓ ରାଜ୍ୟ ସରକାରଙ୍କ ସଂସ୍କୃତି ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ୧୭ଟି ଦେଶରୁ ୧୮୭୭ ଜଣ ଯୋଗ ଦେଇଛନ୍ତି। ରବିବାର ଏହାର ଉଦ୍ଘାଟନୀ ସମାରୋହ ଅନୁଷ୍ଠିତ ହେଇଥିଲା ବେଳେ ସୋମବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଗୁରୁ ପଦ୍ମସମ୍ଭବ ଦ୍ୱିତୀୟ ସମାବେଶରେ ଚଳିତ ବର୍ଷ ୧୭୫୮ ଜଣ ବୁଦ୍ଧ ସନ୍ଥ ଭାରତ ବର୍ଷର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବେଳେ ବିଦେଶରୁ ୧୧୯ ଜଣ ଆସିଥିବା ସୂଚନା ମିଳିଛି। ଉଦୟଗିରି ସ୍ଥିତ ବୌଦ୍ଧ ପୀଠ ପରିସରରେ ପ୍ରାର୍ଥନା ସଭା ଆୟୋଜନ କରାଯାଇଛି। ଦିନ ତମାମ ସୋମବାର ପ୍ରାର୍ଥନା କରାଯାଇଥିଲା। ‘ବୁଦ୍ଧମ୍ ଶରଣଂ ଗଚ୍ଛାମି’ ମନ୍ତ୍ରରେ ପ୍ରକମ୍ପିତ ହୋଇଉଠିଛି ଉଦୟଗିରି। ଗୁରୁ ରିନପୋଚେ ସମସ୍ତଙ୍କୁ ମନ୍ତ୍ର ପାଠ କରାଇଥିଲେ। ସେହି ମନ୍ତ୍ର ଧ୍ୱନିରେ ଏକ ସଙ୍ଗେ ସମସ୍ତେ ପାଠ କରୁଥିବା ଦେଖା ଦେଇଥିଲା। ସକାଳ ୯ଟାରୁ ଦିନ ୧୨ଟା ପର୍ଯ୍ୟନ୍ତ ଓ ପରେ ଦିନ ୨ଟାରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ଧର୍ମଗ୍ରନ୍ଥ ପାଠ କରାଯାଇଥିଲା। ଏହା ଦେଖିବା ପାଇଁ ହଜାର ହଜାର ସଂଖ୍ୟାରେ ବିଭିନ୍ନ ଅଞ୍ଚଳର ଲୋକମାନେ ଆସି ପହଞ୍ଚିଥିଲେ।

## ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟିତ

**ବାଲିଚନ୍ଦ୍ରପୁର,୧୨।୧(ସମିସ):** ଜିଲ୍ଲା ପ୍ରଶାସନ ପକ୍ଷରୁ ସୋମବାର ଉଦୟଗିରିସ୍ଥିତ ଗୁରୁ ପଦ୍ମସମ୍ଭବ ଦ୍ୱିତୀୟ ସମାବେଶ ନିକଟରେ ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟିତ ହୋଇଯାଇଛି। ବଡ଼ଚଣା ବିଧାୟକ ଅମର କୁମାର ନାୟକ ଯୋଗଦେଇ ସୁଭଦ୍ରା ଶକ୍ତି ମେଳାକୁ ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳର ମହିଳାମାନେ ନିଜ ଉତ୍ପାଦିତ ସାମଗ୍ରୀକୁ ଦେଶ ବିଦେଶରୁ ଆସିଥିବା ଲୋକଙ୍କୁ ଜଣାଇବା ସହ ବିକ୍ରୟ କରି ପାରିବେ। ଏହାଦ୍ୱାରା ବାହାର ରାଜ୍ୟ ତଥା ବିଦେଶ ଲୋକମାନେ ଆମ ମହିଳା ମାନେ କିପରି ସୁନ୍ଦର ସୁନ୍ଦର ସାମଗ୍ରୀ ତିଆରି କରି ପାରନ୍ତି ତାହା ଆମର ଲକ୍ଷ୍ୟ ବୋଲି ଜାଣି ପାରିବେ ବୋଲି ବିଧାୟକ ପ୍ରକାଶ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବଡ଼ଚଣା ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ମିଶନ ଶକ୍ତିର ବ୍ଲକ ଅଧିକାରୀ ଅଜୟ କୁମାର ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ସେନାପତି, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ରରେ ଅବସରକାଳୀନ ସମ୍ବର୍ଦ୍ଧନା

**ସିଂହପୁର,୧୨।୧(ସମିସ):** ବିଞ୍ଝାରପୁର ବ୍ଲକ-ଜରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟରତ କର୍ମଚାରୀ ରମେଶ ଚନ୍ଦ୍ର ମଲ୍ଲିକ ତାଙ୍କ ଚାକିରି ଜୀବନରୁ ଅବସର ନେଇଛନ୍ତି। ଶ୍ରୀ ମଲ୍ଲିକ ଦୀର୍ଘ ୩୭ ବର୍ଷ ଚାକିରି ଜୀବନ ଅଧିକାଂଶ ସମୟ ନିଜ ଜନ୍ମମାଟି ଜରି ମେଡିକାଲରେ ସେବା ଯୋଗେଇ ଦେଇଛନ୍ତି। ଆଜି ମେଡିକାଲ ପରିସରରେ ଶ୍ରୀ ମଲ୍ଲିକଙ୍କ ବିଦାୟ କାଳୀନ ସଭା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସରପଞ୍ଚ ନନ୍ଦକିଶୋର ମଲ୍ଲିକ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବିଞ୍ଝାରପୁର ମେଡିକାଲ ଅଫିସର ଡ. କ୍ଷିତୀଶ କୁମାର ନାୟକ, ମୁଖ୍ୟବକ୍ତା ଡ. ରତିକାନ୍ତ ଦାସ, ସମ୍ମାନିତ ଅତିଥି ପ୍ରାକ୍ତନ ସମିତିସଭ୍ୟ ପ୍ରଦ୍ୟୁମ୍ନ ପାତ୍ର, ଶିକ୍ଷାବିତ ପ୍ରତାପ ପାତ୍ର, ବିନୋଦ ଦାସ, ସମାଜସେବୀ ମନୋଜ ସାମଲ, ଅମର ମଲ୍ଲିକ ଯୋଗଦେଇଥିଲେ। ଏହି ବିଦାୟକାଳୀନ ସଭାରେ ଜରି ମେଡିକାଲ ଷ୍ଟାଫ୍ ବିକାଶ କୁମାର ମଲ୍ଲିକ, ଦିବ୍ୟାରାଣୀ ନାୟକ, ବିଷ୍ଣୁପ୍ରିୟା ଦାସ, ତ୍ରିଲୋଚନ ମଲ୍ଲିକ, ରଞ୍ଜିତ କୁମାର ଦାସ, ସବିତା ମଲ୍ଲିକ, ସମାସେବୀ ବ୍ରଜ କିଶୋର ମଲ୍ଲିକ, ନିରଞ୍ଜନ ଜେନା ଯୋଗ ଦେଇଥିଲେ।

# ଅନ୍ଧାରୀ ପଞ୍ଚାୟତରେ ବିଜେଡିର ଯୁବ ଛାତ୍ର ସମ୍ମିଳନୀ

**କୋରେଇ,୧୨।୧(ସମିସ):** କୋରେଇ ବିଧାନସଭା ଆସନରେ ଅଶୋକ ଦାସ ୧୯୭୪ ମସିହାରୁ ୨୦୦୪ ପର୍ଯ୍ୟନ୍ତ ୫ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥଲେ। ଆଉ କୋରେଇ ବାସୀଙ୍କ ସହ ସାରା ଜୀବନ ବିତାଇଥିଲେ। ଆଉ ସ୍ୱର୍ଗତ ଅଶୋକଙ୍କ ଅଧୁରା ସ୍ୱପ୍ନ ପୁରଣ କରିବା ପାଇଁ ସବୁବେଳେ ଚେଷ୍ଟା ଜାରି ରହିଛି। କ୍ଷମତାରେ ଥାଏ ବା ନଥାଏ ସର୍ବଦା କୋରେଇବାସୀଙ୍କ ସହିତ ରହିବି। ଗତ ସାଧାରଣ ନିର୍ବାଚନରେ କୋରେଇବାସୀ ଯେଉଁ ଭଲ ପାଇବା ଆମ ପରିବାରକୁ ଦେଇଛନ୍ତି ତାହା ନିଶ୍ଚୟ ମନେ ରହିବ। କୋରେଇବାସୀ ମୋ ପରିବାର। ପ୍ରତ୍ୟେକ ପରିବାରର ଭଲ ମନ୍ଦରେ ମୁଁ ଏବଂ ସାନ ଭାଇ ଭବପ୍ରସାଦ ଠିଆ ହେବୁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ବରିଷ୍ଠ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ। କୋରେଇ ବ୍ଲକ ଅନ୍ଧାରୀ ପଞ୍ଚାୟତରେ ଅନୁଷ୍ଠିତ ଯୁବ ଛାତ୍ର ସମ୍ମିଳନୀରେ ଯୋଗ ଦେଇ ପ୍ରଣବ ଉପରୋକ୍ତ ମନ୍ତବ୍ୟ ପ୍ରଦାନ କରିଛନ୍ତି। ସଭାପତି ଗଣେଶ୍ୱର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଯୁବ ଛାତ୍ର ସମ୍ମିଳନୀରେ ପାଞ୍ଚଶହରୁ ଊର୍ଦ୍ଧ୍ୱ ଯୁବ ଛାତ୍ର ସାମିଲ ହୋଇଥିଲେ। ଏହି ସମ୍ମିଳନୀରେ ବିଜେଡି ରାଜ୍ୟ ପରିଷଦ ସଭ୍ୟ ଭକ୍ତବତ୍ସଳ ସ୍ୱାଇଁ, ପୂର୍ବତନ ପୂର୍ବତନ ଜିଲ୍ଲା ବିଜେଡି ଯୁବ ସଭାପତି ପ୍ରତାପ ମହାନ୍ତି, ଜିଲ୍ଲା ପରିଷଦ ସଦସ୍ୟା ସସ୍ମିତା ତରାଇ, ସରପଞ୍ଚ ରାଜେନ୍ଦ୍ର କୁମାର ରାଉତରାୟ, ସରପଞ୍ଚ ସନ୍ତୋଷ କୁମାର ସ୍ୱାଇଁ, ରାକେଶ ମହାନ୍ତି, ତପସ୍ୱିନୀ ଶତପଥୀ, ବସନ୍ତ କୁମାର ମହାକୁଡ, ପୂର୍ବତନ ସରପଞ୍ଚ ସୁଧାଂଶ ଶେଖର ବରାଳ, ଆଲୋକ କୁମାର ରାଉତରାୟ, ଦେବଦତ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ପ୍ରଣବଙ୍କ ହାତ ମୁଠାକୁ ଟାଣ କରିବାକୁ ଶପଥ ନେଇଥିଲେ।



# ୧୪ରୁ ଓଳାଶୁଣୀ ଗୁମ୍ଫା ଯାତ୍ରା — ଆଜି ଅନୁଷ୍ଠିତ ହେବ କେଶ ଯାତ୍ରା

**କୁଦଳ,୧୨।୧(ସମିସ):** ଓଳାଶୁଣୀ ଗୁମ୍ଫା ଯାତ୍ରା ଆମ ରାଜ୍ୟର ଏକ ପ୍ରସିଦ୍ଧ ଯାତ୍ରା ରୂପେ ପରିଚିତ। ଚଳିତ ବର୍ଷ ଜାନୁଆରୀ ୧୪ରୁ ୨୪ ତାରିଖ ପର୍ଯ୍ୟନ୍ତ ଗୁମ୍ଫାମେଳା ଅନୁଷ୍ଠିତ ହେବ। ମାଘମାସ କୃଷ୍ଣ ପକ୍ଷ ଏକାଦଶୀ ତିଥିରେ ଏହି ଗୁମ୍ଫା ଯାତ୍ରା ଆରମ୍ଭ ହୋଇଥାଏ। ସାରା ରାଜ୍ୟରୁ ହଜାର ହଜାର ଶ୍ରଦ୍ଧାଳୁ ଏହି ଯାତ୍ରା ଦେଖିବାକୁ ଆସିଥାନ୍ତି। ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ୧୮୯ତମ ମହାପ୍ରୟାଣ ଦିବସ ପୂର୍ବଦିନ ଦଶମୀ ତିଥି ମଙ୍ଗଳବାର ସନ୍ଧ୍ୟାରେ ନିଆରା ପରମ୍ପରା କେଶ ଯାତ୍ରା ଆରମ୍ଭ ହୋଇଥାଏ। କିମ୍ବଦନ୍ତୀ ଅନୁଯାୟୀ ସନ୍ଥ ଅରକ୍ଷିତ ଦାସ ଜୀବିତ ଥିବା ବେଳେ ପ୍ରତିଦିନ ଓଳାଶୁଣୀ ନିକଟବର୍ତ୍ତି ଶୁଖୁଆପଡ଼ା ଗ୍ରାମକୁ ବୁଲିବାକୁ ଯାଇଥାନ୍ତି। ଥରେ ଶୁଖୁଆପଡ଼ା ଗ୍ରାମର କନ୍ଥୁ ମହାରଣାଙ୍କ ସ୍ତ୍ରୀ ଜହ୍ନି ମହାରଣା ମହାପୁରୁଷଙ୍କର କେଶ କୁଣ୍ଡାଇବା ସମୟରେ ଗୋଟିଏ କେଶ ଝଡ଼ିପଡ଼ିବାରୁ ସେ ଏହାକୁ ନିଜ ପାଖରେ ରଖିବା ପାଇଁ ସନ୍ଥଙ୍କ ଅନୁମତି ନେଇ ଏକ କାଠ ଫରୁଆ ଭିତରେ ରଖି ନିୟମିତ ପୂଜା କରୁଥିଲେ। ତେବେ କେଶଟି ଧିରେ ଧିରେ ବଢ଼ି ଏକ ଜଟାରେ ପରିଣତ ହେଲାଣି। ତେବେ ଏହି କେଶ ଜଟାକୁ ଲୋକମାନେ ଦେଖି ଆଶ୍ଚର୍ଯ୍ୟ ହେବା ସହିତ ଏହା ମହାପୁରୁଷଙ୍କର ମହିମା ବୋଲି ଧାରଣା କରି ପୂଜାର୍ଚ୍ଚନା କରନ୍ତି। ଏବେ ଜହ୍ନି ମହାରଣା ପରିବାର ଶୁଖୁଆପଡ଼ାରୁ ଉଠିଯାଇ ଲଳିତଗିରି ଗ୍ରାମରେ ରହୁଛନ୍ତି। ପ୍ରତ୍ୟେକ ବର୍ଷ ପରମ୍ପରା ଅନୁଯାୟୀ ଏହି କେଶ ଜଟାକୁ ପୂଜାର୍ଚ୍ଚନା କରି ଏକ ସୁସଜ୍ଜିତ ବିମାନରେ ବାଜା, ବାଣ ରୋଷଣି ସହ ଓଳାଶୁଣୀ ପୀଠର ମହାପୁରୁଷ ସମାଧିପୀଠକୁ ଆସିଥାଏ। ପୀଠର ମଠାଧୀସ ମହନ୍ତ ଡ.ନାମାନନ୍ଦ ଦାସ ପୂଜାର୍ଚ୍ଚନା କରିସାରିବା ପରେ ବିମାନଟି ପାହାଡ଼ର ଶୀର୍ଷଦେଶକୁ ଯାଇ ସମାଧି ପରିସରରେ ରହିଥାଏ। ଏହି କେଶ ଯାତ୍ରାରେ ସନ୍ଥଙ୍କ ଦିକ୍ଷିତ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇଥାନ୍ତି। ଏହି ସୁସଜ୍ଜିତ ବିମାନ ତିନି ଦିନ ସମାଧି ପରିସରରେ ରହିବା ପରେ ଭକ୍ତମାନେ ଦର୍ଶନ କରନ୍ତି। ତ୍ରୟୋଦଶୀ ଦିନ ଏହା ଲଳିତଗିରିକୁ ପୁଣି ବାଜା, ବାଣ, ରୋଷଣୀ ସହ ଫେରିଥାଏ।



# ଦଶରଥପୁରରେ ନାବାଳିକା ବିବାହ ଅଭିଯୋଗ

**ଦଶରଥପୁର,୧୨।୧(ସମିସ):** ଦଶରଥପୁର ଥାନା ଅଞ୍ଚଳର ଜଣେ ନାବାଳିକା ସ୍କୁଲ ଛାତ୍ରୀଙ୍କୁ ଅପହରହଣ କରିବା ପରେ ଅଭିଯୁକ୍ତ ଯୁବକ ଉକ୍ତ ଛାତ୍ରୀଙ୍କୁ ବିବାହ କରି ନିଜ ମାମୁଁ ଘରେ ଲୁଚାଇ ରଖିଥିବା ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଦଶରଥପୁର ବ୍ଲକ ଅଞ୍ଚଳର ଏକ ସ୍କୁଲରେ ପଢୁଥିବା ଜୈନିକା ନାବାଳିକା ଓ ମଙ୍ଗଳପୁର ଥାନା କଁୟା ଅଞ୍ଚଳର ଜଣେ ଯୁବକଙ୍କ ମଧ୍ୟରେ ମୋବାଇଲ ମିସ କଲରୁ ସମ୍ପର୍କ ସ୍ଥାପନ ହୋଇଥିଲା। ମୋବାଇଲ ଫୋନରେ ସମ୍ପର୍କରେ ଘନିଷ୍ଠତା ବଢିବା ପରେ ଲିତ ମାସ ୬ତାରିଖ ସନ୍ଧ୍ୟା ସମୟରେ ନାବାଳିକା ଘର ପାଖ ରାସ୍ତା ଦେଇ ଟିଉସନ ଯାଉଥିବା ବେଳେ ଅଭିଯୁକ୍ତ ଯୁବକ ତାକୁ ସେଠାରୁ ଅପହରଣ କରି ଭଦ୍ରକ ଜିଲ୍ଲା ଧାମନଗର ଥାନା ଦୋବଲ ଅଞ୍ଚଳରେ ଥିବା ନିଜ ମାମୁଁ ଘରକୁ ନେଇଯାଇଥିଲା। ସେଠାରେ ନାବାଳିକାକୁ ବିବାହ କରିଥିବା ସୂଚନା ପାଇ ନାବାଳିକାଙ୍କ ପରିବାର ପକ୍ଷରୁ ଦଶରଥପୁର ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଦଶରଥପୁର ପୁଲିସ ଭାରତୀୟ ନ୍ୟାୟ ସଂହିତା ୧୩୭(ଖ) ଧାରାରେ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିବା ବେଳେ ଖବର ପାଇ ଦଶରଥପୁର ସିଡିପିଓ ଶାନ୍ତିଲତା ସେଠୀ ଘଟଣାର ସରଜମିନ ତଦନ୍ତ କରିଥିବା ଜଣାପଡିଛି।

# ପାନୀୟ ଜଳ ପରୀକ୍ଷା ପାଇଁ ନମୁନା ସଂଗ୍ରହ

**ଦଶରଥପୁର,୧୨।୧(ସମିସ):** ଦଶରଥପୁର ବ୍ଲକ ପାଲଟପୁର ପଞ୍ଚାୟତରେ ଗତ ୧୦ ବର୍ଷ ମଧ୍ୟରେ କ୍ୟାନ୍ସର ଏବଂ କିଡ୍‌ନୀ ରୋଗରେ ୧୨୦ରୁ ଅଧିକ ଲୋକ ମୃତ୍ୟୁବରଣ କରିଥିବା ବେଳେ ବର୍ତ୍ତମାନ ୮ ଜଣ ରୋଗୀ ଚିକିତ୍ସାଧୀନ ଅଛନ୍ତି। ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଜିଲ୍ଲା ଏବଂ ରାଜ୍ୟ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖିବାକୁ ମିଳିଛି। ଗତ ରବିବାର ଓ ସୋମବାର ରାଜ୍ୟ ଓ ଜିଲ୍ଲା ପାନୀୟ ଜଳ ବିଭାଗ ପକ୍ଷରୁ ପାଲଟପୁର ପଞ୍ଚାୟତରେ ପାଣିର ନମୁନା ସଂଗ୍ରହ କରାଯାଉଥିବା ଦେଖିବାକୁ ମିଳିଛି। ପଞ୍ଚାୟତର ପ୍ରତି ୱାର୍ଡରୁ ୨୦ରୁ ୨୫ଟି ସରକାରୀ ଏବଂ ବେସରକାରୀ ନଳକୂପର ପାଣିକୁ ବୋତଲ ମାଧ୍ୟମରେ ସଂଗ୍ରହ କରାଯାଉଥିବା ଦେଖିବାକୁ ମିଳିଛି। ୧୨ଟି ୱାର୍ଡର ପ୍ରାୟ ୨୫୦ରୁ ଅଧିକ ନଳକୂପର ପାଣି ନମୁନା ସଂଗ୍ରହ କରାଯିବାକୁ ଥିବାବେଳେ ୨ ଦିନ ମଧ୍ୟରେ ପାଲଟପୁର, ନୀଳକଣ୍ଠପୁର, ବିନ୍ଧାନନ୍ଦିପୁର, କମାରସାହିରୁ ୧୫୬ଟି ବୋତଲରେ ପାଣିର ନମୁନା ସଂଗ୍ରହ କରାଯାଇଛି। ପାଣିର ସମସ୍ତ ପ୍ରକାର ମାନ ପରୀକ୍ଷା କରାଯିବା ପରେ ପାଣି ପାଇଁ କଣ ସମସ୍ୟା ସୃଷ୍ଟି ହେଉଛି ଜଣାପଡିବ ବୋଲି ସୂଚନା ଦେଇଛନ୍ତି। କେଉଁ କାରଣ ପାଇଁ ଏହି ପଞ୍ଚାୟତରେ ଏତେ ପରିମାଣରେ କ୍ୟାନ୍ସର ଓ କିଡ୍‌ନୀ ରୋଗ ବ୍ୟାପୁଛି କିମ୍ବା ଅନ୍ୟ କେଉଁ କାରଣ ପାଇଁ ରୋଗ ବଢୁଛି ପ୍ରଶାସନକୁ ରିପୋଟ ଦିଆଯିବ। ପାନୀୟ ଜଳ ମାନ ପରୀକ୍ଷା ପାଇଁ ନମୁନା ସଂଗ୍ରହ ରାଜ୍ୟ ପାନୀୟ ଜଳ ଯୋଗାଣ ବିଭାଗର ଚିଫ ଅନାନଲିସି ନରେନ୍ଦ୍ର କୁମାର ପଣ୍ଡା, ବ୍ରଜକିଶୋର ରାଉତ, ଅବନୀ ବରାଳ, ପ୍ରଶାନ୍ତ କୁମାର ବିଶ୍ୱାଳ, ଜିଲ୍ଲା ଲାବ୍ରୋଟାରି ପକ୍ଷରୁ ଆସିଷ୍ଟାଣ୍ଟ ଲାବ୍ରୋଟୋରିଆନ ଦିଲ୍ଲୀପ କୁମାର ବିଶ୍ୱାଳ, ସାମସର ଅଲ୍ଲୀ ଖାନ, ବିଭାଗୀୟ ଯନ୍ତ୍ରୀ ସ୍ୱର୍ଣ୍ଣଲତା ରାଉତ, ସରପଞ୍ଚ ଲିପିକା ମଲିକ, ଚନ୍ଦ୍ରଶେଖର ସାହୁ ପ୍ରମୁଖ ପାଣି ନମୁନା ପାଇଁ ଗାଁକୁ ଗାଁ ବୁଲି ସଂଗ୍ରହ କରୁଛନ୍ତି।

● ଏନ୍‌ସିସି କପ୍

# କେନ୍ଦ୍ରାପଡ଼ାକୁ ହରାଇ ଖରିପଡ଼ିଆ ଚାମ୍ପିଅନ




**ବରୀ,୧୨।୧(ସମିସ):** କଳ୍ପବଟ ମେଲଣ ପଡିଆ ନାଥପୁରଠାରେ ୟଙ୍ଗ୍ ଷ୍ଟାର୍ ୟୁଥ୍ କ୍ଲବ ପକ୍ଷରୁ ଅନୁଷ୍ଠିତ ଏନ୍‌ସିସି କପ୍ କ୍ରିକେଟ୍ ମ୍ୟାଚ୍ ଫାଇନାଲରେ କାବେରୀ ଇଲେଭେନ୍ କେନ୍ଦ୍ରାପଡାକୁ ହରାଇ ଖରିପଡ଼ିଆ ଚଳିତ ବର୍ଷର ଚାମ୍ପିଅନ ହୋଇଛି। ଫାଇନାଲ ମ୍ୟାଚ୍‌ରେ ଖରିପଡ଼ିଆ ପ୍ରଥମେ ବ୍ୟାଟିଂ କରି ୧୫୧ ରନ୍ ସଂଗ୍ରହ କରିଥିବା ବେଳେ କେନ୍ଦ୍ରାପଡା ତାର ସମସ୍ତ ୱିକେଟ୍ ହରାଇ ମାତ୍ର ୭୮ ରନ୍‌ରେ ପରାଜୟ ବରଣ କରିଥିଲା। ଖରିପଡ଼ିଆର ସୁମନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିବା ବେଳେ କେନ୍ଦ୍ରାପଡାର ହରିଶ୍ଚନ୍ଦ୍ର ମ୍ୟାନ୍ ଅଫ୍ ଦି ସିରିଜ ହୋଇଥିଲେ। ଫାଇନାଲ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ୍ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ଦିଲିପ କୁମାର ମହାନ୍ତି, ସନ୍ତୋଷ କୁମାର ସାମଲ, ସ୍ଥାନୀୟ ସରପଞ୍ଚ କୁନା ମଲିକ, ସମିତିସଭ୍ୟ ଶ୍ରୀଧର ସେଠୀ, ସମାଜିକ କର୍ମୀ ଅରବିନ୍ଦ ମହାନ୍ତି, ପୂର୍ବତନ ସରପଞ୍ଚ ବିଜୟାନନ୍ଦ ଜେନା, ଶ୍ୟାମସୁନ୍ଦର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚ୍‌କୁ ଦୀପକ କୁମାର ଜେନା ଓ ଦୀନବନ୍ଧୁ ପ୍ରଧାନ ପରିଚାଳନା କରିଥିବା ବେଳେ କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଗରମ ପାଣିରେ ପଡ଼ି ଛାତ୍ରୀ ଗୁରୁତର

**ବରୀ,୧୨।୧(ସମିସ):** ଗରମପାଣିରେ ପଡ଼ି ନବମ ଶ୍ରେଣୀର ଛାତ୍ରୀ ଗୁରୁତର ହେବା ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ ହୋଇଥିବା ଜଣାପଡିଛି। ବରୀ ବ୍ଲକ୍ ଅନ୍ତର୍ଗତ ନାଥପୁର ଗ୍ରାମର ସମୀର ଦଳାଇଙ୍କ ନବମ ଶ୍ରେଣୀରେ ପଢୁଥିବା ଝିଅ ସିମିରେନ (୧୩) ସୋମବାର ସକାଳେ ବିଦ୍ୟାଳୟ ଯିବା ପାଇଁ ଗାଧୋଇବା ନିମନ୍ତେ ପାଣି ଗରମ କରୁଥିବା ବେଳେ ଅନ୍ୟ ମନସ୍କ ଭାବେ ଗରମ ପାଣି ତାଙ୍କ ଉପରେ ଢାଳି ହୋଇଯାଇଥିଲା। ତାଙ୍କ ଶରୀରର ବିଭିନ୍ନ ଅଂଶ ସିଝି ଯିବା ଫଳରେ ତାଙ୍କୁ ସଙ୍ଗେ ସଙ୍ଗେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଖବର ପାଇ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଡାକ୍ତରଖାନାରେ ପହଞ୍ଚିବା ସହ ଗୁରୁତର ଛାତ୍ରୀଙ୍କ ଚିକିତ୍ସା ସମ୍ପର୍କରେ ପଚାରିବୁଝିଥିଲେ। ଉନ୍ନତ ଚିକିତ୍ସା ଆବଶ୍ୟକ ହେଉଥିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବିଧାୟକ ପଠାଇବାର ତୁରନ୍ତ ବ୍ୟବସ୍ଥା କରିଥିଲେ।

# ସର୍ବଭାରତୀୟ ଶୋଭନୀୟ ଯୁବ ସମାବେଶ ଉଦଯାପିତ

**ବାଲିଚନ୍ଦ୍ରପୁର,୧୨।୧(ସମିସ):**




ପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରି ନିକଟରେ ଥିବା ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ସର୍ବଭାରତୀୟ ଯୁବ ସମାବେଶ ଅନୁଷ୍ଠିତ ହୋଇ ଯାଇଛି। ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଡ. ଅରୁନ୍ଧତୀ ଦେବୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଲାଇଟ୍ ଅଫ ବୁଦ୍ଧ ଧର୍ମ ଫାଉଣ୍ଡେସନ ଆମେରିକାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ୱାଙ୍ଗମୋ ଡିକ୍ସୀ ଉଦ୍‌ଘାଟନ କରି ଗୁରୁ ପଦ୍ମସମ୍ଭବ ଓ କୁମାର ଭାଇଙ୍କ ପ୍ରଦର୍ଶିତ ମାର୍ଗରେ ବିଶ୍ୱ ଏକତା ଓ ଓ ଆଧ୍ୟାତ୍ମିକତା ଜାଗରଣ ଦ୍ୱାରା ବିଶ୍ୱରେ ଶାନ୍ତି ମିଳିପାରିବ। ଏଠାକାର ପରିବେଶ ଓ ଅନ୍ତେବାସୀଙ୍କ ସ୍ନେହ ଓ ଆନ୍ତରିକତା ଅଭିଭୂତ ହୋଇ ଶୋଭନୀୟ ଶିକ୍ଷାଶ୍ରମ ପ୍ରକୃତ ମଣିଷ ଗଢ଼ିବା କାରଖାନା ବୋଲି ପ୍ରକାଶ କରିଥିଲେ। ମୁଖ୍ୟଅତିଥି ଭାବରେ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ସମ୍ମାନିତ ଅତିଥି ରୂପେ ରାଜ୍ୟସଭା ସାଂସଦ ସୁଲତା ଦେଓ, ଐତିହାସିକ ପ୍ରବୀର କୁମାର ପଟ୍ଟନାୟକ, ଡ. ହରିଶ ଚନ୍ଦ୍ର ପୃଷ୍ଟି, ପ୍ରଫେସର ଅନ୍ନପୂର୍ଣ୍ଣା ପାଣ୍ଡିଆ, ବିଜୁ ପଟ୍ଟନାୟକ ଫିଲ୍ମ ଓ ଟେଲିଭିଜନ ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ହିମାଂଶୁ ଖଟୁଆ, ଆମେରିକାର ପ୍ରଫେସର ତ୍ରୈଲୋକ୍ୟ ନାଥ ପାଣ୍ଡିଆ, ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. କୁମରବର ଦାସ, ରମାଦେବୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଗଣେଶ୍ୱର ନାୟକ, ଆଇଏମ୍‌ବି ଭୁବନେଶ୍ୱରର ନିର୍ଦ୍ଦେଶକ ଡ. ତ୍ରିଲୋଚନ ନାୟକ ପ୍ରମୁଖ ଯୋଗଦେଇ ବୁଦ୍ଧ ଓ କୁମାର ଭାଇଙ୍କ ପ୍ରଦର୍ଶିତ ମାର୍ଗ ଯୁଦ୍ଧଖୋର ପୃଥିବୀ ନୁହେଁ ଶାନ୍ତିର ବାର୍ତ୍ତା ପ୍ରଚାର କରୁଥିବା ପୃଥିବୀର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସ୍ମରଣିକା “ଯୁବସୂର୍ଯ୍ୟ” ଉନ୍ମୋଚିତ ହୋଇଥିଲା। ଡ. ଅନିତା ସାବତଙ୍କୁ ଇଣ୍ଟରନ୍ୟାସନାଲ ୟୁଥ ଆୱାଡ୍‌-୨୦୨୬ ପ୍ରଦାନ କରାଯାଇଥିଲା। ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ଆମେରିକା ଆଦି ଦେଶ ସମେତ ଭାରତ ବର୍ଷର ବିଭିନ୍ନ ବିଶ୍ୱବିଦ୍ୟାଳୟର ସ୍କଲାରମାନେ ଯୋଗଦେଇ ହୀରକ ତ୍ରିଭୁଜ, ଗୌତମ ବୁଦ୍ଧ ଓ ବିଶ୍ୱ ଶାନ୍ତି ଉପରେ ସନ୍ଦର୍ଭ ପାଠ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶୋଭନୀୟ ଆନ୍ଦୋଳନର ମିନତୀ ଦେବୀ, ବରଦା ମହାନ୍ତି, ଦୟାନିଧି ରାଉତ, ଇନ୍ଦ୍ରମଣି ନାୟକ, ନିରାକାର ବେଉରା, ରାକେଶ କୁମାର, ସର୍ବେଶ୍ୱର ବରାଳ, ଗୀତାଞ୍ଜଳି ଗୁରୁମା ଓ ଚାରୁଲତା ଦେବୀ ପ୍ରମୁଖ ପରିଚାଳନା କରିଥିଲେ। ମମତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ବାମରାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

# ଅତିରିକ୍ତ ତହସିଲଦାର ଓ ସୁପରଭାଇଜରଙ୍କ ଦରମା ବନ୍ଦ ନିର୍ଦ୍ଦେଶ

**ସମ୍ବଲପୁର, ୧୨।୧ (ସମିସ)**

ବାମରା ବ୍ଲକ କାର୍ଯ୍ୟାଳୟରେ ସୋମବାର ସମ୍ବଲପୁର ଜିଲ୍ଲାପାଳ ଏବଂ ସମ୍ବଲପୁର ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ମୋଟ ୬୮ଟି ଆବେଦନ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରେ ୫୭ଟି ବ୍ୟକ୍ତିଗତ, ୧୦ଟି ଗ୍ରାମୀୟ ସମସ୍ୟା ସହିତ ଗୋଟିଏ ରେଡକ୍ରସ ସହାୟତା ଆବେଦନ ଥିଲା। ୫ଟି ଅଭିଯୋଗ ତ୍ୱରିତ୍ ସମାଧାନ କରାଯାଇଥିଲା। ରେଡକ୍ରସରୁ ଜଣଙ୍କୁ ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଶୁଣାଣି ସମୟରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଅନିୟମିତତାକୁ ନେଇ ବାମରା ଅତିରିକ୍ତ ତହସିଲଦାର ଓ ସୁପରଭାଇଜରଙ୍କୁ କାରଣ ଦର୍ଶାଅ ନୋଟିସ ସହ ଦରମା ବନ୍ଦ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ବାମରାର ଜଣେ ସ୍ୱେଚ୍ଛାସେବୀ ତାଲଡିହିସ୍ଥିତ ନିଜ ଜମିର ଚିହ୍ନଟ କରିବା ପାଇଁ ତହସିଲ କାର୍ଯ୍ୟାଳୟ ବ୍ୟତୀତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଆଗରୁ ୪ଥର ଅଭିଯୋଗ କରିଥିଲେ। ଏହା ସତ୍ତ୍ୱେ ବି କୌଣସି ପଦକ୍ଷେପ ନିଆ ନଯିବାରୁ ଉକ୍ତ ବ୍ୟକ୍ତିଜଣକ ଆଜି ପଞ୍ଚମଥର ପାଇଁ ଶିବିରରେ ଅଭିଯୋଗ କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅବମାନନା କରିଥିବା କାରଣରୁ ଅତିରିକ୍ତ ତହସିଲଦାର ଓ ସୁପରଭାଇଜରଙ୍କୁ ଜିଲ୍ଲାପାଳ କାରଣ ଦର୍ଶାଅ ନୋଟିସ ଜାରି କରିବାସହ ଦରମା ବନ୍ଦ କରିଛନ୍ତି। କୁଚିଣ୍ଡା ଉପଜିଲ୍ଲାପାଳ ସି. ସର୍ବାନନ ଏଥିପାଇଁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଥିଲେ।




ଚଳିତବର୍ଷ ବାମରାର ପ୍ରସିଦ୍ଧ ମକର ମହୋତ୍ସବରେ ୫ଦିନ ଧରି ମଦବିକ୍ରୟ ସମ୍ପୂର୍ଣ୍ଣ ବନ୍ଦ କରିବାକୁ କମିଟିର ସଦସ୍ୟମାନେ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। ଏହାପରେ ଜିଲ୍ଲାପାଳ ଏନେଇ ଜିଲ୍ଲା ଅବକାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଗୁଡ଼ିକ ମଧ୍ୟରେ ବିଭିନ୍ନ ମଣ୍ଡିରେ ପଡ଼ି ରହିଥିବା ଧାନ ଉଠାଇବା, ଜଗନ୍ନାଥ ମନ୍ଦିର ରାସ୍ତା, ବ୍ଲକ ରାସ୍ତା ମରାମତି, ପାନୀୟ ଜଳ ଯୋଗାଣ ଆଦି ରହିଛି। ଅଭିଯୋଗ ଶୁଣାଣି ଶିବିରରେ ପିଏ ଆଇଟିଡିଏ ହେମସାଗର ଭୋଇ, ବାମରା ଡିଏଫଓ ବିକ୍ରମ ଦେବ ପଟ୍ଟନାୟକ, ଏସଡିପିଓ ପ୍ରଦୀପ କୁମାର ଦାସ, ବ୍ଲକ ଚେୟାରମେନ ପିଙ୍କି ଧୁରୁଆ, ଡେପୁଟି କଲେକ୍ଟର ସରୋଜା ବେହେରା, ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ସହକାରୀ ଜିଲ୍ଲାପାଳ ରୋଜଲୀନା ତିର୍କୀ, ବାମରା ବିଡିଓ ପୁଷ୍ପକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ବିଭିନ୍ନ ଲାଇନ ବିଭାଗର ଜିଲ୍ଲା ଓ କୁଚିଣ୍ଡା ଉପଖଣ୍ଡସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ବେଆଇନ ଭାବେ ଗଚ୍ଛିତ ୧୮ ସିଲିଣ୍ଡର ଜବତ

**ସମ୍ବଲପୁର, ୧୨।୧ (ସମିସ) :** ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଗୋଲବଜାର ଛକ ନିକଟରେ ଚଢ଼ଉ କରି ଅବୈଧ ଭାବରେ ଗ୍ୟାସ ସିଲିଣ୍ଡର ଗଚ୍ଛିତ ରଖିବାସହ ରିଫିଲିଂ କରୁଥିବା ଅଭିଯୋଗରେ ଆଜି ସନ୍ଧ୍ୟାରେ ୧୮ଟି ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି। ସୂଚନାନୁଯାୟୀ, ସମ୍ବଲପୁର ମହାନଗର ନିଗମର ଆୟୁକ୍ତ ରେହାନ ଖତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଯୋଗାଣ ବିଭାଗ ଓ ମହାନଗର ନିଗମ ପ୍ରବର୍ତ୍ତନ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇଥିଲା। ଗୋଲବଜାର ଛକରେ ଥିବା ସୁନୀତା ହୋମ୍ ଆପ୍ଲିଆନ୍ସ ଦୋକାନରେ ବେଆଇନ ଭାବେ ବିନା କୌଣସି ଲାଇସେନ୍ସରେ ଦୋକାନ ମାଲିକ ଏଲ୍‌ପିଜି ଗ୍ୟାସ ସିଲିଣ୍ଡର ଗଚ୍ଛିତ ରଖିବା ସହ ସିଲିଣ୍ଡର ରିଫିଲିଂ କରୁଥିଲେ। ତାଙ୍କଠାରୁ ୧୮ଟି ଏଲ୍‌ପିଜି ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି। ଚଢ଼ଉରେ ଯୋଗାଣ ବିଭାଗ ଇନ୍ସପେକ୍ଟର ସୌରଭ କୁମାର ପଣ୍ଡା, ଏସିଏସ୍‌ଓ ବିଶ୍ୱ ରଞ୍ଜନ ସାହୁ, ମାର୍କେଟ ଇନ୍ସପେକ୍ଟର ଦିପ୍ତିମୟୀ ରାଉତ, କନିଷ୍ଠ ପ୍ରବର୍ତ୍ତନ ଅଧିକାରୀ ସୁଗମ ମିଶ୍ର ଓ ଶ୍ରୀକାନ୍ତ ପାତ୍ର ପ୍ରମୁଖ ସାମିଲ ଥିଲେ।




# ବିଭିନ୍ନ ଅନୁଷ୍ଠାନରେ ବିବେକାନନ୍ଦଙ୍କ ଜୟନ୍ତୀ ଓ ଜାତୀୟ ଯୁବ ଦିବସ









## ଡିଏଭି ବୁର୍ଲା

**ସମ୍ବଲପୁର, ୧୨।୧ (ସମିସ) :** ଡିଏଭି ବୁର୍ଲା ବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଉପଲକ୍ଷେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର ବେଦବାକ୍‌ଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଥିଲା। ଏହି ଅବସରରେ ଛାତ୍ର ଆର୍ଯ୍ୟନ ମହାପାତ୍ର ଏକ ବକ୍ତବ୍ୟ ଓ ଛାତ୍ରୀ ସୃଷ୍ଟି ଯାଦବ ସ୍ୱାମୀଜୀଙ୍କ ରଚନା ଉପରେ ଏକ ପୁସ୍ତକ ବିବରଣୀ ପ୍ରସ୍ତୁତ କରିଥିଲେ। ଜାତୀୟ ଚେତନା, ଦେଶପ୍ରେମର ପ୍ରବାହର ଉତ୍ସ 'ବନ୍ଦେ ମାତରମ୍' ସଙ୍ଗୀତର ୧୫୦ତମ ବର୍ଷ ଉପଲକ୍ଷେ, ରାଜ୍ୟ ସରକାରଙ୍କ ମାର୍ଗଦର୍ଶନ ଅନୁସାରେ ଦିନ ୧୧ଘଟିକାରେ ସାମୁହିକ ରୂପେ ଏହି ଦେଶାତ୍ମବୋଧକ ସଙ୍ଗୀତକୁ ଗାନ କରାଯାଇଥିଲା। ବିଦ୍ୟାଳୟର ଲାଇବ୍ରେରୀରେ ଏହି ଅବସରରେ ସ୍ୱାମୀଜୀଙ୍କ ଉପରେ ରଚିତ ପୁସ୍ତକକୁ ପ୍ରଦର୍ଶିତ କରାଯାଇଥିଲା। ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍ୱାମୀଜୀଙ୍କ ଆଦର୍ଶ, ବିଶ୍ୱମାନବିକତା, ମାନବସେବା ଆଦି ମହାନ ଭାବନାକୁ ଯୁବ ସମାଜ ମଧ୍ୟରେ ପହଞ୍ଚାଇ ଦେଶପ୍ରେମ ଭାବନାରେ ଉଦବୁଦ୍ଧ କରିବା ଏହି ଉତ୍ସବର ମୂଳ ଲକ୍ଷ୍ୟ ରହିଥିଲା।

## ସରକାରୀ ମହିଳା ମହାବିଦ୍ୟାଳୟ

ସରକାରୀ ମହିଳା ମହାବିଦ୍ୟାଳୟ ଜାତୀୟ ସେବା ସଂସ୍ଥା ଦ୍ୱାରା ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ରସାୟନ ବିଜ୍ଞାନ ପ୍ରଫେସର ଡ. ବିଜୟ କୁମାର ମିଶ୍ର ମୁଖ୍ୟଅତିଥି କ ଭାବେ ଯୋଗ ଦେଇଥିଲେ। ପ୍ରଫେସର ମିଶ୍ର କହିଲେ ଯେ, ଆମେ ଯଦି ଜାଗ୍ରତ ହେବା ସମସ୍ତେ ଜଣେ ଜଣେ ବିବେକାନନ୍ଦ ହୋଇ ପାରିବା। ସ୍ୱାମୀ ବିବେକାନନ୍ଦ ସମଗ୍ର ଭାରତ ଭ୍ରମଣ କରିବା କାଳରେ ଯେଉଁ ଅନୁଭବ ସିଦ୍ଧ ଜ୍ଞାନ ଲାଭ କରିଥିଲେ ତାହା ତାଙ୍କୁ ନରେନ୍ଦ୍ରରୁ ସ୍ୱାମୀ ବିବେକାନନ୍ଦକୁ ପରିବର୍ତ୍ତନ କରିପାରିଥିଲା। ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ସଭାକୁ ସଂଯୋଜନା କରିଥିଲେ। ଅଧ୍ୟାପକ ଅଖିଳ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ ଏବଂ ପ୍ରଫେସର ମିହିର କୁମାର ଥାଟି ଧନ୍ୟବାଦ ଅର୍ପଣ କରିଥିଲେ।

## ମା' ଝାଡ଼େଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଧମା

ଧମାସ୍ଥିତ ମା' ଝାଡ଼େଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ୟୁନିଟ୍ ପକ୍ଷରୁ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ପୁରୋହିତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସମାଜସେବୀ ଗୋବିନ୍ଦ ଅଗ୍ରୱାଲ କହିଥିଲେ ଯେ, ସ୍ୱାମୀ ବିବେକାନନ୍ଦ ଭାରତୀୟ ଯୁବସମାଜକୁ ଦେଶର ସାଂସ୍କୃତିକ ଧାରାରେ ସାମିଲ କରିବାକୁ ପ୍ରୟାସିତ ଥିଲେ। ମୁଖ୍ୟବକ୍ତା ରାମକୁମାର ନାଏକ କହିଥିଲେ ଯେ, ବିବେକାନନ୍ଦଙ୍କୁ ଭଲ ଭାବରେ ଜାଣିଲେ ଆମେ ଆମ ଜୀବନ ଓ ରାଷ୍ଟ୍ରର ଦଶା ଓ ଦିଶା ବଦଳାଇ ପାରିବା। ନିଜ ଉପରେ ବିଶ୍ୱାସରଖିବା ସହ ଦେଶ ପ୍ରେମର ବାର୍ତ୍ତା ଯୁବ ସମାଜକୁ ବିବେକାନନ୍ଦ ଦେଇଯାଇଛନ୍ତି। ସମ୍ମାନିତ ଅତିଥି ଭାବେ କୁଚିଣ୍ଡା ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଅଧିକାରୀ ଖୁର୍ସିଦ୍‌ଆରା ବେଗମ ଓ ସମାଜସେବୀ ବିଜୟ ଚୈଧୁରୀ ଯୋଗ ଦେଇଥିଲେ। ଅଧ୍ୟାପକ ରବୀନ୍ଦ୍ର ନାରାୟଣ ଠାକୁର ସଭା ସଂଯୋଜନା କରିଥିବାବେଳେ ବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ବନୋଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ପଣ୍ଡିତ ବ୍ୟାସଦେବ ପଣ୍ଡା, ଶିକ୍ଷା ପ୍ରଶିକ୍ଷିକା ମୌସୁମୀ ଷଡ଼ଙ୍ଗୀ, ଅଧ୍ୟାପିକା ଗାୟତ୍ରୀ ଆଚାରି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ 'ରାଷ୍ଟ୍ର ନିର୍ମାଣରେ ଯୁବ ଶକ୍ତିର ଭୂମିକା' ବିଷୟକୁ ନେଇ ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ସ୍ୱପ୍ନା ଭୋଇ, ଭାବନା ସାହୁ ଓ ଜ୍ୟୋତିର୍ମୟୀ ସେଠଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।









## ଏନ୍‌ଏସ୍‌ସିବି ମହାବିଦ୍ୟାଳୟ

ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) ଡିଗ୍ରୀ କଲେଜ ଓ ଏନଏସସିବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏନ୍‌ଏସ୍‌ଏସ୍ ୟୁନିଟ୍ ଦ୍ୱାରା ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ପ୍ରଦୀପ ହରପାଲ୍‌ଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାମାନଙ୍କ ଦ୍ୱାରା 'ବନ୍ଦେ ମାତରମ୍' ଗାନ କରାଯାଇଥିଲା। ଏହାପରେ ଏନ୍‌ଏସ୍‌ଏସ୍ ୟୁନିଟ୍ ଦ୍ୱାରା ଅଧ୍ୟକ୍ଷ ଡ. ପ୍ରଦୀପ ହରପାଲ୍‌ଙ୍କ ସଭାପତିତ୍ୱରେ ଜାତୀୟ ଯୁବ ଦିବସ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଇଂରାଜୀ ପ୍ରଫେସର ଡ. ମୁରଲୀ ପ୍ରସାଦ ନାୟକ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ଓ ଆଜିର ଯୁବମାନଙ୍କ ଦାୟିତ୍ୱ ସମ୍ପର୍କରେ ବକ୍ତବ୍ୟ ରଖି ଯୁବାମାନଙ୍କୁ ଶିଷ୍ଟାଚାର, ଆତ୍ମବିଶ୍ୱାସ ଓ ସେବାଭାବ ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ। ଦେଶର ଉନ୍ନତିରେ ସକ୍ରିୟ ଭୂମିକା ନେବା ପାଇଁ ସେମାନଙ୍କୁ ସଚେତନ ଓ ପ୍ରେରିତ କରିଥିଲେ। ପ୍ରଶାସନିକ ଅଧିକାରୀ ଡଃ ଆଦିତ୍ୟ ମେହେର, ପ୍ରଫେସର ହରିହର ମଲ୍ଲିକ ଓ ପ୍ରଫେସର ଦେବେନ୍ଦ୍ର ଭୁଏ ବକ୍ତବ୍ୟ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ସୁରେଶ ଏକ୍କା, ଅଧ୍ୟାପିକା ରୋଜାଲି ସେଠ, ଅଧ୍ୟାପକ ସତ୍ୟପ୍ରକାଶ ଟୁଡୁ ଓ ଅଧ୍ୟାପିକା ମେଞ୍ଜା ପୁର୍ତ୍ତି ପରିଚାଳନା କରିଥିଲେ। ଏହି ଉପଲକ୍ଷେ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ସମ୍ବଲପୁର ଶାଖା

ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ସମ୍ବଲପୁର ଶାଖା ଆନୁକୂଲ୍ୟରେ ଓଡ଼ିଶା ସାଂସ୍କୃତିକ ସମାଜ ପ୍ରେକ୍ଷାଳୟରେ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଦିବସ ପାଳିତ ହୋଇଯାଇଛି। ନଗର ସଞ୍ଚାଳକ ଡ. ବସନ୍ତ କୁମାର ଦାସଙ୍କ ସଭାପତିତ୍ୱ ଓ ସମ୍ପର୍କ ପ୍ରମୁଖ ପଙ୍କଜିନୀ ନାୟକଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ସୁଶାନ୍ତ କୁମାର ଦାସ ଓ ମୁଖ୍ୟବକ୍ତା ଭାବରେ ଝାରସୁଗୁଡ଼ା ମହାବିଦ୍ୟାଳୟ ହିନ୍ଦୀ ବିଭାଗୀୟ ମୁଖ୍ୟ ଡ. ମୀନା ସୋନି ଯୋଗ ଦେଇଥିଲେ। ସୁଚିତ୍ରା ଦିଦି ସ୍ୱାମୀଜୀଙ୍କ ଉପରେ ଏକ ଗୀତ ପରିବେଷଣ କରିଥିଲେ। ଆନନ୍ଦ ଭାଇ ଅତିଥି ପରିଚୟ ପ୍ରଦାନ ଏବଂ ଅମୃତ ପରିବାର ମୁଖ୍ୟ ପୁଷ୍ପାରାଣୀ ମହାପାତ୍ର ବିବେକାନନ୍ଦ କେନ୍ଦ୍ର ସମ୍ବଲପୁରର ବିବରଣୀ ଉପସ୍ଥାପନ କରିଥିଲେ। ମୁଖ୍ୟଅତିଥି ପ୍ରଫେସର ଦାସ କହିଲେ, ଧର୍ମ ସଂସ୍କୃତି ସହିତ ଜ୍ଞାନ-ବିଜ୍ଞାନସ୍ତରରେ ବିକାଶ କଲେ ଭାରତ ସଶକ୍ତ ଓ ବିକଶିତ ଭାରତ ହୋଇପାରିବ। ପଙ୍କଜିନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କେଶରୀ କୁମରା, ଅଲେଖ ସଗରିଆ, ରୋଜାଲିନ ସାହୁ, ରାଜେଶ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଏହି ଅବସରରେ ବିବେକାନନ୍ଦଙ୍କ ଆଦର୍ଶବାଣୀ ତଥା ତାଙ୍କ ସିଦ୍ଧାନ୍ତ ଉପରେ ରଚିତ ପୁସ୍ତକଗୁଡ଼ିକର ଏକ ପ୍ରଦର୍ଶନୀ ମଧ୍ୟ କରାଯାଇଥିଲା।

## ଶ୍ରୀ ଶ୍ରୀ ରାମକୃଷ୍ଣ ବିବେକାନନ୍ଦ ସେବା ସଂଘ

କାଇଁଶିରସ୍ଥିତ ଶ୍ରୀ ଶ୍ରୀ ରାମକୃଷ୍ଣ ବିବେକାନନ୍ଦ ସେବା ସଂଘ ଦ୍ୱାରା ଆଜି ମନ୍ଦିର ପ୍ରାଙ୍ଗଣରେ ଜାତୀୟ ଯୁବ ଦିବସ ପାଳନ କରାଯାଇଛି। ଆଜି ସକାଳେ ଛାତ୍ରଛାତ୍ରୀ ମାନଙ୍କ ସହ ସଂଘର କର୍ମକର୍ତ୍ତା ମାନଙ୍କ ଦ୍ୱାରା ଏକ ରାଲି କରାଯାଇଥିଲା। ସନ୍ଧ୍ୟାରେ ସଂଘର ସଭାପତି ସୁବିର ସେନଗୁପ୍ତଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜନ ହୋଇଥିଲା। ସଭାରେ ବକ୍ତା ଭାବରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡଃ ରଘୁମଣି ନାୟକ ଓ ବୈଦିକ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସର ଚେୟାରମ୍ୟାନ ଆନନ୍ଦ ଅଗ୍ରୱାଲ ଯୋଗ ଦେଇଥିଲେ। ଦିପାଳି ଚୌଧୁରୀ ଅତିଥି ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଘର ୟୁଥ୍ କୋର୍ଡିନେଟର୍ ଆଶୁତୋଷ ପାଢ଼ୀ ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଯୁବ ଦିବସର ମହତ୍ତ୍ୱ ଦର୍ଶାଇଥିଲେ। ସଂଘର ସମ୍ପାଦକ କାଳିପ୍ରସାଦ ସିହ୍ନା ସ୍ୱାଗତ ଭାଷଣ ରଖିଥିଲେ। ଅତିଥି ଶ୍ରୀ ଅଗ୍ରୱାଲ ବିବେକାନନ୍ଦଙ୍କ ଜୀବନୀ ଓ ତାଙ୍କର ପୁସ୍ତକ ପଢ଼ି ଯୁବ ସମାଜ କିପରି ନିଜର ଆତ୍ମବିଶ୍ୱାସ ବଢ଼ାଇବା ସହ ବିକଶିତ ଭାରତ ପାଇଁ କଣ କରିପାରିବେ ସେ ବିଷୟରେ କହିବାସହ ସେ ନିଜେ ତାଙ୍କ ପୁସ୍ତକରୁ ପ୍ରେରିତ ହୋଇ ଆଜି ଏହି ସ୍ଥାନରେ ପହଞ୍ଚି ପାରିଛନ୍ତି ବୋଲି କହିଥିଲେ। ଅତିଥି ଶ୍ରୀ ନାୟକ ୟୁଥ୍‌ର ଅର୍ଥ ଓ ବିବେକାନନ୍ଦ କିଏ ସେ ବିଷୟରେ ବିଶେଷ ଆଲୋଚନା କରିଥିଲେ। ଏହି ଉପଲକ୍ଷେ ହୋଇଥିବା ବକ୍ତୃତା, ଗୀତା ଆବୃତ୍ତି ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଭୀମଭୋଇ କଲେଜରେ ଜାତୀୟ ଯୁବ ଦିବସ ପାଳିତ

**ରେଢାଖୋଲ, ୧୨।୧ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ଭୀମଭୋଇ ମହାବିଦ୍ୟାଳୟ ପରିସରରେ ସୋମବାର ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଏହା ସହିତ ଭାରତୀୟ ଜାତୀୟ ସଙ୍ଗୀତର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ବନ୍ଦେ ମାତରମ୍ ଗାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଅମୂଲ୍ୟ କୃଷ୍ଣ ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ସେହିପରି ପ୍ରାଧ୍ୟାପକ ଅରୁଣ କୁମାର ଶାସନୀ, ଡ. ମନୋରଞ୍ଜନ ମହନ୍ତ, ଅଧ୍ୟାପକ ଡ. ଭୋଜରାଜ, ଏବଂ ପ୍ରାଧ୍ୟାପିକା ମମତା ମହାପାତ୍ର ବକ୍ତବ୍ୟ ରଖିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଆଶୁତୋଷ ପଣ୍ଡା ଓ ପ୍ରିୟଙ୍କା ବିଶି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ଲିବନସ କିଣ୍ଡୋ ଓ ଏନ୍.ସି.ସି. ଅଧିକାରୀ ଶୁସାନ୍ତ କେରକେଟ୍ଟା ସହଯୋଗ କରିଥିଲେ।

# ସମ୍ବଲପୁରୀ ଧନୁଯାତ୍ରା ପାଇଁ 'କଂସ ବରଣ'



**ସମ୍ବଲପୁର, ୧୨।୧ (ସମିସ) :** ଆସନ୍ତା ୧୮ ରୁ ୨୨ ପର୍ଯ୍ୟନ୍ତ ସମ୍ବଲପୁରରେ ଆୟୋଜିତ ହେବ 'ସମ୍ବଲପୁରୀ ଧନୁଯାତ୍ରା'। ଧନୁଯାତ୍ରରେ ଗଙ୍ଗାଧର ମଣ୍ଡପ କଂସ ଦରବାର, ସମ୍ବଲପୁର ନଗରୀ ମଥୁରା ନଗରୀ, ଚାଉଁରପୁର ଗୋପପୁର ଏବଂ ମହାନଦୀକୁ ଯମୁନା ନଦୀ ଭାବେ ବ୍ୟବହାର କରାଯିବ। ସୋମବାର ଧନୁଯାତ୍ରା ନିମନ୍ତେ କଂସ ବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଂସ ଭୂମିକାରେ ଅଭିନୟ କରୁଥିବା ଫଣୀନ୍ଦ୍ର ପଣ୍ଡାଙ୍କ ଶାନ୍ତିନଗରସ୍ଥିତ ବାସଭବନକୁ ଯାଇ ପାରମ୍ପରିକ ରୀତିନୀତି ଅନୁଯାୟୀ ଏହି ବରଣ କାର୍ଯ୍ୟକ୍ରମ ହୋଇଥିଲା। ପଣ୍ଡିତ ଉପେନ୍ଦ୍ର ପାଣିଗ୍ରାହୀ ପୂଜାର୍ଚ୍ଚନା କରିଥିବାବେଳେ ଧନୁଯାତ୍ରା କମିଟି ସମ୍ପାଦକ ଗୁଣରଞ୍ଜନ ସାଲିମା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ନିର୍ଦ୍ଦେଶକ ବବଲୁ ବାଗ, ସାଂସ୍କୃତିକ ସମ୍ପାଦକ ଯୋଗେଶ ନନ୍ଦ, ସହସମ୍ପାଦିକା ଲିଲିମା ମଲ୍ଲିକ, ଚୈତନ୍ୟ ନାୟକ, ରାହୁଲ ଗୁପ୍ତା, ସୌରୀ ପାଣିଗ୍ରାହୀ, ଅନମୋଲ ଦାସ, ହିମାଂଶୁ ସାହୁ, ସୁରେଖା ସାହୁ, ଶ୍ୱେତା ପଣ୍ଡା, ପ୍ରିୟଙ୍କା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ନାକଟିଦେଉଳ, ୧୨।୧ (ସମିସ) :** ଘରୋଇ କଳିକୁ କେନ୍ଦ୍ରକରି ରବିବାର ରାତିରେ ଜଣେ ଯୁବକ ବେକରେ ରସି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଯୁବକ ଜଣଙ୍କ ହେଲେ ନାକଟିଦେଉଳ ବ୍ଲକ ଯାମୁଯୋରୀ ଗ୍ରାମର କିଶୋରୀ ମାଟିଆରୀଙ୍କ ପୁଅ ବିନୋଦ ମାଟିଆରୀ (୨୩)। ସୂଚନା ଅନୁସାରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଘରୋଇକଳିକୁ କେନ୍ଦ୍ରକରି ତାଙ୍କ ସ୍ତ୍ରୀ ବାପଘରକୁ ଚାଲିଯିବା ପରେ ବିନୋଦ ମାଟିଆରୀ ମାନସିକ ଭାରସାମ୍ୟ ହରାଇ ଘରେ କେହି ନଥିବା ସମୟରେ ବେକରେ ରସି ଲଗାଇ ଆତ୍ମତ୍ୟା କରିଥିଲେ। ରାତିରେ ବିନୋଦର ସାନଭାଇ ଘରକୁ ଆସି ଏ ଘାଟଣା ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ପଠାଇ ତଦନ୍ତ ଚଳାଇଛି।

# ମା' ସମଲେଶ୍ୱରୀ ପୀଠରେ ଦୀପ ମହାଯଜ୍ଞ

**ସମ୍ବଲପୁର, ୧୨।୧ (ସମିସ) :** ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ମନ୍ଦିରରେ ଥିବା ଯଜ୍ଞସ୍ଥଳୀରେ ସୋମବାରଠାରୁ ବିଶ୍ୱ ଶାନ୍ତି ଓ ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ତ୍ରିଦିନାତ୍ମକ ଦୀପ ମହାଯଜ୍ଞ ଓ ଚଣ୍ଡୀ ହୋମ ଆରମ୍ଭ ହେଇଛି। ଏହି ହୋମ ଯଜ୍ଞ ଆଜିଠାରୁ ୧୪ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଜଗତବାସୀଙ୍କ ମଙ୍ଗଳକାମନା ଓ ବିଶ୍ୱଶାନ୍ତି ପାଇଁ ଏହି ପବିତ୍ର ଅନୁଷ୍ଠାନ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଆୟୋଜନ କରାଯାଉଛି। ଯଜ୍ଞରେ ହେମନ୍ତ ଚନ୍ଦ୍ର ମିଶ୍ର ଓ ତାଙ୍କ ପତ୍ନୀ ପ୍ରଭାତ ନଳିନୀ ମିଶ୍ର କର୍ତ୍ତା ଦାୟିତ୍ୱ ତୁଲାଉଥିବାବେଳେ ପଣ୍ଡିତ ମହେନ୍ଦ୍ର ପୂଜାରୀ ବିଧି ମୁତାବକ ପୂଜାର୍ଚ୍ଚନା କରୁଛନ୍ତି। ଆଗାମୀ ୧୪ ତାରିଖ ବୁଧବାର ପବିତ୍ର ମକର ସଂକ୍ରାନ୍ତି ଦିନ ଏହି ଯଜ୍ଞର ପୂର୍ଣ୍ଣାହୁତି ସମ୍ପନ୍ନ ହେବ। ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡର ସଭାପତି ସଞ୍ଜୟ କୁମାର ବାବୁ ଭକ୍ତମାନଙ୍କୁ ଏହି ଅବସରରେ ଯଜ୍ଞ ସ୍ଥଳୀରେ ଉପସ୍ଥିତ ରହି ମା' ସମଲେଶ୍ୱରୀ ଓ ମା' ଚଣ୍ଡୀଙ୍କ ଆଶୀର୍ବାଦ ଲାଭ କରିବାକୁ ନିବେଦନ କରିଛନ୍ତି।









# ରାଜ୍ୟସ୍ତରୀୟ କବି ସମ୍ମିଳନୀ ଓ କବିତା ପାଠ



**ଜମନକିରା, ୧୨।୧ (ସମିସ):** ଜମନକିରା ମହାବିଦ୍ୟାଳୟର ଅଡିଟୋରିଅମ୍ କକ୍ଷରେ ବାବା ମୁକ୍ତେଶ୍ୱର ସାହିତ୍ୟ ସଂସଦର ଅଷ୍ଟମ ବାର୍ଷିକ ଉତ୍ସବ ଓ ସୁବର୍ଣ୍ଣ ସ୍ମୃତି ସାହିତ୍ୟ ସଂସଦର ପଞ୍ଚମ ବାର୍ଷିକ ଉତ୍ସବ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଓ କବିତା ପାଠ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କବି ଡ. ମୁରଲୀ ଧର ନାୟକଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବରେ ବୌଦ୍ଧର ବିଶିଷ୍ଟ ସାହିତ୍ୟିକ ଇ. ସଞ୍ଜୟ କୁମାର ପଣ୍ଡା, ମୁଖ୍ୟବକ୍ତା ଭାବରେ ସହକାରୀ ପ୍ରଫେସର ବିଇଡି କଲେଜ ସମ୍ବଲପୁର ଡ. ମମତା ପ୍ରିୟଦର୍ଶିନୀ ସାହୁ, ସମ୍ମାନିତ ଅତିଥି ଭାବରେ ବରିଷ୍ଠ କବି ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ପ୍ରଫୁଲ୍ଲ କୁମାର ମହାପାତ୍ର, ବରିଷ୍ଠ କବି ହୃଦାନନ୍ଦ ଶର୍ମା, ଆଇନଜୀବୀ ବିଭୂତି ଭୂଷଣ ଗଙ୍ଗଦେବ, ପୂର୍ବତନ ବିଧାୟକ ବୃନ୍ଦାବନ ମାଝୀ, ଅବସରପ୍ରାପ୍ତ ଇଂରାଜୀ ଶିକ୍ଷକ ଦେବରାଜ ସାହୁ, ସମାଜସେବୀ ସୋମନାଥ ମିଶ୍ର ଓ ଜମନକିରା ମହାବିଦ୍ୟାଳୟର ଅଧ୍ୟକ୍ଷ ଅରୁଣ କୁମାର ପଟେଲ ଯୋଗଦେଇଥିଲେ। ଫାଶିମାଳ କଲେଜର ଅଧ୍ୟକ୍ଷା ଜ୍ୟୋସ୍ନାମୟୀ ଦଳବେହେରା କବିତା ପାଠ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସଂସଦର ସମ୍ପାଦକ କବି ପ୍ରମୋଦ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। କବିତା ପାଠୋତ୍ସବରେ ପ୍ରାୟ ୬୦ ଜଣ କବି ଓ କବୟିତ୍ରୀ ଯୋଗଦେଇଥିଲେ। ଏହି ଅବସରରେ ମୁକ୍ତେଶ୍ୱର ସାହିତ୍ୟ ସଂସଦ ତରଫରୁ ପାଞ୍ଚଜଣ କବିଙ୍କୁ ଓ ସୁବର୍ଣ୍ଣ ସ୍ମୃତି ସଂସଦ ତରଫରୁ ପାଞ୍ଚ ଜଣ କବୟିତ୍ରୀଙ୍କୁ ଉତ୍ତରୀୟ, ଫୁଲତୋଡ଼ା, ଫଳକ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ସମ୍ପାଦକ ପ୍ରମୋଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



# ରକ୍ତଦାନ ଶିବିର, ୧୦୦ ୟୁନିଟ୍ ସଂଗ୍ରହ



**ସମ୍ବଲପୁର, ୧୨।୧(ସମିସ):** ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଅବସରରେ ନେସନାଲ ମେଡିକୋ ଅର୍ଗାନାଇଜେସନ (ଏନ୍ଏମ୍ଓ) ଭିମସାର ଶାଖା ଏବଂ ଜୁନିଅର ଡକ୍ଟର ଆସୋସିଏସନ୍ (ଜେଡିଏ), ଭିମସାର୍ ଆନୁକୂଲ୍ୟରେ ଆଜି ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ରକ୍ତଶିକୁଳି ରୋଗୀ ଏବଂ ଥାଲାସେମିଆ ରୋଗୀଙ୍କ ଉଦ୍ଦେଶ୍ୟରେ ଆୟୋଜିତ ହୋଇଥିଲା। ଏଥିରେ ୧୦୦ ଜଣ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଶିବିରକୁ ଏନ୍ଏମ୍ଓ ଭିମସାର୍‌ର ସଭାପତି ଡା ସାଗ୍ନିକା ତ୍ରିପାଠୀ ଦୀପ ପ୍ରଜ୍ୱଳନ ସହିତ ଉଦ୍‌ଘାଟନ କରିଥିଲେ। ଅତିଥି ଭାବରେ ଭିମସାର୍‌ର ଅଧ୍ୟକ୍ଷ ଡା. ପ୍ରଦୀପ ମହାନ୍ତି, ଅଧୀକ୍ଷକ ଡା ଲାଲମୋହନ ନାୟକ, ରକ୍ତଭଣ୍ଡାରର ଡାକ୍ତର ଚିତ୍ତରଞ୍ଜନ ପ୍ରସାଦ, ଅନିଲ ବେହେରା, ସୁଧିର ବହିଦାର ପ୍ରମୁଖ ଯୋଗଦେଇ ଥିଲେ। ରକ୍ତଦାନ ଶିବିରକୁ ଏନ୍ଏମ୍ଓର ଡା. ଖିରୋଜ କୁମାର ଦୁର୍ଗା, ଡା. ରଞ୍ଜନ କୁଜୁର, ଡା. ସ୍ୱାଗତିକା ତ୍ରିପାଠୀ, ଶୁଭମ ନନ୍ଦ, ଡା. ଗୋପେଶ୍ୱରୀ ହୋତା, ଡା. ସଞ୍ଜୀବ କୁମାର ମିଶ୍ର ତଥା ଜେଡିଏର ଡା. ବିମଳ ସେଠି, ଡା. ସୁଚରିତା ଦାଶ, ଡା. ଦେବ ପଣ୍ଡା, ଡା. ମଳୟ ମଲ୍ଲିକ, ଡା. ଦେବେନ୍ଦ୍ର ମଲ୍ଲ, ଡା. ରାଜଲକ୍ଷ୍ମୀ ପାଇକରାୟ ପ୍ରମୁଖ ପରିଚାଳନା କରିଥିଲେ।

# ଆଇଆଇଏମ୍ ସମ୍ବଲପୁରରେ ୫ଦିନିଆ ସିଇଓ ଇମର୍ସନ୍ ପ୍ରୋଗ୍ରାମ୍

**ସମ୍ବଲପୁର, ୧୨।୧ (ସମିସ)**

ଆଇଆଇଏମ୍ ସମ୍ବଲପୁର ଦ୍ୱାରା ଏକ୍ସିକ୍ୟୁଟିଭ୍ ଏମ୍‌ବିଏ (୨୦୨୫-୨୭) ଓ କାର୍ଯ୍ୟରତ ପେଶାଜୀବୀଙ୍କ ପାଇଁ ଏମ୍‌ବିଏ (୨୦୨୪-୨୬) ବ୍ୟାଚ୍ (ଦିଲ୍ଲୀ କେନ୍ଦ୍ର) ପାଇଁ ୫ଦିନିଆ ସିଇଓ ଇମର୍ସନ୍ ପ୍ରୋଗ୍ରାମ୍ ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମର ବିଷୟବସ୍ତୁ ଥିଲା 'କାର୍ଯ୍ୟର ଭବିଷ୍ୟତ ଓ ସ୍ୱଭାବ : ଦକ୍ଷତା, ସଂସ୍କୃତି ଓ ସ୍ଥାୟୀତ୍ୱ'। ଏହି ବିଷୟବସ୍ତୁ ଆଧୁନିକ କାର୍ଯ୍ୟସ୍ଥଳର ପରିବର୍ତ୍ତିତ ରୂପକୁ ପ୍ରତିବିମ୍ବିତ କରେ, ଯେଉଁଠାରେ ଭବିଷ୍ୟତ କେବଳ ପ୍ରଯୁକ୍ତି ଦ୍ୱାରା ନୁହେଁ, ବରଂ ଅବିରତ ବିକାଶଶୀଳ ଦକ୍ଷତା, ଅନୁକୂଳନଶୀଳ ସଂସ୍କୃତି ଓ ସ୍ଥାୟୀତ୍ୱ ଦ୍ୱାରା ଗଢ଼ାଯାଉଛି। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ଉଭୟ ବ୍ୟାଚ୍‌ର ଛାତ୍ରଛାତ୍ରୀମାନଙ୍କୁ ଶିଳ୍ପ ଧାରା, ବ୍ୟବହାରିକ ଅନୁଭବ ଓ ନେତୃତ୍ୱ କୌଶଳ ସମ୍ପର୍କରେ ଶିଳ୍ପ ବିଶେଷଜ୍ଞମାନଙ୍କ ସହ ସିଧାସଳଖ ଆଲୋଚନା ମାଧ୍ୟମରେ ଅବଗତ କରାଇବା। କାର୍ଯ୍ୟକ୍ରମରେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ, ମୁଖ୍ୟଅତିଥି ଭାବେ ନାଲକୋର ସିଏମ୍‌ଡି ବ୍ରଜେନ୍ଦ୍ର ପ୍ରତାପ ସିଂହ, ସମ୍ମାନିତ ଅତିଥି ଭାବେ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍‌ର ନିର୍ଦ୍ଦେଶକ (ପରିଚାଳନା) କେଶବ ରାଓ ଓ ଆମାଜନ୍ ଇଣ୍ଡିଆ ଏବଂ ଦକ୍ଷିଣ ଏସିଆର ହେଡ୍ ଅଫ୍ କଷ୍ଟମର୍ ସଲୁସନ୍ସ ଏବଂ ସିଆଇଓ ଆଡଭାଇଜରି ବିଶ୍ୱଜିତ ମହାପାତ୍ର ଉପସ୍ଥିତ ଥିଲେ। ପେୟୁ ପେମେଣ୍ଟସ୍‌ର ସିଟିଓ ନରେନ୍ଦ୍ର ବାବୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପ୍ରଫେସର ମହାଦେଓ ଜୟସ୍ୱାଲ ସ୍ୱାଗତ ଭାଷଣରେ କହିଲେ ଯେ, କାର୍ଯ୍ୟର ଭବିଷ୍ୟତ '୩ଡି ଡିସ୍‌ରପ୍‌ସନ୍' - ଡିଜିଟାଲାଇଜେସନ୍, ଡିକାର୍ବୋନାଇଜେସନ୍ ଓ ବ୍ୟବସାୟର ଗଣତାନ୍ତ୍ରିକୀକରଣ ଦ୍ୱାରା ଗଢ଼ାଯିବ। ବିଶ୍ୱସ୍ତରରେ ସଂସ୍ଥାମାନେ ଗ୍ଲୋବାଲ୍ କ୍ୟାପାବିଲିଟି ସେଣ୍ଟର୍ (ଜିସିସି) ଆଧାରିତ ରୂପରେ ପୁନଃଗଠିତ ହେଉଛନ୍ତି ଏବଂ ଏହାର ୫୩ ପ୍ରତିଶତ ଭାରତରେ ଅବସ୍ଥିତ, ଯାହା ଦେଶକୁ ଗ୍ଲୋବାଲ୍ ବ୍ୟବସାୟର ଏକ କେନ୍ଦ୍ରବିନ୍ଦୁ କରିଛି।




ମୁଖ୍ୟ ଅତିଥି ବ୍ରଜେନ୍ଦ୍ର ପ୍ରତାପ ସିଂହ କହିଥିଲେ, ଭବିଷ୍ୟତକୁ ଦେଖିବା କ୍ଷମତା ହେଉଛି ବଞ୍ଚିରହିବା (ସର୍‌ଭାଇଭାଲ୍) ଓ ବିକାଶ ପାଇଁ ସବୁଠାରୁ ଆବଶ୍ୟକ ନେତୃତ୍ୱ ଦକ୍ଷତା, କାରଣ ପରିବର୍ତ୍ତନ ଅନିବାର୍ଯ୍ୟ। ଯେଉଁ ସଂସ୍ଥାମାନେ ପରିବର୍ତ୍ତନ ପରେ ପରିବର୍ତ୍ତିତ ହୁଅନ୍ତି ସେମାନେ କେବଳ ବଞ୍ଚି ରହନ୍ତି, ଯେଉଁମାନେ ପରିବର୍ତ୍ତନ ସହ ପରିବର୍ତ୍ତିତ ହୁଅନ୍ତି ସେମାନେ ସମୃଦ୍ଧି ପାଆନ୍ତି, କିନ୍ତୁ ଯେଉଁମାନେ ପରିବର୍ତ୍ତନ ପୂର୍ବରୁ ପରିବର୍ତ୍ତିତ ହୁଅନ୍ତି ସେମାନେ ନେତୃତ୍ୱ କରନ୍ତି। ସମ୍ମାନିତ ଅତିଥି କେଶବ ରାଓ କହିଥିଲେ, ଶିକ୍ଷାଜଗତ, ଶିଳ୍ପ କ୍ଷେତ୍ର ଓ ସ୍ଥାନୀୟ ସମୁଦାୟ ସହ ଗଭୀର ସମ୍ପୃକ୍ତି ଏହି ପ୍ରତିଷ୍ଠାନକୁ ଏକ ସମଗ୍ର ବିକାଶ ମଡେଲ୍ ଦେଇଛି, ଯାହା ଲୋକମାନଙ୍କ ଆୟ ବୃଦ୍ଧି ଓ ଜୀବନ ଉନ୍ନତିରେ ସହାୟକ ହୋଇଛି ଏବଂ ମହିଳା ସଶକ୍ତିକରଣକୁ ମଧ୍ୟ ଗୁରୁତ୍ୱ ଦେଇଛି। କାର୍ଯ୍ୟକ୍ରମରେ ଟେସ୍ଲା ଇଣ୍ଡିଆ, ୟୁନାଇଟେଡ୍ ବ୍ରେୱେରିଜ୍ ଟ୍ରେଡିଂ ଲିମିଟେଡ୍, ଡିଲୋଇଟ୍ ଡିଜିଟାଲ୍, ଟାଟା ବିଜନେସ୍ ଏକ୍ସଲେନ୍ସ ଗ୍ରୁପ୍, ଇୟଜିନିୟରିଂ ଫିଡେଲିଟି ନେସନାଲ ଇନ୍‌ଫର୍ମେସନ୍ ସର୍ଭିସେସ୍ (ଏଫ୍‌ଆଇଏସ୍) ଏବଂ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ପରି ସଂସ୍ଥାର ସିଇଓମାନେ ଅଂଶଗ୍ରହଣ କରିଥିଲେ।

## 'କାହ୍ନା' ପକ୍ଷରୁ ଭେଟ୍‌ଘାଟ୍

**ସମ୍ବଲପୁର, ୧୨।୧ (ସମିସ) :** ସମ୍ବଲପୁରର କଲ୍ୟାଣ ନଗର ହାଉସ ହୋଲ୍ଡ ଆସୋସିସନ (କାହ୍ନା) ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ତ୍ରିଲୋଚନ ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ଦୀନବନ୍ଧୁ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ଶଶିଭୂଷଣ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ନାଗରିକ ପ୍ରଫେସର ପଙ୍କଜ କୁମାର ପଟେଲ, ଇଂ. ଅଜୟ କୁମାର ନାୟକ ଓ ଯୋଗେଶ ପ୍ରସାଦ ହୋତା ଉଦବୋଧନ ଦେଇଥିଲେ। ଡ୍ରଇଂ, କୁଇଜ୍, ଝୋଟି, ରଙ୍ଗୋଲି, ଫୁଡ୍ କୋର୍ଟ, ଅନ୍ତାକ୍ଷରୀ, ମେଥ୍ ରେସ, ମ୍ୟୁଜିକ୍ ଚେୟାର, ବେଲୁନ ବ୍ଲାଷ୍ଟ ଆଦି ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଭାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁଶୀଳ ମିଶ୍ର, ବିଭୂତି ଦାଶ, ରଞ୍ଜିତ ସାହୁ, ଗଙ୍ଗା ଚଇନି, ଶିବଶଙ୍କର ଷଡ଼ଙ୍ଗୀ, ସୌମ୍ୟରଞ୍ଜନ ମିଶ୍ର, ଉଦୟ ଗୌଡ଼ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ

**ନାକଟିଦେଉଳ, ୧୨।୧(ସମିସ):** ନାକଟିଦେଉଳ ବ୍ଲକ ଅଧୀନ ସରସ୍ୱତୀ ଶିଶୁ ମନ୍ଦିର, ନାକଟିଦେଉଳ, ଜଗନ୍ନାଥ ପ୍ରସାଦ ପ୍ରାଙ୍ଗଣରେ ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଧାନ ଶିକ୍ଷୟିତ୍ରୀ ଗୀତାରାଣୀ ସାହୁଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଅନୁସୟା କର ନାରୀର ସାତଟି ଗୁଣ ବିଷୟରେ ଆଲୋକ ପାତ କରିଥିଲେ। ସାଗରିକା ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦିକା ସଂଯୁକ୍ତା ସାହୁ ଧନ୍ୟବାଦ ଦେଇଥିଲେ। ମମତା ଦେହୁରୀ ସଙ୍ଗମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିବାବେଳେ ଆଚାର୍ଯ୍ୟ ଗୀତାଞ୍ଜଳି ଦାଶ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୋଟ ୧୧୦ ଜଣ ମାତୃମଣ୍ଡଳୀ ଉପସ୍ଥିତ ଥିଲେ।

## ବ୍ଲକ୍‌ସ୍ତରୀୟ ନାମଲେଖା ମେଗା ଶିବିର



**ସମ୍ବଲପୁର, ୧୨।୧ (ସମିସ) :** ମାନେଶ୍ୱର ବ୍ଲକ ଅଧୀନ ଗୋକୁଳାନନ୍ଦ ଉଚ୍ଚବିଦ୍ୟାଳୟରେ ମାନେଶ୍ୱର ବ୍ଲକ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଓ ରାଜ୍ୟମୁକ୍ତ ବିଦ୍ୟାଳୟ ପକ୍ଷରୁ ଏକ ନାମଲେଖା ମେଗା ଶିବିର ଅନୁଷ୍ଠିତ ହେଇଯାଇଛି। ଯେଉଁ ଛାତ୍ରଛାତ୍ରୀମାନେ ବିଭିନ୍ନ କାରଣରୁ ଅଧାରୁ ପାଠପଢ଼ା ଛାଡ଼ିଦେଇଥିଲେ କିମ୍ବା ଦଶମ ଶ୍ରେଣୀ ପାସ୍ କରି ମହାବିଦ୍ୟାଳୟରେ ନାମଲେଖାଇ ପାରି ନଥିଲେ ସେମାନେ ଏହି କ୍ୟାମ୍ପକୁ ଆସି ନାମ ଲେଖାଇଥିଲେ। ସମୁଦାୟ ୪୧ ଜଣ ନାମ ଲେଖାଇଥିଲେ। ଏମାନଙ୍କ ମଧ୍ୟରୁ ୧୩ ଜଣ ରାଜ୍ୟ ମୁକ୍ତ ବିଦ୍ୟାଳୟ କେନ୍ଦ୍ରରେ ଦଶମ ଶ୍ରେଣୀରେ ଓ ୨୮ ଜଣ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ମାନେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀ ଲୋକିତା ଦାଶ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲଜିତା ପ୍ରଧାନ, ଜିଲ୍ଲା ମୁକ୍ତ ବିଦ୍ୟାଳୟର ସଂଯୋଜିକା ମୀନା କୁମାରୀ ମିଶ୍ର ଓ ବିଦ୍ୟାଳୟର ପଞ୍ଚସଖା ଶିକ୍ଷା ସେତୁ ସଭାପତି ସଞ୍ଜୟ ବେହେରା, ପୁରୁଣା ବଲାରଙ୍ଗା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଦୀପାଳୀ ଚୌଧୁରୀ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ରାକେଶ ସାହୁ ସ୍ୱାଗତ ବକ୍ତବ୍ୟ ଦେବାପରେ ଗୋକୁଳାନନ୍ଦ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତାରାଣୀ ମିଶ୍ର ମେଗା ଶିବିରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ଲୋକିତା ଦାଶ ନାମଲେଖା ଶିବିରର ସଫଳତା ଲାଗି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲଜିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ଆଲୁମିନି କମିଟି ସଦସ୍ୟ ତଥା ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜାତୀୟ ଯୁବ ଦିବସ ପାଳିତ

**ନାକଟିଦେଉଳ, ୧୨।୧(ସମିସ):** ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟର ଏନ୍ଏସ୍ଏସ୍, ଯୁବ ରେଡକ୍ରସ୍ ୟୁନିଟ୍ ଓ ଏନ୍‌ସିସି ୟୁନିଟ୍‌ର ମିଳିତ ଆନୁକୂଲ୍ୟରେ ଜାତୀୟ ଯୁବ ଦିବସ, ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଓ ଜାତୀୟ ସଙ୍ଗୀତ ବନ୍ଦେ ମାତରଂର ୧୫୦ ବର୍ଷ ପୂର୍ତ୍ତି ପାଳିତ ହୋଇଯାଇଛି। ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଅଧ୍ୟାପକ ଦେବେଶ କୁମାର ବିଶ୍ୱାଳ, ଏନ୍ ଏସ୍ ଏସ୍ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଭଜମୋହନ ପ୍ରଧାନ, ଶେଷଦେବ ବିଶ୍ୱାଳ ଓ ଗ୍ରନ୍ଥାଗାରିକ ବିଭୁତିଭୂଷଣ ଯୋଗ ଦେଇଥିଲେ। ସୁଦାମ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ନାକଟିଦେଉଳ ବ୍ଲକ ଅଧୀନ କିସିଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଯୁବ ରେଡକ୍ରସ କାଉନସିଲର ସୁରେଶ ପାତ୍ର ଏବଂ ସ୍ୱାଗତିକା ମୁଦୁଲିଙ୍କ ସଂଯୋଜନାରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଉକ୍ତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷା ସୁଶ୍ରିତା ଭୋଇ ସଭାପତିତ୍ୱ କରିଥିଲେ। ସୁରେଶ ପାତ୍ର ଏବଂସ୍ୱାଗତିକା ମୁଦୁଲି ପ୍ରମୁଖ ସହଯୋଗ କରିଥିଲେ। ସଞ୍ଜୟ କୁମାର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପକ୍ଷରୁ ଛାତ୍ର ଶିବିର




**ରେଢ଼ାଖୋଲ, ୧୨।୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଠାରେ ସଙ୍ଘତି ମଣ୍ଡଳର ଛାତ୍ରଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର ବୌଦ୍ଧ ଏବଂ ବରଗଡ଼ ଜିଲ୍ଲାର ୧୯ଟି ଶିକ୍ଷାକେନ୍ଦ୍ରରୁ ୨୪୪ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଏଥିରେ ସଙ୍ଘତି ମଣ୍ଡଳର ସଂଯୋଜକ ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ ଦ୍ୱାରା ମାତୃ ପତାକା ଉତ୍ତୋଳନ କରି ଛାତ୍ର ଶିବିରକୁ ଉଦ୍‌ଘାଟନ କରାଯାଇଥିଲା। ସମ୍ବଲପୁର ଜିଲ୍ଲା ସଂଯୋଜକ ତଥା ନବଜୀବନ ଶିକ୍ଷା ସଂସଦର ସଦସ୍ୟ ଗୋପୀନାଥ ଖିଲାରୀ ଛାତ୍ର ଶିବିରର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଏନ୍ଏସି ଅଧ୍ୟକ୍ଷ ଶିବରାମ ସାହୁ ଯୋଗ ଦେଇଥିଲେ। ପ୍ରମୋଦା ବିଶ୍ୱାଳ ଅନୁଷ୍ଠାନ ସମ୍ବନ୍ଧୀୟ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବରେ ବରଗଡ଼ ଜିଲ୍ଲା ସଂଯୋଜକ ତଥା ନବଜୀବନ ଶିକ୍ଷା ସଂସଦର ସଭାପତି ରାଧାକାନ୍ତ ମିଶ୍ର ଆଲୋଚ୍ୟ ବିଷୟ ଆସ ଶ୍ରୀ ଅରବିନ୍ଦଙ୍କୁ ଜାଣିବା ସମ୍ପର୍କରେ ଶିବିରାର୍ଥୀମାନଙ୍କୁ ଉଦବୋଧନ ଦେଇଥିଲେ। ଶିବିରର ଅନ୍ୟତମ ମୁଖ୍ୟବକ୍ତା ବରଗଡ଼ ଜିଲ୍ଲା ସଂଯୋଜକ ଉପେନ୍ଦ୍ର ମହାପାତ୍ର ଓ ସମ୍ବଲପୁର ଜିଲ୍ଲା ଆବାହକ ଡ଼ ଅରୁଣ କୁମାର ତ୍ରିପାଠୀ ଯୋଗଦେଇ ଥିଲେ। ସଂକ୍ଷିପ୍ତ ସୂଚକ ନବ ସମ୍ପାଦକ ସୁନନ୍ଦ କୁମାର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି

**ସମ୍ବଲପୁର, ୧୨।୧ (ସମିସ) :** ଜିଲ୍ଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇ ଅଧ୍ୟକ୍ଷତା କରିଥିଲେ। ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ, ଅତିରିକ୍ତ ଏସ୍‌ପି ଶଶାଙ୍କ ବିଉରା, ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ସ୍କୁଲ ଓ କଲେଜର ପ୍ରଧାନ ଶିକ୍ଷକ, ସମାଜକର୍ମୀ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧିମାନେ ଉପସ୍ଥିତ ଥିଲେ।



ସାଧାରଣତନ୍ତ୍ର ଦିବସ ଦିନ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଭୋର୍ ୫ଟା ସମୟରେ ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ରାମଧୂନ୍ ପରିବେଷଣ କରାଯିବ। ପରେ ସହରରେ ବିଭିନ୍ନ ସ୍ଥାନରେ ଥିବା ବୀରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ସକାଳ ସାଢ଼େ ୮ଟାରେ ମୁଖ୍ୟଅତିଥି ଜାତୀୟ ପତାକା ଉତ୍ତୋଳନ କରି ସମବେତ ପରେଡରେ ଅଭିବାଦନ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ମୁଖ୍ୟ ଅତିଥି ସମ୍ବଲପୁର ମଣ୍ଡଳ କାରାଗାର, ନାରୀବନ୍ଦି ନିକେତନ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଦୁର୍ଗାପାଲିସ୍ଥିତ ଦୟାମଣି ଜରାନିବାସର ଅନ୍ତେବାସୀଙ୍କୁ ଫଳମୂଳ ତଥା ଶୁଖିଲା ଖାଦ୍ୟ ବଣ୍ଟନ କରିବେ। ଏହାସହ ଓଡ଼ିଶା ସାଂସ୍କୃତିକ ସମାଜ ପ୍ରେକ୍ଷାଳୟରେ 'ଉତ୍ସର୍ଗ' ଅନୁଷ୍ଠାନ ଆନୁକୂଲ୍ୟରେ ହେବାକୁ ଥିବା ରକ୍ତଦାନ ଶିବିରରେ ଯୋଗଦେବେ। ସମସ୍ତ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ଗୁଡ଼ିକରେ ଉକ୍ତ ଦିନ ସକାଳ ୭ଟାରୁ ସାଢ଼େ ୭ଟା ମଧ୍ୟରେ ରାଷ୍ଟ୍ରୀୟ ସଙ୍ଗୀତ ଗାନ ସହ ଜାତୀୟ ପତାକା ଉତ୍ତୋଳନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସମବେତ ପ୍ୟାରେଡ୍‌ରେ ପୁଲିସ ଦଳ ସହିତ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଦଳ ଅଂଶଗ୍ରହଣ କରିବେ। ଏଥିସକାଶେ ଜାନୁଆରୀ ୨୧, ୨୨ ଏବଂ ୨୪ ତାରିଖ ରିଜର୍ଭ ଇନ୍ସପେକ୍ଟରଙ୍କ ତତ୍ତ୍ୱାବଧାନରେ ରିଜର୍ଭ ପୁଲିସ ଗ୍ରାଉଣ୍ଡରେ ପରେଡ ଅଭ୍ୟାସ ଅନୁଷ୍ଠିତ ହେବ। ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହେବ। ସମସ୍ତ ପ୍ରତିଯୋଗିତାର କୃତି ପ୍ରତିଯୋଗୀ, ପରେଡ୍‌ର ଶ୍ରେଷ୍ଠ ବିବେଚିତ ଦଳ ଏବଂ ଅନ୍ୟ କୃତିତ୍ୱ ହାସଲକାରୀ ଦଳଙ୍କୁ ମୁଖ୍ୟ ଉତ୍ସବରେ ପୁରସ୍କାର ପ୍ରଦାନ କରାଯିବ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଞ୍ଜୁକ୍ତା କୁଲୁ ଧନ୍ୟବାଦ ଅର୍ପଣ କରିଥିଲେ।

## ତ୍ରିଦିବସୀୟ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ | ଆଞ୍ଚେଲ ଏକାଡେମୀ ଚାମ୍ପିଅନ

**ସମ୍ବଲପୁର, ୧୨।୧ (ସମିସ)**

ସମ୍ବଲପୁର ଜିଲ୍ଲା ଯୁଯୋମୁରା ବ୍ଲକ ଜୟନ୍ତପୁର ଖେଳପଡ଼ିଆଠାରେ ତ୍ରିଦିବସୀୟ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଜିଲ୍ଲାରୁ ୧୬ଟି ଫୁଟବଲ ଦଳ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍‌ରେ ଏଞ୍ଜେଲ ଏକାଡେମୀ, ସମ୍ବଲପୁର ଓ ସଜିଦ ଇଲେଭେନ୍ ଦଳ ମଧ୍ୟରେ ରୋମାଞ୍ଚକର ମୁକାବିଲା ଦେଖିବାକୁ ମିଳିଥିଲା। ଏଞ୍ଜେଲ ଏକେଡେମୀ ଦଳ ୧-୦ ଗୋଲରେ ବିଜୟୀ ହୋଇ ଚାମ୍ପିନ ହୋଇଥିଲା। ବିଜୟୀ ଦଳକୁ ଟ୍ରଫିସହ ୭୦ ହଜାର ଟଙ୍କା ଓ ରନର୍ସ-ଅପ୍ ଦଳକୁ ଟ୍ରଫି ସହ ୫୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିରୋଧୀ ଦଳ ଉପନେତା ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଯୋଗଦାନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ହୀରାଲାଲ ବେହେରା, ରାଜ୍ୟ ସାଧାରଣ ସମ୍ପାଦକ ମନୋଜ ମହାପାତ୍ର, ଚାଷୀନେତା ରାମ ସାଗର ସାହୁ, ପୂର୍ବତନ ସରପଞ୍ଚ ଗଣେଶ ତାଣ୍ଡିଆ, ବିଜୟ ସ୍ୱାଇଁ, ଆଶୁତୋଷ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ମ୍ୟାଚ୍ ଗୁଡ଼ିକୁ ରେଫରୀ ଭାବେ ସୁବ୍ରତ ପୁରୋହିତ, ବିଜୟ ଓରାମ, ଅରୁଣ, ଲକ୍ଷ୍ମଣ ସେଠ, ଦେବାନନ୍ଦ ମିର୍ଦ୍ଧା, ରାଜାରାମ ଓରାମ, ପରେଶ ପ୍ରଧାନ, ଯତୀନ୍ଦ୍ର ଓରାମ ପ୍ରମୁଖ ପରିଚାଳନା କରିଥିଲେ। ଟୁର୍ଣ୍ଣାମେଣ୍ଟ ଆୟୋଜନରେ ଆଞ୍ଚଳିକ ଯୁବକ ସଂଘ ଡାକଡେରା, ଜୟନ୍ତପୁରର ବୃଷଭାନୁ ମହନ୍ତ, ରାଜକୁମାର ମୁଣ୍ଡା, ଶିବ ସେରୁଏ, ସୁଦାମ ମୁଣ୍ଡା, ଭଗବାନ ଓରାମ ପ୍ରମୁଖ ସହଯୋଗ କରିଥିଲେ।




୭ମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ଓଁ ଗୋବିନ୍ଦ ଚନ୍ଦ୍ର ନାୟକ
କଶବା, ସୋର, ବାଲେଶ୍ୱର
ଆବିର୍ଭାବ: ୧୧.୦୪.୧୯୩୯
ତିରୋଧାନ: ୧୩.୦୧.୨୦୧୯

ବାପା ତୁମେ ଆମ ସୃଷ୍ଟିକର୍ତ୍ତା,
ତୁମେ ମହାନ ଅବିନଶ୍ୱର,
ତୁମେ ଚିର ସ୍ମରଣୀୟ,
ତୁମେ ପ୍ରାତଃ ବନ୍ଦନୀୟ,
ତୁମେ ଶାନ୍ତ ସରଳ, ଚିର ଅନନ୍ତ,
ଦୂରେ ଯାଇନାହଁ ଆମ ଠାରୁ କେବେ,
ବିରାଜିଛ ସଦା ଆମ ହୃଦୟରେ

ବାପା ଚାଁହୁ ଚାଁହୁ ସାତ ବର୍ଷ ବିତିଗଲା, ଭୁଲି ପାରୁନୁ ତୁମକୁ,
ଇତି ମଧ୍ୟରେ ଦୁଇ ମାସ ତଳେ ବଉ ବି ଆମକୁ ଶୋକ ସାଗର ରେ ଭସାଇ ଦେଇ ଚାଲିଗଲା।
ଆଜିର ଏହି ପୁଣ୍ୟ ତିଥିରେ,
ତୁମର ଅନାବିଳ ସ୍ନେହ ଶ୍ରଦ୍ଧା କୁ ପାଥେୟ କରି,
ପରୋପକାରୀତାର ଜୀବନ ଦର୍ଶନକୁ ପାଥେୟ କରି,
ତୁମର ଅମର ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ
ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।

ଶ୍ରଦ୍ଧାଞ୍ଜଳି ସହ
ବାବୁ, ମୁନି, କୁନା, ମୀରା, ବସନ୍ତ, ମନା, ମିଟି, ସୂର୍ଯ୍ୟ, ଚଗୁଲୁ,
ନିନି, ବଣ୍ଟି, ରୁବି, ଶିଆ, ରାଟୀ, କଣ୍ଢେଇ, ମାମା, ସୋମା, ବାବାନ, କାହ୍ନା, ସୁନ୍ଦୁ, ବେବି

# ସାଧୁପାଲି ସ୍କୁଲରେ ଗ୍ରାମବାସୀ ତାଲା ପକାଇଲେ



**ବିଜେପୁର, ୧୨।୧(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅଧୀନ ସାଧୁପାଲି ଗାଁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଙ୍କ ଅନିୟମିତତା ଓ ଅବହେଳା ବିରୋଧରେ ଆଜି ଗ୍ରାମବାସୀ ସ୍କୁଲକୁ ତାଲା ପକାଇ ପ୍ରତିବାଦ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ସ୍କୁଲର ଦୁଇ ଶିକ୍ଷକ ମଦ୍ୟପାନ କରି ବିଳମ୍ବରେ ସ୍କୁଲକୁ ଆସୁଥିବାରୁ ପାଠପଢ଼ାରେ ଅବହେଳା ହେଉଥିବା ଅଭିଯୋଗ ହେଉଛି। ଫଳରେ ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ଭବିଷ୍ୟତ ଉପରେ ଗୁରୁତର ପ୍ରଭାବ ପଡୁଛି। ସମସ୍ୟା ସମ୍ପର୍କରେ ଦୀର୍ଘ ଏକ ବର୍ଷ ଧରି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଓ ମୌଖିକ ଭାବେ ଅବଗତ କରାଯାଇ ଆସୁଥିଲେ ମଧ୍ୟ କୌଣସି ଫଳପ୍ରଦ ପଦକ୍ଷେପ ନିଆଯାଇ ନଥିଲା। ଏହାପରେ ଗ୍ରାମବାସୀ ଆଜି ଏହି ଚରମ ପଦକ୍ଷେପ ନେବାକୁ ବାଧ୍ୟ ହୋଇଛନ୍ତି। ଆଜି ସକାଳେ ସାଧୁପାଲି ଗାଁର ମହିଳା, ଯୁବକ ଓ ବୃଦ୍ଧ ସମସ୍ତେ ଏକତ୍ରିତ ହୋଇ ସ୍କୁଲ ପରିସରରେ ତାଲା ଲଗାଇ ପ୍ରତିବାଦ କରିଥିଲେ। ଏହି ଆନ୍ଦୋଳନରେ ସ୍କୁଲ ଚେୟାରମ୍ୟାନ ସତ୍ୟନାରାୟଣ ସାହୁ, ପ୍ରହଲ୍ଲାଦ ସାହୁ, ପ୍ରସନ୍ନ ସାହୁ, କର୍ଣ୍ଣ ଦୀପ, ପଦ୍ମାବତୀ ସାହୁ, ରାଜୀବ ସାହୁ, ନିରଞ୍ଜନ ସାହୁ, ବୃନ୍ଦା ସାହୁ ଓ ପ୍ରଶାନ୍ତ ସାହୁ, ଶାନ୍ତନୁ ସାହୁ, ବେଣୁଧର ସାହୁ, ଇନ୍ଦ୍ର ସାହୁ, ଘନ ସାହୁ ବାସୁଦେବ ସାହୁ, ନିରଞ୍ଜନ ସାହୁ, ରାଘବ ସାହୁ, କର୍ଣ୍ଣ ଦୀପ, ରାଧାମାଣୀ ସାହୁ, କିଶୋର ସାହୁ ସମେତ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ। ଗ୍ରାମବାସୀମାନେ କହିଛନ୍ତି ଯେ, କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଯାଏ ଆନ୍ଦୋଳନ ଜାରି ରହିବ। ତେଣୁ ଏ ଦିଗରେ ବ୍ଲକ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଟ୍ୟାଗ୍ ଓ ଟୋକନ ସମସ୍ୟାରେ ଚାଷୀ ହନ୍ତସନ୍ତ

## ପଦ୍ମପୁର ଉପଖଣ୍ଡର ବିଭିନ୍ନ ମଣ୍ଡିରେ ପଡ଼ିଛି ୧୧ଲକ୍ଷ ୬ ହଜାର ପ୍ୟାକେଟ ଧାନ

**ପଦ୍ମପୁର/ଦହିତା, ୧୨।୧(ସମିସ)**

ପଦ୍ମପୁର ଉପଖଣ୍ଡରେ ମଣ୍ଡି ଖୋଲିବାର ପ୍ରାୟ ଦେଢ଼ ମାସ ବିତିଯାଇଛି ମାତ୍ର ସମସ୍ତ ଚାଷୀଙ୍କ ପାଖରେ ଟୋକନ ପହଞ୍ଚି ପାରିନାହିଁ। ଯେଉଁ ବି ଚାଷୀଙ୍କ ପାଖକୁ ଟୋକନ ପହଞ୍ଚିଛି ସେମାନେ ମଣ୍ଡିରେ ଧାନ ପକାଇଛନ୍ତି ହେଲେ ମିଲରସ୍‌ଙ୍କ ଧାନ ଉଠାଇବା ପାଇଁ ଟ୍ୟାଗ ନାହିଁ। ମିଲର୍ସ୍ ପାଖକୁ ସରକାରଙ୍କ ଠାରୁ ଯେତିକି ଟ୍ୟାଗ ଧାନ ବିକ୍ରି ପାଇଁ ଆସିବା କଥା ଆସୁନାହିଁ। ସେଥିପାଇଁ ଚାଷୀଙ୍କ ଧାନ ଖୋଲା ଆକାଶରେ ପଡ଼ିରହିଛି। ଏ ସମ୍ପର୍କରେ ସ୍ଥାନୀୟ ପ୍ରଶାସନ ଠାରୁ ଆରମ୍ଭ କରି ଯୋଗାଣ ବିଭାଗ ମଧ୍ୟ ହାତ ଟେକି ଦେଇଥିବା ଚାଷୀ ଅଭିଯୋଗ କରିଛନ୍ତି। ମାତ୍ର ଜିଲ୍ଲା ପ୍ରଶାସନ ଠାରୁ ଯୋଗାଣ ମନ୍ତ୍ରୀ ପର୍ଯ୍ୟନ୍ତ ଧାନ କିଣାବିକା ଠିକ୍ ଠାକ୍ ଚାଲିଥିବା କହୁଛନ୍ତି। ବାସ୍ତବରେ କିନ୍ତୁ ଏବେ ବି ଚାଷୀ ଧାନ ବିକ୍ରି କରିପାରୁ ନାହିଁ। ଗୋଟିଏ ପଟେ କଟନି ଛଟନି ପାଇଁ ଚାଷୀ



ଅସନ୍ତୁଷ୍ଟ ରହୁଥିବା ବେଳେ ଅନେକ ଚାଷୀ ସେମାନଙ୍କ ଟୋକନ ତାରିଖ କେବେ ଆସିବ ଓ ସେମାନେ ମଣ୍ଡିକୁ କେବେ ଧାନ ନେବେ ସେହି ଅପେକ୍ଷାରେ ଶୀତ କାକରରେ ନିଜର ଅମଳ ଧାନକୁ ଧରି ଜଗି ବସିଛନ୍ତି। ଦିନକୁ କେଉଁ ମଣ୍ଡିରେ କେତେ କ୍ୱିଣ୍ଟାଲ ଧାନ କିଣାଯିବ ତାହା ଯୋଗାଣ ବିଭାଗ ସ୍ଥିର କରୁଛି। ଗୋଟିଏ ମଣ୍ଡିକୁ ଦିନକୁ ମାତ୍ର ୧୫୦ରୁ ୨୦୦ କ୍ୱିଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ଦିଆ ହେଉଛି ଯାହାକି ଧାନ ବିକ୍ରିକୁ ମନ୍ଥର କରି ଦେଇଛି। ପଦ୍ମପୁର ବ୍ଲକ ଉପାନ୍ତ ମଣ୍ଡି ଦହିତା, ଦହିଗାଁ, ବୁଡେନ, ଜମଲା, କନସିଂହା ସମେତ ଉପଖଣ୍ଡର ପାଇକମାଲ, ଝାରବନ୍ଧ, ଗାଇସିଲେଟ ଅଞ୍ଚଳର ୯୨ ଗୋଟି ମଣ୍ଡିରେ ଅଚଳାବସ୍ଥା ଦେଖାଯିବା ସହିତ ଧାନ ବିକ୍ରି ହେଉ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ସୋମବାର ଶୁଦ୍ଧା ପଦ୍ମପୁର ଉପଖଣ୍ଡ ୯୨ ମଣ୍ଡିରେ ୧୧ ଲକ୍ଷ ୬ ହଜାର ୭୯୩ ପାକେଟ ଧାନ ପଡ଼ିରହିଥିବା ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକରବି ନାରାୟଣ ପଣ୍ଡା ସୂଚନା ଦେଇଛନ୍ତି। ଧାନ ଉଠାଣ ସମ୍ପର୍କରେ ପଦ୍ମପୁର ଉପଖଣ୍ଡ ସହକାରୀ ଯୋଗାଣ ଅଧିକାରୀ ସନ୍ତୋଷ ପଧାନ, ବ୍ଲକ ଯୋଗାଣ ଅଧିକାରୀ ଶୁଭେନ୍ଦୁ ପାଣିଗ୍ରାହୀଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ କୌଣସି ସନ୍ତୋଷ ଜନକ ଉତ୍ତର ମିଳି ନଥିଲା। ସେହିପରି ଚଳିତ ବର୍ଷ ସବୁଠାରୁ ବଡ ବ୍ୟତିକ୍ରମ ହେଲା ଟୋକନ ସମସ୍ୟା। ଆଜି ପର୍ଯ୍ୟନ୍ତ ମଧ୍ୟ ଚାଷୀଙ୍କ ଟୋକନ ଆସି ନାହିଁ। ଯେଉଁ ଚାଷୀ ମାନଙ୍କ ମଧ୍ୟ ଟୋକନ ଆସିଛି ଧାର୍ଯ୍ୟ ଜମି ପରିମାଣରୁ ବହୁତ କମ ଆସିଛି। ତେଣୁ ଚାଷୀ ସେମାନଙ୍କ ଅମଳ ଧାନ ବାଧ୍ୟ ହୋଇ ଦଲାଲ ହାତରେ ଟେକି ଦେବା ଦେଖାଦେଉଛି।

# ବୁର୍ଦ୍ଦା ଗାଁରେ ଜଳନ୍ଧର ଦରବାର ଉଦ୍‌ଯାପିତ



**ଭେଡେନ, ୧୨।୧(ସମିସ):** ଭେଡେନ ବ୍ଲକ ଅଧୀନ ବକଟି ଗାଁ ପଞ୍ଚାୟତ ସ୍ଥିତ ବୁର୍ଦ୍ଦା ହାଇସ୍କୁଲ ଖେଳ ପଡ଼ିଆ ଠାରେ ଜାତୀୟ ସଡକ ସୁରକ୍ଷା ମାସ ଅବସରରେ ଜନସାଧାରଣଙ୍କୁ ସଚେତନତା କରିବା ପାଇଁ ୩ ଦିନ ଧରି ହୋଇଥିବା ଜଳନ୍ଧର ଦରବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିନରେ ସିନ୍ଧୁ ପ୍ରଦେଶର ମହାରାଜା ଜଳନ୍ଧର ସ୍ୱର୍ଗ ପୁରକୁ ଆକ୍ରମଣ ଏବଂ ଦେବଗଣଙ୍କୁ ପରାସ୍ତ କରିଥିଲେ। ଦ୍ୱିତୀୟ ଦିନରେ ମହାରାଜା ବୃନ୍ଦାବତୀଙ୍କୁ ବିବାହ କରିଥିଲେ। ଦେବଗଣ ମାନେ ବିଷ୍ଣୁଙ୍କ ଶରଣାପନ୍ନ ହେଲେ। ତୃତୀୟ ଦିନରେ ବିଷ୍ଣୁ ବୃନ୍ଦାବତୀଙ୍କ ସତୀତ୍ୱ ହରଣ ଏବଂ ଶିବଙ୍କ ଅସ୍ତ୍ରରେ ଜଳନ୍ଦର ବଧ ଦୃଶ୍ୟ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ପ୍ରଥମ ଦିନରେ ଅତିଥି ଭାବେ ବୁର୍ଦ୍ଦା ଗାଁର ସରକାରୀ ଶିକ୍ଷକ ପ୍ରାଣବନ୍ଧୁ ନାଗ ଓ ଭେଡେନ ବ୍ଲକ ଜୟଭୀମ ସଂଘର ସଭାପତି ହିମାଂଶୁ ଭୋସାଗର, ଦ୍ୱିତୀୟ ଦିନରେ ଭେଡେନ ଥାନାର ଏଏସାଇ ପ୍ରଫୁଲ୍ଲ ପାଣିଗ୍ରାହୀ ଯୋଗଦାନ କରିଥିଲେ। ଉଦ୍‌ଯାପନି ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବନଖଣ୍ଡ ସଂଘର ସଭାପତି ଜେମସ ରନବିଡା ଯୋଗଦାନ ଗ୍ରହଣ କରିଥିଲେ। ଜଳନ୍ଧର ଭୂମିକାରେ ବରିଷ୍ଠ ମଞ୍ଚ କଳାକାର ହିରାଲାଲ ବଡ଼େଇ ଜଳନ୍ଧର ଭୂମିକାରେ ଅଭିନୟ କରୁଥିବା ବେଳେ ରାହୁ ଶ୍ୟାମ ପୋଡ, ଶୁକ୍ରାଚାର୍ଯ୍ୟ ଜପ ଅଦାବର ଏବଂ ବିଭିନ୍ନ କଳାକାର ମାନେ ବିଭିନ୍ନ ଅଭିନୟ କରି ଦର୍ଶକଙ୍କ ମନକୁ ମୁଗ୍ଧ କରିଥିଲେ। ପଦ୍ମଲୋଚନ ଭୋସାଗର ଗଣେଶ ଛୁରିଆ, ହିରୋ, ଦିନ, ସୁଜୟ, ବିଲୁ, ସଞ୍ଜନ, ଭୁବନ, ବିଜୁ, ସୁପାଲ, ଶୁଶାନ୍ତ, ଶଚିଦା ସମେତ ବୁର୍ଦ୍ଦା ଗ୍ରାମବାସୀ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି

**ବରଗଡ଼, ୧୨।୧(ସମିସ):** ବରଗଡ଼ ଜିଲ୍ଲା ସଦର ମହକୁମାଠାରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ୨୦୨୬କୁ ସୁନ୍ଦର ତଥା ମହାସମାରୋହରେ ପାଳନ କରିବା ନିମନ୍ତେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ ଲୁହା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା, ଅତିରିକ୍ତ ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ପଣ୍ଡା, କାର୍ଯ୍ୟ ନିର୍ବାହୀ ଅଧିକାରୀ ବରଗଡ଼ ପୌରପରିଷଦ, ଆର୍ ଆଇ ରିଜର୍ଭ ପୁଲିସ ଶ୍ରୀ ପଧାନୀ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପୂର୍ତ୍ତ ବିଭାଗ ଅରୁଣ ପାଣ୍ଡେ ପ୍ରମୁଖ ଉଚ୍ଚ ଅଧିକାରୀ ଯୋଗ ଦେଇକରିଥିଲେ। ପ୍ରସ୍ତାବିତ କାର୍ଯ୍ୟକ୍ରମ ଗୁଡିକ ମଧ୍ୟରେ ସକାଳ ୪.୩୦ମିରୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ରାମଧୂନ ବଜାଇ ସହର ପରିକ୍ରମା କରାଯିବା ସହ ସହରରେ ଥିବା ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଗୁଡିକରେ ମାଲ୍ୟାର୍ପଣ କରାଯିବା ପାଇଁ ପାଇ ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସମସ୍ତ ଶିକ୍ଷାନୁଷ୍ଠାନ ଗୁଡିକର ଛାତ୍ରଛାତ୍ରୀଙ୍କୁ ନେଇ ବକ୍ତୃତା, ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ଦେଶାତ୍ମବୋଧକ ସଙ୍ଗୀତ ଆଦି ପ୍ରତିଯୋଗିତା ଆୟୋଜନ କରାଯିବା ପାଇଁ ସ୍ଥିରୀକୃତ ହୋଇଛି। ଏଥି ସହିତ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସହ ଯୋଗ୍ୟ ତଥା ଗୌରବାନ୍ୱିତ ହୋଇଥିବା ବ୍ୟକ୍ତିବିଶେଷଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଉତ୍ସବରେ ସମ୍ମାନିତ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଗଲା। ବୈଠକରେ ବିଭିନ୍ନ ଶିକ୍ଷାନୁଷ୍ଠାନ ତଥା ଅନ୍ୟାନ୍ୟ ଅନୁଷ୍ଠାନ, କ୍ଲବ୍, ଓକିଲ ସଂଘ, ନାଗରିକ କମିଟିର ବିଭିନ୍ନ ସଦସ୍ୟଙ୍କ ସମେତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟର ଅଧିକାରୀମାନେ ମତାମତ ପ୍ରଦାନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା ସମସ୍ତଙ୍କ ସହଯୋଗ କାମନା କରିବା ସହ ସଭା ପରିଚାଳନା କରିଥିଲେ। ଶେଷରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ ଲୁହା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବୁଦ୍ଧଦେବ ମହାବିଦ୍ୟାଳୟ ଦହିତାର ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ

**ଦହିତା, ୧୨।୧(ସମିସ):** ବରଗଡ଼ ଜିଲ୍ଲା ପଦ୍ମପୁର ନିକଟସ୍ଥ ବୁଦ୍ଧଦେବ ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦହିତାର ରୌପ୍ୟ ଜୟନ୍ତୀ ସମାରୋହରର ଉଦ୍‌ଯାପନୀ ଦିବସରେ କେନ୍ଦ୍ରାପଡ଼ା



ସାଂସଦ ତଥା ବିଜେପି ଉପସଭାପତି ବୈଜୟନ୍ତ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ମହାବିଦ୍ୟାଳୟ ଖେଳ ପଡ଼ିଆରେ ନିର୍ମିତ ଅସ୍ଥାୟୀ ହେଲି ପ୍ୟାଡରେ ଶ୍ରୀ ପଣ୍ଡା ହେଲିକପ୍ଟରରେ ଓହ୍ଲାଇଥିଲେ। ମାଟି ମାଁର ମହକ ସହିତ ଦେଶପ୍ରେମର ପବିତ୍ର ମନ୍ତ୍ରରେ ଯୁବ ସମାଜ ଉଦବୁଦ୍ଧ ହୋଇ ଶିକ୍ଷା ଆହରଣ କଲେ ସମୃଦ୍ଧ ସମାଜ ଗଠିତ ହୋଇପାରିବ ବୋଲି ବକ୍ତବ୍ୟରେ ସେ କହିଥିଲେ। ନିଷ୍ଠା, ଦୃଢ଼ ମନୋବଳ ଓ ଆତ୍ମବିଶ୍ୱାସ ଛାତ୍ରଛାତ୍ରୀଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇବ ବୋଲି ସମ୍ମାନିତ ଅତିଥି ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ମତବ୍ୟକ୍ତ କରିଥିଲେ। ସେହିପରି ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜେଶ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାର ପ୍ରାରମ୍ଭରେ ରୌପ୍ୟ ଜୟନ୍ତୀ କମିଟି ସଦସ୍ୟ ସରୋଜ ପାଣିଗ୍ରାହୀ ସ୍ୱାଗତ ଭାଷଣ ଏବଂ ଆବାହକ ଅଧ୍ୟାପକ ସୁଶାନ୍ତ ମିଶ୍ର ସଭା ପରିଚାଳନା କରିଥିଲେ। ମହାବିଦ୍ୟାଳୟ କର୍ମଚାରୀ, ନେତାଜୀ କ୍ଲବ୍ ଦହିତା, ଟାଉନ କ୍ଲବ୍ ପଦ୍ମପୁର, ସଙ୍ଗୀତଜ୍ଞ ସୁରେନ୍ଦ୍ର ସାହୁ, ଜମିଦାତା, ଶୁଭେଚ୍ଛୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଲମ୍ବୋଦର ତାଣ୍ଡି ଓ ପୂର୍ବତନ ଛାତ୍ରଙ୍କ ପରିଚାଳନାରେ ଆୟୋଜିତ ଦ୍ୱିତୀୟ ଅଧିବେସନରେ ବିଗତ ୨୫ ବ୍ୟାଞ୍ଚର ଟପର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟାରେ ରୌପ୍ୟ ଜୟନ୍ତୀର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧିବେଶନରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିଷ୍ଠାତା ସଦସ୍ୟ ବୁଦ୍ଧଦେବ ମେହେର, ବୃନ୍ଦାବନ ମେହେର, ମକରଧ୍ୱଜ ବଗାର ପ୍ରମୁଖ ଉପସ୍ଥିତ ଥିଲେ। ଶେଷ ପର୍ଯ୍ୟାୟରେ ସଂଗାମାପା କଳା ପରିଷଦ ବଲାଙ୍ଗିର ଘୁଡୁକା ନୃତ୍ୟ, ଛୁମୁକୁ ଛୁମା କଳାପରିସଦ ଭେଡେନର ଡାଳଖାଇ ନୃତ୍ୟ, କୁମ୍ଭାରୀର ଶବ୍ଦ ନୃତ୍ୟ, ଛାତ୍ରଛାତ୍ରୀଙ୍କ ଗୀତ ନୃତ୍ୟ ସମେତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଆସ ସ୍କୁଲ ଯିବା ଅଭିଯାନ ଆନୁକୂଲ୍ୟରେ ମେଗା ନାମଲେଖା ଶିବିର



**ଝାରବନ୍ଧ, ୧୨।୧(ସମିସ):** ଝାରବନ୍ଧ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ତରଫରୁ ଆସ ସ୍କୁଲ ଯିବା ଅଭିଯାନର ଆନୁକୂଲ୍ୟରେ ଝାରବନ୍ଧ ପଞ୍ଚାୟତ ହାଇସ୍କୁଲ ପରିସରରେ ଏକ ମେଗା ନାମଲେଖା ଶିବିର ଏବଂ ମାର୍ଗଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ବ୍ଲକ ଶିକ୍ଷା ଅଧିକାରୀ ଶୁଭମ ପତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଶିବିରରେ ବିଡିଓ ପର୍ଶୁରାମ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ ବେହେରା, ଏବିଇଓ ବିଶିକେଶନ ଶତପଥୀ, ଏସଏମଡିସି ସଭ୍ୟ ତଥା କନ୍ଦାଡଙ୍ଗର ପଞ୍ଚାୟତ ସରପଞ୍ଚ ସୁନୀଲ ରାୟ, ପ୍ରଧାନଶିକ୍ଷକ ଦୟାନିଧି ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅଧାରୁ ପାଠ ଛାଡିଥିବା ଛାତ୍ରଛାତ୍ରୀଙ୍କୁ ପୁନର୍ବାର ଶିକ୍ଷାର ମୂଳଧାରାରେ ଫେରାଇବା ସହ ସମାଜ ଗଠନରେ ଶିକ୍ଷାର ଗୁରୁତ୍ୱ ଓ ଆବଶ୍ୟକତା ବିଷୟରେ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଶିବିରରେ ଏସଆଇଓଏସ୍ ୩୧ ଜଣ ଏବଂ ଏନଆଇଓଏସରେ ୨୫ ଜଣ; ଏହିପରି ମୋଟ ୫୬ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିବା ଜଣାପଡ଼ିଛି। ଏହି ଅବସରରେ ସିଆରସିସି ଦିବସ ସାହୁ, ପୁରନ୍ଦର କୁମ୍ଭାର, ନିଳମ୍ବର ସାହୁ, କରୁଣା କର ପ୍ରଧାନ, ବିଷ୍ଣୁ ଚରଣ ସାହୁ, ଗୋପାଳ ହରିଜନ, ଅକ୍ରୁର ସାହୁ, ରାଜେନ୍ଦ୍ର ମହାକୁର, ଜଗଦୀଶ ସେଠଙ୍କ ସହ ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସହଯୋଗ କରି ଶିବିରକୁ ସଫଳ କରିଥିଲେ। କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ଶିକ୍ଷୟିତ୍ରୀ ଅନୁପମା ପ୍ରଧାନ କରିଥିଲେ। ଏହାସହିତ ଯୁବ ଦିବସ ପାଳନ ହୋଇ ବନ୍ଦେ ମାତରଂ ଗୀତ ଗାନ କରିଥିଲେ।

## ଦ୍ୱିତୀୟ ଚିଫ୍ ମିନିଷ୍ଟର ଟ୍ରଫି

# ୧୩ରୁ ଜିଲ୍ଲା ଜୁନିୟର ଫୁଟବଲ ଖେଳାଳି ଚୟନ

**ବରଗଡ଼, ୧୨।୧(ସମିସ):** ଗତବର୍ଷ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଓ ଫୁଟବଲ ଆସୋସିଏସନ୍ ଅଫ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଚିଫ୍ ମିନିଷ୍ଟର ଟ୍ରଫି ଫୁଟବଲ ଟ୍ରଫିର ଦ୍ୱିତୀୟ ସଂସ୍କରଣ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ବରଗଡ଼ ଜିଲ୍ଲାର ଜୁନିୟର ଖେଳାଳି ମାନଙ୍କ ଚୟନ ଆସନ୍ତା ୧୩ ତାରିଖ ମଙ୍ଗଳବାର ଦିନ ବରଗଡ଼ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଇଚ୍ଛୁକ ଖେଳାଳି ଯାହାଙ୍କ ଜନ୍ମ ୨୦୧୨ରୁ ୨୦୧୪ ଭିତରେ ହୋଇଥିବ ସେମାନଙ୍କ ପଞ୍ଜୀକରଣ ଆରମ୍ଭ ହେବ। ଏଥିରେ ଭାଗ ନେବାକୁ ଇଚ୍ଛୁକ ଥିବା ଖେଳାଳି ମାନେ ନିଜର ଆଧାରକାର୍ଡ ଓ ଅରିଜିନାଲ ବୟସ ପ୍ରମାଣ ପାତ୍ର ନେଇ ଉକ୍ତ ଦିନ ଅପରାହ୍ଣ ୩ ଘଣ୍ଟା ସମୟରେ ଷ୍ଟାଡିୟମ୍ ଠାରେ ଉପସ୍ଥିତ ରହିବାକୁ ଜିଲ୍ଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ କିଶୋର ମିଶ୍ର ଓ ଫୁଟବଲ ସମ୍ପାଦକ ସେକ ସବଦର ଜଣାଇଛନ୍ତି।

# ବୁଢ଼ାରଜା କପ୍ କ୍ରିକେଟ୍ ଉଦ୍‌ଯାପିତ: କନସିଂହା ଚାମ୍ପିଅନ

**ପଦ୍ମପୁର, ୧୨।୧(ସମିସ):** ପଦ୍ମପୁର ନିକଟସ୍ଥ ବରିହାପାଲି ଠାରେ ଚାଲିଥିବା ୧୧ତମ ବୁଢ଼ାରଜା କପ୍ କ୍ରିକେଟ୍ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ



ମ୍ୟାଚ୍‌ରେ କନସିଂହା ଦଳ ଗନିଆଁପାଲି ଦଳକୁ ହରାଇ ଚାମ୍ପିଅନ ହୋଇଛି। ମ୍ୟାଚ୍ ପରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରରେ ମୁଖ୍ୟ ଅତିଥି ରୂପେ ସରପଞ୍ଚ ନିରୋଦ ରଞ୍ଜନ ସାହୁ ଓ ସମ୍ମାନିତ ଅତିଥି ରୂପେ ରବିଶଙ୍କର ପ୍ରଧାନ, ସୁଦାମ ପ୍ରଧାନ, ଜୟଚନ୍ଦ୍ର ବାରିକ, ଚୁଡାମଣି ପଧାନ, ଶେଷଦେବ ସାହୁ, ଭୀଷ୍ମଦେବ ମାଝୀ, ଅର୍ଜୁନ ମାଝୀ ଓ ଭେଙ୍କୁଲାଲ ପ୍ରଧାନ ଯୋଗ ଦେଇ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ସହ ନଗଦ ପୁରସ୍କାର ପ୍ରଦାନ କରିଥିଲେ। କନସିଂହା ଦଳର ମାନସଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ଗନିଆଁପାଲି ଦଳର ମୁନାଙ୍କୁ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା। ରତନ, ଗିରିରାଜ ଓ ମତିଲାଲ ଅମ୍ପ୍ୟାରିଂ ଏବଂ ରୁପେଶ, ନିରୁପ ଓ ନିତୀଶ ସ୍କୋରିଂ ଦାୟିତ୍ୱ ତୁଲାଇଥିଲେ। ଆନନ୍ଦ ଓ ଦିଲୀପ ଧାରା ବିବରଣୀ ପ୍ରଦାନ କରିଥିଲେ। ଦେବାନନ୍ଦ, ପ୍ରଦୀପ, ସୁରଜ, ମୁକେଶ, ରୋଶନ, ପରେଶ, ରଞ୍ଜନ, ସମ୍ବିତ ଓ ବିସିସିର ଅନ୍ୟ ସଦସ୍ୟ ମାନେ ସହଯୋଗ କରିଥିଲେ। ଶେଷର ଯୁବରାଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବରଗଡ଼ରେ ରାଜ୍ୟ ମହିଳା ଚେସ୍ ଉଦ୍‌ଯାପିତ

**ବରଗଡ଼, ୧୨।୧(ସମିସ)**

ବରଗଡ଼ ଇମ୍ପେରିଆଲ କଲେଜ ପରିସରରେ ଗତ ୧୦ ଓ ୧୧ ତାରିଖରେ ଜିଲ୍ଲା ଚେସ ଆସୋସିଏସନ ଆନୁକୂଲ୍ୟରେ ଅନୁଷ୍ଠିତ ଓଡ଼ିଶା ମହିଳା ଓପନ ଚେସ ପ୍ରତିଯୋଗିତା ଉଦ୍‌ଯାପିତ ହୋଇ ଯାଇଛି। ଟୁର୍ଣ୍ଣାମେଣ୍ଟରେ କମନୱେଲଥ ସ୍ୱର୍ଣ୍ଣ ପଦକ ବିଜୟିନୀ ସ୍ମାରକୀ ମହାନ୍ତିଙ୍କ ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାର ୪୦ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ସମୁଦାୟ ୭ରାଉଣ୍ଡ ଖେଳରୁ ୬.୫ ପଏଣ୍ଟ ଅର୍ଜନ କରି କଟକର ଶ୍ରଦ୍ଧା ସ୍ମରଣିକା ନନ୍ଦ ଚାମ୍ପିଅନ ଟ୍ରଫି ସହ ୧୦ ହଜାର ଟଙ୍କାର ପୁରସ୍କାରରାଶି ଲାଭ କରିଥିଲେ। ଗଞ୍ଜାମର ପଦ୍ମିନୀ ପାଣିଗ୍ରାହୀ ସମାନ ପଏଣ୍ଟ ପାଇଥିଲେ ହେଁ ଟାଏ ବ୍ରେକର ନିୟମାନୁସାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ୭ ହଜାର ଟଙ୍କାର ପୁରସ୍କାର ତଥା ଟ୍ରଫି ଗ୍ରହଣ କରିଥିଲେ। ପ୍ରଥମ ସିଡ ଖେଳାଳି କେନ୍ଦ୍ରାପଡ଼ାର ସ୍ମାରକୀ ମହାନ୍ତି ୬ ପଏଣ୍ଟ ପାଇ ତୃତୀୟ ପୁରସ୍କାର ୫ ହଜାର ଟଙ୍କା ଏବଂ ଟ୍ରଫି ପାଇଥିଲେ। ସେହିପରି ୫ ପଏଣ୍ଟ ଲେଖାଏଁ ପାଇ ବଲାଙ୍ଗିରର ବସୁନ୍ଧରା ପଣ୍ଡା ଚତୁର୍ଥ ସ୍ଥାନର ଟ୍ରଫି ସହ ୩ ହଜାର ଟଙ୍କା, କୋରାପୁଟର ସ୍ମିତିପ୍ରଜ୍ଞା ସ୍ୱାଇଁ ପଞ୍ଚମ ସ୍ଥାନର ଟ୍ରଫି ସହ ୨ ହଜାର ଟଙ୍କା ଏବଂ କଳାହାଣ୍ଡିର ଯଶୋଗଣ୍ୟା ସାହୁ ଷଷ୍ଠ ସ୍ଥାନର ଟ୍ରଫି ସହ ଏକ ହଜାର ଟଙ୍କାର ପୁରସ୍କାର ଲାଭ କରିଥିଲେ। ପ୍ରତ୍ୟେକେ ୪.୫ ପଏଣ୍ଟ ପାଇ ସପ୍ତମରୁ ଦଶମ



ସ୍ଥାନର ଟ୍ରଫି ସହ ଏକ ହଜାର ଟଙ୍କା ଲେଖାଏଁ ପୁରସ୍କାର ଲାଭ କରିଥିଲେ ବରଗଡ଼ର ବିଷ୍ଣୁପ୍ରିୟା ପ୍ରଧାନ, ଶିବାଂଶୀ ମହାପାତ୍ର, ଶ୍ରାବଣୀ ସାହୁ ଓ ଅଞ୍ଜନା ମହାପାତ୍ର। ଏଗାର ବର୍ଷରୁ କମ ବୟସ ବର୍ଗରେ ସୁନ୍ଦରଗଡ଼ର ଅରାତ୍ରିକା ଅନୁପ୍ରିୟା ଏବଂ ତେର ବର୍ଷ ବୟସ ବର୍ଗରେ ବରଗଡ଼ର ଆରାଧ୍ୟା ଅଗ୍ରୱାଲ ୪ ପଏଣ୍ଟ ଲେଖାଏଁ ପାଇ ପ୍ରଥମ ସ୍ଥାନ ପାଇ ଟ୍ରଫି ସହ ଏକ ହଜାର ଟଙ୍କାର ପୁରସ୍କାର ଲାଭ କରିଥିଲେ। ସ୍ଥାନୀୟ ଖେଳାଳି ମାନଙ୍କ ମଧ୍ୟରେ ମୀମାଂସା ଶର୍ମା, ରଶ୍ମିରେଖା ମେହେର ଓ ଅନନ୍ୟା ବିଶ୍ୱାଳ ୪ ପଏଣ୍ଟ ଲେଖାଏଁ ଅର୍ଜନ କରି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସୂଚନାଯୋଗ୍ୟ ଯେ ଏ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଖେଳାଳିଙ୍କୁ ପଦକ ପ୍ରଦାନ କରାଯାଇଥିଲା। ଗତ ୧୦ ତାରିଖ ଦିନ ଇମ୍ପେରିଆଲ କଲେଜର ମୁଖ୍ୟ ଦିପକ ଅଗ୍ରୱାଲଙ୍କ ପୌରୋହିତରେ ଅନୁଷ୍ଠିତ ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ପ୍ରତିଯୋଗିତାର ଉଦ୍‌ଘାଟନ କରିଥିବା ବେଳେ ୧୧ ତାରିଖ ଦିନ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଶ୍ୟାମ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଚେସ

**କଟକର ଶ୍ରଦ୍ଧା ସ୍ମରଣିକା ଚାମ୍ପିଅନ**

ଆସୋସିଏସନର ସଭାପତି ଅରୁଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ପରିଚାଳିତ ପ୍ରତିଯୋଗିତାରେ ସୁନିଲ ପୁରୋହିତ, ସୁରେଶ ପରିଡ଼ା, ସୁନୀଲ ସିଂ, ତ୍ରପ ଦୁଆନ ପ୍ରମୁଖ ଅକ୍ଳାନ୍ତ ସହଯୋଗ କରିଥିଲେ। ଜିଲ୍ଲା ଚେସ ଆସୋସିଏସନର ସମ୍ପାଦକ କେଶରଞ୍ଜନ ପ୍ରଧାନ ଟୁର୍ଣ୍ଣାମେଣ୍ଟର ଡିରେକ୍ଟର ଥିବା ବେଳେ ଆନ୍ତର୍ଜାତିକ ଆର୍ବିଟର ଭବେଶ ମହାନ୍ତି ପ୍ରତିଯୋଗିତାର ସଞ୍ଚାଳନ କରିଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ଖେଳାଳି ଓ ସେମାନଙ୍କ ଅଭିଭାବକମାନେ ବରଗଡ଼ର ଆତିଥ୍ୟର ଭୂୟସୀ ପ୍ରଶଂସା କରିଥିଲେ।

## ସର୍ବଭାରତୀୟ ବୋଡାସମ୍ବର କପ୍

# ପାଟନାକୁ ହରାଇ ରାୟପୁର ସେମିରେ

**ପଦ୍ମପୁର, ୧୨।୧(ସମିସ):** ସ୍ଥାନୀୟ ଆର୍‌ବି ହାଇସ୍କୁଲ ପଡ଼ିଆରେ ଆରମ୍ଭ ହୋଇଥିବା ୩୦ତମ ସର୍ବଭାରତୀୟ ବୋଡାସମ୍ବର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସରେ କ୍ୟୁସିଆଇ ରାୟପୁର ଓ ଷ୍ଟାର ଏକ୍ସଆଇ ପାଟନା



(ବିହାର) ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଯାଇଛି। ରାୟପୁର ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୨୭ ଓଭରରେ ସମସ୍ତ ୱିକେଟ୍ ହରାଇ ୧୪୬ ରନ୍ ସଂଗ୍ରହ କରିଥିଲା। ଜବାବରେ ପାଟନା ଦଳ ୨୫ ଓଭରରେ ସମସ୍ତ ୱିକେଟ୍ ହରାଇ ୧୨୬ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା। ଫଳରେ ରାୟପୁର ଦଳ ସେମିରେ ପ୍ରବେଶ କରିଛି। ରାୟପୁର ଦଳର ନୀତିନ ୪୮ ବଲରେ ୪୦ ରନ୍, ଏବଂ ୫.୧ ଓଭର ବିନିମୟରେ ୨୨ରନ୍ ପ୍ରଦାନ କରି ୩ ୱିକେଟ୍ ସଂଗ୍ରହ କରିଥିଲେ। ସେହିପରି ପାଟନା ଦଳର ଆୟୁଷ ୨୫ ବଲରେ ୨୮ ରନ ସଂଗ୍ରହ କରିଥିଲେ। ପୁରସ୍କାର ବିତରଣୀ ସମାରୋହରେ ବୋଡାସମ୍ବର ଟ୍ରକ୍ ମାଲିକ ସଂଘ ସମ୍ପାଦକ ହେମନ୍ତ ପଟ୍ଟନାୟକ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ବବଲୁ ସିଂ କାର୍ଯ୍ୟକାରୀ ସଦସ୍ୟ, କ୍ଲବ୍‌ର ବରିଷ୍ଠ ସଦସ୍ୟ ଚିନ୍ମୟ ପାଣିଗ୍ରାହୀ, ସହ ସମ୍ପାଦକ ସରଜୁ ପଟ୍ଟନାୟକ, ଉପସଭାପତି ଅବଦୁର ରେହେମନ୍ ଖାନ୍ ଯୋଗଦେଇ ରାୟପୁର ଦଳର ନୀତିନଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଟ୍ରଫି ସହ ନଗଦରାଶି ପ୍ରଦାନ କରିଥିଲେ। ଆଜିର ମ୍ୟାଚ୍‌କୁ ଚୂଡାମଣି ପାଢ଼ୀ ଓ ପୃଥ୍ୱୀରାଜ ମିଶ୍ର ପରିଚାଳନା କରିଥିବା ବେଳେ ରିଙ୍କୁ ବରିହା, ଅମରେଶ ବେହେରା ସ୍କୋରର, ରୋହିଣୀ ପାଣ୍ଡେ ଓ ବିକାଶ କୁମ୍ଭାର ଉଦ୍‌ଘୋଷକ ଦାୟିତ୍ୱ ତୁଲାଇଥିଲେ। ଆସନ୍ତାକାଲି ସେମିଫାଇନାଲ ମ୍ୟାଚ୍ ଆର୍‌ୱାଇସିସି ରାଉରକେଲା ଓ ରାୟପୁର ଦଳ ମଧ୍ୟରେ ଅନୁଷ୍ଠିତ ହେବ।

# ‘ସ୍କ୍ରିନ୍ ଟାଇମ୍‌ରୁ ଗ୍ରୀନ୍ ଟାଇମ୍’ ପୋଷ୍ଟର ଉନ୍ମୋଚିତ



**ଭବାନୀପାଟଣା, ୧୨ା୧(ସମିସ):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, କଳାହାଣ୍ଡି ଦ୍ୱାରା ସ୍ଥାନୀୟ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣରେ ରାଷ୍ଟ୍ରୀୟ ଯୁବ ଦିବସ ଅବସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ରାଜ୍ୟ ସମ୍ପାଦକ ସ୍ୱେତାଂଶୁ ଶେଖର ବରାଇଙ୍କ ଉପସ୍ଥିତି କ୍ରମେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ନୂତନ ରାଷ୍ଟ୍ରୀୟ ଅଭିଯାନ’ ସ୍କ୍ରିନ୍ ଟାଇମ୍ ରୁ ଗ୍ରୀନ୍ ଟାଇମ୍ ଅଭିଯାନର ପୋଷ୍ଟର ଉନ୍ମୋଚନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସହ ପ୍ରମୁଖ ଅମିୟ ଜ୍ୟୋତି ଜେନା, ବିଭାଗ ସଂଯୋଜକ ଚୁଡ଼ାମଣି ପ୍ରଧାନ, ନଗର ସମ୍ପାଦକ ଭୋଜରାଜ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଛନ୍ଦାଚରଣ ବେହେରା, ବିଦ୍ୟାଧର ଭୋଇ, ହେମନ୍ତ ନାୟକ, ମହେଶ ତାଣ୍ଡି, ଧନୀ ହିଆଲ, ତପନ ଗହିର, ଅଭୟ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋଲାମୁଣ୍ଡାରେ ବନ୍ଦେ ମାତରମ୍ କାର୍ଯ୍ୟକ୍ରମ

**ଗୋଲାମୁଣ୍ଡା, ୧୨ା୧ (ସମିସ):** ବନ୍ଦେ ମାତରମ୍‌ର ୧୫୦ବର୍ଷ ପୂର୍ତ୍ତି ଅବସରରେ ତଥା ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଜାତୀୟ ଯୁବ ଦିବସ ଗୋଲାମୁଣ୍ଡା ବ୍ଲକ ସ୍ଥିତ ଶିବାଜୀ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଛି। ୧୮୭୫ ମସିହାରେ ବଙ୍କିମଚନ୍ଦ୍ର ଚାଟାର୍ଜୀ ଏହାକୁ ରଚନା କରିଥିଲେ। ଏହି ରାଷ୍ଟ୍ରଗୀତ ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନରେ ସମସ୍ତଙ୍କ ପାଇଁ ଉତ୍ସାହ ଓ ପ୍ରେରଣାର ଗୀତ ଥିଲା। ତେବେ ଏହି ଗୀତର ୧୫୦ବର୍ଷ ପୂର୍ତ୍ତି ଅବସରରେ ଆଜି ଗୋଲାମୁଣ୍ଡା ବ୍ଲକର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶହଶହ ଛାତ୍ରଛାତ୍ରୀଙ୍କୁ ନେଇ ଗୋଲାମୁଣ୍ଡା ବ୍ଲକ ପ୍ରଶାସନ ତରଫରୁ ଏହି କାର୍ଯ୍ୟକ୍ରମ ପାଳନ କରାଯାଇଛି। ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ବିଡିଓ ତ୍ରିପୁର ମହାନନ୍ଦ, ତହସିଲଦାର ଚନ୍ଦନ କୁମାର ନାୟକ, ଏବିଡିଓ ବିଜୟ କୁମାର ନାୟକ, ବିଇଓ ରାଜେଶ କୁମାର ନାୟକ ପ୍ରମୁଖ ଯୋଗଦେଇ ଥିଲେ।



## ବିକାଶ କାର୍ଯ୍ୟର ସମୀକ୍ଷା କଲେ ଉନ୍ନୟନ କମିସନର

# ଲକ୍ଷାଧିକ ଟଙ୍କାର କାର୍ଯ୍ୟକ୍ରମ, କାମ ନଦେଖି କେବଳ ସମୀକ୍ଷା

**ନୂଆପଡ଼ା, ୧୨ା୧(ସମିସ)**

ନୂଆପଡ଼ା ଜିଲ୍ଲାର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ବିକାଶ କାର୍ଯ୍ୟ ସବୁର ସମୀକ୍ଷା କରିବା ପାଇଁ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ ଆଜି ନୂଆପଡ଼ା ଜିଲ୍ଲା ଗସ୍ତ କରିଥିଲେ। ସ୍ଥାନୀୟ ଗୋତମା ଏୟାରଷ୍ଟ୍ରିପ୍‌ରେ ଅବତରଣ ପରେ ସେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକରେ ଯୋଗଦାନ କରିଥିଲେ। ଏହି ବୈଠକରେ ଜିଲ୍ଲାପାଳ ମଧୁସୂଦନ ଦାଶ, ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଜୟ ଢୋଲକିଆ, ଜଳ ସମ୍ପଦ ବିଭାଗ ପ୍ରମୁଖ ସଚିବ ଶୁଭା ଶର୍ମା, ଡିଆଇଜି ଦକ୍ଷିଣ ପଶ୍ଚିମାଞ୍ଚଳ କୁଅଁର ବିଶାଲ ସିଂ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂ, ସାଂସଦଙ୍କ ପ୍ରତିନିଧି ଆଇନଜୀବୀ ପ୍ରସନ୍ନ ପାଢ଼ୀ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦାନ କରିଥିଲେ। ଏହି ଅବସରରେ ଉନ୍ନୟନ କମିଶନର କହିଲେ ଯେ ନୂଆପଡ଼ା ଯେହେତୁ ଏକ ଉପାନ୍ତ ଜିଲ୍ଲା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚାହୁଁଛନ୍ତି ଏହାର ସର୍ବାଙ୍ଗୀନ ବିକାଶ ହେଉ। ଏହା ଦେଶ ତଥା ରାଜ୍ୟରେ ଏକ ଆଦର୍ଶ ଜିଲ୍ଲା ହିସାବରେ ପରିଗଣିତ ହେଉ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅନୁଦାନ ପ୍ରଦାନ କରିଥିବା ୧୫୫୫ କୋଟି ଟଙ୍କାର ପ୍ରକଳ୍ପ ଗୁଡ଼ିକର ଅଗ୍ରଗତିର ସେ ସମୀକ୍ଷା କରିଥିଲେ। ଏଥିରୁ କେବଳ ଜଳସେଚନ ପାଇଁ ୮୦୨ କୋଟି ଥିବାରୁ, କୃଷକମାନଙ୍କ ଉନ୍ନତି ପାଇଁ ଏସବୁ ଶୀଘ୍ର ସମାପ୍ତ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ୧୦୬୪ ଟି ଗଭୀର ନଳକୂପ ଖନନ ଥିବାରୁ କାମ ଶୀଘ୍ର ସାରି ବିଦ୍ୟୁତ ସଂଯୋଗ ପାଇଁ ଗୁରୁତ୍ୱ ଦେଇଥିଲେ। ଏହା ସହିତ ମଞ୍ଜୁର ହୋଇଥିବା ରାସ୍ତା ଓ କୋଠାବାଡ଼ି ନିର୍ମାଣ କାମ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉଭୟ ବିଧାୟକ ଜିଲ୍ଲାର ବିଭିନ୍ନ ସମସ୍ୟା ଉପସ୍ଥାପନ କରି ଏହାର ଶୀଘ୍ର ସମାଧାନ ଉପରେ ଗୁରୁତ୍ୱ ଦେଇଥିଲେ। ଜିଲ୍ଲାପାଳ ଜିଲ୍ଲାରେ ଗ୍ରହଣ କରାଯାଉଥିବା ଅଭିନବ କାର୍ଯ୍ୟପନ୍ଥା, ଯେପରିକି ପ୍ରବାସୀ ଶ୍ରମିକ ସମସ୍ୟାର ସମାଧାନ ପାଇଁ ଅଭିଯାନ, ବର୍ଦ୍ଧିତ ଜନ ଶୁଣାଣୀ, ପ୍ଲାଷ୍ଟିକ ମୁକ୍ତ ଅଭିଯାନ, ଝିଅପାଇଁ ଗଛଟିଏ, ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ, ପ୍ରାଣୀ ପାଇଁ ଦିନଟିଏ, ପକ୍ଷୀ ପାଇଁ ଦିନଟିଏ, ବରିଷ୍ଠ ନାଗରିକ ମାନଙ୍କ ପାଇଁ ସ୍ୱାସ୍ଥ୍ୟ ସେବା, ଗାଁ ରେ ରାଜସ୍ୱ ପ୍ରଶାସନ, ୱାର୍ଡରେ ପୌର ପ୍ରଶାସନ, ମାସିକ ଜିଲ୍ଲା ଉନ୍ନୟନ ବୈଠକ ଇତ୍ୟାଦି ବିଷୟରେ ସୂଚନା ଦେଇଥିଲେ। ଉନ୍ନୟନ ଆୟୁକ୍ତ ଏସବୁର ପ୍ରଶଂସା କରିଥିଲେ। ଏହାପରେ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ କହିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଆମେ ନୂଆପଡ଼ାକୁ ଆସି ବିଭିନ୍ନ ପ୍ରକଳ୍ପ ଗୁଡ଼ିକର ବିସ୍ତୃତ ଭାବରେ ସମୀକ୍ଷା କଲୁ। କିଛି ପ୍ରକଳ୍ପ କାମ ଶେଷ ହେଇଯାଇଛି, କିଛି ଆଗେଇ ଚାଲିଛି, କିଛି ପ୍ରକଳ୍ପ ଟେଣ୍ଡର ଆହ୍ୱାନ ପ୍ରକ୍ରିୟା ଚାଲିଛି, ଆଉ କିଛି ପ୍ରକଳ୍ପର ଡି ପି ଆର୍ ପ୍ରସ୍ତୁତ ସରିଛି। ଆମେ ସବୁ ପ୍ରକଳ୍ପ ଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କଲୁ। ଆମେ ଆଶା କରିଛୁ, ଜିଲ୍ଲାବାସୀଙ୍କ ସହଯୋଗରେ ଓ ସମସ୍ତ ଅଧିକାରୀଙ୍କ ପ୍ରଚେଷ୍ଟାରୁ ସବୁ ପ୍ରକଳ୍ପ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଶେଷ ହେବ। ଉନ୍ନୟନ କମିଶନରଙ୍କ ଗସ୍ତ ପରେ ଜିଲ୍ଲାର ପ୍ରକଳ୍ପ ସବୁ ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ଜିଲ୍ଲାବାସୀ ଆଶା ପୋଷଣ କରିଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଲକ୍ଷାଧିକ ଟଙ୍କା ଖର୍ଚ୍ଚକରି କମିସନର ଜିଲ୍ଲାକୁ ଆସିଥିଲେ। ଜିଲ୍ଲାବାସୀଙ୍କ ବହୁ ଆଶା ଆକାଂକ୍ଷା ଥିଲା ଯେ ଏଭଳି ଏକ ଉଚ୍ଚସ୍ତରୀୟ ଟିମ ଜିଲ୍ଲାର ଭାତ ହାଣ୍ଡିରୁ କିଛି ଭାତ ଚିପୁଡିଲା ଭଳି ଜିଲ୍ଲାର କିଛି ପ୍ରକଳ୍ପ ବୁଲି ଦେଖିବେ ବୋଲି ଅନାଇ ଚାହିଁ ବସିଥିଲେ, ହେଲେ ବିଳମ୍ବରେ ଆସି ଶୀଘ୍ର ଚାଲି ଯାଇଥିଲେ। ଅନ୍ୟପଟେ ଦିନ ତମାମ ଜିଲ୍ଲାର ୫ଟି ଯାକ ବ୍ଲକ ଅଞ୍ଚଳରୁ ସମସ୍ତ ବିଭାଗୀୟ ଅଧିକାରୀମାନେ ଆସି ଜଗି ରହିଥିଲେ।




# ଜୁନାଗଡ଼ ହାଇସ୍କୁଲରେ ପିଏମ୍‌ଶ୍ରୀ ଉତ୍ସବ

**ଜୁନାଗଡ଼, ୧୨ା୧(ସମିସ):** କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ସ୍ଥିତ ଜୁନାଗଡ଼ ହାଇସ୍କୁଲରେ ବିଦ୍ୟାଳୟସ୍ତରୀୟ ପିଏମ୍ ଶ୍ରୀ ଉତ୍ସବ ପାଳିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନେପାଳ ଚନ୍ଦ୍ର ବାଗ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ସ୍ୱତନ୍ତ୍ର ଅତିଥି ଭାବେ କଳାହାଣ୍ଡି ଲୋକସଭା ସାଂସଦଙ୍କ ପ୍ରତିନିଧି ଅନୀଲ କୁମାର ନନ୍ଦ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ନଗରପାଳ ହିମାଦ୍ରୀ ନାଏକ, ପୁରାତନ ଛାତ୍ର ସଂସଦର ସଭାପତି ସନ୍ତୋଷ ସିଂହ ଦେଓ, ସମ୍ପାଦକ କୁବଳେଶ୍ୱର ପାଣିଗ୍ରାହୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିରୁପାକ୍ଷ ନାଏକ, ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ତପନ ମାଝୀ ଓ କାଉନସିଲର ହିମାଦ୍ରୀ ସିନ୍ଧୁର ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବ ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରଦର୍ଶନୀ ଷ୍ଟଲ ସଜାଯାଇଥିଲା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାନେ ଦର୍ଶକମାନଙ୍କୁ ଆକର୍ଷିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ, ତପିମଣି ଯାନୀ, ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ତପନ ମାଝୀ, ଡିପିଇଓ ରୁପସୀଙ୍ଗ ରାଉତ, ପିଏସଏସ କୋର୍ଡିନେଟର ପ୍ରଶାନ୍ତ ନନ୍ଦ, ଶିକ୍ଷାବିତ ମନୋରଞ୍ଜନ ପାଣିଗ୍ରାହୀ, ବିଜୟ ପାଢ଼ୀ ଆଲୁମିନି ସତ୍ୟ ସିଂହ, ବାଲାଜୀ ଯାଦବ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ବରିଷ୍ଠ ଶିକ୍ଷକ ମଳୟ ମୁଣ୍ଡ ଓ ସଞ୍ଜୀବ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।



# ଥୁଆମୂଳ ରାମପୁର ବିଜେଡି ପକ୍ଷରୁ ବନ୍ଧୁମିଳନ



**ଥୁଆମୂଳ ରାମପୁର, ୧୨ା୧(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀ ଅଧୀନ ଥୁଆମୂଳ ରାମପୁର ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ରବିବାର ଦଳୀୟ କର୍ମୀମାନଙ୍କୁ ନେଇ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଲାଞ୍ଜିଗଡ଼ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ପ୍ରଦୀପ କୁମାର ଦିଶାରୀଙ୍କ ଉପସ୍ଥିତିରେ ବିଶେଷ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ବ୍ଲକ ସଭାପତି କପିଳାସ ନାଏକଙ୍କ ସଭାପତିତ୍ୱରେ ଜିଲ୍ଲା ସାଧାରଣ ସମ୍ପାଦକ ମାଣିକ୍ୟ ଚନ୍ଦ୍ର ନାଏକ, ଜିଲ୍ଲା ପରିଷଦ ସଦସ୍ୟା ଟୁନି ଖୋସ୍ଲା, କାର୍ଯ୍ୟକାରୀ ସଭାପତି କୈଳାସ ପରିଚ୍ଛା, ଯୁବନେତା ଫଟୁସିଂ ଭୋଇ, ବ୍ଲକର ଦୁଇଟି ଜୋନ୍‌ର ସଭାପତି କୃଷ୍ଣଚନ୍ଦ୍ର ସାହୁ, ଲାଲ ନାଏକ ଓ ଅନ୍ୟ ବରିଷ୍ଠ କର୍ମକର୍ତ୍ତାଙ୍କ ସମେତ ବ୍ଲକର ପ୍ରତ୍ୟେକ ପଞ୍ଚାୟତର ଦଳୀୟ ସଭାପତି ସମ୍ପାଦକଙ୍କ ସହିତ ବରିଷ୍ଠ ବିଜେଡି କର୍ମୀମାନେ ଯୋଗଦେଇ ଥିଲେ। ବିଜେପି ସରକାରର କାର୍ଯ୍ୟକଳାପ ଉପରେ ରାଜ୍ୟବାସୀଙ୍କ ମଧ୍ୟରେ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଥିବା ବେଳେ ସରକାର ସବୁ କ୍ଷେତ୍ରରେ ନିଜର ଅପାରଗତା ପ୍ରଦର୍ଶନ କରୁଛି। ନବୀନ ପଟ୍ଟନାୟକଙ୍କ ୨୪ ବର୍ଷର ଶାସନ କାଳରେ ବିକାଶର ଗତିପଥ ଶୀର୍ଷକୁ ଛୁଇଁଥିଲା। କିନ୍ତୁ ବର୍ତ୍ତମାନ ସରକାରରେ ତାହା ହ୍ରାସ ହେବାରେ ଲାଗିଛି। ସରକାର ବଦଳିଛି ସତ କିନ୍ତୁ ଲୋକଙ୍କ ହୃଦୟରେ ଏବେବି ନବୀନ ପଟ୍ଟନାୟକଙ୍କ ଶାସନ କାଳର ବିଜେଡି ସରକାରକୁ ଯଥେଷ୍ଟ ଭଲପାଇବା ରହିଛି। ପ୍ରତ୍ୟେକ କ୍ଷେତ୍ରରେ ଲୋକଙ୍କ ସମସ୍ୟା ବୁଝିବା ସହିତ ସହଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ ବିଧାୟକ ଶ୍ରୀ ଦିଶାରୀ। ତୃଣମୂଳସ୍ତରରୁ ଦଳକୁ ମଜଭୁତ କରିବା ସହିତ ପୁନଃଲୋକଙ୍କ ଆସ୍ଥା ଓ ଭରସାର ନିକଟତର ହେବା ସେଥିପାଇଁ ସମସ୍ତ ନେତୃବୃନ୍ଦ ନିଜନିଜ ଅଞ୍ଚଳରେ ଦଳୀୟ ସଂଗଠନକୁ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ ବିଧାୟକ ଶ୍ରୀ ଦିଶାରୀ। ଅଞ୍ଚଳର ସମସ୍ୟା ସମାଧାନ ନ କଲେ, ବିଭିନ୍ନ କ୍ଷେତ୍ରରେ ଲୋକଙ୍କ ହକ୍ ପାଇଁ ଲଢେଇ ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି।

# ବିଭିନ୍ନ ସ୍ଥାନରେ ବିବେକାନନ୍ଦଙ୍କ ଜୟନ୍ତୀ




**ନୂଆପଡ଼ା, ୧୨ା୧ (ସମିସ):** ନୂଆପଡ଼ା ଜିଲ୍ଲା ନ୍ୟାସନାଲ ମହାବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ହିତେଶ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ପଶ୍ଚିମ ସମ୍ଭାଗ ପ୍ରମୁଖ ପ୍ରଫେସର ଚନ୍ଦ୍ରଶେଖର ଚନ୍ଦ୍ରକାର ମୁଖ୍ୟ ଅତିଥି, ଅଧ୍ୟାପକ ବୈଦ୍ୟନାଥ ଗଡ଼ତିଆ, ଅଧ୍ୟାପିକା ମମତା ପଟ୍ଟନାୟକ, ଡ.ପ୍ରଣତି ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅତିଥିମାନେ ସ୍ୱାମୀ ବିବେକାନନ୍ଦଙ୍କ ଜୀବନଦର୍ଶନ ଉପରେ ଆଲୋଚନା କରିବା ସହିତ ବିଶ୍ୱର ସମଗ୍ର ଯୁବ ସମାଜ ତାଙ୍କୁ ଆଦର୍ଶ ରୂପେ ଗ୍ରହଣ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଯୁବରେଡକ୍ରସ ଜିଲ୍ଲା ଆବାହକ-ସମ୍ପାଦକ ଶିବ ପ୍ରସାଦ ସା ସ୍ୱାଗତଭାଷଣ ପ୍ରଦାନ କରିଥିବାବେଳେ ଅଧ୍ୟାପକ ବୈକୁଣ୍ଠ ବେହେରା ସଂଯୋଜନା କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ହେମାଳ ସା ଧନ୍ୟବାଦ ଅର୍ପଣ କରିଥିଲେ।



**କୋକସରା:** କୋକସରା ବ୍ଲକ ଭୂର୍ଷାଗୁଡା ସ୍ୱାମୀ ବିବେକାନନ୍ଦ ଯୁବ ସଂଘ ଦ୍ୱାରା ସୋମବାର ବିବେକାନନ୍ଦ ଜୟନ୍ତୀ ତଥା ରାଷ୍ଟ୍ରୀୟ ଯୁବ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଗ୍ରାମର ନକୁଳ ନାଏକ, ଦୁର୍ଜନ ମାଝୀ, ୱାର୍ଡସଭ୍ୟ ଦୈତାରୀ ମାଝୀ, ଟଙ୍କଧର ନାଏକ, ଭୂମିସୂତା ମାଝୀ, ରାଜେନ୍ଦ୍ର ଦାସ ନିଜ ନିଜ ଅଭିଭାଷଣ ରଖିଥିଲେ। ସଂଘ ସଭାପତି ଶିବାନ ମାଝୀ ସ୍ୱାଗତବାର୍ତ୍ତା ପ୍ରଦାନ କରିଥିବାବେଳେ ଜିତେନ୍ଦ୍ର କୁମାର ଠାକୁର ପରିଚାଳନା କରିଥିଲେ। ସଂଘ ଉପସଭାପତି ସୁଦର୍ଶନ ମାଝୀ, ସହ କୋଷାଧ୍ୟକ୍ଷ ଲଳିତ ଦିଆରୀ, ଉପଦେଷ୍ଟା ଲବ ମାଝୀ, ପଦ୍ମଲୋଚନ ମାଝୀ, ଉଗ୍ରେସନ ପୂଜାରୀ, ରୂପଧର ମାଝୀ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ସମ୍ପାଦକ କ୍ଷୀରୋଦ କୁମାର ନାଏକ ଧନ୍ୟବାଦ ଅର୍ପଣ ପ୍ରଦାନ କରିଥିଲେ।

## ପର୍ଲା ଫୁଟବଲ ଚାମ୍ପିଅନ ଟ୍ରଫି ଉଦ୍‌ଘାଟିତ

# ୨-୦ ଗୋଲରେ ବଙ୍କାପଲା ବିଜୟୀ

**ଧର୍ମଗଡ଼, ୧୨ା୧(ସମିସ):** ଧର୍ମଗଡ଼ ବ୍ଲକ ପର୍ଲାଗ୍ରାମଠାରେ ଆୟୋଜିତ ଫୁଟବଲ ଚାମ୍ପିଅନ ଟ୍ରଫିର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଫୁଟବଲ କେବଳ ପ୍ରତିଯୋଗିତା ମୂଳକ ନୁହଁ ବରଂ ବନ୍ଧୁତା ସ୍ଥାପନ କରିବା ରେ ପ୍ରେରଣା ଯୋଗାଏ କହି ମୁଖ୍ୟ ଅତିଥି ଖେଳାଳିଙ୍କୁ ଉତ୍ସାହ କରିଥିଲେ। ଉଦ୍‌ଘାଟନ ଦିବସରେ ବଙ୍କାପଲା -ଧର୍ମଗଡ଼ ଟିମ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ସଂଘର୍ଷ ପୂର୍ଣ୍ଣ ଖେଳରେ ବଙ୍କାପଲା ୨-୦ଗୋଲରେ ବିଜୟୀ ହୋଇଛି। ସମ୍ମାନିତ ଅତିଥି ଭାବେ ପର୍ଲା ସରପଞ୍ଚ ବ୍ରିଜଲାଲ ନାଏକ, ସମିତି ସଭ୍ୟା ପୂର୍ଣ୍ଣମୀ ଝାଙ୍କର, କଦଳିମୁଣ୍ଡା ସରପଞ୍ଚ ଘନକେଶି ବୋଡ଼କିଆ, ସମାଜସେବୀ ଘନଶ୍ୟାମ ଅଗ୍ରୱାଲ, ଅଧ୍ୟକ୍ଷ ନବକୁମାର ସୁନାରୀ, ବିଜ୍ଞାନଶିକ୍ଷକ ତେଜେଶ୍ୱର ସାହୁ, ସମାଜସେବୀ ମନୋଜ କୁମାର ପଟ୍ଟଯୋଶୀ, ବରିଷ୍ଠ ଖେଳାଳି ଲକ୍ଷ୍ମୀକାନ୍ତ ଧଙ୍ଗଡ଼ାମାଝୀ, ପୂର୍ବତନ ସରପଞ୍ଚ ସୁବାସ ବୋଡ଼କିଆ ପ୍ରମୁଖ ଉପସ୍ଥିତ ଥିଲେ। ପର୍ଲା ଫୁଟବଲ କମିଟି ସଭାପତି-କାମାକ୍ଷ ଦାସ, ଉପସଭାପତି-ମାନସ ରଞ୍ଜନ ଦାସ, ସମ୍ପାଦକ-ପାରେଶ୍ୱର ସାହୁ, ସହ ସମ୍ପାଦକ -ଚିନ୍ମୟ ଦାସ, ସହ ସମ୍ପାଦକ-ଅରକ୍ଷିତ ବାରିକ, କୋଷାଧ୍ୟକ୍ଷ-ଲଛମନ ଗୋପାଳ ସମେତ ସଦସ୍ୟ-କୃଷ୍ଣ ମୋହନ ଶବର, ସଂଗ୍ରାମ ଦାସ, ରଞ୍ଜିତ ଶବର, ଅର୍ଜୁନ ଗୋପାଳ ପ୍ରମୁଖ ସହଯୋଗ କରିଥିଲେ। ଖେଳ ପରିଚାଳନା -ତାପସ କୁମାର ଦାସ ସହ ଭୁପେନ୍ଦ୍ର ଗୋପାଳ, ସଞ୍ଜୀବ ଦୁର୍ଗା ପ୍ରମୁଖ ଉପସ୍ଥିତ ଥିଲେ।



## ପୁରୁଣା ଘରେ ଚାଲୁଛି ପ୍ରାଣୀସମ୍ପଦ ବିଭାଗ କାର୍ଯ୍ୟାଳୟ

# ଔଷଧ ରଖିବାକୁ ସ୍ଥାନ ନାହିଁ; କର୍ମଚାରୀଙ୍କ ଦାବି କେବେ ଶୁଣିବେ ସରକାର

**ଭବାନୀପାଟଣା, ୧୨ା୧(ସମିସ)**

ପ୍ରାଣୀସମ୍ପଦର ସ୍ୱାସ୍ଥ୍ୟ ଓ ସୁରକ୍ଷା ଏବଂ କୃଷି କ୍ଷେତ୍ରରେ ସୃଜନଶୀଳତାର ବିକାଶ ବ୍ୟବସ୍ଥାରେ ସଂସ୍କାର ଆବଶ୍ୟକ ପଡୁଛି। କିନ୍ତୁ ରାଜ୍ୟ ସରକାର କେବଳ ମେଳା ମହୋତ୍ସବର ମାହୋଲ ସୃଷ୍ଟିକରି ପ୍ରାଣୀସମ୍ପଦ ଦାୟିତ୍ୱ ନିଜ ମୁଣ୍ଡ ଉପରୁ ଓହ୍ଲାଇ ଦେଉଥିବା ଲକ୍ଷ୍ୟ କରାଯାଇଛି। ଆଗାମୀ ଦିନରେ ପ୍ରାଣୀସମ୍ପଦର ଗତି କୁଆଡ଼କୁ ଯିବ ତାହା କହିବା ମୁସ୍କିଲ। ପୂର୍ବ ସରକାର ମଧ୍ୟ ପ୍ରାଣୀ ସମ୍ପଦ ଓ ମତ୍ସ୍ୟ ବିଭାଗର ମେଳା କରିଆସୁଥିଲେ। ପ୍ରକୃତ ଚାଷୀ ଏବଂ ପ୍ରାଣୀ ସମ୍ପଦ ବିଭାଗର ଭଲମନ୍ଦ ପ୍ରତି ନଜର ରଖି କାର୍ଯ୍ୟ କରୁଥିଲେ। ବର୍ତ୍ତମାନ ଏହିମେଳା ଜିଲ୍ଲାସଦର ମହକୁମାରୁ ବ୍ଲକସ୍ତରରେ ମଧ୍ୟ ଅନୁଷ୍ଠିତ ହେଉଛି। ପ୍ରାୟ ଏକ କୋଟି ଟଙ୍କା ମେଳା ମହୋତ୍ସବରେ ଶ୍ରାଦ୍ଧ ହେଉଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ପ୍ରାଣୀ ସମ୍ପଦ ବିଭାଗର କର୍ମଚାରୀଙ୍କ ସମସ୍ୟା ଓ ନ୍ୟାର୍ଯ୍ୟ ଦାବି ପ୍ରତି ଧ୍ୟାନ ଦିଆଯା ନ ଥିବା ଅନୁମାନ କରାଯାଉଛି। ସେହିପରି କଳାହାଣ୍ଡି ପ୍ରରିପ୍ରେକ୍ଷୀରେ କୁହାଯାଇପାରେ ଯେ ଭଲ ଅଫିସ ଘରଟିଏ ନାହିଁ। ଦଦରାଘରର ଗ୍ୟାରେଜରେ ମୂଲ୍ୟବାନ ଔଷଧ ଆଦି ରଖିବାକୁ ହେଉଛି। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟରେ ଗଦା ଗଦା ସମସ୍ୟା। ନୂତନ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟ ନିର୍ମାଣ ପାଇଁ ଆସିଥିବା କୋଟିଏ ଟଙ୍କା ଦୀର୍ଘ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ହୋଇଥିଲେ ହେଁ ତାହା କାର୍ଯ୍ୟକାରୀ ହେଉ ନ ଥିବା ଦେଖାଯାଇଛି। ଯଦିଓ ମତ୍ସ୍ୟ ବିଭାଗ କାର୍ଯ୍ୟ ନିର୍ବାହୀ ଇଞ୍ଜିନିୟରଙ୍କୁ ଅଗ୍ରୀମ ଆକାରରେ ଟଙ୍କା ପ୍ରଦାନ କରାଯାଇଥିଲେ ସୁଦ୍ଧା ବର୍ଷେ ହୋଇଯିବ, ଏ ପର୍ଯ୍ୟନ୍ତ କାମ ଆରମ୍ଭ ହୋଇନାହିଁ। ଜିଲ୍ଲା ପ୍ରାଣୀଚିକିତ୍ସା କାର୍ଯ୍ୟାଳୟ ପୁରୁଣା ପାଞ୍ଚ ବଖରାରେ ଚାଲିଛି। କାର୍ଯ୍ୟାଳୟର ସଭା ଗୃହ ନାହିଁ ଓ ସ୍ଥାୟୀ ଔଷଧ ଭଣ୍ଡାର ଗୃହ ନଥିବାରୁ ଘୋର ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିବାବେଳେ ପ୍ରାଣୀ ଚିକିତ୍ସା ଏବଂ ଔଷଧ ଓ ଉପକରଣ ରଖିବା ପାଇଁ ଚିନ୍ତା ବଢ଼ାଉଛି। ସବୁ ସାମଗ୍ରୀ ବିଭିନ୍ନ ସ୍ଥାନରେ ରଖାଯାଇଛି ଓ ବଣ୍ଟନ କରାଯାଉଛି। ବର୍ଷା ଦିନେ ଅବସ୍ଥା ନ କହିଲେ ଭଲ। ଗ୍ୟାରେଜ ନ ଥିବାରୁ ଅଫିସ ଗାଡ଼ି ଗୁଡ଼ିକ ଖୋଲା ଆକାଶ ତଳେ ରହୁଛି। ଦୁଇଟି ବଡ଼ ବୁଢ଼ା ଗଛ, କାର୍ଯ୍ୟାଳୟ ପରିସରରେ ରହିଥିବା କାରଣରୁ ବର୍ଷା ଦିନେ ଡାଳ ଭାଙ୍ଗି କର୍ମଚାରୀଙ୍କ ବିପଦର କାରଣ ସାଜିଛି। ସେହିପରି କର୍ମଚାରୀମାନେ ବର୍ଷବର୍ଷ ଧରି ସେମାନଙ୍କ କେତେକ ଦାବି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ସତ କିନ୍ତୁ ଫଳ ଶୂନ୍ୟ ହେବାରୁ ନିରବି ଯାଇଛନ୍ତି। ଗତଥର ଯେଉଁମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରି ଦାବି ପୂରଣ ସକାଶେ ଅଡ଼ି ବସିଥିଲେ। ଦାବି ପୂରଣ ପରିବର୍ତ୍ତେ ଓଲଟା ୩୨ଦିନର ଦରମା ସରକାର ବନ୍ଦ କରିଦେଇଛନ୍ତି। ଓଡ଼ିଶା ପ୍ରାଣୀ ଚିକିତ୍ସା ବୈଷୟିକ ସେବା କ୍ୟାଡ଼ରର ବିଭିନ୍ନ ଦାବି ତଥା ସଠିକ୍ ଭାବେ କ୍ୟାଡ଼ର ପୁନର୍ଗଠନ ଓ ଭିଟି / ଏଲଟି, ଜୁନିଅର ଏଲ.ଇ.ଓ, ସିନିଅର ଏଲ.ଇ.ଓର ମୂଳ ପଦ ସଂଖ୍ୟା ବଢ଼ାଇବା, ପଦଗୁଡ଼ିକର କାର୍ଯ୍ୟସାରଣୀ ପ୍ରସ୍ତୁତ କରିବା, ପ୍ରତ୍ୟେକ ପଦ ପାଇଁ ଅଲଗା କାର୍ଯ୍ୟ ନିର୍ଧାରଣ କରିବା, ଚାରିଟି ପଦର କାମ ପ୍ରାୟତଃ ସମାନ ରହୁଥିବାରୁ କର୍ମଚାରୀମାନେ ସେଇ ଗୋଟିଏ କାମ କରି ବୀତସ୍ପୃହ ହୋଇଗଲେଣି। ଏଣୁ ବର୍ତ୍ତମାନ ପରିବର୍ତ୍ତନ ଆବଶ୍ୟକ ବୋଲି ଦାବି ହେଉଛି। କ୍ୟାଡର କରୁଥିବା କାର୍ଯ୍ୟାବଳୀ ନିମନ୍ତେ ସରକାରୀ ସ୍ୱୀକୃତି ଓ ଦୁଇ ବର୍ଷିୟା ଡିପ୍ଲୋମାର ପୁନଃପ୍ରଚଳନ ଦାବି ହେଉଛି। ଚତୁର୍ଥ ଶ୍ରେଣୀ କର୍ମଚାରୀ ମାନଙ୍କ, ପାଇଁ ଅଲଗା ପଦ ସୃଷ୍ଟି କରାଯାଉ। ଏଲଆଇ କ୍ୟାଡ଼ରର ମୂଳଦରମା ହାର ବଢ଼ାଇ ଗ୍ରେଡ୍ ପେ ୪୨୦୦/- ରେ ନିର୍ଦ୍ଧାରଣ କରାଯାଉ। ଚୁକ୍ତିଭିତ୍ତିକ ଏଲଆଇମାନଙ୍କୁ ୨୦୧୩ ପରିବର୍ତ୍ତେ, ୨୦୦୮ କୁ ଚାକିରି କାଳରେ ଗଣିବା ଓ ସେହିଦିନରୁ ସ୍ଥାୟୀ କାରାଯାଉ ବୋଲି ନିର୍ଦ୍ଦିଷ୍ଟ କିଛି ଦାବି ପ୍ରତି ସରକାର ଗମ୍ଭୀରତାର ସହିତ ବିଚାରକୁ ନେବା ସମୟ ଆସିଛି। କଳାହାଣ୍ଡିରେ ୧୪୦ଏଲ ଆଇ ପଦରୁ ଅଛନ୍ତି ୮୬ଜଣ। ବିଭିନ୍ନ ପଦ ପଦ ଖାଲି ପଡ଼ିଛି। ଅଥଚ କୋଟି କୋଟି ଟଙ୍କା ବ୍ୟୟରେ ରାଜ୍ୟବ୍ୟାପୀ ମେଳା ମହୋତ୍ସବ କରି ଚାଲିଛନ୍ତି। ଆଗାମୀ ଦିନରେ ମେଳା ମହୋତ୍ସବ ଏହି ସରକାର ପଞ୍ଚାୟତସ୍ତରରେ ମଧ୍ୟ କରିପାରନ୍ତି। କିନ୍ତୁ କଳାହାଣ୍ଡି ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗର ଦୟନୀୟ ସ୍ଥିତି ଏବଂ କର୍ମଚାରୀଙ୍କ ଦାବିସମୂହର ପୁନର୍ବିଚାର କରି ସାହାଯ୍ୟ ଓ ସହଯୋଗ କରିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି।




**ମେଳା ମହୋତ୍ସବରେ ସୀମିତ କି ପ୍ରାଣୀ ସମ୍ପଦ ବିଭାଗର ବିକାଶ**

# ପାରା ବ୍ୟାଡମିଣ୍ଟନ ଖେଳାଳି ଆକାଶ ମୁଣ୍ଡଙ୍କୁ ସମ୍ବର୍ଦ୍ଧନା



**କୋକସରା, ୧୨ା୧(ସମିସ):** କୋକସରା ବ୍ଲକ ଆମପାଣି ବୁଢ଼ାରଜା ବ୍ୟାଡମିଣ୍ଟନ ଆସୋସିଏସନ୍ ପକ୍ଷରୁ ଜାତୀୟସ୍ତରର ପାରା ବ୍ୟାଡମିଣ୍ଟନ ଖେଳାଳି ଆକାଶ ରଞ୍ଜନ ମୁଣ୍ଡକୁ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧନା ସମୟରେ ବୁଢ଼ାରଜା ବ୍ୟାଡମିଣ୍ଟନ ଆସୋସିଏସନ୍‌ର ତ୍ରିନାଥ ପ୍ରଶ୍ନ ରାୟ, ରୁତୁରାଜ ମାଝୀ, ବିନୋଦ କୁମାର ସିଂ, ପ୍ରିତମ, ଅଗ୍ରୱାଲ, ଲାଲୁ ପଟେଲ, ଜିତେନ୍ଦ୍ର ପଣ୍ଡା, ସୁନୀଲ ଯୋଷୀ, ସପ୍ନେନ୍ଦୁ ମୁଣ୍ଡ, ଜୟ ଶଙ୍କର ପାଠୀ, ସୁରେଶ କୁମାର ସାହୁ ସମେତ ଆମପାଣି ଗ୍ରାମବାସୀ ଉପସ୍ଥିତ ରହିଥିଲେ।

# ଅଗରୱାଲା ବିଦ୍ୟାପୀଠରେ ହୀରକ ଜୟନ୍ତୀ ସମାରୋହ ଉଦ୍‌ଯାପିତ



ବାଲେଶ୍ୱର,୧୨।୧(ସମିସ): ହଳଦୀପଦା ସ୍ଥିତ ଅଗରୱାଲା ବିଦ୍ୟାପୀଠରେ ଗତ ୯ତାରିଖ ଠାରୁ ଅନୁଷ୍ଠିତ ହେଉଥିବା ହୀରକ ଜୟନ୍ତୀ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ହୀରକ ଜୟନ୍ତୀ କମିଟିର ସଭାପତି ଉପେନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ରାଷ୍ଟ୍ର ଗଠନରେ ଛାତ୍ରଛାତ୍ରୀମାନେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ନିଜର ମତ ରଖିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରନିତା ପାତ୍ର ବିବରଣୀ ପାଠ କରିଥିବା ବେଳେ ସାରସ୍ୱତ ବକ୍ତା ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରଫେସର ଦେବାଶିଷ ପାତ୍ର ଯୋଗଦେଇଥିଲେ। ବରେଣ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷାଅଧିକାରୀ ବସନ୍ତ କୁମାର ନାୟକ, ମେଡିକାଲ କ୍ରୀୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡା, କୁମାର ଚନ୍ଦ୍ର ମିଶ୍ର, ଦିଲ୍ଲୀପ କୁମାର ସାହୁ, ମାର୍ଗଦର୍ଶକ ତାପସ କୁମାର ନନ୍ଦ, ସାଧାରଣ ସମ୍ପାଦକ କ୍ଷିତିଶ କୁମାର ଜେନା, ଶିତିକଣ୍ଠ ସାହୁ, ଶରତଚନ୍ଦ୍ର ମିଶ୍ର, ପ୍ରତିଷ୍ଠାତା ସମ୍ପାଦକ ରାଧାକୃଷ୍ଣ ଜେନା, ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀ ଯଜ୍ଞେଶ୍ୱର ଜେନା ପ୍ରମୁଖ ଯୋଗଦେଇ ଛାତ୍ର ସମାଜକୁ ଚରିତ୍ରବାନ ଏବଂ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେଇଥିଲେ। ସୁଜାତା ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଶୈଳବାଳା ମହିଳା ମହାବିଦ୍ୟାଳୟର ପ୍ରଧ୍ୟାପିକା ଆରାଧନା ନାୟକ ସ୍ୱାଗତ ଭାଷଣ ଏବଂ ଅକ୍ଷୟ କୁମାର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# କବି ବ୍ରଜନାଥ ରଥଙ୍କ ଜୟନ୍ତୀ ସମାରୋହ

ବାଲେଶ୍ୱର,୧୨।୧(ସମିସ)



ପ୍ରଥିତଯଶା କବି ଡ. ବ୍ରଜନାଥ ରଥଙ୍କ ୯୧ ତମ ଜୟନ୍ତୀ ସମାରୋହ ଓ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଓଡିଶାର ଅନନ୍ୟ ଗବେଷଣା ଗ୍ରନ୍ଥାଗାରର ଊନବିଂଶ ବାର୍ଷିକ ଉତ୍ସବ କବିଙ୍କର ବାସସ୍ଥାନ ବ୍ରଜଭୂମିରେ ପାଳିତ ହୋଇଯାଇଛି। କବି ଡ. କାଳିକିଙ୍କର'ଙ୍କ ସଂଯୋଜନାରେ କବି ବ୍ରଜନାଥ ରଥଙ୍କ କାଳଜୟୀ କବିତାରୁ କିଛି କବିତା ବାଲେଶ୍ୱର କବିମାନେ ଆବୃତ୍ତି କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କବି ବ୍ରଜନାଥ ରଥ ଫାଉଣ୍ଡେସନ ଟ୍ରଷ୍ଟର ମୁଖ୍ୟ ଟ୍ରଷ୍ଟି ପୁଷ୍ପଲତା ଦେବୀଙ୍କ ତରଫରୁ ବିଶିଷ୍ଟ ଗବେଶିକା ଡ଼ଃ ନିବେଦିତା ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ବିଶିଷ୍ଟ ଗବେଷକ ଓ ଲେଖକ ଶ୍ରୀକାନ୍ତ ଚରଣ ପାତ୍ର ଯୋଗ ଦେଇଥିଲେ। ପ୍ରାରମ୍ଭରେ ମନସ୍ୱିନୀ ଦେବୀଙ୍କ ରଚନାରୁ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ ବହ୍ନିମାନ ରଥ। ଇଂ ହୃଷିକେଶ ସାହୁ ମଞ୍ଚ ଆହ୍ୱାନ କରିଥିବା ବେଳେ କବି ଡ଼ଃ କାଳିକିଙ୍କର ଅତିଥି ପରିଚୟ ଓ ସ୍ୱାଗତ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ତ୍ରୈମାସିକ ସାହିତ୍ୟ ପତ୍ରିକା ସ୍ୱପ୍ନଦୀପର ତୃତୀୟ ବର୍ଷର ଦ୍ୱିତୀୟ ସଂଖ୍ୟା ସହ କବି ତଥା ଲେଖକ ଡ଼ କାଳିକିଙ୍କରଙ୍କ ସପ୍ତମ ଗଳ୍ପ ସଂକଳନ 'ବୋଝ ବାହାକମାନେ' ଓ ଚତୁର୍ଥ ଶିଶୁ କବିତା ସଂକଳନ' ମମତାରେ ବନ୍ଧା ସାରା ଦୁନିଆ' କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏ ବର୍ଷର ପ୍ରତିଷ୍ଠିତ କବି ବ୍ରଜନାଥ ରଥ ସାରସ୍ୱତ ସମ୍ମାନ ବିଶିଷ୍ଟ ଲେଖକ ଡ. ପ୍ରଫୁଲ୍ଲ କୁମାର ତ୍ରିପାଠୀ, କବି ବ୍ରଜନାଥ ରଥ ସ୍ମୃତି ସମ୍ମାନ ବିଶିଷ୍ଟ କବି ବାସୁଦେବ ସୁନାନୀ, କବି ବ୍ରଜନାଥ ରଥ ସ୍ମୃତି ସମ୍ବର୍ଦ୍ଧନା ବିଶିଷ୍ଟ ବଙ୍ଗଳା ଲେଖକ ଓ ଅନୁବାଦକ ଓ କାଳୀପଦ ପ୍ରଧାନ ଓ କବି ବ୍ରଜନାଥ ରଥ ସମ୍ବର୍ଦ୍ଧନା କବିଙ୍କ ବିଶ୍ୱଶ୍ରୀ ପ୍ରେସର ଦୀର୍ଘ ବର୍ଷର ସହଯୋଗୀ ଲକ୍ଷ୍ମଣ ଚନ୍ଦ୍ର ବର୍ଦ୍ଧନଙ୍କୁ ମୁଖ୍ୟ ଅତିଥି ଡ. ଶ୍ରୀକାନ୍ତ ଚରଣ ପାତ୍ର, ସଭାପତି ଡ. ନିବେଦିତା ମହାନ୍ତି ଓ ମୁଖ୍ୟ ଟ୍ରଷ୍ଟି ପୁଷ୍ପଲତା ଦେବୀ ପ୍ରଦାନ କରିଥିଲେ। ଅନିତା ରଥ, ଅନୁସୂୟା ରଥ, ମୃତ୍ୟୁଞ୍ଜୟ ମିଶ୍ର ଓ ମନସ୍ୱିନୀ ଦେବୀ ମାନପତ୍ର ପଠନ କରିଥିଲେ। କବିଙ୍କ କନିଷ୍ଠ ପୁତ୍ର ବ୍ରହ୍ମନାଥ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ବଳାଙ୍ଗୀ ଡିଗ୍ରୀ ମହାବିଦ୍ୟାଳୟରେ ଶୋକସଭା

ବାଲେଶ୍ୱର,୧୨।୧(ସମିସ): ବଳାଙ୍ଗୀ ଡିଗ୍ରୀ ମହାବିଦ୍ୟାଳୟରେ ପୂର୍ବତନ ଅଧ୍ୟକ୍ଷ ମେଜର ଗୌରଶ୍ୟାମ ମିଶ୍ରଙ୍କ ନିଧନରେ ଏକ ଶୋକସଭା କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ରତ୍ନାକର ସିଂହ ପୌରୋହିତ୍ୟ କରିଥିଲେ। ମେଜର ଗୌରଶ୍ୟାମ ମିଶ୍ର ୨୦୦୫ରୁ ୨୦୧୭ ପର୍ଯ୍ୟନ୍ତ କଲେଜର ଅଧ୍ୟକ୍ଷ ଭାର ଗ୍ରହଣ କରି କଲେଜକୁ ଅନୁଦାନ ପରିସରଭୁକ୍ତ କରାଇପାରିଥିଲେ। ତାଙ୍କର ନିଷ୍ଠା ଦାୟିତ୍ୱ ବୋଧ ଗୁଣ ଯୋଗୁଁ ସେ ଛାତ୍ରଛାତ୍ରୀ ଅଧ୍ୟାପିକା, ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀଙ୍କ ଗହଣରେ ବେଶ ଲୋକପ୍ରିୟ ହୋଇଥିଲେ। ତାଙ୍କର ଅବର୍ତ୍ତମାନରେ କଲେଜର ସମସ୍ତ କର୍ମଚାରୀ ତାଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

# ୨୫ରେ ଭେଟେରାନ କ୍ରୀଡ଼ା ସଂଘର ବାର୍ଷିକ କ୍ରୀଡ଼ା

ବାଲେଶ୍ୱର,୧୨।୧(ସମିସ): ଆସନ୍ତା ୨୫ତାରିଖ ହେବାକୁ ଥିବା ଭେଟେରାନ କ୍ରୀଡା ସଂଘର ବାର୍ଷିକ କ୍ରୀଡ଼ା ପ୍ରତିଯୋଗୀତାକୁ ନେଇ ଷ୍ଟାଡିୟମ କାର୍ଯ୍ୟାଳୟ ପରିସରରେ ଏକ ବୈଠକ କ୍ରୀଡା ସଂଘର ସଭାପତି ଅଶୋକ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଂଘର ଉପଦେଷ୍ଟା ସୁବ୍ରତ କର ବୟସ୍କ ଖେଳାଳି ମାନଙ୍କର ବ୍ୟାଡମିଣ୍ଟନ, ଟେବୁଲ ଟେନିସ ଖେଳ ଉପରେ ଜୋର ଦେଇଥିଲେ। ସାଧାରଣ ସମ୍ପାଦକ ପଦ୍ମ ଲୋଚନ ଲେଙ୍କା ଭେଟେରାନ ଖେଳ ବିଷୟରେ ମହିଳା ଏବଂ ପୁରୁଷ ବିଭାଗର ଖେଳାଳି ମାନଙ୍କର ବୟସ ସୀମା ଯଥା ମହିଳା ମାନଙ୍କର ୩୦ରୁ ୭୦ ବର୍ଷ ଏବଂ ପୁରୁଷ ଖେଳାଳିମାନେ ୪୦ ରୁ ୮୫ ବର୍ଷ ପର୍ଯ୍ୟନ୍ତ ଖେଳାଳି ମାନେ ବିଭିନ୍ନ ପ୍ରତିଯୋଗୀତାରେ ଭାଗ ନେଇ ପାରିବେ। ଏଥିରେ ସାଧାରଣ ଖେଳ ହିସାବରେ ଫୁଟବଲ, ଭଲିବଲ, କ୍ରିକେଟ, ବ୍ୟାଡମିଣ୍ଟନ, ସାଇକଲ ରେସ, ଧୀର ମଟର ସାଇକଲ ଏବଂ ମହିଳା ମାନଙ୍କର ମ୍ୟୁଜିକ ଚେୟାର ଓ ଶଙ୍ଖ ଫୁଙ୍କା ଇତ୍ୟାଦି ଖେଳ କରିବାର ବ୍ୟବସ୍ଥା ଅଛି। ଏ ସମସ୍ତ ବିଷୟ ଜାଣିବା ପାଇଁ ସମ୍ପାଦକ ଶ୍ରୀ ଲେଙ୍କାଙ୍କ ସହିତ ୯୩୩୭୮୯୯୭୪୯ ନମ୍ବରରେ ଯୋଗାଯୋଗ କରିବା ପାଇଁ ଜଣାଇଛନ୍ତି।

# ଚାନ୍ଦିପୁର ଆଇଟିଆରରେ କାର୍ଯ୍ୟରତ ଗୃହରକ୍ଷୀଙ୍କ ମୃତ୍ୟୁ

ବାଲେଶ୍ୱର,୧୨।୧(ସମିସ): ଚାନ୍ଦିପୁରସ୍ଥିତ ଆଇଟିଆର ପରିସରରେ କାର୍ଯ୍ୟରତ ଜଣେ ଗୃହରକ୍ଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କେନ୍ଦୁଝର ଜିଲ୍ଲା ନନ୍ଦିପା ଅଞ୍ଚଳର ଅଲେଖ ଜେନା। ଗତକାଲି ରାତିରେ ସେଠାରେ ସେ ଡ୍ୟୁଟି କରୁଥିଲେ। ହେଲେ ହଠାତ ହୃଦଘାତ ହେବାରୁ ତାଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏ ନେଇ ଆଜି ପରିବାର ଲୋକେ ମେଡିକାଲରେ ପହଁଚିବା ପରେ ଶବ ବ୍ୟବଚ୍ଛେଦ କରାଯାଇ ସେମାନଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଅତିରିକ୍ତ ଏସପି ଦିବ୍ୟଜ୍ୟୋତି ଦାଶ କହିଛନ୍ତି ଯେ, ଗତକାଲି ଜଣେ ହୋମଗାର୍ଡ ଅସୁସ୍ଥ ଅବସ୍ଥାରେ ମେଡିକାଲରେ ଭର୍ତ୍ତି ହୋଇଥିବା ବେଳେ ତାଙ୍କର ନିଧନ ହୋଇଛି। ଆଜି ତାଙ୍କର ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ପଦକ୍ଷେପ ଗ୍ରହଣ କରାଯିବ। ଅଲେଖଙ୍କର ତିନୋଟି ପିଲା ଥିବା ବେଳେ ହଠାତ ତାଙ୍କର ମୃତ୍ୟୁକୁ ପରିବାର ଲୋକେ କେହି ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଅଲେଖଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇବାକୁ ହୋମଗାର୍ଡ ପ୍ରକାଶ କୁମାର ଜେନା ଦାବି କରିଛନ୍ତି।

# ଜାତୀୟ ଯୁବ ଦିବସ




ବାଲେଶ୍ୱର,୧୨।୧(ସମିସ): ଫକୀରମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏନଏସଏସ କୋ ୟୁନିଟ ଦ୍ୱାରା ଅଧ୍ୟକ୍ଷା ଡ. ସୋନାଲିଶା ମହାନ୍ତିଙ୍କ ପୌରୋହିତ୍ୟରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଡ. ସନ୍ତୋଷ ରାଉତ, ଅଧ୍ୟାପକ ସୁଜିତ ଦାସ, ପ୍ରଦୀପ ଗଙ୍ଗାଇ ଯୁବ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଅଧ୍ୟାପକ କୁଞ୍ଜବିହାରୀ ମହାନ୍ତିଙ୍କ ସଂଯୋଜନାରେ ସାମୂହିକ ବନ୍ଦେ ମାତରମ ସଂଗୀତ ଗାନ କରାଯାଇଥିଲା। ଅଧ୍ୟାପକ ପୀତାମ୍ବର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଲକ୍ଷ୍ମୀନାରାୟଣ ନାୟକ ଧନ୍ୟବାଦ ଦେଇଥିଲେ। ଅଧ୍ୟାପିକା ମିତାଲି ରାଉତରାୟ, ବନିତା ମାଝୀ, ଅସ୍ମିତା ଗୁରିଆ, ଶାଶ୍ୱତୀ ଦାସ ମହାପାତ୍ର, ପ୍ରିୟଙ୍କା ପତି, ସାଇଜିତା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟାଳୟସ୍ତରୀୟ ସ୍କାଉଟ୍ସ ଏବଂ ଗାଇଡ୍ସ କ୍ୟାମ୍ପୋରୀ ଉଦ୍‌ଯାପିତ

ବାଲେଶ୍ୱର,୧୨।୧(ସମିସ): ପବ୍ଲିକ ହାଇସ୍କୁଲ ପରିସରରେ ତିନି ଦିନ ଧରି ଚାଲିଥିବା ଜିଲ୍ଲା ବିଦ୍ୟାଳୟ ସ୍ତରୀୟ ସ୍କାଉଟ୍ସ ଏବଂ ଗାଇଡ୍ସ କ୍ୟାମ୍ପୋରୀ ଉଦଯାପିତ ହୋଇଯାଇଛି। ଏଥିରେ ୧୪୮ ବିଦ୍ୟାଳୟର ୭୩୦ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସେମାନଙ୍କ ଶାରୀରିକ ଓ ମାନସିକ ଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ ଶିକ୍ଷା ଏବଂ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ତଥା ସ୍କାଉଟ୍ସ ଓ ଗାଇଡ୍ସର ମୁଖ୍ୟ କମିଶନର ଡ. ବସନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଉଦ୍‌ଯାପନ ଉତ୍ସବରେ ପୂର୍ବତନ ଜିଲ୍ଲା ସ୍କାଉଟସ୍ କମିଶନର ନରହରି ଭୂୟାଁ ଓ ପ୍ରଦୀପ ଦାସ ଅତିଥି ଭାବରେ ଯୋଗ ଦେଇ ଥିଲେ। ଲିଡର ଟ୍ରେନର ସୁଦର୍ଶନ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଜିଲ୍ଲା ସମ୍ପାଦକ ଚନ୍ଦ୍ରକାନ୍ତ ଘଡ଼ାଇ ଶିବିର ବିବରଣୀ ପାଠ କରିଥଲେ। ସିନିୟର୍ ସ୍କାଉଟ ମାଷ୍ଟର ନିତ୍ୟାନନ୍ଦ ପାତ୍ର ଧନ୍ୟବାଦ ଦେଇଥିଲେ।

# ନୃତ୍ୟାୟନର ବାର୍ଷିକ ଉତ୍ସବ



ବାଲେଶ୍ୱର,୧୨।୧(ସମିସ): ନୃତ୍ୟାନୁଷ୍ଠାନ ନୃତ୍ୟାୟନର ୨୩ ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ଗାନ୍ଧୀ ସ୍ମୃତି ଭବନ ପରିସରରେ ପାଳିତ ହୋଇଯାଇଛି। ସଭାପତି ଅନନ୍ତ ବାସୁଦେବ ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଉଦଘାଟକ ଭାବେ ପିଏକ୍ସଇ ଚାନ୍ଦିପୁରର ଆସୋସିଏଟ୍ ଡାଇରେକ୍ଟର ଡ. ହିମାଂଶୁ ଶେଖର ପଣ୍ଡା, ମୁଖ୍ୟ ଅତିଥି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ନିରଞ୍ଜନ ବେହେରା, ବିଶିଷ୍ଟ କବି ପ୍ରଶାନ୍ତ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ନୃତ୍ୟାୟନର ଉନ୍ନତି କାମନା କରିଥିଲେ। ନୃତ୍ୟାୟନ ଅନୁଷ୍ଠାନର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ଗୁରୁ ପ୍ରଦୀପ କୁମାର ବେହେରା ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ। ଉଦଘୋଷକ ତଥା ବିଶିଷ୍ଟ ତବଲା ବାଦକ ଗୁରୁ ଅଜିତାନନ୍ଦ ଦେବ ଗୋସ୍ୱାମୀ ମଞ୍ଚ ପରିଚାଳନା କରିବା ସହ ସମ୍ବର୍ଦ୍ଧିତ ପ୍ରତିଭାଙ୍କର ମାନପତ୍ର ପଠନ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ନୃତ୍ୟ ଶିଳ୍ପୀ ଓ ନୃତ୍ୟ ଗୁରୁ ଶିଶିର ପ୍ରଧାନଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ପରେ ଅନୁଷ୍ଠାନର ସମସ୍ତ ନୃତ୍ୟଶିଳ୍ପୀ ମହାପ୍ରଭୁ ଜଗନ୍ନାଥଙ୍କ ଜଗନ୍ନାଥ ଅଷ୍ଟକମ, ଅଧର ପଣା, ଶିଶୁ ନୃତ୍ୟ, ଅନ୍ୟାନ୍ୟ ଭଜନର ସଙ୍ଗୀତରେ ଶାସ୍ତ୍ରୀୟ ନୃତ୍ୟ ସହ ସମ୍ବଲପୁରୀ ନୃତ୍ୟ ଆଦି ୧୪ ପ୍ରକାରର ନୃତ୍ୟ ପରିବେଷଣ କରିଥିଲେ। ଉଦୀୟମାନ ନୃତ୍ୟ ଶିଳ୍ପୀ ପୁଷ୍ପାଞ୍ଜଳି ମିଶ୍ର ଧନ୍ୟବାଦ ଦେଇଥିଲେ।

# ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା

ବାଲେଶ୍ୱର,୧୨।୧ (ସମିସ): ଇନ୍‌ଟାକ୍ ବାଲେଶ୍ୱର ଚାପ୍ଟର ଦ୍ୱାରା "ଟ୍ରି ଅଫ୍ ଲାଇଫ୍" ଶୀର୍ଷକରେ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଚାରୁ ଓ କାରୁକଳା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୯ ଟି ବିଦ୍ୟାଳୟରୁ ସପ୍ତମରୁ ନବମ ଶ୍ରେଣୀରେ ଅଧ୍ୟୟନ କରୁଥିବା ୫୩ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀଙ୍କୁ ଇନ୍‌ଟାକ୍ ବାଲେଶ୍ୱର ଚାପ୍ଟରର ଆବାହକ ଉଦୟ ରଞ୍ଜନ ଦାସ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟବକ୍ତା ବିଶିଷ୍ଟ ପରିବେଶବିତ୍ ସ୍ୱପନ କୁମାର ମହାପାତ୍ର ପରିବେଶ ପାଇଁ ବୃକ୍ଷର ଭୂମିକା ବାବଦରେ ବିବରଣୀ ଦେଇଥିଲେ। ଇନ୍‌ଟାକ୍‌ର ଅତିରିକ୍ତ ସହ ଆବାହକ ଅର୍ଚ୍ଚନା ନନ୍ଦୀ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅନ୍ୟତମ ଅତିରିକ୍ତ ସହ ଆବାହକ ତଥା କଳାକ୍ଷେତ୍ର ଅଧ୍ୟକ୍ଷ ନିକୁଞ୍ଜ ବିହାରୀ ଦାସ, ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଇନ୍‌ଟାକ୍‌ର ବରିଷ୍ଠ ସଦସ୍ୟ ସୌରଭ ବେହେରା, ହରେନ୍ ରଣା, ଡା. ଦେବାଶିଷ ମିଶ୍ର, ଗିରିଜା ମିଶ୍ର, ସତ୍ୟନାରାୟଣ ନନ୍ଦ, ଶୀତିକଣ୍ଠ ଦୀକ୍ଷିତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବୁଲେଟ ଧକ୍କାରେ ଟ୍ରକ୍ ଚାଳକ ମୃତ

ବାଲେଶ୍ୱର,୧୨।୧(ସମିସ): ସଦର ବ୍ଲକ ଅର୍ନ୍ତଗତ ହଳଦୀପଦା ବାଇପାସ ନିକଟସ୍ଥ ଏକ ପେଟ୍ରୋଲ ପମ୍ପ ସମ୍ମୁଖରେ ସୋମବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଘଟଣା ସ୍ଥଳରେ ପୁଲିସ ପହଁଚି ମୃତ ଦେହକୁ ଉଦ୍ଧାର କରିଛି। ବାଲେଶ୍ୱରରୁ ଜଳେଶ୍ୱର ଅଭିମୁଖେ ଯାଉଥିବା ଏକ ଟ୍ରକର ଡାହାଣ ପଟ ଚକା ହଠାତ ପଙ୍କଚର ହୋଇଯାଇଥିଲା। ଟ୍ରକର ଡ୍ରାଇଭର ଉକ୍ତ ଗାଡିର ଟାୟାର ଖୋଲୁଥିବା ବେଳେ ପଛପଟୁ ଦ୍ରୁତଗତିରେ ଯାଉଥିବା ଏକ ବୁଲେଟ ତାଙ୍କୁ ଧକ୍କା ଦେଇଥିଲା। ତେବେ ଏହି ଧକ୍କାରେ ସେ କିଛିବାଟ ଆଗକୁ ଘୋଷାରି ହୋଇ ଯାଇଥିଲେ। ଦୁର୍ଘଟଣାରେ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିବା କାରଣରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟପଟେ ବାଇକ ଆରୋହୀ ମଧ୍ୟ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଦୁର୍ଘଟଣା ଖବର ପାଇ ବସ୍ତା ପୁଲିସ ଘଟଣା ସ୍ଥଳରେ ପହଁଚି ମୃତ ଦେହକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ଖବର ଲେଖାହେଲା ବେଳକୁ ମୃତାହତଙ୍କ ପରିଚୟ ଜଣାପଡ଼ିନି।


୭ମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



୰ ଗୋବିନ୍ଦ ଚନ୍ଦ୍ର ନାୟକ
କଶବା, ସୋର, ବାଲେଶ୍ୱର
ଆବିର୍ଭାବ: ୧୧.୦୪.୧୯୩୯
ତିରୋଧାନ: ୧୩.୦୧.୨୦୧୯

ବାପା ତୁମେ ଆମ ସୃଷ୍ଟିକର୍ତ୍ତା,
ତୁମେ ମହାନ ଅବିନଶ୍ୱର,
ତୁମେ ଚିର ସ୍ମରଣୀୟ,
ତୁମେ ପ୍ରାତଃ ବନ୍ଦନୀୟ,
ତୁମେ ଶାନ୍ତ ସରଳ, ଚିର ଅନନ୍ତ,
ଦୂରେ ଯାଇନାହଁ ଆମ ଠାରୁ କେବେ,
ବିରାଜିଛ ସଦା ଆମ ହୃଦୟରେ

ବାପା ଚାଁହୁ ଚାଁହୁ ସାତ ବର୍ଷ ବିତିଗଲା, ଭୁଲି ପାରୁନୁ ତୁମକୁ,
ଇତି ମଧ୍ୟରେ ଦୁଇ ମାସ ତଳେ ବଉ ବି ଆମକୁ ଶୋକ ସାଗର ରେ ଭସାଇ ଦେଇ ଚାଲିଗଲା।
ଆଜିର ଏହି ପୁଣ୍ୟ ତିଥିରେ,
ତୁମର ଅନାବିଳ ସ୍ନେହ ଶ୍ରଦ୍ଧା କୁ ପାଥେୟ କରି,
ପରୋପକାରୀତାର ଜୀବନ ଦର୍ଶନକୁ ପାଥେୟ କରି,
ତୁମର ଅମର ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ
ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।

ଶ୍ରଦ୍ଧାଞ୍ଜଳି ସହ
ବାବୁ, ମୁନି, କୁନା, ମୀରା, ବସନ୍ତ, ମନା, ମିଟି, ସୂର୍ଯ୍ୟ, ଟଗୁଲୁ,
ନିନି, ବଣ୍ଟି, ରୁବି, ଶିଆ, ରାଟୀ, କଣ୍ଢେଇ, ମାମା, ସୋମା, ବାବାନ, କାହ୍ନା, ସୁନୁ, ବେବି


# 'ଆଭ୍ୟନ୍ତରୀଣ ଅନୁସନ୍ଧାନ' ଜାତୀୟ ପାଠଚକ୍ର




ବାଲେଶ୍ୱର,୧୨।୧(ସମିସ)

ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଦର୍ଶନ ବିଭାଗ ପକ୍ଷରୁ ମହାବିଦ୍ୟାଳୟ ସମ୍ମିଳନୀ ହଲରେ "ଆଭ୍ୟନ୍ତରୀଣ ଅନୁସନ୍ଧାନ' ଉପରେ ଏକ ଜାତୀୟ ପାଠ୍ୟଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ପାଠ୍ୟଚକ୍ରରେ ବିଭିନ୍ନ ମହା ବିଦ୍ୟାଳୟର ଅଧ୍ୟାପକ, ଗବେଷକ ଏବଂ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଆଇଆଇଟି ମାଡ୍ରାସର ଦର୍ଶନ ବିଭାଗ ପ୍ରଫେସର ସତ୍ୟ ସୁନ୍ଦର ସେଠୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ରେଭେନ୍ସା ବିଶ୍ୱବିଦ୍ୟାଳୟ ଦର୍ଶନ ବିଭାଗ ପ୍ରଫେସର ଅଶୋକ କୁମାର ତରାଇଙ୍କ ଦ୍ୱାରା "ଚିନ୍ତା ବିଷୟରେ ଚିନ୍ତା କରିବା' ଶୀର୍ଷକରେ ଅନ୍ୟ ଏକ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଅଧିବେଶନ ପରିଚାଳନା କରାଯାଇଥିଲା, ଯାହା ମେଟାକଗ୍ନିସନ୍ ଏବଂ ପ୍ରତିଫଳିତ ଯୁକ୍ତିର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ମହାବିଦ୍ୟାଳୟ ଛାତ୍ର ଏବଂ ଅଧ୍ୟାପକମାନେ ଗବେଷଣା ପତ୍ର ଏବଂ ପୋଷ୍ଟର ଉପସ୍ଥାପନ କରିଥିଲେ। ଦର୍ଶନ ବିଭାଗୀୟ ମୁଖ୍ୟ ସହକାରୀ ପ୍ରଫେସର ପୂଜାରାଣୀ ଦାସ ଆୟୋଜକ କମିଟିର ସଦସ୍ୟ ଭାବରେ ପାଠ୍ୟଚକ୍ରର ସଫଳ ଆୟୋଜନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରଖିଥିଲେ। ଉଦଘାଟନୀ କାର୍ଯ୍ୟକ୍ରମର ସଂଯୋଜନା ଅଧ୍ୟାପିକା ଡ. ଅଞ୍ଜନୀ ବେହେରା କରିଥିବା ବେଳେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଦିନେଶ ଚନ୍ଦ୍ର ଦାଶ ସ୍ୱାଗତ ଭାଷଣ ଦେଇ ପାଠ୍ୟଚକ୍ରକୁ ଉଦଘାଟନ କରିଥିଲେ। ଏକାଡେମିକ୍ ବର୍ସର ଡକ୍ଟର ଜୟଶ୍ରୀ ମିଶ୍ର ଏବଂ ଆଇକ୍ୟୁଏସି ସଂଯୋଜିକା ଡ. ମୌସୁମୀ ଦାସ ପଟ୍ଟନାୟକ ମଧ୍ୟ ପାଠ୍ୟଚକ୍ରର ଶୈକ୍ଷିକ ପ୍ରାସଙ୍ଗିକତା ଉପରେ ଅଭିଭାଷଣ ଦେଇଥିଲେ।

■ ମହାନଗର ମହୋତ୍ସବ

## ଚତୁର୍ଥ ସନ୍ଧ୍ୟାରେ କବିତା ଆସର



ବ୍ରହ୍ମପୁର,୧୨।୧(ସମିସ): ମହାନଗର ସାଂସ୍କୃତିକ ପରିଷଦ ଦ୍ୱାରା ଆୟୋଜିତ ୧୩ତମ ମହାନଗର ମହୋତ୍ସବ ସୋମବାର ଚତୁର୍ଥ ସନ୍ଧ୍ୟାରେ ପ୍ରଥମେ କବିତା ଆସର ଉପସ୍ଥାପନା ହୋଇଥିଲା। ଚିକିଟିସ୍ଥିତ ବାହୁଦା ସାହିତ୍ୟ ସଂସଦ ପକ୍ଷରୁ ସହିଁତା ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ କବିତା ଆସରରେ ୩୦ କବି, କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ଅନ୍ତିମ ପର୍ଯ୍ୟାୟରେ ସମସ୍ତ କବି ଓ କବୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ମୁଖ୍ୟଅତିଥି ଭାବେ କାର୍ଯ୍ୟକ୍ରମକୁ ଶୁଭାରମ୍ଭ ଏବଂ କାର୍ତ୍ତିକ ପାଣିଗ୍ରାହୀ ସଂଯୋଜନା ତଥା ମଞ୍ଚ ପରିଚାଳନା କରିଥିଲେ। ପରିବେଷଣ ହୋଇଥିବା ସାଂସ୍କୃତିକ ସନ୍ଧ୍ୟାରେ ଦର୍ଶକଙ୍କ ମନ ମୋହିଥିବା ବେଳେ ପରେ କଳାକାରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ମହୋତ୍ସବ କମିଟି ସଭାପତି ଗୋପାଳ ପଟ୍ଟନାୟକ, ନାଗେଶ୍ୱର ପୃଷ୍ଟି, ସମ୍ପାଦକ ନାରାୟଣ ମହାଙ୍କୁଡ, ଉପସଭାପତି ଅନିଲ ପାତ୍ର, ମିହିର ତ୍ରିପାଠୀ, ରାମ ପ୍ରସାଦ ସାମଲ, ସହ ସମ୍ପାଦକ ଶିବ ନାରାୟଣ ପଣ୍ଡା, ଶଙ୍କର ଗୋସ୍ୱାମୀ, ସାଂସ୍କୃତିକ ସମ୍ପାଦକ ସୁଦୀପ ସାହୁ ଓ ମିଡ଼ିଆ ସଂଯୋଜକ ମୃତ୍ୟୁଞ୍ଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

'କ୍ରାନ୍ତି', ଆଇଏସ୍ଆର୍ଡି ଓ ସଖୀ ପକ୍ଷରୁ ଜାତୀୟ ଯୁବଦିବସ

# 'ଯୁବ ସମାଜ ସଚେତନ ହୋଇ ନିଶାମୁକ୍ତ ଭାରତ ଗଠନ କରନ୍ତୁ'

ବ୍ରହ୍ମପୁର, ୧୨।୧ (ସମିସ): ସ୍ୱାମୀ ବିବେକାନନ୍ଦଙ୍କ ୧୬୩ତମ ଜୟନ୍ତୀ ଯଥା 'ଜାତୀୟ ଯୁବ ଦିବସ' ଅବସରରେ "ଯୁବ ସମାଜ ସଚେତନ ହୋଇ ନିଶାମୁକ୍ତ ଭାରତ ଗଠନ କରନ୍ତୁ' ବୋଲି ବିଭିନ୍ନ ସାମାଜିକ ସଙ୍ଗଠନ ଆହ୍ୱାନ ଦେଇଛନ୍ତି। ଚକ୍ରାନ୍ତି, ଆଇଏସ୍ଆର୍ଡି-ୱାନ୍ ଷ୍ଟପ ସେଣ୍ଟର 'ସଖୀ'ର ମିଳିତ ସହଯୋଗରେ ଏକ ସଚେତନତା ଶୋଭାଯାତ୍ରା ଏମକେସିଜି ମେଡିକାଲ କଲେଜ ସମ୍ମୁଖରୁ ବାହାରି ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ପର୍ଯ୍ୟନ୍ତ ଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ସାମିଲ ହୋଇଥିବାବେଳେ ସୁସଜ୍ଜିତ ରଥରେ ସ୍ୱାମୀଜୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରି ସହର ପରିକ୍ରମା କରାଯାଇଥିଲା। ପ୍ରାରମ୍ଭରେ ଅତିଥିମାନେ ଏମକେସିଜି ମେଡିକାଲ କଲେଜ ପରିସରରେ ଥିବା ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ।

ଏହି ଅବସରରେ ଏମକେସିଜି ମେଡିକାଲର ଅଧିକ୍ଷକ ପ୍ରଫେସର ଡାକ୍ତର ଦୁର୍ଗା ମାଧବ ଶତପଥି, ଆଇଏସ୍ଆର୍ଡି ନିର୍ଦ୍ଦେଶକ ସୁଧୀର ସାବତ, ମହାନ୍ ସଙ୍ଘ ସଭାପତି ସୁଶାନ୍ତ କୁମାର ସାବତ, ୱାନ ଷ୍ଟପ ସେଣ୍ଟରର ଭାରପ୍ରାପ୍ତ ଅଧିକାରୀ ମହେଶ୍ୱତା ପାତ୍ରୀ ଓ ପ୍ରମୋଦ କୁମାର ପଣ୍ଡା ପ୍ରମୁଖ ଅତିଥି ରୂପେ ଯୋଗଦେଇ ସମାଜରେ ଯୁବକମାନେ ସଚେତନ ହୋଇ ରାଷ୍ଟ୍ର ନିର୍ମାଣରେ ଭାଗିଦାରୀ ହୋଇ ଉତ୍ତମ ରାଷ୍ଟ୍ର ଗଠନ



କରିବାକୁ ଆହ୍ୱାନ ଦେଇଥିଲେ। କ୍ରାନ୍ତିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ.ଦେବାନନ୍ଦ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଜୟନ୍ତୀ ଓ ପଦଯାତ୍ରା କାର୍ଯକ୍ରମରେ ସମାଜରେ ସଚେତନତା ଅଭାବରୁ ଯୁବାବର୍ଗ ନିଶାଗ୍ରସ୍ତ ହୋଇ, ତମାଖୁ ଜାତୀୟ ଦ୍ରବ୍ୟ ସେବନ କରି କୁପରିଣାମ ଭୋଗୁଛନ୍ତି। ଏଣୁ ଏହାକୁ ତୁରନ୍ତ ନିଷିଦ୍ଧ କରି ଯୁବସମାଜର ସୁରକ୍ଷା ପାଇଁ ଡଃ ଦାଶ ଆହ୍ୱାନ କରିଥିଲେ। ପଦଯାତ୍ରାରେ ବିଭିନ୍ନ ସମାଜସେବୀ ଅନୁଷ୍ଠାନର ସ୍ୱେଚ୍ଛାସେବୀଙ୍କ ସହ ସାମନ୍ତରାୟ ଏକାଡେମୀ, କେ.ସି. ପବ୍ଲିକ ସ୍କୁଲ, ମଦର ଗ୍ରେସ ପବ୍ଲିକ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ପ୍ରାୟ ୬ଶହରୁ ଊର୍ଦ୍ଧ୍ୱର୍ ଯୁବକ ଯୁବତୀ ସାମିଲ ହୋଇଥିଲେ। ପରିଶେଷରେ ହିଲିପାଟଣା ସ୍ଥିତ ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ସମ୍ମୁଖରେ ଆଇ.ଏସ.ଆର.ଡିର ନିର୍ଦ୍ଦେଶକ ସୁଧୀର ସାବତଙ୍କ ଅଧ୍ୟକ୍ଷତାରେ ଏକ ଆଧ୍ୟାତ୍ମିକ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ରୁପେ ସାମନ୍ତରା ଏକାଡେମୀର ନିର୍ଦ୍ଦେଶକ ଦେବେଶ ସାମନ୍ତରାୟ ଯୋଗଦେଇ ସ୍ୱାମୀଜୀଙ୍କ ଯୁବ ସମାଜ ପ୍ରତି ଗୁରୁତ୍ୱକୁ ସରଳ ଭାଷାରେ ବୁଝାଇଥିଲେ। କ୍ରାନ୍ତି ଅନୁଷ୍ଠାନର ଡ.ଦେବାନନ୍ଦ ଦାଶ ନିଶା ମୁକ୍ତ ଭାରତ ଗଠନ ପାଇଁ ସଂକଳ୍ପ କରାଇଥିଲେ।

ପାଟପୁର ସୂର୍ଯ୍ୟ ସାହୁ ହତ୍ୟା ମାମଲା

## ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ

ବ୍ରହ୍ମପୁର,୧୨।୧(ସମିସ): ଏକ ହତ୍ୟାକାଣ୍ଡ ମାମଲାର ବିଚାରଣା କରି ଗଞ୍ଜାମ ଜିଲ୍ଲା ଦୌରାଜଜ୍ ଆସାମୀକୁ ଆଜୀବନ ଜେଲ ସହିତ ୧୦ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯୋଗ୍ୟ ଯେ' ଗତ ୨୦୨୩ ଡିସେମ୍ବର ୨୮ରେ ପାଟପୁରର ସୂର୍ଯ୍ୟ କୁମାର ସାହୁ ଘରୁ ବସଷ୍ଟାଣ୍ଡ ଅଭିମୁଖେ ଯାଇ ଆଉ ଫେରିନଥିଲେ। ସୂର୍ଯ୍ୟଙ୍କ ଭାଇ ନିତ୍ୟାନନ୍ଦ ସାହୁ ୨୯ ତାରିଖ ଅପରାହ୍ନରେ ସୂର୍ଯ୍ୟଙ୍କ ମରଶରୀର ବସ୍ଷ୍ଟାଣ୍ଡ ନିକଟସ୍ଥ ମଦ ଦୋକାନ ପାଖରେ ପଡିଥିବା ଖବର ପାଇ ପହଞ୍ଚିଥିଲେ। ମୃତ ସୂର୍ଯ୍ୟଙ୍କ ମୁହଁ, ଗୋଡ଼ ସମେତ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଦେଖି ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରି ପାଟପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ କରି ପୁଲିସ ଅଭିଯୁକ୍ତ ପ୍ରଶାନ୍ତ କୁମାର ସ୍ୱାଇଁକୁ ଗିରଫ କରିଥିଲା। ଘଟଣା ସ୍ଥଳରୁ ଅଭିଯୁକ୍ତ ପ୍ରଶାନ୍ତ ଛାଡ଼ି ଥିବା ରକ୍ତ ଜୁଡୁବୁଡୁ ଚପଲ ସମେତ ଅନ୍ୟାନ୍ୟ ସାମଗ୍ରୀକୁ ଜବତ କରିଥିଲା। ତତ୍କାଳୀନ ପାଟପୁର ଥାନା ଅଧିକାରୀ ତଥା ତଦନ୍ତକାରୀ ଅଧିକାରୀ ସବ୍ୟସଚୀ ମଲ୍ଲ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ଗଞ୍ଜାମ ଜିଲ୍ଲା ଦୌରାଜଜ୍ଙ୍କ କୋର୍ଟରେ ମାମଲାର ବିଚାରଣା ଚାଲିଥିବା ବେଳେ ମୋଟ ୧୮ଜଣଙ୍କ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଅଭିଯୁକ୍ତଙ୍କ ଚପଲ ଓ ମଦ ବୋତଲ ସହିତ ଡିଏନ୍ଏ ରିପୋର୍ଟ ମେଳ ଖାଇବା ପରେ ଅଭିଯୁକ୍ତ ପ୍ରଶାନ୍ତ ହିଁ ସୂର୍ଯ୍ୟଙ୍କୁ ହତ୍ୟା କରିଥିବା ସ୍ପଷ୍ଟ ହୋଇଥିଲା। ପାରିପାର୍ଶ୍ୱିକ ସ୍ଥିତି ଓ ସାକ୍ଷୀଙ୍କ ବୟାନ ସହିତ ତଥ୍ୟ ଓ ପ୍ରମାଣକୁ ଆଧାର କରି ଜିଲ୍ଲାଜଜ୍ ଆଶାନ୍ତ କୁମାର ଦାସ ଅଭିଯୁକ୍ତ ପ୍ରଶାନ୍ତ କୁମାର ସ୍ୱାଇଁକୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥି ସହିତ ୧୦ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ବିଶ୍ୱଜିତ ବରାଳ ମକଦ୍ଦମା ପରିଚାଳନା କରୁଥିଲେ।

● ପୀତବାସ ପଣ୍ଡା ହତ୍ୟା ମାମଲା

## ମଳୟଙ୍କ ସମେତ ୬ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି ଆଜି

ବ୍ରହ୍ମପୁର,୧୨।୧(ସମିସ): ବହୁଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟାକାଣ୍ଡ ମାମଲାରେ ଗିରଫ ୬ଜଣ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି ଦିନକ ପାଇଁ ଘୁଞ୍ଚିଲା। ମାମଲା ପରିଚାଳନା ପାଇଁ ସରକାରଙ୍କ ପକ୍ଷରୁ ନିୟୋଜିତ ସ୍ୱତନ୍ତ୍ର ପିପି କାଳୀଚରଣ ମିଶ୍ରଙ୍କ ଅନୁପସ୍ଥିତି ଯୋଗୁ ଶୁଣାଣି ପାଇଁ ସରକାରୀ ଓକିଲ ଦିନଟିଏ ସମୟ ପାଇଁ ଆବେଦନ କରିବା ପରେ ସୋମବାର ହେବାକୁ ଥିବା ଶୁଣାଣି ମଙ୍ଗଳବାରକୁ ଘୁଞ୍ଚିଥିବା ଜଣାପଡିଛି।

ଗତ ଅକ୍ଟୋବର ୬ରେ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଦୁଇଜଣ ଅଜଣା ତଥା ମୁଖାଧାରୀ ଆତତାୟୀ ଗୁଳିକରି ହତ୍ୟା କରିଥିଲେ। ଘଟଣାରେ ପୁଲିସ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଓ ପୂର୍ବତନ ମେୟର ଶିବଶଙ୍କର ଦାଶଙ୍କ ସମେତ ମୋଟ ୧୬ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ବ୍ରହ୍ମପୁର ମହାନଗର ନିଗମର ୪୧ନମ୍ବର ୱାର୍ଡର କର୍ପୋରେଟର ମଳୟ ବିଶୋୟୀଙ୍କ ସମେତ ସୁନୀଲ ହୋତା, ବିପିନ ସ୍ୱାଇଁ, ସୀମାଞ୍ଚଳ ନାୟକ, ଦୁଇ ବିହାରୀ ଅପରାଧି ଶିଶୁପାଳ କୁମାର ପାଶୱାନ ଓ କୁନ୍ଦନ କୁମାରଙ୍କ ଜାମୀନ ପାଇଁ ସେମାନଙ୍କ ଓକିଲ ଯଥାକ୍ରମେ କୃଷ୍ଣ ପଟ୍ଟନାୟକ ଓ ଚକ୍ରପାଣି ନାହାକ ସ୍ଥାନୀୟ ଏସଡିଜେଏମଙ୍କ କୋର୍ଟରେ ଆବେଦନ କରିଥିଲେ। ଇତି ମଧ୍ୟରେ ପୁଲିସ ପକ୍ଷରୁ କୋର୍ଟରେ ୧୬୬୭ପୃଷ୍ଠା ସମ୍ବଳିତ ପ୍ରାଥମିକ ଚାର୍ଜସିଟ ଦାଖଲ କରାଯାଇଛି।

## ୬ ଦଫା ଦାବିରେ ସିପିଏମ୍ ପକ୍ଷରୁ ବିକ୍ଷୋଭ

ବ୍ରହ୍ମପୁର,୧୨।୧(ସମିସ): ଆସନ୍ତା ଫେବୃଆରୀ ୧୨ରେ ବିଭିନ୍ନ ଟ୍ରେଡ୍ ୟୁନିଅନ, ଚାଷୀ ସଙ୍ଗଠନ, ଯୁବ ସଂଗଠନ ସମେତ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ

**ଫେବୃଆରୀ ୧୨ରେ ଦେଶବ୍ୟାପୀ ଧର୍ମଘଟ, ଚକ-ଅଖ ବନ୍ଦ ଡାକରା**



ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆଯିବ। ଏନେଇ ସୂଚନା ଦେଇଛନ୍ତି ବରିଷ୍ଠ କମ୍ୟୁନିଷ୍ଟ ନେତା ତଥା ସିପିଆଇଏମ୍ର ପୂର୍ବତନ ରାଜ୍ୟ ସମ୍ପାଦକ ଅଳିକିଶୋର ପଟ୍ଟନାୟକ। ଏହା ପୂର୍ବରୁ ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ୬ଦଫା ଦାବିରେ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ସୁରକ୍ଷା ଜମା (ଏଏସ୍ଡି) ସଂଗ୍ରହ ବାତିଲ, ସମସ୍ତ ଚାଷୀ ଓ ଭାଗଚାଷୀଙ୍କର ସବୁ ଧାନ କ୍ରୟ କରାଯାଉ, ସମସ୍ତ ଖାଉଟୀଙ୍କୁ ରାସନ କାର୍ଡ ବଣ୍ଟନ, ସ୍ମାର୍ଟ ମିଟର ବନ୍ଦ କରିବା, ପ୍ରତିଶ୍ରୁତି ମୁତାବକ ଉପଭୋକ୍ତାଙ୍କୁ ୩ଶହ ୟୁନିଟ ମାଗଣା ବିଜୁଳି, ଜିଲ୍ଲାର ସମସ୍ତ ଧାନ ମଣ୍ଡି ଖୋଲିବା, କଟ୍ନି ଓ ଛଟ୍ନି ବନ୍ଦ କରିବା ଏବଂ ପିୟୁସି ନାମରେ ଲୋକଙ୍କୁ ଶୋଷଣ କରିବା ବନ୍ଦ କରିବା ଆଦି ବିଭିନ୍ନ ଦାବିରେ ଦଳ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ସ୍ଥାନୀୟ ସହିଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ୍ ନିକଟରୁ ଶୋଭାଯାତ୍ରାରେ ଆସି ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲେ। ସେଠାରେ ପ୍ରତିବାଦ ସଭା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଯୁଧିଷ୍ଠିର ବେହେରା, କୈଳାସ ଷଡଙ୍ଗୀ, ରାମଚନ୍ଦ୍ର ନାୟକ, ଦିଲ୍ଲିପ ଛୋଟରାୟ, ଅଜୟ ଗୌଡ, ହରିକୃଷ୍ଣ ରେଡ୍ଡୀ, ବିଦ୍ୟାଧର ଜେନା, ଶିବପ୍ରସାଦ ମହାପାତ୍ର, ନୀଳମଣି ଗୁରୁ, ଶୁକ ଶବର, ଶିବ କୁମାର, ବିଷ୍ଣୁପ୍ରିୟା ସାହୁ, ବିପିନ ନାୟକ, ଗୋପାଳ ପାଣିଗ୍ରାହୀ, ପ୍ରତାପ ଚୌଧୁରୀ, ବାବୁଲା ନାୟକ, ହରି ନାୟକ, ରାଜା ରାଓ, ଗୋକୁଳ ତ୍ରିପାଠୀ ଓ ନୀଳମାଧବ ରଥ ପ୍ରମୁଖଙ୍କ ସମେତ ବହୁ କମ୍ୟୁନିଷ୍ଟ ନେତା ଓ କର୍ମୀ ସାମିଲ ହୋଇଥିଲେ।

ଗଞ୍ଜାମ ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ

## ନୟନ ନିର୍ବାଚନ ଅଧିକାରୀ, ସଂଜୟ ଓ ବ୍ରଜ ଅଡିଟର୍ ମନୋନୀତ

ବ୍ରହ୍ମପୁର, ୧୨।୧ (ସମିସ): ମାର୍ଚ୍ଚ ୨୮ରେ ହେବ ଗଞ୍ଜାମ ଓକିଲ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ। ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। 'ୱାନ ବାର୍ ୱାନ ଭୋଟ' ନିତି ପ୍ରକାରେ ଉକ୍ତ ଦିନ ସମଗ୍ର ରାଜ୍ୟରେ ଓକିଲ ସଂଘ ଗୁଡିକରେ ନିର୍ବାଚନ ଅନୁଷ୍ଠିତ ହେବ। ଗଞ୍ଜାମ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସୋମବାର ନିର୍ବାଚନ ପରିଚାଳନା ପାଇଁ ନିର୍ବାଚନ ଅଧିକାରୀ ଓ ଅଡିଟର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନଜୀବୀ ତଥା



ମୋଟରଯାନ ଦୁର୍ଘଟଣା ବିବାଦ ମୀମାଂସା ଅଦାଲତ ଓକିଲ ସଂଘର ସଭାପତି ନୟନ ଚନ୍ଦ୍ର ମହାପାତ୍ର ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିଭଳି ଅଡିଟର ପଦବୀରେ ସଂଜୟ ମିଶ୍ର ଓ ସହଯୋଗୀ ଅଡିଟର ଭାବେ ବ୍ରଜ ମୋହନ ବିଶୋୟୀ ମଧ୍ୟ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଥିଲେ। ବରିଷ୍ଠ ଆଇନଜୀବୀ ନୟନ ମହାପାତ୍ର ପୂର୍ବରୁ ଦୁଇ ଦୁଇଥର ନିର୍ବାଚନ ପରିଚାଳନା କରିସାରିଥିବା ବେଳେ ଗଞ୍ଜାମ ଓକିଲ ସଂଘର ଥରେ ସଭାପତି ଓ ଦୁଇଥର ସମ୍ପାଦକ ଦାୟିତ୍ୱ ତୁଲାଇ ସାରିଛନ୍ତି। ଆସନ୍ତା ମାର୍ଚ୍ଚ ୨୮ତାରିଖରେ ଗଞ୍ଜାମ ଓକିଲ ସଂଘର ସଭାପତି, ସମ୍ପାଦକ, ଉପ ସଭାପତି, ଯୁଗ୍ମ ସମ୍ପାଦକଙ୍କ ସମେତ ୭ଜଣ କାର୍ଯ୍ୟକାରିଣୀ କମିଟି ସଦସ୍ୟ ପଦବୀ ପାଇଁ ନିର୍ବାଚନ ହେବ। ଏଥିପାଇଁ ଚଳିତ ମାସର ୨୫ ସୁଦ୍ଧା ସଂଘର ସମସ୍ତ ସଦସ୍ୟ ନିଜର ସଦସ୍ୟତାର ନବୀକରଣ କରିବାକୁ ହେବ। ନିର୍ବାଚନ ଅଧିକାରୀ ଓ ଅଡିଟର ନିର୍ବାଚନ କାର୍ଯ୍ୟକ୍ରମରେ ସଂଘର ଉପ ସଭାପତି ତିରୁମାଳା କୁମାର ରେଡ୍ଡୀ, ସମ୍ପାଦକ ଟି. ଭେଙ୍କେଟ ରାଓ ଓ ଯୁଗ୍ମ ସମ୍ପାଦକ ଅଦିତ କୁମାର ସାବତଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# 'ଦକ୍ଷିଣ ଓଡ଼ିଶାକୁ ସମ୍ବଳହୀନ କରିବାକୁ ସରକାରଙ୍କ ଷଡ଼ଯନ୍ତ୍ର'

ବ୍ରହ୍ମପୁର,୧୨।୧(ସମିସ): ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ଗୋପାଳପୁର-ଜୟପୁର ଅର୍ଥନୈତିକ କରିଡର ଦକ୍ଷିଣ ଓଡ଼ିଶାବାସୀଙ୍କ ସମେତ କୃଷି, ଜଙ୍ଗଲ ଓ ପରିବେଶ ପାଇଁ ବିନାଶକାରୀ ହେବ ବୋଲି ପୂର୍ବାନୁମାନ କରିଛନ୍ତି 'ଲୋକଶକ୍ତି ଅଭିଯାନ'ର ରାଷ୍ଟ୍ରୀୟ ଆବାହକ ପ୍ରଫୁଲ୍ଲ ସାମନ୍ତରାୟ ଓ 'ଅଖିଳ ଭାରତ କିଶାନ ମଜଦୂର ସଭା'ର ଜାତୀୟ ସମ୍ପାଦକ ଭାଲଚନ୍ଦ୍ର ଷଡ଼ଙ୍ଗୀ। ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଉଭୟେ ଏହା କହିଛନ୍ତି। ଗୋପାଳପୁର ବନ୍ଦରଠାରୁ ଜୟପୁର ପର୍ଯ୍ୟନ୍ତ ପ୍ରାୟ ୩୩୦ କିଲୋମିଟର ଦୀର୍ଘ ଏହି କରିଡ଼ରରେ ୮ଲେନ୍ ବିଶିଷ୍ଟ ପ୍ରଶସ୍ତ ରାଜପଥ ସହ ସମାନ୍ତରାଳ ଭାବେ ଦୋହରା ରେଳଲାଇନ ନିର୍ମାଣ ପ୍ରସ୍ତାବ ରହିଛି। ୫୦୦ମିଟରରୁ ଅଧିକ ପ୍ରସ୍ଥ ଓ ୩୩୦ କିମି ଲମ୍ବା ବିଶିଷ୍ଟ ଏହି କରିଡର ପାଇଁ ପ୍ରାୟ ୧୪ହଜାର ଏକରରୁ ଉର୍ଦ୍ଧ୍ୱ ଚାଷଜମି ଓ ମୂଲ୍ୟବାନ ଜଙ୍ଗଲ ନଷ୍ଟ ହେବା ଆଶଙ୍କା ସୃଷ୍ଟି ହୋଇଛି। ଏହାବ୍ୟତିତ ଗଂଜାମ, ଗଜପତି, ରାୟଗଡ଼ା ଓ କୋରାପୁଟ ଜିଲ୍ଲାର ଘଞ୍ଚ ଜଙ୍ଗଲ ଓ ପାହାଡ଼ ଦେଇ ଯିବାକୁ ଥିବା ଏହି କରିଡ଼ର ଫଳରେ ଉପରୋକ୍ତ ଜିଲ୍ଲାର ବିପୁଳ ପରିମାଣର ମୂଲ୍ୟବାନ ଜଙ୍ଗଲ, ଅନେକ ଜଳସ୍ରୋତ ଏବଂ ପର୍ବତ ସହ ସ୍ଥାନୀୟ ଲୋକ ବିଶେଷ କରି ଆଦିବାସୀ ଓ ପାରମ୍ପରିକ ବନଜୀବୀଙ୍କ ଗାଁ, ଚାଷଜମି ଓ ଜୀବିକା କ୍ଷତିଗ୍ରସ୍ତ ହେବାକୁ ଯାଉଥିବାରୁ ସରକାର ଏଭଳି ଏକ ପ୍ରକଳ୍ପ ପାଇଁ ଆଗକୁ ବଢ଼ିବା ପୂର୍ବରୁ ଏଥିରେ ହେବାକୁ ଥିବା କ୍ଷୟକ୍ଷତିର ଏକ ବୈଜ୍ଞାନିକ ସମ୍ମତ ଆକଳନ କରି ତାକୁ ସାର୍ବଜନିନ କରିବାକୁ ଉଭୟେ ଦାବି କରିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବର୍ତ୍ତମାନ ବ୍ରହ୍ମପୁରରୁ ଜୟପୁର ଯିବାକୁ ଆନ୍ଧ୍ରପ୍ରଦେଶ ଦେଇ ଏକ ଜାତୀୟ ରାଜପଥ ରହିଛି। ଏହା ସହିତ କୋରାପୁଟ ଜିଲ୍ଲାର ପଟାଙ୍ଗି ଦେଇ ଜୟପୁରକୁ ୬ ଥାକିଆ ବିଶିଷ୍ଟ ବିଶାଖାପାଟଣା-ରାୟପୁର ଭାରତମାଳା ରାଜପଥ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ



ସମାପ୍ତ ହୋଇସାରିଛି। ପୁନଶ୍ଚ ବ୍ରହ୍ମପୁର ଠାରୁ ରାୟଗଡ଼ା ଦେଇ କୋରାପୁଟକୁ ଯାଇଥିବା ରାଜ୍ୟ ରାଜ୍ୟପଥ ବା କେଭି ଲାଇନ୍କୁ ସରକାର ୧୬ଶହ କୋଟି ଟଙ୍କା ଖର୍ଚ୍ଚ କରି ଜାତୀୟ ରାଜପଥ ଭାବେ ସଂପ୍ରସାରଣ କରାଯିବ ବୋଲି ନିକଟରେ ଘୋଷଣା କରିଛନ୍ତି। ଏହି ରାଜପଥର ଏକ ବଡ଼ଭାଗ (ଜୟପୁର ଠାରୁ ଦିଗପହଣ୍ଡି ଯାଏଁ) ମଧ୍ୟ କେନ୍ଦ୍ର ସରକାରଙ୍କ ପ୍ରକଳ୍ପ, ବିଜୟୱାଡା-ରାଞ୍ଚି କରିଡ଼ରର ଅଂଶବିଶେଷ। ଏଭଳି ପରିସ୍ଥିତିରେ ଦକ୍ଷିଣ ଓଡ଼ିଶାର ଜନସାଧାରଣ ଓ ପ୍ରକୃତିର ଏତେ ବଡ଼ କ୍ଷୟକ୍ଷତିସାଧନ କରି ଜୟପୁରରୁ ଗୋପାଳପୁରକୁ ଆଉ ଏକ ମେଗା ହାଇୱେ କରିବାର ଆବଶ୍ୟକତା କ'ଣ ବୋଲି ପାଲଟା ପ୍ରଶ୍ନ କରିଛନ୍ତି। ଜୟପୁର ଗୋପାଳପୁର ମଧ୍ୟରେ ଯାତ୍ରା ସମୟ କମାଇବା ଆଳରେ ପ୍ରାୟ ୯ହଜାର କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ଅର୍ଥନୈତିକ କରିଡ଼ର ନାମରେ ସ୍ୱତନ୍ତ୍ର ରାଜପଥ କାହା ସ୍ୱାର୍ଥରେ ନିର୍ମାଣ କରାଯିବ ତାହା ସରକାର ସ୍ପଷ୍ଟ କରନ୍ତୁ। ଦକ୍ଷିଣ ଓଡ଼ିଶାର ହଜାର ହଜାର ଲୋକଙ୍କୁ ବିସ୍ଥାପିତ କରି ତଥା ୧୪ହଜାର ଏକରରୁ ଅଧିକ ଚାଷଜମି ଓ ଜଙ୍ଗଲକୁ ନଷ୍ଟ କରି ଏଭଳି ଏକ ପ୍ରକଳ୍ପ ପଛରେ କେବଳ କର୍ପୋରେଟ କମ୍ପାନୀଙ୍କ ସ୍ୱାର୍ଥ ଜଡ଼ିତ ଛଡ଼ା ଅନ୍ୟ କିଛି ନୁହେଁ ବୋଲି ସେମାନେ ଅଭିଯୋଗ କରିଛନ୍ତି।

ପ୍ରଥମେ ପ୍ରକଳ୍ପ ଦ୍ୱାରା ନିର୍ଦ୍ଦିଷ୍ଟ ଭାବେ କେତେ ଜଙ୍ଗଲ, କେତେ ଚାଷଜମି ଅଧିଗ୍ରହଣ କରାଯିବ, କେତେ ଗ୍ରାମ, ସ୍କୁଲ ଓ କେତେ ପରିବାରକୁ ବିସ୍ଥାପିତ କରାଯିବ ସେ ସମ୍ପର୍କରେ ପ୍ରକୃତ ତଥ୍ୟକୁ ସରକାର ତୁରନ୍ତ ପ୍ରକାଶ କରନ୍ତୁ। ଏହି ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ପୂର୍ବରୁ ପ୍ରଥମେ ଜଙ୍ଗଲ ଅଧିକାର ଆଇନ - ୨୦୦୬ ଓ ପେସା ଆଇନ ଅନୁଯାୟୀ ପ୍ରଭାବିତ ହେବାକୁ ଥିବା ସମସ୍ତ ଗ୍ରାମରେ ଗ୍ରାମସଭାର ସମ୍ମତି ପାଇଁ ଗ୍ରାମସଭାର ଆୟୋଜନ ନିଶ୍ଚିତ କରାଯାଉ। ସରକାର ପ୍ରଥମେ ବିଶେଷଜ୍ଞ କମିଟି ଦ୍ୱାରା ଏହାର ଆର୍ଥିକ ଓ ପରିବେଶୀୟ କ୍ଷୟକ୍ଷତିର ମୂଲ୍ୟାୟନ କରନ୍ତୁ ଏବଂ ତାକୁ କେନ୍ଦ୍ର କରି ପ୍ରକଳ୍ପ ଫଳରେ କେତେ ଲାଭ କେତେ କ୍ଷତି ହେବ ତା'କୁ ପ୍ରକାଶ କରନ୍ତୁ। ପରେ ଜମି ଅଧିକାର ଆଇନ, ଜଙ୍ଗଲ ଆଇନ, ପେସା ଆଇନ, ରାଜ୍ୟର ୧୯୫୬ରେଗୁଲେସନ୍ (୨) ଜମି ଅଧିଗ୍ରହଣ ଆଇନ ୨୦୧୩ ଅନୁଯାୟୀ ଗ୍ରାମସଭା ଗୁଡ଼ିକର ସମ୍ମତି ପରେ ପ୍ରକଳ୍ପ ସମ୍ପର୍କିତ ନିଷ୍ପତି ନିଆଯାଉ ବୋଲି ଦାବି କରିଛନ୍ତି।

୭ମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



୰ ଗୋବିନ୍ଦ ଚନ୍ଦ୍ର ନାୟକ

କଶବା, ସୋର, ବାଲେଶ୍ୱର

ଆବିର୍ଭାବ: ୧୧.୦୪.୧୯୩୯

ତିରୋଧାନ: ୧୩.୦୧.୨୦୧୯

ବାପା ତୁମେ ଆମ ସୃଷ୍ଟିକର୍ତ୍ତା,
ତୁମେ ମହାନ ଅବିନଶ୍ୱର,
ତୁମେ ଚିର ସ୍ମରଣୀୟ,
ତୁମେ ପ୍ରାତଃ ବନ୍ଦନୀୟ,
ତୁମେ ଶାନ୍ତ ସରଳ, ଚିର ଅନନ୍ତ,
ଦୂରେ ଯାଇନାହଁ ଆମ ଠାରୁ କେବେ,
ବିରାଜିଛ ସଦା ଆମ ହୃଦୟରେ

ବାପା ଚାଁହୁ ଚାଁହୁ ସାତ ବର୍ଷ ବିତିଗଲା, ଭୁଲି ପାରୁନୁ ତୁମକୁ,
ଇତି ମଧ୍ୟରେ ଦୁଇ ମାସ ତଳେ ବଉ ବି ଆମକୁ ଶୋକ ସାଗର ରେ ଭସାଇ ଦେଇ ଚାଲିଗଲା।
ଆଜିର ଏହି ପୁଣ୍ୟ ତିଥିରେ,
ତୁମର ଅନାବିଳ ସ୍ନେହ ଶ୍ରଦ୍ଧା କୁ ପାଥେୟ କରି,
ପରୋପକାରୀତାର ଜୀବନ ଦର୍ଶନକୁ ପାଥେୟ କରି,
ତୁମର ଅମର ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ
ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।

ଶ୍ରଦ୍ଧାଞ୍ଜଳି ସହ

ବାବୁ, ମୁନି, କୁନା, ମୀରା, ବସନ୍ତ, ମନା, ମିଟି, ସୂର୍ଯ୍ୟ, ଟଗୁଲୁ,
ନିନି, ବଣ୍ଟି, ରୁବି, ଶିଆ, ରାଟୀ, କଣ୍ଢେଇ, ମାମା, ସୋମା, ବାବାନ, କାହ୍ନା, ସୁନୁ, ବେବି

# ଦ୍ୱୈତ ନିର୍ବାଚନମଣ୍ଡଳୀ, ବ୍ଲକ୍ ଓ ୩ଟି ପଞ୍ଚାୟତରୁ ସିଦ୍ଧବାଲିକୁ ମୁକ୍ତି ଦାବି

ପଟ୍ଟାମୁଣ୍ଡାଇ,୧୨।୧(ସମିସ): ସିଦ୍ଧବାଲି ଗ୍ରାମଟି ୧୯୯୯ରୁ ରାଜସ୍ୱ ଗ୍ରାମ ମାନ୍ୟତା ପାଇ ପଟ୍ଟାମୁଣ୍ଡାଇ ତହସିଲ ଓ ଅଣ୍ଡରା ରାଜସ୍ୱ ନିରୀକ୍ଷକ ଅଧୀନରେ ଥିବାବେଳେ ଅମୃତମଣୋହି, ନୂଆପଡା, ବଲୁରିଆ ଆଦି ୩ଟି ପଞ୍ଚାୟତ ଓ ପଟ୍ଟାମୁଣ୍ଡାଇ, ଆଳି ୨ଟି ବ୍ଲକ ଅଧୀନରେ ରହିଛି। ଏଥିସହିତ କେନ୍ଦ୍ରାପଡ଼ା ଓ ଆଳି ବିଧାନସଭା ଅଧୀନରେ ରହିଥିବାରୁ ଏହି ରାଜସ୍ୱ ଗ୍ରାମର ଲୋକେ ସରକାରୀ କାର୍ଯ୍ୟ ଓ ସୁବିଧା ହାସଲ କରିବା ପାଇଁ ଅକଥନୀୟ ଦୁର୍ଦ୍ଦଶା ଭୋଗ କରିବା ସହିତ ସରକାରୀ ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଏ ସମ୍ପର୍କରେ ସିଦ୍ଧବାଲି ଗ୍ରାମବାସୀ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଦାବିପତ୍ର ପ୍ରଦାନ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାପାଳ ୩।୮।୨୦୨୧ରେ ଜିଲ୍ଲା କାର୍ଯ୍ୟାଳୟ ସରକାରୀ ଚିଠି ନଂ ୬୮୩୮ରେ ଉପଜିଲ୍ଲାପାଳଙ୍କୁ ସରଜମିନ ଅନୁଧ୍ୟାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତତ୍କାଳୀନ ଉପଜିଲ୍ଲାପାଳ ପଟ୍ଟାମୁଣ୍ଡାଇ ତହସିଲଦାର ଓ ବିଡିଓ, ଆଳି ତହସିଲଦାର, ବିଡ଼ିଓଙ୍କୁ ନେଇ ସରଜମିନ ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତତ୍କାଳୀନ ପଟ୍ଟାମୁଣ୍ଡାଇ ତହସିଲଦାର, ବିଡିଓ, ଆଳି ତହସିଲଦାର ଓ ବିଡିଓ କ'ଣ ତଦନ୍ତ ରିପୋର୍ଟ ଦେଲେ ଅଦ୍ୟାବଧି ସ୍ଥିତିରେ କୌଣସି ପରିବର୍ତ୍ତନ ହୋଇନାହିଁ। ଯାହାକୁ ନେଇ ସିଦ୍ଧବାଲି ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଗ୍ରାମବାସୀ ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀ, କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ୯ ତାରିଖରେ ପଟ୍ଟାମୁଣ୍ଡାଇ ବ୍ଲକରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ଶିକ୍ଷାବିତ ଦିଲ୍ଲୀପ ଖଣ୍ଡାୟୀଙ୍କ ନେତୃତ୍ୱରେ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରି ତୁରନ୍ତ ସିଦ୍ଧବାଲି ଗ୍ରାମକୁ ଗୋଟିଏ ପଞ୍ଚାୟତ, ବ୍ଲକ ଓ ନିର୍ବାଚନମଣ୍ଡଳୀରେ ଅନ୍ତର୍ଭୁକ୍ତ କରିବାକୁ ଦାବି କରିଥିଲେ।

# ଦାଣ୍ଡିସାହିରେ ସଚେତନତା କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୧୧।୧(ସମିସ): ସହକାର ଭାରତୀର ୪୭ତମ ସ୍ଥାପନା ଦିବସ ଅବସରରେ ଦାଣ୍ଡିସାହିରେ ସଂଗଠନର ଜିଲ୍ଲା କାର୍ଯ୍ୟକାରିଣୀର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ସହକାର ଭାରତୀର ପିଏସିଏସ କକ୍ଷର ସହସଂଯୋଜକ ସ୍ମୃତିରଞ୍ଜନ ପରିଡ଼ା ମୁଖ୍ୟଅତିଥି ରୂପେ ଯୋଗଦେଇ ସଂଗଠନର ଲକ୍ଷ୍ୟ ଓ ସମବାୟ ହିଁ



ଗ୍ରାମୀଣ ବିକାଶର ଏକମାତ୍ର ସାଧନ ବୋଲି ମତବ୍ୟକ୍ତ କରିଥିଲେ। କେନ୍ଦ୍ରାପଡ଼ାର ପ୍ରତି ତହସିଲ ସ୍ତରରେ ସହକାର ଭାରତୀର କାର୍ଯ୍ୟକୁ ପହଞ୍ଚାଇବା ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ଉପସ୍ଥିତ ସଦସ୍ୟ ସଂକଳ୍ପ କରିଥିଲେ। ଶକ୍ତିରଞ୍ଜନ ବିଶ୍ୱାଳ, ନିଖିଳ ପ୍ରଧାନ, କଳାକାର ଜେନା, କିଶୋର ରାଉତ, ଦୀପକ ଦାଶ, ଦଶରଥ ମଲିକ, ବାବୁରାମ ସାମଲ, ସୌଭାଗ୍ୟ ବିଶ୍ୱାଳ ଯୋଗ ଦେଇଥିବାବେଳେ ଅରୋଶିଷ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ପୀର ନୁର୍ ସାହା ବାବାଙ୍କ ଉର୍ସ ଉତ୍ସବ

ପଟ୍ଟାମୁଣ୍ଡାଇ,୧୨।୧(ସମିସ): ପୀର ହଜରତ ନୁର ଅଲ୍ଲୀ ସାହା ବାବାଙ୍କ ୪୫ତମ ବାର୍ଷିକ ଉର୍ସ ଉତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ମଦରସା ନିକଟରୁ ଚାଦର ଶୋଭାଯାତ୍ରା



ବାହାରି ପଟ୍ଟାମୁଣ୍ଡାଇ ସହର ପରିକ୍ରମା କରି ବାବାଙ୍କ ସମାଧିରେ ଚାଦର ଚଢ଼ାଯାଇଥିଲା। ଏ ଉପଲକ୍ଷେ ଧର୍ମସଭାର ଆୟୋଜନ କରାଯାଇଥିଲା। ଏଥିରେ ଭାରତର ପ୍ରସିଦ୍ଧ ମୌଲାନା ସୟଦ ଅବଦୁଲ କାଦିର ମିଆଁ, ମୌଲାନା ମୁଫତି ମୁସରଫ, ମୌଲାନା ଅକତର ରଜା ଜିୟେ, ମୌଲାନା ମୁବାସୀର ହୁସେନ, ମୌଲାନା ମୁଜିସ ରାଜା କଦ୍ରି, ମୌଲାନା ସେଏରୀ ଯାମଜାମ ଫତେପୁରୀ, ମୌଲାନା ହାଫିଜ ଇସ୍ରାଫିଲ, ମୌଲାନା ଓସୀମ କଦ୍ରି ପ୍ରମୁଖ ଯୋଗ ଦେଇ ଇସଲାମ ଧର୍ମ ଓ ପୀର ବାବା ଜୀବନୀ ଉପରେ ଆଲୋକପାତ କରିଥିଲେ। ପଟ୍ଟାମୁଣ୍ଡାଇ ଶାନ୍ତି କମିଟି ସଦସ୍ୟ ଯୋଗଦେଇ ଭାଇଚାରାର ବାର୍ତ୍ତା ଦେଇଥିଲେ। ଉର୍ସ କମିଟି ପକ୍ଷରୁ ଏସଡିପିଓ କ୍ଷମାସାଗର ପଣ୍ଡା ଓ ଆଦର୍ଶ ଥାନା ଅଧିକାରିଣୀ ବନ୍ଦନା ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉର୍ସ କମିଟି ସଭାପତି ଶେଖ ଗୋଲାମ ମଦାନୀ, ସମ୍ପାଦକ ଅଫସାର ଅଲ୍ଲୀ ଖାଁ, ଉସ୍ତାର ଖାଁ, ଶେଖ ସମସର, ଶେଖ ସକିର, ଶେଖ ଜାକିର, ରହିମ ଖାଁ, ଅମୀର ଖାଁ ପ୍ରମୁଖ ଉତ୍ସବ ପାଳିଚାଳନା କରିଥିଲେ।

# ପଟ୍ଟାମୁଣ୍ଡାଇ ଓକିଲ ସଙ୍ଘ ପକ୍ଷରୁ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ

ପଟ୍ଟାମୁଣ୍ଡାଇ,୧୨।୧(ସମିସ): ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟ ପରିସରରେ ଥିବା ଓକିଲ ସଂଘ କାର୍ଯ୍ୟାଳୟରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଓକିଲ ସଂଘ ଉପସଭାପତି ସୁରେଶ ନରେନ୍ଦ୍ର, ଯୁଗ୍ମସମ୍ପାଦକ ମନୋଜ ନାୟକ, ବରିଷ୍ଠ ଆଇନଜୀବୀ ଭୀମସେନ ପ୍ରଧାନ, ବିଜ୍ଞାନ ମିହିର ଜେନା, ଗୋପୀନାଥ ତ୍ରିପାଠୀ, ଅଭିରାମ କୁଣ୍ଡ, ଶରତ ମଲିକ, ଗଣେଶ ବାରିକ, ଧୀରେନ୍ଦ୍ର ସାହୁ, ମିର୍ଜା ସରିଫ ବେଗ, ଅରୂପା ପାତ୍ର, ସୁମନ୍ତ ମାଝୀ ପ୍ରମୁଖ ଯୋଗ ଦେଇ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ।

# ବାରଡାଙ୍ଗ ପ୍ୟାକ୍ସରେ ଧାନମଣ୍ଡି ଉଦ୍‌ଘାଟିତ



ମହାକାଳପଡ଼ା,୧୨।୧(ସମିସ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବାରଡାଙ୍ଗ ପ୍ରାଥମିକ କୃଷି ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ସମିତି ସଭାପତି ସୁଶାନ୍ତ ବିଶ୍ୱାଳ, ସମ୍ପାଦକ ଦେବେନ୍ଦ୍ର ସାହୁ, ପରିଚାଳକ ଅକ୍ଷୟ ଦାଶ, ସ୍ଥାନୀୟ ସରପଞ୍ଚ ଅରବିନ୍ଦ ଜେନା ଓ ଚାଷୀ ଉପସ୍ଥିତ ଥିଲେ। ଧାନ ମଣ୍ଡି ଆରମ୍ଭ ହେବାରୁ ଅଞ୍ଚଳର ଚାଷୀ ଖୁସି ପ୍ରକାଶ କରିଛନ୍ତି।

# ବେଣୀପୁର ଗାଁକୁ ଗଡ଼ିଲା ଲକ୍ଷ୍ମୀ ବସ୍

ପଞ୍ଚୁପାଣ୍ଡବ,୧୨।୧(ସମିସ): ଡେରାବିଶ ବ୍ଲକ ଅନ୍ତର୍ଗତ ବେଣୀପୁର ପଞ୍ଚାୟତର ବେଣୀପୁର ଗ୍ରାମକୁ ଲକ୍ଷ୍ମୀ ବସ୍ ଚାଲିଛି। ନବୀନ ସରକାରଙ୍କ ଯୋଜନାରେ ଏହି ବସ୍ ପ୍ରତି ପଞ୍ଚାୟତର ସବୁ ଗ୍ରାମକୁ ଚଳାଚଳ କରିବାକୁ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ବସ୍‌ଟି ତିନିମୁହାଣୀରୁ ବାହାରି ବଙ୍ଗଳା ସାହି, ରାଏପୁର, ବୀର ନୀଳକଣ୍ଠପୁର, ବେଲାରପୁର, ସଦାନନ୍ଦପୁର, ବଜାର ଓ ଛୋଟି ହାଟକୁ ଯାଇ ବ୍ଲ କୁ ଫେରୁଥିଲା। ବେଣୀପୁର ଗ୍ରାମକୁ ବସ୍ ନ ଯିବାରୁ ଗ୍ରାମର ଲୋକେ ପ୍ରାୟ ୫ କିମି ଦୂରକୁ ଆସି ବସ୍ ଧରୁଥିଲେ। ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଓ ବିଡିଓ ନମିତା ବାରିକଙ୍କୁ ଦାବି କରାଯାଇଥିଲା। ଆଜିଠୁ ଗ୍ରାମକୁ ବସ୍ ଚାଲିଥିବାରୁ ପ୍ରକାଶ ସାହୁ, ଶିଶିର ମଲ୍ଲିକ, ପ୍ରଦୀପ ସାମଲ, ସୁଦୀପ୍ତ ସାମଲ, ନମିତା ସାହୁ ବିଧାୟକ ଓ ବିଡିଓଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ନେହରୁଙ୍କୁ ସମାଲୋଚନା ମହାପୁରୁଷଙ୍କ ପ୍ରତି ଅପମାନ

ପଟ୍ଟାମୁଣ୍ଡାଇ,୧୨।୧(ସମିସ): ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପଟ୍ଟଶିଷ୍ୟ ଓ ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ ପୁରୋଧା ଓ ଦେଶ ଗଠନରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ସମ୍ପ୍ରତି କିଛି ବ୍ୟକ୍ତିବିଶେଷ ପଣ୍ଡିତ ନେହେରୁଙ୍କୁ ସମାଲୋଚନା କରିବା ଦେଖାଯାଉଛି। ନେହେରୁଙ୍କୁ ସମାଲୋଚନା ସ୍ୱାଧୀନତା ଆନ୍ଦୋଳନ ଓ ଦେଶ ଗଠନରେ ପ୍ରମୁଖ ଭୂମିକା ନିଭାଇଥିବା ମହାମନିଷୀଙ୍କ ପ୍ରତି ଅପମାନ ବୋଲି ଶିକ୍ଷକନେତା ସୁନାମଣି ଦାଶ ପ୍ରକାଶ କରିବା ସହିତ ଦେଶ ପ୍ରତ୍ୟେକ ନାଗରିକ ସମୃଦ୍ଧ ଦେଶ ଗଠନରେ ମନୋନିବେଶ କରିବାକୁ ନିବେଦନ କରିଛନ୍ତି।

# କୁଶିଆପାଳ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

ଡେରାବିଶ, ୧୨।୧(ସମିସ): କୁଶିଆପାଳ ପଞ୍ଚାୟତ ଅନ୍ତର୍ଗତ କୁଶିଆପାଳ ଆଦର୍ଶ ପ୍ରାଥମିକ କୃଷି ସମବାୟ ସମିତିରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଓ ପ୍ରଯୁକ୍ତି ବିଜ୍ଞାନ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଧାନମଣ୍ଡି ଉଦଘାଟନ କରିଛନ୍ତି। ସମବାୟ ସମିତି ପରିଚାଳନା ପରିଷଦ ସଭାପତି ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଶ୍ରୀ ପାତ୍ର, ସମ୍ମାନିତ ଅତିଥି ଭାବେ ରାଜ୍ୟ ବିଜେପି ମୁଖପାତ୍ର ତେଜେଶ୍ୱର ପରିଡ଼ା, ଗୀତାଞ୍ଜଳି ସେଠୀ, ଜିଲ୍ଲା ବିଜେପି ସଭାପତି ଶଶାଙ୍କ ସେଠୀ, ବିକ୍ରମ ରାଉତରାୟ, ଉପଜିଲ୍ଲାପାଳ ଅରୁଣ ନାୟକ, ଜିଲ୍ଲା ଯୋଗାଣ ଅଧିକାରୀ ବେଣୁଧର ପାଣି, ଜିଲ୍ଲା ସମବାୟ ସମୂହର ସହକାରୀ ନିବନ୍ଧକ ପ୍ରଭାକର ନାୟକ, ସହକାରୀ ଉପନିବନ୍ଧକ ଯୋଗେନ୍ଦ୍ର ବିଶ୍ୱାଳ, ଡେରାବିଶ ବ୍ଲକ୍ ଅଧ୍ୟକ୍ଷା ପ୍ରଭାତୀ ମଲିକ, ବିଡିଓ ନମିତା ବାରିକ, ଯୋଗାଣ ନିରୀକ୍ଷକ ସ୍ୱରୁପ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସମବାୟ ସମିତି ସମ୍ପାଦକ ମୃତ୍ୟୁଞ୍ଜୟ ଦାସଙ୍କୁ ମନ୍ତ୍ରୀ ଶ୍ରୀ ପାତ୍ର ସମ୍ବର୍ଦ୍ଧିତ କରିଥିଲେ। ସହସମ୍ପାଦକ ମାନସ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୧୩୭ଟି ଅଭିଯୋଗ ପଞ୍ଜିକୃତ, ୧୯ଟିର ତୁରନ୍ତ ସମାଧାନ

କେନ୍ଦ୍ରାପଡ଼ା,୧୨।୧(ସମିସ)



କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସାଧାରଣ ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ସମାଧାନ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ଶିବିରରେ ୧୩୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିରେ ୧୨୫ଟି ବ୍ୟକ୍ତିଗତ ଓ ୧୨ଟି ସାମୂହିକ ଅଭିଯୋଗ ଥିଲା। ଏଥିରୁ ୧୯ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିବାବେଳେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୪ ଜଣ ହିତାଧିକାରୀଙ୍କୁ ୫୨ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଶିବିରରେ ଜିଲ୍ଲାପାଳ ରଘୁରାମ ଆର. ଆୟର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ ନାୟକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତି ରଞ୍ଜନ ଗୌଡ଼, ବିଡିଓ ଅଭିଷେକ ସ୍ୱାଇଁ, ତହସିଲଦାର କୁଇନି ଜେନାଙ୍କ ସହ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି: ମୁକ୍ତେଶ୍ୱର ବିଜୟୀ

ରାଜନଗର,୧୨।୧(ସମିସ): ରାଜନଗର ବ୍ଲକ ବଡପଲ୍ଲୀ ମିନି ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫିର ଦ୍ୱିତୀୟ କ୍ୱାର୍ଟରରେ ବିଏମସିସି ଯାଜପୁରକୁ ହରାଇ ମୁକ୍ତେଶ୍ୱର ଭୁବନେଶ୍ୱର ସେମିଫାଇନାଲରେ ପ୍ରବେଶ କରିଛି। ଭୁବନେଶ୍ୱର ପ୍ରଥମେ ବ୍ୟାଟିଂ କରି ୧୯ ଓଭରରେ ସମସ୍ତ ୱିକେଟ ହରାଇ ୧୭୩ ରନ କରିବାକୁ ସକ୍ଷମ ହୋଇଥିଲା। ଜବାବରେ ଯାଜପୁର ୫ ୱିକେଟ ହରାଇ ୧୭୦ ରନ କରିବାକୁ ସକ୍ଷମ ହୋଇଥିଲା। ଭୁବନେଶ୍ୱରର ଖାଜି ସର୍ଫରାଜଙ୍କୁ ମ୍ୟାନ ଅଫ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଗୋଗୁଆ ସରପଞ୍ଚ ପ୍ରମୋଦ ଦାସ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# କାଜୁ ଜଙ୍ଗଲରୁ ଜବରଦଖଲ ଉଚ୍ଛେଦ



ମହାକାଳପଡ଼ା, ୧୨।୧ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲାରେ ଜଙ୍ଗଲ ଜମି ଉପରେ ହୋଇଥିବା ଜବରଦଖଲ ବିରୋଧରେ ଜିଲ୍ଲା ପ୍ରଶାସନ କଡା ପଦକ୍ଷେପ ନେଇଛି। ମହାକାଳପଡ଼ା ତହସିଲ ଅନ୍ତର୍ଗତ ବରଜବାହାକୁଦ ଅଞ୍ଚଳର ୧୨ ଏକର କାଜୁ ଜଙ୍ଗଲରେ କାଜୁ ଗଛ କାଟି ବାଡ ବୁଲାଇ ଜବରଦଖଲ କରାଯାଇଥିବା ଜମିକୁ ଆଜି ଉଚ୍ଛେଦ କରାଯାଇଛି। ଏହି କାଜୁ ଜଙ୍ଗଲ ଜମିରେ ବାଡ ପୋତି ଝୁଡ଼ଙ୍ଗ, ମକା, ମୁଳା, ବିମ୍ବ, କନ୍ଦମୁଳ ଓ ଟମାଟର ଭଳି ପନିପରିବା ଚାଷ କରାଯାଉଥିଲା। କେବଳ ବରଜବାହାକୁଦ ନୁହେଁ, ରାମନଗର ଅଞ୍ଚଳର ବିଭିନ୍ନ ସ୍ଥାନରେ ମଧ୍ୟ ଜଙ୍ଗଲ ଜମିରେ ବାଡ ପୋତି ଜବରଦଖଲ କରାଯାଇଥିବା ଘଟଣା ସାମ୍ନାକୁ ଆସିଛି। ଅବୈଧ ଭାବେ ପନିପରିବା ଚାଷ କରୁଥିବା ବ୍ୟକ୍ତିଙ୍କୁ ତହସିଲ ପକ୍ଷରୁ ଦୁଇଥର ନୋଟିସ ଦିଆଯାଇଥିଲେ ମଧ୍ୟ ସେ ତହସିଲ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ନ ଥିଲେ। ଆଜି ଜିଲ୍ଲା ପ୍ରଶାସନ, ବନ ବିଭାଗ ଓ ସାମୁଦ୍ରିକ ଥାନା, ଜମ୍ବୁ ପୁଲିସ ସହଯୋଗରେ ଉଚ୍ଛେଦ କରାଯାଇଛି।

# ସାମ୍ବାଦିକଙ୍କ ମାତୃ ବିୟୋଗ



ରାଜନଗର,୧୨।୧(ସମିସ): ଗୁପ୍ତି ପଞ୍ଚାୟତ ଗୋପାଳପୁର ଗ୍ରାମର ବର୍ଷିୟାନ ମହିଳା ସାବିତ୍ରୀ ହାତି (୯୨)ଙ୍କ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ଗଣେଶ ହାତି, ବଡପୁଅ ତଥା ସାମ୍ବାଦିକ ବସନ୍ତ କୁମାର ହାତି, ଶରତ, ପ୍ରଶାନ୍ତ, ଜ୍ୱାଇଁ ଉତ୍ତମ, ଅଶୋକ, ସୁଧିର, ଝିଅ ଅଞ୍ଜଳି, ନିରୁପମା, କବିତା, ସବିତାଙ୍କ ସହ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଥିଲେ।

# ନେତାଜୀ ଆଞ୍ଚଳିକ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ରାଜକନିକା,୧୨।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ଫୁଟବଲ ଏକ୍ସୁଡ଼ିଶାଳା ଭାବେ ପରିଚିତ ତରାସ ନେତାଜୀ କ୍ଲବ୍ ଆୟୋଜନରେ ନେତାଜୀ ମିନି ଷ୍ଟାଡ଼ିୟମରେ ନେତାଜୀ ଆଞ୍ଚଳିକ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଏଥିରେ ୮ଟି ଫୁଟବଲ ଦଳ ଭାଗ ନେଇଛନ୍ତି। ମୁଖ୍ୟଅତିଥି ଭାବେ ଆଳି ବିଧାୟକଙ୍କ ପ୍ରତିନିଧି ବିକାଶ ଦାସ, ସମ୍ମାନିତ ଅତିଥି ଭାବେ ତରାସ ସରପଞ୍ଚ ମନୋରମା ନାୟକ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ବନମାଳୀ ରାଉତ, ଭରତ ବାରିକ, ଅକ୍ଷୟ ନାଥ, କ୍ଲବ୍‌ର ସଭାପତି ବନଜ ବାରିକ ଯୋଗଦେଇ ଉଦଘାଟନ କରିଥିଲେ। ପ୍ରଥମ ଦିନରେ ୱାଇୱାଇ କ୍ଲବ ଚେରଣ୍ଟପଡ଼ା ୧-୦ ଗୋଲରେ ଏନଏସି ଚାନ୍ଦବାଲିକୁ ହରାଇ ସେମିଫାଇନାଲକୁ ପ୍ରବେଶ କରିଛି। ରାହୁଲ ବାରିକଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଖେଳୁ ଶିବପ୍ରସାଦ ମଲ୍ଲିକ, ଅରୁଣ ବାରିକ, ଶରତ ଜେନା, ନିଗମାନନ୍ଦ ନାୟକ ପରିଚାଳନା କରିଥିଲେ।

## ● ଜିଲ୍ଲା ମହୋତ୍ସବ, ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

# 'ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ଦେଶର ଉନ୍ନତି'



କେନ୍ଦ୍ରାପଡ଼ା,୧୨।୧(ସମିସ)

କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ସୋମବାର ଜିଲ୍ଲା ମହୋତ୍ସବ, ପଲ୍ଲିଶ୍ରୀ ମେଳା ଓ ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳା ଉଦଘାଟିତ ହୋଇଛି। ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, କେନ୍ଦ୍ରାପଡ଼ା ସାଂସଦଙ୍କ ପ୍ରତିନିଧି ଶଶାଙ୍କ ସେଠୀ, ଜିଲ୍ଲାପାଳ ରଘୁରାମ ଆର. ଆୟର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା ଯୋଗ ଦେଇଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟଅତିଥି ଅପରେସନ ସିନ୍ଦୁର, ଆତ୍ମନିର୍ଭର ଭାରତ, ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ଏ ଅବସରରେ ବିଭିନ୍ନ କ୍ଷେତ୍ରରେ ଜିଲ୍ଲା ପାଇଁ ଗୌରବ ଆଣିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ସହ ଅନ୍ୟ ଜିଲ୍ଲାରୁ ଆସିଥିବା କଳାକାର ମନୋରମ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କଣ୍ଠଶିଳ୍ପୀ କୁଳଦୀପ ପଟ୍ଟନାୟକଙ୍କ ସୁମଧୁର ଗୀତ ଦର୍ଶକଙ୍କୁ ମତୁଆଲା କରିଥିଲା।

୭ମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ଂ ଗୋବିନ୍ଦ ଚନ୍ଦ୍ର ନାୟକ

କଶବା, ସୋର, ବାଲେଶ୍ୱର

ଆବିର୍ଭାବ: ୧୧.୦୪.୧୯୩୯
ତିରୋଧାନ: ୧୩.୦୧.୨୦୧୯

ବାପା ତୁମେ ଆମ ସୃଷ୍ଟିକର୍ତ୍ତା,
ତୁମେ ମହାନ ଅବିନଶ୍ୱର,
ତୁମେ ଚିର ସ୍ମରଣୀୟ,
ତୁମେ ପ୍ରାତଃ ବନ୍ଦନୀୟ,
ତୁମେ ଶାନ୍ତ ସରଳ, ଚିର ଅନନ୍ତ,
ଦୂରେ ଯାଇନାହଁ ଆମ ଠାରୁ କେବେ,
ବିରାଜିଛ ସଦା ଆମ ହୃଦୟରେ

ବାପା ଚାଁହୁ ଚାଁହୁ ସାତ ବର୍ଷ ବିତିଗଲା, ଭୁଲି ପାରୁନୁ ତୁମକୁ,
ଇତି ମଧ୍ୟରେ ଦୁଇ ମାସ ତଳେ ବଉ ବି ଆମକୁ ଶୋକ ସାଗର ରେ ଭସାଇ ଦେଇ ଚାଲିଗଲା।
ଆଜିର ଏହି ପୁଣ୍ୟ ତିଥିରେ,
ତୁମର ଅନାବିଳ ସ୍ନେହ ଶ୍ରଦ୍ଧା କୁ ପାଥେୟ କରି,
ପରୋପକାରୀତାର ଜୀବନ ଦର୍ଶନକୁ ପାଥେୟ କରି,
ତୁମର ଅମର ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ
ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।

ଶ୍ରଦ୍ଧାଞ୍ଜଳି ସହ

ବାବୁ, ମୁନି, କୁନା, ମୀରା, ବସନ୍ତ, ମନା, ମିଟି, ସୂର୍ଯ୍ୟ, ଚଗୁଲୁ,
ନିନି, ବଣ୍ଟି, ରୁବି, ଶିଆ, ରାଟୀ, କଣ୍ଢେଇ, ମାମା, ସୋମା, ବାବାନ, କାହ୍ନୁ, ସୁନୁ, ବେବି

# ଶ୍ରୀକ୍ଷେତ୍ର ସିଟି

୧୨/୧/୨୦୨୬ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୯୭,୬୦୭/- ସୁନା: ୦୨.୭୫୦ ଗ୍ରାମ୍ ରୁପା: ୭୬.୨୦୦ ଗ୍ରାମ୍





## ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ଆଗରେ ଡିଇଓଙ୍କ ଧାରଣା

ପୁରୀ,୧୨।୧(ସମିସ): ଠିକା କର୍ମଚାରୀ ଭାବେ ସ୍ୱଳ୍ପ ବେତନରେ କାମ କରୁଥିବା ଜଣେ ଡାଟା ଏଣ୍ଟ୍ରି ଅପରେଟର (ଡିଇଓ)ଙ୍କ ବଦଳି ହୋଇଛି। ତାହା ପୁଣି ନିଜ ଘରଠାରୁ ପ୍ରାୟ ୯୦ରୁ ୯୫ କିମି ଦୂରକୁ। ଘରେ ରହୁଥିବା ବୁଢ଼ୀ ମା' ଏବଂ ପରିବାର ଦେଖାରଖା କରିବାରେ ଅସୁବିଧା ହେବ। ତେଣୁ ତାଙ୍କ ବଦଳି ବାତିଲ୍ କିମ୍ବା ପୁନର୍ବିଚାର କାରିବାକୁ ଦାବି କରିଛନ୍ତି ସଚ୍ଚିକାନ୍ତ ଜେନା। ହେଲେ ତାଙ୍କ ଦାବି କେହି ଶୁଣୁ ନ ଥିବାରୁ ସୋମବାର ସେ ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ

**ବଦଳିର ପୁନଃବିଚାର ନ ହେଲେ ଆତ୍ମାହୁତି ଦେବେ**



ଧାରଣାରେ ବସିଛନ୍ତି। ବଦଳି ବାତିଲ୍ କିମ୍ବା ପୁନଃବିଚାର ନ ହେଲେ ସେ ଆତ୍ମାହୁତି ଦେବେ ବୋଲି କହିଛନ୍ତି।

ବ୍ରହ୍ମଗିରି ବୁଧଙ୍ଗର ସଚ୍ଚିକାନ୍ତ କହିଛନ୍ତି, ୨୦୧୧ରେ ବାଲୁଖଣ୍ଡ ବନ ବିଭାଗରେ ଡାଟାଏଣ୍ଟ୍ରି ଅପରେଟର ଭାବେ ଯୋଗଦେଇଥିଲେ। ତତ୍କାଳୀନ ରେଞ୍ଜ ଅଫିସର ଅନନ୍ତ କୁମାର କର ସ୍କିଲ୍ ଟେଷ୍ଟ କରି ତାଙ୍କୁ ରଖିଥିଲେ। ସେ ମାସିକ ୧୬ ହଜାର ଟଙ୍କା ବେତନରେ କାର୍ଯ୍ୟ କରି ଆସୁଛନ୍ତି। ୨୦୧୬ରେ ତାଙ୍କୁ ଆଉଟ୍ ସୋର୍ସିଂରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଗତ ୯ ତାରିଖରେ ତାଙ୍କର ଅସ୍ତରଙ୍ଗ ବନ ବିଭାଗ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ବର୍ତ୍ତମାନ ସେ ପତ୍ନୀଙ୍କ ସହ ପୁରୀରେ ରହୁଛନ୍ତି। ତାଙ୍କ ଶିଶୁପୁତ୍ର ପୁରୀରେ ପାଠ ପଢୁଛି। ଘରେ ବି ୭୭ ବର୍ଷୀୟା ବୃଦ୍ଧା ମା' ରହୁଛନ୍ତି। ତେଣୁ ପୁରୀରୁ ବେଳେ ବେଳେ ସେ ଘରକୁ ଯିବାଆସିବା କରିଥା'ନ୍ତି। ହେଲେ ବର୍ତ୍ତମାନ ତାଙ୍କର ଅସ୍ତରଙ୍ଗ ବଦଳି ହୋଇଛି, ଯାହାକି ପୁରୀରୁ ପ୍ରାୟ ୬୫ କି.ମି. ଦୂର। ତେଣୁ ସେ ଡିଏଫ୍‌ଓଙ୍କୁ ତାଙ୍କ ବଦଳି ବାତିଲ୍ କିମ୍ବା ପୁନର୍ବିଚାର କରି ଆଖପାଖ ରେଞ୍ଜକୁ ଦେବା ଲାଗି ଅନୁରୋଧ କରିଥିଲେ। ହେଲେ ତାଙ୍କ ଗୁହାରି ଶୁଣାଯାଉ ନ ଥିବାରୁ ସେ ଧାରଣାରେ ବସିଥିବା କହିଛନ୍ତି। ଏ ସମ୍ପର୍କରେ ଡିଏଫ୍‌ଓ ମଗର ଧନଜୀ ରାଓସ କହିଛନ୍ତି, ସେ ଦୀର୍ଘ ୧୫ ବର୍ଷ ହେଲାଣି ଗୋଟିଏ ଜାଗାରେ ଅଛନ୍ତି। ଏମିତି ବି ତାଙ୍କ ନାଁରେ ବେଳେବେଳେ ଅଭିଯୋଗ ଆସୁଛି। ତେଣୁ ତାଙ୍କର ବଦଳି କରାଯାଇଛି।

### ଜମିପଟ୍ଟା ପାଇଁ ତାତିଲେ ଗ୍ରାମବାସୀ

# ଚକବନ୍ଦୀ ଅଫିସରେ ତାଲା ପକାଇଲେ

ପୁରୀ,୧୨।୧(ସମିସ): ଜମିପଟ୍ଟା ସଂଶୋଧନ କରି ପ୍ରଜାଙ୍କୁ ହସ୍ତାନ୍ତର ଦାବିରେ ସୋମବାର ଶହଶହ ଗ୍ରାମବାସୀ ଚାରିନଳାସ୍ଥିତ ଚକବନ୍ଦୀ ଓ ବନ୍ଦୋବସ୍ତ ଅଫିସରେ ତାଲା ପକାଇଛନ୍ତି। ପୁରୀ ସଦର ଅନ୍ତର୍ଗତ ବାଟ ଗାଁ, ସମଙ୍ଗରା, ବାଲିଗୁଆଳି, ମଙ୍ଗରାଜପୁର, ଆଳିକିଆ, ରେଣ୍ଟୁଅ, ନୂଆପାଟଣା, ଚକ୍ରବର୍ତ୍ତୀପାଟଣା, ନାଗପାଟଣା, ମାଳତୀପାଟପୁର ସମେତ ଅନ୍ୟାନ୍ୟ ବହୁ ଗାଁର ଗ୍ରାମବାସୀ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅଫିସ ବନ୍ଦ କରି ଧାରଣା ଦେଇଛନ୍ତି। ବନ୍ଦୋବସ୍ତରୁ ସମ୍ପୂର୍ଣ୍ଣ ପ୍ରଜା ସତ୍ତ୍ୱ କାଟିବା ଅଭିଯୋଗରେ ଦିନତମାମ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଜମି ପଟ୍ଟାରେ ଜମିଦାର କଲମରେ 'ଓଡ଼ିଶା ସରକାର' ନାମ ଉଲ୍ଲେଖ କରି ତୁରନ୍ତ ପ୍ରଜାଙ୍କୁ ଯୋଗାଇଦେବାକୁ ଦାବି ହୋଇଛି।

ଆଞ୍ଚଳିକ ଭୂ-ସମ୍ପତ୍ତି ସୁରକ୍ଷା ପରିଷଦ ପୁରୀ ସଦରର ସଭାପତି ଶଶିଭୂଷଣ ଶତପଥୀ କହିଛନ୍ତି, ୧୯୨୭-୨୮ ମସିହା ବନ୍ଦାବସ୍ତ ମୁତାବକ ସ୍ଥିତିବାନ ପ୍ରଜା ଥାଇ ତତ୍କାଳୀନ ଜମିଦାରଙ୍କୁ ଭୂ ରାଜସ୍ୱ ଖଜଣା ପଇଠ ଦେଇ ପୁରୁଷାନୁକ୍ରମିକ ସ୍ଥିତିବାନ ପ୍ରଜା ହିସାବରେ ଭୋଗଦଖଲରେ ରହିଆସୁଛୁ। ଆବଶ୍ୟକ ଅନୁଯାୟୀ ଭୂସମ୍ପତ୍ତିକୁ ଅନ୍ୟତ୍ର ବିକ୍ରି, ବନ୍ଧକ ରଖି ମାଲିକାନା ସତ୍ତ୍ୱ ମଧ ଭୋଗ ଦଖଲ କରିଆସୁଛୁ। ଓଡ଼ିଶା ଜମିଦାରୀ ଉଚ୍ଛେଦ ଆଇନ ୧୯୫୪ ଓ ୧୯୭୪ ସଂଶୋଧନ ପରେ ଯେଉଁ ସବୁ

**ଜମିପଟ୍ଟା ସଂଶୋଧନ କରି ହସ୍ତାନ୍ତର ନ ହେବା ଯାଏ ଧାରଣା**

ଧର୍ମାନୁଷ୍ଠାନ ଟ୍ରଷ୍ଟ ଇଷ୍ଟେଟ ଭାବେ ଜମିଦାରୀ ଉଚ୍ଛେଦରୁ ବର୍ତ୍ତି ଯାଇଥିଲେ ସେହି ଟ୍ରଷ୍ଟ ଇଷ୍ଟେଟ ସହ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମରେ ଜମିଦାର ଭାବେ ରେକର୍ଡ ହେଲା। ସେହି ଅନୁଯାୟୀ ବାଟ ଗାଁ, ସମଙ୍ଗରା ଓ ପୁରୀ ସଦରର ଅନ୍ୟାନ୍ୟ ମୌଜାରେ ଥିବା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମିଦାରୀ ସହ ୨୭ ହଜାରୀ ମାହୋଲ ମଧ ରାଜ୍ୟ ସରକାରଙ୍କ ଉପରେ ନ୍ୟସ୍ତ କରାଗଲା। ଓଡ଼ିଶା ସରକାରଙ୍କ ଏହି ନିଷ୍ପତ୍ତିକୁ ତତ୍କାଳୀନ ଶ୍ରୀମନ୍ଦିର ପ୍ରଶାସନ ବିରୋଧ କରି ନ ଥିଲେ। ମାତ୍ର କିଛି ସେବାୟତ ଆଇନର ଆଶ୍ରୟ ନେବାରୁ ୧୯୭୭ ମସିହା ବନ୍ଦୋବସ୍ତରେ ଜମି ପଟ୍ଟାର



ଜମିଦାର କଲମରେ ଶ୍ରୀଜଗନ୍ନାଥ ମହାପ୍ରଭୁ ମାର୍ଫତ୍ ଶ୍ରୀମନ୍ଦିର ପରିଚାଳନା କମିଟି ଉଲ୍ଲେଖ ରହିଲା। ୧୯୮୮ରେ ସର୍ବୋଚ୍ଚ ନ୍ୟାୟାଳୟ ତାଙ୍କ ରାୟରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମିଦାରୀ ଉଚ୍ଛେଦ ନିଷ୍ପତ୍ତିକୁ ଠିକ୍ ଦର୍ଶାଇଲେ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତି କ୍ରମେ ଶ୍ରୀମନ୍ଦିର ପରିଚାଳନା କମିଟି ତତ୍କାଳୀନ ମୁଖ୍ୟ ପ୍ରଶାସକଙ୍କ ଦ୍ୱାରା ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗଠାରୁ ଜମିଦାରୀ ଉଚ୍ଛେଦ ବାବଦ ଉଚିତ୍ କ୍ଷତିପୂରଣ ଗ୍ରହଣ କରିସାରିଛନ୍ତି। ମାତ୍ର ରାଜସ୍ୱ ବିଭାଗର ଅବହେଳା ଯୋଗୁଁ ଜମିପଟ୍ଟାର ଜମିଦାରୀ କଲମରେ 'ଓଡ଼ିଶା ସରକାର' ନାମ ଉଲ୍ଲେଖ କରାଯାଇପାରି ନାହିଁ। ମାତ୍ର ପ୍ରଜାମାନେ ୧୯୭୭ ମସିହାଠାରୁ ଆଜି ପର୍ଯ୍ୟନ୍ତ ଭୂରାଜସ୍ୱ ଖଜଣା ଓଡ଼ିଶା ସରକାରଙ୍କୁ ପଇଠ କରିଆସୁଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସକ ନିଜ କ୍ଷମତା ବଳରେ ୨୦୧୨ ମସିହାଠାରୁ ଭୂ-ସମ୍ପତ୍ତି ବିକ୍ରି, ବନ୍ଧକ ଉପରେ ରୋକ୍ ଲଗାଇଛନ୍ତି। ଶ୍ରୀମନ୍ଦିର ପ୍ରଶାସକ ଅଯଥା ଚକବନ୍ଦୀରେ ପକ୍ଷ ରଖି ପ୍ରଜାମାନଙ୍କୁ ହଇରାଣ କରୁଛନ୍ତି। ତେଣୁ ଆଇନ ବିଭାଗ ଏଥିରେ ତ୍ୱରିତ ସୁଧାର ଆଣିବାକୁ ସେ ଦାବି କରିଛନ୍ତି।

ବର୍ତ୍ତମାନ ବନ୍ଦୋବସ୍ତ ଚାଲିଥିବାବେଳେ ସମ୍ପୂର୍ଣ୍ଣ ପ୍ରଜା ସତ୍ତ୍ୱ କାଟିବା ପାଇଁ ଉଦ୍ୟମ ହେଉଥିବାରୁ ଶହଶହ ଗ୍ରାମବାସୀ ଏକତ୍ରିତ ହୋଇ ଉଭୟ ଚକବନ୍ଦୀ ଓ ବନ୍ଦୋବସ୍ତ କାର୍ଯ୍ୟାଳୟ ଘେରଉ କରିବା ସହ ତାଲା ପକାଇଛନ୍ତି। ଜମିପଟ୍ଟାରେ ସଂଶୋଧନ କରାଯାଇ ବିଧିବଦ୍ଧ ଭାବେ ମୌଜାର ପ୍ରଜାମାନଙ୍କୁ ଜମିପଟ୍ଟା ହସ୍ତାନ୍ତର କରିବାକୁ ଦାବି କରାଯାଇଛି। ଏହି ଧାରଣା ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାଲୁ ରହିବ ବୋଲି ଗ୍ରାମବାସୀ କହିଛନ୍ତି। ତୁରନ୍ତ ଏହି ବନ୍ଦୋବସ୍ତ ପ୍ରକ୍ରିୟା ବନ୍ଦ ନ ହେଲେ ବଡ଼ ଧରଣର ଜନଆନ୍ଦୋଳନ ହେବା ସହ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି।

## ଦୁଗ୍ଧ ମେଲାଣ ନୀତି ସମ୍ପନ୍ନ

ପୁରୀ,୧୨।୧(ସମିସ): ମକର ସଂକ୍ରାନ୍ତି ପୂର୍ବ ଦିନକୁ ନବାଙ୍କ କୁହାଯାଏ। ନବାଙ୍କ ପୂର୍ବଦିନ ମହାପ୍ରଭୁଙ୍କ ଦୁଗ୍ଧ ମେଲାଣ ନୀତି ଅନୁଷ୍ଠିତ ହେବାର ବିଧି ରହିଛି। ତେଣୁ ସୋମବାର ମହାପ୍ରଭୁଙ୍କ ଦୁଗ୍ଧ ମେଲାଣ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ଦ୍ୱିପ୍ରହର ଧୂପ ସରିବା ପରେ ରାମକୃଷ୍ଣ ଆଜ୍ଞାମାଳପ୍ରାପ୍ତ ହୋଇ ଘଣ୍ଟ, ଛତା ଓ କାହାଳୀ ପଟୁଆରରେ



ପାଲିଙ୍କିରେ ଶ୍ରୀଜଗନ୍ନାଥ ମଠ ସମ୍ମୁଖରେ ବିଜେ ହୋଇଥିଲେ। ତାଙ୍କ ସହିତ ଲେଙ୍କା, ଆସ୍ଥାନ ପଡ଼ିଆରୀ, ମହାଭୋଇ ପୂଜାପଣ୍ଡା ସାମନ୍ତ, ମହାଜନ, ଭିତରଚ୍ଛ ସେବକ ଆସିଥିଲେ। ମହାଭୋଇ ସେବକ ମଠ ସମ୍ମୁଖରେ ବନ୍ଧା ଯାଇଥିବା ଗାଈକୁ ରୁପା ପିଙ୍ଗଣରେ ଦୁହିଁ ଥିଲେ। ଏହି କ୍ଷୀରକୁ ଦୁଇଭାଗ କରାଯାଇଥିଲା। ଗୋଟିଏ ଭାଗରେ ଲେଙ୍କା କର୍ପୂର ପକାଇ ଅମୁଣିଆ ପ୍ରସାଦ ପ୍ରସ୍ତୁତ କରି ଭିତରଚ୍ଛଙ୍କୁ ପ୍ରଦାନ କରିଥିଲେ। ଭିତରଚ୍ଛ ଠାକୁରଙ୍କୁ କ୍ଷୀର ମଣୋହି କରିଥିଲେ। ଆଉ ଗୋଟିଏ ଭାଗ କ୍ଷୀରକୁ ମହାଭୋଇ ସେବକ ମାଟି ଗଡୁରେ ଶିକାରେ ବସାଇ ଶ୍ରୀମନ୍ଦିରକୁ ନେଇଥିଲେ। ଏହାପରେ ପୂଜାପଣ୍ଡା ସାମନ୍ତ ମଠ ଆସ୍ଥାନରେ ଫନ୍ତି ସମ୍ପନ୍ନ କରିଥିଲେ।

## କ୍ରୀଡ଼ା ଛାତ୍ରାବାସରେ ଜାତୀୟ ଯୁବ ଦିବସ

ପୁରୀ,୧୨।୧(ସମିସ): ଯୁବ ଶକ୍ତିର ପ୍ରତୀକ ସ୍ୱାମୀ ବିବେକାନନ୍ଦଙ୍କୁ ସ୍ମରଣ ଓ ତାଙ୍କ ଆଦର୍ଶର ସ୍ମୃତିଚାରଣ କରି ସୋମବାର ସ୍ଥାନୀୟ ଶ୍ରୀଜଗନ୍ନାଥ ଷ୍ଟାଡିୟମ୍‌ସ୍ଥିତ କ୍ରୀଡ଼ା ଛାତ୍ରାବାସରେ ପାଳିତ ହୋଇଯାଇଛି ଜାତୀୟ ଯୁବ ଦିବସ। ଏଥିରେ ଯୋଗଦେଇ ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ସ୍ୱାମୀ ବିବେକାନନ୍ଦ ଜଣେ ଦୃଢ଼ମନା, ଶୃଙ୍ଖଳିତ ଜୀବନଚର୍ଯ୍ୟା, ଆଦର୍ଶ ଓ ଚରିତ୍ରବାନ ବ୍ୟକ୍ତି ଭାବେ ବିଶ୍ୱରେ ପରିଚିତ। ଯୁବବର୍ଗ ବିବେକାନନ୍ଦଙ୍କ ଜୀବନରୁ ଶିକ୍ଷା ଲାଭ କରି ନିଷ୍ଠାପର ଭାବେ ନିଜ ଲକ୍ଷ୍ୟରେ ଆଗେଇ ସଫଳ ହେବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଏଥିରେ ଖୋ ଖୋ କୋଚ୍ ଚୌଧୁରୀ ପାର୍ଥସାରଥୀ ମହାପାତ୍ର, ଛାତ୍ରାବାସର କର୍ମଚାରୀ, ଅନ୍ତେବାସୀମାନେ ଯୋଗଦେଇଥିଲେ।

● ଜାତୀୟ ଯୁବ ଦିବସ ପାଳିତ

## 'ବିବେକାନନ୍ଦ ଯୁବବର୍ଗ ଓ ଯୁବ ଶକ୍ତିର ପ୍ରେରଣାର ଉତ୍ସ'

ପୁରୀ,୧୨।୧(ସମିସ): ପୁରୀ ଜିଲ୍ଲାରେ ସୋମବାର ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଅବସରରେ ଜାତୀୟ ଯୁବ ଦିବସ ଓ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ପାଳିତ ହୋଇଯାଇଛି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଜିଲ୍ଲା ପ୍ରଶାସନ, ପୌରପାଳିକା, ଭାରତ ବିକାଶ ପରିଷଦ, ସମ୍ପର୍କ ଓ ମାଇଁ ଯୁବା ପୁରୀ ଶାଖାର ମିଳିତ ସହଯୋଗରେ ଦିଗବାରେଣୀ ଛକଠାରେ ଥିବା ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମୁଖ୍ୟଅତିଥି ଭାବେ ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ସ୍ୱାମୀ ବିବେକାନନ୍ଦ ଯୁବବର୍ଗ ଓ ଯୁବ ଶକ୍ତିର ପ୍ରେରଣାର ଉତ୍ସ ବୋଲି କହିଥିଲେ। ଯୁବ ବୟସରେ ବିବେକାନନ୍ଦ ବିଦାୟ ନେଇଥିଲେ ମଧ ତାଙ୍କର କାର୍ଯ୍ୟ, ତ୍ୟାଗ, ଜ୍ଞାନ ଓ ପାରଦର୍ଶିତା ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡର ଅଧକ୍ଷା ଡ. ହରପ୍ରିୟା ଦାଶ, ପ୍ରାକ୍ତନ ପ୍ରଶାସକ ପଦ୍ମନାଭ ପଣ୍ଡା, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ମଧୁସୂଦନ ସିଂହାରୀ ପ୍ରମୁଖ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ଆଦର୍ଶ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ବନ୍ଦେ ମାତରମ୍ ସଙ୍ଗୀତକୁ ସାମୂହିକ ଗାନ କରାଯାଇଥିଲା। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଆତ୍ମନିର୍ଭର ଭାରତର ଶପଥପାଠ କରାଇଥିଲେ। ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥ ଧାମ ଶାଖା ସଚିବ ସନ୍ତୋଷ କୁମାର ମହାନ୍ତି ସଭା ପରିଚାଳନା କରିଥିବାବେଳେ ପ୍ରାନ୍ତ ମହାସଚିବ ସୌମେନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସୌମ୍ୟ ଓ ଦୀପକଙ୍କୁ ସୁବର୍ଣ୍ଣ ରକ୍ତବୀର ସମ୍ମାନ

ପୁରୀ,୧୨।୧(ସମିସ): ସମର୍ପଣ ଅନୁଷ୍ଠାନର ରକ୍ତଦାନ ପରିଚାଳକ ସୌମ୍ୟରଞ୍ଜନ ପାତ୍ର ଓ ଦୀପକ ପାତ୍ରଙ୍କୁ ସୁବର୍ଣ୍ଣ ରକ୍ତବୀର ସମ୍ମାନରେ ସମ୍ମାନିତ କରାଯାଇଛି। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଘୋଡ଼ା ବଜାର ଶାଖା ଓ ସମର୍ପଣ ଅନୁଷ୍ଠାନର ମିଳିତ ସହଯୋଗରେ ସୋମବାର ଘୋଡ଼ାବଜାର ସ୍କୁଲ ପରିସରରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ପ୍ରାନ୍ତ ସଂଘ ସେବା ପ୍ରମୁଖ ଶାନ୍ତନୁ ମାଝୀ, ଜଗନ୍ନାଥ ସଂସ୍କୃତି ପ୍ରଚାର ସମିତିର ସମ୍ପାଦକ ଅରବିନ୍ଦ ଶତପଥୀ, ସରସ୍ୱତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଅରବିନ୍ଦ ଦାସ, ସମର୍ପଣର ସଭାପତି ଡ. ଅଭିମନ୍ୟୁ ଭୂୟାଁ, ଶତକ ରକ୍ତଦାତା ବଦ୍ରି ମିଶ୍ର, ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ପ୍ରସନ୍ନ ପ୍ରଧାନ, ସମ୍ପାଦିକା ଜୟନ୍ତୀ ମହାପାତ୍ର, ମିଶନ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ର, ପ୍ରାକ୍ତନ ରେଡ୍‌କ୍ରସ ଅଫିସର ପଦ୍ମନାଭ ପଣ୍ଡା, ଶ୍ରୀବତ୍ସ ଦାଶ ଅତିଥି ଭାବେ ପ୍ରଦୀପ ପ୍ରଜ୍ୱଳନ କରି ସୌମ୍ୟରଞ୍ଜନ ଓ ଦୀପକଙ୍କୁ ସମ୍ମାନିତ କରିଥିଲେ। ଶିବନାରାୟଣ ସେନାପତି, ବିଭୁ ସୁବୁଦ୍ଧି, ଗୋବିନ୍ଦ ପାତ୍ର ଓ ମଧୁମିତା ମହାପାତ୍ର ପରିଚାଳନା ଓ ସହଯୋଗ କରିଥିଲେ ସାଗରିକା ରଥ, ହୃଷୀକେଶ ପ୍ରଧାନ, ମାନ୍ସା ନାୟକ, ଅଜୟ ପ୍ରଧାନ, ବଳରାମ ପାତ୍ର, ବିସ୍ମିତା ମହାନ୍ତି, ଚାରୁବାଳା ଦାଶ, ରଶ୍ମିତା ମହାରଣା, ଶାନ୍ତିଲତା ପ୍ରଧାନ ଓ ଓମ୍‌ପ୍ରକାଶ ମହାନ୍ତି। ରାଜ୍ୟ ରେଡ୍‌କ୍ରସ ପକ୍ଷରୁ ୭୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

## ୭୦ ବଣ୍ଡଲ୍ ମାଞ୍ଜା ସୂତା ଜବତ

ସହର ଓ ବଡ଼ଦାଣ୍ଡ ଅଞ୍ଚଳରେ ମାଞ୍ଜା ସୂତା ଲାଗିଥିବା ଗୁଡ଼ି ନ ଉଡ଼ାଇବା ପାଇଁ ଅନୁରୋଧ କରାଯାଇଛି।

ପୁରୀ,୧୨।୧(ସମିସ): ଗୁଡ଼ିରେ ବ୍ୟବହୃତ ମାଞ୍ଜା ସୂତା ବେଳେବେଳେ ଘାତକ ସାଜୁଛି। ଅନେକ ଏଥିରେ ଆହତ ହେଉଥିବାବେଳେ ଜୀବନ ବି ନେଉଛି ମାଞ୍ଜା ସୂତା। ଆଗକୁ ମକର ସଂକ୍ରାନ୍ତି। ଗୁଡ଼ି ଉଡ଼ାର ମାତ୍ରା ଆହୁରି ଅଧିକ ହେବ। ତେଣୁ ପୁରୀବାସୀ ଏବଂ ଭକ୍ତ, ପର୍ଯ୍ୟଟକଙ୍କ ସୁରକ୍ଷାକୁ ନଜରରେ ରଖି ଏସ୍‌ପି ପ୍ରତୀକ୍ ସିଂଙ୍କ ନିର୍ଦ୍ଦେଶକ୍ରମେ ପୁରୀ ପୁଲିସ ପକ୍ଷରୁ ମାଞ୍ଜା ସୂତା ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ କରାଯାଇଛି। ସୋମବାର ସହରର ବିଭିନ୍ନ ଅଞ୍ଚଳରେ ମାଞ୍ଜା ସୂତା ବିକ୍ରୟ ଓ ବ୍ୟବହାର ବିରୋଧରେ କରାଯାଇଥିଲା ଏହି ଅଭିଯାନରେ ଗୁଡ଼ି ଦୋକାନ ଓ ବ୍ୟବସାୟୀଙ୍କ ପାଖରୁ ମୋଟ୍ ୭୦ ବଣ୍ଡଲ୍ ମାଞ୍ଜା ଗୁଡ଼ି ସୂତା ଜବତ କରାଯାଇଛି। ଗୁଡ଼ି ଉଡ଼ାଉଥିବାବେଳେ ୧୨ ଜଣଙ୍କଠାରୁ ଏବଂ ୩୫ରୁ ଊର୍ଦ୍ଧ୍ୱ ମାଞ୍ଜା ସୂତା ଲାଗିଥିବା ଲଟେଇ ମଧ ଜବତ ହୋଇଛି। ଅବାଧ ଭାବେ ମାଞ୍ଜା ସୂତା ବିକ୍ରୟ କରୁଥିବା ବ୍ୟକ୍ତିମାନଙ୍କୁ କଡ଼ା ଚେତାବନୀ ଦିଆଯାଇଛି।



ପୁଲିସ ସ୍ପଷ୍ଟ କରିଛି ଯେ, ମାଞ୍ଜା ସୂତା ବ୍ୟବହାର ଏବଂ ବିକ୍ରୟ ଆଇନତଃ ଅପରାଧ। ଏହା ମାନବ ଜୀବନ ସହିତ ପକ୍ଷୀ, ପଶୁ ଓ ପରିବେଶ ପାଇଁ ମଧ ଭୟଙ୍କର। ଯଦି କେହି ମାଞ୍ଜା ସୂତା ବିକ୍ରୟ କିମ୍ବା ବ୍ୟବହାର କରୁଥିବା ଦେଖିଲେ ନିକଟସ୍ଥ ଥାନା କିମ୍ବା ୧୧୨କୁ କଲ୍ କରିବାକୁ ପୁଲିସ ଅନୁରୋଧ କରିଛି।


୭ମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



୰ ଗୋବିନ୍ଦ ଚନ୍ଦ୍ର ନାୟକ

କଶବା, ସୋର, ବାଲେଶ୍ୱର

ଆବିର୍ଭାବ: ୧୧.୦୪.୧୯୩୯
ତିରୋଧାନ: ୧୩.୦୧.୨୦୧୯

ବାପା ତୁମେ ଆମ ସୃଷ୍ଟିକର୍ତ୍ତା,
ତୁମେ ମହାନ ଅବିନଶ୍ୱର,
ତୁମେ ଚିର ସ୍ମରଣୀୟ,
ତୁମେ ପ୍ରାତଃ ବନ୍ଦନୀୟ,
ତୁମେ ଶାନ୍ତ ସରଳ, ଚିର ଅନନ୍ତ,
ଦୂରେ ଯାଇନାହଁ ଆମ ଠାରୁ କେବେ,
ବିରାଜିଛ ସଦା ଆମ ହୃଦୟରେ

ବାପା ଚାଁହୁ ଚାଁହୁ ସାତ ବର୍ଷ ବିତିଗଲା, ଭୁଲି ପାରୁନୁ ତୁମକୁ,
ଇତି ମଧରେ ଦୁଇ ମାସ ତଳେ ବଉ ବି ଆମକୁ ଶୋକ ସାଗର ରେ ଭସାଇ ଦେଇ ଚାଲିଗଲା ।
ଆଜିର ଏହି ପୁଣ୍ୟ ତିଥିରେ,
ତୁମର ଅନାବିଳ ସ୍ନେହ ଶ୍ରଦ୍ଧା କୁ ପାଥେୟ କରି,
ପରୋପକାରୀତାର ଜୀବନ ଦର୍ଶନକୁ ପାଥେୟ କରି,
ତୁମର ଅମର ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ
ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।

ଶ୍ରଦ୍ଧାଞ୍ଜଳି ସହ

ବାବୁ, ମୁନି, କୁନା, ମୀରା, ବସନ୍ତ, ମନା, ମିଟି, ସୂର୍ଯ୍ୟ, ଚଗୁଲୁ,
ନିନି, ବଣ୍ଟି, ରୁବି, ଶିଆ, ରାଟୀ, କଣ୍ଢେଇ, ମାମା, ସୋମା, ବାବାନ, କାହ୍ନୁ, ସୁନୁ, ବେବି


**ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ**

## ପ୍ରସୂତିଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

ପୁରୀ,୧୨।୧(ସମିସ): ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ପ୍ରସୂତିଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଦେଖିବାକୁ ମିଳିଛି। ମୃତା ହେଉଛନ୍ତି ପୁରୀ ସଦର ବ୍ଲକ୍ ଶାସନ ଦାମୋଦରପୁର ଗାଁର ଗଙ୍ଗାଧର ପରିଡ଼ାଙ୍କ ଝିଅ ରୋଜାଲିନ। ତେବେ ଚିକିତ୍ସାରେ ଅବହେଳା ଯୋଗୁଁ ରୋଜାଲିନଙ୍କ ମୃତ୍ୟୁ ଘଟିଲା ବୋଲି ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। କିନ୍ତୁ ଡାକ୍ତରଖାନା ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଥିବା ବେଳେ ହୃଦ୍‌ଘାତ ଯୋଗୁଁ ମୃତ୍ୟୁ ଘଟିଥାଇପାରେ ବୋଲି କହିଛନ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଡା. ଅକ୍ଷୟ କୁମାର ଶତପଥୀ।

ସୂଚନା ଅନୁଯାୟୀ, ରୋଜାଲିନ ପ୍ରସବ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପରିବାର ଲୋକେ ସଦର ମୁଖ୍ୟ ଚିକିତ୍ସାଳୟ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ରୋଜାଲିନ କମ୍ପାପୁରର ମନୋରଞ୍ଜନ ସେନାପତିଙ୍କୁ ବିବାହ କରିଥିଲେ। ସେମାନଙ୍କର ପୂର୍ବରୁ ଗୋଟିଏ ପୁତ୍ର ସନ୍ତାନ ରହିଛି। ସ୍ୱାମୀ ବାହାରେ କାମ କରୁଥିବାରୁ ରୋଜାଲିନ ବାପ ଘରେ ରହୁଥିଲେ। ଗତ ୧୦ ତାରିଖରେ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ସେ ଏକ କନ୍ୟା ସନ୍ତାନଙ୍କୁ ଜନ୍ମ ଦେଇଥିଲେ। ଗୋଟିଏ ଦିନ ତାଙ୍କୁ ଅବ୍‌ଜରଭେସନରେ ରଖାଯାଇଥିଲା। ରବିବାର ତାଙ୍କୁ ୱାର୍ଡକୁ ଅଣାଯାଇଥିଲା। ସୋମବାର ସେ ତାଙ୍କ ବେଡ୍‌ରେ ବସିଥିବା ବେଳେ ହଠାତ୍ ପଡିଯାଇଥିଲେ। ତାଙ୍କ ମା' ଓ ସମ୍ପର୍କୀୟ ଡ୍ୟୁଟିରେ ଥିବା ନର୍ସଙ୍କୁ ଜଣାଇଥିଲେ। ହେଲେ ନର୍ସ ଆସି ନ ଥିଲେ କିମ୍ବା ଷ୍ଟ୍ରେଚରରେ ନେବାକୁ କେହି ପହଞ୍ଚି ନ ଥିଲେ। ଖବର ପାଇ ରୋଜାଲିନଙ୍କ ବାପା ଗଙ୍ଗାଧର ପହଞ୍ଚି ଅନ୍ୟ ରୋଗୀ ସମ୍ପର୍କୀୟଙ୍କ ସହ ଷ୍ଟ୍ରେଚର ଯୋଗେ ଓଟିକୁ ନେଇଥିଲେ। ପ୍ରାୟ ୩୦ ମିନିଟ୍ ପରେ ତାଙ୍କ ଝିଅ ଜୀବିତ ନ ଥିବା ଖବର ଦିଆଯାଇଥିଲା। ଚିକିତ୍ସା ଅବହେଳାରୁ ଝିଅର ମୃତ୍ୟୁ ହୋଇଥିବା ଅଭିଯୋଗ ଆଣିଥିଲେ ପରିବାର ଲୋକେ। ଏହାକୁ ନେଇ ହସ୍ପିଟାଲରେ ଉତ୍ତେଜନା ପ୍ରକାଶ ପାଇଥିଲା। ହସ୍ପିଟାଲ ମାତୃ ଓ ଶିଶୁ ଯତ୍ନ କେନ୍ଦ୍ରରେ କୁମ୍ଭାରପଡ଼ା ଥାନା ପୁଲିସ ପହଞ୍ଚି ବୁଝାଶୁଝା କରିବାକୁ ଚେଷ୍ଟା କରିଥିଲା। କିନ୍ତୁ ମୃତ୍ୟୁର ସଠିକ୍ କାରଣ ନ ଜଣାଇବା ପର୍ଯ୍ୟନ୍ତ ମୃତଦେହ ନେବେ ନାହିଁ ବୋଲି ପରିବାର ଲୋକ ଜିଦ୍ ଧରିଥିଲେ। ରୋଜାଲିନଙ୍କ ମା' ମୀନା କହିଛନ୍ତି ୧୦ ତାରିଖରେ ଝିଅର ସିଜରିଙ୍ଗ ହେବ। ଆମକୁ ବ୍ଲଡ ପାଇଁ କହିଥିଲେ। ଆମେ ବ୍ଲଡ ଯୋଗାଡ କଲୁ, କିନ୍ତୁ ସେମାନେ ବ୍ଲଡ୍ ନେଲେ ନାହିଁ। ସିଜରିଂ କରିଥିଲେ। ଆଜି ଝିଅ ବେଡ୍‌ରେ ପଡ଼ିଗଲା ପରେ ବି କେହି ପହଞ୍ଚି ନ ଥିଲେ। ଅକ୍ସିଜେନ ଦିଆଯିବ କହିଲେ। ହେଲେ ଅଧଘଣ୍ଟାଏ ବିତିଗଲା ଅକ୍ସିଜେନ ଦେଲେ ନାହିଁ। ସିଜରିଂ ପରେ ଯେଉଁଭଳି ଭାବେ ଯତ୍ନ ନେବା କଥା କେହି ନେଇ ନ ଥିଲେ। ଅବହେଳାରୁ ଝିଅର ଏଭଳି ଅବସ୍ଥା ହେଲା ବୋଲି କହିଛନ୍ତି ମୀନା। ରୋଜାଲିନଙ୍କ ବାପା ଗଙ୍ଗାଧର ପରିଡ଼ା କହିଛନ୍ତି, ବାପା ଗଙ୍ଗାଧର ପରିଡ଼ା କହିଛନ୍ତି ଡାକ୍ତରଙ୍କ ଅବହେଳାରୁ ମୋ ଝିଅର ମୃତ୍ୟୁ ହୋଇଛି। ତିନିଦିନ ହେଲା ଭଲ ଥିଲା। ସିଜରିଂ ହୋଇ ଛୁଆ ଜନ୍ମ ହୋଇଥିଲା। ଆଜି ବେଡ୍ ଉପରେ ଘଣ୍ଟାଏ ସେମିତି ପଡ଼ିରହିଥିଲା। ହେଲେ ଡାକ୍ତର କି ନର୍ସ କେହି ପହଞ୍ଚିଲେ ନାହିଁ। ମୁଁ ନିଜେ ଓଟିକୁ ନେଇଛି। ଦେହ ଭଲ ନାହିଁ, ଦସ୍ତଖତ କରିବାକୁ କହିଲେ। ହେଲେ ଝିଅ ସୁସ୍ଥ ହେଲେ ଦସ୍ତଖତ କରିବି ବୋଲି କହିଥିଲେ। କିନ୍ତୁ ଚିକିତ୍ସା ଅବହେଳାରୁ ଝିଅର ମୃତ୍ୟୁ ଘଟିଛି ବୋଲି ଅଭିଯୋଗ କରିଛନ୍ତି ଗଙ୍ଗାଧର।

**ଚିକିତ୍ସାରେ ଅବହେଳା ଅଭିଯୋଗ ଆଣିଲେ ପରିବାର**

ଏ ସମ୍ପର୍କରେ ସିଡିଏମ୍‌ଓ ଡା. ଅକ୍ଷୟ କୁମାର ଶତପଥୀ କହିଛନ୍ତି, ଶନିବାର ପେଟରେ ପାଣି କମ୍ ଥିଲା ବୋଲି ଅପରେଶନ କରାଯାଇଥିଲା। ରବିବାର ୱାର୍ଡକୁ ଟ୍ରାନ୍ସଫର ହୋଇଥିଲେ। ୱାର୍ଡରେ ବସିଥିବା ବେଳେ ବେଡ୍ ଉପରେ ପଡ଼ିଗଲେ। ସମ୍ଭବତଃ ହୃଦ୍‌ଘାତ ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥାଇପାରେ। ତେବେ ତଦନ୍ତ କରାଯାଇ ମୃତ୍ୟୁର ପ୍ରକୃତ କାରଣ ଖୋଜାଯିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ କୁମ୍ଭାରପଡ଼ା ଥାନାଧିକାରୀ ସୁଶାନ୍ତ କୁମାର ସାହୁ କହିଛନ୍ତି, ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨/୨୬) ରୁଜୁ ହୋଇଛି।

ଏପ୍‌ସିଲନ କାର୍ବନ କମ୍ପାନୀ ଦ୍ୱାରା ବେଆଇନ ଜଙ୍ଗଲ ଜମି ଦଖଲ

# ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ଝାରସୁଗୁଡ଼ା,୧୨।୧(ସମିସ)

ଝାରସୁଗୁଡ଼ା ସଦର ବ୍ଲକ୍ ଅଧୀନ ଶ୍ରିପୁରା ପଞ୍ଚାୟତ ଠାରେ ଥିବା ଏପସିଲନ କାର୍ବନ କମ୍ପାନୀ ବେଆଇନ ଭାବେ ଜଙ୍ଗଲ ଜମିକୁ ଦଖଲ ରଖି ବ୍ୟବହାର କରୁଥିବା ଜଣାପଡ଼ିଛି। ପ୍ରତିବାଦରେ ସୋମବାର ପୂର୍ବାହ୍ନରେ ଶ୍ରିପୁରା ଗାଁର ଶତାଧିକ ମହିଳା ପୁରୁଷ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ କମ୍ପାନୀ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୁଣିଥରେ ଦାବି କରିଛନ୍ତି। ଶ୍ରିପୁରା ଗ୍ରାମବାସୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଜଙ୍ଗଲ ମନ୍ତ୍ରୀ ଏବଂ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କୁ ବାରମ୍ବାର ଅଭିଯୋଗ କରିଛନ୍ତି। ଏହାପରେ ମଧ୍ୟ ଜିଲ୍ଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ପାଇଁ ଡେରି କରୁଥିବାରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜଣାଇଛନ୍ତି।

ଗ୍ରାମବାସୀ ଆଜି ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ଦେଇଥିବା ଦାବିପତ୍ର ଅନୁଯାୟୀ ଶ୍ରିପୁରା ସ୍ଥିତ ଏପସିଲନ କମ୍ପାନୀ ଗାଁ ସଭାର



ବିନା ଅନୁମତିରେ ବେଆଇନ ଭାବେ ଗ୍ରାମ୍ୟ ଜଙ୍ଗଲକୁ ନିଜ କମ୍ପାନୀର ରାସ୍ତା ଭାବେ ବ୍ୟବହାର କରୁଛି।

ଏପରିକି ପାଦଚଲା ରାସ୍ତାର ଦୁଇପାର୍ଶ୍ୱରେ ଥିବା ଗଛ ଗୁଡ଼ିକୁ କାଟି କମ୍ପାନୀର ପରିବହନ ପାଇଁ ରାସ୍ତାକୁ ଚଉଡା କରିଛି। ଜଙ୍ଗଲ ଅଧିକାର ଆଇନ ୨୦୦୬ ଅନୁଯାୟୀ ଯେକୌଣସି ଜଙ୍ଗଲ ଜମିର ପରିବର୍ତ୍ତନ କି ହସ୍ତାନ୍ତର ପୂର୍ବରୁ ଗାଁସଭାର ଅନୁମୋଦନ ଆବଶ୍ୟକ। କିନ୍ତୁ କାହାରି ଅନୁମତି ବିନା କମ୍ପାନୀ ଜଙ୍ଗଲ ଜମି ରାସ୍ତାକୁ ବ୍ୟବହାର କରୁଛି। ଏପରିକି ସେହି ଜଙ୍ଗଲ ଜମିରେ 'ଏକ ପେଡ ମା କେ ନାମ' କାର୍ଯ୍ୟକ୍ରମ ଅନ୍ତର୍ଗତ ଜଙ୍ଗଲ ବିଭାଗ ସହ ମିଶି ୧ ହଜାର ଚାରାରୋପଣ କରାଯାଇଥିଲା ଏବଂ ସେଥିପାଇଁ ବ୍ୟାରିକେଡ ମଧ୍ୟ ଲଗାଯାଇଥିଲା। ମାତ୍ର ଗଛ ଯୋଗୁ ରାସ୍ତା ସଙ୍କୁଚିତ ହେବା କହି ଝାରସୁଗୁଡ଼ା ତହସିଲଦାରଙ୍କ ଉପସ୍ଥିତିରେ ରୋପିତ ଚାରା ଓ ବ୍ୟାରିକେଡ ହଟେଇ ଦିଆଯାଇଥିଲା।

ଶ୍ରିପୁରା ଗ୍ରାମବାସୀ ଗତ ଅକ୍ଟୋବର ୬, ଓ ୧୩ ତାରିଖରେ ଜିଲ୍ଲାପାଳଙ୍କୁ, ଡିସେମ୍ବର ୩ ରେ ଜିଲ୍ଲାପାଳ, ଡିଏଫଓ ଓ ତହସିଲଦାରଙ୍କୁ କମ୍ପାନୀ ଜଙ୍ଗଲ ଜମି ବ୍ୟବହାର କରିବା ଘଟଣାରେ ଦାବିପତ୍ର ପ୍ରଦାନ କରିଥିଲେ। ଶ୍ରିପୁରା ଗ୍ରାମବାସୀଙ୍କ ଦ୍ୱାରା ବାରମ୍ବାର

## ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଏବଂ ବିଭାଗୀୟ ସଚିବଙ୍କୁ ଅଭିଯୋଗ କଲେ ଗ୍ରାମବାସୀ

ଆବେଦନ ଏବଂ ଆନ୍ଦୋଳନ ସତ୍ତ୍ୱେ ଝାରସୁଗୁଡ଼ାର ଜିଲ୍ଲା ପ୍ରଶାସନ, ଡିଏଫଓ ଏବଂ ତହସିଲଦାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହାନ୍ତି। ଏନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶିଳ୍ପକୁ ଗ୍ରାମବାସୀ ସମର୍ଥନ କରୁଥିବା ବେଳେ ଜଙ୍ଗଲ ଜମିର ବେଆଇନ ଜବରଦଖଲ ପରିବେଶ ତଥା ଜନସାଧାରଣଙ୍କ ସ୍ୱାର୍ଥ ପ୍ରତି କୁଠାରଘାତ ବୋଲି କହିଛନ୍ତି। ଏହି କ୍ଷେତ୍ରରେ ପ୍ରଶାସନ କାହିଁକି ପକ୍ଷପାତିତା କରୁଛି ତାହାକୁ ନେଇ ଦାବିପତ୍ରରେ ପ୍ରଶ୍ନ କରିଛନ୍ତି। ଜିଲ୍ଲାପାଳଙ୍କୁ ଦିଆଯାଇଥିବା ଦାବିପତ୍ରର ଅବିକଳ ନକଲ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସହିତ ବିଭାଗୀୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମନ୍ତ୍ରୀ, ବିଭାଗୀୟ ସଚିବଙ୍କୁ ମଧ୍ୟ ଗ୍ରାମବାସୀ ଡାକ ମେଲରେ ଆଜି ପ୍ରେରଣ କରିଥିବା ଗ୍ରାମବାସୀଙ୍କ ତରଫରୁ କୁହାଯାଇଛି। ଏହା ସହିତ ଗ୍ରାମବାସୀ ଜଙ୍ଗଲ ଜମିକୁ ଜବରଦଖଲ ମୁକ୍ତ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିବା ସହିତ ପରିବେଶ ଏବଂ ମାନବ ସଭ୍ୟତାକୁ ରକ୍ଷା କରିବା ପାଇଁ ଉକ୍ତ ଜମିରେ ବନୀକରଣ କରିବାକୁ ଜିଲ୍ଲା ପ୍ରଶାସନ ଅନୁମତି ପ୍ରକାଶ କରନ୍ତୁ ବୋଲି କହିଛନ୍ତି। ଦାବିପତ୍ର ଦେବା ସମୟରେ ଶ୍ରିପୁରା ଗାଁର ଜିଲ୍ଲା ପରିଷଦ ସଦସ୍ୟ ଥିବା ଦିଗାମ୍ବର ଭୋଇ, ଶ୍ରିପୁରା ସରପଞ୍ଚ ଯଶୋବନ୍ତୀ ପାଣ୍ଡେ, ବିରଞ୍ଚି ମାଝୀ, ରୀନା ବାଗ, ମିନତୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

● ଧାନ ବିକ୍ରି ସମସ୍ୟା ସମାଧାନ ଦାବିରେ ପ୍ରତିବାଦ

# ଜିଲ୍ଲା କଂଗ୍ରେସ ସଭାପତିଙ୍କ ଆମରଣ ଅନଶନ ଘୋଷଣା



ଦେବଗଡ଼,୧୨।୧(ସମିସ): ଦେବଗଡ଼ ଜିଲ୍ଲା ପ୍ରଶାସନ ଓ ମିଲର୍ସଙ୍କ ମଧୁଚନ୍ଦ୍ରିକାରେ ଜିଲ୍ଲାର ଚାଷୀ ଶୋଷଣର ଶିକାର ହେଉଥିବା ଜିଲ୍ଲା କଂଗ୍ରେସ ଅଭିଯୋଗ କରିଛି। ପ୍ରତିବାଦରେ ଜିଲ୍ଲାର ଚାଷୀଙ୍କ ଧାନ ବିକ୍ରି ସମସ୍ୟାର ପୂର୍ଣ୍ଣ ସମାଧାନ ନ ହେବା ପର୍ଯ୍ୟନ୍ତ ଆସନ୍ତାକାଲି ସକାଳ ୬ ଘଟିକାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜିଲ୍ଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ ଆମରଣ ଅନଶନରେ ବସିବେ। ଆଜି ସନ୍ଧ୍ୟାରେ ଜିଲ୍ଲା କଂଗ୍ରେସ କାର୍ଯ୍ୟଳୟଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେ ଏହି ଘୋଷଣା କରିଛନ୍ତି। ଜିଲ୍ଲା କଂଗ୍ରେସର ଅଭିଯୋଗ ଅନୁଯାୟୀ ଦେବଗଡ଼ ଜିଲ୍ଲାରେ ଚଳିତ ଖରିଫ ଋତୁରେ ଚାଷୀଙ୍କ ଚାଷ ଜମିର ଅନୁପାତ ଓ ସମବାୟ ସମିତିରେ ପଞ୍ଜିକୃତ ଚାଷୀଙ୍କ ତୁଳନାରେ ଚାଷୀଙ୍କୁ ଟୋକନ ମିଳିନାହିଁ। ସେହିପରି ମଣ୍ଡିରେ ଚାଷୀଙ୍କ ଠାରୁ କ୍ୱିଣ୍ଟାଲ ପ୍ରତି ସାଢ଼େ ୪ ରୁ ୫ କେଜି ପର୍ଯ୍ୟନ୍ତ ଧାନ କଟନୀ ଛଟନୀ କରାଯାଉ ଥିବାରୁ ଚାଷୀ ଘୋର ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛି। ମଣ୍ଡିରୁ ଜାଣିଶୁଣି ମିଲର୍ସ ଧାନ ଉଠାଣ ନ କରି ମିଲକୁ ଧାନ ଆଣିବାକୁ ଚାଷୀଙ୍କୁ ବାଧ୍ୟ କରୁଥିବା ଏବଂ ପ୍ରଶାସନର ଜ୍ଞାତସାରରେ ସରକାରଙ୍କ ପକ୍ଷରୁ ଲାଗୁ କରାଯାଇଥିବା ଭେହିକିଲ ଟ୍ରାକିଂ ସିଷ୍ଟମକୁ ଉଲଂଘନ କରୁଥିବା ଭଳି ଗୁରୁତର ଅଭିଯୋଗ କରିଛି। ଏଥିସହ ଟ୍ରାଞ୍ଜିଟ ପରମିଟ ଅନୁପାତରେ ମିଲ ଗୁଡିକରେ ଅଧିକ ଧାନ ଗଚ୍ଛିତ ରହିଥିବାରୁ ଏହାର ତଦନ୍ତ ଦାବି କରିଛି। ଚାଷୀଙ୍କ ଉପରୋକ୍ତ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଆମରଣ ଅନଶନ କରାଯିବା ନେଇ କଂଗ୍ରେସ ସଭାପତି ଶ୍ରୀ ହେମ୍ବ୍ରମ ଘୋଷଣା କରିବା ସହ ଜିଲ୍ଲା କଂଗ୍ରେସର ଏହି ଆନ୍ଦୋଳନକୁ ଜିଲ୍ଲା କୃଷକ ସଂଘର୍ଷ ସଙ୍ଘ ପୂର୍ଣ୍ଣ ସମର୍ଥନ ଘୋଷଣା କରିଥିବା ସୂଚନା ଦେଇଥିଲେ। ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ ଏସସି ସେଲ ସଭାପତି ରମେଶ ଚନ୍ଦ୍ର ପାତ୍ର, ଜିଲ୍ଲା କଂଗ୍ରେସ ପୂର୍ବତନ ଉପ ସଭାପତି ମଞ୍ଜୁଳ ନାଏକ, ପୂର୍ବତନ ନଗର ସଭାପତି ରେବତୀ ମୋହନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଦରଗଡି ପର୍ଯ୍ୟଟନ ସ୍ଥଳରେ ବନ ବିଭାଗ ପକ୍ଷରୁ ସଫେଇ ଓ ପ୍ଲାଷ୍ଟିକ ମୁକ୍ତ ଅଭିଯାନ

ଦେବଗଡ଼,୧୨।୧(ସମିସ): ବାରକୋଟ ବ୍ଲକ୍ ଅଧୀନ ସରୁଆଳି ପଞ୍ଚାୟତରେ ଥିବା ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ଦରଗଡି ଠାରେ ବନ ବିଭାଗ ପକ୍ଷରୁ ସୋମବାର ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାସହ ପ୍ଲାଷ୍ଟିକ ମୁକ୍ତ ସଚେତନତା ଅଭିଯାନ ଶୁଭାରମ୍ଭ ହୋଇଛି। ବାରକୋଟ ବନାଞ୍ଚଳ ଠିଆନାଳ ସେକ୍ସନର ଫରେଷ୍ଟର ଭୀମସେନ ଶତପଥୀଙ୍କ ତତ୍ତ୍ୱାବଧାନରେ ଟାଇଁସିରା ବନ ସୁରକ୍ଷା ସମିତି ଅଧୀନ ୯ଟି ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ମାନେ ଦରଗଡି ପର୍ଯ୍ୟଟନ ସ୍ଥଳୀରେ ଏକତ୍ରିତ ହୋଇଥିଲେ। ଏହାକୁ ଏକ ପ୍ଲାଷ୍ଟିକ ମୁକ୍ତ ପର୍ଯ୍ୟଟନ ସ୍ଥଳୀ ଭାବେ ଗଢ଼ି ତୋଳିବାକୁ ସଙ୍କଳ୍ପ ନେଇଥିଲେ। ଏହି ଅବସରରେ ସେମାନେ ପର୍ଯ୍ୟଟନ ସ୍ଥଳୀରେ ପଡିରହିଥିବା ଅଳିଆ ଆବର୍ଜନା ଓ ପ୍ଲାଷ୍ଟିକକୁ ସଫା କରିବା ସହ ଏହାକୁ ଏକ ପ୍ଲାଷ୍ଟିକ ମୁକ୍ତ ପର୍ଯ୍ୟଟନ ସ୍ଥଳୀ ଭାବେ ସଜାଇବା ନେଇ ସଚେତନତା ମୂଳକ ବ୍ୟାନର ଏବଂ ହୋର୍ଡିଂ ଲଗାଇ ଥିଲେ। ଏହାପରେ ସେମାନେ ହାତରେ ବିଭିନ୍ନ ସଚେତନତା ମୂଳକ ବ୍ୟାନର ଓ ପ୍ଲାକାର୍ଡ ଧରି ସ୍ଲୋଗାନ ସହ ନିକଟସ୍ଥ ଗାଁ ପରିକ୍ରମା କରି ଲୋକଙ୍କୁ ସଚେତନ କରିଥିଲେ।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

ଦେବଗଡ଼,୧୨।୧(ସମିସ): ବାରକୋଟ ବ୍ଲକ୍ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଯୋଗଦେଇ ୨୦ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୧୪ଟି ବ୍ୟକ୍ତିଗତ ଏବଂ ୬ଟି ସାମୂହିକ ଅଭିଯୋଗ ରହିଥିବା ଜଣାପଡିଛି। ଶିକ୍ଷକ ବଦଳି, ଜମିର ପଟ୍ଟା ସଂଶୋଧନ, କମ୍ୟୁନିଟି ହଲ୍, ସୁଭଦ୍ରା ଯୋଜନାରେ ସମସ୍ୟା ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଏସିଏଫ୍ ଅରୁଣ ବେହେରା, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୂର୍ଯ୍ୟକାନ୍ତ ବରିହା, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର, ତହସିଲଦାର ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ସର୍ଭିକାଲ କ୍ୟାନ୍‌ସର ପ୍ରତିରୋଧକ ଟୀକାକରଣ ଶିବିର

ଝାରସୁଗୁଡ଼ା,୧୨।୧(ସମିସ): ରୋଟାରୀ କ୍ଲବ୍ ଅଫ ଝାରସୁଗୁଡ଼ା ଗ୍ରୀନ ଓ ଇଜେଭି ଫାଉଣ୍ଡେସନର ମିଳିତ ଅନୁକୂଲ୍ୟରେ ସର୍ଭିକାଲ କ୍ୟାନ୍‌ସର ପ୍ରତିରୋଧକର ତୃତୀୟ ଡୋଜ ଟୀକାକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସରବାହଲ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ସୋମବାର ସକାଳ ୧୧ରୁ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ସର୍ବମୋଟ ୫୦ ଜଣ ଟୀକା ନେଇଛନ୍ତି। ବର୍ତ୍ତମାନର ଯୁବ ସମାଜକୁ ସର୍ଭିକାଲ କ୍ୟାନ୍‌ସର ବାବଦରେ ସଚେତନ କରିବା ଓ କ୍ୟାନ୍‌ସରରୁ ବଞ୍ଚାଇବା,



ମଧ୍ୟ ଓ ନିମ୍ନ ବର୍ଗ ରୋଜଗାର ଥିବା ପରିବାର ପିଲା ମାନଙ୍କୁ ଟୀକାକରଣ କରାଇବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଏହି କ୍ରମରେ ବିଭିନ୍ନ ମହାବିଦ୍ୟାଳୟ, ବିଦ୍ୟାଳୟ ଓ ସରବାହାଲ ସରକାରୀ ବିଦ୍ୟାଳୟର ପିଲା ମାନଙ୍କୁ ସାମିଲ କରାଯାଇଥିଲା। ଆୟୋଜିତ ଶିବିର ଡାକ୍ତର ବବିତା ରମଣୀଙ୍କ ଉପସ୍ଥିତି ଓ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଇଜେଭି ଫାଉଣ୍ଡେସନ ଓ ରୋଟାରୀ କ୍ଲବ୍ ଅଫ ଝାରସୁଗୁଡ଼ା ଗ୍ରୀନର ସଦସ୍ୟ ସଦସ୍ୟା ମାନେ ପରିଚାଳନା କରିଥିଲେ। ମାନସୀ ପଣ୍ଡା, ପ୍ରିୟାରାୟ, ସୋଭନା ସୋହେଲା, ସୁମିତ୍ରା ପଣ୍ଡା, ଦୀପ୍ତି ବେହେରା, ପୂନମ ପଟେଲ, ଅଞ୍ଜଳି ମୋଦି, ରାଜେଶ ପାଢ଼ୀ, ଜ୍ୟୋତିର୍ମୟୀ ବେହେରା, ସୁଶାନ୍ତ ନାୟକ, ହର୍ଷିତ ମୋଦି ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ପରିବେଶ ସୁରକ୍ଷା ସଚେତନତା

ଝାରସୁଗୁଡ଼ା,୧୨।୧(ସମିସ): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଝାରସୁଗୁଡ଼ା ପକ୍ଷରୁ ସୋମବାର ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ନିର୍ଦ୍ଦେଶ କ୍ରମେ କାତିଖେଳା ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ପରିବେଶ ସୁରକ୍ଷାର ବାର୍ତ୍ତା ନେଇ 'ଆଜିକୁ ସୁରକ୍ଷିତ ରଖିବା କାଲିପାଇଁ' ଶୀର୍ଷକ ପରିବେଶଗତ ଆଇନଗତ ସାକ୍ଷରତା ଏବଂ ସମ୍ପ୍ରଦାୟ ସୁରକ୍ଷାର ପ୍ରୟାସ ସମ୍ପର୍କିତ କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ର ଅଧ୍ୟକ୍ଷ ଅଶ୍ୱିନୀ ନାୟକ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ, ଝାରସୁଗୁଡ଼ା ବନାଞ୍ଚଳ ଅଧିକାରୀ ବିଜୟ ପ୍ରଧାନ ଓ ସ୍ଥାନୀୟ ସରପଞ୍ଚ ପୁଷ୍ପାଞ୍ଜଳି କଲ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ମାନେ ପରିବେଶ ସୁରକ୍ଷା, ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା, ଜିଲ୍ଲା ଆଇନ ସେବା ପ୍ରାଧିକରଣର ବିଭିନ୍ନ ଯୋଜନା ଯଥା ମାଗଣା ଆଇନ ସେବା, ହେଲ୍ପଲାଇନ ନମ୍ବର ୧୫୧୦୦, ଲୋକ ଅଦାଲତ, ମଧ୍ୟସ୍ଥତା ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ ଏବଂ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଇଥିଲେ।

## ବୁଲା କୁକୁରଙ୍କ ସଙ୍ଘବଦ୍ଧ ଆକ୍ରମଣରେ ମାନସିକ ବିକୃତ ମହିଳାଙ୍କ ମୃତ୍ୟୁ

ବୁଲା କୁକୁର ଆତଙ୍କ

ଦେବଗଡ଼,୧୨।୧(ସମିସ): ରିଆମାଳ ଥାନା ଅଧୀନ ରେଙ୍ଗାଲବେଡା ସାପ୍ତାହିକ ବଜାର ଠାରେ ବୁଲା କୁକୁରଙ୍କ ସଙ୍ଘବଦ୍ଧ ଆକ୍ରମଣରେ ଜଣେ ମାନସିକ ବିକୃତ ମହିଳାଙ୍କ ମୃତ୍ୟୁ ଘଟିଥିବା ଜଣା ପଡିଛି। ମୃତକ ମହିଳା ରିଆମାଳ ଗାଁର ସଞ୍ଜିତା ପାତ୍ର (୪୨) ବୋଲି ପରିଚୟ ମିଳିଛି। ସମ୍ବଲପୁର ଜିଲ୍ଲା ରେଙ୍ଗାଳି ଥାନା ଅଧୀନ ଶାସନ ରେଙ୍ଗାଳି ଗାଁର ବେଦବ୍ୟାସ ପାତ୍ରଙ୍କୁ ସେ ବିବାହ କରିଥିଲେ। ମାତ୍ର ମାନସିକ ବିକୃତି ଘଟିବା ପର ଠାରୁ ସେ ରିଆମାଳ ସ୍ଥିତ ନିଜ ବାପ ଘରକୁ ଫେରି ଆସିଥିଲେ। କିଛିଦିନ ଧରି ସେ ରେଙ୍ଗାଲବେଡା ବଜାର ଅଞ୍ଚଳରେ ରହି ଆସୁଥିଲେ। ଆଜି ମଧ୍ୟାହ୍ନରେ ୫/୬ ବୁଲାକୁକୁର ସଞ୍ଜିତାଙ୍କୁ ସଙ୍ଘବଦ୍ଧ ହୋଇ ଆକ୍ରମଣ କରିବାସହ ତାଙ୍କ ବେକ ହାତ, ଗୋଡ, ସହ ଶରୀରର ବିଭିନ୍ନ ସ୍ଥାନରେ କାମୁଡି ଝୁଣି ପକାଇଥିଲେ। ଏହା ଦେଖି କେତେକ ସ୍ଥାନୀୟ ଜନ ସାଧାରଣ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ କୁକୁରଙ୍କ କବଳରୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ତେବେ ସନ୍ଧ୍ୟାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। ସୂଚନା ପାଇ ରିଆମାଳ ଥାନା ପୁଲିସ ମୃତଦେହ ଜବତ କରି ଶବାଗାରରେ ସଂରକ୍ଷିତ ରଖିବା ସହ ମାମଲାର ତଦନ୍ତ ଆରମ୍ଭ କରିଛି। ଆସନ୍ତାକାଲି ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ ସୂତ୍ରରୁ ସୂଚନା ମିଳିଛି।

## ପଞ୍ଚାୟତ ସମିତି ନୋଡାଲ ଉଚ୍ଚ ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ



ଦେବଗଡ଼,୧୨।୧(ସମିସ): ବାରକୋଟ ବ୍ଲକ୍ ଡଂରା ପିଏମ୍‌ଶ୍ରୀ ପଞ୍ଚାୟତ ସମିତି ନୋଡାଲ ଉଚ୍ଚ ବିଦ୍ୟାଳୟରେ ପ୍ରଥମ ପିଏମ୍‌ଶ୍ରୀ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ମାଧବ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ଅରୁଣ ସାହୁ, ମୁଖ୍ୟବକ୍ତା ଭାବେ ବାରକୋଟ ବ୍ଲକ୍ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜ୍ଞାନ ନିରୀକ୍ଷିକା ଇପ୍ସିତା ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋପବନ୍ଧୁ ପ୍ରଧାନ, ଦିଗାମ୍ବର ମିଶ୍ର, ସ୍କୁଲ ପରିଚାଳନା ସମିତି ଅଧ୍ୟକ୍ଷ ଚୌଧୁରୀ ସାହୁ, ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ସଭାପତି କାଳିଚରଣ ପ୍ରଧାନ ଓ ବାରକୋଟ ବ୍ଲକ୍ ଅତିରିକ୍ତ ଶିକ୍ଷା ଅଧିକାରୀ ବିଜୟ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ପିଏମଶ୍ରୀ ବିଦ୍ୟାଳୟ ଓ ଜାତୀୟ ଶିକ୍ଷାନୀତି, ବିଦ୍ୟାର୍ଥୀ ଓ ଅଭିଭାବକଙ୍କ ସହ ସମନ୍ୱୟ ଏବଂ ପିଏମଶ୍ରୀ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ପାଭିଲିୟନ ମାଧ୍ୟମରେ ଓଡ଼ିଶା ୨୦୩୬, ଷ୍ଟୁଡେଣ୍ଟ ଟ୍ୟାଲେଣ୍ଟ ଗ୍ୟାଲେରୀ ଏବଂ ଦୁକାନ ଯାତ୍ରା ସମ୍ପର୍କରେ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେହିପରି କ୍ରୀଡାଙ୍ଗନ, ସାହିତ୍ୟ ସୃଜନୀ, କୌଶଳୀ ଏବଂ ଜିଜ୍ଞାସା କ୍ଲବ୍‌ର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା।

## ଓଏସ୍‌ଆର୍‌ଟିସି ପକ୍ଷରୁ ଅଟଳ ବସ୍‌ଷ୍ଟାଣ୍ଡର ଶୁଭାରମ୍ଭ



ଦେବଗଡ଼,୧୨।୧(ସମିସ): ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମ, ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଜାତୀୟ ସଡକ ସୁରକ୍ଷା ମାସ ପରିପ୍ରେକ୍ଷୀରେ ଜିଲ୍ଲାର ଜନ ସାଧାରଣଙ୍କ ପାଇଁ ତିଲେଇବଣି ବ୍ଲକ୍ ମୁଖ୍ୟାଳୟ ଓ ରିଆମାଳ ବ୍ଲକ୍‌ର ତେଲିମୁଣ୍ଡା ଠାରେ ନବ ନିର୍ମିତ ଅଟଳ ବସ୍‌ଷ୍ଟାଣ୍ଡକୁ ମୁଖ୍ୟମନ୍ତ୍ରୀ ଆଭାସି ମାଧ୍ୟମରେ ଶୁଭ ଉଦ୍‌ଘାଟନ କରିଛନ୍ତି।

ଏହାଦ୍ୱାରା ଜିଲ୍ଲାର ତିଲେଇବଣି ବ୍ଲକ୍ ଓ ରିଆମାଳ ବ୍ଲକ୍‌ର ଲୋକମାଙ୍କ ଗମନାଗମନ କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି ହୋଇଛି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଯୋଗେଶ ପ୍ରଧାନ, ତିଲେଇବଣି ପଞ୍ଚାୟତ ସମିତି ଅଧ୍ୟକ୍ଷ ବୃନ୍ଦାବତୀ ଭୋଇ, ଉପାଧ୍ୟକ୍ଷ ଆରତି ପ୍ରଧାନ, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମିର୍ଦ୍ଧା ଓଏସ୍‌ଆର୍‌ଟିସି ଜିଲ୍ଲା ପରିଚାଳକ ଚିରଞ୍ଜିବ ବିଶ୍ୱାଳ, ଏପିଏମ ପୁଲିସ ହାଉସିଂ ବୋର୍ଡ କ୍ଷିରୋଦ ଚନ୍ଦ୍ର ଅମାତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଉପସ୍ଥିତ ଥିଲେ। ଅଟଳ ବସଷ୍ଟାଣ୍ଡ ନିର୍ମାଣରେ ୧୦ କୋଟି ୭୮ ଲକ୍ଷ ୧୩ ହଜାର ୧୦୦ ଟଙ୍କା ବ୍ୟୟ କରାଯାଇଥିବା ଜଣା ପଡିଛି।

ସେହିପରି ରିଆମାଳ ବ୍ଲକ୍ ଅଟଳ ବସଷ୍ଟାଣ୍ଡ ଉଦ୍‌ଘାଟନରେ ଅତିଥି ଭାବେ ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ପ୍ରଧାନ, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ବୀରେନ ପ୍ରଧାନ, ରିଆମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ ପଣ୍ଡା ଓ ନାଉଳିପଡା ସରପଞ୍ଚ ଏଲିନା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବିବେକାନନ୍ଦଙ୍କ ଜୟନ୍ତୀରେ ଜାତୀୟ ଯୁବ ଦିବସ

### ● ବିବେକାନନ୍ଦ ସେବା ସଂସଦ

ଝାରସୁଗୁଡ଼ା,୧୨।୧(ସମିସ): ଝାରସୁଗୁଡ଼ା ଜିଲ୍ଲା କାଳିବାଡି ପରିସରରେ ସ୍ୱାମୀ ବିବେକାନନ୍ଦଙ୍କ ୧୬୩ ତମ ଜୟନ୍ତୀ ଅବସରରେ ରାଷ୍ଟ୍ରୀୟ ଯୁବ ଦିବସ ପାଳିତ ହୋଇଯାଇଛି। ବିବେକାନନ୍ଦ ସେବା ସଂସଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ରାମକୃଷ୍ଣ ବିଦ୍ୟାପୀଠର ଛାତ୍ରଛାତ୍ରୀଙ୍କ ଦ୍ୱାରା ବନ୍ଦେ ମାତରଂ ଗାନ କରାଯାଇଥିଲା। ଏହା ସହିତ ରାଷ୍ଟ୍ରୀୟ ଯୁବ ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ବୁଝାଯାଇଥିଲା। ଯୁବଶକ୍ତିର ବିକାଶ ପାଇଁ ପ୍ରତିବର୍ଷ ଅଗଷ୍ଟ ୧୨ରେ ଅନ୍ତର୍ଜାତୀୟ ଯୁବ ଦିବସ ପାଳନ କରାଯାଉଛି। ଯୁବକମାନଙ୍କ ସମସ୍ୟା ଓ ସେମାନଙ୍କ ଆବଶ୍ୟକତା ଉପରେ ଧ୍ୟାନ ଆକର୍ଷଣ କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ପାଳନ ଅବସରରେ ଗତ ୯ ତାରିଖରେ ରାମକୃଷ୍ଣ ବିଦ୍ୟାପୀଠରେ ଛାତ୍ରଛାତ୍ରୀଙ୍କୁ ନେଇ କ୍ରୀଡା ପ୍ରତିଯୋଗୀତା ଆୟୋଜିତ ହୋଇଥିଲା। ଏଥିରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସୋମବାର ପୁରସ୍କାର ବଣ୍ଟନ କରାଯାଇଥିଲା। ଏହି ଅବସରରେ ବିବେକାନନ୍ଦ ସେବା ସଂସଦ ପକ୍ଷରୁ ତାପସରାୟ ଚୌଧୁରୀ, ସୁନୀଲ ଚକ୍ରବର୍ତ୍ତୀ, ମଧୁ ମିତ୍ର, ଧୁଲାଲରାୟ, ତୁଷାର ସେନ, ଆଶୀଷ ଭଟ୍ଟାଚାର୍ଯ୍ୟ, କିଆ ଚକ୍ରବର୍ତ୍ତୀ, ରେଖାରାୟଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

### ● ବନ୍ଧବାହାଲ ଡିଏଭି

ବନ୍ଧବାହାଲ/ଝାରସୁଗୁଡ଼ା: ମହାନ୍ ସନ୍ଥ, ଦାର୍ଶନିକ ତଥା ପ୍ରଜ୍ଞାପୁରୁଷ ସ୍ୱାମୀ ବିବେକାନନ୍ଦଙ୍କ ୧୬୩ ତମ ଜନ୍ମ ଜୟନ୍ତୀ ସ୍ଥାନୀୟ ଡିଏଭି ପବ୍ଲିକ ସ୍କୁଲ ବନ୍ଧବାହାଲ ପରିସରରେ ପାଳିତ ହୋଇଯାଇଛି। ପ୍ରାତଃ ବନ୍ଦନା ପରେ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ ହୋତା ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ତାଙ୍କର ସ୍ମୃତିଚାରଣ କରିଥିଲେ। ସ୍ୱାମୀଜୀଙ୍କ ଦର୍ଶନ ଆଧାରିତ ପୁସ୍ତକ ପଠନ ପାଇଁ ବିଦ୍ୟାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। 'ଜାତୀୟ ଯୁବ ଦିବସ' ରୂପେ ପାଳିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାମୀଜୀଙ୍କ ମହନୀୟ ଆଦର୍ଶ ଓ ସମାଜ ସେବା ସମ୍ବନ୍ଧରେ ଆଲୋକପାତ କରାଯାଇଥିଲା। ପୂର୍ବାହ୍ଣ ୧୧ ଘଟିକାରେ ବିଦ୍ୟାଳୟର ପ୍ରାର୍ଥନା ସଭାସ୍ଥଳୀରେ 'ଆତ୍ମନିର୍ଭର ଭାରତ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜାତୀୟ ଗୀତ 'ବନ୍ଦେ ମାତରଂ'ର ସାମୂହିକ ଗାନ କରାଯାଇଥିଲା। ସ୍ୱଦେଶୀ ସାମଗ୍ରୀ ଗ୍ରହଣ ନିମନ୍ତେ 'ସ୍ୱଦେଶୀ ସଙ୍କଳ୍ପ ପତ୍ର' ଶପଥ ପାଠ କରାଯାଇଥିଲା।



### ● ଝାରସୁଗୁଡ଼ା ଡିଏଭି ଛାତ୍ରଛାତ୍ରୀଙ୍କ ଦ୍ୱାରା ବନ୍ଦେ ମାତରଂ ସଂରଚନା

ଝାରସୁଗୁଡ଼ା: ଡିଏଭି ପବ୍ଲିକ୍ ସ୍କୁଲ, ଝାରସୁଗୁଡ଼ା ପରିସରରେ ରାଷ୍ଟ୍ରୀୟ ଯୁବ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ନେତୃତ୍ୱରେ ଆୟୋଜିତ ଯୁବ ଦିବସ ପାଳନ ଅବସରରେ ସ୍ୱାମୀ ବିବେକାନନ୍ଦଙ୍କ ଫଟୋରେ ମାଲ୍ୟାର୍ପଣ ଓ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ତାଙ୍କ ସ୍ମୃତିଚାରଣ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ଶକ୍ତିର ବିକାଶ ଓ ଯୁବ ଶକ୍ତିକୁ ଉଜ୍ଜୀବିତ କରି ରଖିବା ଉଦ୍ଦେଶ୍ୟରେ ବିଦ୍ୟାଳୟର ସହସ୍ରାଧିକ ଛାତ୍ରଛାତ୍ରୀ ଏକତ୍ର ହୋଇଥିଲେ। ଏହି ଅବସରରେ ବନ୍ଦେ ମାତରଂର ୧୫୦ ତମ ବର୍ଷ ପୂର୍ତ୍ତି ଅବସରରେ 'ବନ୍ଦେ ମାତରମ'ର ଏକ ଭବ୍ୟ ସଂରଚନା କରିଥିଲେ ଏବଂ ଦେଶମାତୃକାର ବନ୍ଦନାପୂର୍ବକ ଜୟଧ୍ୱନି କରିଥିଲେ। ଭାରତବର୍ଷର ଇତିହାସ ତଥା ରାଷ୍ଟ୍ରର ଗର୍ବ ଓ ଗୌରବ ଗାଥାକୁ ଚିରପ୍ରବାହମାନ କରିଆସୁଥିବ। ତଥା ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ରଚିତ ଆନନ୍ଦମଠ ଉପନ୍ୟାସରେ ସ୍ଥାନିତ ପ୍ରେରଣାଦାୟୀ ରାଷ୍ଟ୍ରଭକ୍ତି କବିତା ବନ୍ଦେ ମାତରଂକୁ ସାମୂହିକ ଭାବେ ଗାନ କରିଥିଲେ।



### ● କଣ୍ଢେଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ଦେବଗଡ଼: ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟର 'ମେରା ଯୁବା ଭାରତ' ପକ୍ଷରୁ ବାରକୋଟ ବ୍ଲକ୍ ଅଧୀନ କଣ୍ଢେଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ମେରା ଯୁବା ଭାରତର ସଂଯୋଜକ ପ୍ରଦୀପ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଣ୍ଢେଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ ଭୋଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱାମୀ ବିବେକାନନ୍ଦଙ୍କ ଫାଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ହେମାଙ୍ଗିନୀ ମହାରଣା, ଲୁରୁଜା ବାଗ, କ୍ରିତ୍ତିକା ମଣ୍ଡଳ, ଅଧ୍ୟାପକ ସଞ୍ଜୟ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ବିବେକାନନ୍ଦଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗୀତାରେ ମୁନା ପାତ୍ର ପ୍ରଥମ, ଶୁଭଶ୍ରୀ ନାଏକ ଦ୍ୱିତୀୟ ଓ ପାୟଲ ସ୍ୱାଇଁ ତୃତୀୟ ସ୍ଥାନ ଅଧିକାର କରି ଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ କ୍ରୀଡା ଶିକ୍ଷକ ଧବଳେଶ୍ୱର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



# ଚାଷୀଙ୍କ ପାଇଁ ବିଜେଡି ରାଜରାସ୍ତାରୁ ନେଇ ବିଧାନସଭା ପର୍ଯ୍ୟନ୍ତ ଆନ୍ଦୋଳନ କରିବ

**ସୋହେଲାରେ ବିଜେଡିର ବିରାଟ ଚାଷୀ ସମାବେଶ**

**ଯୋଗ ଦେଲେ ହଜାର ହଜାର ଚାଷୀ**





ସୋହେଲା,୧୨।୧(ସମିସ)

ବିଜେପି ସରକାରଙ୍କ ଚାଷୀ ମାରଣ ନୀତି ପ୍ରତିବାଦରେ ସୋମବାର ସୋହେଲାରେ ବିଜୁ ଜନତା ଦଳ ପକ୍ଷରୁ ବିରାଟ ଚାଷୀ ସମାବେଶ ଆୟୋଜିତ ହୋଇଛି। ବର୍ତ୍ତମାନର ବିଜେପି ସରକାରଙ୍କ ଚାଷୀ ମାରଣ ନୀତିକୁ ବିଜୁ ଜନତା ଦଳ ପକ୍ଷରୁ ତୀବ୍ର ସମାଲୋଚନା କରାଯିବା ସହିତ ବିଜୁ ଜନତା ଦଳ ସବୁବେଳେ ଚାଷୀଙ୍କ ସହିତ ରହିଛି ଏବଂ ରାଜ୍ୟର ଚାଷୀଙ୍କ ହକ ହାସଲ ପାଇଁ ଦରକାର ହେଲେ ବିଜେଡି ରାଜରାସ୍ତାରୁ ନେଇ ବିଧାନସଭା ପର୍ଯ୍ୟନ୍ତ ଆନ୍ଦୋଳନ କରିବ ବୋଲି ବିଜେଡି ପକ୍ଷରୁ ଚେତାବନୀ ଦିଆଯାଇଛି।

ଆଜିର ସମାବେଶରେ ବର୍ତ୍ତମାନ ସମଗ୍ର ପଶ୍ଚିମ ଓଡ଼ିଶାରେ ଧାନ ବିକ୍ରି ଅଚଳାବସ୍ଥାକୁ ନେଇ ବିଜେପି ସରକାରକୁ ତୀବ୍ର ସମାଲୋଚନା କରିଥିଲେ। ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ଆହ୍ୱାନକ୍ରମେ ସୋହେଲା ଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ପ୍ରତିବାଦ ସଭା ହୋଇଥିଲା। ଏଥିରେ ସୋହେଲା ବ୍ଲକ୍ ପୂର୍ବତନ ବିଜେଡି ସଭାପତି ଗଣତନ୍ତ୍ର ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ସୁବ୍ରତ ବେହେରା ସଂଯୋଜନା କରିଥିଲେ। ପ୍ରତିବାଦ ସଭାରେ ପୂର୍ବତନ ମନ୍ତ୍ରୀ ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ପୂର୍ବତନ ମନ୍ତ୍ରୀ ତଥା ବିଜେଡି ରାଜ୍ୟ ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ରାଜ୍ୟ ଯୁବ ବିଜେଡି ଉପ ସଭାପତି ସୁବ୍ରତ ସିଂ, ଗୌରହରି ମିଶ୍ର, ବିଜେଡିରାଜ୍ୟ ସମ୍ପାଦକ ରାଜୁ ଘିବେଲା, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ନୀଳ ନାୟକ, ମନୋହର ମାଝୀ, ଭଟଲି ବ୍ଲକ୍ ଅଧ୍ୟକ୍ଷ ନିତ୍ୟାନନ୍ଦ ପ୍ରଧାନ, ଅମ୍ବାଭୋନା ବ୍ଲକ୍ ଅଧ୍ୟକ୍ଷ କୀର୍ତିଚନ୍ଦ୍ର ଦୁଆନ, ସୋହେଲା ବ୍ଲକ୍ ଅଧ୍ୟକ୍ଷା ବବି ପ୍ରଧାନ, ଜିଲା ପରିଷଦ ସଦସ୍ୟାରୋଜି ନାୟକ, ଯାଇଫୁଲ ସିଂ ବରିହା ଏବଂ ନିତା ବିଶି, ବିଜେପୁର ବ୍ଲକ୍ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଦେବାନନ୍ଦ ଗଡତିଆ, ଜିଲା ବିଜୁ ଯୁବ ଜନତା ଦଳ ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ସୁଶାନ୍ତ ମିଶ୍ର, ପୂର୍ବତନ ସୋହେଲା ବ୍ଲକ୍ ଅଧ୍ୟକ୍ଷ ଜୀବର୍ଧନ ବରିହା, ଚାଷୀନେତା କିଶୋର ଦେବତା, ସରୋଜ ମହାପାତ୍ର, ପ୍ରମୁଖ ସରକାରଙ୍କ ଚାଷୀ ମାରଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ।

ପଶ୍ଚିମ ଓଡ଼ିଶାରେ ବର୍ତ୍ତମାନ ଖରିଫ ଧାନ ସଂଗ୍ରହକୁ ନେଇ ଚାଷୀଙ୍କ ସ୍ଥିତି ଭୟାବହ ହେବା ସହିତ ଜୀବନ ଜୀବିକା ବିପନ୍ନ ହୋଇଛି। ଚାଷୀ ଧାନ ବିକ୍ରି କରି ନପାରି ସେମାନଙ୍କ ଆର୍ଥିକ ପରିସ୍ଥିତି ଶୋଚନୀୟ ହୋଇଛି। କିନ୍ତୁ ଅପାରଗ ସରକାର ନିଦାବିଷ୍ଟୁ ସାଜିଛନ୍ତି। ରାଜ୍ୟରେ ଡବଲ ଇଞ୍ଜିନ ସରକାର ଫେଲ ମାରିଛି। ବିଜେପି ନେତା ମାନେ ଖାଲି ବଡ ବଡ କଥା କହି ବାହାସ୍ଫୋଟ ମାରୁଛନ୍ତି। କେନ୍ଦ୍ର ସରକାର ଧାନର ଏମଏସପି ୬୯ ଟଙ୍କା ବୃଦ୍ଧି କରିଥିବା ବେଳେ ରାଜ୍ୟରେ ଗତବର୍ଷ ପରି ଚଳିତ ବର୍ଷ ମଧ୍ୟ ୩୧ ଶହ ଟଙ୍କାରେ ଧାନ କିଣା ଯାଉଛି। ବୃଦ୍ଧି ହୋଇଥିବା ଏହି ୬୯ ଟଙ୍କା କାହା ପକେଟକୁ ଗଲା ବୋଲି ନେତା ମାନେ ପ୍ରଶ୍ନ କରିଥିଲେ। ବିନା କଟନିଛଟନିରେ ଧାନ କିଣାଯିବା ସହିତ ଦଲାଲ ରାଜ ଖତମ ହେବ ବୋଲି କହିଥିଲେ। କିନ୍ତୁ କଥା ସମ୍ପୂର୍ଣ୍ଣ ଓଲଟା ହୋଇଛି। ମଣ୍ଡିକୁ ଧାନ ବିକ୍ରି ପାଇଁ ଆଣୁଥିବା ଚାଷୀଙ୍କ ଧାନକୁ ବିଭିନ୍ନ ଆଳ ଦେଖାଇ ପ୍ରତି କ୍ୱିଣ୍ଟାଲ ୮ରୁ ୧୦ କେଜି ଧାନ କାଟି କିଣା ଯାଉଛି। ସରକାର ଚାଷୀଙ୍କ ସମସ୍ୟାର ସମାଧାନ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ବେଳେ ନିଜ ହକ ପାଇଁ ଲଢ଼େଇ କରୁଥିବା ଚାଷୀ ମାନଙ୍କୁ ଏହି ସରକାର ନୌଟଙ୍କି କରୁଛନ୍ତି ବୋଲି ତାଚ୍ଛଲ୍ୟ କରି ଚାଷୀଙ୍କୁ ଅପମାନିତ କରୁଛନ୍ତି। ଆଜିର ଏହି ଚାଷୀ ସମାବେଶ ପୂର୍ବରୁ ସମସ୍ତ ବିଜେଡି ନେତା ମାନେ ମାଁ ଦୁର୍ଗାଙ୍କ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ପ୍ରତିବାଦ ସଭା ପରେ ସୁବ୍ରତ ସିଂଙ୍କ ନେତୃତ୍ୱରେ ବ୍ଲକ୍ର ବିଭିନ୍ନ ଗାଁରୁ ଆସିଥିବା ଚାଷୀ ଶୋଭାଯାତ୍ରାରେ ତହସିଲ ଅଫିସକୁ ଯାଇଥିଲେ। ସେଠାରେ ତହସିଲଦାର ଶୁଭରଞ୍ଜନ ନାୟକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରା ଯାଇଥିବା ଦାବିପତ୍ରରେ ବରଗଡ଼ ଜିଲ୍ଲାର ସମସ୍ତ ପଞ୍ଜିକୃତ ଚାଷୀଙ୍କ ଟୋକନ ଶୀଘ୍ର ପ୍ରଦାନ, ଜିଲ୍ଲା ସ୍ତରରେ ଟୋକନ ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ ଅଭିଯୋଗ ପ୍ରକୋଷ୍ଠ କାର୍ଯ୍ୟକାରୀ କରିବା, ଧାନକ୍ରୟ କେନ୍ଦ୍ରରେ ଦୈନିକ ଲକ୍ଷଧାର୍ଯ୍ୟକୁ ୨ ଗୁଣ କରି ଧାନ କିଣା ଯାଉ, ସମସ୍ତ ଧାନକ୍ରୟ କେନ୍ଦ୍ରକୁ ମିଲର୍ସଙ୍କ ମଧ୍ୟସ୍ଥି ଓ ଦଲାଲ ମୁକ୍ତ କରାଯାଉ। ଧାନର ଅଭାବୀ ବିକ୍ରି, କଟନିଛଟନି ବନ୍ଦ କରାଯିବା, ଧାନ କ୍ୱିଣ୍ଟାଲ ୩୧୬୯ ଟଙ୍କାରେ କିଣିବା ପାଇଁ ଦାବି କରାଯାଇଛି। କାର୍ଯ୍ୟକ୍ରମ ଶେଷରେ ଅମ୍ବାଭୋନା ବ୍ଲକ୍ ଅଧ୍ୟକ୍ଷ କୀର୍ତିଚନ୍ଦ୍ର ଦୁଆନ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂସ୍କାର ସ୍କୁଲର ଆରାଧ୍ୟା ଅଗ୍ରୱାଲଙ୍କୁ ଅଲ୍ ଓଡ଼ିଶା ଅଣ୍ଡର ୧୩ ବେଷ୍ଟ ବରଗଡ଼ ଚେସ୍ ଚାମ୍ପିଅନସିପ୍ ପୁରସ୍କାର

ବରଗଡ଼,୧୨।୧(ସମିସ): ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲର ଷଷ୍ଠ ଶ୍ରେଣୀର ଛାତ୍ରୀ ଆରାଧ୍ୟା ଅଗ୍ରୱାଲଙ୍କୁ ଅଲ୍ ଓଡ଼ିଶା ଅଣ୍ଡର୧୩ ବେଷ୍ଟ ବରଗଡ଼ ଚେସ୍ ଚାମ୍ପିଅନସିପ୍ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅଲ୍ ଓଡ଼ିଶା ଚେସ୍ ଚାମ୍ପିଅନସିପ୍ ଫର୍ ୱିମେନ୍ ୧୦ ଓ ୧୧ ତାରିଖ ଦୁଇ ଦିନ ଧରି ଇମ୍ପିରିଆଲ୍ କଲେଜ୍‌ରେ ଅନୁଷ୍ଠିତ ହୋଇଥିଲା। ଏଓସିଏର ଅଧୀନରେ ବରଗଡ଼ ଜିଲ୍ଲା ଚେସ୍ ଆସୋସିଏସନ୍ (ବିସିଡିଏ), ବରଗଡ଼ ଦ୍ୱାରା ଆୟୋଜିତ ହୋଇଥିଲା। ଚାମ୍ପିଅନସିପ୍‌ରେ ସମଗ୍ର ଓଡ଼ିଶାର ବିଭିନ୍ନ ଜିଲ୍ଲା ବଲାଙ୍ଗିର, ସୁନ୍ଦରଗଡ, ବରଗଡ଼, ଗଞ୍ଜାମ, କଟକ, ଭୁବନେଶ୍ୱର, ଅନୁଗୁଳ ଇତ୍ୟାଦି ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ। ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲରୁ ଷଷ୍ଠ ଶ୍ରେଣୀର ଆରାଧ୍ୟା ଓ ସପ୍ତମ ଶ୍ରେଣୀର ଆରାଧ୍ୟା ଲାଠ ମଧ୍ୟ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଆରାଧ୍ୟା ଅଗ୍ରୱାଲ ଅନେକ ରାଉଣ୍ଡରେ ନିଜ ପ୍ରତିଦ୍ୱନ୍ଦ୍ୱୀ ମାନଙ୍କୁ ପରାଜିତ କରି ବରଗଡ଼ ଜିଲ୍ଲାର ଅଣ୍ଡର ୧୩ ମହିଳା ଚେସ୍ ଚାମ୍ପିଅନସିପ୍ ପଦବୀ ଅଧିକାର କରିଥିଲେ। ଏହି ଅବସରରେ ଉପସ୍ଥିତ ଟୁର୍ଣ୍ଣାମେଣ୍ଟ ଡାଇରେକ୍ଟର କେଆର ପ୍ରଧାନ (ସେକ୍ରେଟାରୀ, ବି.ସି.ଡି.ଏ), ଚିଫ୍ ଆର୍ବିଟର ଆଇଏ ଭାବେଶ ମହାନ୍ତି ଓ ଡିପୁଟି ଚିଫ୍ ଆର୍ବିଟର ଏଫ୍ଏ ବିଘ୍ନେଶ୍ୱର ଯୋଶୀ ସ୍ମୃତିଚିହ୍ନ ଓ ପଦକ ପ୍ରଦାନ କରି ଚ୍ୟାମ୍ପିୟନ୍ ଆରାଧ୍ୟା ଅଗ୍ରୱାଲଙ୍କୁ ଉତ୍ସାହିତ କରିଥିଲେ। ଛାତ୍ରୀ ଆରାଧ୍ୟା ଲାଠଙ୍କୁ ମଧ୍ୟ ଅଂଶଗ୍ରହଣ ପଦକ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ପରିଚାଳନା ସମିତି ଉଭୟ ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



## ଗାଇସିଲେଟରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

ଗାଇସିଲେଟ,୧୨।୧(ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧୀକ୍ଷକ ଶ୍ରୀ ପ୍ରହଲ୍ଲାଦ ସହାୟ ମୀନାଙ୍କ ମିଳିତ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ଗୋୟଲ ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ ଲୁହା, ଉପଜିଲ୍ଲାପାଳ ସ୍ନେହା ଅରୁଗୁଲା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କୁବେର ଚନ୍ଦ୍ର ମହନ୍ତ ଏବଂ ବ୍ଲକ୍ ଅଧ୍ୟକ୍ଷ ପ୍ରଣୟ ସାହୁ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ଜଳସେଚନ, ବିଦ୍ୟୁତ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଆଧାରିତ ସମୁଦାୟ ୮୯ ଟି ଅଭିଯୋଗ ମଧ୍ୟରୁ ୬୪ ଟି ବ୍ୟକ୍ତିଗତ ଏବଂ ୨୫ ଗୋଟି ସାମୂହିକ ଅଭିଯୋଗ ହୋଇଥିବା ବେଳେ ସମସ୍ତ ସମସ୍ୟା ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

**ରାଷ୍ଟ୍ରୀୟ ଯୁବ ଦିବସ**

## ଯୁବ ଗୋଷ୍ଠୀର ଅଗ୍ରଗତି ହିଁ ରାଷ୍ଟ୍ରର ଅଗ୍ରଗତି







ପାଇକମାଳ,୧୨।୧(ସମିସ)

ପାଇକମାଳ ବିନ୍ଧ୍ୟବାସିନୀ ସ୍ୱାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଲୋହିତ ବାରିକଙ୍କ ଅଧ୍ୟକ୍ଷତାରେ ଜାତୀୟ ଯୁବ ଦିବସ ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ଶ୍ରୀ ବାରିକ ଏହି ଅବସରରେ ସ୍ୱାମୀ ବିବେକାନନ୍ଦଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ପ୍ରଦୀପ ଦେୱାନ ଯୁବ ଗୋଷ୍ଠୀର ଅଗ୍ରଗତି ହିଁ ରାଷ୍ଟ୍ରର ଅଗ୍ରଗତି ବୋଲି ଦର୍ଶାଇ ଯୁବକ ମାନଙ୍କୁ ରାଷ୍ଟ୍ର ନିର୍ମାଣରେ ସହଯୋଗ କରିବାପାଇଁ ପ୍ରେରଣା ଦେଇଥିଲେ। ବିବେକାନନ୍ଦଙ୍କ ଜୀବନଧାରା ଓ ଆଦର୍ଶବୋଧକୁ ଭିତ୍ତି କରି ତର୍କ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସାମୂହିକ 'ବନ୍ଦେ ମାତରଂ' ଗୀତ ଗାନ କରାଯାଇଥିଲା। ଶେଷରେ ଅଧ୍ୟାପିକା ଝରଣା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ଜାତୀୟଯୁବ ଦିବସ ପିମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ପାଇକମାଳରେ ଅନୁଷ୍ଠିତ ହୋଇଯାଇଛି। ସକାଳେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କଦ୍ୱାରା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ନବୋଦୟ ବିଦ୍ୟାଳୟର ଉପାଧ୍ୟକ୍ଷ ଅରବିନ୍ଦ ପାତ୍ର ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଅଧ୍ୟାପକ ବଳଦେବ ମେହେର ବିଦ୍ୟାଳୟରେ ଶପଥପାଠ କରାଇଥିଲେ। ଅଧ୍ୟାପକ ଡ.ରଶ୍ମିରଞ୍ଜନ ପଟ୍ଟନାୟକ ଛାତ୍ରଛାତ୍ରୀଙ୍କ ନେତୃତ୍ୱ ନେଇ ସ୍ଲୋଗାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ଶିକ୍ଷୟିତ୍ରୀ ଗୀତାଞ୍ଜଳି ପଟେଲ, ପ୍ରିୟଙ୍କା ରାଉତ, ନେହା ଦେବାଙ୍ଗନ, ମୁକେଶ ସାହୁ, ଜନକଲାଲ ସାହୁ, ସନ୍ଦୀପ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

**ବରପାଲି:** ଜଗବନ୍ଧୁ ଦାଶ ସ୍ୱାତକ ମହିଳା ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ରେଡକ୍ରସ୍ କାଉନସିଲର ଅଧ୍ୟାପକ ଯତୀନ୍ଦ୍ର ସାହୁ ଏଥିରେ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ଜଗବନ୍ଧୁ ଦାଶ ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ ମେହେର ଯୋଗ ଦେଇଥିଲେ। ପରେ ରେଡକ୍ରସ ସ୍ୱେଚ୍ଛାସେବୀଙ୍କ ମିଳିତ ଉଦ୍ୟମରେ ମହାବିଦ୍ୟାଳୟ ସମ୍ମୁଖ ଭାଗ ସଫେଇ କରାଯାଇଥିଲା। ଜାତୀୟ ସେବା ସଂସ୍ଥା କାଉନସିଲର ଅଧ୍ୟାପକ ନେପାଳ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

**ପଦ୍ମପୁର:** ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟ ପରିସରରେ ୟୁଥ୍ ରେଡକ୍ରସ ଓ ରେଡ୍‌ରିବନ୍ କ୍ଲବ୍‌ର ମିଳିତ ଆନୁକୂଲ୍ୟରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସାମୂହିକ ଭାବେ ଜାତୀୟ ଗୀତ 'ବନ୍ଦେ ମାତରଂ' ଗାନ କରାଯାଇଥିଲା। ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶ ସଭାରେ ସଭାପତିତ୍ୱ କରିଥିଲେ। ସଭାରେ ଚଳିତ ବର୍ଷର ଆଭିମୁଖ୍ୟ 'ଇଗ୍ନାଇଟ୍ ଦି ସେଲଫ୍, ଇମ୍ପାକ୍ଟ ଦି ୱାର୍ଲଡ୍' ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅଧ୍ୟାପକ ପ୍ରମୋଦ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଜିତେନ୍ଦ୍ରନାଥ ଗୁରୁ ଯୋଗ ଦେଇଥିଲେ। ଝାରବନ୍ଧ ମହାବିଦ୍ୟାଳୟର ଅଧ୍ୟାପକ ଡ.ଖ୍ୟାତିମୟ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଏବଂ ସମ୍ମାନିତ ଅତିଥି ଭାବେ ପ୍ରଭାତ ମହାପାତ୍ର ଉପସ୍ଥିତ ଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇଥିବା କୁଇଜ୍ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଡ.ସରୋଜ ନାଏକ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ବୁନି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭାକାର୍ଯ୍ୟ ପରେ ମହାବିଦ୍ୟାଳୟ ପକ୍ଷରୁ ଏକ ପ୍ରତୀକାତ୍ମକ ଗଣଦୌଡର ଆୟୋଜନ କରାଯାଇଥିଲା। ଶେଷରେ ସମସ୍ତେ ସ୍ୱଦେଶୀ ସାମଗ୍ରୀ ବ୍ୟବହାର କରିବା ପାଇଁ ସଙ୍କଳ୍ପ ନେଇଥିଲେ।

**ବରପାଲି:** ବରପାଲି ମହାବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଯୁବ ଦିବସ ପ୍ରାଧ୍ୟାପକ ସୁଶୀଲ ଶତପଥୀଙ୍କ ସଭାପତିତ୍ୱରେ ପରିଚାଳିତ ହୋଇଯାଇଛି। ରେଡକ୍ରସ୍ କାଉନସିଲର ଅଧ୍ୟାପକ ଅଲେଖ ମହାନନ୍ଦ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଅଧ୍ୟାପକ ଧୀରୋଜ ତ୍ରିପାଠୀ, ଉତ୍ତର ଗଡାତିଆ, ଗୌର ପଧାନ, ଅଶୋକ ପଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ପରେ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ମିଳିତ ଭାବେ ଜାତୀୟ ସଂଗୀତ ବନ୍ଦେ ମାତରଂ ଗାନ କରିଥିଲେ। ଶେଷରେ ମହିଳା ୟୁନିଟ୍ କାଉନସିଲର ନତାଷା ସିକନ୍ଦର ଧନ୍ୟବାଦ ଅର୍ପଣ କରିଥିଲେ।

**ଅତାବିରା:** ପାହାଡଶ୍ରୀଗିଡା ଡିଗ୍ରୀ କଲେଜରେ ଯୁବ ରେଡକ୍ରସ୍ ଓ ରେଡ୍‌ରିବନ୍ କ୍ଲବ୍ ପକ୍ଷରୁ ଅଧ୍ୟକ୍ଷା ରାଜେଶ୍ୱରୀ ସାମନ୍ତଙ୍କ ଅଧ୍ୟକ୍ଷତାରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଯୁବ ରେଡକ୍ରସର ପରାମର୍ଶଦାତା ଅଧ୍ୟାପକ ଜଗନ୍ନାଥ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପକ ଗଣେଶ ଚନ୍ଦ୍ର ଗିରି, ସ୍ୱପଜିତ୍ ଖଟୁଆ, ରେଣୁକା ମହାରଣା, ରାମ ଗୋପାଳ ସେଠ୍ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ 'ବନ୍ଦେ ମାତରଂ'ର ୧୫୦ତମ ବାର୍ଷିକୀ ଅବସରରେ ସାମୂହିକ ଗାନ ହୋଇଥିଲା। ଏହାସହ ସ୍ୱଦେଶୀ ସଙ୍କଳ୍ପ ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ କଲେଜର ପରେଶ ଚନ୍ଦ୍ର ରଣା, ସୁନିଲ ଶର୍ମା, ବିଶ୍ୱେଶ୍ୱର ସିଂ ଦାଉ, ଶ୍ରୀକାନ୍ତ ଭୋଇ ତଥା ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

**ବରଗଡ଼:** ବରଗଡ଼ ଜିଲ୍ଲାର ଅତାବିରା ମହାବିଦ୍ୟାଳୟରେ ଜାତୀୟ ଯୁବ ଦିବସ ଅଧ୍ୟକ୍ଷ ଅଶ୍ୱିନୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଏଥିରେ ବରପାଲି ମହାବିଦ୍ୟାଳୟର ଅଧ୍ୟକ୍ଷା ଜୟନ୍ତୀ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ରେଡକ୍ରସ ସଂଯୋଜକ ପରମାନନ୍ଦ ରଥ ପରିଚାଳନା କରିଥିଲେ। ପୂର୍ବାହ୍ନ ୧୧ଟାରେ ବନ୍ଦେ ମାତରଂ ଗୀତର ୧୫୦ ବର୍ଷ ପାଳନ କରାଯାଇ ସାମୂହିକ ଭାବେ ବନ୍ଦେ ମାତରଂ ଗାନ ହୋଇଥିଲା। ସାମୂହିକ ଗାନ ସମୟରେ ଅଧ୍ୟକ୍ଷ ଶ୍ରୀ ପ୍ରଧାନ, ମୁଖ୍ୟ ଅତିଥି, ଜିଲ୍ଲାରେଡକ୍ରସ ସଂଯୋଜକ, ବରଗଡ଼, ଅଧ୍ୟାପକ, ଅଧ୍ୟାପିକା ଏବଂ ସମସ୍ତ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ। ଶେଷରେ ରେଡକ୍ରସ ସଂଯୋଜକ ଶ୍ରୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

**ଝାରବନ୍ଧ:** ପଞ୍ଚାୟତ ସମିତି ସ୍ୱାତକ ମହାବିଦ୍ୟାଳୟରେ ଯୁବ ରେଡକ୍ରସ୍ ଓ ଏନଏସଏସ ୟୁନିଟ୍‌ର ମିଳିତ ଆୟୋଜନରେ ଜାତୀୟ ଯୁବ ଦିବସ ପାଳିତ ହୋଇଛି। ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରାଙ୍କ ଅଧ୍ୟକ୍ଷତାରେ ଯୁବ ରେଡକ୍ରସ୍ ଅଧିକାରୀ ମିନପ୍ରଭା ପ୍ରଧାନ ଓ ଏନଏସଏସ ଅଧିକାରୀ ରୀତାଞ୍ଜଳି ଗୁରୁଙ୍କ ତତ୍ତ୍ୱାବଧାନରେ ସଭା ଅନୁଷ୍ଠିତ ହୋଇଥିଲା। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ସାର୍ତିକ ସାହୁ ଓ ଇଂରାଜୀ ବିଭାଗର ମୁଖ୍ୟ ଅଧ୍ୟାପକ ଗଗନ ବିହାରୀ ତନସନା ତାଙ୍କ ବକ୍ତବ୍ୟ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ଓ ରାଷ୍ଟ୍ର ଗଠନରେ ଯୁବ ସମାଜର ଭୂମିକା ବିଷୟରେ ଉଦବୋଧନ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ବନ୍ଦେ ମାତରଂ ଗୀତ ଗାନ କରାଯାଇଥିଲା। ମିନପ୍ରଭା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ଛାତ୍ରଛାତ୍ରୀ ଓ ମହାବିଦ୍ୟାଳୟର କର୍ମଚାରୀମାନେ ମିଶି ମହାବିଦ୍ୟାଳୟ ପରିସରକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ସଚେତନତା ଅଭିଯାନ ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବରେଡକ୍ରସ୍ କାଉନସିଲର ମୁକେଶ ବାଗ, ଅଧ୍ୟାପିକା ମନିଷା ଭୋଇ, ଅଞ୍ଜନ ବରିହା, ଦୁର୍ଯ୍ୟୋଧନ ପାଣ୍ଡେ ପ୍ରମୁଖ ସହଯୋଗ କରିଥିଲେ।





